# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୨୪/୨୦୨୬ (୧୬ ପୃଷ୍ଠା) | Bhubaneswar, Tuesday, March 24/2026 | Page 16 | ₹ 7.00

୫୨ଶ ଭାଗ ୧୧୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 118 | ମୂଲ୍ୟ ₹୭/-




**ଅରୁନ୍ଧତୀ ପ୍ଲେୟର ଅଫ୍ ଦି ମନ୍ଥ**

ଫେବୃଆରୀ ମାସ ପାଇଁ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ୍ ବିବେଚିତ ହୋଇଛନ୍ତି ଭାରତୀୟ ମହିଳା ବୋଲର ଅରୁନ୍ଧତୀ ରେଡ୍ଡୀ।

୧୬

୦୪

**୭୦୦ କୋଟି ଟପିଲା ଧୁରନ୍ଧର-୨**

ଗତ ୫ ଦିନ ତଳେ ପରଦାକୁ ଆସିଥିବା ରଣବୀର ସିଂଙ୍କ ଅଭିନୀତ ଫିଲ୍ମ 'ଧୁରନ୍ଧର-୨'ର ଆୟ ୭୬୧ କୋଟି ଟଙ୍କାରେ ପହଞ୍ଚିଛି।



# ଆମେରିକାର ପଛଘୁଞ୍ଚା: ଇରାନ୍

## ଟ୍ରମ୍ପଙ୍କ ୫ ଦିନିଆ ଯୁଦ୍ଧ ବିରତି ଘୋଷଣା

**ହର୍ମୁଜ୍ ଷ୍ଟ୍ରେଟ୍ ଉପରୁ ପ୍ରତିବନ୍ଧକ ହଟାଇ ଏହାକୁ ୪୮ ଘଣ୍ଟା ମଧ୍ୟରେ ସ୍ୱାଭାବିକ କର ନଚେତ୍ ସବୁ ପାୱାର ପ୍ଲାଣ୍ଟକୁ ଆକ୍ରମଣ କରି ସାରା ଦେଶକୁ ଅନ୍ଧାର କରିଦିଆଯିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରବିବାର ଇରାନ୍‌କୁ ଧମକ ଦେଇଥିଲେ। ହେଲେ ଏଥିରେ ଇରାନ ଆଦୌ ଭୟଭୀତ ନ ହୋଇ ଆମେରିକା ଆକ୍ରମଣ କଲେ ଉପସାଗରୀୟ ଦେଶଗୁଡ଼ିକ ଉପରେ ଆକ୍ରମଣ ଆହୁରି ଜୋରଦାର କରି ପାନୀୟ ଜଳ ଯୋଗାଣ ବନ୍ଦ କରିଦେବାକୁ ପାଲଟା ଧମକ ଦେଇଥିଲା। କିନ୍ତୁ ୪୮ ଘଣ୍ଟିଆ ଅବଧି ଶେଷ ହେବାର କିଛି ଘଣ୍ଟା ପୂର୍ବରୁ ଟ୍ରମ୍ପ ୫ ଦିନିଆ ଅପ୍ରତ୍ୟାଶିତ ଯୁଦ୍ଧ ବିରତି ଘୋଷଣା କରିଛନ୍ତି। ଏନେଇ ଉଭୟ ଦେଶ ମଧ୍ୟରେ କଥାବାର୍ତ୍ତା ହୋଇଥିବା ଟ୍ରମ୍ପଙ୍କ ଦାବିକୁ ଇରାନ୍ ଅସ୍ୱୀକାର କରିଛି। ପାଲଟା ଧମକକୁ ଭୟ କରି ଟ୍ରମ୍ପ ଏଭଳି ନିଷ୍ପତ୍ତି ନେବାକୁ ବାଧ୍ୟ ହୋଇଛନ୍ତି ବୋଲି ଇରାନ ମିଡିଆ ଦାବି କରିଛି।**

**ୱାଶିଂଟନ୍, ୨୩।୩**

ଇରାନ୍-ଆମେରିକା ଯୁଦ୍ଧକୁ ନେଇ ଅପ୍ରତ୍ୟାଶିତ ପରିବର୍ତ୍ତନ ଘଟିଛି। ଦୀର୍ଘ ୨୪ ଦିନର ଯୁଦ୍ଧ ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋମବାର ୫ ଦିନିଆ ଯୁଦ୍ଧ ବିରତି ଘୋଷଣା କରିଛନ୍ତି। ପୂର୍ବ ଯୋଜନା ଅନୁସାରେ ଇରାନ୍‌ର ପାୱାର ପ୍ଲାଣ୍ଟ ଉପରେ ହେବାକୁ ଥିବା ଆକ୍ରମଣକୁ ୫ ଦିନ ପାଇଁ ସ୍ଥଗିତ ରଖାଯାଇଥିବା ସେ କହିଛନ୍ତି। ମଧ୍ୟପ୍ରାଚ୍ୟ ସ୍ଥିତି ସ୍ୱାଭାବିକ କରିବା ଉଦ୍ଦେଶ୍ୟରେ ଗତ ୨ ଦିନ ମଧ୍ୟରେ ଇରାନ୍ ସହ ହୋଇଥିବା ଆଲୋଚନା ଅତ୍ୟନ୍ତ ଫଳପ୍ରଦ ହୋଇଥିବା ଦର୍ଶାଇ ଟ୍ରମ୍ପ ଏହି ନିଷ୍ପତ୍ତି ନେଇଥିବା କହିଛନ୍ତି। ସାମୟିକ ଯୁଦ୍ଧ ବିରତି ଦ୍ୱାରା ଆମେରିକା ଏବଂ ଇରାନ୍ ମଧ୍ୟରେ କୂଟନୈତିକ ସ୍ତରରେ ଆଲୋଚନାକୁ ଆହୁରି ବ୍ୟାପକ କରିବାକୁ ସୁଯୋଗ ମିଳିବ। ଆଲୋଚନା ମାଧ୍ୟମରେ ସମସ୍ତ ବିବାଦର ସମାଧାନ କରାଯାଇ ମଧ୍ୟପ୍ରାଚ୍ୟ ସ୍ଥିତିକୁ ସ୍ୱାଭାବିକ କରିବା ଲାଗି ଉପାୟ ସ୍ଥିର କରାଯିବ ବୋଲି ଟ୍ରମ୍ପ କହିଛନ୍ତି। ଏଥିପାଇଁ ଆଗାମୀ ୫ ଦିନରେ ଇରାନ୍‌ର କୌଣସି ପାୱାର ପ୍ଲାଣ୍ଟ ଉପରେ ଆକ୍ରମଣ ନ କରିବାକୁ ସେ ଆମେରିକାର ୱାର୍ ଡିପାର୍ଟମେଣ୍ଟକୁ ନିର୍ଦ୍ଦେଶ ଦେଇଥିବା ନିଜର 'ଟ୍ରୁଥ୍' ସୋସିଆଲ ମିଡିଆରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି।

କିନ୍ତୁ ଟ୍ରମ୍ପଙ୍କ ଏଭଳି ଦାବିକୁ ଇରାନ୍ ସମ୍ପୂର୍ଣ୍ଣ ଅସ୍ୱୀକାର କରିଛି। ଆମେରିକା ସହ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ଇରାନ୍‌ର କୌଣସି ସ୍ତରରେ ଆଲୋଚନା ହୋଇନାହିଁ। ଏପରିକି କୌଣସି ମଧ୍ୟସ୍ଥ ଜରିଆରେ ମଧ୍ୟ ଆଲୋଚନା ହୋଇନାହିଁ ବୋଲି ଇରାନ୍‌ର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏହାବ୍ୟତୀତ ଇରାନ୍‌ର ସରକାରୀ ଗଣମାଧ୍ୟମ ଓ ଆଇଆର୍‌ଜିସି ମଧ୍ୟ ଟ୍ରମ୍ପ ଦେଇଥିବା ମନ୍ତବ୍ୟକୁ ରୋକ୍‌ଠୋକ୍ ଅସ୍ୱୀକାର କରିଛନ୍ତି। ଅନ୍ୟପକ୍ଷରେ ଆଫ୍‌ଗାନିସ୍ତାନସ୍ଥିତ ଇରାନ୍ ରାଷ୍ଟ୍ରଦୂତ କାର୍ଯ୍ୟାଳୟ ପକ୍ଷରୁ ଟ୍ରମ୍ପଙ୍କୁ ତାଚ୍ଛଲ୍ୟ କରାଯିବା ସହ ଇରାନ୍‌ର କଡ଼ା ଜବାବ ଯୋଗୁ ଟ୍ରମ୍ପ ପଛଘୁଞ୍ଚା ଦେବାକୁ ବାଧ୍ୟ ହୋଇଛନ୍ତି ବୋଲି 'X'ରେ ପୋଷ୍ଟ କରାଯାଇଛି। ଯୁଦ୍ଧ ବିରତି ନେଇ ଇରାନ୍ ସହ ଆମେରିକାର ଆଲୋଚନାକୁ ନେଇ ଟ୍ରମ୍ପଙ୍କ ଦାବି ଏବଂ ଇରାନ୍‌ର ଅସ୍ୱୀକାର ଏବେ ମଧ୍ୟପ୍ରାଚ୍ୟଠାରୁ ଆରମ୍ଭ କରି ବୈଶ୍ୱିକ ସ୍ତରରେ ଚର୍ଚ୍ଚା ବଢ଼ାଇଛି। ଉଲ୍ଲେଖଯୋଗ୍ୟ, ହର୍ମୁଜ୍ ଷ୍ଟ୍ରେଟ୍‌କୁ ୪୮ ଘଣ୍ଟା ମଧ୍ୟରେ ମୁକ୍ତ ନ କଲେ ଆମେରିକା ଇରାନ୍‌ର ସମସ୍ତ ପାୱାର ପ୍ଲାଣ୍ଟ ଉପରେ ☞ପୃଷ୍ଠା-୪




ନ୍ୟୁୟର୍କର ଲା ଗାର୍ଡିଆ ବିମାନବନ୍ଦରରେ ରବିବାର ଏୟାର କାନାଡାର ଏକ ଯାତ୍ରୀବାହୀ ବିମାନ ଫାୟାର୍ ଟ୍ରକ୍ ସହ ଧକ୍କା ଖାଇବା ପରେ ନଷ୍ଟ ହୋଇଯାଇଛି।

# ଅଶୋଧିତ ତୈଳ ମୂଲ୍ୟ ୧୩% ଖସିଲା

## ବ୍ୟାରେଲ ପିଛା ବ୍ରେଣ୍ଟ୍ କ୍ରୁଡ୍ ୧୦୦ ଡଲାର

**ୱାଶିଂଟନ୍, ୨୩।୩**

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ୍ ବିରୋଧରେ ୫ ଦିନିଆ ଯୁଦ୍ଧ ବିରତି ଘୋଷଣା କରିବା ପରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟରେ ୧୧ ପ୍ରତିଶତ ହ୍ରାସ ଘଟିଛି। ଟ୍ରମ୍ପଙ୍କ ୪୮ ଘଣ୍ଟିଆ ମହଲତ୍ ଅବଧି ଶେଷ ହେବାକୁ ଯାଉଥିବାରୁ ଏହାପରେ ଯୁଦ୍ଧ ସ୍ଥିତି ଭୟଙ୍କର ରୂପ ନେବା ଆଶଙ୍କାରେ ସୋମବାର ଅନ୍ତର୍ଜାତୀୟ ବଜାରରେ କାରବାର ଆରମ୍ଭ ହେବା କ୍ଷଣି ଅଶୋଧିତ ତୈଳ ମୂଲ୍ୟ ବଢ଼ିବାରେ ଲାଗିଥିଲା। ବ୍ରେଣ୍ଟ କ୍ରୁଡ୍ ମୂଲ୍ୟରେ ୧ ପ୍ରତିଶତ ବୃଦ୍ଧି ଘଟି ଏହାର ବ୍ୟାରେଲ ପିଛା ମୂଲ୍ୟ ୧୧୩.୩୨ ଡଲାରରେ ପହଞ୍ଚିଥିଲାବେଳେ ଡବ୍ଲ୍ୟୁଟିଆଇ (ହ୍ୱାଇଟ୍ ଟେକ୍ସାସ୍ ଇଣ୍ଟରମିଡିଏଟ୍) କ୍ରୁଡ୍ ୨.୮ ପ୍ରତିଶତ ବୃଦ୍ଧିରେ ବ୍ୟାରେଲ ପିଛା ମୂଲ୍ୟ ୧୦୧.୦୧ ଡଲାରରେ ପହଞ୍ଚିଥିଲା। ☞ପୃଷ୍ଠା-୪

# ୧ ଡଲାର= ୯୩.୫୩ ଟଙ୍କା

**ମୁମ୍ବାଇ, ୨୩।୩(ପି.ଟି.)**

### ପ୍ରଥମ ଥର ସର୍ବନିମ୍ନ ସ୍ତର ୯୪ ଅତିକ୍ରମ କରିଥିଲା



ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟ ସୋମବାର ପ୍ରଥମ ଥର ପାଇଁ ୯୪ ମାର୍କ ଅତିକ୍ରମ କରି ୧ ଡଲାର ମୂଲ୍ୟ ସର୍ବନିମ୍ନ ୯୪.୦୩ ଟଙ୍କାରେ ପହଞ୍ଚିବା ପରେ କାରବାର ଶେଷ ବେଳକୁ ୯୩.୫୩ ରହିଛି। ବିଶେଷ କରି ଅଶୋଧିତ ତୈଳ ଦରରେ ସୁଧାର ଆସିବା ପରେ ଟଙ୍କା ମୂଲ୍ୟରେ ଉନ୍ନତି ଦେଖାଦେଇଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର କ୍ରମାଗତ ବୃଦ୍ଧି ପାଇଚାଲିଥିବାବେଳେ ସୋମବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୫ ଦିନ ପାଇଁ ଇରାନରେ ଯୁଦ୍ଧ ସ୍ଥଗିତ ରଖିବାକୁ ଘୋଷଣା କରିବା ପରେ ଅଶୋଧିତ ତୈଳ ଦର ୧୩ ପ୍ରତିଶତ ହ୍ରାସ ପାଇ ବ୍ୟାରେଲ ପ୍ରତି ଦର ୧୦୦ ଡଲାରରୁ ସାମାନ୍ୟ ଅଧିକ ରହିଛି। ଅନ୍ୟପକ୍ଷରେ ବିଦେଶୀ ନିବେଶକମାନେ ☞ପୃଷ୍ଠା-୪






# ମେ' ୨୯ରେ ଓଟିଇଟି

### ୨୬ରୁ ଆରମ୍ଭ ଅନ୍‌ଲାଇନ ଫର୍ମ ପୂରଣ

**କଟକ, ୨୩।୩(କାର୍ତ୍ତିକ ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ୨୦୨୬ର ସଦ୍ୟ ଏବଂ ଚାକିରିରେ ଥିବା ପ୍ରାର୍ଥୀମାନଙ୍କ ନିମନ୍ତେ ଓଡିଶା ଟିଚର ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ଆସନ୍ତା ମେ ୨୯ରେ ଅନୁଷ୍ଠିତ ହେବ। ଦୁଇଟି ସିଟିଙ୍ଗରେ ପରୀକ୍ଷା ହେବ। ପେପର-୧ ପରୀକ୍ଷା ସକାଳ ୯ଟାରୁ ୧୧ଟା ୩୦ ପର୍ଯ୍ୟନ୍ତ ଏବଂ ପେପର-୨ ପରୀକ୍ଷା ଅପରାହ୍ଣ ୨ରୁ ୪ଟା ୩୦ ଯାଏ ଅନୁଷ୍ଠିତ ହେବ। ପରୀକ୍ଷାର୍ଥୀମାନଙ୍କ ଆଡମିଟ କାର୍ଡ ମେ ୧୫ରୁ ୱେବ୍‌ସାଇଟରେ ଉପଲବ୍ଧ ହେବ। ଏଥିନିମନ୍ତେ ଅନ୍‌ଲାଇନ ଫର୍ମ ପୂରଣ ପ୍ରକ୍ରିୟା ମାର୍ଚ୍ଚ ୨୬ ତାରିଖରୁ ଆରମ୍ଭ ହେବ। ସେହିଦିନଠାରୁ ବୋର୍ଡର ୱେବ୍‌ସାଇଟ www.bscodisha.nic.in ରେ ଲିଙ୍କ ଉପଲବ୍ଧ ହେବ। ଅନ୍‌ଲାଇନ ଫର୍ମ ଦାଖଲ ଓ ଦେୟ ପ୍ରଦାନ ଏପ୍ରିଲ ୯ ତାରିଖ ରାତି ୧୧ଟା ୪୫ ମିନିଟ୍ ପର୍ଯ୍ୟନ୍ତ କରାଯିବା ଶେଷ ସମୟ ସୀମା ଧାର୍ଯ୍ୟ ହୋଇଛି। ପରୀକ୍ଷା ସମ୍ପର୍କିତ ନିର୍ଦ୍ଦେଶାବଳୀ, ଯୋଗ୍ୟତା ପାଠ୍ୟକ୍ରମ ଆଦିର ସୂଚନା ବୋର୍ଡ ୱେବ୍‌ସାଇଟରେ ଉପଲବ୍ଧ ହୋଇଛି। କୌଣସି ପ୍ରାର୍ଥୀ ଫର୍ମ ପୂରଣ ବେଳେ ଦାଖଲ କରିଥିବା ବ୍ୟକ୍ତିଗତ ତଥ୍ୟ, ଠିକଣା, ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

**ଆମେରିକା ଅପଦସ୍ଥ**





**କଲମ୍ବିଆ ସାମରିକ ବିମାନ ଦୁର୍ଘଟଣାଗ୍ରସ୍ତ**

ବୋଗୋଟା,୨୩।୩: ଆମାଜନ୍ ଅଞ୍ଚଳରେ ସୋମବାର କଲମ୍ବିଆର ସାମରିକ ବିମାନ ଲକ୍‌ହିଡ୍ ମାର୍ଟିନ୍ ହର୍କୁଲସ୍ ସି-୧୩୦ ଉଡ଼ାଣ ଆରମ୍ଭ କରିବା ପରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ପେରୁ ସୀମା ନିକଟବର୍ତ୍ତୀ ପୁଏର୍ଟୋ ଲେଗୁଜାମୋ ସହର ନିକଟରେ ଏହି ଦୁର୍ଘଟଣା ଘଟିଛି। ବିମାନରେ ୧୧୪ ଯାତ୍ରୀ ଓ ୧୧ ଜଣ କ୍ରିଉ ସଦସ୍ୟ ଥିଲେ। କେତେଜଣେ ପ୍ରାଣ ହରାଇଛନ୍ତି, ତାହା ସ୍ପଷ୍ଟ ହୋଇ ନ ଥିବାବେଳେ ଆହତ ୭୧ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।





ଆସାମ କଂଗ୍ରେସ ସଭାପତି ତଥା ଜୋରହାଟ ଆସନର ଦଳୀୟ ପ୍ରାର୍ଥୀ ଗୌରବ ଗୋଗୋଇ ସୋମବାର ନାମାଙ୍କନ ପତ୍ର ଦାଖଲ ପାଇଁ ର୍‍ୟାଲିରେ ଯାଉଥିବାବେଳେ ସମର୍ଥକମାନଙ୍କୁ ଅଭିନନ୍ଦନ ଜଣାଉଛନ୍ତି।

# ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ ମହିଳା ସଂରକ୍ଷଣ ଆଇନ

ନୂଆଦିଲ୍ଲୀ,୨୩।୩



କେନ୍ଦ୍ର ସରକାର ୨୦୧୧ ଜନଗଣନା ତଥ୍ୟ ଆଧାରରେ ମହିଳା ସ୍ଥାନ ସଂରକ୍ଷଣ ଆଇନ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କରିବାକୁ ଯାଉଥିବା ସୂତ୍ରରୁ ଜଣାପଡ଼ିଛି। ସରକାର ସାନି ଜନଗଣନା ତଥ୍ୟକୁ ଅପେକ୍ଷା ନ କରି ମହିଳା ସଂରକ୍ଷଣ ଆଇନ କାର୍ଯ୍ୟକାରୀ କରିବାକୁ ଯୋଜନା କରୁଛନ୍ତି। ପ୍ରସ୍ତାବିତ ନିୟମ ଅନୁଯାୟୀ ଲୋକ ସଭାର ଆସନ ସଂଖ୍ୟା ୫୪୩ରୁ ୮୧୬କୁ ବୃଦ୍ଧି ପାଇବାକୁ ଥିବାବେଳେ ସେଥିରୁ ୨୭୩ ଆସନ ମହିଳାମାନଙ୍କ ପାଇଁ ସଂରକ୍ଷିତ ରହିବ। ସାନି ଜନଗଣନା ଏବଂ ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ପରେ ଉକ୍ତ ସଂରକ୍ଷଣ ଲାଗୁ କରାଯିବାକୁ ମୂଳ ଆଇନରେ ନିର୍ଦ୍ଧାରଣ କରାଯାଇଥିଲା। ତେବେ ସରକାର ତରବରିଆ ଭାବେ ଏହାକୁ ଲାଗୁ କରିବାକୁ ଆଗ୍ରହୀ ଥିବା କେତେକ ସୂତ୍ରରୁ ଦାବି କରାଯାଇଛି। ପାର୍ଲାମେଣ୍ଟର ନିମ୍ନ ସଦନରେ ମହିଳାଙ୍କ ପ୍ରତିନିଧିତ୍ୱ ବଢ଼ାଇବା ପାଇଁ ଆଇନରେ ସଂଶୋଧନ ନିମନ୍ତେ ଚଳିତ ବଜେଟ ଅଧିବେଶନରେ ବିଲ୍ ଆଣିବାକୁ କେନ୍ଦ୍ର ଲକ୍ଷ୍ୟ ରଖିଛି। ସମ୍ବିଧାନ ସଂଶୋଧନକୁ ସହଜରେ ଗୃହୀତ କରାଇବା ପାଇଁ ବ୍ୟାପକ ସମର୍ଥନ ଜୁଟାଇବା ଉଦ୍ଦେଶ୍ୟରେ ସରକାର ବିରୋଧୀ ଦଳଗୁଡ଼ିକ ସହ ପ୍ରାଥମିକ ଆଲୋଚନା ଚଳାଇଛନ୍ତି। କ୍ୟାବିନେଟ ଅନୁମୋଦନ ପରେ ସମ୍ଭବତଃ ଆସନ୍ତା ସପ୍ତାହରେ ପ୍ରଥମେ ରାଜ୍ୟ ସଭାରେ ଏହି ବିଲ୍ ଆଗତ କରାଯାଇପାରେ ବୋଲି ଆଶା କରାଯାଉଛି। ଲୋକ ସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାମାନଙ୍କ ନିମନ୍ତେ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ପାଇଁ ୨୦୨୩ରେ ମହିଳା ସଂରକ୍ଷଣ ଆଇନ ଗୃହୀତ ହୋଇଥିଲେ ମଧ୍ୟ ନିର୍ବାଚନ ମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ କାର୍ଯ୍ୟ ଅଟକିଥିବାରୁ ଏହା କାର୍ଯ୍ୟକାରୀ ହୋଇପାରି ନାହିଁ। ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ପୂର୍ବରୁ ଉକ୍ତ ଆଇନକୁ କାର୍ଯ୍ୟକାରୀ କରିବାକୁ ହେଲେ ଆଉ ଏକ ସମ୍ବିଧାନ ସଂଶୋଧନ ବିଲ୍ ଗୃହୀତ କରାଇବା ଆବଶ୍ୟକ।

## ପୁଣି ୧୮୦୦ ପଏଣ୍ଟ ଖସିଲା ସେନ୍‌ସେକ୍ସ

ମୁମ୍ବାଇ ,୨୩।୩

ମଧ୍ୟପ୍ରାଚ୍ୟ ଯୁଦ୍ଧ ସ୍ଥିତିକୁ ନେଇ ସୋମବାର ବିଏସ୍‌ଇ ସୂଚକାଙ୍କ ସେନ୍‌ସେକ୍ସ ୧୮୦୦ ପଏଣ୍ଟ ତଳକୁ ଖସିଥିଲାବେଳେ ନିଫ୍ଟିରେ ୬୦୨ ପଏଣ୍ଟ ହ୍ରାସ ଘଟିଛି। ଇରାନ୍ ପାୱାର ପ୍ଲାଣ୍ଟ ଉପରେ ଆମେରିକା ଆକ୍ରମଣ ଧମକ ଦେବା ପରେ ହର୍ମୁଜ୍ ଷ୍ଟ୍ରେଟ୍‌କୁ ସମ୍ପୂର୍ଣ୍ଣ ବନ୍ଦ ସହ ଉପସାଗରୀୟ ଦେଶଗୁଡିକ ଉପରେ ଜୋର୍‌ଦାର ଆକ୍ରମଣ କରିବାକୁ ଇରାନ୍ ପାଲଟା ଧମକ ଦେବା ପରେ ମଧ୍ୟପ୍ରାଚ୍ୟ ସ୍ଥିତି ଆହୁରି ଗମ୍ଭୀର ହୋଇପଡ଼ିବା ନିବେଶକ ଆଶଙ୍କା କରିଥିଲେ। ଏହାକୁ ନେଇ ସୋମବାର କାରବାର ଆରମ୍ଭରେ ନିବେଶକ ଅଧିକ ମାତ୍ରାରେ ପୁଞ୍ଜି ପ୍ରତ୍ୟାହାର କରିବା ଆରମ୍ଭ କରିଥିଲେ। ମଧ୍ୟାହ୍ନ ସୁଦ୍ଧା ସେନ୍‌ସେକ୍ସରେ ୧୫୫୦ ପଏଣ୍ଟ ହ୍ରାସ ଘଟିଥିଲା। ପରେ କିଛିଟା ଉନ୍ନତି ପରିଲକ୍ଷିତ ହୋଇଥିଲେ ହେଁ କାରବାର ବନ୍ଦ ହେବା ବେଳକୁ ସେନ୍‌ସେକ୍ସରେ ୧୮୩୬ ପଏଣ୍ଟ ହ୍ରାସ ଘଟି ୭୨,୬୯୬ ପଏଣ୍ଟରେ ଏବଂ ଏନ୍‌ଏସ୍‌ଇ ସୂଚକାଙ୍କ ନିଫ୍ଟି ୬୦୨ ପଏଣ୍ଟ ହ୍ରାସ ଘଟି ୨୨,୫୧୨ ପଏଣ୍ଟରେ ବନ୍ଦ ରହିଛି।

# ଟ୍ରମ୍ପଙ୍କ ସରେଣ୍ଡର୍ ନା ନୂଆ ଚାଲ୍

ତେହରାନ୍,୨୩।୩



ମହମ୍ମଦ ବାଘେର ଘାଲିବାଫ୍



ଡୋନାଲ୍ଡ ଟ୍ରମ୍ପ୍

ଇରାନ୍ ସହ ଦୁଇ ଦିନ ଧରି ଆଲୋଚନା ପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ୫ ଦିନିଆ ଯୁଦ୍ଧ ବିରତି ଦାବିକୁ ଇରାନ୍ ସୋମବାର ଖଣ୍ଡନ କରିଛି। ବ୍ୟାକ୍ ଚ୍ୟାନେଲରେ ଇରାନ୍ ସହ ହୋଇଥିବା କଥାବାର୍ତ୍ତା ଅତ୍ୟନ୍ତ ଫଳପ୍ରଦ ହୋଇଛି ଏବଂ ଆଗକୁ ବ୍ୟାପକ ଆଲୋଚନା କରାଯାଇ ବିବାଦର ସମାଧାନ ସହ ମଧ୍ୟପ୍ରାଚ୍ୟ ସ୍ଥିତିକୁ ସ୍ୱାଭାବିକ କରାଯିବ ବୋଲି ଟ୍ରମ୍ପ୍ କହିଥିଲେ ହେଁ ଇରାନ୍‌ର ସରକାରୀ ଗଣମାଧ୍ୟମ ଏହାକୁ ଦୃଢ଼ତାର ସହ ଅସ୍ୱୀକାର କରିଛି। ଟ୍ରମ୍ପ୍‌ଙ୍କ ଦାବିକୁ ଇରାନ୍ ବାଚସ୍ପତି ମହମ୍ମଦ ବାଘେର ଘାଲିବାଫ୍ ମିଥ୍ୟା ବୋଲି କହିବା ସହ ଆମେରିକା ସହ କୌଣସି ସ୍ତରରେ ବୁଝାମଣା ହୋଇନଥିବା 'X'ରେ ପୋଷ୍ଟ କରିଛନ୍ତି। ତୈଳ ବଜାରର ସାମ୍ପ୍ରତିକ ସ୍ଥିତିକୁ ବଦଳାଇବା ଏବଂ ମଧ୍ୟପ୍ରାଚ୍ୟ ଯୁଦ୍ଧ ସ୍ଥିତିରୁ ମୁକୁଳିବା ଲାଗି ଟ୍ରମ୍ପ୍ ଏଭଳି ଚାଲାକି କରିଛନ୍ତି ବୋଲି ଘାଲିବାଫ୍ କହିଛନ୍ତି। ଇରାନ୍‌ର ଶତ୍ରୁଙ୍କୁ ଉଚିତ୍ ଶିକ୍ଷା ଦେବାକୁ ଦେଶବାସୀ ସଂକଳ୍ପବଦ୍ଧ ହୋଇଥିବାବେଳେ ସୁପ୍ରିମ ଲିଡରଙ୍କ ସମର୍ଥନରେ ଇରାନ୍ ସେନା ନିଜ ଲକ୍ଷ୍ୟ ହାସଲ କରିବା ଯାଏ ଲଢ଼େଇ ଜାରି ରଖିବ ବୋଲି ସେ କହିଛନ୍ତି। ଗୋଟିଏ ପଟେ ଟ୍ରମ୍ପ୍‌ଙ୍କ ଦୃଢ଼ତା ଏବଂ ଅନ୍ୟପଟେ ଇରାନ୍‌ର ଅସ୍ୱୀକାର ବିଭିନ୍ନ ମହଲରେ ଦ୍ୱନ୍ଦ୍ୱ ସୃଷ୍ଟି କରିଛି।

୨୪ ଦିନର ଯୁଦ୍ଧ ଖର୍ଚ୍ଚ ସମେତ ଅନ୍ତର୍ଜାତୀୟ ବଜାରରେ ଇନ୍ଧନର ଅଭାବ ଏବଂ ଆମେରିକାର ମୁଦ୍ରାସ୍ଫୀତି ବୃଦ୍ଧି ଆଶଙ୍କାକୁ ନେଇ ଏକପ୍ରକାର ଟ୍ରମ୍ପ୍‌ଙ୍କ ଚିନ୍ତା ବଢ଼ିଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ବର୍ତ୍ତମାନ ଇନ୍ଧନକୁ ନେଇ ବୈଶ୍ୱିକ ସ୍ତରରେ ସୃଷ୍ଟି ହୋଇଥିବା ସମସ୍ୟା ଆଗକୁ ଘୋର ବିପଦ ସୃଷ୍ଟି କରିବ ବୋଲି ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସି (ଆଇଇଏ) ଆମେରିକାକୁ ସତର୍କ କରାଇଦେଇଛି। ଏବେଠାରୁ ସତର୍କ ନହେଲେ ୭୦ ଦଶକରେ ସୃଷ୍ଟି ହୋଇଥିବା ଇନ୍ଧନ ସମସ୍ୟା ତୁଳନାରେ ବର୍ତ୍ତମାନର ସ୍ଥିତି ଆହୁରି ଖରାପ ହେବ ବୋଲି ଆଇଇଏ କହିଛି। ସେପଟେ ପ୍ରଖ୍ୟାତ ଅର୍ଥନୀତିଜ୍ଞ ଜେଫ୍‌ରି ସାକ୍ସ ମଧ୍ୟ ସାମ୍ପ୍ରତିକ ଅର୍ଥନୀତିକୁ ନେଇ ଟ୍ରମ୍ପ୍‌ଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଆମେରିକା ଓ ଇସ୍ରାଏଲ ସହ ଇରାନ୍‌ର ଯୁଦ୍ଧ ଆଧୁନିକ ଇତିହାସରେ ସବୁଠାରୁ ବିପଦପୂର୍ଣ୍ଣ ପରିସ୍ଥିତି ସୃଷ୍ଟି କରିଥିବା ସେ କହିଛନ୍ତି। ବିଶେଷକରି ବୈଶ୍ୱିକ ସୁରକ୍ଷା ଏବଂ ଅର୍ଥନୀତି ପାଇଁ ଏହା ଦୁର୍ଗତି ଆଣିବ ବୋଲି ଜେଫ୍ରି କହିଛନ୍ତି। ଆଗକୁ ଆମେରିକାର ମଧ୍ୟବର୍ତ୍ତୀ ନିର୍ବାଚନ ହେବାକୁ ଥିବାରୁ ଟ୍ରମ୍ପ୍ ଏବେଠାରୁ ଏସବୁ ଦିଗକୁ ଦୃଷ୍ଟି ଦେଇ ସତର୍କ ହେବା ସହ ମଧ୍ୟପ୍ରାଚ୍ୟ ସ୍ଥିତିକୁ ସହଜ କରିବାକୁ ଚାହୁଁଛନ୍ତି ବୋଲି କେତେକ ସ୍ତରରେ ମତ ପ୍ରକାଶ ପାଇଛି। କିନ୍ତୁ ଆମେରିକାର ସହଯୋଗୀ ରାଷ୍ଟ୍ର ଇସ୍ରାଏଲ ଟ୍ରମ୍ପଙ୍କ ସାମୟିକ ଯୁଦ୍ଧ ବିରତିକୁ ନେଇ କୌଣସି ପ୍ରତିକ୍ରିୟା ନ ଦେବା ମଧ୍ୟ ଅନ୍ୟ କେତେକ ମହଲକୁ ବିସ୍ମିତ କରିଛି। ଟ୍ରମ୍ପ୍ ସାମୟିକ ଯୁଦ୍ଧ ବିରତି ଘୋଷଣା କରି ଇରାନ୍ ବିରୋଧରେ ଆଉ କିଛି ପଦକ୍ଷେପ ନେବାକୁ ନୂଆ ଚାଲ୍ କରିଥାଇପାରନ୍ତି ବୋଲି ଆକଳନ କରାଯାଉଥିବା ଆଉ କିଛି ବିଶେଷଜ୍ଞ ମତ ଦେଇଛନ୍ତି।

### ଇସ୍‌ଲାମାବାଦ୍‌ରେ ହୋଇପାରେ ଆଲୋଚନା

ଚଳିତ ସପ୍ତାହରେ ଆମେରିକା ଏବଂ ଇରାନ୍ ମଧ୍ୟରେ ଇସ୍‌ଲାମାବାଦ୍‌ରେ ପୁଣି ଆଲୋଚନା ହେବ ବୋଲି ଆମେରିକା ଉପରାଷ୍ଟ୍ରପତି ଜେ. ଡି. ଭାନ୍ସ ସୂଚନା ଦେଇଥିବା ରଏଟର୍ ସୂତ୍ରରୁ ଜଣାପଡ଼ିଛି। ଦୁଇ ଦେଶ ମଧ୍ୟରେ ରହିଥିବା ବିବାଦର ସମାଧାନ ସହ ମଧ୍ୟପ୍ରାଚ୍ୟ ସ୍ଥିତିକୁ ସ୍ୱାଭାବିକ କରିବା ଉଦ୍ଦେଶ୍ୟରେ କିଛି ରାଷ୍ଟ୍ର ମଧ୍ୟସ୍ଥତା କରୁଥିଲାବେଳେ ଇସ୍‌ଲାମାବାଦ୍‌ରେ ବୈଠକ କରିବାକୁ ନିଷ୍ପତ୍ତି ହୋଇଥିବା ଭାନ୍ସ କହିଛନ୍ତି। ଏହି ବିଷୟକୁ ଇସ୍ରାଏଲର କେତେକ ଗଣମାଧ୍ୟମ ମଧ୍ୟ ସ୍ୱୀକାର କରିଛନ୍ତି। ତେବେ ଯୁଦ୍ଧ ବନ୍ଦ ପାଇଁ ଇରାନ୍ ଯେଉଁସବୁ ସର୍ତ୍ତ ରଖିଛି , ତାହାକୁ ଆମେରିକା କେତେଦୂର ଗ୍ରହଣ କରିବ ତାହାକୁ ନେଇ ପ୍ରଶ୍ନ ଉଠିଛି। ହର୍ମୁଜ୍ ଷ୍ଟ୍ରେଟ୍ ପାଇଁ ନୂଆ ଅନ୍ତର୍ଜାତୀୟ ଆଇନ ଲାଗୁ , ପୁନଃ ଯୁଦ୍ଧ ନ ହେବା ନେଇ ଗ୍ୟାରେଣ୍ଟି , ଉପସାଗରୀୟ ଅଞ୍ଚଳରେ ସବୁ ଆମେରିକୀୟ ସାମରିକ ଘାଟି ବନ୍ଦ ଏବଂ ଯୁଦ୍ଧ ପାଇଁ ଇରାନ୍‌କୁ କ୍ଷତିପୂରଣ ଦେବା ଭଳି ଇରାନ୍ ୬ଟି ସର୍ତ୍ତ ରଖିଛି।

## ଏଆଇଏଡିଏମ୍‌କେ ୧୭୮, ଭାଜପା ୨୭ ଆସନରେ ଲଢ଼ିବ

**ତାମିଲନାଡୁରେ ଏନ୍‌ଡିଏର ଆସନ ବୁଝାମଣା ଚୂଡ଼ାନ୍ତ**

ଚେନ୍ନାଇ,୨୩।୩

ତାମିଲନାଡୁରେ ହେବାକୁ ଯାଉଥିବା ବିଧାନସଭା ନିର୍ବାଚନ ଲାଗି ଏନ୍‌ଡିଏର ସହଯୋଗୀ ଦଳଗୁଡ଼ିକ ମଧ୍ୟରେ ଆସନ ଭାଗବଣ୍ଟା ଚୂଡ଼ାନ୍ତ ହୋଇଛି। ୨୩୪ ଆସନ ମଧ୍ୟରୁ ଏଆଇଏଡିଏମ୍‌କେ ୧୭୮ଟି ଆସନରେ ଲଢ଼ିବାକୁ ଥିବାବେଳେ ଭାଜପା ୨୭ ଆସନରେ ପ୍ରାର୍ଥୀ ଦେବ। ଅନ୍ୟ ମେଣ୍ଟ ସହଯୋଗୀ ପିଏମ୍‌କେକୁ ୧୮ ଏବଂ ଏଏମ୍‌ଏମ୍‌କେକୁ ୧୧ ଆସନ ଦିଆଯାଇଛି। ସହଯୋଗୀ ଦଳଗୁଡ଼ିକ ମଧ୍ୟରେ ଆସନ ବୁଝାମଣା ସୁରୁଖୁରୁରେ ହୋଇଛି ଏବଂ ଆସନ ସଂଖ୍ୟା ଆନୁଷ୍ଠାନିକ ଭାବେ ଚୂଡ଼ାନ୍ତ ହୋଇଛି ବୋଲି ଏଆଇଏଡିଏମ୍‌କେ ନେତା ଇ. କେ. ପାଲାନିସ୍ୱାମୀ (ଇପିଏସ୍) କହିଛନ୍ତି। ଅନ୍ୟ ଦଳଗୁଡ଼ିକ ସହ ଆଲୋଚନା ଜାରି ରହିଛି ଓ ଖୁବ୍ ଶୀଘ୍ର ସେମାନଙ୍କ ପାଇଁ ମଞ୍ଜୁରୀ ଆସନ ସଂଖ୍ୟା ଘୋଷଣା କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଏନ୍‌ଡିଏ ମେଣ୍ଟର ବିଜୟ ସମ୍ଭାବନା ନେଇ ଇପିଏସ୍ ନିଶ୍ଚିତ ଅଛନ୍ତି। ଏନ୍‌ଡିଏ ଏକ ବିଜୟୀ ମେଣ୍ଟ ଏବଂ ସବୁ ଆସନରେ ବିଜୟୀ ହୋଇ ଏଆଇଏଡିଏମ୍‌କେ ସରକାର ଗଢ଼ିବ ବୋଲି ସେ କହିଛନ୍ତି।

## ପାକିସ୍ତାନରେ ଇଦ୍ ପାଳନ ବେଳେ ୪୦ ମୃତ

ପେଶାୱର,୨୩।୩(ପି.ଟି.)

ପାକିସ୍ତାନର ଖାଇବର ପାଖ୍‌ତୁନ୍‌ଖ୍ୱା ପ୍ରଦେଶରେ ୨ ଦିନିଆ ଇଦ୍ ଛୁଟି ପାଳନ ବେଳେ ବିଭିନ୍ନ ସ୍ଥାନରେ ୪୦ ଜଣଙ୍କ ମୃତ୍ୟୁ ଘଟିଛି। ଏହି ଉତ୍ସବ ସମୟରେ ମୋଟ ୧,୯୧୪ଟି ଜରୁରୀ କଲ୍ ମିଳିଥିଲା ବୋଲି ଜାତୀୟ ଜରୁରୀ ସେବା ପକ୍ଷରୁ କୁହାଯାଇଛି। ଏମର୍ଜେନ୍ସି ଟିମ୍ ୧,୨୬୧ ମେଡିକାଲ କେସ୍, ୬୨ଟି ଅଗ୍ନିକାଣ୍ଡ ଏବଂ ୩୩ଟି ସଂଘର୍ଷ ଓ ଅପରାଧ ଘଟଣାର ସମାଧାନ କରିଥିଲା। ସେହିପରି ୫ଟି ପାଣିରେ ବୁଡ଼ିଯିବା ଓ ୫୦ଟି ଅନ୍ୟ ଜରୁରୀ କଲ୍ ଆସିଥିଲା। ଏହିସବୁ ଘଟଣାରେ ୪୦ ଜଣଙ୍କ ମୃତ୍ୟୁ ଘଟିବା ସହ ୪୮ ଘଣ୍ଟା ମଧ୍ୟରେ ୧,୯୯୩ ଜଣଙ୍କୁ ଚିକିତ୍ସା ସହାୟତା ଯୋଗାଇ ଦିଆଯାଇଥିଲା। ଇଦ୍ ପାଇଁ ରାସ୍ତାରେ ଯାନବାହନ ଗହଳିରୁ ୪୮୪ଟି ସଡ଼କ ଦୁର୍ଘଟଣା ଘଟିଥିଲା।

# ୬୪,୦୦୦ କୋଟି ନିବେଶରେ କାର୍ଯ୍ୟକାରୀ ହେବ ୭ କୋଇଲା ଗ୍ୟାସୀୟକରଣ ପ୍ରକଳ୍ପ

ନୂଆଦିଲ୍ଲୀ,୨୩।୩(ପି.ଟି.)

ଓଡ଼ିଶା, ମହାରାଷ୍ଟ୍ର ଏବଂ ପଶ୍ଚିମବଙ୍ଗରେ ୬୪,୦୦୦ କୋଟି ଟଙ୍କା ନିବେଶରେ ୭ଟି କୋଇଲା ଗ୍ୟାସୀୟକରଣ ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଯାଉଥିବା କୋଇଲା ଓ ଖଣିମନ୍ତ୍ରୀ ଜି. କିଷନ ରେଡ୍ଡୀ ସୋମବାର ରାଜ୍ୟ ସଭାକୁ ସୂଚନା ଦେଇଛନ୍ତି। ଏହା କାର୍ଯ୍ୟକାରୀ ହେଲେ ଗ୍ୟାସ୍ ଆମଦାନୀ ହ୍ରାସ କରିବାରେ ସହାୟକ ହେବ। ୭ଟି କୋଇଲା ଗ୍ୟାସୀୟକରଣ ପ୍ରକଳ୍ପ ମଧ୍ୟରୁ ମହାରାଷ୍ଟ୍ରରେ ୪, ଓଡ଼ିଶାରେ ୨ ଏବଂ ପଶ୍ଚିମବଙ୍ଗରେ ଗୋଟିଏ ହେବାକୁ ଯାଉଛି। ଏହି ପ୍ରକଳ୍ପ ଜରିଆରେ କୋଇଲାକୁ ସାଇନ୍‌ଗ୍ୟାସ୍‌ରେ ପରିବର୍ତ୍ତନ କରାଯିବ, ଯାହାକୁ ମିଥାନୋଲ, ଆମୋନିଆ, ୟୁରିଆ, ହାଇଡ୍ରୋଜେନ୍, କୃତ୍ରିମ ପ୍ରାକୃତିକ ଗ୍ୟାସ, ପେଟ୍ରୋ କେମିକାଲ ଓ ତରଳୀକୃତ ଇନ୍ଧନ ଉତ୍ପାଦନରେ ବ୍ୟବହାର କରାଯିବ।

ପ୍ରଶ୍ନୋତ୍ତର କାଳରେ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, କେନ୍ଦ୍ର ସରକାର ଗତ ୧୨ ବର୍ଷ ମଧ୍ୟରେ କୋଇଲା ସେକ୍ଟରରେ ଅନେକ ସଂସ୍କାର ଆଣିଛନ୍ତି। କୋଇଲା ଖଣିଗୁଡ଼ିକ ବିନା ଅଭିଯୋଗରେ ସ୍ୱଚ୍ଛ ନିଲାମ ପ୍ରକ୍ରିୟାରେ ମଞ୍ଜୁର କରାଯାଉଛି। ଦେଶରେ ଶକ୍ତିର ଅଭାବ ନାହିଁ। କୋଇଲାଭିତ୍ତିକ ତାପଜ ବିଦ୍ୟୁତ୍ ପ୍ଲାଣ୍ଟଗୁଡ଼ିକରୁ ୭୩ରୁ ୭୪ ପ୍ରତିଶତ ବିଦ୍ୟୁତ ଉତ୍ପାଦନ ହେଉଛି। ଉତ୍ପାଦିତ କୋଇଲାର ୮୦ ପ୍ରତିଶତ ବିଦ୍ୟୁତ୍ ସେକ୍ଟରକୁ ଓ ଅବଶିଷ୍ଟ ଅନ୍ୟାନ୍ୟ କ୍ଷେତ୍ରକୁ ଯାଉଛି। ଭାରତରେ ୫ମ ସର୍ବାଧିକ କୋଇଲା ମହଜୁଦ ଥିବାବେଳେ ଏହା ଅନ୍ୟୂନ ୭୦ ବର୍ଷ ପର୍ଯ୍ୟନ୍ତ ଇନ୍ଧନ ଓ ଶକ୍ତି ଯୋଗାଇବ। ସରକାର ଏହାର ଉତ୍ତୋଳନ ବଢ଼ାଇଛନ୍ତି।

### ଫାୟାର୍ ଟ୍ରକ୍ ସହ ବିମାନ ଧକ୍କା

ନ୍ୟୁୟର୍କ ,୨୩।୩

**୨ ପାଇଲଟ୍ ମୃତ**

ନ୍ୟୁୟର୍କର ଲା ଗାର୍ଡିଆ ବିମାନ ବନ୍ଦରରେ ରବିବାର ଏୟାର କାନାଡାର ଏକ ଯାତ୍ରୀବାହୀ ବିମାନ ଏକ ଅଗ୍ନିଶମ ଟ୍ରକ୍ ସହ ଧକ୍କା ହେବାରୁ ବିମାନର ୨ ପାଇଲଟଙ୍କ ମୃତ୍ୟୁ ହେବା ସହ ୪୧ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ଏଥିସହ ସମ୍ପୃକ୍ତ ଟ୍ରକ୍‌ର ଦୁଇ ଡ୍ରାଇଭର ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ଏୟାର ଟ୍ରାଫିକ୍ କଣ୍ଟ୍ରୋଲ୍ ରୁମ୍(ଏଟିସି)ରୁ ସିଗ୍ନାଲ ପାଇବା ପରେ ଉକ୍ତ ଟ୍ରକ୍ ରନ୍‌ୱେ ଦେଇ ଯାଉଥିଲାବେଳେ ଏହି ସମୟରେ ୭୨ ଯାତ୍ରୀଙ୍କୁ ନେଇ ଆସୁଥିବା ଏୟାର କାନାଡାର ଏକ ଆଞ୍ଚଳିକ ବିମାନ ଅବତରଣ କରିଥିଲା। ଏଟିସି ଅଧିକାରୀମାନେ ଟ୍ରକ୍‌କୁ ସୂଚନା ଦେଇ ଅଟକାଇବାକୁ ଉଦ୍ୟମ କରିବା ପୂର୍ବରୁ ବିମାନଟି ଟ୍ରକ୍ ସହ ଧକ୍କା ଖାଇଥିଲା। ଘଟଣାସ୍ଥଳରେ ହିଁ ୨ ପାଇଲଟଙ୍କ ମୃତ୍ୟୁ ହୋଇଥିବା କୁହାଯାଇଛି। ବିମାନ କର୍ମଚାରୀ ଏବଂ ଆହତ ଯାତ୍ରୀଙ୍କୁ ଚିକିତ୍ସା ଲାଗି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ହେଁ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ଅବସ୍ଥା ଗୁରୁତର ରହିଛି। ଏଟିସିର ପରିଚାଳନାଗତ ତ୍ରୁଟି ଯୋଗୁ ଏହି ଦୁର୍ଘଟଣା ଘଟିଥିବା ପ୍ରାରମ୍ଭିକ ଅନୁସନ୍ଧାନରୁ ଜଣାପଡ଼ିଛି।

## ସରକାରୀ ଅଫିସରଙ୍କ ଆତ୍ମହତ୍ୟା ମାମଲାରେ ପଞ୍ଜାବର ପୂର୍ବତନ ମନ୍ତ୍ରୀ ଗିରଫ

ଚଣ୍ଡିଗଡ଼,୨୩।୩

ପଞ୍ଜାବ ପଣ୍ୟାଗାର ନିଗମର ଅଫିସର ଗଗନଦୀପ୍ ସିଂ ରାନ୍ଧୱାଙ୍କ ଆତ୍ମହତ୍ୟା ମାମଲାରେ ପୂର୍ବତନ ମନ୍ତ୍ରୀ ଲାଲଜିତ୍ ସିଂ ଭୁଲ୍ଲାରଙ୍କୁ ଗିରଫ କରାଯାଇଛି। ଗଗନଜିତ୍ ବିଷ ପିଇ ଆତ୍ମହତ୍ୟା କରିଥିଲେ। ଆତ୍ମହତ୍ୟା ପାଇଁ ତାଙ୍କୁ ଭୁଲ୍ଲାର ଉସୁକାଇଥିବା ସେ ଭିଡିଓରେ ଉଲ୍ଲେଖ କରିଥିଲେ। ଭୁଲ୍ଲାର ଜଣେ ରାଜନୈତିକ ସହଯୋଗୀଙ୍କୁ ପଣ୍ୟାଗାର ଟେଣ୍ଡର ଦେବା ପାଇଁ ଗଗନଦୀପଙ୍କ ଉପରେ ଚାପ ପକାଉଥିଲେ। ସେ ମନା କରିବାରୁ ମନ୍ତ୍ରୀ ତାଙ୍କୁ ମାଡ଼ ମାରିବା ସହ ବ୍ଲାକ୍‌ମେଲ୍ ଉଦ୍ଦେଶ୍ୟରେ କ୍ୟାମେରା ଆଗରେ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେଇଥିବା ସ୍ୱୀକାର କରିବାକୁ ବାଧ୍ୟ କରିଥିଲେ।

# ପାକିସ୍ତାନ ସହ ସମ୍ପୃକ୍ତ ଗୁପ୍ତଚର ନେଟ୍‌ୱର୍କର ପର୍ଦ୍ଦାଫାଶ

ଗାଜିଆବାଦ,୨୩।୩

**ଆକ୍ରମଣ ପାଇଁ ପ୍ରାକ୍ ତଦାରଖ କରୁଥିଲେ**

ଉତ୍ତରପ୍ରଦେଶ ଗାଜିଆବାଦର କୌଶମ୍ବି ଥାନାରୁ ଗତ ୧୪ ତାରିଖରେ କେତେକ ଗୋଇନ୍ଦା ତଥ୍ୟ ମିଳିଥିଲା। ଏହା ପଛରେ ପାକିସ୍ତାନ ସହ ସମ୍ପୃକ୍ତ ଅତ୍ୟନ୍ତ ଗମ୍ଭୀର ଗୁପ୍ତଚରଗିରି ରହିଥିବା ଜଣାପଡ଼ିଛି। ପ୍ରଥମେ ଜଣାପଡୁଥିଲା, କେତେଜଣ ଯୁବକ କୌଣସି ସନ୍ଦେହଜନକ କାର୍ଯ୍ୟରେ ଲିପ୍ତ ଅଛନ୍ତି। ତେବେ ପାକିସ୍ତାନରୁ ପ୍ରତ୍ୟକ୍ଷ ନିର୍ଦ୍ଦେଶ ବଳରେ ଏହା ପରିଚାଳିତ ହେଉଥିବା ଏକ ସଂଗଠିତ ମଡ୍ୟୁଲ୍ ବୋଲି ତଦନ୍ତରୁ ସ୍ପଷ୍ଟ ହୋଇଛି। ଇତି ମଧ୍ୟରେ ଉକ୍ତ ମଡ୍ୟୁଲ୍‌ର ୨୨ ଜଣଙ୍କୁ ଗିରଫ କରାଗଲାଣି। ଉକ୍ତ ଚେନ୍‌ରେ କେତେଜଣ ନାବାଳକ ସମ୍ପୃକ୍ତ ରହିଛନ୍ତି।

ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି ଉତ୍ତରପ୍ରଦେଶର ଭୋବାପୁର ଅଞ୍ଚଳର କେତେଜଣ ଯୁବକ ରେଳଷ୍ଟେଶନ ଏବଂ ସାମରିକ ଘାଟିଗୁଡ଼ିକର ଫଟୋ ଓ ଭିଡିଓ ପ୍ରସ୍ତୁତ କରି ସେଗୁଡ଼ିକୁ ବିଦେଶ ପଠାଉଥିଲେ। ସେମାନଙ୍କୁ ଟଙ୍କା ଦେଇ ପ୍ରଲୋଭିତ କରାଯାଉଥିଲା। ଅଧିକ ରୋଜଗାର ପାଇଁ ସେମାନଙ୍କୁ ଅଧିକ ଯୁବକଙ୍କୁ ନିଯୁକ୍ତ କରାଇବାକୁ ପରାମର୍ଶ ଦିଆଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୫ ଜଣ ପୁରୁଷ ଓ ଜଣେ ମହିଳାଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କ ଫୋନ୍‌ରୁ ମିଳିଥିବା ତଥ୍ୟ ତଦନ୍ତର ମୋଡ଼ ବଦଳାଇଦେଇଥିଲା। ଉକ୍ତ ଫୋନ୍ ଗ୍ୟାଲେରିଗୁଡ଼ିକରେ ସାମରିକ ପ୍ରତିଷ୍ଠାନ ସହ ଜଡ଼ିତ ବିଭିନ୍ନ ଭିଡିଓ, ଫଟୋ, ଲୋକେଶନ ଟ୍ୟାଗ୍ ଥିଲା। ଏଥିସହିତ ରେଳ ଧାରଣା ସଂଯୋଗ ସ୍ଥଳ ଏବଂ କ୍ୟାମ୍ପ ପରିସରର ଫଟୋ ଥିଲା, ଯାହା ଗୁପ୍ତଚରଗିରି ଚାଲିଥିବାର ସ୍ପଷ୍ଟ ପ୍ରମାଣ ବୋଲି କୁହାଯାଉଛି। ଏହା ଜଣାପଡ଼ିବା ପରେ ତୁରନ୍ତ ପୋଲିସ, କ୍ରାଇମ୍ ବ୍ରାଞ୍ଚ, ସାଇବର ଅପରାଧ,ଗୋଇନ୍ଦା ଏବଂ ଏସ୍‌ଡବ୍ଲ୍ୟୁଏଟିର ଅଧିକାରୀମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରାଯାଇଥିଲା।

# ଶକ୍ତି ସୁରକ୍ଷା, ଭାରତୀୟଙ୍କ ନିରାପତ୍ତାକୁ ଗୁରୁତ୍ୱ

ନୂଆଦିଲ୍ଲୀ,୨୩।୩

**ପଶ୍ଚିମ ଏସିଆ ସଙ୍କଟ ଉପରେ ଲୋକ ସଭାରେ ପ୍ରଧାନମନ୍ତ୍ରୀଙ୍କ ଉଦ୍‌ବୋଧନ**



ପଶ୍ଚିମ ଏସିଆ ଯୁଦ୍ଧକୁ ନେଇ ସଙ୍କଟ ସୃଷ୍ଟି ହୋଇଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଲୋକ ସଭାରେ ଉଦ୍‌ବୋଧନ ଦେଇ ଭାରତର ଅର୍ଥନୀତି, ଶକ୍ତି ସୁରକ୍ଷା ଏବଂ ବିଦେଶରେ ଥିବା ନାଗରିକଙ୍କ ଉପରେ ପଡୁଥିବା ଯୁଦ୍ଧ ପ୍ରଭାବ ଉପରେ କହିଛନ୍ତି। ସମସ୍ତେ ଏକାଠି ହୋଇ ସଙ୍କଟର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ସେ ଆହ୍ୱାନ ଦେଇଛନ୍ତି। ପଶ୍ଚିମ ଏସିଆ ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ। ଏହା ବିଶ୍ୱ ଅର୍ଥନୀତି ଏବଂ ଲୋକଙ୍କ ଜୀବନ ଉପରେ ବ୍ୟାପକ ପ୍ରତିକୂଳ ପ୍ରଭାବ ପକାଉଛି। ପାଖାପାଖି ୧ କୋଟି ଭାରତୀୟ ରହୁଥିବା ଓ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ଥିବା ଉପସାଗରୀୟ ଅଞ୍ଚଳ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ। ଉକ୍ତ ସମୁଦ୍ର ଦେଇ ବହୁସଂଖ୍ୟାରେ ବ୍ୟବସାୟିକ ଜାହାଜ ଯାତାୟାତ କରିଥାନ୍ତି। ଏହି ସଙ୍କଟ ସମୟରେ ଭାରତୀୟ ପାର୍ଲାମେଣ୍ଟର ସର୍ବସମ୍ମତ ଓ ମିଳିତ ସ୍ୱର ବିଶ୍ୱରେ ପହଞ୍ଚିବା ଜରୁରୀ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଯୁଦ୍ଧରେ ସମ୍ପୃକ୍ତ ଦେଶ ଏବଂ ଯୁଦ୍ଧ ଦ୍ୱାରା ପ୍ରଭାବିତ ଦେଶଗୁଡ଼ିକ ସହ ଭାରତର ବ୍ୟାପକ ବାଣିଜ୍ୟିକ ସମ୍ପର୍କ ରହିଛି। ବିଶ୍ୱର ଅନ୍ୟ ଦେଶଗୁଡ଼ିକ ସହ ଭାରତର ବାଣିଜ୍ୟ ପାଇଁ ଉକ୍ତ ଅଞ୍ଚଳ ବିଶେଷକରି ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଥ। ଅଶୋଧିତ ତୈଳ, ଗ୍ୟାସ୍, ସାର ଆଦି ଅତ୍ୟାବଶ୍ୟକ ସାମଗ୍ରୀ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଦେଇ ଭାରତ ଆସିଥାଏ। ଯୁଦ୍ଧ ଆରମ୍ଭ ହେବା ପରେ ଜାହାଜ ଚଳାଚଳ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି।

ପ୍ରତିବନ୍ଧକ ସତ୍ତ୍ୱେ ନାଗରିକଙ୍କ ଉପରେ ପ୍ରଭାବ ସବୁଠୁ କମ୍ କରିବା ଦିଗରେ ସରକାର କାର୍ଯ୍ୟ କରୁଛନ୍ତି। ପେଟ୍ରୋଲ, ଡିଜେଲ, ଗ୍ୟାସ୍ ଯେପରି ସାଧାରଣ ପରିବାରଗୁଡ଼ିକୁ ଅଧିକ ପ୍ରଭାବିତ ନ କରିବେ, ତାହା ସୁନିଶ୍ଚିତ କରିବା ପାଇଁ ସରକାର ଉଦ୍ୟମ ଚଳାଇଥିବା ମୋଦି କହିଛନ୍ତି। ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯାଉଛି ଏବଂ ଇରାନ ସମେତ ଉପସାଗରୀୟ ଅଞ୍ଚଳରୁ ୩,୭୫,୦୦୦ରୁ ଊର୍ଦ୍ଧ୍ୱ ଭାରତୀୟଙ୍କୁ ଫେରାଇ ଅଣାଗଲାଣି। ଶକ୍ତି ସୁରକ୍ଷା ଲାଗି ସରକାର ଦୀର୍ଘମିଆଦୀ ପ୍ରସ୍ତୁତି ଚଳାଇଛନ୍ତି। ଭାରତର ରଣନୈତିକ ପେଟ୍ରୋଲିୟମ୍ ରିଜର୍ଭ ୫୩ ଲକ୍ଷ ଟନ୍ ହୋଇଥିବାବେଳେ ଅତିରିକ୍ତ ସାମର୍ଥ୍ୟ ପାଇଁ ନିର୍ମାଣ ଜାରି ରହିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

ଧରିତ୍ରୀ
DHARITRI
ଧରିତ୍ରୀ 52 Years
ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୨୪/୨୦୨୬ | Bhubaneswar, Tuesday, March 24/2026


# ରାଜ୍ୟରେ ଅଛନ୍ତି ୧୫ ମାଓବାଦୀ: ମୁଖ୍ୟମନ୍ତ୍ରୀ

## '୩୧ ସୁଦ୍ଧା ଓଡ଼ିଶା ହେବ ମାଓବାଦୀ ମୁକ୍ତ'

ଭୁବନେଶ୍ୱର,୨୩ା୩ (ରବିନାରାୟଣ ଜେନା)

ଓଡ଼ିଶାକୁ ମାର୍ଚ୍ଚ ୩୧ ସୁଦ୍ଧା ମାଓବାଦୀ ମୁକ୍ତ କରିବାପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ଏହି ପରିପ୍ରେକ୍ଷୀରେ ମାର୍ଚ୍ଚ ଶେଷ ହେବାକୁ ହାତରେ ମାତ୍ର ୮ଦିନ ରହିଥିବାବେଳେ ଏବେ ବି ୧୫ ଜଣ ମାଓବାଦୀ ୩ ଜିଲାରେ ଲୁଚି ରହିଛନ୍ତି। ସେମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଚଳିତମାସ ଶେଷ ସୁଦ୍ଧା ଓଡ଼ିଶାକୁ ମାଓବାଦୀ ମୁକ୍ତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହକୁ ଜଣାଇଛନ୍ତି।

ବିଧାନସଭାରେ କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତିଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଦେଇଥିବା ତଥ୍ୟ ଅନୁଯାୟୀ, କେନ୍ଦ୍ର ସରକାରଙ୍କ ସିକ୍ୟୁରିଟି ରିଲେଟେଡ୍ ଏକ୍ସପେଣ୍ଡିଚର ଯୋଜନା ଅନୁଯାୟୀ, ବର୍ତ୍ତମାନ ରାଜ୍ୟର କେବଳ କନ୍ଧମାଳ ଜିଲାକୁ ମାଓବାଦୀ ପ୍ରଭାବିତ ଜିଲା ଭାବେ ବିବେଚନା କରାଯାଉଛି। ମାତ୍ର ମାଓବାଦୀପ୍ରବଣ ଜିଲା ଭାବେ ପୂର୍ବରୁ ପରିଗଣିତ ହେଉଥିବା ବୌଦ୍ଧ, ବଲାଙ୍ଗୀର, କଳାହାଣ୍ଡି, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା ଏବଂ ରାୟଗଡ଼ା ଜିଲାକୁ ଏବେ 'ଲିଗାସି ଆଣ୍ଡ୍ ଥ୍ରଷ୍ଟ' ଜିଲା ଭାବେ ବିବେଚନା କରାଯାଉଛି। କିନ୍ତୁ ବାସ୍ତବରେ, କନ୍ଧମାଳ-କଳାହାଣ୍ଡି-ରାୟଗଡ଼ା ଜିଲା ସୀମାନ୍ତବର୍ତ୍ତୀ ଅଞ୍ଚ ☞ପୃଷ୍ଠା-୪




ରାଉରକେଲାସ୍ଥିତ ଏନ୍ଆଇଟି ପରିସରରେ ନୂତନ କ୍ୟାମ୍ପସ୍ ପାଇଁ କଟା ହେବାକୁ ଥିବା ଗଛଗୁଡ଼ିକୁ ଚିହ୍ନଟ କରାଯାଇଛି।

## ଏନ୍ଆଇଟି ପାଇଁ ୨ ହଜାର ଗଛକଟା ଯୋଜନା

# ରିପୋର୍ଟ ଲୋଡ଼ିଲା ମନ୍ତ୍ରଣାଳୟ

ଭୁବନେଶ୍ୱର,୨୩ା୩ (ରବିନାରାୟଣ ଜେନା)

ରାଉରକେଲାସ୍ଥିତ ନ୍ୟାଶନାଲ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏନ୍ଆଇଟି) କ୍ୟାମ୍ପସ୍‌ରେ ନୂତନ ଭବନ ନିର୍ମାଣ ପାଇଁ ୨ ହଜାରରୁ ଊର୍ଦ୍ଧ୍ୱ ଗଛ କଟାଯିବାକୁ ଯୋଜନା ହୋଇଛି। ଏନେଇ ପରିବେଶପ୍ରେମୀମାନେ ଅସନ୍ତୋଷ ପ୍ରକାଶ କରୁଥିବାବେଳେ କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ମାର୍ଚ୍ଚ ୨୦ରେ ରାଜ୍ୟ ସରକାରଙ୍କଠାରୁ ରିପୋର୍ଟ ତଲବ କରାଯାଇଛି। ମନ୍ତ୍ରଣାଳୟ ପକ୍ଷରୁ ସହ ଆୟୁକ୍ତ ସୁଜୋୟ ଦତ୍ତ ଓଡ଼ିଶା ଜଙ୍ଗଲ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ (ଏବେ ପ୍ରମୁଖ ସଚିବ ରହିଛନ୍ତି)ଙ୍କୁ ପତ୍ର ଲେଖି ଦର୍ଶାଇଛନ୍ତି, ଏନ୍ଆଇଟି କ୍ୟାମ୍ପସରେ ନୂତନ ଭବନ ନିର୍ମାଣ ପାଇଁ ଯେଉଁ ଜମି ଚିହ୍ନଟ କରାଯାଇଛି ତାହା ଉପରେ ଆପତ୍ତି ଆସିଛି। ପରିବେଶ କର୍ମୀ ଅଳୟ ସାମନ୍ତରାୟ ଅଭିଯୋଗ କରିଛନ୍ତି, ଏନ୍ଆଇଟି କ୍ୟାମ୍ପସ୍‌ରେ ପ୍ରସ୍ତାବିତ ଭବନ ଜମିରେ ଏବେ ୨ହଜାରରୁ ଊର୍ଦ୍ଧ୍ୱ ବଡ଼ ଗଛ ରହିଛି। ମାତ୍ର କ୍ୟାମ୍ପସ୍ ଭିତରେ ଏମିତି ବି ସ୍ଥାନ ରହିଛି, ଯେଉଁଠାରେ ଏତେ ସଂଖ୍ୟକ ଏବଂ ବଡ଼ ଗଛ କାଟିବାକୁ ପଡ଼ିବ ନାହିଁ। ମନ୍ତ୍ରଣାଳୟର ନିୟମ ଅନୁସାରେ ଉକ୍ତ ଅଞ୍ଚଳ ଅନୁଧ୍ୟାନ କରି ତୁରନ୍ତ ମନ୍ତ୍ରଣାଳୟକୁ ରିପୋର୍ଟ ଦେବାକୁ ସେ ଦର୍ଶାଇଛନ୍ତି।

ଅଭିଯୋଗକାରୀ ଅଳୟ କହିଛନ୍ତି, ପ୍ରସ୍ତାବିତ ସ୍ଥାନଟି ଘନ ସବୁଜ ଆବରଣର ଅଂଶ, ଯାହା ପରିବେଶୀୟ ସୁରକ୍ଷା ଅଞ୍ଚଳ ଓ


Letter NIT MOEFCC

भारत सरकार / Government of India
पर्यावरण, वन एवं जलवायु परिवर्तन मंत्रालय / Ministry of Environment, Forest & Climate Change
क्षेत्रीय कार्यालय, भुवनेश्वर / Regional Office, Bhubaneswar
ए/3, चंद्रशेखरपुर / A/3, Chandrasekharpur
भुवनेश्वर - 751 023 / Bhubaneswar - 751 023
Telephone: 0674-2301213, 2301248, 2302452, 2302453. E-mail: roez.bsr-mef@nic.in

File No. 7(28)2026- FCE (NIT Rourkela) Date: 20th March, 2026

To
The Additional Chief Secretary,
Department of Forests, Environment and Climate Change,
Government of Odisha,
Bhubaneswar – 751001.

Sub: Complaint received regarding felling of thousands of trees and to find an alternative place for new building construction within NIT Rourkela Campus-reg.

Sir,
Kind attention is invited to the enclosed complaint dated 25.02.2026 received from Shri Alaya Samantaray regarding the proposed felling of more than 2,000 full-grown trees within the NIT Rourkela campus for construction of a new building.

The complainant has alleged that the proposed site forms part of a dense green cover serving as an ecological buffer zone and habitat for local flora and fauna. It has further been stated that an alternative site within the campus, where foundation work for the Civil Engineering Department has already been initiated and which reportedly involves minimal tree cover, may be considered to avoid large-scale felling of trees.

In this regard, it is requested that the matter may kindly be examined in detail and necessary action taken in accordance with the applicable rules and regulations. An Action Taken Report in the matter may also be furnished to this office at the earliest for further necessary action at this end.

Encl: As above (Copy of Complaint).

Yours faithfully,
Digitally signed by Sujoy Dutta
Date: 20-03-2026 15:12:25
Sujoy Dutta
Assistant Commissioner (Forestry)

Copy To:
1. The Principal Chief Conservator of Forests (Nodal), Government of Odisha, Bhubaneswar, Aranya Bhawan, Chandrasekharpur.

ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ ଦିଆଯାଇଥିବା ଚିଠିର ନକଲ।

ସ୍ଥାନୀୟ ପ୍ରଜାତି ଓ ପ୍ରାଣୀମାନଙ୍କର ବାସସ୍ଥାନ ଭାବେ କାମ କରୁଛି। ଏହାଛଡ଼ା କ୍ୟାମ୍ପସ ଭିତରେ ଏକ ବିକଳ୍ପ ସ୍ଥାନ ମଧ୍ୟ ରହିଛି, ଯେଉଁଠାରେ ସିଭିଲ ଇଞ୍ଜିନିୟରିଂ ବିଭାଗ ପାଇଁ ପୂର୍ବରୁ ଭିତ୍ତିଭୂମି କାମ ଆରମ୍ଭ ହୋଇଛି ଓ ସେଠାରେ ଗଛ କମ୍ ଥିବାରୁ ବଡ଼ ପରିମାଣରେ ଗଛ କାଟିବା ଆବଶ୍ୟକ ପଡ଼ିବ ନାହିଁ। ତେଣୁ ବିଭାଗ ଏବିଷୟରେ ସ୍ପଷ୍ଟ ଭାବେ ଯାଞ୍ଚ କରି ସରକାରଙ୍କ ନିୟମ ଅନୁସାରେ ଆବଶ୍ୟକ ପଦକ୍ଷେପ ନେବା ଆବଶ୍ୟକ। ଏହି ଅଭିଯୋଗକ୍ରମେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦେବାକୁ ସୁଜୋୟ ପ୍ରଦାନ କରିଥିବା ପତ୍ରରେ ଉଲ୍ଲେଖ କରିଛନ୍ତି।

ଅଳୟ ଏ ସମ୍ପର୍କରେ ମନ୍ତ୍ରଣାଳୟ ସହିତ ଜଙ୍ଗଲ ଓ ପରିବେଶ ବିଭାଗ, ଜିଲାପାଳ ଏବଂ ଜିଲା ବନ ଅଧିକାରୀଙ୍କୁ ମଧ୍ୟ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ଶିଳ୍ପନଗରୀ ରାଉରକେଲାରେ ଅବସ୍ଥିତ ଏନ୍ଆଇଟି କ୍ୟାମ୍ପସ୍ ସମଗ୍ର ସହର ପାଇଁ ଏକ ସବୁଜ ସୁରକ୍ଷା କବଚ ଭାବେ କାମ କରୁଛି। ଏହି କ୍ୟାମ୍ପସ୍‌ର ସବୁଜ ପରିବେଶ ବିଭିନ୍ନ ପ୍ରଜାତିର ପ୍ରାଣୀ ଓ ଉଦ୍ଭିଦ ପାଇଁ ଏକ ସ୍ୱର୍ଗ ସଦୃଶ। ପାଞ୍ଚ ଏକରରୁ ଅଧିକ ଅଞ୍ଚଳରେ ସିଭିଲ ☞ପୃଷ୍ଠା-୪




# ଜୟଦେବ ଜେନାଙ୍କୁ ହତ୍ୟା ଧମକ ଦେଇ ୨ ଗିରଫ



ପୋଲିସ ହେପାଜତରେ ୨ ଅଭିଯୁକ୍ତ।

ହାଟଡ଼ିହୀ/ ବଉଲା,୨୩ା୩ (ଶୁଭକାନ୍ତ ନାୟକ/ ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ଆନନ୍ଦପୁର ବିଧାନସଭା କ୍ଷେତ୍ରର ପୂର୍ବତନ କଂଗ୍ରେସ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଜୟଦେବ ଜେନାଙ୍କୁ ହତ୍ୟା ଧମକ ଘଟଣାରେ ନନ୍ଦିପଦା ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଯାଜପୁର ଜିଲା ଯାଜପୁର ରୋଡ ଥାନା ଅଧୀନ ନୂଆଗାଁ ଗ୍ରାମର ହରମୋହନ ବାରିକ(୨୭) ଓ ☞ପୃଷ୍ଠା-୪

# ପହିଲାରୁ ଦିନ ୧୧ରୁ ଅପରାହ୍ନ ୩ଟା କାମ ବନ୍ଦ

## ଶ୍ରମ ବିଭାଗର ନୂଆ ମାର୍ଗଦର୍ଶିକା

ଭୁବନେଶ୍ୱର,୨୩ା୩ (ରବିନାରାୟଣ ଜେନା)

ରାଜ୍ୟରେ ଦିନକୁ ଦିନ ରୌଦ୍ରତାପ ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି ଅଂଶୁଘାତ ଆଶଙ୍କାକୁ ଏଡ଼ାଇବା ପାଇଁ ଶ୍ରମ ବିଭାଗ ପକ୍ଷରୁ ସୋମବାର ନୂତନ ମାର୍ଗଦର୍ଶିକା ଜାରି କରାଯାଇଛି। ଏପ୍ରିଲ ପହିଲାରୁ ଜୁନ୍ ୧୫ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ପୂର୍ବାହ୍ନ ୧୧ ଟାରୁ ଅପରାହ୍ନ ୩ଟା ମଧ୍ୟରେ ଶ୍ରମିକମାନଙ୍କୁ କାମ ନ କରିବାକୁ ବିଭାଗ ପକ୍ଷରୁ ବାରଣ କରାଯାଇଛି।

ରାଜ୍ୟରେ ସୃଷ୍ଟି ହୋଇଥିବା ପ୍ରଚଣ୍ଡ ରୌଦ୍ରତାପଜନିତ ଅଂଶୁଘାତରୁ ରକ୍ଷା ପାଇବା ପାଇଁ ବିଭାଗ ତରଫରୁ ବିହିତ ପଦକ୍ଷେପ ନେବା ନିମନ୍ତେ ସମସ୍ତ ରାଜସ୍ୱ କମିଶନର, ଜିଲାପାଳ ଓ ରାଜ୍ୟ ଶ୍ରମ କମିଶନରଙ୍କୁ ଆବଶ୍ୟକ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହାସହିତ ସରକାରଙ୍କ ସମସ୍ତ ବିଭାଗ ତଥା ଓଡ଼ିଶାରେ ଥିବା ଭାରତ ସରକାରଙ୍କ ସମସ୍ତ ବିଭାଗ, ବେସରକାରୀ ନିଯୁକ୍ତିଦାତା, ସମସ୍ତ ବାଣିଜ୍ୟ ଓ ଶିଳ୍ପ ସଂସ୍ଥା, ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନର ମାଲିକ ଏବଂ ଠିକାଦାରମାନଙ୍କୁ ଅନୁରୋଧ କରାଯାଇଛି ଯେ, ସେମାନଙ୍କ ଅଧୀନରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ଉପରୋକ୍ତ ସମୟରେ କାର୍ଯ୍ୟରେ ଲଗାଇବେ ନାହିଁ। ଆବଶ୍ୟକ ସ୍ଥଳେ କାର୍ଯ୍ୟନିର୍ଘଣ୍ଟର ସମୟ ପରିବର୍ତ୍ତନ କରିପାରିବେ। ଯଦି କୌଣସି କାର୍ଯ୍ୟ ଜରୁରୀ ବୋଲି ମନେହୁଏ କିମ୍ବା ଅତ୍ୟାବଶ୍ୟକୀୟ ସେବା ସହ ଜଡ଼ିତ ଥିବ, ଯେଉଁଥିରେ କି ଶ୍ରମିକମାନଙ୍କୁ ଉପରୋକ୍ତ ସମୟ ପାଇଁ ବିଶ୍ରାମ ଦିଆଯାଇପାରିବ ନାହିଁ, ତେବେ ନିଯୁକ୍ତିଦାତାମାନେ ଶ୍ରମିକମାନଙ୍କୁ ସମ୍ଭାବ୍ୟ ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା କରିବା ପାଇଁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ହେବ। ବିଶେଷକରି ଶୀତଳ ପାନୀୟ ଜଳର ସୁବ୍ୟବସ୍ଥା, ଛାୟା ପ୍ରଦାନ ନିମନ୍ତେ ଉପଯୁକ୍ତ ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା ପାଇଁ ଡାକ୍ତରୀ ଚିକିତ୍ସାର ବ୍ୟବସ୍ଥା ଏବଂ ପ୍ରତ୍ୟେକ ଶ୍ରମିକଙ୍କ ପାଇଁ ଓଆର୍‌ଏସ୍ ପ୍ୟାକେଟ୍‌ର ବ୍ୟବସ୍ଥା କରିବା ବାଧ୍ୟତାମୂଳକ। ଜିଲାର ଚିକିତ୍ସାଧିକାରୀ (ସିଡିଏମ୍‌ଓ), ଉପମଣ୍ଡଳ ଚିକିତ୍ସାଧିକାରୀ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, କମ୍ୟୁନିଟି ହେଲ୍‌ଥ ସେଣ୍ଟର ଚିକିତ୍ସାଧିକାରୀ ତଥା କର୍ମଚାରୀ ରାଜ୍ୟ ବୀମା ଯୋଜନା ଅଧୀନ ଚିକିତ୍ସାଳୟଗୁଡ଼ିକର ଚିକିତ୍ସାଧିକାରୀଙ୍କୁ ରୌଦ୍ରତାପଜନିତ ପରିସ୍ଥିତିରେ ସମ୍ଭାବ୍ୟ ମୁକାବିଲା ପାଇଁ ସତର୍କ ରହିବାକୁ ଶ୍ରମ ବିଭାଗ ଉପସଚିବ ଅନୁରୋଧ କରିଛନ୍ତି।




# ୧୦ ଦେଶକୁ ଫଳ, ପନିପରିବା ରପ୍ତାନି ହେଉଛି: ଉପମୁଖ୍ୟମନ୍ତ୍ରୀ

## ପଠାଯାଉଛି ୧୫୫.୬ ମେଟ୍ରିକ ଟନ୍

ଭୁବନେଶ୍ୱର, ୨୩ା୩(ସୁନିତ୍ ମିଶ୍ର)

୨୦୨୪-୨୫ ଆର୍ଥିକ ବର୍ଷରେ ୧୩,୧୮୪.୪୯ କୋଟି ଟଙ୍କାର କୃଷି ବଜେଟ ରାଜ୍ୟ ସରକାର ଆଣିଥିଲେ। ୨୦୨୫-୨୬ ଆର୍ଥିକ ବର୍ଷରେ ପୂର୍ବ ବର୍ଷ ତୁଳନାରେ ୧୩.୪୦ ପ୍ରତିଶତ ବଢ଼ାଇ ୧୪,୯୫୦.୭୧ କୋଟି ଟଙ୍କାର ବଜେଟ ଆଣିଥିଲେ। ୨୦୨୬-୨୭ ଆର୍ଥିକ ବର୍ଷରେ ୨୦୨୪-୨୫ ଆର୍ଥିକ ବର୍ଷ ତୁଳନାରେ ୧୪.୧୨ ପ୍ରତିଶତ ଅଧିକ ଟଙ୍କାର ବଜେଟ ଆଣାଯାଇଛି। ଚଳିତ ଥର ରାଜ୍ୟ ସରକାର ୧୫,୦୩୯.୮୯ କୋଟି ଟଙ୍କାର କୃଷି ବଜେଟ ଆଣିଛନ୍ତି। ଭାରତରେ ଓଡ଼ିଶାକୁ କୃଷି ଉନ୍ନତିକୁ ଏକ ପ୍ରମୁଖ ରାଜ୍ୟ ଭାବେ ଅବସ୍ଥାପିତ କରିବା ଦିଗରେ ରାଜ୍ୟ ସରକାର ସର୍ବାଗ୍ରେ କାର୍ଯ୍ୟ କରିଚାଲିଛନ୍ତି। ୨୦୨୫-୨୬ ଅଗ୍ରିମ ଆକଳନ ଅନୁଯାୟୀ, ଓଡ଼ିଶାର କୃଷି କ୍ଷେତ୍ରର ଅଭିବୃଦ୍ଧି ହାର ୫.୩%, ଯାହା ଭାରତର ହାରାହାରି ଅଭିବୃଦ୍ଧି ଅର୍ଥାତ୍ ୩.୧%କୁ ଅତିକ୍ରମ କରିଛି। ୨୦୨୪-



କନକ ବର୍ଦ୍ଧନ ସିଂଦେଓ

୨୫ ମଧ୍ୟରେ ରାଜ୍ୟର ଖାଦ୍ୟଶସ୍ୟ ଉତ୍ପାଦନ ୧୫୦ ଲକ୍ଷ ମେଟ୍ରିକ ଟନ୍‌ରୁ ଅଧିକ ଏବଂ ଉଦ୍ୟାନ କୃଷି ଉତ୍ପାଦନ ୧୫୬ ଲକ୍ଷ ମେଟ୍ରିକ ଟନ୍‌ରୁ ଅଧିକ, ଯାହା ପୂର୍ବର ସମସ୍ତ ରେକର୍ଡକୁ ଅତିକ୍ରମ କରିଛି। ଓଡ଼ିଶା ୟୁକେ, ଫ୍ରାନ୍ସ, ବେଲଜିୟମ, ସୁଇଡେନ୍, ପୋଲାଣ୍ଡ, ଆୟର୍ଲାଣ୍ଡ, ଇଟାଲୀ, ଜର୍ମାନୀ, ୟୁଏଇ ଏବଂ କାତାର ସମେତ ୧୦ଟି ଦେଶକୁ ୧୫୫.୬ ମେଟ୍ରିକ ଟନ୍ ଫଳ ଓ ପନିପରିବା ରପ୍ତାନି କରୁଛି ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି।

୨୦୨୬-୨୭ ଆର୍ଥିକ ବର୍ଷର କୃଷି ବିଭାଗର ବଜେଟ ସମ୍ପର୍କିତ ଖର୍ଚ୍ଚଦାବି ଆଲୋଚନା ପରେ ଗୃହରେ ମନ୍ତ୍ରୀ ସିଂଦେଓ କହିଛନ୍ତି, ସମୃଦ୍ଧ କୃଷକ ଯୋଜନାରେ ୨୦୨୪-୨୫ ଆର୍ଥିକ ବର୍ଷରୁ ଚାଷୀଙ୍କଠାରୁ ସର୍ବନିମ୍ନ ସହାୟକ ମୂଲ୍ୟ ସହିତ ଇନ୍‌ପୁଟ ସହାୟତା ଦେଇ କୁଇଣ୍ଟାଲ ପିଛା ୩୧୦୦ ଟଙ୍କାରେ ଧାନ କ୍ରୟ କରାଯାଉଛି। ୨୦୨୪-୨୫ ଖରିଫ ଋତୁରେ ୧୬.୬୦ ଲକ୍ଷ ଚାଷୀଙ୍କଠାରୁ ୭୩.୪୫ ଲକ୍ଷ ମେଟ୍ରିକ ଟନ୍ ଧାନ କିଣାଯାଇଛି। ଏଥିଲାଗି ଚାଷୀଙ୍କୁ ଇନ୍‌ପୁଟ ସହାୟତା ବାବଦକୁ ୫୮୭୬.୫୭ କୋଟି ପ୍ରଦାନ କରାଯାଇଛି। ସେହି ବର୍ଷର ରବି ଋତୁରେ ୩.୧୨ ଲକ୍ଷ ଚାଷୀଙ୍କଠାରୁ ୧୯.୧୮ ଲକ୍ଷ ମେଟ୍ରିକ ଟନ୍ ଧାନ କିଣାଯାଇଛି। ଓଡ଼ିଶା ରାଜ୍ୟ ଖାଉଟି ଯୋଗାଣ ନିଗମ ଦ୍ୱାରା ୧୫୩୪.୪୩ କୋଟି ଟଙ୍କାର ଇନ୍‌ପୁଟ୍ ସହାୟତା ପ୍ରଦାନ କରାଯାଇଛି। ☞ପୃଷ୍ଠା-୪

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ୩୧୧ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଓ ଅଷ୍ଟପ୍ରହର ନାମଯଜ୍ଞର ସୂର୍ଯ୍ୟ ପୂଜା ଓ ଅଗ୍ନି ସ୍ଥାପନ, ସ୍ଥାନ: ପରିଆପାଟପୁର ଗ୍ରାମ ମା' ସିଦ୍ଧ ବାସେଳୀ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ମିଶନ ଶକ୍ତି ବିଭାଗ ପକ୍ଷରୁ ବିଭିନ୍ନ ପାଣ୍ଠି ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ମିଶନଶକ୍ତି ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ସୂଚନା ଅଧିକାର ଆଇନ ସଚେତନତା କାର୍ଯ୍ୟକ୍ରମ ଓ କର୍ମଶାଳା, ସ୍ଥାନ: ଗୀତଗୋବିନ୍ଦ ସଦନ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଲିଙ୍ଗରାଜ ମାର୍କେଟ ଉପର ମହଲା, ସମୟ: ଅପରାହ୍ନ ୫ଟା।

**କଟକ**
- ନୂଆପାଟଣା ପ୍ରାଥମିକ କୃଷି ସେବା ସମବାୟ ସମିତିର ବାର୍ଷିକ ସାଧାରଣ ସଭା, ସ୍ଥାନ: ସେବା ସମବାୟ ସମିତି ପରିସର, ନୂଆପାଟଣା, ତିଗିରିଆ, ସମୟ: ଅପରାହ୍ନ ୩ଟା।

**ପୁରୀ**
- ବିଶ୍ୱ ଯକ୍ଷ୍ମା ଦିବସ ଅବସରରେ ସଚେତନତା ଶୋଭାଯାତ୍ରା, ସ୍ଥାନ: ଗୁଣ୍ଡିଚାମନ୍ଦିର ଠାରୁ ମୁଖ୍ୟ ଚିକିତ୍ସାଳୟ, ସମୟ: ସକାଳ ୭ଟା ୩୦।
- ସାଧାରଣ ସଭା, ସ୍ଥାନ: ଟିବି ଚିକିତ୍ସାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସାମାଜିକ ବାସନ୍ଦ ପରିବାର ପକ୍ଷରୁ ବୈଠକ, ସ୍ଥାନ: ଭକ୍ତ ସାଲବେଗ ପୀଠ, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱନାଟ୍ୟ ଦିବସ ଅବସରରେ ବୈଠକ, ସ୍ଥାନ: ସଙ୍ଗୀତ ପରିଷଦ, ସମୟ: ପୂର୍ବାହ୍ନ ୧୧ଟା।

**ଖୋର୍ଦ୍ଧା**
- ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ ପରିସର, ସମୟ: ସକାଳ ୮ଟା।
- ପ୍ରବଚନ ଓ ଜ୍ଞାନଚର୍ଚ୍ଚା କାର୍ଯ୍ୟକ୍ରମ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ ପରିସର, ସମୟ: ସନ୍ଧ୍ୟା ୭ଟା ୩୦।

**ବାଲେଶ୍ୱର**
- ବିଶ୍ୱ ଯକ୍ଷ୍ମା ଦିବସ, ସ୍ଥାନ: ଡିଟିୟୁ ହଲ୍, ଜିଲା ମୁଖ୍ୟ ଚିକିତ୍ସାଳୟ, ବାଲେଶ୍ୱର, ସମୟ: ସକାଳ ୯ଟା।
- ବାସନ୍ତୀ ପୂଜା ଉତ୍ସବ, ସ୍ଥାନ: ବରୀ, ସିମୁଳିଆ, ସମୟ: ସକାଳ ୯ଟା।
- ବଙ୍ଗୋପସାଗରରେ ୨ ଦିନିଆ ସାଗର କବଚ, ସ୍ଥାନ: ତାଳସାରୀ, ଭୋଗରାଇ, ସମୟ: ସକାଳ ୯ଟା।
- ଏଫ୍ଏମ୍‌ରେ ଜାତୀୟ ସମ୍ମିଳନୀ, ସ୍ଥାନ: ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଶାନ୍ତି କମିଟି ବୈଠକ, ସ୍ଥାନ: ଏସ୍‌ଡିପିଓ କାର୍ଯ୍ୟାଳୟ, ଜଳେଶ୍ୱର, ସମୟ: ଅପରାହ୍ନ ୪ଟା।

**ଭଦ୍ରକ**
- ଶ୍ରୀରାମ ନବମୀ ମହୋତ୍ସବର ୪ର୍ଥ ସାଂସ୍କୃତିକ ସନ୍ଧ୍ୟା, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ଉତ୍କଳ କେଶରୀ ଆଗରପଡ଼ା ମହୋତ୍ସବର ୬ଷ୍ଠ ସନ୍ଧ୍ୟା, ସ୍ଥାନ: ହେମପଦ୍ମା ଗାଲାକ୍ସି, ଆଗରପଡ଼ା, ସମୟ: ଅପରାହ୍ନ ୫ଟା।

**କେନ୍ଦୁଝର**
- ଚୈତ୍ର ମାସ ମଙ୍ଗଳା ପୂଜା, ସ୍ଥାନ: ଶାଳକଣିଆଁ, ଭୂଇଁପୁର, ହାଟଡ଼ିହୀ, ସମୟ : ପ୍ରାତଃ ୭ ଟା।
- ଚତୁର୍ଦ୍ଧା ମୂର୍ତ୍ତିଙ୍କ ରଥ ନିର୍ମାଣ ନିମନ୍ତେ ପୂଜାର୍ଚ୍ଚନା, ସ୍ଥାନ : ହରିହର ମନ୍ଦିର, ବଡ଼ବିଲ, ସମୟ: ସକାଳ ୮ ଟା
- ରାମ ନବମୀ ଉପଲକ୍ଷେ ଷଷ୍ଠ ଦିବସରେ ପ୍ରବଚନ, ସ୍ଥାନ: ଡ଼ଅଁର, ହାଟଡ଼ିହୀ, ସମୟ: ସନ୍ଧ୍ୟା ୭ ଟା।

**ମୟୂରଭଞ୍ଜ**
- ମୟୂରଭଞ୍ଜ ଛଉ ନୃତ୍ୟର ବ୍ରାଣ୍ଡ ଆମ୍ବାସାଡର ଘୋଷଣା, ସ୍ଥାନ: ଉତ୍ତରସାହି ଛଉନୃତ୍ୟ ପ୍ରତିଷ୍ଠାନ ଆଖଡ଼ା, ଅମ୍ବିକାସାହି, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ମା' ଭୈରବୀଙ୍କ ପୀଠରେ ବାସନ୍ତୀକ ମହାସପ୍ତମୀ ପୂଜା,ସ୍ଥାନ:ମଧୁବନ ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିରର ଶେଷ ଦିନ, ସ୍ଥାନ: ନଳଗଜା ଉପେନ୍ଦ୍ରନାଥ ମହାବିଦ୍ୟାଳୟ, ରାସଗୋବିନ୍ଦପୁର, ସମୟ:ପୂର୍ବାହ୍ନ ୧୧ଟା।
- ମା' ବାସନ୍ତୀ ଦୁର୍ଗାପୂଜା ଅବସରରେ ବେଲ୍ଲଧିବାସ, ସ୍ଥାନ:ଉଦଳା ବାସନ୍ତୀ ମଣ୍ଡପ,ସମୟ:ଅପରାହ୍ନ ୩ ଟା୩୦।

**ଗଞ୍ଜାମ**
- ସାମାଜିକ ଜନ ଶୁଣାଣି, ସ୍ଥାନ: ବୁଗୁଡ଼ା ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।

**ଅନୁଗୋଳ**
- ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ 'ପ୍ରତିଭା, ସ୍ଥାନ: ଆଠମଲ୍ଲିକ ପିଏମ୍‌ଶ୍ରୀ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୭ଟା ୩୦।
- ରାମମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ମାର୍ଜନ, ଶୋଧନ, ଗଙ୍ଗା ଆମନ୍ତ୍ରଣ, ପୂର୍ବାଧିବାସ କର୍ମାରମ୍ଭ, ସ୍ଥାନ: ଆଠମଲ୍ଲିକ ସହର ପୋଲିସ ବନ୍ଧ ନିକଟ, ସମୟ: ସକାଳ ୯ଟା।
- ବିଶ୍ୱ ଟିବି ଦିବସ ପାଳନ, ସ୍ଥାନ: ଅନୁଗୋଳ ସଭାଘର, ସମୟ: ସକାଳ ୯ଟା।

**ଜଗତ୍‌ସିଂହପୁର**
- ଏମ୍‌ପିଇଡିଏ ଏବଂ ଓଙ୍ଗା ମଧ୍ୟରେ ବର୍ଗୀକୃତ ଜାଲ ବ୍ୟବହାର ସମ୍ପର୍କରେ ବୁଝାମଣା ପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମ, ସ୍ଥାନ: ମାଛଧରା ବନ୍ଦର ପରିସର, ନେହେରୁ ବଙ୍ଗଳା, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ଦିବଙ୍ଗତ ଖବରଦାତାଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ନୂଆବଜାର ବିଜୁ ଟ୍ରଷ୍ଟ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

**କେନ୍ଦ୍ରାପଡ଼ା**
- ଜନଗଣନା ପ୍ରଶିକ୍ଷଣ ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ସଭାଗୃହ, ମହାକାଳପଡ଼ା, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଦିବ୍ୟ ଜୀବନ ସଂଘର ଗରାପୁର ଶିବାନନ୍ଦ ଆଶ୍ରମ ସହଯୋଗରେ ଶ୍ରୀଜଗନ୍ନାଥଙ୍କ ୩୨ ବେଶ ପ୍ରଦର୍ଶନ, ସ୍ଥାନ: ଶ୍ରୀବଳଦେବଜୀଉଙ୍କ ରଥଦାଣ୍ଡ, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।
- ମା' ବାସନ୍ତୀ ପୂଜା କମିଟି ପକ୍ଷରୁ ବସନ୍ତକାଳୀନ ଦୁର୍ଗା ପୂଜା, ସ୍ଥାନ: ମା' ବାସୁଳେଇ ପୀଠ, ଚାଟରାଚକଡ଼ା, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ଯଯାତି ମହୋତ୍ସବ ଉଦଯାପନୀ ଦିବସରେ ଦାନିଶ ଏବଂ ତାଙ୍କ ଦଳର ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ପ୍ରଶାନିକ ଭବନ ପଡ଼ିଆ। ସମୟ: ସନ୍ଧ୍ୟା ୬ଟା।
- କମାଗଡ଼ ହିଙ୍ଗୁଳା ଯଜ୍ଞ ପୂର୍ଣ୍ଣାହୁତି ଉତ୍ସବ, ସ୍ଥାନ: କମାଗଡ଼ ହେଙ୍ଗୁଳା ପଡ଼ିଆ, ଧର୍ମଶାଳା, ସମୟ: ରାତି ୮ଟା।

**ନୟାଗଡ଼**
- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ୨୧ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ପ୍ରାତଃ ୫ଟା।
- ଶ୍ରୀ ରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞ ଓ ପ୍ରବଚନ ଜ୍ଞାନଯଜ୍ଞର ସପ୍ତମ ଦିବସରେ ପୂଜାନୀତି, ସ୍ଥାନ: ଫତେଗଡ ରାମ ମନ୍ଦିର, ସମୟ:ସକାଳ ୯ଟା।
- ଶ୍ରୀ ରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞ ଓ ପ୍ରବଚନ ଜ୍ଞାନଯଜ୍ଞର ସପ୍ତମ ଦିବସରେ ପାରାୟଣରେ ଶ୍ରୀରାମ ଓ ଭରତଙ୍କ ମିଳନ, ଜାନକୀ ହରଣ, ଜଟାୟୁ ମୋକ୍ଷ ପ୍ରସଙ୍ଗ, ସ୍ଥାନ: ଫତେଗଡ ରାମ ମନ୍ଦିର, ସମୟ:ସନ୍ଧ୍ୟା ୬ଟା।
- ବାସନ୍ତିକ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଖଣ୍ଡପଡା ବ୍ଲକ ଜଗନ୍ନାଥପ୍ରସାଦ ଦରଦା ମହିଷାଶୁଣୀ ପୀଠ, ସମୟ:ସନ୍ଧ୍ୟା ୬ଟା ୩୦।

**ରାୟଗଡ଼ା**
- ବିଜ୍ଞାନ ଏବଂ ଗଣିତ ମେଳା କାର୍ଯ୍ୟକ୍ରମ, ସ୍ଥାନ: ଏସ୍‌ଏସ୍‌ଡି ସରକାରୀ ଉଚ୍ଚ ବିଦ୍ୟାଳୟ, ଡାଙ୍ଗସୋରଡା, ଚନ୍ଦ୍ରପୁର, ସମୟ: ପୂର୍ବା ୧୦ଟା।
- ବିଏମ୍‌ଏସ୍ ପକ୍ଷରୁ ଶୋଭାଯାତ୍ରା, ବିକ୍ଷୋଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର, ସ୍ଥାନ: ଏନ୍‌ଏସି କଲ୍ୟାଣ ମଣ୍ଡପ ଏବଂ ଗେଷ୍ଟ ହାଉସ, ଗୁଡାରି, ସମୟ: ଅପରାହ୍ନ ୪ଟା ୩୦।

**ନବରଙ୍ଗପୁର**
- ଡିଜିଟାଲ ଶାସନ ସହିତ ସ୍ମାର୍ଟ ଗ୍ରାମ ପଞ୍ଚାୟତ ଉପରେ ତାଲିମ, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ୧୧ଟା।
- ବିଶ୍ୱ ଯକ୍ଷ୍ମା ଦିବସ, ସ୍ଥାନ: ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟ କନ୍‌ଫରେନ୍ସ ହଲ୍, ସମୟ: ଅପରାହ୍ନ ୩ଟା ୩୦।
- ପୌରସଂସ୍ଥା ସମୀକ୍ଷା ବୈଠକ, ସ୍ଥାନ: ନବରଙ୍ଗପୁର, ସମୟ: ଅପରାହ୍ନ ୪ଟା।

**କୋରାପୁଟ**
- ମହିଳା ଡିଗ୍ରୀ ମହାବିଦ୍ୟାଳୟ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ମହାବିଦ୍ୟାଳୟ ପରିସର, ସୁନାବେଡ଼ା, ସମୟ: ପୂର୍ବାହ୍ନ ୧୦ ଟା।
- ପଞ୍ଚଡ଼ା ହାଇସ୍କୁଲ ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ଲକ୍ଷ୍ମୀପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମା'ମଙ୍ଗଳାଙ୍କ ଘଟ ପରିକ୍ରମା ଉତ୍ସବ, ସ୍ଥାନ: ମନ୍ଦିର ପରିସର, ସେମିଲିଗୁଡ଼ା ଗୋପବନ୍ଧୁ ନଗର, ସମୟ: ଅପରାହ୍ନ ୩ଟା।
- ମା'ଶୀତଳା ଠାକୁରାଣୀଙ୍କ ଘଟଯାତ୍ରା, ସ୍ଥାନ: କୋଟପାଡ଼, ସମୟ: ସନ୍ଧ୍ୟା ୬ଟା।

**ମାଲକାନଗିରି**
- ବାସନ୍ତୀ ପୂଜା ଆରମ୍ଭ, ସ୍ଥାନ: ଏମ୍‌ଭି -୧୦୮, ଏମ୍‌ଭି -୩୩ ଗ୍ରାମ, କୋରୁକୋଣ୍ଡା ବ୍ଲକ୍, ସମୟ: ସକାଳ ୬ଟା।

**ସମ୍ବଲପୁର**
- ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁଙ୍କ ୧୨୫ତମ ଜୟନ୍ତୀ ଉପଲକ୍ଷେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ : ମନ୍ଦଲିଆ ସ୍ଥିତ ପ୍ରତିମୂର୍ତ୍ତି ସ୍ଥଳ, ସମୟ : ସକାଳ ୮ଟା।
- ବାବା ବିଶାସହେ କୁଳତା ସମାଜ ପକ୍ଷରୁ ଚୈତ୍ର ନବରାତ୍ର ମହୋତ୍ସବରେ ଚଣ୍ଡୀପାଠ, ସ୍ଥାନ: ଠେମରା ସ୍ଥିତ ରାମଚଣ୍ଡୀ ପୀଠ, ସମୟ: ସକାଳ ୮ଟା।
- ମା'ମଙ୍ଗଳାଙ୍କ ବାସନ୍ତିକ ନବଦିନାତ୍ମକ ପୂଜା ଉପଲକ୍ଷେ ଚଣ୍ଡିପାଠ ଓ ଷଷ୍ଠୀ ପୂଜା, ସ୍ଥାନ: ଭୁତାପଡା, ସମୟ: ସକାଳ ୮ଟା ୩୦।
- ମା'କାମାକ୍ଷା ଦେବୀଙ୍କ ବାସନ୍ତିକ ନବଦିନାତ୍ମକରେ କାତ୍ୟାୟିନୀ ପୂଜା, ସ୍ଥାନ: ବୈଦାରନୂଆପାଲି କାମାକ୍ଷା ବିହାର, ସମୟ: ପୂର୍ବାହ୍ନ ୧୧ଟା।
- ଯବାନ ଇ ହିନ୍ଦ କ୍ଲବ ଆୟୋଜିତ ଚଳଚ୍ଚିତ୍ର ପ୍ରଚ୍ଛଦପଟ୍ଟ ଗାୟିକା ଲତା ମଙ୍ଗେସକର ସଙ୍ଗୀତ ନାଇଟ ସକାଶେ କଳାକାରଙ୍କ ଅଭ୍ୟାସ କାର୍ଯ୍ୟକ୍ରମ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ସନ୍ଧ୍ୟା ୭ଟା।

**ବଲାଙ୍ଗୀର**
- ସ୍ପୋର୍ଟସ୍ ହଷ୍ଟେଲ ଛାତ୍ରଙ୍କ ଫୁଟ୍‌ବଲ ପ୍ରଶିକ୍ଷଣ, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୭ଟା।

**ରାଉରକେଲା**
- ଚୈତ୍ର ନବରାତ୍ରି, ସ୍ଥାନ: ଜଗଦା ମାଁ ବାଟ ମଙ୍ଗଳା ମନ୍ଦିର, ସମୟ: ସକାଳ ୭ଟା।
- ବାସନ୍ତୀକ ଦୁର୍ଗାପୂଜା ପୀଠେ ଷଷ୍ଠୀ, ସ୍ଥାନ: ସେକ୍ଟର-୩ ବାସନ୍ତୀ ପଡ଼ିଆ, ସମୟ: ସକାଳ ୮ଟା।
- କିଶୋରୀ ରତୁସ୍ରାବ ଜନିତ ସଚେତନତା କର୍ମଶାଳା, ସ୍ଥାନ: ସେକ୍ଟର-୧୪ ଡିପିଏସ ସ୍କୁଲ, ସମୟ: ସକାଳ ୮ଟା ୪୫।
- ଶିକ୍ଷାୟନ ଓ ଶୈକ୍ଷିକ କର୍ମଶାଳା, ସ୍ଥାନ: ରାଉରକେଲା ଏନ୍‌ଆଇଟି ପ୍ରାଣକୃଷ୍ଣ ପରିଜା ଅଡିଟୋରିୟମ୍, ସମୟ: ପୂର୍ବାହ୍ନ ୧୦ଟା।

**ସୁନ୍ଦରଗଡ଼**
- ଜିଲା ସ୍ତରୀୟ ଆଶା,ଗାଁ କଲ୍ୟାଣ ସମିତି ସମ୍ମେଳନ,ସ୍ଥାନ: ମାଡ୍ରିକାଲୋ ଭବନ,ସମୟ:ପୂର୍ବାହ୍ନ ୧୦ଟା।

**ବରଗଡ଼**
- ଚୈତ୍ର ନବରାତ୍ର ବାସନ୍ତୀକ ପୂଜା, ସ୍ଥାନ:ସମଲେଶ୍ୱରୀ ମନ୍ଦିର, ବରଗଡ଼,ସମୟ:ସକାଳ ୬ଟା।
- ହନୁମାନ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ପଧାନପାଲି, ବରଗଡ଼,ସମୟ:ସକାଳ ୬ଟା।
- ବାବା ବିଶ୍ୱନାଥ ଶିବ ମନ୍ଦିର ପ୍ରତିଷ୍ଠା ମହୋତ୍ସବ,ସ୍ଥାନ:ସନ୍ଧିବାହାଲ, ଗାଇସିଲେଟ,ସମୟ: ସକାଳ ୬ଟା।
- ବାସନ୍ତିକ ନବରାତ୍ର ଦୁର୍ଗାପୂଜା, ସ୍ଥାନ:ଦୁର୍ଗା ମନ୍ଦିର, ସୋହେଲା,ସମୟ:ସକାଳ ୭ଟା।
- ସମଲେଇ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ:ଗାଇସୀମା, ବରଗଡ଼, ସମୟ:ସକାଳ ୮ଟା।
- ରାମାୟଣ ପାରାୟଣ,ରାମଜୀ ମଠ, ଗାଇସିଲେଟ,ସମୟ:ସକାଳ ୯ଟା।
- ନୃସିଂହନାଥ ମହାପ୍ରଭୁଙ୍କ ଜନ୍ମୋତ୍ସବ ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ନୃସିଂହନାଥ ମନ୍ଦିର ସମ୍ମିଳନୀ କକ୍ଷ, ପାଇକମାଳ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ଯାଦବ ସାଂସ୍କୃତିକ ସମାଜର କଲ୍ୟାଣ ମଣ୍ଡପ ଉଦ୍‌ଘାଟନୀ ସମାରୋହ, ସ୍ଥାନ: ଘୁଲିପାଲି, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ ଉଚ୍ଛ-୨୦୨୬, ସ୍ଥାନ: ଚେତନା ମଣ୍ଡପ, ସୋହେଲା, ସମୟ: ରାତି ୮ଟା ୩୦।

**କଳାହାଣ୍ଡି**
- ବିଶ୍ୱ ଟିବି ନିରାକରଣ ଦିବସ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଦ୍ୱିତୀୟ ପର୍ଯ୍ୟାୟ ଜନଗଣନା ତାଲିମ ଶିବିର, ସ୍ଥାନ: ଭବାନୀପାଟଣା ମ୍ୟୁନିସିପାଲ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।

**ବୌଦ୍ଧ**
- ବୌଦ୍ଧରେ ବିଶ୍ୱ ଯକ୍ଷ୍ମା ଦିବସ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ଟାଉନ ହଲ ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା ୩୦।

**ଦେବଗଡ଼**
- ବାସନ୍ତିକ ନବରାତ୍ର ପୂଜାର ଷଷ୍ଠ ଦିବସ,ସ୍ଥାନ: ଦେବଗଡ଼ ସହର ମା' କନକଦୁର୍ଗା, ମା' ଦକ୍ଷିଣକାଳୀ ଓ ଶନି ମନ୍ଦିର, ସମୟ: ସକାଳ ୯ଟା।

**ସୁବର୍ଣ୍ଣପୁର**
- ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଗୌଡ଼ଗାଡ, ବୀରମହାରାଜପୁର, ସମୟ: ସକାଳ ୮ଟା।
- ସୁବର୍ଣ୍ଣପୁରରେ ଡ. ପ୍ରବୀଣ ଭାଇ ତୋଗାଡ଼ିଆଙ୍କ ବୁଦ୍ଧିଜୀବୀ ସମ୍ମିଳନୀ, ସ୍ଥାନ: ଯୋଗାଳୟ ପରିସର, ସମୟ: ସନ୍ଧ୍ୟା ୬ଟା।

**ନୂଆପଡ଼ା**
- ଲିଟିଲ ଷ୍ଟାର ପବ୍ଲିକ ସ୍କୁଲ ୧୩ତମ ବାର୍ଷିକ ଉତ୍ସବ, ସ୍ଥାନ: ଏଲ୍‌ଏସ୍‌ପିଏସ୍ ଖଡିଆଳ, ସମୟ: ଅପରାହ୍ନ ୪ଟା।
- ସୋରୀ ବଂଶର ଶୀଶ୍ରୀ ବୁଢାଦେଓଙ୍କ ଗାଦିଯାତ୍ରା ଅବସରରେ ନିଶିପୂଜା, ସ୍ଥାନ: କୋମନା ବ୍ଲକ ବୃନ୍ଦିକୋମନା ପଞ୍ଚାୟତ ପଣ୍ଡରାପଥର ଗାଁ, ସମୟ: ଅପରାହ୍ନ ୫ଟା।

**ଝାରସୁଗୁଡ଼ା**
- ମା' କାତ୍ୟାୟିନୀଙ୍କ ପୂଜା, ସ୍ଥାନ: ବେହେରାମାଲ ଦୁର୍ଗାମନ୍ଦିର, ସମୟ: ସକାଳ ୮ଟା।
- କନକଦୁର୍ଗା ମନ୍ଦିରରେ ବାସନ୍ତିକ ଦୁର୍ଗାପୂଜା, ସ୍ଥାନ: କନକ ଦୁର୍ଗାମନ୍ଦିର, ରେଳ ଷ୍ଟେଶନ ଛକ, ଝାରସୁଗୁଡ଼ା, ସମୟ: ସକାଳ ୮ଟା।

# ୭୦୦କୋଟି ଟପିଲା ଧୁରନ୍ଧର-୨

**ମୁମ୍ବାଇ:** ରଣବୀର ସିଂଙ୍କ ଅଭିନୀତ ତଥା ଆଦିତ୍ୟ ଧରଙ୍କ ନିର୍ଦ୍ଦେଶିତ 'ଧୁରନ୍ଧର-୨' ଏବେ ସବୁଠି ପ୍ରଶଂସା ସାଉଁଟି ଚାଲିଛି। ବକ୍ସ ଅଫିସରେ ଜୟଯାତ୍ରା ଜାରି ରଖିଥିବାବେଳେ ଏହି ସ୍ପାଏ ଆକ୍ସନ ଫିଲ୍ମଟି ଭାରତରେ ୧୨୧ କୋଟି ଟଙ୍କାର ନିଟ୍ ସଂଗ୍ରହ ରେକର୍ଡ କରିଛି, ଯାହା ଏହାର ପ୍ରଥମ ସପ୍ତାହାନ୍ତରେ ଘରୋଇ ନିଟ୍ ଆୟ ୪୬୬ କୋଟି ଟଙ୍କାରେ ପହଞ୍ଚିଛି। ଏହି ଫିଲ୍ମର ବିଦେଶ କାରବାର ୨୧୧ କୋଟି ଟଙ୍କା ହୋଇଥିବାବେଳେ ମୋଟ ଆୟ ୭୬୧ କୋଟି ଟଙ୍କାରେ ପହଞ୍ଚିଥିବା ଜଣାପଡ଼ିଛି।



ରଣବୀର ସିଂ



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଖାରୁ ଚୋପି**
**ବେଲକାଳ ଦେଖି ଗଡ଼ିଲେ ଗୋପୀ।**

ଈପ୍ସିତ ଇଚ୍ଛା ପୂରଣ କରିବା ପାଇଁ ସ୍ୱାର୍ଥସନ୍ଧିତ୍ସୁ ବ୍ୟକ୍ତି ବେଲକାଳ ଉଣ୍ଡି ପହଞ୍ଚି ଯାଇଥାନ୍ତି। କେତେବେଳେ ଆସିଲେ ମନୋବାଞ୍ଛା ଅଚିରେ ପୂରଣ ହୋଇପାରିବ, ସେ ବିଦ୍ୟା ତାଙ୍କୁ ବେଶ୍ ଭଲଭାବେ ଜଣାଯାଇଥାଏ। ପରୋକ୍ଷରେ ନିଜ ମନର ମଣିଷ ସହ ଭେଟ କରିବାର ପ୍ରକୃଷ୍ଟ ସମୟ ପ୍ରେମୀ ପାଖେ ଅଛପା ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କୁଡ଼ିଆ ଘରର କାନ୍ଥ**
**ମୋତେ ନ ବୋଲିବୁ ପାକୋଇ ବୋଲି**
**ସରସାରେ ଗଲା ଦାନ୍ତ**

ସାଧାରଣତଃ ମହିଳାମାନେ ନିଜ ପ୍ରକୃତ ବୟସକୁ ଅନ୍ୟ ଆଗରେ ପ୍ରକାଶ ଲାଗି କୁଣ୍ଠାବୋଧ କରିଥାନ୍ତି। ଏପରିସ୍ଥିତିରେ ବାର୍ଦ୍ଧକ୍ୟ ଅବସ୍ଥାରେ ଉପନୀତ ହୋଇଥିବା ମହିଳା ନିଜ ବୟସକୁ ଲୁଚାଇ ରଖିବା ନେଇ ଅପଚେଷ୍ଟା କରି ବସୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଆମେରିକାର ପଛଘୁଞ୍ଚା...

ଆକ୍ରମଣ କରିବ ବୋଲି ଟ୍ରମ୍ପ ରବିବାର ଧମକ ଦେଇଥିଲେ। କିନ୍ତୁ ଟ୍ରମ୍ପଙ୍କ ଧମକକୁ ନେଇ ଇରାନ୍ ଆଦୌ ବିଚଳିତ ନ ହେବା ସହ ଆମେରିକା ଆକ୍ରମଣ କଲେ ହର୍ମୁଜ୍ ଷ୍ଟ୍ରେଟ୍‌କୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯିବ ବୋଲି ଇରାନ୍ ପାଲଟା ଧମକ ଦେଇଥିଲା। ଏହାଛଡ଼ା ଉପସାଗରୀୟ ଦେଶଗୁଡିକର ତୈଳ ଓ ଗ୍ୟାସ୍ ପ୍ରକଳ୍ପ ଉପରେ ଜୋରଦାର୍ ଆକ୍ରମଣ କରାଯିବା ସହ ସେହିସବୁ ଦେଶର ୱାଟର୍ ଡିସାଲାଇନେଶନ ପ୍ଲାଣ୍ଟ ଉପରେ ଆକ୍ରମଣ କରି ପାନୀୟଜଳ ଯୋଗାଣ ବନ୍ଦ କରିଦେବାକୁ ଇରାନ୍ ଧମକ ଦେଇଥିଲା। ଏହାଛଡ଼ା ଉପସାଗରୀୟ ଦେଶଗୁଡ଼ିକରେ ମାଇନ୍ସ ଲଗାଇ ଆକ୍ରମଣ କରାଯିବ ବୋଲି ମଧ୍ୟ ଇରାନ୍ ଧମକ ଦେଇଥିଲା। ସୋମବାର ରାତିରେ ଟ୍ରମ୍ପଙ୍କ ୪୮ ଘଣ୍ଟିଆ ମହଲତ୍ ଶେଷ ହେବାକୁ ଯାଉଥିଲାବେଳେ ଯୁଦ୍ଧ ସ୍ଥିତି ଆହୁରି ଭୟଙ୍କର ରୂପ ନେବବୋଲି ଆଶଙ୍କା ବଢ଼ିଥିଲା। ହେଲେ ଏହାର କିଛି ଘଣ୍ଟା ପୂର୍ବରୁ ଟ୍ରମ୍ପ ଯୁଦ୍ଧ ବିରତି ଘୋଷଣା କରିଛନ୍ତି।

## ଅଶୋଧିତ ତୈଳ...

ହେଲେ ଇରାନ୍ ସହ ହୋଇଥିବା ଆଲୋଚନା ଫଳପ୍ରଦ ହୋଇଛି ଏବଂ ଆଗକୁ ମଧ୍ୟପ୍ରାଚ୍ୟ ସ୍ଥିତି ସ୍ୱାଭାବିକ କରିବା ଲାଗି ପଥ ଉନ୍ମୁକ୍ତ ହୋଇଛି ବୋଲି ଟ୍ରମ୍ପ 'ଟ୍ରୁଥ୍' ସୋସିଆଲ ମିଡିଆରେ ପୋଷ୍ଟ କରିବା ପରେ ଏହାର ପ୍ରଭାବ ତୁରନ୍ତ ତୈଳ ବଜାର ଉପରେ ଅନୁଭୂତ ହେବା ସହ ବ୍ରେଣ୍ଟ କ୍ରୁଡ୍ ମୂଲ୍ୟରେ ହ୍ରାସ ଘଟିବା ଆରମ୍ଭ ହୋଇଥିଲା। ଅପରାହ୍ନ ସୁଦ୍ଧା ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ପୂର୍ବ ତୁଳନାରେ ୭.୭ ପ୍ରତିଶତ କମ୍ ରହିବା ସହ ହ୍ରାସ ଧାରା ଜାରି ରହିଥିଲା। ତେବେ କାରବର ଶେଷ ସୁଦ୍ଧା ବ୍ରେଣ୍ଟ କ୍ରୁଡ୍ ମୂଲ୍ୟରେ ଅନ୍ୟୂନ ୧୩ ପ୍ରତିଶତ ହ୍ରାସ ଘଟି ଏହାର ବ୍ୟାରେଲ ପିଛା ମୂଲ୍ୟ ୧୦୦ ଡଲାର ପାଖାପାଖି ରହିଥିବା ଜଣାପଡ଼ିଛି।

## ୧ ଡଲାର...

ନିରନ୍ତର ଅଂଶଧନ ବିକ୍ରି କରିଚାଲିଥିବାରୁ ଟଙ୍କା ମୂଲ୍ୟ ନିମ୍ନଗାମୀ ହୋଇଚାଲିଥିଲା। ଆମେରିକୀୟ ଡଲାର ଶକ୍ତିଶାଳୀ ହେଉଥିବାବେଳେ ଘରୋଇ ଶେୟାର ବଜାରରେ ଅବନତି ଯୋଗୁ ଟଙ୍କା ମୂଲ୍ୟ କମୁଥିବା ଫରେକ୍ସ ଟ୍ରେଡରମାନେ କହିଥିଲେ। ତେବେ ଅଶୋଧିତ ତୈଳ ଦର ହ୍ରାସ ପାଇବାରୁ ଡଲାର ତୁଳନାରେ ଟଙ୍କା ମୂଲ୍ୟ ସର୍ବନିମ୍ନ ସ୍ତରରୁ ବୃଦ୍ଧି ପାଇ ୯୩.୫୩ରେ ପହଞ୍ଚିଥିଲା।

ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜରେ ସୋମବାର କାରବାର ଆରମ୍ଭରେ ଟଙ୍କା ମୂଲ୍ୟ ୯୩.୮୪ ଥିବାବେଳେ କ୍ରମେ ଏହା ୯୪ ମାର୍କ ଅତିକ୍ରମ କରି ଡଲାର ତୁଳନାରେ ଅସ୍ଥାୟୀ ଭାବେ ୯୪.୦୩ରେ ପହଞ୍ଚିଥିଲା। ପରେ ଏହା୯୩.୫୩କୁ

## ପ୍ରଥମ ପୃଷ୍ଠାରୁ...

ବୃଦ୍ଧି ପାଇଥିଲା। ଗତ ଶୁକ୍ରବାର ଡଲାର ତୁଳନାରେ ଟଙ୍କା ମୂଲ୍ୟ ୬୪ ପଇସା ହ୍ରାସ ପାଇ ୯୩.୫୩ ରହିଥିଲା। ପଶ୍ଚିମ ଏସିଆରେ ଭୂରାଜନୈତିକ ଉତ୍ତେଜନା ବଢ଼ିଚାଲିଥିବାବେଳେ ଘରୋଇ ମାର୍କେଟ ଦୁର୍ବଳ ରହିଛି। ଏଥିସହିତ ବିଦେଶୀ ପୁଞ୍ଜି ପ୍ରତ୍ୟାହାର ଯୋଗୁ ଟଙ୍କା ମୂଲ୍ୟ ହ୍ରାସ ପାଉଥିବା ମିରାଏ ଆସେଟ୍ ଶେୟାରଖାନ୍‌ର ରିସର୍ଚ୍ଚ ଆନାଲିଷ୍ଟ ଅନୁଜ ଚୌଧରୀ କହିଛନ୍ତି। ଡଲାର ତୁଳନାରେ ଟଙ୍କା ମୂଲ୍ୟ ୯୩.୬୦ରୁ ୯୪.୪୦ ମଧ୍ୟରେ ରହିବ ବୋଲି ସେ ଆଶା କରିଛନ୍ତି। ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ସେନ୍‌ସେକ୍ସ ୧,୮୩୬.୫୭ ପଏଣ୍ଟ ବା ୨.୪୬ ପ୍ରତିଶତ ହ୍ରାସ ପାଇ ୭୨,୬୯୬.୩୯ ପଏଣ୍ଟ ଥିବାବେଳେ ଏନ୍‌ଏସ୍‌ଇ ନିଫ୍ଟି ୪୮୪.୩୦ ପଏଣ୍ଟ ବା ୨.୧୦ ପ୍ରତିଶତ ହ୍ରାସ ପାଇ ୨୨,୬୩୦.୨୦ ପଏଣ୍ଟ ରହିଛି। ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ) ଶୁକ୍ରବାର ୫,୫୧୮.୩୯ କୋଟି ଟଙ୍କାର ଅଂଶଧନ ବିକ୍ରି କରିଥିବା ଏକ୍ସଚେଞ୍ଜ ତଥ୍ୟରୁ ଜଣାପଡ଼ିଛି।

## ମେ' ୨୯ରେ...

ଜାତି ବିଷୟ ଆଦି ପରବର୍ତ୍ତୀ ସମୟରେ ପରିବର୍ତ୍ତନ କରାଯାଇପାରିବ ନାହିଁ। ପ୍ରାର୍ଥୀମାନେ ସେମାନଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟ ମିଥ୍ୟା ବା ଅସତ୍ୟ ଜଣାପଡିଲେ ତାଙ୍କର ଆବେଦନକୁ ନାକଚ କରାଯିବା ସହ ତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ରାଜ୍ୟରେ ଅଛନ୍ତି...

କିଛି ଅଞ୍ଚଳରେ ପ୍ରାୟ ୧୫ଜଣ ମାଓବାଦୀଙ୍କ ଉପସ୍ଥିତି ରହିଛି। ଏହାବ୍ୟତୀତ ରାଜ୍ୟର ଅନ୍ୟ କୌଣସି ଅଞ୍ଚଳରେ ମାଓବାଦୀମାନଙ୍କର ଉପସ୍ଥିତି ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ତଥ୍ୟ ଅନୁଯାୟୀ, ଗତ ୨ ବର୍ଷ ମଧ୍ୟରେ ରାଜ୍ୟରେ ୯୬ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କୁ ସମାଜର ମୁଖ୍ୟସ୍ରୋତକୁ ଫେରାଇ ଆଣିବା ପାଇଁ ରାଜ୍ୟ ସରକାରଙ୍କ 'ଆତ୍ମ-ସମର୍ପଣ ଏବଂ ପୁନର୍ବାସ' ନୀତି ଅନୁଯାୟୀ ଆର୍ଥିକ ସହାୟତା, ବାସଗୃହ, ମାସିକ ଷ୍ଟାଇପେଣ୍ଡ ସହିତ ସର୍ବାଧିକ ୩୬ ମାସ ପର୍ଯ୍ୟନ୍ତ ଧନ୍ଦାମୂଳକ ତାଲିମ, ବିବାହ ସହାୟତା, ସ୍ୱାସ୍ଥ୍ୟ କାର୍ଡ, ରାଶନ କାର୍ଡ ଆଦି ପ୍ରଦାନ କରାଯାଉଛି। ଏହି ପରିପ୍ରେକ୍ଷୀରେ ୨୦୨୬ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଓଡ଼ିଶାକୁ ସମ୍ପୂର୍ଣ୍ଣ ଭାବରେ ମାଓବାଦୀମୁକ୍ତ ରାଜ୍ୟ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

ସୂଚନାଯୋଗ୍ୟ, ମାର୍ଚ୍ଚ୬ରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଓଡ଼ିଶା ଗସ୍ତରେ ଆସି କହିଥିଲେ, ମାଓବାଦୀ ବିରୋଧରେ କେନ୍ଦ୍ର ଏବଂ ଓଡ଼ିଶା ସରକାରଙ୍କ ପକ୍ଷରୁ ଯେଉଁ ଅଭିଯାନ ଆରମ୍ଭ ହୋଇଥିଲା ତାହା ଏବେ ସଫଳ ହେବାକୁ ଯାଉଛି। ମାର୍ଚ୍ଚ ୩୧ ସୁଦ୍ଧା ଓଡ଼ିଶା ସମେତ ସାରା ଦେଶ ମାଓବାଦୀମୁକ୍ତ ହେବ। ସାରା ଦେଶ ମାଓବାଦୀମୁକ୍ତ ହେବା ପରେ ପ୍ରଭାବିତ ଅଞ୍ଚଳରେ ବିକାଶ ତ୍ୱରାନ୍ୱିତ ହେବ।

## ରିପୋର୍ଟ ଲୋଡ଼ିଲା...

ଇଞ୍ଜିନିୟରିଂ ବିଭାଗ ପାଇଁ ପୂର୍ବରୁ ଭିତ୍ତିପ୍ରସ୍ତର ପଡ଼ିଥିବାରୁ, ନୂତନ ଭବନଗୁଡ଼ିକୁ ସେଠାରେ ସହଜରେ ନିର୍ମାଣ କରାଯାଇପାରିବ। କିନ୍ତୁ ଏହା ପରିବର୍ତ୍ତେ ଏନ୍‌ଆଇଟି ପ୍ରଶାସନ ଅନ୍ୟ ଏକ ସ୍ଥାନରେ ଗଛ କାଟିବା ପ୍ରସ୍ତାବ ରଖିଛନ୍ତି। ଏନ୍‌ଆଇଟି ପ୍ରଶାସନକୁ ନୂତନ ଭବନ ପ୍ରକଳ୍ପକୁ ପୁନଃବିଚାର କରି ବିକଳ୍ପ ସ୍ଥାନ ଖୋଜିବାକୁ ନିର୍ଦ୍ଦେଶ ଦେବାକୁ ଅଳୟ ଅନୁରୋଧ କରିଥିଲେ।

## ଜୟଦେବ ଜେନାଙ୍କୁ ହତ୍ୟା...

ରାକେଶ ନଟିଆ(୨୯)। ସୂଚନାଯୋଗ୍ୟ, ପୂର୍ବତନ ବିଧାୟକ ଜେନାଙ୍କୁ ମୋବାଇଲ ନମ୍ବର ୮୯୮୪୭୯୦୩୭୨ରୁ ହ୍ୱାଟ୍ସଆପ ଯୋଗେ ମେସେଜ ମାଧ୍ୟମରେ ହତ୍ୟା ଧମକ ଆସିଥିଲା। ଏହାକୁ ନେଇ ସେ ହାଟଡ଼ିହୀ ବ୍ଲକ୍ ନନ୍ଦିପଦା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା(ନଂ.୧୦୪ /୨୬)ରୁଜୁ କରିଥିଲା। କେନ୍ଦୁଝର ଏସ୍‌ପି ନୀତିନ କୁଶଲ ଦାଗଡୁଙ୍କ ନିର୍ଦ୍ଦେଶ କ୍ରମେ ଆନନ୍ଦପୁର ଏସ୍‌ଡିପିଓ କମଳ କୁମାର ପଣ୍ଡା ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ପଣ୍ଡାଙ୍କ ତତ୍ତ୍ୱାବଧାନରେ ନନ୍ଦିପଦା ପୋଲିସ ଏବଂ ଅନ୍ୟ ପୋଲିସ କର୍ମଚାରୀଙ୍କୁ ନେଇ ବିଭିନ୍ନ ଟିମ୍ ଗଠନ ହୋଇଥିଲା। ଟିମ୍‌ରେ ଥିବା ନନ୍ଦିପଦା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି, ଇନ୍ସପେକ୍ଟର ବଳିଆ ବାରିକ, ଏସ୍‌ଆଇ ସୁଷମା ସୁନ୍ଦରୀ ସେଠୀ, ଗୋପାଳ ମିଶ୍ର ପ୍ରମୁଖଙ୍କ ସମେତ ପୋଲିସ କର୍ମଚାରୀମାନେ ଅଭିଯୁକ୍ତଙ୍କ ଗାଁରେ ଚଢ଼ାଉ କରି ଧରିବାରେ ସକ୍ଷମ ହୋଇଛନ୍ତି। ଆନନ୍ଦପୁର ଏସ୍‌ଡିପିଓ କମଳ କୁମାର ପଣ୍ଡା କହିଛନ୍ତି, ଅଭିଯୁକ୍ତ ରାକେଶ ନଟିଆ ଗତ ପଞ୍ଚାୟତ ନିର୍ବାଚନରେ କଂଗ୍ରେସ ସମର୍ଥିତ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ। ୫୦ ଖଣ୍ଡ ଭୋଟ ପାଇ ପରାଜିତ ହୋଇଥିଲେ। ରାକେଶଙ୍କ ପ୍ରରୋଚନାରେ ହରମୋହନ ଏପରି ଧମକ ଦେଇଥିବା ତଦନ୍ତ ସମୟରେ ଜଣାପଡ଼ିଛି।

## ୧୦ ଦେଶକୁ....

୨୦୨୬-୨୭ ବର୍ଷ ପାଇଁ ଏହି ଯୋଜନାରେ ୬୦୮୮.୪୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଗତ ୧୩ ତାରିଖ ସୁଦ୍ଧା ରାଜ୍ୟର ୩୪.୨୪ ଲକ୍ଷ ହିତାଧିକାରୀଙ୍କୁ ପି.ଏମ୍ କିଷାନ ଯୋଜନାର ୨୨ ତମ କିସ୍ତି ବଣ୍ଟାଯାଇଛି। ରାଜ୍ୟରେ ୧୦ ଜଣ ଉଦ୍ୟୋଗୀଙ୍କୁ ୨୯,୭୫୮ ଟନ୍ କ୍ଷମତା ବିଶିଷ୍ଟ ଶୀତଳ ଭଣ୍ଡାର ପ୍ରତିଷ୍ଠା ଲାଗି ୮୩.୧୭ କୋଟି ଟଙ୍କାର କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିବା ସେ କହିଛନ୍ତି। ଶେଷରେ ଗୃହରେ କୃଷି ବିଭାଗର ୧୫,୦୩୯.୮୯ କୋଟି ଟଙ୍କାର ଖର୍ଚ୍ଚଦାବି ପାରିତ ହୋଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଧନଭାବସ୍ଥ ଚନ୍ଦ୍ର ପ୍ରଭାବରେ ଆଜି ପାରିବାରିକ ସ୍ଥିତି, କର୍ମକ୍ଷେତ୍ର ଓ ଅର୍ଥ ସମ୍ପର୍କ ଭଲ ରହିବ। ମିତ୍ରମାନେ ପ୍ରଶଂସା ଗାଇ କାମ ହାସଲର ଅପଚେଷ୍ଟା କରିପାରନ୍ତି। ତଥାପି ଏକ ନିର୍ଦ୍ଦିଷ୍ଟ କାମ ସକାଶେ ରଖିଥିବା ଧନ ଭିନ୍ନ ବାଟରେ ଖର୍ଚ୍ଚ ହୋଇଯାଇପାରେ। ଅବହେଳାଜନିତ କର୍ମକ୍ଷେତ୍ରରେ ଉପରିସ୍ଥ କର୍ମଚାରୀଙ୍କ ରୋଷର ଶିକାର ହୋଇପାରନ୍ତି।

**ବୃଷ** ରାଶିରେ ଚନ୍ଦ୍ରଙ୍କ ସ୍ଥିତି ବିଭିନ୍ନ ପ୍ରକାର କାମର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ଦୀର୍ଘଦିନରୁ ଅପେକ୍ଷା କରିଥିବା ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଖୁସି ରହିବେ। ରବି ଓ ଚନ୍ଦ୍ରଙ୍କ ସ୍ଥିତିଜନିତ ଉଚ୍ଚ ଆଶା ଅବଶ୍ୟ ପୂରଣହେବା ଆଶା କରାଯାଇପାରେ।

**ମିଥୁନ** ଏକାଦଶଭାବରେ ରବିଙ୍କ ସ୍ଥିତି ପ୍ରଭାବରେ ବନ୍ଧୁ ସମ୍ପର୍କ ସୃଷ୍ଟି ସୂଚନା ରହିଛି। ସଂଗଠନ, ରାଜନୀତି କିମ୍ବା ଆନୁଷ୍ଠାନିକ କାମରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ସହକର୍ମୀଙ୍କ ସାହାଯ୍ୟର ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଏବଂ ପରିବହନ ପରିପ୍ରେକ୍ଷୀରେ ଭ୍ରମଣ ସୁଯୋଗ ଲାଭ କରିବେ।

**କର୍କଟ** କର୍ମାଧିପ ଏକାଦଶସ୍ଥ ଯୋଗୁ ପ୍ରତ୍ୟେକ କାର୍ଯ୍ୟ କୁଶଳତାର ସହ ସମାପନ କରିପାରିବେ। ଆତ୍ମୀୟଙ୍କ ସାହାଯ୍ୟରେ ପାରିବାରିକ ସମସ୍ୟା ସମାଧାନ ହେବା କଷ୍ଟକର ହେବ। କର୍ମାରମ୍ଭରେ ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ସମ୍ପୂର୍ଣ୍ଣ ହେବ ନାହିଁ। ବନ୍ଧୁଙ୍କ ପରାମର୍ଶରେ ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି।

**ସିଂହ** କର୍ମକ୍ଷେତ୍ରରେ ଫାଇଲ୍ କାମରେ ବ୍ୟସ୍ତ ରହିବା ସହ ଅଧିକାଂଶ ଟେନ୍‌ସନ ଲାଗି ରହିବ। ମାଙ୍ଗଳିକ କାମ ପରିପ୍ରେକ୍ଷୀରେ ଘରୋଇ ସମସ୍ୟା ସମାଧାନ ପାଇଁ ଚେଷ୍ଟା କରିପାରନ୍ତି। ଯାତ୍ରା ସମୟରେ ସତର୍କତା ଅବଲମ୍ବନ ନ କଲେ ବିବାଦରେ ପଡ଼ିବେ। କ୍ରୀଡ଼ା, ସଙ୍ଗୀତ, ଯାତ୍ରା, ବାଣିଜ୍ୟ, ରାଜନୀତିରୁ ପ୍ରଶଂସିତ ହେବେ।

**କନ୍ୟା** ବୁଧଙ୍କ ଅଶୁଭତ୍ୱରୁ ଯେତେ ଭଲ କାମ କଲେ ମଧ୍ୟ କର୍ମକ୍ଷେତ୍ରରୁ ଅଭିଯୋଗ ଆସିବ। ଆତ୍ମୀୟଙ୍କ ଅସହଯୋଗରୁ ଦୁର୍ବଳ କାର୍ଯ୍ୟରେ ବ୍ୟସ୍ତତା ବୃଦ୍ଧିପାଇବ। ବନ୍ଧୁଙ୍କ ନିକଟରୁ ବକେୟା ଆଦାୟକୁ କେନ୍ଦ୍ରକରି ଝଗଡ଼ା ସୃଷ୍ଟି ହୋଇପାରେ। ଔଷଧ, ବହିପତ୍ର, ଲୁଗାପଟା ଦୋକାନ ତଥା ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ।

**ତୁଳା** ଉଚ୍ଚସ୍ଥ ଶୁକ୍ର ପସନ୍ଦପୂର୍ଣ୍ଣ କରାଇବାରେ ସୁନ୍ଦର ପରିବେଶ ସୃଷ୍ଟି କରିପାରନ୍ତି। ଭୁଲ୍ ବୁଝାମଣାରେ ନିକଟସ୍ଥ ବ୍ୟକ୍ତିଙ୍କ ଆପଣଙ୍କ ପ୍ରତି ଥିବା ମନୋଭାବ ବଦଳିଯାଇପାରେ। କଚେରି ମାମଲା କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। କଳହ ଲାଗିଥିବା ସହକର୍ମୀଟି ପ୍ରତି ସତର୍କ ନ ରହିଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

**ବିଛା** ସ୍ୱାସ୍ଥ୍ୟହାନି ସାଙ୍ଗକୁ ବିଭିନ୍ନ ପ୍ରକାର ଦୁଶ୍ଚିନ୍ତା କାରଣରୁ ମନୋବଳ କ୍ରମଶଃ ହ୍ରାସପାଇବ। ତଥାପି ଆପଣ ମନ ବୁଝିଲା ଭଳି କଥା କହି ପାଖ ପଡ଼ୋଶୀଙ୍କୁ ଆପଣେଇ ନେବେ। ସକାଳ ସମୟରେ ଶୁଣା କଥାକୁ ବିଶ୍ୱାସକରି ଟେନ୍‌ସନ ବଢ଼ିପାରେ। ପରିଜନଙ୍କ ସହ ଅଧିକ ଭ୍ରମଣ ଯୋଗୁ କ୍ଲାନ୍ତି ଓ ଆଳସ୍ୟ ଅନୁଭବ କରିପାରନ୍ତି।

**ଧନୁ** ଆପଣଙ୍କୁ ସହାନୁଭୂତି ଦେଖାଇ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି। ଚେଷ୍ଟା କରୁଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବାରେ ବିଶିଷ୍ଟ ବ୍ୟକ୍ତିଙ୍କ ପରାମର୍ଶ ସାହାଯ୍ୟ କରିବ। ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ବିପଦ ଘଟିବା ସମ୍ଭାବନା ନାହିଁ। ଅନ୍ୟ ଉପରେ ଦୋଷ ଢାଳିବାକୁ ଚେଷ୍ଟାକଲେ ସମାଲୋଚିତ ହେବାକୁ ପଡ଼ିପାରେ।

**ମକର** ପରିବାରରେ କୁହୁଳୁଥିବା ଅଶାନ୍ତି ହଠାତ୍ ପରିବେଶକୁ ବଦଳାଇ ଦେଇପାରେ। ପରିବାରର ଆବଶ୍ୟକତା ପୂରଣ ସକାଶେ ଧାରକରଜ କରି କାମ ତୁଲାଇ ନେବେ। ଈର୍ଷାପରାୟଣ ମନୋଭାବ ପୋଷଣକରି ସମ୍ପର୍କୀୟ ଟାହିଟାପରା କରିପାରନ୍ତି। ସବୁକଥା ପଛକୁ ପକାଇ ଅନ୍ୟମାନଙ୍କ ମନନେଇ ଚଳିବାକୁ ଚେଷ୍ଟାକଲେ ଉପକୃତ ହେବେ।

**କୁମ୍ଭ** କର୍ମକ୍ଷେତ୍ରରେ ମନ ଭୁଲାଣିଆ କଥା କହି ସହକର୍ମୀଙ୍କ ଦ୍ୱାରା କାମଟି କରାଇନେବେ। ପରିବାର,ବନ୍ଧୁ ସମ୍ପର୍କ, ସଭାସମିତି କ୍ଷେତ୍ରରେ ଛୋଟ କଥାକୁ ଧରି ବସନ୍ତୁ ନାହିଁ। କିଣାବିକା କାରବାରରେ ସତର୍କତା ଅଭାବରୁ ଅପଦସ୍ଥ ହେବା ସମ୍ଭାବନା ରହିଛି। ଯାତ୍ରା ସମୟରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ, ନଚେତ୍ କିଛି ହରାଇବାକୁ ପଡ଼ିପାରେ।

**ମୀନ** କର୍ମକ୍ଷେତ୍ରରେ ଦକ୍ଷତାକୁ ନେଇ ପ୍ରତିଷ୍ଠା ଓ ପ୍ରଶଂସା ପାଇବେ। ବୁଧଙ୍କ ଦୁର୍ବଳତା କାରଣରୁ ଦାୟିତ୍ୱ ନେଇଥିବା ଲୋକ ଠିକ୍ ଖବର ଦେବାରେ ହେଳା କରିପାରନ୍ତି। ଅର୍ଥ ଆଦାୟ କରିବାରେ ଯେତେ ଚେଷ୍ଟା କଲେ ମଧ୍ୟ ନେଇଥିବା ବ୍ୟକ୍ତିଟି ବିଭିନ୍ନ କଥା କହି ମିଥ୍ୟା ପ୍ରତିଶ୍ରୁତି ହିଁ ଦେବେ। ବିବାଦୀୟ ଘଟଣା ଜଟିଳ ଆଡ଼କୁ ଗତି କରିପାରେ।

ଆଜି ମାର୍ଚ୍ଚ ୨୪ ତାରିଖ, ବିଶ୍ୱ ଯକ୍ଷ୍ମା ଦିବସ, ଚୈତ୍ର ଶୁକ୍ଳ ଷଷ୍ଠୀଯୁକ୍ତ ସପ୍ତମୀ ମଙ୍ଗଳବାର, ଶ୍ରୀମନ୍ଦିର ବେଢ଼ା ସ୍ଥିତ ସୂର୍ଯ୍ୟଦେବଙ୍କ ଚୈତ୍ର ଗୁଣ୍ଡିଚାଯାତ୍ରା, ପୀଠେ ବାସନ୍ତିକ ସପ୍ତମୀପୂଜା, ବାସନ୍ତିକ ମୃଣ୍ମୟୀଦେବୀଙ୍କ ଷଷ୍ଠୀ ପୂଜା, ଚୈତ୍ର ମଙ୍ଗଳବାର ଓଷା। ରାଶି ନକ୍ଷତ୍ର-ରୋହିଣୀ/ବୃଷ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ସକାଳ ଘ. ୦୮।୫୨ ଗତେ, ଘ.୧୦।୪୦ ମଧ୍ୟେ, ଘ. ୦୧।୦୫ ଗତେ, ଘ.୦୧।୨୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୫୪ ଗତେ, ଘ.୦୪।୨୪ ମଧ୍ୟେ ରାହୁକାଳ।




# ଭିଏଲ୍‌ଡବ୍ଲ୍ୟୁ, ଯନ୍ତ୍ରୀଙ୍କ ଠିକାଦାରି ଗାଁ ବିକାଶରେ ବାଧକ

**ଦ୍ୱନ୍ଦ୍ୱାତ୍ମକ ତଥ୍ୟରୁ ଦୁର୍ନୀତିର ଗନ୍ଧ**

- ଲୋକାଲ ଫଣ୍ଡ୍ ଅଡିଟ୍-ବ୍ଲକ ଉତ୍ତରରେ ରହୁନି ତାଳମେଳ
- ବିନା ଆଇଟି ରିଟର୍ନ ଫାଇଲ୍‌ରେ କିପରି ଏତେ ଟଙ୍କାର କାମ କରୁଛନ୍ତି ସରକାରୀ କର୍ମଚାରୀ

କଟକ ସଦର, ୨୩।୩
(ସୁଶାନ୍ତ କୁମାର ଜେନା)

୨୦୧୮ ଜୁଲାଇରୁ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନରେ ସମସ୍ତ କାର୍ଯ୍ୟ ବିଭାଗୀୟ ତତ୍ତ୍ୱାବଧାନରେ କରାଯିବ ବୋଲି ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ନିୟମ କରିଛି। ତଦନୁଯାୟୀ ୯ ବର୍ଷ ହେବ ପଞ୍ଚାୟତ, ବ୍ଲକ ଓ ଜିଲା ପରିଷଦ ମଞ୍ଜୁର କରୁଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ(ଭିଏଲ୍‌ଡବ୍ଲ୍ୟୁ), କନିଷ୍ଠ ଓ ସହକାରୀ ଯନ୍ତ୍ରୀ ବହୁ କୋଟି ଟଙ୍କାର କାମ କରୁଛନ୍ତି। କହିବାକୁ ଗଲେ ଏବେ ଏମାନେ ବଡ଼ ବଡ଼ ସରକାରୀ ଠିକାଦାର ପାଲଟିଛନ୍ତି। ଏହି ଯନ୍ତ୍ରୀମାନେ କାର୍ଯ୍ୟ କରିବା ପାଇଁ କୌଣସି ଅଗ୍ରୀମ ନେଉ ନ ଥିବାରୁ ଏତେ ଟଙ୍କା କେଉଁଠୁ ଆଣି ଖର୍ଚ୍ଚ କରୁଛନ୍ତି, ତାହାକୁ ନେଇ ପ୍ରଶ୍ନ ଉଠୁଛି। ଅନ୍ୟପକ୍ଷରେ ସରକାରୀ ଅଧିକାରୀଙ୍କ ଠିକାଦାରି ଯୋଗୁ ପଞ୍ଚାୟତରୁ ବ୍ଲକ୍ ପର୍ଯ୍ୟନ୍ତ ଦୁର୍ନୀତି ବଢ଼ି ଚାଲିଥିବା କୁହାଯାଉଛି, ଯାହା ଗାଁ ବିକାଶରେ ବଡ଼ ବାଧକ ସାଜୁଛି। ତେବେ ଏହି ପ୍ରସଙ୍ଗରେ କଟକ ଜିଲାର ଦୁଇ ପ୍ରଶାସନିକ ସଂସ୍ଥାର ଦ୍ୱନ୍ଦ୍ୱାତ୍ମକ ତଥା ଭିନ୍ନ ତଥ୍ୟ ସାରା ରାଜ୍ୟରେ ଚାଲିଥିବା ଏହି ବ୍ୟବସ୍ଥାରେ ବଡ଼ ଦୁର୍ନୀତିର ସୂଚନା ଦେଉଛି। ୱାର୍କଅର୍ଡର ପାଇବା ପରେ ଭିଏଲ୍‌ଡବ୍ଲ୍ୟୁ ଅବା ଯନ୍ତ୍ରୀମାନେ ବାକିରେ କାମ କରିଥାନ୍ତି ବୋଲି କଟକ ଜିଲା ଅତିରିକ୍ତ ଉନ୍ନୟନ ଅଧିକାରୀ ଲିଖିତ ଭାବେ ରାଜ୍ୟ ସୂଚନା କମିଶନରଙ୍କ ନିକଟରେ ତଥ୍ୟ ଦାଖଲ କରିଥିଲେ। ମାତ୍ର ପଞ୍ଚାୟତିରାଜ ଅନୁଷ୍ଠାନରେ ହିସାବ ସମୀକ୍ଷା କରୁଥିବା ଲୋକାଲ ଫଣ୍ଡ୍ ଅଡିଟ ଭିନ୍ନ ଉତ୍ତର ପ୍ରଦାନ କରିଛି। ଯନ୍ତ୍ରୀମାନେ ପ୍ରଥମେ ନିଜ ହାତରୁ ଅର୍ଥ ଖର୍ଚ୍ଚ କରି ପରେ ବିଲ୍ ନେଇଥାନ୍ତି ବୋଲି ଲୋକାଲ ଫଣ୍ଡ୍ ଅଡିଟ୍ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ପତ୍ର ସଂଖ୍ୟା ୮୯୫/୧୩।୨।୨୦୨୬ରେ ସୂଚନା ଦେଇଛନ୍ତି, ଯାହା ସାଧାରଣ ଲୋକଙ୍କ ମଧ୍ୟରେ ସନ୍ଦେହ ଓ ଦ୍ୱନ୍ଦ୍ୱ ସୃଷ୍ଟି କରିବା ସହ ୨ ସଂସ୍ଥାର ଅସଲ ଗୁମର ଖୋଲିଦେଇଛି।

ସୂଚନାଯୋଗ୍ୟ, ପୂର୍ବରୁ ପଲ୍ଲିସଭା ମାଧ୍ୟମରେ ପ୍ରକଳ୍ପ ଚୟନ ସହ ସ୍ଥାନୀୟ ପ୍ରତିନିଧିଙ୍କ ନାମରେ କାମ କରିବାକୁ ପ୍ରସ୍ତାବ ଦିଆଯାଉଥିଲା। ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମରେ ୱାର୍କ ଅର୍ଡର ଓ ବିଲ୍ ମଧ୍ୟ ହେଉଥିଲା। ବିଶେଷକରି ସ୍ଥାନୀୟ ପ୍ରତିନିଧି ଦାୟିତ୍ୱ ନେଉଥିବାରୁ ଓ ଅଧିକାରୀଙ୍କ ଯାଞ୍ଚ ଭୟ ରହୁଥିବାରୁ ଯେକୌଣସି ବିକାଶମୂଳକ କାମର ମାନ ଭଲ ହେଉଥିଲା। ମାତ୍ର ପୂର୍ବ ସରକାର ପତ୍ର ସଂଖ୍ୟା ୧୩୨୨୦/୧୩।୭।୨୦୧୮ରେ ନୂଆ ନିୟମ କରି ଆଉ ଗ୍ରାମ ବା ଶ୍ରମିକ ପ୍ରତିନିଧିଙ୍କ ଦ୍ୱାରା ପ୍ରକଳ୍ପ କାମ କରାଯିବ ନାହିଁ ବୋଲି ଘୋଷଣା କଲେ। ସମସ୍ତ କାମ ଯନ୍ତ୍ରୀ ଓ ପଞ୍ଚାୟତସ୍ତରୀୟ ଅଧିକାରୀ କରିବେ ବୋଲି ନିର୍ଦ୍ଦେଶନାମା ଜାରି କଲେ। ସେବେଠାରୁ ପ୍ରକଳ୍ପର ୱାର୍କଅର୍ଡର ଅଧିକାରୀଙ୍କ ନାମରେ ଦିଆଯିବା ସହ ବିଲ୍ ସିଧାସଳଖ ଭିଏଲ୍‌ଡବ୍ଲ୍ୟୁ ଓ ଯନ୍ତ୍ରୀମାନଙ୍କ ଆକାଉଣ୍ଟକୁ ଯାଉଛି। ଫଳରେ ସେମାନେ ମନଇଚ୍ଛା କାମ କରୁଛନ୍ତି। ଅନ୍ୟପକ୍ଷରେ ସେମାନେ ବେତନଭୋଗୀ ହୋଇଥିବାରୁ ବାର୍ଷିକ ବିନା ଅଗ୍ରୀମରେ ୫ରୁ ୧୦ କୋଟି ଟଙ୍କାର ସରକାରୀ କାର୍ଯ୍ୟ କରିଥାନ୍ତି। ତେବେ କେଉଁ ସୂତ୍ରରୁ ଏହି ଅର୍ଥ ଯନ୍ତ୍ରୀଙ୍କ ପାଖକୁ ଆସେ ବୋଲି ପତ୍ର ସଂଖ୍ୟା ୨୬୨୪/୧୯୧୦/୨୦୨୨ରେ ରାଜ୍ୟ ପଞ୍ଚାୟତିରାଜ ବିଭାଗ ପକ୍ଷରୁ କଟକ ସଦର ବିଡିଓ ଏବଂ କଟକ ଜିଲା ପରିଷଦର ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ପ୍ରଥମ ଅପିଲ କର୍ତ୍ତୃପକ୍ଷ ସେମାନଙ୍କ ଉତ୍ତର ରାଜ୍ୟ ସୂଚନା ଆୟୁକ୍ତଙ୍କୁ ଜଣାଇଥିଲେ। ଅଧିକାରୀମାନେ ବାକିରେ କାମ କରିବା ସହ ବିଲ୍ ଫାଇଲ୍‌ରେ କ୍ରେଡିଟ ଭାଉଚର୍ ସଂଯୋଗ କରିଥାନ୍ତି ବୋଲି ଉଲ୍ଲେଖ ଥିଲା। ମାତ୍ର ଲୋକାଲ ଫଣ୍ଡ୍ ଅଡିଟ ସଂସ୍ଥା ଏହି ଉତ୍ତରକୁ ଅଗ୍ରାହ୍ୟ କରି ଯନ୍ତ୍ରୀମାନେ ପ୍ରଥମେ ହାତରୁ ବିଭିନ୍ନ ସାମଗ୍ରୀ କିଣି କ୍ୟାଶ୍ ମେମୋ ଫାଇଲରେ ସଂଯୋଗ କରୁଥିବା ଅଡିଟ ଜାଣିପାରିଛି। ମାତ୍ର ଅଦ୍ୟାବଧି କୌଣସି ଯନ୍ତ୍ରୀ ନିଜର ବାର୍ଷିକ ଆୟକର ରିଟର୍ନ ଦାଖଲ ବେଳେ ଏସବୁ କାର୍ଯ୍ୟ ସଂକ୍ରାନ୍ତରେ କୌଣସି ସୂଚନା ଦେଇ ନ ଥାଆନ୍ତି ବୋଲି କଟକସ୍ଥିତ ଆୟକର ବିଭାଗର ଜଣେ ବରିଷ୍ଠ ଅଧିକାରୀ ନିଜ ପରିଚୟ ଗୋପନ ରଖି ଜଣାଇଛନ୍ତି। ଏନେଇ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ନାୟକଙ୍କୁ ପଚାରିବାରୁ ଜିଲାର ବିଡିଓମାନଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି।

# ନୂଆ ଭିଜା ଆବେଦନ କେନ୍ଦ୍ର ପାଇଁ ଚୁକ୍ତି

**ଆଇଟି ହବ୍ ଲାଗି ବରମୁଣ୍ଡା ବସ୍ ଟର୍ମିନାଲର ଦୁଇଟି ମହଲା ଓକାକ୍‌କୁ ଲିଜ୍ ଦେବ ବିଡିଏ**

ଭୁବନେଶ୍ୱର, ୨୩।୩ (ବନ୍ଦନା ସେଠୀ)

ଓଡ଼ିଶାରେ ଭିଜା ସେବାକୁ ଉନ୍ନତ କରିବା ଦିଗରେ ରାଜ୍ୟ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ବରମୁଣ୍ଡାସ୍ଥିତ ବାବାସାହେବ ଭୀମରାଓ ଆମ୍ବେଦକର ବସ୍ ଟର୍ମିନାଲ (ବିଏସ୍‌ଏବିଟି)ରେ ଏକ ଭିଜା ଆବେଦନ କେନ୍ଦ୍ର (ଭିଏସି) ସ୍ଥାପନ କରାଯିବ। ଗତ ଡିସେମ୍ବରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏନେଇ ଘୋଷଣା କରିଥିବା ବେଳେ ସୋମବାର ବିଡିଏ ମୁଖ୍ୟାଳୟରେ ଗୃହ ବିଭାଗ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏବଂ ଭିଏଫ୍‌ଏସ୍ ଗ୍ଲୋବାଲ ଗ୍ରୁପ୍ ମଧ୍ୟରେ ଏକ ତ୍ରିପାକ୍ଷିକ ଚୁକ୍ତି ହୋଇଛି। ଗୃହ ବିଭାଗର ଅତିରିକ୍ତ ସଚିବ ସୌମେନ୍ଦ୍ର ପାତ୍ର, ବିଡିଏ ସଚିବ ମାନସ ରଞ୍ଜନ ପାଢ଼ୀ ଏବଂ ଭିଏଫ୍‌ଏସ୍ ଗ୍ଲୋବାଲ ଗ୍ରୁପ୍‌ର ଆସୋସିଏଟ୍ ଭାଇସ୍ ପ୍ରେସିଡେଣ୍ଟ (ଆଡମିନିଷ୍ଟ୍ରେଶନ, ଦକ୍ଷିଣ ଏସିଆ) ତିନି ଜଣ୍ ଏଥିରେ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଏହି କେନ୍ଦ୍ର ସ୍ଥାପନ ପାଇଁ ରାଜ୍ୟ ସରକାର ପ୍ରାୟ ୩,୦୦୦ ବର୍ଗଫୁଟ୍ ସ୍ଥାନ ପ୍ରଦାନ କରିବେ। ବର୍ତ୍ତମାନ ରାଜ୍ୟବାସୀଙ୍କୁ ଭିଜା ସେବା ପାଇଁ କୋଲକାତା, ଦିଲ୍ଲୀ କିମ୍ବା ହାଇଦ୍ରାବାଦ ଭଳି ସହରକୁ ଯିବାକୁ ପଡୁଛି। ଏଠାରେ ନୂଆ ଭିଜା ଆବେଦନ କେନ୍ଦ୍ର ଖୋଲିଲେ ଏଭଳି ସମସ୍ୟା ଦୂର ହେବ ଏବଂ ଆବେଦନ ପ୍ରକ୍ରିୟା ଅଧିକ ସୁଗମ ହେବ ବୋଲି ସୂଚନା ଦିଆଯାଇଛି।



ବରମୁଣ୍ଡା ବସ୍ ଟର୍ମିନାଲରେ ଭିଜା ଆବେଦନ କେନ୍ଦ୍ର ସ୍ଥାପନ ଲାଗି ଗୃହ ବିଭାଗ, ବିଡିଏ ଏବଂ ଭିଏଫ୍‌ଏସ୍ ଗ୍ଲୋବାଲ ଗ୍ରୁପ୍ ମଧ୍ୟରେ ତ୍ରିପାକ୍ଷିକ ଚୁକ୍ତି ସ୍ୱାକ୍ଷର କରାଯାଉଛି।

ଅନ୍ୟପକ୍ଷରେ ବରମୁଣ୍ଡା ବସ୍ ଟର୍ମିନାଲରେ ଆଇଟି ହବ୍ ସ୍ଥାପନ କରାଯିବ। ଏଥିପାଇଁ ବିଡିଏ ସଚିବ ଏବଂ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର (ଓକାକ)ର ପ୍ରଶାସନିକ ଅଧିକାରୀ ମିଳି ସାମନ୍ତରାୟଙ୍କ ମଧ୍ୟରେ ଆଉଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତି ଅନୁଯାୟୀ, ଟର୍ମିନାଲର ଦୁଇଟି ମହଲାର ପ୍ରାୟ ୭୭,୦୦୦ ବର୍ଗଫୁଟ ଖାଲି ସ୍ଥାନକୁ ବିଡିଏ ଓକାକ୍‌କୁ ଲିଜ୍ ମାଧ୍ୟମରେ ପ୍ରଦାନ କରିବ। ଓକାକ୍ ଏହି ସ୍ଥାନକୁ ଆଇଟି କମ୍ପାନିଗୁଡ଼ିକୁ ବଣ୍ଟନ କରିବ। ପରିବହନ, ସେବା ଏବଂ ପ୍ରଯୁକ୍ତିକୁ ଏକାଠି କରି ଏକ ହବ୍‌ରେ ପରିଣତ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଏନେଇ ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା କହିଛନ୍ତି, ବିଏସ୍‌ଏବିଟି ଏକ ମିଶ୍ରିତ ପରିବହନ ଓ ବ୍ୟବସାୟ ହବ୍ ଭାବରେ ବିକଶିତ ହେବାକୁ ଯାଉଛି। ଏଠାରେ ଆଇଟି ଓ ଆଇଟିଇଏସ୍ କମ୍ପାନିଗୁଡ଼ିକ ସହିତ ଭିଜା ଆବେଦନ କେନ୍ଦ୍ର ରହିବ। ଟର୍ମିନାଲରେ ଯାତ୍ରୀଙ୍କ ଆଗମନ ବୃଦ୍ଧି ପାଇଲେ ବିକ୍ରେତା ଏବଂ ଅନ୍ୟ ସମ୍ପୃକ୍ତ ପକ୍ଷମାନଙ୍କୁ ଲାଭ ମିଳିବ ବୋଲି ସେ କହିଛନ୍ତି। ଚୁକ୍ତିପତ୍ର ସାକ୍ଷର କାର୍ଯ୍ୟକ୍ରମରେ ବିଏସ୍‌ଏବିଟିର ସ୍ପେଶାଲ ଅଫିସର ଦେବାଶିଷ ରାଉତ, ମ୍ୟାନେଜର ଇତିକାନ୍ତ ମହାପାତ୍ର, ପିଏମ୍ୟୁ ଟିମ୍ ଲିଡର ଅଜୟ ଝା ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଶ୍ରମିକ ଦମ୍ପତି ମୃତ

ସୁନ୍ଦରଗଡ, ୨୩।୩
(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ସଦର ଥାନା ଅନ୍ତର୍ଗତ ଭେଡାବାହାଲ ଗ୍ରାମରେ ସୋମବାର ସନ୍ଧ୍ୟାରେ ବିଦ୍ୟୁତ ସଂସ୍ପର୍ଶରେ ଆସି ଶ୍ରମିକ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଲେଫ୍ରିପଡା ଥାନା ଅନ୍ତର୍ଗତ ଛୋଟବଙ୍ଗା ଗ୍ରାମର ଅନନ୍ତ କଇଁସରିଆ(୬୦) ଓ ତାଙ୍କ ସ୍ତ୍ରୀ ସୁମିତ୍ରା କଇଁସରିଆ(୫୮)। ଏହି ଘଟଣାରେ ଅନ୍ୟ ଜଣେ ଶ୍ରମିକ ଆହତ ହୋଇ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସେ ହେଲେ ଭେଡାବାହାଲ ଗ୍ରାମର ବସା କମାର(୫୦)। ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।

ପୋଲିସ ସୂଚନା ମୁତାବକ, ଭେଡାବାହାଲ ଗ୍ରାମର ଯୋଗୀନ୍ଦ୍ର ପଟେଲଙ୍କ ଘରତିଆରି କାର୍ଯ୍ୟରେ ଶ୍ରମିକ ଦମ୍ପତି ନିୟୋଜିତ ଥିଲେ। ସନ୍ଧ୍ୟା ସମୟରେ ଲୁହା ଗ୍ରୀଲରେ ବିଦ୍ୟୁତ୍ ତାର ଲାଗିଯିବାରୁ ସେମାନେ ତାହା ସଂସ୍ପର୍ଶରେ ଆସିଯାଇଥିଲେ। ଏହି ସମୟରେ ବସା ତାଙ୍କୁ ରକ୍ଷା କରିବାକୁ ଯାଇ ସେ ମଧ୍ୟ ବିଦ୍ୟୁତ ସଂସ୍ପର୍ଶରେ ଆସି ଯାଇଥିଲେ। ସଙ୍ଗେ ସଙ୍ଗେ ସମସ୍ତଙ୍କୁ ସୁନ୍ଦରଗଡ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ଅନନ୍ତ ଓ ସୁମିତ୍ରାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସଦରଥାନା ଆଇଆଇସି ସୁସ୍ମିତା ଦେବତା ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି।

# ପଦ୍ମଶ୍ରୀ ପୂର୍ଣ୍ଣମାସୀ ଜାନୀ ଅସୁସ୍ଥ


ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ପୂର୍ଣ୍ଣମାସୀ।

ଫୁଲବାଣୀ, ୨୩।୩
(ରାକେଶ କୁମାର ରାଉତ)

ଆଦିବାସୀ ସନ୍ଥ ପଦ୍ମଶ୍ରୀ ପୂର୍ଣ୍ଣମାସୀ ଜାନୀ ଅସୁସ୍ଥ ହୋଇପଡିଛନ୍ତି। ତାଙ୍କୁ ପ୍ରଥମେ ଖଜୁରିପଡା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ତାଙ୍କର ଗୋଡ, ହାତ ଫୁଲିବା ସହ ରକ୍ତହୀନତା ଥିବା ଜଣାପଡିଛି। ବର୍ତ୍ତମାନ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟର ଭେଷଜ ବିଭାଗରେ ରଖି ଚିକିତ୍ସା କରାଯାଉଛି। ପୂର୍ଣ୍ଣମାସୀଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସ୍ଥିର ଥିବା ଡାକ୍ତର କହିଛନ୍ତି। ସୂଚନାଯୋଗ୍ୟ, ରବିବାର ସକାଳେ ସେ ଅସୁସ୍ଥ ଅନୁଭବ କରିଥିଲେ। ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସା ପରେ ଫୁଲବାଣୀ ସ୍ଥାନାନ୍ତର କରାଯାଇଥିଲା। ପୂର୍ଣ୍ଣମାସୀଙ୍କ ବୟସ ଏବେ ୮୨। ଜଣେ ଆଦିବାସୀ ସନ୍ଥ ଏବଂ ଆଶୁକବି ଭାବେ ଜଣାଶୁଣା ପୂର୍ଣ୍ଣମାସୀଙ୍କୁ ୨୦୨୧ରେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ତାଡିସରୁ ବାଇ ଭାବରେ ପରିଚିତ ପୂର୍ଣ୍ଣମାସୀଙ୍କ ରାଜ୍ୟ ତଥା ରାଜ୍ୟ ବାହାରେ ବହୁ ସଂଖ୍ୟାରେ ଅନୁଗାମୀ ରହିଛନ୍ତି।

# ଟ୍ରଲରରେ ଶ୍ୱାସରୁଦ୍ଧ ହୋଇ ୨ ମତ୍ସ୍ୟଜୀବୀ ମୃତ

ବାଲେଶ୍ୱର, ୨୩।୩(ବାଞ୍ଛାନିଧି ଦେ)

ବାଲେଶ୍ୱର ବଳରାମଗଡ଼ି ସାମୁଦ୍ରିକ ଥାନା ଅଞ୍ଚଳରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ଏକ ଟ୍ରଲରରୁ ମାଛ ବାହାର କରୁଥିବା ସମୟରେ ଶ୍ୱାସରୁଦ୍ଧ ହୋଇ ୨ଜଣ ମତ୍ସ୍ୟଜୀବୀଙ୍କର ମୃତ୍ୟୁ ଘଟିଛି। ମୃତ ମତ୍ସ୍ୟଜୀବୀ ହେଲେ ବାସୁଦେବପୁର ଥାନା ଅଡୁଆଁଗ୍ରାମର ପ୍ରଭାକର ମଲ୍ଲିକ (୩୨) ଓ ଶଶିନା ମଲ୍ଲିକ (୨୯)। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

ବଡ଼ଶଙ୍ଖ-୨ ନାମକ ଟ୍ରଲରରେ ମତ୍ସ୍ୟଜୀବୀ ଓ କର୍ମଚାରୀମାନେ ସମୁଦ୍ରକୁ ମାଛ ଧରିବାକୁ ଯାଇଥିଲେ। ସୋମବାର ଟ୍ରଲର ବଳରାମଗଡ଼ି ମାଛଧରା କେନ୍ଦ୍ରରେ ପହଞ୍ଚିବା ପରେ ସେଥିରୁ ମାଛ ବାହାର କରାଯାଉଥିଲା। ଟ୍ରଲରରେ ଥିବା ଚାମ୍ବରରୁ ମୃତକଦ୍ୱୟ ଦୀର୍ଘ ସମୟ ଧରି ନ ବାହାରିବାରୁ ଅନ୍ୟମାନେ ସେମାନଙ୍କୁ ଚେତାଶୂନ୍ୟ ଅବସ୍ଥାରେ ବାହାର କରିଥିଲେ। ସେମାନଙ୍କୁ ସଙ୍ଗେ ସଙ୍ଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ହେଲେ ଡାକ୍ତର ଉଭୟଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଚାମ୍ବରରେ ବିଷାକ୍ତ ଗ୍ୟାସ ନିର୍ଗତ ଯୋଗୁ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

# କାନ୍ଥ ଭୁଶୁଡ଼ି ଶିଶୁକନ୍ୟା ମୃତ; ମା’, ଭଉଣୀ ଗୁରୁତର

ତିହିଡ଼ି, ୨୩।୩(ସଞ୍ଜିତ ବଳ)

ବାପଘରକୁ ୨ ଝିଅଙ୍କୁ ସାଙ୍ଗରେ ଧରି ମା’ ବୁଲିବାକୁ ଆସିଥିଲେ। କେବେ ବି ଭାବି ନ ଥିଲେ, କୋଠାଘର ଛାତ ଉପରେ ତିଆରି ହୋଇଥିବା କାନ୍ଥ ଭୁଶୁଡ଼ି ତାଙ୍କୁ ଗୋଟିଏ ଝିଅକୁ ହରାଇବାକୁ ପଡ଼ିବ। ଭଦ୍ରକ ଜିଲା ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ସାହାପୁର ପଞ୍ଚାୟତର କାଶୀପୁର ଗ୍ରାମରେ ରବିବାର ସନ୍ଧ୍ୟାରେ କାନ୍ଥ ଭୁଶୁଡ଼ି ପଡ଼ିବାରୁ ଜଣେ ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ମା’ ଓ ଭଉଣୀ ଗୁରୁତର ହୋଇଛନ୍ତି।

ସୂଚନା ଅନୁଯାୟୀ, ତିହିଡ଼ି ଥାନା ଅଚକ ପଞ୍ଚାୟତ ଅଧୀନ ନନ୍ଦପୁର ଗ୍ରାମର ପ୍ରଫୁଲ୍ଲ ବେହେରାଙ୍କ ସ୍ତ୍ରୀ ଭାରତୀ(୩୦) ୨ ଝିଅ ପୂଜାରାଣୀ (୪) ଓ ଲିଜା(୨)ଙ୍କୁ ନେଇ କିଛିଦିନ ପୂର୍ବେ ବାପଘର କାଶୀପୁର ଗାଁକୁ ବୁଲିବାକୁ ଯାଇଥିଲେ। ଭାରତୀଙ୍କ ବାପା ନାରାୟଣ ବେହେରା କିଛିଦିନ ପୂର୍ବେ ତାଙ୍କ ଘର ଛାତ ଉପରେ କାନ୍ଥ ତିଆରି କରିଥିଲେ। ରବିବାର ସନ୍ଧ୍ୟାରେ ୨ଝିଅ ଘର ସାମ୍ନାରେ ଖେଳୁଥିବା ବେଳେ ଭାରତୀ ସେଠାରେ ଠିଆ ହୋଇଥିଲେ। ଏହି ସମୟରେ ନାରାୟଣଙ୍କ ଘରର ଛାତ ଉପରେ ନିର୍ମିତ କାନ୍ଥ, ଘରର କାନିସ୍ ଭୁଶୁଡ଼ି ଭାରତୀ ଓ ତାଙ୍କ ୨ ଝିଅଙ୍କ ଉପରେ ପଡ଼ିଥିଲା। ଫଳରେ ସାନଝିଅ ଲିଜାଙ୍କ ମୃତ୍ୟୁ ଘଟିଥିବା ବେଳେ ଭାରତୀ ଓ ତାଙ୍କ ବଡ଼ଝିଅ ପୂଜା ଗୁରୁତର ହୋଇଥିଲେ। ଗୁରୁତର ମା’ ଝିଅଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ ତିହିଡ଼ି ଓ ପରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କାନ୍ଥ ଭୁଶୁଡ଼ି ସେଠାରେ ଥୁଆ ହୋଇଥିବା ଏକ ବାଇକ୍ ମଧ୍ୟ ଭାଙ୍ଗିରୁଜି ଯାଇଛି।


ସାହାପୁର ପଞ୍ଚାୟତର କାଶୀପୁର ଗ୍ରାମରେ କୋଠାଘର ଛାତ ଉପର କାନ୍ଥ ଭୁଶୁଡ଼ି ପଡ଼ିଛି।

10001/139/2526

ବିଶ୍ୱ ଯକ୍ଷ୍ମା ଦିବସ
୨୪ ମାର୍ଚ୍ଚ ୨୦୨୬

ସଭିଙ୍କର ରଖେ ଧ୍ୟାନ, ଟିବି ମୁକ୍ତ ଭାରତ ଅଭିଯାନ

ଯକ୍ଷ୍ମା ରୋଗର ବିଭିନ୍ନ ଲକ୍ଷଣ
- କଫ ସହିତ କାଶ
- କଫରେ ରକ୍ତ ପଡ଼ିବା
- ଛାତିରେ ଦରଜ ହେବା
- ଜ୍ୱର ହେବା
- ରାତିରେ ଝାଳ ବୋହିବା
- ଶରୀରର ଓଜନ ହ୍ରାସ ହେବା
- ଭୋକ ନଲାଗିବା
- ଥକା ଲାଗିବା
- ନିଶ୍ୱାସ ନେବାରେ କଷ୍ଟ ହେବା
- ଗଳାରେ ଗ୍ରନ୍ଥି ବା ଅନ୍ୟ ଅଙ୍ଗରେ ଫୁଲିବା



ଆପଣଙ୍କୁ ଲକ୍ଷଣବିହୀନ ଯକ୍ଷ୍ମା ହୋଇପାରେ ଯଦି;
- ୫ ବର୍ଷ ମଧ୍ୟରେ ଆପଣଙ୍କୁ ଯକ୍ଷ୍ମା ସଂକ୍ରମଣ ହୋଇଥିବ
- ଧୂମପାନ ଓ ମଦ୍ୟପାନ କରୁଥିବେ (ଏବେ କିମ୍ବା ପୂର୍ବରୁ)
- ବିଗତ ୩ ବର୍ଷରେ ଯକ୍ଷ୍ମା ରୋଗୀଙ୍କ ସଂସ୍ପର୍ଶରେ ଆସିଥିବେ
- ୬୦ ବର୍ଷ କିମ୍ବା ତା’ଠାରୁ ଅଧିକ ବୟସ ହୋଇଥିବ
- ମଧୁମେହରେ ପୀଡ଼ିତ ବ୍ୟକ୍ତି ହୋଇଥିବେ
- ଅପପୁଷ୍ଟିର ଶିକାର ବ୍ୟକ୍ତି ହୋଇଥିବେ

ତୁରନ୍ତ ଯକ୍ଷ୍ମା ପରୀକ୍ଷା କରାଇ ନିଅନ୍ତୁ, ରୋଗ ଚିହ୍ନଟ ହେଲେ ସମ୍ପୂର୍ଣ୍ଣ ଚିକିତ୍ସା କରାଇ ନିଅନ୍ତୁ।
‘ନିକ୍ଷୟ’ ସମ୍ପର୍କ ନିଃଶୁଳ୍କ ହେଲ୍ପଲାଇନ ୧୮୦୦-୧୧-୬୬୬୬
“ଆମେ ଯକ୍ଷ୍ମାକୁ ଶେଷ କରିପାରିବା; ଭାରତର ନେତୃତ୍ୱରେ, ଜନ ସହଯୋଗ ବଳରେ”
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/
OIPR-10001/10003/2/25-26/0027

ଯେ ପର୍ଯ୍ୟନ୍ତ ତୁମେ ନିଜକୁ ଠିକ୍ ଉପଦେଶଟିଏ ଦେଇ ନ ପାରିଛ– ସେ ପର୍ଯ୍ୟନ୍ତ ତୁମେ ତାହା ଅନ୍ୟକୁ ଦେଇପାରିବ ନାହିଁ। ଯେଉଁ ଉପଦେଶଟି ତୁମେ ନିଜେ ପାଳି ନାହଁ– ତାକୁ ତୁମେ ଅନ୍ୟକୁ ପାଳିବା ପାଇଁ କହିପାରିବ ନାହିଁ। –ଶ୍ରୀମା

-ବାସନ୍ତିକ ଦୁର୍ଗାଦେବ୍ୟାଃ
ସପ୍ତମୀ ପୂଜା ଓ ଶ୍ରୀମନ୍ଦିରରେ
ଚୈତ୍ର ଗୁଣ୍ଡିଚା ଯାତ୍ରା



# ଆମେରିକା ଅପଦସ୍ଥ

ଷ୍ଟ୍ରେଟ୍ ଅଫ୍ ହର୍ମୁଜକୁ ୪୮ ଘଣ୍ଟା ମଧ୍ୟରେ ସମ୍ପୂର୍ଣ୍ଣ ଖୋଲା ନ କଲେ ଇରାନକୁ ଭୟାବହ ସ୍ଥିତିରେ ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ୨୨ ମାର୍ଚ୍ଚରେ ଚେତାବନୀ ଦେଇଥିଲେ। ହେଲେ ଚେତାବନୀ ଅବଧି ପୂରି ନ ଥିବା ବେଳେ ଇରାନ୍‌ର ଶକ୍ତି ପ୍ଲାଣ୍ଟ ଓ ସେହି ସଂକ୍ରାନ୍ତ ଭିତ୍ତିଭୂମି ଉପରେ ୫ ଦିନ ପାଇଁ ଆକ୍ରମଣ ସ୍ଥଗିତ ରଖିବାକୁ ନିଜ ଆଡୁ ଟ୍ରମ୍ପ୍ ତାଙ୍କ ସାମରିକ ବାହିନୀକୁ ନିର୍ଦ୍ଦେଶ ଦେଇଛନ୍ତି। ଇରାନ୍ ସହ ଉତ୍ତମ ଓ ସକାରାତ୍ମକ ଆଲୋଚନା ହୋଇଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି ଟ୍ରମ୍ପ୍ ସାମାଜିକ ଗଣମାଧ୍ୟମରେ ପ୍ରକାଶ କରିଥିଲେ। ଏହା ପରେ ଇରାନ୍ ଗଣମାଧ୍ୟମ ଟ୍ରମ୍ପ୍‌ଙ୍କ ଦାବିକୁ ଅସ୍ୱୀକାର କରିବା ସହ ଆମେରିକା ସହିତ କୌଣସି ଭାବେ ପ୍ରତ୍ୟକ୍ଷ ବା ପରୋକ୍ଷ ଆଲୋଚନା ହୋଇ ନ ଥିବା କହିଛି। ଏହା ଦର୍ଶାଉଛି ଯେ, ଇରାନ୍ ତା'ର ସ୍ୱାଭିମାନକୁ ବଞ୍ଚାଇବା ପାଇଁ ନିର୍ଭୀକ ଭାବେ ଯୁଦ୍ଧର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ଅଛି।

ଉପରଲିଖିତ ଘଟଣାକ୍ରମକୁ ତର୍ଜମା କଲେ ଗୋଟିଏ ବିଷୟ ସିଦ୍ଧ ହେଉଛି ଯେ, ଇରାନ୍ କୌଣସି ଭାବେ ଆମେରିକାର ଧମକକୁ ସହ୍ୟ କରିବା ଲାଗି ଇଚ୍ଛୁକ ନୁହେଁ। ତା' ନତାଞ୍ଜି ଆଣବିକ କେନ୍ଦ୍ରକୁ ଆମେରିକା ଆକ୍ରମଣ କରିଥିବା ବେଳେ ଇରାନ୍ ମଧ୍ୟ କଡ଼ା ଜବାବ ଦେବାକୁ ଯାଇ ଡିଏଗୋ ଗାର୍ସିଆରେ ଥିବା ଆମେରିକା–ବ୍ରିଟେନ୍‌ର ସାମରିକ ଘାଟି ଉପରେ ବାଲିଷ୍ଟିକ୍ ମିଶାଇଲ୍ ଆକ୍ରମଣ କରିଥିଲା। ଏବେ ଆମେରିକା ସାମୟିକ ସମୟ ପାଇଁ ଯୁଦ୍ଧ ସ୍ଥଗିତ ନିଷ୍ପତ୍ତି ନେବା ନେଇ ବିଭିନ୍ନ ପ୍ରକାର ଆଲୋଚନା ହେଉଛି। ସେଥିମଧ୍ୟରେ ଯେଉଁ ବିଷୟ ଗ୍ରହଣଯୋଗ୍ୟ ହେଉଛି, ତାହା ହେଲା ଇରାନ୍ ପକ୍ଷରୁ ଆମେରିକାକୁ ଦିଆଯାଇଥିବା ଧମକ। ଇରାନ୍ କହିଥିଲା ଯେ, ଯଦି ଆମେରିକା ତା' ତୈଳ ଓ ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣ କରେ ତେବେ ପଶ୍ଚିମ ଏସିଆରେ ଥିବା ଲବଣମୁକ୍ତକରଣ ପ୍ରକଳ୍ପଗୁଡ଼ିକୁ ଟାର୍ଗେଟ କରିବ। ଉଲ୍ଲେଖଯୋଗ୍ୟ ଯେ, ଗଲ୍ଫ କୋଅପରେଶନ କାଉନସିଲ (ଜିସିସି) ସଦସ୍ୟଭୁକ୍ତ ବାହାରିନ୍, କୁଏଟ୍, ଓମାନ, କାତାର, ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ସହିତ ସେହିସବୁ ଦେଶରେ ଆମେରିକାର ସାମରିକ ଘାଟି ମଧ୍ୟ ଲବଣମୁକ୍ତ ଜଳ ବ୍ୟବହାର କରିଥାଆନ୍ତି। ଲବଣମୁକ୍ତ ପ୍ରକଳ୍ପରେ ସମୁଦ୍ର ଜଳକୁ ବିଶୋଧନ କରାଯାଇ ପାନୀୟ ଜଳରେ ପରିଣତ କରାଯାଏ। ସମ୍ପୃକ୍ତ ଭୂଖଣ୍ଡରେ ମଧୁର ଜଳ ସବୁଠୁ ଅଧିକ ଗୁରୁତ୍ୱ ବହନ କରେ। ସେହି ଦୃଷ୍ଟିରୁ ଦେଖିଲେ ଇରାନ୍‌ର ଧମକରେ ଉପରୋକ୍ତ ଦେଶଗୁଡ଼ିକ ଭୟଭୀତ ହୋଇ ଯୁଦ୍ଧକୁ ସ୍ଥଗିତ ରଖିବା ପାଇଁ ଆମେରିକାକୁ କହିଥାଇପାରନ୍ତି। ଇରାନ୍ ଉପରେ ଆମେରିକା ଓ ଇସ୍ରାଏଲ ମିଳିତ ଆକ୍ରମଣରେ ମଧ୍ୟପ୍ରାଚ୍ୟର ଉପରୋକ୍ତ ଦେଶଗୁଡ଼ିକ ବେଶି କ୍ଷତି ସହିଲେଣି। ସେହିସବୁ ରାଷ୍ଟ୍ରଗୁଡ଼ିକରେ ଆମେରିକାର ସାମରିକ ଘାଟି ଥିବାରୁ ଇରାନ୍ କାହାରିକୁ ଛାଡ଼ି ନାହିଁ। ସେହିପରି ଟ୍ରମ୍ପ୍ ନିଜ ଦେଶ ଭିତରେ ଯୁଦ୍ଧକୁ ନେଇ ଘୋର ବିରୋଧର ସମ୍ମୁଖୀନ ହେଉଥିବାରୁ ଚାପରେ ପଡ଼ି ଆକ୍ରମଣ ନିଷ୍ପତ୍ତି ବଦଳାଇଥାଇପାରନ୍ତି ବୋଲି ମଧ୍ୟ ଆଲୋଚନା ହେଉଛି।

> ଟ୍ରମ୍ପ୍ ଭାବିଥିଲେ ଆମେରିକାର ସାମରିକ ଡରାଣରେ ଇରାନ୍ କାକୁସ୍ଥ ହୋଇ ତାଙ୍କ ଶରଣାପନ୍ନ ହେବ। କିନ୍ତୁ ଇରାନ୍ ସୁପର ରଣକୌଶଳ ପ୍ରଦର୍ଶନ କରି ଟ୍ରମ୍ପ୍‌ଙ୍କୁ ଆଣ୍ଠେଇ ଦେଲା। ଫଳରେ ଆମେରିକାର ସମ୍ମାନ ବିଶ୍ୱସ୍ତରରେ ଭୂଲୁଣ୍ଠିତ ହେଲା ବୋଲି କୁହାଯାଇପାରେ। ଏଥିରୁ ବୁଝିବାକୁ ହେବ ଯେ, ଅହଂକାର ପ୍ରଦର୍ଶନ କରି ଅନ୍ୟକୁ ନ୍ୟୂନ ଦେଖୁଥିବା ବ୍ୟକ୍ତିମାନେ ଭୁଲ୍ ନିଷ୍ପତ୍ତି ଯୋଗୁ ସମୟକ୍ରମେ ଅପଦସ୍ଥ ହୋଇଥାଆନ୍ତି।

ଯୁଦ୍ଧ ସ୍ଥିତିରେ ବିରାମ ଲାଗିବା ନେଇ ଟ୍ରମ୍ପ୍‌ଙ୍କ ନିଷ୍ପତ୍ତି ଅବଶ୍ୟ ବିଶ୍ୱ ବଜାରକୁ ଉତ୍ଥାନ ଆଡ଼କୁ ନେଇଛି। ୫ ଦିନ ପାଇଁ ଆକ୍ରମଣ ବନ୍ଦ ରହିବା ନେଇ ଟ୍ରମ୍ପ୍‌ଙ୍କ ସୋସିଆଲ ମିଡିଆର ବାର୍ତ୍ତା ପହଞ୍ଚିବା ପରେ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ୧୧୮ରୁ ୧୦୧କୁ ଖସି ଆସିଛି। ସେହିପରି ସୁନା ଦର ୧୦ ଗ୍ରାମ୍ ପିଛା ୧୨ ହଜାର ଟଙ୍କା ଓ ରୁପା କିଲୋଗ୍ରାମରେ ୨୦ ହଜାର ଟଙ୍କା କମିଯାଇଛି। ତେବେ ଭାରତ ପାଇଁ ସ୍ଥିତି ହଠାତ୍ ଅନୁକୂଳ ନ ହୋଇ ଡଲାର ତୁଳନାରେ ଭାରତୀୟ ମୁଦ୍ରା ୯୪ ଟଙ୍କା ଛୁଇଁବା ଚିନ୍ତା ସୃଷ୍ଟି କରିଛି। ଏଭଳି ଅର୍ଥନୈତିକ ପରିସ୍ଥିତି ପାଇଁ ଭାରତ ସରକାର ଖୋଦ୍ ଦାୟୀ। ଆରମ୍ଭରୁ ଇସ୍ରାଏଲକୁ ସମର୍ଥନ କରି ଭାରତ ଏକ ଅସୁବିଧାଜନକ ସ୍ଥିତିରେ ପଡ଼ିଯାଇଛି। ଭାଜପାର ଆଭ୍ୟନ୍ତରୀଣ ମୁସଲମାନ ବିରୋଧୀ ରାଜନୀତିକୁ ଯେତେବେଳେ ଅନ୍ତର୍ଜାତୀୟ ସ୍ତରରେ କାର୍ଯ୍ୟକାରୀ କରାଯାଉଛି, ତାହା ଦେଶ ପାଇଁ ଜଟିଳ ପରିସ୍ଥିତି ସୃଷ୍ଟି କରୁଛି। ଗୋଟିଏ ପଟେ ଭୋଟ ପାଇବାର ଲୋଭ ଅନ୍ୟପଟେ ଅନ୍ତର୍ଜାତୀୟ ସମ୍ପର୍କରେ ବିଶୃଙ୍ଖଳା ଭାରତକୁ ଅସ୍ୱାଭାବିକ ସ୍ଥିତିକୁ ନେଇଯାଉଛି।

ଆଉ ଏକ ବିଷୟ ହେଉଛି, ଆମେରିକା ଯୁଦ୍ଧ ସ୍ଥଗିତ ନେଇ ନିଷ୍ପତ୍ତି ନେଇଥିଲେ ମଧ୍ୟ ଇସ୍ରାଏଲ ପୂର୍ବ ଭଳି ଇରାନ୍ ଉପରେ ଆକ୍ରମଣ ଜାରି ରଖିଛି। ଏହା ନିଶ୍ଚିତ ଭାବେ ଏକ ବିରୋଧାଭାସ ସ୍ଥିତି ସୃଷ୍ଟି କରିଛି। ଆମେରିକା ଓ ଇସ୍ରାଏଲ ମିଳିତ ସମର ଅଭିଯାନ ଚଳାଇଥିବା ବେଳେ ଗୋଟିଏ ଦେଶ ନୀରବ ରହିବା ଯୁଦ୍ଧ ମୋଡ଼ କେଉଁ ଆଡ଼କୁ ଯିବ କହିହେଉ ନାହିଁ। ଏହା ଜଣାଶୁଣା ଯେ, ଅଶାନ୍ତ ମଧ୍ୟପ୍ରାଚ୍ୟରେ ଇସ୍ରାଏଲ ନିଜର ସ୍ଥାୟିତ୍ୱ ବଜାୟ ରଖିବା ଲାଗି ଇରାନ୍‌କୁ ଧମକାଇ ରଖିବାକୁ ଚାହିଁଥାଏ। କିନ୍ତୁ ଏତେସବୁ ଭିତରେ ଯେଉଁ ବିଷୟ ଅନ୍ତର୍ଜାତୀୟ ସ୍ତରରେ ନୂଆ ଚର୍ଚ୍ଚା ସୃଷ୍ଟି କଲା ତାହା ହେଉଛି ଆମେରିକାର ଆଧିପତ୍ୟ ଏହି ଯୁଦ୍ଧ ଯୋଗୁ ବଡ଼ ଧକ୍କା ଖାଇଲା। ଟ୍ରମ୍ପ୍ ଭାବିଥିଲେ ଆମେରିକାର ସାମରିକ ଡରାଣରେ ଇରାନ୍ କାକୁସ୍ଥ ହୋଇ ତାଙ୍କ ଶରଣାପନ୍ନ ହେବ। କିନ୍ତୁ ଇରାନ୍ ସୁପର ରଣକୌଶଳ ପ୍ରଦର୍ଶନ କରି ଟ୍ରମ୍ପ୍‌ଙ୍କୁ ଆଣ୍ଠେଇ ଦେଲା। ଫଳରେ ଆମେରିକାର ସମ୍ମାନ ବିଶ୍ୱସ୍ତରରେ ଭୂଲୁଣ୍ଠିତ ହେଲା ବୋଲି କୁହାଯାଇପାରେ। ଏଥିରୁ ବୁଝିବାକୁ ହେବ ଯେ, ଅହଂକାର ପ୍ରଦର୍ଶନ କରି ଅନ୍ୟକୁ ନ୍ୟୂନ ଦେଖୁଥିବା ବ୍ୟକ୍ତିମାନେ ଭୁଲ୍ ନିଷ୍ପତ୍ତି ଯୋଗୁ ସମୟକ୍ରମେ ଅପଦସ୍ଥ ହୋଇଥାଆନ୍ତି।

# ପେଟ୍ରୋଡଲାର ସାମ୍ରାଜ୍ୟ



ଡ. ରଜନୀକାନ୍ତ ଖୁଣ୍ଟିଆ

ପୃଥିବୀର କୌଣସି ଏକ ପେଟ୍ରୋଲ୍ ପମ୍ପରେ ଗାଡ଼ିରେ ଇନ୍ଧନ ଭରିବା ଦୃଶ୍ୟ ସାଧାରଣ ହୋଇପାରେ, କିନ୍ତୁ ଏହା ପ୍ରଚ୍ଛଦପଟରେ ଏକ ବିଶାଳ ଆର୍ଥିକ ବ୍ୟବସ୍ଥା କାମ କରୁଥାଏ, ଯାହା ମଧ୍ୟପ୍ରାଚ୍ୟର ତୈଳ ଖଣି, ନ୍ୟୁୟର୍କର ଆର୍ଥିକ ବଜାର ଓ ବିଶ୍ୱର ବିଭିନ୍ନ ଦେଶର କେନ୍ଦ୍ରୀୟ ବ୍ୟାଙ୍କକୁ ଏକ ଅଦୃଶ୍ୟ ସୂତ୍ରରେ ଯୋଡ଼ିଥାଏ। ନୂଆଦିଲ୍ଲୀରୁ ନାଇରୋବି, ଟୋକିଓରୁ ଟରଣ୍ଟୋ ପର୍ଯ୍ୟନ୍ତ ଆଧୁନିକ ବିଶ୍ୱ ଅର୍ଥନୀତିର ସେହି ବ୍ୟବସ୍ଥାଟି ହେଉଛି ପେଟ୍ରୋଡଲାର। ଗତ ପାଞ୍ଚ ଦଶକ ଧରି ପେଟ୍ରୋଡଲାର ବିଶ୍ୱ ବ୍ୟବସାୟ, ଭୂରାଜନୀତି ଓ ଆର୍ଥିକ ଶକ୍ତିକୁ ପ୍ରଭାବିତ କରିଆସୁଛି ଓ ଏହା ଆମେରିକୀୟ ଡଲାରକୁ ବିଶ୍ୱର ପ୍ରମୁଖ ମୁଦ୍ରା ଭାବେ ପ୍ରତିଷ୍ଠା କରିଛି। କିନ୍ତୁ ବର୍ତ୍ତମାନ ବିଶ୍ୱ ଅର୍ଥନୀତିରେ ଶକ୍ତି, ଭୂରାଜନୀତିକ ପ୍ରତିଯୋଗିତା ତଥା ପୁନଃ ନବୀକରଣ ଶକ୍ତି ବୃଦ୍ଧି ଏହି ବ୍ୟବସ୍ଥାର ଭବିଷ୍ୟତକୁ ନେଇ ନୂତନ ପ୍ରଶ୍ନ ଉଠାଇଛି ଏବଂ ପରିବର୍ତ୍ତନର ଏକ ନୂତନ ପର୍ଯ୍ୟାୟରେ ପ୍ରବେଶ କରିଛି।

ପେଟ୍ରୋଡଲାର ଶବ୍ଦ ଦୁଇଟି ଶବ୍ଦରୁ ଗଠିତ; ପେଟ୍ରୋଲିୟମ ଓ ଡଲାର। ଏହାର ଅର୍ଥ ହେଉଛି ବିଶ୍ୱ ବଜାରରେ ଅଶୋଧିତ ତୈଳର ବ୍ୟବସାୟ ମୁଖ୍ୟତଃ ଆମେରିକୀୟ ଡଲାରରେ ହେବା। ପୃଥିବୀର ପ୍ରାୟ ସମସ୍ତ ଦେଶ ତେଲ ଆମଦାନୀ କରନ୍ତି। ଯେହେତୁ ତୈଳର ମୂଲ୍ୟ ଡଲାରରେ ନିର୍ଦ୍ଧାରିତ, ସେଥିପାଇଁ ସମସ୍ତ ଦେଶକୁ ତୈଳ କିଣିବା ପାଇଁ ଡଲାର ସଂଗ୍ରହ କରିବାକୁ ପଡ଼େ। ଏହି ବ୍ୟବସ୍ଥା ଡଲାରକୁ ବିଶ୍ୱର ସର୍ବାଧିକ ପ୍ରଭାବଶାଳୀ ମୁଦ୍ରାରେ ପରିଣତ କରିଦେଇଛି। ପେଟ୍ରୋଡଲାରର କାହାଣୀ ୧୯୭୦ ଦଶକରେ ଆରମ୍ଭ ହୋଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ବିଶ୍ୱ ଆର୍ଥିକ ବ୍ୟବସ୍ଥା ବ୍ରେଟନ୍‌ଉଡ୍ସ ବ୍ୟବସ୍ଥା ଉପରେ ନିର୍ଭର କରୁଥିଲା, ଯେଉଁଠାରେ ଡଲାର ସୁନା ସହିତ ଜଡ଼ିତ ଥିଲା। ୧୯୭୧ ରେ ଆମେରିକା ରାଷ୍ଟ୍ରପତି ରିଚାର୍ଡ ନିକ୍ସନ ଡଲାରକୁ ସୁନା ସହିତ ବଦଳାଇବା ବ୍ୟବସ୍ଥାକୁ ବନ୍ଦ କରିଦେଲେ। ଏହା ବ୍ରେଟନ୍‌ଉଡ୍ସ ବ୍ୟବସ୍ଥାର ଶେଷ ଘୋଷଣା ଥିଲା ଓ ବିଶ୍ୱ ଅର୍ଥନୀତିରେ ଡଲାରର ଭବିଷ୍ୟତ ନେଇ ସନ୍ଦେହ ସୃଷ୍ଟି କଲା। ଏହି ପରିସ୍ଥିତିରେ ଆମେରିକା ସାଉଦି ଆରବ ଓ ଅର୍ଗାନାଇଜେଶନ ଅଫ୍ ଦି ପେଟ୍ରୋଲିୟମ ଏକ୍ସପୋର୍ଟିଂ କଣ୍ଟ୍ରିଜ୍ ବା ଓପିଇସି ଦେଶଗୁଡ଼ିକ ସହ ଚୁକ୍ତି କଲା। ଏହି ଚୁକ୍ତି ଅନୁସାରେ ବିଶ୍ୱ ବଜାରରେ ଅଶୋଧିତ ତୈଳ ବିକ୍ରୟ କେବଳ ଡଲାରରେ ହେଲା। ବଦଳରେ ଆମେରିକା ସେହି ଦେଶଗୁଡ଼ିକୁ ସାମରିକ ସୁରକ୍ଷା ଓ ରାଜନୈତିକ ସମର୍ଥନ ଦେଲା। ଏହା ପରେ ବିଶ୍ୱର ସମସ୍ତ ଦେଶ ଅଶୋଧିତ ତୈଳ କିଣିବା ପାଇଁ ଡଲାର ସଂଗ୍ରହ କରିବାକୁ ବାଧ୍ୟ ହେଲେ। ଏହିପରି ଭାବରେ ପେଟ୍ରୋଡଲାର ସାମ୍ରାଜ୍ୟର ଆରମ୍ଭ ହେଲା।

ଅଶୋଧିତ ତୈଳ ଏବେ ମଧ୍ୟ ବିଶ୍ୱ ଅର୍ଥନୀତିର ମୂଳଶକ୍ତି। ଇଣ୍ଟରନ୍ୟାଶନାଲ ଏନର୍ଜି ଏଜେନ୍ସି (ଆଇଇଏ)ଅନୁସାରେ ପୃଥିବୀରେ ପ୍ରତିଦିନ ପ୍ରାୟ ୧୦୦ ମିଲିୟନ ବ୍ୟାରେଲ ତେଲ ବ୍ୟବହୃତ ହୁଏ। ବିଶ୍ୱ ତେଲ ବ୍ୟବସାୟର ମୂଲ୍ୟ ପ୍ରତିବର୍ଷ ଦୁଇ ଟ୍ରିଲିୟନ ଡଲାରରୁ ଅଧିକ। ଏହି ବ୍ୟବସାୟ ଡଲାରରେ ହେବାରୁ ସମସ୍ତ ଦେଶକୁ ଡଲାର ରିଜର୍ଭ ରଖିବାକୁ ପଡ଼େ। ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି ଆଇଏମ୍ଏଫ୍ ଅନୁସାରେ ବିଶ୍ୱର ପ୍ରାୟ ୫୮% ବିଦେଶୀ ମୁଦ୍ରା ଭଣ୍ଡାର ଡଲାରରେ ରହିଛି। ଯଦିଓ ପୂର୍ବରୁ ଏହା ପ୍ରାୟ ୭୦% ଥିଲା, ତଥାପି ଡଲାର ସର୍ବପ୍ରମୁଖ ମୁଦ୍ରା। ପେଟ୍ରୋଡଲାର ବ୍ୟବସ୍ଥାର ମୂଳ ଧାରଣା ସରଳ। ଯେହେତୁ ତେଲର ମୂଲ୍ୟ ଡଲାରରେ ନିର୍ଦ୍ଧାରିତ, ତେଣୁ ଯେକୌଣସି ଦେଶ ତେଲ କିଣିବାକୁ ରପ୍ତାନି, ବିଦେଶୀ ନିବେଶ କିମ୍ବା ବିଦେଶୀ ମୁଦ୍ରା ବଜାର ମାଧ୍ୟମରେ ଡଲାର ଅର୍ଜନ କରନ୍ତି। ତୈଳ ଉତ୍ପାଦନକାରୀ ଦେଶଗୁଡ଼ିକ ଏହି ଡଲାରକୁ ପୁନର୍ବାର ଆମେରିକାର ବ୍ୟାଙ୍କ ଓ ଆର୍ଥିକ ବଜାରରେ ନିବେଶ କରନ୍ତି। ଏହାକୁ ପେଟ୍ରୋଡଲାର ରିସାଇକ୍ଲିଂ ବୋଲି କୁହାଯାଏ। ଏହି ପ୍ରକ୍ରିୟା ଡଲାର ଚାହିଦାକୁ ସ୍ଥାୟୀ କରି ରଖେ।



ପେଟ୍ରୋଡଲାର ବ୍ୟବସ୍ଥା କେବଳ ଅର୍ଥନୀତିକ ନୁହେଁ, ଏହା ଭୂରାଜନୀତିକ ଭାବରେ ଶକ୍ତିଶାଳୀ ଭୂମିକା ଗ୍ରହଣ କରେ। ଡଲାରର ପ୍ରଭୁତ୍ୱ ଆମେରିକାକୁ ବିଶ୍ୱ ଅର୍ଥନୀତିରେ ବିଶେଷ ଶକ୍ତି ଦେଇଛି। ଅନେକ ଅନ୍ତର୍ଜାତୀୟ ବ୍ୟବସାୟ ଓ ଋଣ ଡଲାରରେ ହୁଏ। ଏହି ପ୍ରଭାବ ଦ୍ୱାରା ଆମେରିକା ଅନ୍ୟ ଦେଶଗୁଡ଼ିକ ଉପରେ ଆର୍ଥିକ ପ୍ରତିବନ୍ଧକ ଲାଗୁ କରିପାରେ। କୌଣସି ଦେଶକୁ ଡଲାର ଆଧାରିତ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରୁ ବାହାର କରାଇଲେ ସେହି ଦେଶର ଅର୍ଥନୀତି ଗଭୀର ସଙ୍କଟରେ ପଡ଼ିପାରେ। ଏହି କାରଣରୁ ତେଲ ସମୃଦ୍ଧ ଅଞ୍ଚଳଗୁଡ଼ିକ ବିଶ୍ୱ ରାଜନୀତିରେ ବହୁତ ଗୁରୁତ୍ୱ ଧାରଣକରେ। ଭାରତ ପୃଥିବୀର ତୃତୀୟ ସର୍ବାଧିକ ତୈଳ ଉପଭୋକ୍ତା ଦେଶ। ଦେଶର ପ୍ରାୟ ୮୫% ତେଲ ବିଦେଶରୁ ଆମଦାନୀ କରାଯାଏ। ଯେହେତୁ ତେଲ ବ୍ୟବସାୟ ଡଲାରରେ ହୁଏ, ସେଥିପାଇଁ ଭାରତକୁ ବହୁ ପରିମାଣର ଡଲାର ସଂଗ୍ରହ କରିବାକୁ ପଡ଼େ। ୨୦୨୩–୨୪ ଆର୍ଥିକ ବର୍ଷରେ ଭାରତ ତୈଳ ଆମଦାନୀ ପାଇଁ ପ୍ରାୟ ୧୩୨ ବିଲିୟନ ଡଲାର ଓ ୨୦୨୪–୨୫ ଆର୍ଥିକ ବର୍ଷରେ ପ୍ରାୟ ୧୪୫ ବିଲିୟନ ଡଲାର ବ୍ୟୟ କରିଛି। ତୈଳ ମୂଲ୍ୟ ବଢ଼ିଲେ ଭାରତର ଆମଦାନୀ ଖର୍ଚ୍ଚ ବଢ଼ିଯାଏ ଓ ବ୍ୟବସାୟରେ କ୍ଷତି ବୃଦ୍ଧି ପାଏ। ଯଦି ତୈଳ ମୂଲ୍ୟ ପ୍ରତି ବ୍ୟାରେଲ ୧୦ ଡଲାର ବଢ଼େ, ତେବେ ଭାରତର ଆମଦାନୀ ବିଲ୍ ପ୍ରାୟ ୧୨୧୫ ବିଲିୟନ ଡଲାର ବଢ଼ିପାରେ। ଡଲାରର ଚାହିଦା ବଢ଼ିଲେ ଭାରତୀୟ ମୁଦ୍ରାର ମୂଲ୍ୟ କମିପାରେ। ଭାରତୀୟ ମୁଦ୍ରା ଦୁର୍ବଳ ହେଲେ ତୈଳ ଆମଦାନୀ ଆହୁରି ମହଙ୍ଗା ହୋଇଯାଏ। ତୈଳ ମୂଲ୍ୟ ବଢ଼ିଲେ ପରିବହନ, ଶିଳ୍ପ ଓ କୃଷି ଖର୍ଚ୍ଚ ବଢ଼ିଯାଏ। ଏହା ଦ୍ୱାରା ଦେଶରେ ମୁଦ୍ରାସ୍ଫୀତି ବୃଦ୍ଧି ପାଏ।

ବର୍ତ୍ତମାନ ବିଶ୍ୱ ଅର୍ଥନୀତି ଧୀରେ ଧୀରେ ପରିବର୍ତ୍ତିତ ହେଉଛି। କିଛି ଦେଶ ତୈଳ ବ୍ୟବସାୟରେ ଡଲାର ବଦଳରେ ଅନ୍ୟ ମୁଦ୍ରା ବ୍ୟବହାର କରିବାକୁ ଚେଷ୍ଟା କରୁଛନ୍ତି। ଏହା ସହିତ ପୁନଃ ନବୀକରଣ ଶକ୍ତିର ଉନ୍ନତି ମଧ୍ୟ ଭବିଷ୍ୟତରେ ତେଲ ଉପରେ ନିର୍ଭରତାକୁ କମାଇପାରେ। ଚାଇନା, ଋଷିଆ ଓ କିଛି ଦେଶ ତୈଳ ବ୍ୟବସାୟରେ ଡଲାର ବଦଳରେ ଅନ୍ୟ ମୁଦ୍ରା ବ୍ୟବହାର କରିବାକୁ ଚେଷ୍ଟା କରୁଛନ୍ତି। ଚାଇନା ୟୁଆନ୍ ଆଧାରିତ ଅନ୍ତର୍ଜାତୀୟ ବଜାର ଆରମ୍ଭ କରିଛି। ବିଶ୍ୱର ବିଭିନ୍ନ ସରକାର ସୌର ଶକ୍ତି, ପବନ ଶକ୍ତି, ବିଦ୍ୟୁତ୍‌ଚାଳିତ ଯାନ ଓ ଗ୍ରୀନ୍ ହାଇଡ୍ରୋଜେନ ପ୍ରଯୁକ୍ତିରେ ବିଶାଳ ନିବେଶ କରୁଛନ୍ତି। ଅନ୍ତର୍ଜାତୀୟ ପୁନଃ ନବୀକରଣ ଶକ୍ତି ଏଜେନ୍ସି (ଆଇଆର୍‌ଇଏନ୍‌ଏ) ଅନୁସାରେ ୨୦୨୩ରେ ବିଶ୍ୱର ପ୍ରାୟ ୩୦% ବିଦ୍ୟୁତ ଉତ୍ପାଦନ ପୁନଃ ନବୀକରଣ ଶକ୍ତି ଉତ୍ସରୁ ହୋଇଥିଲା। ଏହି ପରିବର୍ତ୍ତନ ପାଇଁ ଭାରତ ମଧ୍ୟ ପ୍ରସ୍ତୁତି ଆରମ୍ଭ କରିଛି। ୨୦୩୦ ପର୍ଯ୍ୟନ୍ତ ୫୦୦ ଗିଗାୱାଟ୍ ଅଜୀବାଶ୍ମ ଇନ୍ଧନ ଶକ୍ତି କ୍ଷମତା ସୃଷ୍ଟି କରିବା ଭାରତର ଲକ୍ଷ୍ୟ। ସୌର ଓ ପବନ ଶକ୍ତି ଉତ୍ପାଦନରେ ଭାରତ ବିଶ୍ୱର ଦ୍ରୁତ ବୃଦ୍ଧିଶୀଳ ବଜାରଗୁଡ଼ିକ ମଧ୍ୟରେ ଗଣ୍ୟ। ଏହା ସହିତ ଭାରତ କିଛି ଅନ୍ତର୍ଜାତୀୟ ବ୍ୟବସାୟକୁ ଡଲାର ପରିବର୍ତ୍ତେ ଭାରତୀୟ ମୁଦ୍ରାରେ ସମାଧାନ କରିବା ଉପାୟ ମଧ୍ୟ ଖୋଜୁଛି। ଏହି ପଦକ୍ଷେପଗୁଡ଼ିକର ଲକ୍ଷ୍ୟ ହେଉଛି ବିଶ୍ୱ ମୁଦ୍ରା ପରିବର୍ତ୍ତନର ଅସ୍ଥିରତାରୁ ଦେଶକୁ ସୁରକ୍ଷିତ କରିବା ସହିତ ଆର୍ଥିକ ସ୍ଥିରତାକୁ ମଜଭୁତ କରିବା। ଏହି ସମସ୍ତ ପରିବର୍ତ୍ତନ ଚେଷ୍ଟାରେ ସମଗ୍ର ଅନ୍ତର୍ଜାତୀୟ ବଜାରରେ ଏକ ବହୁମୁଖୀ ମୁଦ୍ରା ବ୍ୟବସ୍ଥା ଗଠନର ସମ୍ଭାବନା ରହିଛି, ଯେଉଁଠାରେ ଏକମାତ୍ର ମୁଦ୍ରାର ପ୍ରଭୁତ୍ୱ ପରିବର୍ତ୍ତେ ଅନେକ ପ୍ରମୁଖ ମୁଦ୍ରା ବିଶ୍ୱ ଅର୍ଥନୀତିରେ ଭାଗୀଦାର ହେବ।

ନିକଟ ଭବିଷ୍ୟତରେ ପେଟ୍ରୋଡଲାର ପ୍ରଣାଳୀ ହଠାତ୍ ଅନ୍ତର୍ଦ୍ଧାନ ହେବାର ସମ୍ଭାବନା ନାହିଁ। ଆଜି ମଧ୍ୟ ଆମେରିକୀୟ ଡଲାର ବିଶ୍ୱ ଆର୍ଥିକ ବଜାର, ଅନ୍ତର୍ଜାତୀୟ ବ୍ୟବସାୟ ଓ ବିଦେଶୀ ନିବେଶରେ ପ୍ରମୁଖ ଭୂମିକା ନିଭାଉଛି। ଆମେରିକାର ଆର୍ଥିକ ସଂସ୍ଥାଗୁଡ଼ିକ ବିଶ୍ୱର ସବୁଠାରୁ ବିଶ୍ୱସନୀୟ ଓ ସକ୍ରିୟ ବଜାରଗୁଡ଼ିକ ମଧ୍ୟରେ ରହିଛନ୍ତି। ବିଶ୍ୱ ଉର୍ଜା ବଜାରରୁ ଡଲାରକୁ ପରିବର୍ତ୍ତନ କରିବାକୁ ହେଲେ ସମଗ୍ର ଅନ୍ତର୍ଜାତୀୟ ଆର୍ଥିକ ବ୍ୟବସ୍ଥାରେ ବଡ଼ ପରିବର୍ତ୍ତନ ଆବଶ୍ୟକ। ପେଟ୍ରୋଡଲାର ବ୍ୟବସ୍ଥା ଆଧୁନିକ ବିଶ୍ୱ ଅର୍ଥନୀତିର ଏକ ଶକ୍ତିଶାଳୀ ସାମ୍ରାଜ୍ୟ। ତୈଳ ଓ ଡଲାରର ଏହି ସମ୍ପର୍କ ବିଶ୍ୱ ରାଜନୀତି, ଅର୍ଥନୀତି ଓ ଶକ୍ତି ସନ୍ତୁଳନକୁ ପ୍ରଭାବିତ କରିଆସୁଛି। ଭାରତ ପାଇଁ ଏହି ବ୍ୟବସ୍ଥାର ପ୍ରଭାବ ଅତ୍ୟନ୍ତ ଗମ୍ଭୀର। ତେଣୁ ଭବିଷ୍ୟତରେ ଶକ୍ତି ସୁରକ୍ଷା, ବିକଳ୍ପ ଶକ୍ତି ଉତ୍ସରେ ଉନ୍ନତି ଓ ଆର୍ଥିକ ରଣନୀତି ଭାରତର ଅର୍ଥନୀତିକ ସ୍ଥିରତା ପାଇଁ ଆବଶ୍ୟକ। ତୈଳ, ମୁଦ୍ରା ଓ ଶକ୍ତିର ଏହି ସମ୍ପର୍କ ଆଗାମୀ ଦିନରେ ବିଶ୍ୱ ଅର୍ଥନୀତିର ଯେ ଦିଗ ନିର୍ଣ୍ଣୟ କରିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

ମୋ: ୯୯୩୭୨୮୫୬୭୨

# ଜୀବନର ନୈତିକ ମୂଲ୍ୟବୋଧ



ସଂଗ୍ରାମ କେଶରୀ ପୃଷ୍ଟି

କଥାରେ ଅଛି–'ଥିଲେ ଥାଉ ପଛେ ଗୁଣ ହଜାର, ଚରିତ୍ର ନଥିଲେ ସବୁ ଅସାର।' ସୁତରାଂ ଆମ ଜୀବନରେ ନୈତିକ ମୂଲ୍ୟବୋଧର ଏକ ମୁଖ୍ୟ ଆଧାର ହେଉଛି – ଚରିତ୍ର। ଯାହା ବ୍ୟକ୍ତିତ୍ୱକୁ ସୁଦୃଢ଼, ସୁସଂଯତ ଓ ସୁସଙ୍ଗଠିତ କରିଥାଏ। ଏହା ସମାଜ ପାଇଁ ସାଜିଥାଏ ଆଲୋକବର୍ତ୍ତିକା, ଅନ୍ୟମାନଙ୍କ ପାଇଁ ପାଲଟି ଯାଇଥାଏ ଉଚ୍ଚ ଆଦର୍ଶ ଓ ପ୍ରେରଣାର ଉତ୍ସ। ନୈତିକତା ହେଉଛି ମାନବ ଜୀବନର ଭିତ୍ତିଭୂମି। ସତ୍ୟ ଓ ନ୍ୟାୟ ହେଉଛି ଏହାର ଦୁଇଟି ଚକ୍ଷୁ। ନୈତିକତା ବିହୀନ ଶିକ୍ଷା ହେଉଛି ଆଲୋକ ବିହୀନ ଦୀପ ସଦୃଶ। ଏହା ହେଉଛି ଶାନ୍ତି ଓ ସମ୍ମାନର ଆଧାର। ଯେଉଁଠି ନୈତିକତା ରହେ, ସେଇଠି ବିଶ୍ୱାସ ଓ ସମ୍ମାନ ଜନ୍ମ ନିଏ। ଏହା ହିଁ ମଣିଷକୁ ମହାନ କରେ।

ଏକ ସୁସ୍ଥ, ସୁନ୍ଦର ଓ ବଳିଷ୍ଠ ବ୍ୟକ୍ତିତ୍ୱ ଗଠନ ପରିପ୍ରେକ୍ଷୀରେ ଆମ ଜୀବନ ପାଇଁ ଯେଉଁ ଉପାଦାନ ଏକାନ୍ତ ଅପରିହାର୍ଯ୍ୟ, ତାହା ହେଉଛି ନୈତିକ ମୂଲ୍ୟବୋଧ। ଏକ ସୁସ୍ଥ ଓ ଶୃଙ୍ଖଳିତ ସମାଜ ଗଠନ ଦିଗରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ନୈତିକ ମୂଲ୍ୟବୋଧ ଜଣେ ବ୍ୟକ୍ତିକୁ ଉଚିତ ଓ ଅନୁଚିତ ଜାଣିବାକୁ ପର୍ଯ୍ୟାପ୍ତ ସୁଯୋଗ ଦିଏ। ଆମ କାର୍ଯ୍ୟକଳାପକୁ ଶୃଙ୍ଖଳିତ ଓ ପରିମାର୍ଜିତ କରାଇଥାଏ। ନୈତିକ ମୂଲ୍ୟବୋଧ ଆଧାରିତ ଜୀବନ ସଫଳତା ଆଡକୁ ବାଟ କଢ଼ାଏ। ଜୀବନର ଚଲାପଥକୁ କରିଥାଏ କୁସୁମିତ।

ନୈତିକ ମୂଲ୍ୟବୋଧ କେତୋଟି ଆଦର୍ଶର ସ୍ତୁପ ଉପରେ ସଂସ୍ଥାପିତ। ଯାହାର ସମ୍ମିଳିତ ଉଦ୍ୟମ ହିଁ ବ୍ୟକ୍ତିତ୍ୱର ଉର୍ଜାକୁ ଉଦ୍ଭାସିତ କରିଥାଏ। ତନ୍ମଧ୍ୟରୁ ସତ୍ୟବାଦିତା ଓ ସାଧୁତା ଉଲ୍ଲେଖନୀୟ। ମହାତ୍ମା ଗାନ୍ଧୀଙ୍କ ତ୍ୟାଗ ଓ ତିତୀକ୍ଷା ନେପଥ୍ୟରେ ଥିବା ସତ୍ୟବାଦିତା ପ୍ରଣିଧାନଯୋଗ୍ୟ, ଯାହା ଆମ ସ୍ୱାଧୀନତାର ସ୍ୱପ୍ନକୁ ସାକାର କରିପାରିଥିଲା। ସେହିପରି ସତ୍ୟ ରକ୍ଷା କରିବାକୁ ଯାଇ ରାଜା ଦଶରଥ ପୁତ୍ର ରାମଚନ୍ଦ୍ରଙ୍କୁ ଚଉଦ ବର୍ଷ ପାଇଁ ବନକୁ ନିର୍ବାସିତ କରିଥିଲେ। ସତ୍ୟବାଦୀ ପାଖରେ ହିଁ ସାଧୁତାର ସ୍ୱରୂପ ପ୍ରକଟିତ ହୋଇଥାଏ। ଧର୍ମରାଜ ଯୁଧିଷ୍ଠିର ସତ୍ୟ ଓ ନ୍ୟାୟର ଅବତାର ହୋଇ ସୁଦ୍ଧା ତାଙ୍କର ସେହି ପଦିଏ କଥା 'ନରେ ବା ଗୁଞ୍ଜରେ ଅଶ୍ୱତ୍ଥମା ହତ' ହିଁ ତାଙ୍କୁ କଳଙ୍କିତ କରିଦେଇଥିଲା।

ଦୟା ଓ କ୍ଷମା ମଣିଷପଣିଆର ପରିଚାୟକ। ପରକୁ ଆପଣାର କରିବାର, ଶତ୍ରୁକୁ ମିତ୍ରରେ ପରିବର୍ତ୍ତନ କରିବାର, ଅପରିଚିତକୁ ପରିଚିତ କରାଇବାର ଏହା ଏକ ମହୌଷଧି। ହିଂସାକୁ ଦମନ କରିବାରେ ମଧ୍ୟ ଏହା ସାମର୍ଥ୍ୟ ରଖିଥାଏ। 'ବୁଦ୍ଧଂ ଶରଣଂ ଗଚ୍ଛାମି'ର ସେହି ମହାମନ୍ତ୍ର ଦିନେ ମଗଧ ସମ୍ରାଟ ଅଶୋକଙ୍କୁ ଚଣ୍ଡାଶୋକରୁ ଧର୍ମାଶୋକରେ ପରିବର୍ତ୍ତନ କରାଇପାରିଥିଲା। ସେ ହିଂସା ପରିହାର କରି ଅହିଂସା ନୀତିକୁ ଆପଣାଇ ନେଇଥିଲେ। ମନରେ ଦୟାଭାବ ଉଦ୍ରେକ ହୋଇପାରିଥିଲା ବୋଲି ତ ଦସ୍ୟୁ ରତ୍ନାକର ପାଲଟି ଯାଇଥିଲେ ବାଲ୍ମୀକି। ସେହିପରି ଋଷି ବିଶ୍ୱାମିତ୍ର ବ୍ରହ୍ମର୍ଷି ବଶିଷ୍ଠଙ୍କ ପୁତ୍ରମାନଙ୍କୁ ଗୋଟି ଗୋଟି କରି ହତ୍ୟା କରିଥିଲେ ମଧ୍ୟ ବଶିଷ୍ଠ ତାଙ୍କୁ ଉଦାର ହୃଦୟରେ କ୍ଷମା ପ୍ରଦାନ କରି ମହାନତାର ପରିଚୟ ଦେଇଥିଲେ।



ନୈତିକ ମୂଲ୍ୟବୋଧର ଅନ୍ୟ ଏକ ସ୍ତମ୍ଭ ହେଉଛି – ସହନଶୀଳତା। ଜୀବନରେ କେତେ ଯେ ଝଡ଼ଝଞ୍ଜା ଆସେ ତାହା କହିହେବନି। ଏସବୁ ଭିତରେ ସବୁ ସମୟରେ, ସବୁ ପରିସ୍ଥିତିରେ ନିଜର ଅସାମାନ୍ୟ ଧୈର୍ଯ୍ୟ ଓ ସହନଶୀଳତାର ପରୀକ୍ଷା ଦେଇ ଆଗକୁ ବଢ଼ୁଥିବା ମଣିଷଟି ଜୀବନରେ ସଫଳ ହୁଏ। ପାହାଚ ତଳର ଘାସପରି ପ୍ରତି ମୁହୂର୍ତ୍ତରେ ଦଳିଚକଟି ହେଉଥିଲେ ବି ତା' ଭିତରେ ଥାଏ ବଞ୍ଚିବାର ସ୍ୱପ୍ନଟିଏ। ଫଳଭାରରେ ନଇଁ ପଡ଼ିଥିବା ଗଛକୁ ଦେଖିଲେ ତା' ଭିତରେ ଉପଲବ୍ଧି କରିହୁଏ ସହନଶୀଳତାର ପରାକାଷ୍ଠା। ଧୈର୍ଯ୍ୟଧରି ସମୟ ସହିତ ଚାଲିପାରିଲେ ଜୀବନ ସାର୍ଥକ ହୁଏ। ଭାଙ୍ଗିପଡ଼ିଲେ କିଛି ସମାଧାନ ହୁଏନାହିଁ, ସେଥିପାଇଁ ପରିସ୍ଥିତି ସହିତ ମୁକାବିଲା କରିବାକୁ ପଡ଼ିଥାଏ। ଆଉ ଏଥିପାଇଁ ଆବଶ୍ୟକ ହୋଇଥାଏ ଧୈର୍ଯ୍ୟ ଓ ସାହସ।

ଅନୁଶାସନ ଆମ ଜୀବନଧାରଣ ଶୈଳୀକୁ ପ୍ରଭାବିତ କରିଥାଏ। ନିର୍ଦ୍ଦିଷ୍ଟ ନୀତି ନିୟମର ପରିବେଷ୍ଟନୀ ମଧ୍ୟରେ ରହି ଆଗକୁ ବଢ଼ିବାର ପରିକଳ୍ପନା ନୈତିକ ମୂଲ୍ୟବୋଧକୁ ଜନ୍ମ ଦେଇଥାଏ। ଅନୁଶାସନ ସମାଜରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରେ। ତା' ସୀମା ସରହଦ ଡେଇଁ ବାହାରକୁ ବାହାରିବାର ଧୃଷ୍ଟତା ଅନର୍ଥ ସୃଷ୍ଟି କରେ। ଅଳୀକ କ୍ଷମତା ବା ମୋହମାୟାଠାରୁ ଉର୍ଦ୍ଧ୍ୱରେ ରହି ଅନୁଶାସନ ମଧ୍ୟରେ କାର୍ଯ୍ୟ କରିବାର ପ୍ରତିବଦ୍ଧତା ଏକ ସୁସ୍ଥ ମାନବୀୟ ଚେତନାର ପରିଚାୟକ। ଅନୁଶାସନ ମଧ୍ୟରେ ରହି ଧାଡ଼ି ବାନ୍ଧି ଚାଲିବାର ଯେଉଁ ମହାନ ଶିକ୍ଷା ଆମେ ପିମ୍ପୁଡ଼ିଠାରୁ ପାଉଛୁ, ତାହା ଅନୁକରଣୀୟ।

କୃତଜ୍ଞତା ହିଁ ମାନବୀୟ ଚେତନାର ପରିପ୍ରକାଶ। କୃତଜ୍ଞତା ମଣିଷକୁ ମହାନ କରେ। ତା' ବ୍ୟକ୍ତିତ୍ୱକୁ ବିକଶିତ କରେ। କୃତଜ୍ଞତା ଭାବ ଟିକକ ପାଇଁ ତ ମଣିଷ ମଣିଷକୁ ଅବେଳରେ ସାହାଯ୍ୟ କରିବାକୁ ଆଗେଇ ଆସେ। କୃତଜ୍ଞତା ଜଣାଇବାକୁ ଯାଇ ମାଙ୍କଡମାନେ ବି ରାମଚନ୍ଦ୍ରଙ୍କ ପାଇଁ ସେଦିନ ସମୁଦ୍ରରେ ବାନ୍ଧି ଦେଇଥିଲେ ସେତୁବନ୍ଧ। କୃତଜ୍ଞତା ଜଣାଇବାକୁ ସେଦିନ ନିଜର କଅଁଳା ବାଛୁରୀକୁ କ୍ଷୀର ପିଆଇ ବାଘ ପାଖକୁ ଫେରି ଆସିଥିଲା ବଉଳା ଗାଈ। କି ମହନୀୟତା ଭାବ ସତରେ ! ହେଲେ କୃତଜ୍ଞତାକୁ ବୁଝୁ ନ ଥିବା ମଣିଷ କୃତଘ୍ନ ପାଲଟିଯାଏ ସମାଜ ଆଖିରେ। ଥରେ କୃତଘ୍ନର ମୋହର ବାଜିଲେ ସମାଜ ତାକୁ ଆଉ ଆଖିରେ ବି ଚାହେଁ ନାହିଁ।

ନୈତିକ ମୂଲ୍ୟବୋଧର ସଂଜ୍ଞା ନିରୂପଣ କରିବାକୁ ଯାଇ ସ୍ୱାମୀ ବିବେକାନନ୍ଦ କହିଛନ୍ତି : 'ନୈତିକ ମୂଲ୍ୟବୋଧ ହେଉଛି ଜୀବନର ଆଲୋକ, ଯାହା ଆମକୁ ଠିକ୍ ପଥରେ ଚାଲିବାରେ ସାହାଯ୍ୟ କରେ।' ସମୁଦ୍ରତଟର ବତିଘର ଦିଗହରା ଜାହାଜ ପାଇଁ ପଥପ୍ରଦର୍ଶନ କରିଥାଏ। ଅବାଟରେ ଯିବାକୁ ରୋକିଥାଏ। ଠିକ୍ ସେମିତି ଆମର ନୈତିକ ମୂଲ୍ୟବୋଧ ଆମର ଜୀବନକୁ ଗଠନ କରେ ତଥା ଆମର ନିଷ୍ପତ୍ତି ନେବା ପ୍ରକ୍ରିୟାକୁ ପ୍ରଭାବିତ କରିଥାଏ। ନୈତିକ ମୂଲ୍ୟବୋଧର ଭାବ ଟିକକ ଶୈଶବରୁ ହିଁ ଆମ ପିଲାଙ୍କ ଭିତରେ ସୃଷ୍ଟି କରିବା ଆବଶ୍ୟକ। ଜଣେ ବଡ଼ ମଣିଷ ନୁହେଁ ବରଂ ଜଣେ ଭଲ ମଣିଷ ହେବାର ମାନସିକତା ଆମ ଭିତରେ ଆଣିପାରିଲେ ନୈତିକ ମୂଲ୍ୟବୋଧର ପରିପ୍ରକାଶ ଘଟିବ।

ମୋ: ୯୪୩୭୫୪୭୧୪୬

## ଏଇ ଭାରତରେ

ଟେକ୍ସଟାଇଲ ବର୍ଜ୍ୟ ବା ବୟନଶିଳ୍ପରୁ ବାହାରୁଥିବା ଅଦରକାରୀ କନାକୁ ମୁମ୍ବାଇର ତିନିଜଣ ବନ୍ଧୁ ଅପସାଇକ୍ଲିଂ କରିବାକୁ ସକ୍ଷମ ହୋଇଛନ୍ତି। ୨୦୧୧ରେ ବେର୍ଭଲି ଲୁଇସ, ଦିଲଶାଦ ମେହରଶାହି ଓ ଗୀତାଞ୍ଜଳି ଗୌର ଟେକ୍ସଟାଇଲ ବର୍ଜ୍ୟର ପୁନଃ ବ୍ୟବହାର ପାଇଁ ନିଷ୍ପତ୍ତି ନେଇ ପ୍ରଥମେ ସେମାନେ 'ମାନ୍' ସଂସ୍ଥା ଆରମ୍ଭ କରିଥିଲେ। ଏଠାରେ ସେମାନେ ମୁମ୍ବାଇର ଦିବ୍ୟାଙ୍ଗଙ୍କୁ ଟେଲରିଂ ଓ ହସ୍ତକଳା ପ୍ରଶିକ୍ଷଣ ଦେଉଛନ୍ତି। ଏବେ ମାନ୍ ସଂସ୍ଥାରେ ୫୦ରୁ ୬୦ ପ୍ରଶିକ୍ଷକ ୧୨୦୦ ଦିବ୍ୟାଙ୍ଗଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ଅଦରକାରୀ କନାରୁ ବିଭିନ୍ନ ଜିନିଷ ତିଆରି କରିବା ଲାଗି ସେମାନେ 'କର୍ମାନ' ନାମକ ଆଉ ଏକ ସଂସ୍ଥା ଗଢ଼ିଛନ୍ତି। ମାନ୍‌ରୁ ପ୍ରଶିକ୍ଷିତ ଦିବ୍ୟାଙ୍ଗମାନେ କର୍ମାନ ବ୍ରାଣ୍ଡର ଜିନିଷ ତିଆରି କରୁଛନ୍ତି। ଟେକ୍ସଟାଇଲ ବର୍ଜ୍ୟ ସଂଗ୍ରହ କରାଯାଇ ସେଥିରୁ ଆକର୍ଷଣୀୟ ବ୍ୟାଗ, ପୋଷାକ ଓ ଅନ୍ୟାନ୍ୟ ଜିନିଷ ପ୍ରସ୍ତୁତ କରାଯାଉଛି। ଏହି ଉତ୍ପାଦକୁ ନେଇ ସେମାନେ ୨ କୋଟି ଟଙ୍କା ବ୍ୟବସାୟିକ କାରବାର କରିବାକୁ ସକ୍ଷମ ହୋଇଛନ୍ତି। ଏବେ ୫୦ ଜଣ କାରିଗର କର୍ମାନରେ କାମ କରୁଛନ୍ତି। ଦିବ୍ୟାଙ୍ଗଙ୍କୁ ମଧ୍ୟ ହସ୍ପିଟାଲିଟି, ରିଟେଲ, ମାନୁଫାକ୍ଚରିଂ, କର୍ପୋରେଟ ଅଫିସ ଏବଂ ମାର୍କେଟିଂରେ କାର୍ଯ୍ୟ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

୨୪ ମାର୍ଚ୍ଚ ୧୯୭୬

- କଂଗ୍ରେସ ପାର୍ଲାମେଣ୍ଟାରୀ ପାର୍ଟିର ବୈଠକ ବସି ୱାଇ.ବି. ଚରନଙ୍କୁ ସର୍ବସମ୍ମତି କ୍ରମେ ନେତା ରୂପେ ନିର୍ବାଚିତ କରାଯାଇଛି।
- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ଆନନ୍ଦବାର୍ଗ, ଜମାଏତ ଉଲ୍ ଉଲେମା ଓ ଅନ୍ୟ ୨୪ ସଙ୍ଗଠନ ଉପରେ ଜାରୀ ହୋଇଥିବା ନିଷେଧାଦେଶକୁ କେନ୍ଦ୍ର ସରକାର ପ୍ରତ୍ୟାହାର କରିନେଇଛନ୍ତି।

## ଚିରନ୍ତନୀ

ଦେଖ ଗୋଲାପ ଦେଖ ଲୋ ଯୁଇ
କବି–ଲଲାଟେ ଅଧର ଛୁଇଁ
ଜଳଇ ମହା ହୁତାଶ ତହିଁ
ଲାଗଇ ପଦେ ତପତ ଭୂଇଁ।
–(କବିର ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ–ଡୋ–କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | 6 | | 5 | | | | | |
| 3 | | | | | | | | 7 |
| | | | | 8 | | | 4 | |
| | | | | | | | 8 | 4 |
| | 8 | 5 | | | 7 | | | 1 |
| | | | | 6 | | 3 | | |
| 7 | | | 4 | | | 9 | | |
| | 5 | 6 | | 7 | | | | |
| | | | | 5 | 8 | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 1 | 5 | 6 | 2 | 4 | 7 | 9 |
| 4 | 6 | 7 | 3 | 8 | 9 | 2 | 5 | 1 |
| 2 | 5 | 9 | 1 | 4 | 7 | 6 | 8 | 3 |
| 7 | 4 | 8 | 6 | 1 | 3 | 5 | 9 | 2 |
| 5 | 2 | 3 | 8 | 9 | 4 | 1 | 6 | 7 |
| 9 | 1 | 6 | 7 | 2 | 5 | 8 | 3 | 4 |
| 6 | 9 | 5 | 4 | 7 | 1 | 3 | 2 | 8 |
| 8 | 7 | 4 | 2 | 3 | 6 | 9 | 1 | 5 |
| 1 | 3 | 2 | 9 | 5 | 8 | 7 | 4 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରାଶନ କାର୍ଡରେ ଗହମ ଦିଆଯାଉ

ମହାଶୟ,
ଏବେ ଗରିବଙ୍କୁ ଚାଉଳ ଯୋଗାଇ ଦିଆଯାଉଛି। କିନ୍ତୁ ଗହମ ମିଳୁନାହିଁ। ପୂର୍ବରୁ ପ୍ରତି ରାଶନ କାର୍ଡରେ ୨୦ କିଲୋ ଗହମ ଦିଆଯାଉଥିଲା। ଏହା ଦ୍ୱାରା ଲୋକେ ଉପକୃତ ହେଉଥିଲେ। କାଳକ୍ରମେ ତାହା କମିଯାଇ ସମ୍ପୂର୍ଣ୍ଣ ବନ୍ଦ କରିଦିଆଗଲା। ଓଡ଼ିଶା ଧାନ ଉତ୍ପାଦନରେ ଶ୍ରେଷ୍ଠ ହୋଇଥିବା ହେତୁ ସମସ୍ତେ କ'ଣ ଭାତ, ପଖାଳ ଖାଇବାକୁ ବାଧ। ବୟସ୍କ ଲୋକେ ଏବଂ ମଧୁମେହ ରୋଗୀମାନେ କେବଳ ଅଟା (ରୋଟି) ଖାଉଛନ୍ତି। ବର୍ତ୍ତମାନ ଅଟା କିଲୋ ୫୦ ଟଙ୍କା ହେଲାଣି। ଦର ମଧ୍ୟ ଦିନକୁ ଦିନ ବଢ଼ିଚାଲୁଛି। ଏହା ବହୁତ ବାଧୁଛି। ତେଣୁ ସରକାର ପ୍ରତି କାର୍ଡରେ ଅନ୍ତତଃ ପକ୍ଷେ ୧୦ କିଲୋ ଗହମ ଦିଅନ୍ତୁ।

–ରାମଚନ୍ଦ୍ର ଦାଶ, ମୋତିଗଞ୍ଜ,ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପ୍ରତିଭାଙ୍କ ଦକ୍ଷତା ପ୍ରଦର୍ଶନର ସୁଯୋଗ ଆଣେ ମହୋତ୍ସବ

## ଗାଁ ମହୋତ୍ସବ ହରିକେଶର ଉଦ୍‌ଘାଟିତ

**ବୋଲଗଡ଼, ୨୩।୩(ଦେବବ୍ରତ ହୋତା)**



ଗାଁ ମହୋତ୍ସବ ହରିକେଶର ଉଦ୍‌ଘାଟନୀ ଅବସରରେ ମଞ୍ଚାସୀନ ଅତିଥି।

ବୋଲଗଡ଼ ବ୍ଲକ ବଡ଼କୁମାରୀ ପଞ୍ଚାୟତ ଅନ୍ତର୍ଗତ ହରିକେଶର ଗ୍ରାମର କଳା, ସାହିତ୍ୟ, ସଂସ୍କୃତି ,ଐତିହ୍ୟର ପ୍ରଚାର ପ୍ରସାର ପାଇଁ ରାମଚଣ୍ଡୀ ଯୁବକ ସଂଘ ଆନୁକୂଲ୍ୟରେ ଆୟୋଜିତ ୪ର୍ଥ ହରିକେଶର ଗାଁ ମହୋତ୍ସବ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଗାଁ ମହୋତ୍ସବ କମିଟି ସଭାପତି ପ୍ରକାଶ ଚନ୍ଦ୍ର ରାଉତରାୟଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ, ସମ୍ମାନିତ ଅତିଥିଭାବେ ଜିଲାପରିଷଦ ସଦସ୍ୟ ସୁବାସ ଚନ୍ଦ୍ର ରାୟଗୁରୁ, ଖବରଦାତା ଦେବବ୍ରତ ହୋତା, ୱାର୍ଡସଭ୍ୟ ହାଲୁରି ମାନସିଂହ ପ୍ରମୁଖ ଯୋଗଦେଇ ପଲ୍ଲୀ ପ୍ରତିଭାଙ୍କ ଦକ୍ଷତା ପ୍ରଦର୍ଶନର ସୁଯୋଗ ଆଣିଥାଏ ମହୋତ୍ସବ ବୋଲି କହିଥିଲେ। ପ୍ରାରମ୍ଭରେ ବୋଲଗଡ଼ ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିବା ପରେ ସଭାପତି ରାଉତରାୟ ସ୍ୱାଗତ ଭାଷଣ ଦେଇଥିଲେ। ନୃତ୍ୟଗୁରୁ ଅବିନାଶ ସୁବୁଦ୍ଧି ମଞ୍ଚ ପରିଚାଳନା କରିଥିବା ବେଳେ ବିଭିନ୍ନ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ଅନେକ ପ୍ରତିଭା ଓ ଖବରଦାତା ନିରଞ୍ଜନ ନାୟକ, ସତ୍ୟ ନାରାୟଣ ବାରିକ, ନିରଞ୍ଜନ ସେଠୀ, ହର ପ୍ରସନ୍ନ ନାଥ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଓ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଦଳ ଯଥା ବଡ଼ବେରେଣାର ମା'କାଳିକା ଦେବୀ କଳା ପରିଷଦ, କରଡ଼ାପଲ୍ଲୀ ବାଳିକା ରାମନାଟକ ଦଳ, ଭୁବନେଶ୍ୱରର ଶିଳ୍ପୀକା ଡ୍ୟାନ୍ସ ଏକାଡେମୀ ଓ ନର୍ତ୍ତକୀ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ପରିବେଷିତ ନୃତ୍ୟଓ ସଙ୍ଗୀତ ଦର୍ଶକଙ୍କ ମନ ମୋହିଥିଲା।

## ବରିଷ୍ଠ ନାଗରିକ ମଞ୍ଚର ବନ୍ଧୁମିଳନ କାର୍ଯ୍ୟକ୍ରମ

**ଟାଙ୍ଗୀ, ୨୩।୩(ରଘୁନାଥ ସାହୁ):** କନ୍ଧନୟାଗଡ଼ ପଞ୍ଚାୟତ ବରିଷ୍ଠ ନାଗରିକ ମଞ୍ଚର ଉପସଭାପତି ଭାଗୀରଥି ମହାରଣାଙ୍କ ସଭାପତିତ୍ୱରେ ବରିଷ୍ଠ ନାଗରିକଙ୍କ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ସଭାପତି ନାରାୟଣ ମହାପାତ୍ର, ସହ ସମ୍ପାଦକ ରବୀନ୍ଦ୍ର ନାୟକ ଯୋଗଦେଇ ବରିଷ୍ଠ ନାଗରିକଙ୍କ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ମନ୍ତବ୍ୟ ଦେଇଥିଲେ। ସମ୍ପାଦକ ସୁବାସ ଚନ୍ଦ୍ର ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ସଭାପତି ମହାପାତ୍ର ସଙ୍ଗଠନ ଓ ଭାଇଚାରା ସମ୍ପର୍କ ମାଧ୍ୟମରେ ୫୨ପଞ୍ଚାୟତର ବରିଷ୍ଠଙ୍କୁ ଏକତ୍ରିତ କରି ରାଜ୍ୟ ସଙ୍ଗଠନ ସହିତ ସମ୍ପୃକ୍ତି ହୋଇ ବିଭିନ୍ନ ଜନହିତକର କାର୍ଯ୍ୟରେ ସାମିଲ ହୋଇଛି ବୋଲି କହିଥିଲେ। ଗୋପବନ୍ଧୁ ରାମ, ନିମାଇଁ ଚରଣ ସାହ, ବ୍ରଜବନ୍ଧୁ ବେହେରା, ଜଳଧର ମହାରଣା, ଲୋଚନ ବେହେରା, ବଳରାମ ନାୟକ, କାଶୀନାଥ ପ୍ରଧାନ, ଅରୁଣ ସୁବୁଦ୍ଧି, ଦେବେନ୍ଦ୍ର ମାନସିଂ, ସୁରେଶ ଚନ୍ଦ୍ର ପ୍ରଧାନ, ସୁରେଶ ପାଇକରାୟ, ଗୋଦାବରୀ ପାଇକରାୟ ପ୍ରମୁଖ ସହଯୋଗ କରିଥିଲେ।

# ଲବଣଗିରି ମହିମା ଆଶ୍ରମର ବାର୍ଷିକୋତ୍ସବ



ଅଖଣ୍ଡ ଧୁନିରେ ଘୃତ୍ୟ ଅର୍ପଣ କରାଯାଉଛି।

**ଜଟଣୀ, ୨୩।୩(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ବ୍ଲକ ଅନ୍ତର୍ଗତ ଜାମୁକୋଳି ନିକଟ ଲବଣଗିରି ମହିମା ଆଶ୍ରମର ୪୦ତମ ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ମଠାଧୀଶ ସାଧୁ ଅନାମ ଚରଣ ଦାସଙ୍କ ତତ୍ତ୍ୱାବଧାନ ତଥା ଯୋରନ୍ଦା ଗାଦିର ସଭାପତି ଶୁକଦେବ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋରନ୍ଦା ମହିମା ଗାଦିର ଶତାଧିକ ସାଧୁ ଯୋଗଦେଇଥିଲେ। ପ୍ରସନ୍ନ କୁମାର ଦାସ, ମୁରଲୀଧର ଦାସ ଏବଂ ବହୁ ସାଧୁସନ୍ଥ ଉପସ୍ଥିତ ଥିଲେ। ଭାରତୀୟ ସଂସ୍କୃତିର ସୁରକ୍ଷା ଏବଂ ପ୍ରଚାର ପ୍ରସାର ପାଇଁ ସାଧୁ ଅନାମ ଚରଣ ଦାସ ଦୀର୍ଘ ୪୦ବର୍ଷ ଧରି ଲବଣଗିରି ମହିମା ଆଶ୍ରମରେ ଏହି କାର୍ଯ୍ୟକ୍ରମ ପରିଚାଳନା କରିଆସୁଛନ୍ତି। ଏହି ଆଶ୍ରମରେ ଦୈନିକ ଜ୍ଞାନ ଚର୍ଚ୍ଚା, ସାଧୁବାଣୀ, ଶାସ୍ତ୍ର ଆଲୋଚନା ହୋଇଥାଏ। ବ୍ରହ୍ମଯଜ୍ଞ ପାଇଁ ଅଖଣ୍ଡ ଜ୍ୟୋତି ଅର୍ପଣ କରାଯାଇଥିଲା। ମଙ୍ଗଳବାର ବ୍ରାହ୍ମମୁହୂର୍ତ୍ତରେ ପୂର୍ଣ୍ଣାହୁତି ହେବ ବୋଲି ଆଶ୍ରମ ପରିଚାଳନା କମିଟି ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ଅଗ୍ନିବିପନ୍ନ ପରିବାରଙ୍କୁ ସହାୟତା

**କୃଷ୍ଣପ୍ରସାଦ, ୨୩।୩(କୈଳାସ ଚନ୍ଦ୍ର ପଟ୍ଟନାୟକ):** କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଖଟିଆକୁଦି ଗ୍ରାମରେ ଗତ ସେପ୍ଟେମ୍ବର ୧୨ରେ ସଞ୍ଜୟ ତରେଇଙ୍କ ଘରେ ଅଗ୍ନିକାଣ୍ଡ ଘଟିଥିଲ। ଏଥିରେ ଘର ସହିତ ଆସବାବପତ୍ର ଜଳିଯାଇଥିଲା। ସେହିଦିନଠାରୁ କୁଡ଼ିଆ ଘରେ ତରେଇଙ୍କ ପରିବାର ଜୀବନ ବିତାଉଥିଲେ। ମାଲୁଦରେ ଥିବା ଏଚ୍‌ପି ଗ୍ୟାସ ବିତରକ ତଥା ସାମାଜିକ କର୍ମୀ ଦୁଷ୍ମନ୍ତ କୁମାର ନାୟକ ସହାୟତାର ହାତ ବଢ଼ାଇଛନ୍ତି। ଉକ୍ତ ପରିବାରକୁ ୧ଲକ୍ଷ ୨୭ହଜାର ଟଙ୍କାର ଏକ ଚେକ୍ ପ୍ରଦାନ କରିଛନ୍ତି। ଉକ୍ତ ସହାୟତା ପାଇବା ପରେ ପରିବାର ବର୍ଗ ଖୁସି ହେବା ସହ ନାୟକଙ୍କ ଉତ୍ତୋରତର ଉନ୍ନତି ନିମନ୍ତେ କାମନା କରିଛନ୍ତି।

### 'ଉଚ୍ଚଶିକ୍ଷାରେ ଓବିସିଙ୍କୁ ତୁରନ୍ତ ୧୧.୨୫% ସଂରକ୍ଷଣ ଦିଅ'

**ଭୁବନେଶ୍ୱର, ୨୩।୩ (ସୌମ୍ୟରଞ୍ଜନ ରାଉତ) :** ସାମାଜିକ ନ୍ୟାୟର ଅଗ୍ରଦୂତ, ସମାଜବାଦୀ ଚିନ୍ତକ ଡ. ରାମ ମନୋହର ଲୋହିଆଙ୍କ ଜନ୍ମଦିନ ପରିପ୍ରେକ୍ଷୀରେ ଓବିସିଙ୍କୁ ୧୧.୨୫% ସଂରକ୍ଷଣ ତୁରନ୍ତ ଦେବା ପାଇଁ ଓବିସି ଫୋରମ୍ ଦାବି କରିଛି। ଫୋରମ ପକ୍ଷରୁ କୁହାଯାଇଛି, ୨୦୨୫ ମେ' ୧୪ରେ କ୍ୟାବିନେଟ୍ ବୈଠକରେ ଉଚ୍ଚ ଶିକ୍ଷା, ମେଡିକାଲ୍, ଇଞ୍ଜିନିୟରିଂରେ ୧୧.୨୫% ସଂରକ୍ଷଣ ଦେବା ପାଇଁ ନିଷ୍ପତି ହେଲା। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ସତ୍ତ୍ୱେ ୨୦୨୫-୨୬ ଶିକ୍ଷା ବର୍ଷରେ ତାହା ଲାଗୁ ହେଲା ନାହିଁ। ସେହିପରି ଡିସେମ୍ବର ୨୨ରେ ଦକ୍ଷତା ବିକାଶ ବିଭାଗର ପରାମର୍ଶଦାତା ବୈଠକରେ ଏହି ସଂରକ୍ଷଣ ଲାଗୁ ପାଇଁ ସୁପାରିଶ ହୋଇଥିବା ବେଳେ ଏ ପର୍ଯ୍ୟନ୍ତ ବିଜ୍ଞାପନ ପ୍ରକାଶ ପାଇଲା ନାହିଁ। ଫଳରେ ଓବିସି ବର୍ଗର ଛାତ୍ରୀଛାତ୍ରଙ୍କ ମଧ୍ୟରେ ସରକାରଙ୍କ ସଂରକ୍ଷଣ ନୀତି ପ୍ରତି ଆସ୍ଥା ତୁଟିବାରେ ଲାଗିଛି। ଆଗାମୀ ଜନ ଗଣନାରେ ଜାତି ଜନଗଣନା କରି ସଂଖ୍ୟାନୁପାତିକ ସଂରକ୍ଷଣ ଲାଗୁ କରିବାକୁ ଫୋରମ୍ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଦାବି କରୁଛି। ଏନେଇ ସୋମବାର ଫୋରମ ଅଧ୍ୟକ୍ଷ ରବି ବେହେରା ଏକ ପ୍ରେସ୍ ବିବୃତି ମାଧ୍ୟମରେ ସୂଚନା ଦେଇଛନ୍ତି।

# 'ସପ୍ତମ ଋତୁର ଜନ୍ମ' ପୁସ୍ତକ, ସିଡୀ ଲୋକାର୍ପଣ



ଅତିଥିମାନେ ପୁସ୍ତକ ଏବଂ ସିଡି ଲୋକାର୍ପଣ କରୁଛନ୍ତି।

**ଭୁବନେଶ୍ୱର, ୨୩।୩ (ସୌମ୍ୟରଞ୍ଜନ ରାଉତ)**

ନୀଳକଇଁ କ୍ରିଏଶନ୍ ପକ୍ଷରୁ ଗଜଲ ସନ୍ଧ୍ୟା ସୋମବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଲେଖକ ଦେବଦାସ ଛୋଟରାୟ, କଣ୍ଠଶିଳ୍ପୀ ତୃପ୍ତି ଦାସ, ଗୀତିକାର ଡ. ରଜନୀ ରଞ୍ଜନ, କବି ଲେଖକ ଶରତ କୁମାର ଦାଶ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ଅନୁଷ୍ଠାନର ସମ୍ପାଦିକା ସସ୍ମିତା ଦାସଙ୍କ ଲିଖିତ ସପ୍ତମ କବିତା ପୁସ୍ତକ 'ସପ୍ତମ ଋତୁର ଜନ୍ମ' ଏବଂ ୧୭ଟି ଗୀତ ଓ ଗଜଲକୁ ନେଇ ପ୍ରସ୍ତୁତ 'ସପ୍ତମ ଋତୁର ଜନ୍ମ'ର ସଙ୍ଗୀତ ସିଡି ଲୋକାର୍ପଣ କରିଥିଲେ। ଏହି ସିଡି କ୍ୟାସେଟର ସଙ୍ଗୀତ ନିର୍ଦ୍ଦେଶନା ଯଜ୍ଞ ଦାଶ ଦେଇଥିବାବେଳେ ଲେଖିକା ଡ. ପ୍ରତିଭା ରାୟ, ଲେଖକ ଦେବଦାସ ଛୋଟରାୟ, ଡ. ରଜନୀ ରଞ୍ଜନ, ଶରତ କୁମାର ଦାଶ, ଅମରେନ୍ଦ୍ର ଖଟୁଆ, ଅଖିଳ କୁମାର ମିଶ୍ର, ଗୀତାଞ୍ଜଳୀ ପଣ୍ଡା, ସସ୍ମିତା ଦାସ, ପ୍ରମୋଦ ଦାସ ଏବଂ ବିପିନ ମହାନ୍ତିଙ୍କ ଲେଖାସବୁକୁ କଣ୍ଠଶିଳ୍ପୀ ତୃପ୍ତି ଦାସ, ସୋହିନୀ ମିଶ୍ର, କରୁଣାକର, ସ୍ୱରୂପ ନାୟକ, ମହାପ୍ରସାଦ କର, ଛନ୍ଦା ମିଶ୍ରଙ୍କ ସହ କୁନି କଳାକାରମାନେ ସଙ୍ଗୀତରେ ସଜାଇଥିଲେ।

## ଛୟାନବେ ସାହି ସାଧବ ସମାଜର ବାର୍ଷିକ ସଭା

**ବେଗୁନିଆ, ୨୩।୩(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ଅନ୍ତର୍ଗତ ଡିଙ୍ଗର ଗ୍ରାମରେ ଛୟାନବେ ସାହି ସାଧବ ସମାଜର ୫୪ତମ ବାର୍ଷିକ ସାଧାରଣ ସଭା ବାଘମାରୀ ଶାଖା ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଉପେନ୍ଦ୍ର ନାଥ ସାହୁଙ୍କ ଅଧ୍ୟକ୍ଷତାରେ ନିଖିଳ ଉତ୍କଳ ତୈଳିକ ବୈଶ୍ୟ ସମାଜର ସଭାପତି ରଘୁନାଥ ସାହୁ ମୁଖ୍ୟ ଅତିଥି, ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ବକ୍ତାଭାବେ ଯୋଗଦେଇ ବ୍ୟକ୍ତିଗତ ସ୍ୱାର୍ଥକୁ ପରିତ୍ୟାଗ କରି ସମୂହ ସ୍ତରରେ କାର୍ଯ୍ୟ କଲେ ଜାତିର ଉନ୍ନତି ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ତୈଳିକ ସମାଜର ଅନଗ୍ରସର ବ୍ୟକ୍ତି ବିଶେଷଙ୍କୁ ସହାୟତା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଏକ ସ୍ୱାସ୍ଥ୍ୟ ଶିବିର ହୋଇଥିଲା। ବିଭିନ୍ନ ବିଭାଗର ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ଯୁଗଳ କିଶୋର ସାହୁ ପରିଚାଳନା କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ଯୋଗୀନାଥ ସାହୁ ଓ ସମ୍ପାଦକ ଦେବାଶିଷ ସାହୁ ସହଯୋଗ କରିଥିଲେ।

# 'ଭଗତ ସିଂଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ'




**ଖୋର୍ଦ୍ଧା, ୨୩।୩(ପ୍ରଭାତ ପାଣିଗ୍ରାହୀ)**

ମହାନ୍ ବିପ୍ଳବୀ ଭଗତ ସିଂଙ୍କ ୯୫ତମ ଫାଶି ଦିବସ ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ଷ୍ଟୁଡେଣ୍ଟସ୍ ଅର୍ଗାନାଇଜେଶନ (ଏଆଇଡିଏସ୍‌ଓ) ଖୋର୍ଦ୍ଧା ଶାଖା ପକ୍ଷରୁ ବଣିଆଟାଙ୍ଗୀସ୍ଥିତ ରାୟରଙ୍ଗଠାରେ ପାଳିତ ହୋଇଯାଇଛି। ଭଗତ ସିଂଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ଛାତ୍ରନେତା ରାକେଶ କାଣ୍ଡିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ବକ୍ତା ଭାବେ ଶାଖା ସଭାପତି ଶ୍ରୀକାନ୍ତ ନାୟକ ଯୋଗଦେଇ ଭଗତ ସିଂହଙ୍କ ଐତିହାସିକ ପୃଷ୍ଠଭୂମି ସମ୍ପର୍କରେ ଆଲୋକପାତ କରି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ରାଷ୍ଟ୍ରରେ ପ୍ରଗତି ପଥରେ ଅଗ୍ରସର ହେବାକୁ ଯୁବସମାଜକୁ ପରାମର୍ଶ ଦେଇଥିଲେ।

# ଆର୍‌ଟିଇ ପାରଦର୍ଶୀରେ ଅଧ୍ୟୟନ ପିଲାଙ୍କ ବହି, ୟୁନିଫର୍ମ ପାଣ୍ଠି ଅନୁମୋଦନରେ ବିଳମ୍ବ

**ଭୁବନେଶ୍ୱର, ୨୩।୩(ସୁଚିସ୍ମିତା ସାହୁ)**

## ୩୦ରେ ଅର୍ଥ ସଚିବଙ୍କ ବାସଭବନ ସମ୍ମୁଖରେ ଆମରଣ ଅନଶନ

ଘରୋଇ ବିଦ୍ୟାଳୟରେ ଶିକ୍ଷା ଅଧିକାର ଆଇନ ପାରଦର୍ଶୀ ପୋର୍ଟାଲ ଆବଣ୍ଟନ ଅନୁଯାୟୀ ୨୫% ସଂରକ୍ଷଣ କୋଟାରେ ମାଗଣା ପଢୁଥିବା ଛାତ୍ରୀଛାତ୍ରଙ୍କୁ ବହି, ୟୁନିଫର୍ମ ଏବଂ ଅନ୍ୟାନ୍ୟ ଆବଶ୍ୟକତା ପାଇଁ ଅର୍ଥ ସଚିବ ପାଣ୍ଠି ଅନୁମୋଦନରେ ଅହେତୁକ ବିଳମ୍ବ କରୁଛନ୍ତି। ଓସେପା ଯୋଜନାରେ ସାମିଲ ପ୍ରତି ପିଲାଙ୍କ ଖର୍ଚ୍ଚ ଉପରେ ବଜେଟ ପ୍ରସ୍ତାବ ପ୍ରସ୍ତୁତ କରି ଗଣଶିକ୍ଷା ବିଭାଗକୁ ଦେଇଥିଲା। ତଦନୁଯାୟୀ ଗଣଶିକ୍ଷା ବିଭାଗ ପ୍ରସ୍ତାବକୁ ଅନୁମୋଦନ ଲାଗି ଅର୍ଥ ବିଭାଗକୁ ପଠାଇଥିଲେ। ହେଲେ ୬ ମାସରୁ ଅଧିକ ସମୟ ଧରି ଅର୍ଥ ବିଭାଗ ପାଖରେ ଫାଇଲ ପଡ଼ି ରହିଛି। ଫଳରେ ହଜାର ହଜାର ଛାତ୍ରୀଛାତ୍ର ପାଠପଢ଼ା ଓ ଅନ୍ୟାନ୍ୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଭିଭାବକ ମହାସଂଘ ବାରମ୍ବାର ନିବେଦନ ଓ ଦାବି କରିବା ସତ୍ତ୍ୱେ ମଧ୍ୟ ଅର୍ଥ ବିଭାଗ ଅନୁମୋଦନ ଦେଉନି। ଫଳରେ ଆର୍ଥିକ ଅବହେଳିତ ପିଲାମାନଙ୍କ ଶିକ୍ଷା ଏବଂ କଲ୍ୟାଣ ଉପରେ ପ୍ରତିକୂଳ ପ୍ରଭାବ ପକାଉଛି। ଅର୍ଥ ସଚିବ ବିଳମ୍ବ ନ କରି ମାର୍ଚ୍ଚ ୩୦ ସୁଦ୍ଧା ପାଣ୍ଠିର ଅନୁମୋଦନ ନ କଲେ ଚଳିତ ଆର୍ଥିକ ବର୍ଷରେ ଆଉ ଅନୁଦାନ ଆସି ପାରିବ ନାହିଁ। ଯଦି ତୁରନ୍ତ ପଦକ୍ଷେପ ନିଆ ନ ଯାଏ ତେବେ ଶାନ୍ତିପୂର୍ଣ୍ଣ ଗଣତାନ୍ତ୍ରିକ ଉପାୟରେ ଅର୍ଥ ସଚିବଙ୍କ ସରକାରୀ ବାସଭବନ ସମ୍ମୁଖରେ ଆମରଣ ଅନଶନ ଭଳି ଚରମ ପଦକ୍ଷେପ ନେବାକୁ ଅଭିଭାବକମାନେ ବାଧ୍ୟ ହେବେ ବୋଲି ମହାସଂଘ ସଭାପତି ବାସୁଦେବ ଭଟ୍ଟ, କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଶୋଇ, ଆବାହିକା କଳ୍ପନା ସାହୁ ଓ ପଦ୍ମନାଭ ସାହୁ କହିଛନ୍ତି।

## ଶ୍ରୀଲଙ୍କା ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବରେ ଓଡ଼ିଆ କ୍ଷୁଦ୍ର ପ୍ରାମାଣିକ ଚଳଚ୍ଚିତ୍ରକୁ ଶ୍ରେଷ୍ଠ ପୁରସ୍କାର

**ଭୁବନେଶ୍ୱର, ୨୩।୩ (ସୌମ୍ୟରଞ୍ଜନ ରାଉତ)**

ଶ୍ରୀଲଙ୍କା ଅନ୍ତର୍ଜାତୀୟ ୬ଷ୍ଠ ଚଳଚ୍ଚିତ୍ର ଉତ୍ସବରେ ଓଡ଼ିଆ କ୍ଷୁଦ୍ର ପ୍ରାମାଣିକ ଚଳଚ୍ଚିତ୍ର 'ଗୋଟିଏ ଫୁଲ କୋଟିଏ କଥା' ଶ୍ରେଷ୍ଠ ସମ୍ମାନଜନକ ପୁରସ୍କାର ଲାଭ କରିଛି। ଏହି ବର୍ଗରେ ୧୨୦ଟି ଦେଶର କ୍ଷୁଦ୍ର ପ୍ରାମାଣିକ ଚଳଚ୍ଚିତ୍ର ଅଂଶଗ୍ରହଣ କରିଥିଲା। ତେବେ ଶ୍ରେଷ୍ଠ ବିବେଚିତ ୧୦ ମିନିଟ୍ ଅବଧି ବିଶିଷ୍ଟ ଏହି ଓଡ଼ିଆ ପ୍ରାମାଣିକ ଚଳଚ୍ଚିତ୍ରର ପ୍ରଯୋଜକ ଦିଲ୍ଲୀପ ହାଲୀ, ନିର୍ଦ୍ଦେଶକ ରାଜଗୋପାଳ ସିଂ, ସଙ୍ଗୀତ ନିର୍ଦ୍ଦେଶକ ବିକାଶ ଦାସ, ଚିତ୍ରନାଟ୍ୟ ଶୁଭେନ୍ଦୁ ମହାନ୍ତି ଏହି ପୁରସ୍କାର ପାଇଛନ୍ତି।

# ବିଦ୍ୟାଳୟରେ ନାମ ଲେଖାଇବାକୁ ପତ୍ର ବଣ୍ଟନ



**ବୋଲଗଡ଼, ୨୩।୩(ଦେବବ୍ରତ ହୋତା)**

ଚଳିତ ଶିକ୍ଷାବର୍ଷରେ ବିଦ୍ୟାଳୟମାନଙ୍କରେ ଆସନ୍ତା ଏପ୍ରିଲ ୨ରେ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବିଦ୍ୟାଳୟରେ ନାମ ଲେଖାଇବାକୁ ଥିବା ଧଳାପଥର ଓ କଳାପଥାର ଅଞ୍ଚଳର ୧୭ଜଣ ବିଦ୍ୟାର୍ଥୀଙ୍କ ଅଭିଭାବକଙ୍କୁ ଜିଲାପାଳ ଅମ୍ରିତ ଋତୁରାଜ, ବିଧାୟକ ପ୍ରଦୀପ ସାହୁ, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଜିଲାଶିକ୍ଷା ଅଧିକାରୀ ସୋନାମିକା ରାୟ, ବୋଲଗଡ଼ ବିଡିଓ ସୁମନ ସୁଧା କୁଣ୍ଟୁ, ତହସିଲଦାର ବିଜୟ କୁମାର ସେଠୀ, ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରମୋଦ କୁମାର ସ୍ୱାଇଁ, ସାଧନକେନ୍ଦ୍ର ସଂଯୋଜକ ଲୋକନାଥ ସାହୁ, ପ୍ରକାଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ପହଞ୍ଚି ନିମନ୍ତ୍ରଣ ପତ୍ର ବଣ୍ଟନ କରିଥିଲେ।

## ସପ୍ତଶତୀ ଚଣ୍ଡୀ ମହାଯଜ୍ଞ



**ଟାଙ୍ଗୀ, ୨୩।୩ (ରଘୁନାଥ ସାହୁ):** ଟାଙ୍ଗୀ ଏନ୍‌ଏସି ସ୍ଥିତ ପ୍ରସିଦ୍ଧ ଗ୍ରାମ ଦେବୀ ମା'ଚଣ୍ଡୀଙ୍କ ପୀଠରେ ପ୍ରତିବର୍ଷଭଳି ଚଳିତ ବର୍ଷ ସପ୍ତଶତୀ ଚଣ୍ଡୀ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗତ ୧୯ତାରିଖରେ ଅଙ୍କୁରାରୋପଣ, କଳସଯାତ୍ରାରେ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ପ୍ରତିଦିନ ସୂର୍ଯ୍ୟ ପୂଜା, ଧେନୁ ପୂଜା, ଚଣ୍ଡୀପାଠ, ଯଜ୍ଞ କାର୍ଯ୍ୟକ୍ରମ ବିଦ୍ୱାନ ପଣ୍ଡିତମାନଙ୍କ ଦ୍ୱାରା ସମାପନ କରାଯାଇଥିଲା। ସୋମବାର ସନ୍ଧ୍ୟାରେ ପୂର୍ଣ୍ଣାହୁତି କାଯ୍ୟକ୍ରମ ହୋଇଥିଲା। ଚଳିତ ବର୍ଷ ପ୍ରଥମଥର ମା'ଚଣ୍ଡୀ ତଳସାହି ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମକୁ ତଳସାହି ଚଣ୍ଡୀ ଯଜ୍ଞ କମିଟି ସଦସ୍ୟମାନେ ପରିଚାଳନା କରିଥିଲେ। ଭକ୍ତମାନେ ଯୋଗଦେଇ ମା'ଙ୍କ କୃପାଭିକ୍ଷା କରିଥିଲେ।

# ସହରାଞ୍ଚଳରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ସୁଦୃଢ଼ ହେବ

## ଆସନ୍ତା ଶନିବାର ସାରା ରାଜ୍ୟରେ ଅଗ୍ନି ନିରାପତ୍ତା ମକ୍‌ଡ୍ରିଲ

**ଭୁବନେଶ୍ୱର, ୨୩।୩ (ବନ୍ଦନା ସେଠୀ)**



କର୍ମଶାଳାରେ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢୀଙ୍କ ସହ ଅନ୍ୟ ଅଧିକାରୀମାନେ।

ରାଜ୍ୟର ସହରାଞ୍ଚଳଗୁଡ଼ିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏବଂ ଓଡ଼ିଶା ଅଗ୍ନିଶମ ସେବା ପକ୍ଷରୁ ଏକ ଉଚ୍ଚସ୍ତରୀୟ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ଡ. ସୁଧାଂଶୁ ଷଡ଼ଙ୍ଗୀ ଆଭାସୀ ମାଧ୍ୟମରେ ଯୋଗଦେଇ ସହରାଞ୍ଚଳରେ ଜରୁରିକାଳୀନ ପରିସ୍ଥିତିରେ ମୁକାବିଲା ଏବଂ ବୈଷୟିକ ପ୍ରସ୍ତୁତିକୁ ଅଧିକ ସମନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ନିରାପତ୍ତାମୂଳକ ପଦକ୍ଷେପ, ଆଧୁନିକ ଅଗ୍ନିଶମ ଉପକରଣର ବ୍ୟବହାର ଏବଂ ସାଂଗଠନିକ ପ୍ରସ୍ତୁତି ନେଇ ସେ ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦେବା ସହ ଆସନ୍ତା ଶନିବାର ରାଜ୍ୟବ୍ୟାପୀ ଅଗ୍ନି ନିରାପତ୍ତା ମକ୍‌ଡ୍ରିଲ୍ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢୀ ଅଗ୍ନି ନିରାପତ୍ତାକୁ କେବଳ ଏକ ନିୟମ ପାଳନ ଭାବେ ନ ଦେଖି ସହର ଶାସନ ବ୍ୟବସ୍ଥାର ଅଭିନ୍ନ ଅଙ୍ଗ ଭାବେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ସମସ୍ତ ପୌରାଞ୍ଚଳ 'ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା'ରେ ଅନ୍ତର୍ଭୁକ୍ତ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ନିକଟରେ ଘଟିଥିବା ଅଗ୍ନିକାଣ୍ଡଗୁଡ଼ିକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ପାଇଁ ଆଲୋଚନା ହୋଇଥିଲା। ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ସମସ୍ତ ପୌରସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସମସ୍ତ ମହାନଗର ନିଗମର କମିଶନର, ପୌରପାଳିକା ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀଙ୍କୁ ସେମାନଙ୍କ ଅଞ୍ଚଳରେ ତୁରନ୍ତ ସୁରକ୍ଷା ଅଡିଟ ଏବଂ ସଚେତନତା ଅଭିଯାନ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ମହାନଗର ନିଗମ କମିଶନର, ପୌରପାଳିକା ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଅଗ୍ନିଶମ ଅଧିକାରୀ ଓ ଉପ-ଅଗ୍ନିଶମ ଅଧିକାରୀମାନେ ମଧ୍ୟ ଭର୍ଚୁଆଲରେ ସାମିଲ ହୋଇଥିଲେ।

# ଜବର ଦଖଲରେ ସ୍ୱର୍ଣ୍ଣ ଜଳେଶ୍ୱର ମନ୍ଦିର

**ପୁରୁଣା ଭୁବନେଶ୍ୱର, ୨୩।୩(ସୁବାସ ଚନ୍ଦ୍ର ପ୍ରଧାନ)**

## ମନ୍ଦିର ମଧ୍ୟରେ ପାଚେରି ନିର୍ମାଣକୁ ବିରୋଧ କଲା ଏକାମ୍ର ଜନଜାଗରଣ ମଞ୍ଚ



ଏକଦା ମନ୍ଦିର ମାଳିନୀ ଭୁବନେଶ୍ୱରରେ ୭ଶହ ମନ୍ଦିର ଥିବାବେଳେ ଏବେ ଏହି ଐତିହ୍ୟପୂର୍ଣ୍ଣ ସହରରେ ସରକାରୀ କାଗଜପତ୍ରରେ ହାତଗଣତି ମନ୍ଦିର ରହିଛି। ଜବରଦଖଲ ଯୋଗୁ ଶତାଧିକ ମନ୍ଦିର ନଜର ଆଢୁଆଳକୁ ଚାଲିଗଲାଣି। ନିକଟରେ ପ୍ରାକୃତିକ ଝର ଥିବା ଗଙ୍ଗା ଯମୁନା ମନ୍ଦିରକୁ ଲାଗି ଏକ ବହୁତଳପ୍ରାସାଦ ନିର୍ମାଣ ହେଉଥିବା ନେଇ ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ବିଏମ୍‌ସି ନିକଟରେ ଅଭିଯୋଗ ହୋଇଥିଲା। ପରେ ଓଡିଏ କୋର୍ଟରେ ମାମଲା ମଧ୍ୟ ରୁଜୁ ହୋଇଥିଲା। ଅଭିଯୋଗ ସମୟରେ କୋଠା ନିର୍ମାଣ ପାଇଁ ନିଅଁ ପଡୁଥିଲା। ହେଲେ ସେଠାରେ ଏବେ ୩ ମହଲା ବିଶିଷ୍ଟ କୋଠା ନିର୍ମାଣ ସରିଲାଣି। ସ୍ଥାନୀୟ ଜନପ୍ରତିନିଧି ଏବଂ ପ୍ରଶାସନର ନୀରବ ସମର୍ଥନ ଗଙ୍ଗା ଯମୁନା ମନ୍ଦିରକୁ ବିପଦ ମୁହଁକୁ ଠେଲି ଦେଇଛି। ସେହିପରି ଅନ୍ୟ ଏକ ଘଟଣାକ୍ରମରେ ସ୍ୱର୍ଣ୍ଣ ଜଳେଶ୍ୱର ମନ୍ଦିରକୁ ପାଚେରି କରି ଜଣେ ବ୍ୟକ୍ତି ନିଜ ପ୍ଲଟିଂ ସ୍କିମ୍‌ରେ ମିଶେଇ ଦେଇଥିବା ଜଣାପଡ଼ିଛି। ଏନେଇ ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ସୋମବାର ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗକୁ ଲିଖିତ ଅଭିଯୋଗ କରାଯାଇଛି। ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ଐତିହ୍ୟ ସ୍ୱର୍ଣ୍ଣ ଜଳେଶ୍ୱର ମନ୍ଦିର ଆମ ରାଜ୍ୟ ଏବଂ ଏକାମ୍ର କ୍ଷେତ୍ରର ଗରିମା ବହନ କରୁଛି। ତାକୁ ଜବରଦଖଲ କରିବା ଘଟଣା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏବେ ଏହି ମନ୍ଦିରର ମଧ୍ୟଭାଗରେ ଖୋଳାଯାଇ ପଥରର ପାଚେରି ନିର୍ମାଣ କରାଯାଇଛି। ଆନ୍‌ସିଏଣ୍ଟ ମୋନୁମେଣ୍ଟସ ଆଣ୍ଡ ଆର୍କିଓଲୋଜିକାଲ ସାଇଟ୍‌ସ ଆଣ୍ଡ ରିମେନ୍ସ(ଆମ୍‌ସାର) ଆଇନ ଅଧୀନରେ ଐତିହ୍ୟସ୍ଥଳୀଠାରୁ ନିର୍ଦ୍ଦିଷ୍ଟ ଦୂରତା ରଖି ଘରୋଇ ନିର୍ମାଣ ବାରଣ ଥିବାସତ୍ତ୍ୱେ ସମ୍ପୃକ୍ତ ବ୍ୟକ୍ତିଜଣଙ୍କ କିପରି ଏହି ବେଆଇନ ନିର୍ମାଣ କରୁଛନ୍ତି, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ପ୍ରାଚୀନ ଐତିହ୍ୟ ମନ୍ଦିରର ସୁରକ୍ଷା ଏବଂ ସଂରକ୍ଷଣ ବିଭାଗର ଗୁରୁଦାୟିତ୍ୱ ରହିଛି। ତୁରନ୍ତ ଏହାକୁ ବିଚାର କରି ପ୍ରଶାସନିକସ୍ତରରେ ଏହି ପାଚେରିକୁ ଏଠାରୁ ହଟାଇବାକୁ ମଞ୍ଚ ଦାବି କରଛି। ନଚେତ୍ ମଞ୍ଚ ରାଜ ରାସ୍ତାକୁ ଓହ୍ଲାଇବ ବୋଲି ମଞ୍ଚ ଅଧ୍ୟକ୍ଷ ଭୀଷ୍ମ ନାରାୟଣ ନାୟକ କହିଛନ୍ତି।

# ପାଣି ପାଇଁ ରାସ୍ତାରେ ଶୋଇଲେ ଗ୍ରାମବାସୀ

ବାରଙ୍ଗ, ୨୩।୩(ଲିଙ୍ଗରାଜ ରାଉତ)

ପିଇବା ପାଣି ନମିଳିବା ପ୍ରତିବାଦରେ ସୋମବାର ପାଟପୁର ଗ୍ରାମବାସୀ ତ୍ରିଶୁଳିଆ-ବାଙ୍କି ରାସ୍ତାକୁ ପାଟପୁର ଗାଁ ମୁଣ୍ଡରେ ଅବରୋଧ କରିଥିଲେ। ପ୍ରାୟ ଅଧଘଣ୍ଟା କାଳ ରାସ୍ତା ଅବରୋଧ କରିବା ପରେ ଯାତାୟାତରେ ବାଧା ଦେଖା ଦେଇଥିଲା। ଶହଶହ ଗାଡ଼ିମୋଟର ଉଭୟ ପାର୍ଶ୍ୱରେ ଅଟକି ରହିଥିଲା। ଖବରପାଇ ବାରଙ୍ଗ ଥାନା ପୋଲିସ ଓ ଏସିପି ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରି ସ୍ଥାୟୀ ପାନୀୟ ଜଳଯୋଗାଣର ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ଉଠିଥିଲା।

ସୂଚନାଯୋଗ୍ୟ, ବାରଙ୍ଗ ବ୍ଲକ ଅନ୍ତର୍ଗତ କୁହ୍ନେଇଁପଡ଼ା ପଞ୍ଚାୟତ ପାଟପୁର ଗ୍ରାମର ସାମଲ ସାହି ଓ ଶବର ସାହିରେ ରହୁଥିବା ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ପରିବାର ପିଇବା ପାଣି ପାଇଁ ଦୀର୍ଘବର୍ଷ ହେବ ହଇରାଣ ହେଉଛନ୍ତି। ବିଶେଷ କରି ଖରାଦିନ ଆସିଲେ ଜଳ ସମସ୍ୟା ଏଠାରେ ଉତ୍କଟରୂପ ଧାରଣ କରିଥାଏ। ଯଦିଓ ଗ୍ରାମରେ ପାନୀୟଜଳ ଯୋଗାଣ ପାଇଁ ଆଗରୁ ଟ୍ୟୁବେଓଲ ରହିଛି, କିନ୍ତୁ ଏଥିରୁ ବହାରୁଥିବା ଲୌହଯୁକ୍ତ ପାଣି ହୋଇଥିବାରୁ ତାହା ପିଇବା ପାଇଁ ଅନୁପଯୁକ୍ତ ହୋଇପଡ଼ିଛି ବୋଲି ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଫଳରେ ଗ୍ରାମବାସୀ ସିଏମ୍‌ସି ଅଧୀନ ୩ନଂ. ଓାର୍ଡରେ ଥିବା ବେଣ୍ଟକାରପଡ଼ା ଗ୍ରାମ ଉପରେ ନିର୍ଭର କରିଥାନ୍ତି। ଏଥିସହ ଗାଡ଼ିଆପୋଖରୀ ମଧ୍ୟ ଗ୍ରାମବାସୀଙ୍କ ପାଇଁ ସାହାରା ସାଜିଥାଏ। ଅନ୍ୟପଟେ ଗାଁ ନିକଟସ୍ଥ ବ୍ରାହ୍ମଣୀ ଗାଁରେ ବସୁଧା ଯୋଜନାରେ ହୋଇଥିବା ୧ଲକ୍ଷ ଲିଟର କ୍ଷମତାସମ୍ପନ୍ନ ଉଚ୍ଚ ପାଣିଟାଙ୍କିରୁ ଉକ୍ତ ଗ୍ରାମକୁ ପାନୀୟ ଜଳଯୋଗାଣ ହୋଇଛି, କିନ୍ତୁ ଠିକ୍ ଭାବେ ପାଣି ଆସୁ ନ ଥିବାରୁ ପୂର୍ବଭଳି ପାଣି ସମସ୍ୟା ଦେଖାଦେଇଛି। ଏହାର ସ୍ଥାୟୀ ପ୍ରତିକାର ପାଇଁ ଲୋକପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସମାଧାନ ହୋଇପାରି ନାହିଁ। ଏହାର ପ୍ରତିବାଦରେ ପିଇବା ପାଣି ଯୋଗାଣର ସ୍ଥାୟୀ ନିରାକରଣ ପାଇଁ ସୋମବାର ପୂର୍ବାହ୍ନରେ ଗ୍ରାମବାସୀ ଗାଁମୁଣ୍ଡରେ ତ୍ରିଶୂଳିଆ ବାଙ୍କି ରାସ୍ତାରେ ହାଣ୍ଡି, ମାଠିଆ, ବାଲ୍‌ଟି ରଖିବା ସହ ରାସ୍ତା ଉପରେ ଶୋଇରହି ପ୍ରତିବାଦ କରିଥିଲେ। ରାସ୍ତାରୋକୋ ଫଳରେ ଉଭୟ ପଟରେ ଶତାଧିକ ଗାଡ଼ିମୋଟର ଅଟକି ରହି ଯାତାୟାତ ଠପ୍ ହୋଇଥିଲା। ଖବରପାଇ ଜୋନ୍-୪ଏସିପି ଅମିତାଭ ମହାପାତ୍ର ଓ ବାରଙ୍ଗ ଥାନାଧିକାରୀ ଦେବେନ୍ଦ୍ର ବିଶ୍ୱାଳ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। କିନ୍ତୁ ଗ୍ରାମବାସୀ ଜଳଯୋଗାଣର ସ୍ଥାୟୀ ପ୍ରତିକାର ପାଇଁ ଦାବି କରିଛନ୍ତି। ଶେଷରେ ଗ୍ରାମୀଣ ଜଳଯୋଗାଣ ବିଭାଗର (ଆର୍‌ଡବ୍ଲ୍ୟୁଏସ୍‌ଏସ)ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସଙ୍ଘା ସାଗରିକା ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ପର୍ଯ୍ୟାୟରେ ପାଣି ଟ୍ୟାଙ୍କର ଯୋଗେ ସମସ୍ତଙ୍କୁ ବିଶୁଦ୍ଧ ପାନୀୟ ଜଳଯୋଗାଇ ଦିଆଯିବ। ପରବର୍ତ୍ତୀ ସମୟରେ ମଣ୍ଡଳୀ ଠାରେ କାର୍ଯ୍ୟ ଚାଲିଥିବା ମେଗା ପାନୀୟ ଜଳଯୋଗାଣ ପ୍ରକଳ୍ପରୁ ସମସ୍ତଙ୍କୁ ପାଣି ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଆଶ୍ୱସ୍ତି ଲାଭ କରିଥିଲେ। କିନ୍ତୁ ଦିଆଯାଇଥିବା ପ୍ରତିଶୃତି ଭବିଷ୍ୟତରେ କାର୍ଯ୍ୟକାରି କରିବା ପାଇଁ ଅଗ୍ରହ ଦେଖା ଦିଆନଯାଏ ବାଧ ହୋଇ ପୁଣି ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ବାଧ ହେବୁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।


ପିଇବା ପାଣି ପାଇଁ ଗ୍ରାମବାସୀମାନେ ତ୍ରିଶୁଳିଆ-ବାଙ୍କୀ ରାସ୍ତାରେ ଶୋଇ ଗରା, ବାଲ୍ଟି ଥୋଇ ଅବୋରଧ କରୁଛନ୍ତି।


ମହିଳାଙ୍କ ସହ ଗ୍ରାମର ଜଣେ ବରିଷ୍ଠ ଲୋକ ପ୍ରଶାସନିକ ଅଧିକାରୀଙ୍କୁ ନେହୁରା ହେଉଛନ୍ତି।

## ଏକାମ୍ର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସ୍ୱାସ୍ଥ୍ୟ ସେବା ଶିବିର

ପୁରୁଣା ଭୁବନେଶ୍ୱର, ୨୩।୩(ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନେତା ଶିବିର ସହିତ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମ ଶାସନପଡିଆସ୍ଥିତ ଆମ ଅଫିସ କାର୍ଯ୍ୟାଳୟରେ ସେଭାନ୍ତ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଶ୍ରୀଲିଙ୍ଗରାଜ ଥାନାର ଭାରପ୍ରାପ୍ତ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିଥିଲେ। ସ୍ୱାସ୍ଥ୍ୟ କମିଟିର ଅଧକ୍ଷ ବିମଳ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ସଂଘର ସଭାପତି ହୃଷୀକେଶ ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଉପଦେଷ୍ଟା ରାଜେନ୍ଦ୍ର ସମର୍ଥ, ସମ୍ପାଦକ ଧିରେନ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। କମିଟିର ଆବାହକ ସକଳେଶ୍ୱର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଡ. ନୀତି ରଞ୍ଜନ ଚାନ୍ଦ, ଉପସଭାପତି ଅଶୋକ ଆଚାର୍ଯ୍ୟ, ପି.ପ୍ରଦୀପ କୁମାର ପାତ୍ର, ସୁରେନ୍ଦ୍ର ନାଥ ନନ୍ଦ, ବିଷ୍ଣୁ ଚରଣ ମିଶ୍ର, ଚନ୍ଦ୍ରଶେଖର ପଣ୍ଡା, ରୁଦ୍ର ନାରାୟଣ ମହାପାତ୍ର, ସୁଧାଂଶୁ ମିଶ୍ର, ନିର୍ମଳ ରାଉତପ୍ରମୁଖ ସଞ୍ଚାଳନ କରିଥିଲେ।

## ନିଆରା ଢଙ୍ଗରେ ଗାଁସାଥୀଙ୍କ ଆନ୍ଦୋଳନ



### ଯଜ୍ଞ, ସ୍ରାଷ୍ଟାଙ୍ଗ ପ୍ରଣିପାତ କରି ସରକାରଙ୍କୁ ଦାବି ଜଣାଇଲେ

ଭୁବନେଶ୍ୱର, ୨୩। ୩ (ସୌମ୍ୟରଞ୍ଜନ ରାଉତ)

ମାସିକ ୧% ହାରରୁ ଅଧିକ ପ୍ରୋସାହନ ରାଶି ସମେତ ୨ ଦଫା ଦାବି ନେଇ ଲୋୟର୍ ପିମ୍‌ଜିରେ ସୋମବାର ଗର୍ଜିଛନ୍ତି ଗାଁସାଥୀ (ମେଟ୍)। ଗାଁସାଥୀ ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ଓଡ଼ିଶା ପ୍ରଦେଶର ସଭାପତି ଲକ୍ଷ୍ମୀଧର ବିଶ୍ୱାଳଙ୍କ ନେତୃତ୍ୱରେ ସାରା ରାଜ୍ୟରୁ ଆସିଥିବା ଗାଁସାଥୀମାନେ ଆନ୍ଦୋଳନ ସ୍ଥଳରେ ଯଜ୍ଞ କରିଥିଲେ। କେତେଜଣ ଠାକୁର ବେଶରେ ବସିଥିବାବେଳେ ଅନ୍ୟ ଗାଁ ସାଥୀମାନେ ସ୍ରାଷ୍ଟାଙ୍ଗ ପ୍ରଣିପାତ କରି ସରକାରଙ୍କ ନିକଟରେ ନିଆରା ଢଙ୍ଗରେ ଦାବି ଉପସ୍ଥାପନ କରିଥିଲେ। ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଓ ଭାଜପା ରାଜ୍ୟ ସଭାପତି ମିଳିତ ଭାବରେ ଏକ ସତନ୍ତ୍ର ସରକାରୀ ନୀତି ନିର୍ଦ୍ଧାରଣ କରିବା ସହିତ ପଞ୍ଚାୟତିରାଜ ବିଭାଗରେ ୨୦୦୮ରୁ କାର୍ଯ୍ୟରତ ଗାଁସାଥୀଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ କରନ୍ତୁ ବୋଲି ଆନ୍ଦୋଳନରତ ଗାଁସାଥୀମାନେ ନିବେଦନ କରିଛନ୍ତି। କାର୍ଯ୍ୟକ୍ରମରେ ଲକ୍ଷ୍ମୀଧରଙ୍କ ସହିତ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ବିବେକାନନ୍ଦ ଠାକୁର ଉପ ସଭାନେତ୍ରୀ ନୟନା ନାୟକ, ସୁରେଖା ପାଇଟାଲ, ସବିତା ଭୋଇ, ଅନ୍ନପୂର୍ଣ୍ଣା, ଶୁଶୀଳା ନାଏକ, ରେବତୀ ନାଏକ, ଚୂଡ଼ାମଣି ସିଂ, ଗୀତାଞ୍ଜଳି ମହାନ୍ତ, ମୀନାକୁମାରୀ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ଭିଏସଏସ ନଗର ହାଟକୁ ପ୍ଲାଷ୍ଟିକମୁକ୍ତ କରିବାକୁ ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର, ୨୩।୩ (ବନ୍ଦନା ସେଠୀ)

ସ୍ୱଚ୍ଛ ସର୍ବେକ୍ଷଣ ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ସ୍ୱତନ୍ତ୍ର ଅଭିଯାନ ଚଳାଇଛି। ଭିଏସ୍‌ଏସ୍ ନଗର ହାଟକୁ ଏକକ ବ୍ୟବହାର ପ୍ଲାଷ୍ଟିକ ମୁକ୍ତ ମାର୍କେଟରେ ପରିଣତ କରିବା ନେଇ ପଦକ୍ଷେପ ଆରମ୍ଭ ହୋଇଛି। ଏନେଇ ସୋମବାର ହାଟ କମିଟି ସଭାପତି ଲକ୍ଷ୍ମଣ ସାହୁଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ହାଟ କମିଟି ସଭାକକ୍ଷରେ ଆୟୋଜିତ ବୈଠକରେ ଏକକ ବ୍ୟବହାର ପ୍ଲାଷ୍ଟିକ ମୁକ୍ତ ମାର୍କେଟ କରିବା ପାଇଁ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ଏକକ ବ୍ୟବହାର ପ୍ଲାଷ୍ଟିକ ବ୍ୟାଗର ବିକଳ୍ପ ଭାବେ କାହାକୁ ଗ୍ରହଣ କରାଯିବ ଓ ଏହାର ଦାମ୍ କେତେ ରହିବ, ଛୋଟ ଛୋଟ ବ୍ୟବସାୟୀ ବିଘଟନ ଯୋଗ୍ୟ ପ୍ଲାଷ୍ଟିକ ବ୍ୟାଗ କ୍ରୟ କରିବାକୁ କେତେଦୂର ସମର୍ଥ ହେବେ ଆଦି ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲୋଚନା ହୋଇଥିଲା। ହାଟରେ ଏକକ ବ୍ୟବହାର ପ୍ଲାଷ୍ଟିକ ବିକ୍ରି କରୁଥିବା ବ୍ୟବସାୟୀଙ୍କୁ ସୁଲଭ ମୂଲ୍ୟରେ ଥା ଏକକ ବ୍ୟବହାର ପ୍ଲାଷ୍ଟିକ ସହିତ ପ୍ରାୟ ସମାନ ଦରରେ ପ୍ରଚୁର ପରିମାଣରେ ବିଘଟନ ଯୋଗ୍ୟ ପ୍ଲାଷ୍ଟିକ ବ୍ୟାଗ ଯୋଗାଇ ଦିଆଯିବ ବୋଲି ବିଏମସି ପକ୍ଷରୁ କୁହାଯାଇଛି। ତେବେ କେଉଁଟା ଅସଲି ଓ କେଉଁଟା ନକଲି ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ, ତାହା ଜାଣିବା ପାଇଁ ସ୍ୱେଚ୍ଛାସେବୀ ସଂଗଠନ ୱିଲ୍ ଆକ୍ସନ ଭିଜନ ଫର୍ ଏନ୍‌ଭାଇରନମେଣ୍ଟ (ୱେଭ୍) ପକ୍ଷରୁ ସାର୍ଥକଶଙ୍କର ଭଗତ, ବିଏମ୍‌ସିର ସାଇନ ଟିମ୍, ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜର, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ଭିଏସଏସ ନଗର ବ୍ୟବସାୟୀ ସଂଘର କର୍ମକର୍ତ୍ତାଙ୍କୁ ଅବଗତ କରାଇଥିଲେ। ୧୫ଦିନ ପର୍ଯ୍ୟନ୍ତ ମାର୍କେଟରେ ଆଇଇସି କାର୍ଯ୍ୟ ଜାରି ରହିବ ବୋଲି ସୂଚନା ଦିଆଯାଇଛି। ବୈଠକରେ କର୍ପୋରେଟର ପ୍ରଭାସିନୀ ମହାନ୍ତି, ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ବିଏମସି ସହକାରୀ କମିଶନର ଲୋକନାଥ ବେଜ୍ ପ୍ରମୁଖ ଉପସ୍ଥିତ ଥିଲେ।

## ଆର୍‌ଟିଇ ପାରଦର୍ଶୀରେ ଅଧ୍ୟୟନ ପିଲାଙ୍କ ବହି, ୟୁନିଫର୍ମ ପାଣ୍ଠି ଅନୁମୋଦନରେ ବିଳମ୍ବ

### ୩୦ରେ ଅର୍ଥ ସଚିବଙ୍କ ବାସଭବନ ସମ୍ମୁଖରେ ଆମରଣ ଅନଶନ

ଭୁବନେଶ୍ୱର, ୨୩।୩(ସୁଚିସ୍ମିତା ସାହୁ)

ଘରୋଇ ବିଦ୍ୟାଳୟରେ ଶିକ୍ଷା ଅଧିକାର ଆଇନ ପାରଦର୍ଶୀ ପୋର୍ଟାଲ ଆବଣ୍ଟନ ଅନୁଯାୟୀ ୨୫% ସଂରକ୍ଷଣ କୋଟାରେ ମାଗଣା ପଢୁଥିବା ଛାତ୍ରୀଛାତ୍ରଙ୍କୁ ବହି, ୟୁନିଫର୍ମ ଏବଂ ଅନ୍ୟାନ୍ୟ ଆବଶ୍ୟକତା ପାଇଁ ଅର୍ଥ ସଚିବ ପାଣ୍ଠି ଅନୁମୋଦନରେ ଅହେତୁକ ବିଳମ୍ବ କରୁଛନ୍ତି। ଓସେପା ଯୋଜନାରେ ସାମିଲ ପ୍ରତି ପିଲାଙ୍କ ଖର୍ଚ୍ଚ ଉପରେ ବଜେଟ ପ୍ରସ୍ତାବ ପ୍ରସ୍ତୁତ କରି ଗଣଶିକ୍ଷା ବିଭାଗକୁ ଦେଇଥିଲା। ତଦନୁଯାୟୀ ଗଣଶିକ୍ଷା ବିଭାଗ ପ୍ରସ୍ତାବକୁ ଅନୁମୋଦନ ଲାଗି ଅର୍ଥ ବିଭାଗକୁ ପଠାଇଥିଲେ। ହେଲେ ୬ ମାସରୁ ଅଧିକ ସମୟ ଧରି ଅର୍ଥ ବିଭାଗ ପାଖରେ ଫାଇଲ ପଡ଼ି ରହିଛି । ଫଳରେ ହଜାର ହଜାର ଛାତ୍ରୀଛାତ୍ର ପାଠପଢ଼ା ଓ ଅନ୍ୟାନ୍ୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଭିଭାବକ ମହାସଂଘ ବାରମ୍ବାର ନିବେଦନ ଓ ଦାବି କରିବା ସତ୍ତ୍ୱେ ମଧ୍ୟ ଅର୍ଥ ବିଭାଗ ଅନୁମୋଦନ ଦେଉନି । ଫଳରେ ଆର୍ଥିକ ଅବହେଳିତ ପିଲାମାନଙ୍କ ଶିକ୍ଷା ଏବଂ କଲ୍ୟାଣ ଉପରେ ପ୍ରତିକୂଳ ପ୍ରଭାବ ପକାଉଛି। ଅର୍ଥ ସଚିବ ବିଳମ୍ବ ନ କରି ମାର୍ଚ୍ଚ ୩୦ ସୁଦ୍ଧା ପାଣ୍ଠିର ଅନୁମୋଦନ ନ କଲେ ଚଳିତ ଆର୍ଥିକ ବର୍ଷରେ ଆଉ ଅନୁଦାନ ଆସି ପାରିବ ନାହିଁ। ଯଦି ତୁରନ୍ତ ପଦକ୍ଷେପ ନିଆ ନ ଯାଏ ତେବେ ଶାନ୍ତିପୂର୍ଣ୍ଣ ଗଣତାନ୍ତ୍ରିକ ଉପାୟରେ ଅର୍ଥ ସଚିବଙ୍କ ସରକାରୀ ବାସଭବନ ସମ୍ମୁଖରେ ଆମରଣ ଅନଶନ ଭଳି ଚରମ ପଦକ୍ଷେପ ନେବାକୁ ଅଭିଭାବକମାନେ ବାଧ୍ୟ ହେବେ ବୋଲି ମହାସଂଘ ସଭାପତି ବାସୁଦେବ ଭଟ୍ଟ, କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଶୋଇ, ଆବାହିକା କଳ୍ପନା ସାହୁ ଓ ପଦ୍ମନାଭ ସାହୁ କହିଛନ୍ତି।

## ଜଳ ସଂରକ୍ଷଣ ଏକ ସାମାଜିକ ପ୍ରତିବଦ୍ଧତା

### ବିଶ୍ୱ ଜଳ ଦିବସ

ଭୁବନେଶ୍ୱର, ୨୩।୩(ସୁଚିସ୍ମିତା ସାହୁ)

ପିପୁଲ୍‌ସ କଲ୍‌ଚରାଲ ସେଣ୍ଟର (ପିକକ)ର ଇକୋସେଭର୍ସ ୟୁଥ ନେଟ୍‌ୱର୍କର ସଦସ୍ୟଙ୍କ ଦ୍ୱାରା ଚାଲିଥିବା ୩ ଦିନିଆ ବିଶ୍ୱଜଳ ଦିବସ କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଯାଇଛି। ପିକକ୍‌ର ସମ୍ପାଦକ ରଞ୍ଜନ କୁମାର ମହାନ୍ତି ଯୋଗଦେଇ କହିଲେ, ଜଳ ସଂରକ୍ଷଣ କେବଳ ପରିବେଶୀୟ ଦାୟିତ୍ୱ ନୁହେଁ, ବରଂ ଏକ ସାମାଜିକ ପ୍ରତିବଦ୍ଧତା। ପ୍ରତ୍ୟେକ ବ୍ୟକ୍ତିଙ୍କୁ ଦାୟିତ୍ୱଶୀଳ ଭାବେ କାର୍ଯ୍ୟ କରି ସମସ୍ତଙ୍କ ପାଇଁ ସୁରକ୍ଷିତ, ସମାନ ଏବଂ ଚିରସ୍ଥାୟୀ ଜଳ ପାଇବାକୁ ସୁନିଶ୍ଚିତ କରିବା ଆବଶ୍ୟକ। ଚଳିତ ବର୍ଷେ ଜଳ ଦିବସର ପ୍ରସଙ୍ଗ 'ଜଳ ଓ ଲିଙ୍ଗ ସମତା' ଉପରେ ଆଲୋଚନା କରି ସେ କହିଲେ, ଏହି ଅଭିଯାନ ବିଶ୍ୱ ଜଳ ସଙ୍କଟ ମହିଳା ଓ ବାଳିକାଙ୍କ ଉପରେ ପଡୁଥିବା ଅସମାନ ପ୍ରଭାବକୁ ଜାଗ୍ରତ କରେ। ଜଳ ପରିଚାଳନା ଓ ନିଷ୍ପତ୍ତି ଗ୍ରହଣରେ ସେମାନଙ୍କର ସମାନ ଭାଗିଦାରିକୁ ଆହ୍ୱାନ କରେ। ଏହି ଉପଲକ୍ଷେ ଇକୋସେଭର୍ସ ୟୁଥ ନେଟ୍‌ୱର୍କର ସଦସ୍ୟମାନେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।

ପିକକ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି କହିଲେ, ମହିଳା ଓ ଯୁବଗୋଷ୍ଠୀଙ୍କ ଜଳର ଉପଯୁକ୍ତ ପରିଚାଳନା ଓଡ଼ିଶାର ସୁଦୃଢ଼ ଭବିଷ୍ୟତ ନିର୍ମାଣ କରିବାର ମୂଳ ମନ୍ତ୍ର। ବାଲିଆନ୍ତାର ଇକୋସେଭର୍ସ ଯୁବ ସଦସ୍ୟା ତପସ୍ୱିନୀ ଦାସ କହିଲେ, ଯୁବଗୋଷ୍ଠୀ ଜଳ ସମ୍ପଦକୁ ସୁରକ୍ଷା କରିବା ଓ ଆମ ସମୁଦାୟରେ ଜଳର ଦାୟିତ୍ୱଶୀଳ ବ୍ୟବହାରକୁ ପ୍ରୋତ୍ସାହନ ଦେବାରେ ଅଗ୍ରଣୀ ଭୂମିକା ନେବା ଆବଶ୍ୟକ। କେନ୍ଦୁଝରର ପାଟଣା ବ୍ଲକର ଇକୋସେଭର୍ସ ଯୁବ ସଦସ୍ୟ ଭୋଳାନାଥ ମୁଣ୍ଡା କହିଲେ, ଆଗାମୀ ପିଢ଼ି ପାଇଁ ଏକ ସୁରକ୍ଷିତ ଓ ଚିରସ୍ଥାୟୀ ଭବିଷ୍ୟତକୁ ସୁନିଶ୍ଚିତ କରିବା ପାଇଁ ଆମେ ଆଜି ଜଳ ସଂରକ୍ଷଣ ପାଇଁ ସମୂହିକ ପଦକ୍ଷେପ ନେଉଛୁ। ଏହି ଅଭିଯାନ ଖୋର୍ଦ୍ଧା, ବାଲେଶ୍ୱର, କଟକ, କେନ୍ଦୁଝର, ଯାଜପୁର, କେନ୍ଦ୍ରାପଡା ଓ ଜଗତ୍‌ସିଂହପୁର ଜିଲାର ବିଭିନ୍ନ ଅଞ୍ଚଳରେ ଆୟୋଜିତ ହୋଇଥିଲା। ପିକକର ଜ୍ୟୋତିଶଙ୍କର ମହାନ୍ତି, ସତ୍ୟ ନାରାୟଣ ମହନ୍ତ, ପୂଜା ପଣ୍ଡା, ରଶ୍ମିରେଖା ସାହୁ, ଅଙ୍କିତା ବାରିକ୍, ଉପମା ମହାନ୍ତି, ନାରାୟଣ ଦାସ, ବାମଦେବ ଜେନା, ସୁବ୍ରତ ସାହୁ ପ୍ରମୁଖ ବିଭିନ୍ନ ସ୍ଥାନରେ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆଜାଦ ହିନ୍ଦ ଫୌଜ ସଂଘ ପକ୍ଷରୁ ଶହୀଦ ଭଗତ ସିଂଙ୍କ ଫାଶି ଦିବସ

ଭୁବନେଶ୍ୱର, ୨୩।୩(ସୌମ୍ୟରଞ୍ଜନ ରାଉତ)

ରାଜ୍ୟ ଆଜାଦ ହିନ୍ଦ ଫୌଜ ସଂଘ ପକ୍ଷରୁ ୟୁନିଟ୍-୩ ରାଜ୍ୟ କାର୍ଯ୍ୟାଳୟରେ ଶହୀଦ ଭଗତ ସିଂଙ୍କ ୯୪ ତମ ଫାସି ଦିବସ ସଂଘର ସଭାପତି ବସନ୍ତ କୁମାର ପରାଇକରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଭଗତ ସିଂ ବ୍ରିଟିଶଙ୍କ ବିରୋଧରେ ରଣହୁଙ୍କାର ଦେଇ ଜେଲ୍ ଯାଇଥିଲେ। ଫାସି ଖୁଣ୍ଟକୁ ଯିବା ପୂର୍ବରୁ କହିଥିଲେ 'ମୁଁ ଦେଶ ପାଇଁ ଆସିଛି, ଦେଶ ପାଇଁ ଜୀବନ ଦେବି' ଦେଶରେ ଏକ ଶୋଷଣମୁକ୍ତ ସମାଜ ଦରକାର। ଶେଷରେ 'ଇନ୍ କିଲାବ ଜିନ୍ଦାବାଦ୍' କହି ଫାସି ଖୁଣ୍ଟକୁ ଯାଇଥିଲେ ବୋଲି ପାଇକରାୟ କହିଥିଲେ। ପ୍ରଫୁଲ୍ଲ ତ୍ରିପାଠୀ, ଗୌରୀଶଙ୍କର ମିଶ୍ର, ରାମଚନ୍ଦ୍ର ସାହୁ, ଶ୍ରୀକାନ୍ତ ମିଶ୍ର, ପ୍ରସନ୍ନ କୁମାର ଲେଙ୍କା, ଭରତ ସାହୁ, ତ୍ରିଲୋଚନ ମହାନ୍ତି, ପୀତବାସ ମାନସିଂ, କୈଳାସ ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଆଇଏଚ୍‌ସିଏଲ୍ ପକ୍ଷରୁ 'ଭାରତ ଏକ ସାଥ୍' ୱାକାଥନ

ଭୁବନେଶ୍ୱର, ୨୩।୩ (ବନ୍ଦନା ସେଠୀ)

ଟାଟା ଗ୍ରୁପ୍‌ର ଇଣ୍ଡିଆନ ହୋଟେଲସ୍ କମ୍ପାନୀ ଲିମିଟେଡ୍ (ଆଇଏଚ୍‌ସିଏଲ) ପକ୍ଷରୁ 'ଭାରତ ଏକ୍ ସାଥ୍' ୱାକାଥନ୍ ଆୟୋଜିତ ହୋଇଯାଇଛି। ଏଥିରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ସଦସ୍ୟାସଦସ୍ୟ ଯୋଗଦେଇ ସିଆର୍‌ପି ଛକ ନିକଟରୁ କ୍ରାଉନ୍ ହୋଟେଲ ଯାଏ ଚାଲିଥିଲେ। କାର୍ଯ୍ୟକ୍ରମରେ ଦି କ୍ରାଉନ ଆଇଏଚ୍‌ସିଏଲ ସିଲେକ୍ସନ୍ସର ମହାପ୍ରବନ୍ଧକ ରଞ୍ଜନ ଦାସ ଯୋଗଦେଇ କହିଲେ, 'ଭାରତ ଏକ ସାଥ୍' ୨୬/୧୧ ମୁମ୍ବାଇ ଆକ୍ରମଣ ସମୟରେ ତାଜ୍ ପବ୍ଲିକ ସର୍ଭିସ ୱେଲ୍‌ଫେୟାର ଟ୍ରଷ୍ଟ (ଟିପିଏସଡବ୍ଲୁଟି)ର ଉଦ୍ଦେଶ୍ୟ ସହିତ ଜଡିତ। ଟିପିଏସ୍‌ଡବ୍ଲୁଟି ଆତଙ୍କବାଦ ଦ୍ୱାରା ପୀଡିତ ଓ ସେନାରେ ଆହତ କର୍ମଚାରୀଙ୍କୁ ସହାୟତା କରିବା, ଆଇନ ପ୍ରବର୍ତ୍ତନ, ସ୍ୱାସ୍ଥ୍ୟସେବା ବୃତ୍ତିଗତମାନଙ୍କୁ ସଶକ୍ତ କରିବା ଏବଂ ସାରା ଭାରତରେ ବିପର୍ଯ୍ୟୟ ସହାୟତା ପ୍ରଦାନ କରିବା ପାଇଁ ଏହାର ପରିସରକୁ ବିସ୍ତାର କରିଛି ବୋଲି ସେ ମତ ରଖିଥିଲେ। ହୋଟେଲ ଜିଞ୍ଜର (ପୂର୍ବ ଏବଂ ଉତ୍ତର ପୂର୍ବ)ର କ୍ଷେତ୍ର ମହାପ୍ରବନ୍ଧକ ଶାନ୍ତନୁ ଦାସ ଟ୍ରଷ୍ଟର କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ।




## ୫ ଜଣିଆ ସ୍ୱତନ୍ତ୍ର ଟିମ୍‌ର ଯାଞ୍ଚ ଆରମ୍ଭ

### ଏସ୍‌ସିବି ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣା

#### ୪ ଦିନରେ ୮୫ କୋଠାର ସମସ୍ୟା ସମ୍ପର୍କରେ ଜିଲାପାଳଙ୍କୁ ଦିଆଯିବ ରିପୋର୍ଟ

କଟକ, ୨୩।୩(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣା ପରେ ମେଡିକାଲର କୋଠାଗୁଡ଼ିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନେଇ ନାନା ପ୍ରଶ୍ନ ଉଠିଛି। ଏହି ଅଘଟଣ ପରେ ମେଡିକାଲର ସମସ୍ତ କୋଠାର ଯାଞ୍ଚ ପାଇଁ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ନିର୍ଦ୍ଦେଶ ଦେଇଥିଲେ। ଏପରିକି ଯେଉଁ କୋଠାରେ କୌଣସି ବି ସମସ୍ୟା ଥିବ, ତୁରନ୍ତ ଏହାର ରିପୋର୍ଟ ପ୍ରଦାନ କରିବା ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଏହାର ମରାମତି ନିମନ୍ତେ ପଦକ୍ଷେପ ଗ୍ରହଣ କରିବେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ଟିମ୍ ସୋମବାରଠାରୁ ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଛି। ସ୍ଥାନୀୟ ତହସିଲଦାରଙ୍କ ତତ୍ତ୍ୱାବଧାନରେ ୫ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଏଥିରେ ମେଡିକାଲ ମ୍ୟାନେଜର, ଅଗ୍ନିଶମ ବିଭାଗ, ଜିଇଡି, ଟିପିସିଓଡିଏଲ, ପୂର୍ତ୍ତ ବିଭାଗର ଅଧିକାରୀ ପ୍ରମୁଖ ୫ଜଣ ଲେଖାଏ ସଦସ୍ୟ ପ୍ରତ୍ୟେକ ଟିମ୍‌ରେ ରହିଛନ୍ତି। ଏହି ଟିମ୍ ୪ ଦିନ ମଧ୍ୟରେ ଏସ୍‌ସିବି ମେଡିକାଲ, କଲେଜ ଓ ହଷ୍ଟେଲରେ ଥିବା ୮୫ଟି କୋଠାର ଯାଞ୍ଚ କରି ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିବ। ପରେ ଏହା ସରକାରଙ୍କୁ ଅବଗତ କରାଯିବ। ସୋମବାର ଯାଞ୍ଚର ପ୍ରଥମ ଦିନରେ ଟ୍ରମା କାଜୁଆଲ୍‌ଟି ଜି-ପ୍ଲସ୍ ୪ ମହଲା ବିଶିଷ୍ଟ କୋଠାରେ ଥିବା କାଜୁଆଲ୍‌ଟି, ୱାର୍ଡ଼, ଓଟି, ଯକୃତ ପ୍ରତିରୋପଣ ୟୁନିଟ୍, ସେଣ୍ଟ୍ରାଲ ଆଇସିୟୁ ଓ ବିଶେଷକରି ପ୍ରଥମ ମହଲାରେ ଅଗ୍ନିକାଣ୍ଡ ଘଟିଥିବା ଟ୍ରମା ଆଇସିୟୁର ଯାଞ୍ଚ କରାଯାଇଛି। ପରେ ମେଡିକାଲର ଅନ୍ୟ କେତେକ କୋଠା ମଧ୍ୟ ଉକ୍ତ ଟିମ୍ ଯାଞ୍ଚ କରିଛି। ଟିମ୍ ଯାଞ୍ଚ ସମୟରେ ଉକ୍ତ କୋଠାଗୁଡ଼ିକରେ ବିଦ୍ୟୁତ୍ ମିଳିପାରୁଛି ନା ନାହିଁ, ଯନ୍ତ୍ରାଂଶଗୁଡ଼ିକ ଠିକ୍ ଭାବେ କାର୍ଯ୍ୟ କରୁଛି କି ନାହିଁ। ବିଶେଷ କରି ବିଦ୍ୟୁତ୍ ପ୍ୟାନେଲ ବୋର୍ଡଗୁଡ଼ିକୁ ଭଲ ଭାବେ ଯାଞ୍ଚ କରିବା ସହ ଯେଉଁଠି ଯେଉଁ ସମସ୍ୟା ରହିଛି, ତାହାକୁ ନୋଟ୍ କରି ରଖୁଛନ୍ତି। ରିପୋର୍ଟ ପ୍ରଦାନ କରିବା ପରେ ଏହାର କାର୍ଯ୍ୟ କରାଯିବ ବୋଲି ସୂଚନା ମିଳିଛି।

ସୂଚନାଯୋଗ୍ୟ, ୧୫ ତାରିଖ ବିଳମ୍ବିତ ରାତିରେ ଟ୍ରମା ଆଇସିୟୁ ସମ୍ପୂର୍ଣ୍ଣ ଅଗ୍ନିକାଣ୍ଡରେ ୧୩ ଜଣଙ୍କ ମୃତ୍ୟୁ ହୋଇଥିଲା। ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବାବେଳେ ତଦନ୍ତ ପାଇଁ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଚିଠି କରାଯାଇଛି। ସରକାରଙ୍କ ନିର୍ଦ୍ଦେଶକ୍ରମେ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ପ୍ରତ୍ୟେକ କୋଠାରେ ଅଗ୍ନି ନିରାପତ୍ତା, ବିଦ୍ୟୁତ୍ ଓ ଅନ୍ୟାନ୍ୟ ସମସ୍ୟାର ଯାଞ୍ଚ କରି ରିପୋର୍ଟ ପ୍ରଦାନ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

## କବି ମନମୋହନଙ୍କ ଲେଖନୀ ଏ ଜାତିକୁ ନୂଆ ଦିଗ୍‌ଦର୍ଶନ ଦେଇଛି

### ରାଜ୍ୟସ୍ତରୀୟ ଜୟନ୍ତୀ

ଭୁବନେଶ୍ୱର, ୨୩।୩ (ସୌମ୍ୟରଞ୍ଜନ ରାଉତ)



ପ୍ରଗତିବାଦୀ କବିମାନେ ନିଜେ ତାତ୍ତ୍ୱିକ ଓ ସୃଷ୍ଟିଶୀଳ ହୋଇ ସାରସ୍ୱତ ଶିଳ୍ପ ସଂସ୍କୃତିକୁ ଉଜ୍ଜୀବିତ କରି ରଖିଛନ୍ତି। କବି ମନମୋହନ ମିଶ୍ରଙ୍କ ଲେଖନୀର ପରାକାଷ୍ଠା ଏ ଜାତିକୁ ଏକ ନୂତନ ଦିଗ୍‌ଦର୍ଶନ ଦେଇପାରିଛି ବୋଲି ଅତିଥିମାନେ ମତପ୍ରକାଶ କରିଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ମନମୋହନ ମିଶ୍ର ସ୍ମୃତି ସଂସଦଙ୍କ ମିଳିତ ସହଯୋଗରେ ସୋମବାର କବି ମନମୋହନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ସ୍ତମ୍ଭକାର ଡ. ଗୌରହରି ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ହରିଶ୍ଚନ୍ଦ୍ର ବେହେରା ଯୋଗଦେଇ କହିଲେ, ମନମୋହନ ଓଡ଼ିଆ ଜନମାନସରେ ତଥା ଓଡ଼ିଆ ସମାଜରେ ଜଣେ ସମାଜବାଦୀ ଓ ସାମ୍ୟବାଦୀ ଚିନ୍ତାଧାରାର ଅନ୍ୟତମ ପ୍ରଗତିଧର୍ମୀ କବି ଭାବେ ସୁପରିଚିତ ହୋଇପାରିଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଡ. ଫଣୀନ୍ଦ୍ର କୁମାର ନନ୍ଦ କହିଲେ, ମନମୋହନ ଜେର ଉତ୍ତମ ଗଦ୍ୟ ଲେଖକ ଥିଲେ। ତାଙ୍କ ରମ୍ୟରଚନା ଓ ଭାଷାତାତ୍ତ୍ୱିକ ଗ୍ରନ୍ଥଗୁଡ଼ିକ ଉଚ୍ଚ ପ୍ରଶଂସିତ ହୋଇପାରିଥିଲା। ମୁଖ୍ୟ ଅତିଥି ଭାବେ କବି ଅମରେଶ ପଟ୍ଟନାୟକ କହିଲେ, ମନମୋହନ ସମାଜବାଦୀ ଓ ଉଚ୍ଚକୋଟୀର ମାନବବାଦୀ ଯୁଗପୁରୁଷ ଭାବେ ପରିଚିତ ଥିଲେ। ତାଙ୍କ ଜୀବନାଦର୍ଶ ଓ ରଚିତ କାବ୍ୟଗ୍ରନ୍ଥରେ ସାମ୍ୟବାଦୀ ଅନୁଚିନ୍ତା ସମ୍ପର୍କରେ ସେ କହିଥିଲେ। ଏକାଡେମୀର ସହସଚିବ ସଞ୍ଜୟ କୁମାର ଛୁଆଳସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ମା'ବୁଢ଼ୀ ମଙ୍ଗଳାଙ୍କ ସ୍କନ୍ଦମାତା ବେଶ



ତିଗିରିଆ, ୨୩।୩ (ଜାଫର ଖାଁ)

ତିଗିରିଆ ବ୍ଲକ ଅନ୍ତର୍ଗତ ବିନ୍ଧାଣିମାର ଆରାଧ ଠାକୁରାଣୀ ମା' ବୁଢ଼ୀ ମଙ୍ଗଳାଙ୍କ ପୀଠରେ ଚାଲିଥିବା ବାସନ୍ତିକ ଦୁର୍ଗାପୂଜାର ସୋମବାର ପଞ୍ଚମ ଦିବସରେ ଭକ୍ତମାନଙ୍କୁ ସ୍କନ୍ଦମାତା ବେଶରେ ମା' ଦର୍ଶନ ଦେଇଛନ୍ତି।

### ଘରୋଇ ମୋଟର୍ସ ସର୍ଭିସ ସେଣ୍ଟରରେ ଅଗ୍ନିକାଣ୍ଡ

ଖୁଣ୍ଟୁଣୀ, ୨୩।୩ (ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଗୋଲେଇ ଛକ ନିକଟରେ ଥିବା ଏକ ଘରୋଇ ମୋଟର୍ସ ସର୍ଭିସ ସେଣ୍ଟରରେ ସୋମବାର ପୂର୍ବାହ୍ନ ପ୍ରାୟ ସାଢ଼େ ୯ଟାରେ ଅଗ୍ନିକାଣ୍ଡ ଘଟିଛି। ଘରୋଇ ମୋଟର୍ସ ୱାର୍କସପରେ କିଛି ଟ୍ରକ ଖୋଲା ହୋଇ କାମ ଚାଲିଥିବା ବେଳେ ହଠାତ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟି ନିଆଁ ଲାଗିଯାଇଥିଲା। ନିଆଁ ପ୍ରଚଣ୍ଡ ବେଗରେ ଲାଗିବା ଦେଖି କର୍ମଚାରୀମାନେ ଛାନିଆ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ପାଣି ପକାଇ ନିଆଁକୁ ଲିଭାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ମ୍ୟାନେଜର ଗିରିଶ ଚନ୍ଦ୍ର ପଣ୍ଡା ତୁରନ୍ତ ଆଠଗଡ଼ ଅଗ୍ନିଶମ ବାହିନୀକୁ ଜଣାଇବାରେ ସେମାନେ ପହଞ୍ଚି ପ୍ରାୟ ଘଣ୍ଟାଏ କାଳ ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ। ପ୍ରାଥମିକ ତଦନ୍ତରୁ ନିଆଁ କେଉଁ କାରଣରୁ ଲାଗିଲା ତାହା ଏବେ ବି ଅସ୍ପଷ୍ଟ ଅଛି।

### ପୂଜାରିଣୀ ବସ୍‌ରୁ ବନ୍ଧୁକ ମୁନରେ ଟଙ୍କା, ମୋବାଇଲ ଲୁଟ ଘଟଣା: ଜଣେ ଗିରଫ

ମଙ୍ଗୁଳି-ଜଗତପୁର, ୨୩।୩ (ମାନସ ସାମଲ)

୨୦୨୪ରେ ପୂଜାରିଣୀ ବସ୍‌ରେ ବନ୍ଧୁକ ମୁନରେ ଯାତ୍ରୀଙ୍କଠୁ ଟଙ୍କା ଓ ମୋବାଇଲ ଲୁଟ ଘଟଣାରେ ଜଗତପୁର ପୋଲିସ ଜଣେ ଫେରାର ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ କପିଳାସ ଦଳାଇ ଓରଫ କପିଳା (୩୫)। ୨୦୨୪ ଡିସେମ୍ବର ୨୫ରେ ପୂଜାରିଣୀ ନାମକ ଏକ ଘରୋଇ ବସ କେନ୍ଦୁଝରରୁ କଟକ ଅଭିମୁଖେ ଯାତ୍ରା କରୁଥିଲା। ଜଗତପୁର ବିରୂପା ପୋଲ ଉପରେ ଏକ ଲାଲ ରଙ୍ଗର କାରରେ ୬ଜଣ ଦୁର୍ବୃତ୍ତ ଆସି ବସ୍‌କୁ ଅଟକାଇଥିଲେ। ପରେ ବନ୍ଧୁକ ଧରି ସେମାନେ ଜୋରଜବରଦସ୍ତ ବସ୍‌ରେ ପ୍ରବେଶ କରି ବନ୍ଧୁକ ମୁନରେ ଯାତ୍ରୀଙ୍କ ଟଙ୍କା ଓ ମୋବାଇଲ ଛଡାଇ ନେଇଥିଲେ। କଣ୍ଡକ୍ଟର ପ୍ରତିବାଦ କରିବାରୁ ଦୁର୍ବୃତ୍ତ ଭୟଭୀତ କରି ବସ୍ କାଚକୁ ଭାଙ୍ଗି ଫେରାର ହୋଇଯାଇଥିଲେ। ବସ କଣ୍ଡକ୍ଟର ଲଳିତ ମହାନ୍ତି ଏ ନେଇ ଥାନାରେ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ. ୬୪୭/୨୪) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଶନିବାର ରାତି ପ୍ରାୟ ୯ଟାରେ ଅଭିଯୁକ୍ତ କପିଳା ଦଳାଇ ମଙ୍ଗୁଳି ଛକରେ ବୁଲୁଥିବା ବିଶେଷ ସୂତ୍ରରୁ ଖବର ପାଇ ଜଗତପୁର ପୋଲିସ ତାଙ୍କୁ ଗିରଫ କରିଥିଲା।

# ୫ ସ୍ୱତନ୍ତ୍ର ଟିମ୍‌ର ଯାଞ୍ଚ ଆରମ୍ଭ

## ଏସ୍‌ସିବି ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣା

### ୪ ଦିନରେ ୮୫ କୋଠାର ସମସ୍ୟା ସମ୍ପର୍କରେ ଜିଲାପାଳଙ୍କୁ ଦିଆଯିବ ରିପୋର୍ଟ

କଟକ, ୨୩।୩ (ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣା ପରେ ମେଡିକାଲର କୋଠାଗୁଡ଼ିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନେଇ ନାନା ପ୍ରଶ୍ନ ଉଠିଛି। ଏହି ଅଘଟଣ ପରେ ମେଡିକାଲର ସମସ୍ତ କୋଠାର ଯାଞ୍ଚ ପାଇଁ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ନିର୍ଦ୍ଦେଶ ଦେଇଥିଲେ। ଏପରିକି ଯେଉଁ କୋଠାରେ କୌଣସି ବି ସମସ୍ୟା ଥିବ, ତୁରନ୍ତ ଏହାର ରିପୋର୍ଟ ପ୍ରଦାନ କରିବା ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଏହାର ମରାମତି ନିମନ୍ତେ ପଦକ୍ଷେପ ଗ୍ରହଣ କରିବେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ଟିମ୍ ସୋମବାରଠାରୁ ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଛି। ସ୍ଥାନୀୟ ତହସିଲଦାରଙ୍କ ତତ୍ତ୍ୱାବଧାନରେ ୫ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଏଥିରେ ମେଡିକାଲ ମ୍ୟାନେଜର, ଅଗ୍ନିଶମ ବିଭାଗ, ଜିଇଡି, ଟିପିସିଓଡିଏଲ, ପୂର୍ତ୍ତ ବିଭାଗର ଅଧିକାରୀ ପ୍ରମୁଖ ୫ଜଣ ଲେଖାଏ ସଦସ୍ୟ ପ୍ରତ୍ୟେକ ଟିମ୍‌ରେ ରହିଛନ୍ତି।

ଏହି ଟିମ୍ ୪ ଦିନ ମଧ୍ୟରେ ଏସ୍‌ସିବି ମେଡିକାଲ, କଲେଜ ଓ ହଷ୍ଟେଲରେ ଥିବା ୮୫ଟି କୋଠାର ଯାଞ୍ଚ କରି ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିବ। ପରେ ଏହା ସରକାରଙ୍କୁ ଅବଗତ କରାଯିବ। ସୋମବାର ଯାଞ୍ଚର ପ୍ରଥମ ଦିନରେ ଟ୍ରମା କାଜୁଆଲ୍‌ଟି ଜି-ପ୍ଲସ୍ ୪ ମହଲା ବିଶିଷ୍ଟ କୋଠାରେ ଥିବା କାଜୁଆଲ୍‌ଟି, ୱାର୍ଡ଼, ଓଟି, ଯକୃତ ପ୍ରତିରୋପଣ ୟୁନିଟ୍, ସେଣ୍ଟ୍ରାଲ ଆଇସିୟୁ ଓ ବିଶେଷକରି ପ୍ରଥମ ମହଲାରେ ଅଗ୍ନିକାଣ୍ଡ ଘଟିଥିବା ଟ୍ରମା ଆଇସିୟୁର ଯାଞ୍ଚ କରାଯାଇଛି। ପରେ ମେଡିକାଲର ଅନ୍ୟ କେତେକ କୋଠା ମଧ୍ୟ ଉକ୍ତ ଟିମ୍ ଯାଞ୍ଚ କରିଛି। ଟିମ୍ ଯାଞ୍ଚ ସମୟରେ ଉକ୍ତ କୋଠାଗୁଡ଼ିକରେ ବିଦ୍ୟୁତ୍ ମିଳିପାରୁଛି ନା ନାହିଁ, ଯନ୍ତ୍ରାଂଶଗୁଡ଼ିକ ଠିକ୍ ଭାବେ କାର୍ଯ୍ୟ କରୁଛି କି ନାହିଁ। ବିଶେଷ କରି ବିଦ୍ୟୁତ୍ ପ୍ୟାନେଲ ବୋର୍ଡଗୁଡ଼ିକୁ ଭଲ ଭାବେ ଯାଞ୍ଚ କରିବା ସହ ଯେଉଁଠି ଯେଉଁ ସମସ୍ୟା ରହିଛି, ତାହାକୁ ନୋଟ୍ କରି ରଖୁଛନ୍ତି। ରିପୋର୍ଟ ପ୍ରଦାନ କରିବା ପରେ ଏହାର କାର୍ଯ୍ୟ କରାଯିବ ବୋଲି ସୂଚନା ମିଳିଛି।

ସୂଚନାଯୋଗ୍ୟ, ୧୫ ତାରିଖ ବିଳମ୍ବିତ ରାତିରେ ଟ୍ରମା ଆଇସିୟୁ ସମ୍ପୂର୍ଣ୍ଣ ଅଗ୍ନିକାଣ୍ଡରେ ୧୩ ଜଣଙ୍କ ମୃତ୍ୟୁ ହୋଇଥିଲା। ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବାବେଳେ ତଦନ୍ତ ପାଇଁ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଚିଠି କରାଯାଇଛି। ସରକାରଙ୍କ ନିର୍ଦ୍ଦେଶକ୍ରମେ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ପ୍ରତ୍ୟେକ କୋଠାରେ ଅଗ୍ନି ନିରାପତ୍ତା, ବିଦ୍ୟୁତ୍ ଓ ଅନ୍ୟାନ୍ୟ ସମସ୍ୟାର ଯାଞ୍ଚ କରି ରିପୋର୍ଟ ପ୍ରଦାନ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

# ସରିଲା ସାଧନ କେନ୍ଦ୍ରସ୍ତରୀୟ ବୈଠକ




ବୈଠକରେ ଯୋଗଦେଇଥିବା ଶିକ୍ଷକମାନେ।

ବଡ଼ମ୍ବା, ୨୩।୩ (ମାୟାଧର ମଲ୍ଲିକ)

ବଡ଼ମ୍ବା ଶିକ୍ଷାମଣ୍ଡଳ ଅନ୍ତର୍ଗତ ରଗଡିପଡ଼ା ନୋଡାଲ ଉଚ୍ଚ ବିଦ୍ୟାଳୟ ସାଧନ କେନ୍ଦ୍ରସ୍ତରୀୟ ୯ମ ତଥା ଚଳିତ ଶିକ୍ଷା ବର୍ଷର ଅନ୍ତିମ ବୈଠକ ରଗଡ଼ିପଡ଼ା ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସୁରସୁନ୍ଦର ଶତପଥୀଙ୍କ ମାର୍ଗଦର୍ଶନରେ ଆୟୋଜକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମମତା ମଞ୍ଜରୀ ସ୍ୱାଇଁ ଏବଂ ଚମ୍ପେଇଦ୍ୱାର ଗଡ଼ାପୋଖରୀ ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ବେହେରା ଉପସ୍ଥିତ ରହି ବୈଠକ ଉପରେ ସୂଚନା ଦେଇଥିଲେ। ପରେ ବିଗତ ୮ଟି ବୈଠକର ସାରାଂଶ ଉପସ୍ଥାପନ କରାଯାଇଥିଲା। ଏହି ଅବସରରେ ଏପ୍ରିଲ ୨ରେ ହେବାକୁ ଥିବା ଖଡ଼ି ଛୁଆଁ ଦିବସ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ସେହିପରି ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ଘରେଘରେ ପହଞ୍ଚାଇ ୫ବର୍ଷରୁ ଉର୍ଦ୍ଧ୍ୱ ଶିଶୁଙ୍କୁ ଶିଶୁବାଟିକା ଓ ୬ରୁ ଉର୍ଦ୍ଧ୍ୱ ଶିଶୁଙ୍କୁ ପ୍ରଥମ ଶ୍ରେଣୀରେ ନାମ ଲେଖାଇବା ପାଇଁ ଆଲୋଚନା ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଆୟୋଜକ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଗୋବିନ୍ଦଚନ୍ଦ୍ର ଗୋଛି, ଅମିତାରାଣୀ ବେହେରା, ରାଜା ବେହେରା, ସଂଗୀତା ବେହେରା, ଲିଜାରାଣୀ ଖଗୁଆ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ଗୋଛି ଧନ୍ୟବାଦ ଅର୍ପଣ କରିଥିଲେ।

# ଶହୀଦଙ୍କ ବଳିଦାନର ପ୍ରାସଙ୍ଗିକତାକୁ ଯୁବଶକ୍ତି ଉପଲବ୍ଧି କରନ୍ତୁ




ରଥଗଡ଼ା ଛକଠାରୁ ବାହାରିଥିବା ମଶାଲ ଶୋଭାଯାତ୍ରା।

ଆଠଗଡ, ୨୩।୩ (ସତ୍ୟ ପ୍ରସାଦ ରଥ)

ଭାରତର ସ୍ୱାଧୀନତା ସଂଗ୍ରାମରେ ଦେଶମାତୃକାର ସେବା ପାଇଁ ବଳିଦାନ ଦେଇଥିବା ଶହୀଦମାନଙ୍କ ବିଚାରଧାରା, ଦର୍ଶନ, ସିଦ୍ଧାନ୍ତ ତଥା ପ୍ରତିଶ୍ରୁତିବଦ୍ଧତାର ପ୍ରାସଙ୍ଗିକତାକୁ ଯୁବଶକ୍ତି ଉପଲବ୍ଧ କରନ୍ତୁ। ଦେଶ ତଥା ରାଜ୍ୟରେ ସାମ୍ପ୍ରତିକ ସାମାଜିକ ଓ ରାଜନୈତିକ ପରିବେଶରେ ମାନବ ସମ୍ବଳର ସୁରକ୍ଷାପାଇଁ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ ବୋଲି ଶହୀଦ ଭଗତସିଂ, ଶୁକଦେବ ଓ ରାଜଗୁରୁଙ୍କ ଫାଶୀଦଣ୍ଡ ଦିବସରେ ଅତିଥିଭାବେ ଯୋଗଦେଇ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହା କହିଛନ୍ତି। ଆଠଗଡ଼ ବିଜୁ ଯୁବ-ଛାତ୍ର ବିଜେଡି ପକ୍ଷରୁ ସ୍ଥାନୀୟ ପୁରୁଣା ବସଷ୍ଟାଣ୍ଡସ୍ଥିତ ସପ୍ତେଶ୍ୱର ବଜାରରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଦଳୀୟ କାର୍ଯ୍ୟାଳୟ ସୂର୍ଯ୍ୟ ଭବନଠାରେ ଶହୀଦମାନଙ୍କ ଫଟୋଚିତ୍ରରେ ଏନ୍‌ଏସି ବିଜେଡି ସଭାପତି, ଶିଶିର ପ୍ରସାଦ ମାନସିଂହ, ଏନଏସି ଉପାଧ୍ୟକ୍ଷ ବି.ଶୁଭ୍ରଶଙ୍କର ଜ୍ୟୋତି ପ୍ରମୁଖ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସନ୍ଧ୍ୟାରେ ଆଠଗଡ ସହରସ୍ଥିତ ଶ୍ରୀଅଚ୍ଚାଳୀ ଜଗନ୍ନାଥ ମନ୍ଦିର ନିକଟସ୍ଥ ରଥଗଡ଼ା ଛକଠାରୁ ଏକ ମଶାଲ ଶୋଭାଯାତ୍ରା ବାହାରି ସ୍ୱପ୍ନେଶ୍ୱର ବଜାର ସଭାସ୍ଥଳରେ ପହଞ୍ଚିଥିଲା। ସେଠାରେ ଶହୀଦମାନଙ୍କ ଜୀବନୀ, ବିଚାରଧାରା, ଦର୍ଶନ ସିଦ୍ଧାନ୍ତ ସମ୍ବନ୍ଧିତ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶିତ କରାଯାଇଥିଲା। ପରେ ଆଠଗଡ ଏନ୍‌ଏସି ଛାତ୍ର ବିଜେଡି ସଭାପତି ମହମ୍ମଦ ଖାଲିଦ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତି ସଭାରେ ଅଧ୍ୟାପକ ମନୋରଞ୍ଜନ ମହାନ୍ତି, ବିଜେଡି ଜିଲା ସାଧାରଣ ସମ୍ପାଦକ ପ୍ରଦିପ୍ତ ଦାସ ପ୍ରମୁଖ ଯୋଗଦେଇ ଶହୀଦମାନଙ୍କ ଦର୍ଶନ ସିଦ୍ଧାନ୍ତ ବିଷୟରେ ଆଲୋଚନା କରିଥିଲେ। ଜିଲା ସମ୍ପାଦକ ରିଙ୍କୁ ପତ୍ରୀ, ତିଗିରିଆ ବ୍ଲକ ଛାତ୍ର ବିଜେଡି ସଭାପତି ହିମାଂଶୁ ଶେଖର ସ୍ୱାଇଁ, ସମ୍ପାଦକ ତୋଫାନ ସାମଲ, ରଶ୍ମିରଞ୍ଜନ ନାୟକ ପ୍ରମୁଖ ଏଥିରେ ଯୋଗଦେଇଥିଲେ।

### ଶ୍ରୀକୃଷ୍ଣ ଚୈତନ୍ୟ ସେବାଶ୍ରମର ବାର୍ଷିକ ଉତ୍ସବ

ବାଙ୍କୀ, ୨୩।୩ (ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ-ଡମପଡ଼ା ବ୍ଲକ ଅନ୍ତର୍ଗତ ଉଁସର ଗ୍ରାମ ପଞ୍ଚାୟତର ଶ୍ରୀକୃଷ୍ଣ ଚୈତନ୍ୟ ସେବାଶ୍ରମରେ ଷୋଡ଼ଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଅଛି। ଆଶ୍ରମର ମହନ୍ତ ତ୍ରିଦଣ୍ଡି ସନ୍ନ୍ୟାସୀ ସ୍ୱାମୀ ଶ୍ରୀଭକ୍ତି ଆଶୟ ଅକିଞ୍ଚନ ମହାରାଜଙ୍କ ପରିଚାଳନାରେ ଶନିବାର ଅଧିବାସ ଓ କୀର୍ତ୍ତନ କାର୍ଯ୍ୟକ୍ରମ କରାଯାଇଥିଲା। ରବିବାର ଗୌଡ଼ୀୟ ବୈଷ୍ଣବ ଆଚାର୍ଯ୍ୟ ଶ୍ରୀଲ ଭକ୍ତିବନ୍ଧୁ ଭିକ୍ଷୁ ମହାରାଜ ପ୍ରବଚନ ମାଧ୍ୟମରେ ଶ୍ରୀହରି କଥାମୃତ ବର୍ଣ୍ଣନା କରିଥିଲେ। ଭକ୍ତ ଓ ଭଗବାନଙ୍କ ମଧୁର ସମ୍ପର୍କ ବିଷୟରେ ବୁଝାଇଥିଲେ। ଉଁସର ଗ୍ରାମବାସୀ ତଥା ନିକଟସ୍ଥ ପଞ୍ଚାୟତର ଭକ୍ତ ଓ ଆଶ୍ରମର ସମସ୍ତ ଭକ୍ତ ଉପସ୍ଥିତ ରହି ଶ୍ରୀହରି କଥାମୃତ ଶୁଣିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଭକ୍ତ ସୁରେଶ ଚନ୍ଦ୍ର ବେହେରା, ପ୍ରିୟମ୍ବଦା ବେହେରା, ଧନେଶ୍ୱର ବେହେରା, ବଳରାମ ପାଇକରାୟ, ନିବେଦିତା ପାଇକରାୟ, ଏକାଦଶୀ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

### ବିଶ୍ୱ ବନ ଦିବସ ଉପଲକ୍ଷେ 'ବେଷ୍ଟ ଆଉଟ୍ ଅଫ୍ ୱେଷ୍ଟ'

ତ୍ରିଶୂଳିଆ, ୨୩।୩ (ତୁଷାରକାନ୍ତ ବେହେରା)

ସ୍ଥାନୀୟ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ବିଶ୍ୱ ବନ ଦିବସ ଅବସରରେ ବିଶ୍ୱବିଦ୍ୟାଳୟ ଇକୋ କ୍ଲବ ଏବଂ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ, ରୋଭର୍ ଏବଂ ରେଞ୍ଜର ୟୁନିଟ୍ ପକ୍ଷରୁ ମିଳିତ ଭାବେ 'ବେଷ୍ଟ ଆଉଟ ଅଫ୍ ୱେଷ୍ଟ' ଶୀର୍ଷକ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିବେଶ ସଚେତନତା ସାଙ୍ଗକୁ ଉପଯୁକ୍ତ ଭାବେ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ୩ ଆର୍ (ରିଡ୍ୟୁସ, ରିୟୁଜ ଏବଂ ରିସାଇକେଲ) ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଅତିରିକ୍ତ ପ୍ରଧାନ ମୁଖ୍ୟ ବନସଂରକ୍ଷକ ପାଣ୍ଡବ ବେହେରା, ଓଡ଼ିଶାର କ୍ଲାଇମେଟ ମ୍ୟାନ ଆଖ୍ୟା ପାଇଥିବା ସାତ୍ତ୍ୱିକ ସୋଲ୍ ଫାଉଣ୍ଡେଶନର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ସତ୍ୟବ୍ରତ ସାମଲ, ବିଶ୍ୱନାହାକାଣି କନିଷ୍ଠ ମହାବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଡ. ସଚ୍ଚିଦାନନ୍ଦ ପ୍ରଧାନ, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ସହଯୋଗୀ ଅଧ୍ୟାପକ ଅବିନାଶ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବନସୁରକ୍ଷା, ଜୈବ ବିବିଧତା, ଜଳବାୟୁ ପରିବର୍ତ୍ତନ, ପରିବେଶ ଶିକ୍ଷା ଓ ସେଥିରେ ଯୁବପିଢ଼ିର ଭୂମିକା ସମ୍ପର୍କରେ ବୁଝାଇଥିଲେ। ପ୍ରାରମ୍ଭରେ ବିଦ୍ୟାର୍ଥୀ କଲ୍ୟାଣ ବିଭାଗ ଡିନ୍ ପ୍ରଫେସର ଡ. ଜୟପ୍ରକାଶ ଭଞ୍ଜ କହିଛନ୍ତି, ପରିବେଶର ସମତା ବଜାୟ ରଖିବାରେ ଜଙ୍ଗଲଗୁଡ଼ିକର ଭୂମିକା ସମ୍ପର୍କରେ କହିଥିଲେ। ସଷ୍ଟେନେବଲ ଡେଭଲପମେଣ୍ଟ ଗୋଲ୍ସ ସହଯୋଗରେ ସେଥିପାଇଁ କିଭଳି ସ୍ଥାୟୀ ଓ ଦୀର୍ଘମିଆଦୀ କାର୍ଯ୍ୟକ୍ରମ ହାତକୁ ନିଆଯାଇପାରିବ, ତାହା ଉପରେ ଆଲୋକପାତ କରାଯାଇଥିଲା। ଉକ୍ତ କର୍ମଶାଳାରେ ବିଦ୍ୟାର୍ଥୀମାନେ ବ୍ୟବହୃତ ବସ୍ତୁରୁ ନୂଆ ଓ ସୃଜନଶୀଳ ବସ୍ତୁ ନିର୍ମାଣ କରି ପ୍ରଦର୍ଶନ କରିଥିଲେ। ଇକୋ କ୍ଲବର ମୁଖ୍ୟ ମେଣ୍ଟର୍ ଡ. ଲୋପାମୁଦ୍ରା ଜେନା ଧନ୍ୟବାଦ ଦେଇଥିଲେ। ଅନ୍ୟତମ ମେଣ୍ଟର ତଥା ଇକୋ କ୍ଲବ ନୋଡାଲ ଅଫିସର୍ ଡ. ସନ୍ଦୀପ ରାଉତ, ସହକାରୀ ରେଞ୍ଜର୍ ଲିଡର୍ ପ୍ରାଚୀ ମିଶ୍ର, ସହକାରୀ ରୋଭର୍ ସ୍କାଉଟ୍ସ ଲିଡର୍ ସେକ ଜିସାନ ଅଖତର, ଇକୋ କ୍ଲବ ମେଣ୍ଟର ଡ. କଲ୍ୟାଣୀ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମର ସଫଳତା ନେଇ ସକ୍ରିୟ ସହଯୋଗ କରିଥିଲେ।

### ଲଉଡ଼ି ମହୋତ୍ସବ

ସାଲେପୁର, ୨୩।୩ (ଅରବିନ୍ଦ ଭୂୟାଁ)

ସାଲେପୁର ବ୍ଲକ ଅନ୍ତର୍ଗତ ଶିଶୁଆ ପଞ୍ଚାୟତସ୍ଥିତ ପୁରୁଷୋତ୍ତମପୁର ଗ୍ରାମରେ ଶ୍ରୀଶ୍ରୀ ଲକ୍ଷ୍ମୀ ନୃସିଂହ ଯାଦବ ସମିତି ବୋଦାମୁଣ୍ଡାଇ ପକ୍ଷରୁ ଲଉଡ଼ି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପୁରୁଷୋତ୍ତମପୁରର ଲକ୍ଷ୍ମୀ ନୃସିଂହ ମନ୍ଦିର ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବୋଦା ମୁଣ୍ଡାଇ ଯାଦବ ସମିତି ସଭାପତି ପ୍ରତାପ କୁମାର ଦାସ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥିଭାବେ ସାଲେପୁର ପଞ୍ଚାୟତ ସମିତି ପ୍ରାକ୍ତନ ଉପାଧ୍ୟକ୍ଷ ଦିଲୀପ ଦାଶ, ବିଶିଷ୍ଟ ଅତିଥିଭାବେ ଶିଶୁଆ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ସଞ୍ଜୀବ ସାହୁ, ମୁଖ୍ୟବକ୍ତାଭାବେ ଖବରଦାତା ଶାରଦା ପ୍ରସନ୍ନ ପଣ୍ଡା, ସମ୍ମାନିତ ଅତିଥିଭାବେ ସାଲେପୁର ଯାଦବ ମହାସଭା ସଭାପତି ଅନନ୍ତ ଗୋପାଳ ଦାସ, ସଙ୍ଗଠକ ଜୟଦେବ ରାଉତ, ସାଲେପୁର ଯାଦବ ମହାସଭା ସମ୍ପାଦକ ରବୀନ୍ଦ୍ର କୁମାର ବେହେରା, ଲକ୍ଷ୍ମୀ ନୃସିଂହ ଯାଦବ ସମିତି ସଭାପତି ପରମାନନ୍ଦ ପଲେଇ ପ୍ରମୁଖ ଯୋଗଦେଇଥିଲେ।

# ସମାଜ ମାଧ୍ୟମରେ ଜାତି, ଦେଶର ଉନ୍ନତି ହୁଏ

ବଡ଼ମ୍ବା, ୨୩।୩ (ମାୟାଧର ମଲ୍ଲିକ)



ଦେଶୁଆ ପାଇକ ସମ୍ମିଳନୀରେ ମଞ୍ଚାସୀନ ଅତିଥି।

ଏକାଦଶ ରାଜ୍ୟ ଦେଶୁଆ ପାଇକ ସମାଜର ୩୭ତମ ବାର୍ଷିକ ସମ୍ମିଳନୀ ବଡ଼ମ୍ବା ବ୍ଲକ ଅନ୍ତର୍ଗତ କେଶାବେରେଣୀ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ବାଙ୍କୀ, ଖଣ୍ଡପଡ଼ା, ନରସିଂହପୁର, ବଡ଼ମ୍ବା, ତିଗିରିଆ, ଆଠଗଡ଼ ଅଞ୍ଚଳ ସମେତ ନୟାଗଡ଼ ଜିଲାର ୭୦୦ରୁ ଉର୍ଦ୍ଧ୍ୱ ଦେଶୁଆ ପାଇକ ସମାଜର ଲୋକେ ଯୋଗଦେଇଥିଲେ। ମ୍ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମାଜ ଗଠନ ମାଧ୍ୟମରେ ଜାତିର ଉନ୍ନତି ସହ ଦେଶର ଉନ୍ନତି ହୁଏ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ବଡ଼ମ୍ବା ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଭୁଦତ୍ତ ପଟ୍ଟନାୟକ ଯୋଗଦେଇଥିଲେ। ଏକାଦଶ ରାଜ୍ୟ ସଭାପତି ରାଜକିଶୋର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସମ୍ମିଳନୀରେ ଉପସଭାପତି ରଘୁନାଥ ନାଏକ, ବଡ଼ମ୍ବା ରାଜ୍ୟ ସଭାପତି ସନ୍ତୋଷ ନାଏକ, ନରସିଂହପୁର ରାଜ୍ୟ ସଭାପତି ସୁବାସ ନାଏକ, ଖଣ୍ଡପଡ଼ାର ରାଜକିଶୋର ନାଏକ, ନୟାଗଡ଼ର ମହେଶ୍ୱର ନାଏକ, ପଞ୍ଚଗଡର ଅରୁଣ ନାଏକ, ବାଙ୍କୀର ଭରତ ନାଏକ, ଆଠଗଡ଼ର ରଘୁନାଥ ନାଏକ ପ୍ରମୁଖ ଯୋଗଦେଇଥିଲେ। ବଡ଼ମ୍ବା ରାଜ୍ୟ ମୁଖ୍ୟ ବେହେରା ଦୁର୍ଯ୍ୟୋଧନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୬୬ ଅଭିଯୋଗ ଶୁଣିଲେ ଜିଲାପାଳ

ବାଙ୍କୀ/ଡମପଡା/ତାଳବସ୍ତ, ୨୩।୩ (ଶୁଭେନ୍ଦୁ ମହାପାତ୍ର/ଜ୍ଞାନେନ୍ଦ୍ର ମୋହନ ମିଶ୍ର/ସୁବ୍ରତ କୁମାର ନାୟକ)

ଡମପଡା ବ୍ଲକ ଅଧୀନ ଜାତମୁଣ୍ଡିଆ ପଞ୍ଚାୟତ ଭବନରେ ସୋମବାର ଏକ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଅଧ୍ୟକ୍ଷତା କରିଥିଲେ। ଶିବିରରେ ବାଙ୍କୀ ଓ ଡମପଡା ବ୍ଲକର ଜନସାଧାରଣ ଯୋଗଦେଇ ନିଜର ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଏହି ଅବସରରେ ୧୬୬ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଅଭିଯୋଗ ମଧ୍ୟରେ ଆବାସ ଯୋଜନା, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ବର୍ଦ୍ଧିତ ଭତ୍ତା, ଭିନ୍ନକ୍ଷମ ଭତ୍ତା, କୃଷି, ରାଜସ୍ୱ, ଫୌଜଦାରି, ସ୍ୱାସ୍ଥ୍ୟ, ଶିକ୍ଷା ଆଦି ସମସ୍ୟା ଉପରେ ଅଭିଯୋଗ ହୋଇଥିଲା। ଜିଲାପାଳଙ୍କ ସମେତ କଟକ ଏସ୍‌ପି ବିନିତ୍ ଅଗ୍ରୱାଲ, ଅତିରିକ୍ତ ଜିଲାପାଳ କମଳଜିତ୍ ଦାସ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ପ୍ରଶାନ୍ତ କୁମାର ହୋତା, ଉପଜିଲାପାଳ ପ୍ରଣବ କୁମାର ବେହେରା, ବାଙ୍କୀ, ଡମପଡା ବିଡିଓ ଅଂଶୁମାନ ଦାଶ ଓ ଉପଖଣ୍ଡ ଆରକ୍ଷୀ ଅଧିକାରୀ ବାଳକୃଷ୍ଣ କହଁର ପ୍ରମୁଖ ଯୋଗଦେଇ ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ।

# ହଜରତ ମସିହ ମଉଦ ଦିବସ ପାଳିତ

ତିଗିରିଆ, ୨୩।୩ (ଜାଫର ଖାଁ)




ହଜରତ ମସିହ ମଉଦ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

ତିଗିରିଆ ବ୍ଲକ ଅନ୍ତର୍ଗତ ଜମାତ୍ ଅହମ୍ମଦିୟା କରଡ଼ାପଲ୍ଲୀ ଓ ପଙ୍କାଳଠାରେ ସୋମବାର ହଜରତ ମସିହ ମଉଦ ଦିବସ ପାଳିତ ହୋଇଯାଇଛି। ଜମାତ୍ ଅହମ୍ମଦିୟା କରଡ଼ାପଲ୍ଲୀଠାରେ ଗ୍ରାମ୍ୟ କମିଟି ସଭାପତି ରସିଦ ଅହମ୍ମଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଧର୍ମ ସଭାରେ ଜମାତ୍ ଅହମ୍ମଦିୟା ପ୍ରଚାରକ ମୌଲାନା ସେକ୍ ଇସିହାକ୍, ମୌଲାନା କରାମତ ଅହମ୍ମଦ, ମୌଲାନା ନଶିର ଅହମ୍ମଦ, ଉପସଭାପତି ଅବ୍‌ଦୁଲ ତୋୟବ, ବୃଦ୍ଧ ଅହମ୍ମଦିୟା ସଭାପତି ମହମ୍ମଦ ୟୁନୁସ୍, ସେକ୍ ଆସରଫ ଅଲ୍ଲୀ, ସେକ୍ ରହିମ, ସେକ ମୋଜୀବୁର ରହେମନ ପ୍ରମୁଖ ଯୋଗଦେଇ ହଜରତ ମିର୍ଜା ଗୁଲାମ ଅହମ୍ମଦ ମସିହ ମଉଦଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ।

ସେହିପରି ଜମାତ ଅହମ୍ମଦିୟା ପଙ୍କାଳ ଜାମା ମସଜିଦଠାରେ ଗ୍ରାମ୍ୟ କମିଟି ସଭାପତି ସାହାଦତ ଖାଁଙ୍କ ସଭାପତିତ୍ୱରେ ଜଲସା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୌଲାନା ସେକ୍ ନାସିରୁଦ୍ଦିନ, ଉପସଭାପତି ମହମ୍ମଦ ଜାଫର ଅଲ୍ଲୀ, ଅବ୍‌ଦୁଲ ଇସମାଇଲ ଖାଁ, ଅବସରପ୍ରାପ୍ତ ଶିକ୍ଷକ ସହାବାଜ ଖାଁ, ପୂର୍ବତନ ସଭାପତି ରୋଶନ ଖାଁ, ମୌଲାନା ସେକ୍ ସମସୁଲ, ମହମ୍ମଦ ଏକ୍ରାମ ପ୍ରମୁଖ ମସିହ ମଉଦଙ୍କ ଜୀବନୀ ଉପରେ ବକ୍ତବ୍ୟ ଦେଇଥିଲେ।

୧୮୮୯ ମାର୍ଚ୍ଚ ୨୩ରେ ପଞ୍ଜାବ ରାଜ୍ୟର ଲୁଧିଆନା ଠାରେ ହଜରତ ମିର୍ଜା ଗୁଲାମ ଅହମ୍ମଦ ମସିହ ମଉଦ କେତେଜଣ ଅନୁଗାମୀଙ୍କୁ ନେଇ ଜମାତ୍ ଅହମ୍ମଦିୟାର ପ୍ରତିଷ୍ଠା କରିଥିଲେ ସେହିଦିନ ଠାରୁ ପ୍ରତିବର୍ଷ ମାର୍ଚ୍ଚ ୨୩ରେ ବିଶ୍ୱର ସମସ୍ତ ଅହମ୍ମଦିୟା ଜମାତ୍‌ରେ ଏହି ଦିବସ ପାଳନ କରାଯାଉଛି। ଏହି ଅବସରରେ ଉଭୟ ଗ୍ରାମରେ ବିଶ୍ୱଶାନ୍ତି ପାଇଁ ପ୍ରାର୍ଥନା କରାଯାଇ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ହଜରତ ମସିହ ମଉଦ ଦିବସ ଉପଲକ୍ଷେ ଅହମ୍ମଦିୟା କରଡ଼ାପଲ୍ଲୀ ତରଫରୁ ତିଗିରିଆ ବ୍ଲକର ନିଳିଗଡ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର, ମଦର କେଆର ନର୍ସିଂହୋମ୍ ଓ ତାରା ନର୍ସିଂ ହୋମ୍ ସହ ଆଠଗଡ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ, ପାଉଁରୁଟି ପ୍ରଦାନ କରାଯାଇଛି। କରଡ଼ାପଲ୍ଲୀର ଜମାତ ଅହମ୍ମଦିୟା ମହିଳାମାନଙ୍କ ତରଫରୁ ନର୍ଗିସ ବାନୁ, ମୁସ୍‌ଲେହା ବେଗମ, ଅତୀୟା ବେଗମ, ସମୀମା ବେଗମ ଓ ପୁରୁଷଙ୍କ ତରଫରୁ ମୌଲାନା ସେକ୍ ଇସିହାକ, ଗ୍ରାମ୍ୟ କମିଟି ସଭାପତି ରସିଦ ଅହମ୍ମଦ, ଅବଦୁଲ ମାଲିକ, ଅବଦୁଲ ତୋୟବ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ପାଣି ପାଇଁ ରାଜରାସ୍ତାରେ ଗ୍ରାମବାସୀ

ବାରଙ୍ଗ, ୨୩।୩ (ଲିଙ୍ଗରାଜ ରାଉତ)



ଗରା, ବାଲ୍‌ଟି ରଖି ରାସ୍ତା ଅବରୋଧ କରାଯାଇଛି।

ପିଇବା ପାଣି ନମିଳିବା ପ୍ରତିବାଦରେ ସୋମବାର ପାଟପୁର ଗ୍ରାମବାସୀ ତ୍ରିଶୁଳିଆ-ବାଙ୍କି ରାସ୍ତାକୁ ପାଟପୁର ଗାଁ ମୁଣ୍ଡରେ ଅବରୋଧ କରିଥିଲେ। ପ୍ରାୟ ଅଧଘଣ୍ଟା କାଳ ରାସ୍ତା ଅବରୋଧ କରିବା ପରେ ଯାତାୟାତରେ ବାଧା ଦେଖା ଦେଇଥିଲା। ଶହଶହ ଗାଡ଼ିମୋଟର ଉଭୟ ପାର୍ଶ୍ୱରେ ଅଟକି ରହିଥିଲା। ଖବରପାଇ ବାରଙ୍ଗ ଥାନା ପୋଲିସ ଓ ଏସିପି ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରି ସ୍ଥାୟୀ ପାନୀୟ ଜଳଯୋଗାଣର ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ଉଠିଥିଲା।

ସୂଚନାଯୋଗ୍ୟ, ବାରଙ୍ଗ ବ୍ଲକ ଅନ୍ତର୍ଗତ କୁହ୍ନେଇଁପଡ଼ା ପଞ୍ଚାୟତ ପାଟପୁର ଗ୍ରାମର ସାମଲ ସାହି ଓ ଶବର ସାହିରେ ରହୁଥିବା ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ପରିବାର ପିଇବା ପାଣି ପାଇଁ ଦୀର୍ଘବର୍ଷ ହେବ ହଇରାଣ ହେଉଛନ୍ତି। ବିଶେଷ କରି ଖରାଦିନ ଆସିଲେ ଜଳ ସମସ୍ୟା ଏଠାରେ ଉତ୍କଟରୂପ ଧାରଣ କରିଥାଏ। ଯଦିଓ ଗ୍ରାମରେ ପାନୀୟଜଳ ଯୋଗାଣ ପାଇଁ ଆଗରୁ ଟ୍ୟୁବେଓ୍ୱଲ ରହିଛି, କିନ୍ତୁ ଏଥିରୁ ବହାରୁଥିବା ଲୌହଯୁକ୍ତ ପାଣି ହୋଇଥିବାରୁ ତାହା ପିଇବା ପାଇଁ ଅନୁପଯୁକ୍ତ ହୋଇପଡ଼ିଛି ବୋଲି ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଫଳରେ ଗ୍ରାମବାସୀ ସିଏମ୍‌ସି ଅଧୀନ ୩ନଂ. ଓ୍ୱାର୍ଡରେ ଥିବା ବେଣ୍ଟକାରପଡ଼ା ଗ୍ରାମ ଉପରେ ନିର୍ଭର କରିଥାନ୍ତି। ଏଥିସହ ଗାଡ଼ିଆପୋଖରୀ ମଧ୍ୟ ଗ୍ରାମବାସୀଙ୍କ ପାଇଁ ସାହାରା ସାଜିଥାଏ। ଅନ୍ୟପଟେ ଗାଁ ନିକଟସ୍ଥ ବ୍ରାହ୍ମଣୀ ଗାଁରେ ବସୁଧା ଯୋଜନାରେ ହୋଇଥିବା ୧ଲକ୍ଷ ଲିଟର କ୍ଷମତାସମ୍ପନ୍ନ ଉଚ୍ଚ ପାଣିଟାଙ୍କିରୁ ଉକ୍ତ ଗ୍ରାମକୁ ପାନୀୟ ଜଳଯୋଗାଣ ହୋଇଛି, କିନ୍ତୁ ଠିକ୍ ଭାବେ ପାଣି ଆସୁ ନ ଥିବାରୁ ପୂର୍ବଭଳି ପାଣି ସମସ୍ୟା ଦେଖାଦେଇଛି। ଏହାର ସ୍ଥାୟୀ ପ୍ରତିକାର ପାଇଁ ଲୋକପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସମାଧାନ ହୋଇପାରି ନାହିଁ। ଏହାର ପ୍ରତିବାଦରେ ପିଇବା ପାଣି ଯୋଗାଣର ସ୍ଥାୟୀ ନିରାକରଣ ପାଇଁ ସୋମବାର ପୂର୍ବାହ୍ନରେ ଗ୍ରାମବାସୀ ଗାଁମୁଣ୍ଡରେ ତ୍ରିଶୂଳିଆ ବାଙ୍କି ରାସ୍ତାରେ ହାଣ୍ଡି, ମାଠିଆ, ବାଲ୍‌ଟି ରଖିବା ସହ ରାସ୍ତା ଉପରେ ଶୋଇରହି ପ୍ରତିବାଦ କରିଥିଲେ। ରାସ୍ତାରୋକୋ ଫଳରେ ଉଭୟ ପଟରେ ଶତାଧିକ ଗାଡ଼ିମୋଟର ଅଟକି ରହି ଯାତାୟାତ ଠପ୍ ହୋଇଥିଲା। ଖବରପାଇ ଜୋନ୍-୪ଏସିପି ଅମିତାଭ ମହାପାତ୍ର ଓ ବାରଙ୍ଗ ଥାନାଧିକାରୀ ଦେବେନ୍ଦ୍ର ବିଶ୍ୱାଳ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। କିନ୍ତୁ ଗ୍ରାମବାସୀ ଜଳଯୋଗାଣର ସ୍ଥାୟୀ ପ୍ରତିକାର ପାଇଁ ଦାବି କରିଛନ୍ତି। ଶେଷରେ ଗ୍ରାମୀଣ ଜଳଯୋଗାଣ ବିଭାଗର (ଆର୍‌ଡବ୍ଲ୍ୟୁଏସ୍‌ଏସ)ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସଞ୍ଜା ସାଗରିକା ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ପର୍ଯ୍ୟାୟରେ ପାଣି ଟ୍ୟାଙ୍କର ଯୋଗେ ସମସ୍ତଙ୍କୁ ବିଶୁଦ୍ଧ ପାନୀୟ ଜଳଯୋଗାଇ ଦିଆଯିବ। ପରବର୍ତ୍ତୀ ସମୟରେ ମଣ୍ଡଳୀ ଠାରେ କାର୍ଯ୍ୟ ଚାଲିଥିବା ମେଗା ପାନୀୟ ଜଳଯୋଗାଣ ପ୍ରକଳ୍ପରୁ ସମସ୍ତଙ୍କୁ ପାଣି ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଆଶ୍ୱସ୍ତି ଲାଭ କରିଥିଲେ। କିନ୍ତୁ ଦିଆଯାଇଥିବା ପ୍ରତିଶ୍ରୁତି ଭବିଷ୍ୟତରେ କାର୍ଯ୍ୟକାରି କରିବା ପାଇଁ ଅଗ୍ରହ ଦେଖା ଦିଆନଯାଏ ବାଧ ହୋଇ ପୁଣି ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ବାଧ ହେବୁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

### ଘର ତାଲା ଭାଙ୍ଗି ଚୋରି: ଅଭିଯୁକ୍ତ ଗିରଫ

ସାକ୍ଷୀଗୋପାଳ,(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର): ସତ୍ୟବାଦୀ ଥାନା ଅନ୍ତର୍ଗତ ମଝିକେରା ଗ୍ରାମର ଗୀତାଞ୍ଜଳି ମହାନ୍ତିଙ୍କ ଘରୁ ରବିବାର ରାତିରେ ଚୋରି ହୋଇଥିବା ସତ୍ୟବାଦୀ ଥାନାରେ ଅଭିଯୋଗ ହୋଇଛି। ବିଳମ୍ବିତ ରାତିରେ କେତେଜଣ ବ୍ୟକ୍ତି ତାଙ୍କ ଘରର ତାଲା ଭାଙ୍ଗି ଏକ ସୁନାଚେନ, ୨ଟି ସୁନା ମୁଦି ଓ ୮ହଜାର ଟଙ୍କା ଚୋରି କରିନେଇଥିବା ଗୀତାଞ୍ଜଳି ଅଭିଯୋଗ କରିଛନ୍ତି। ଏ ନେଇ ସତ୍ୟବାଦୀ ପୋଲିସ କେସ୍ ନଂ. ୧୪୨/୨୦୨୬ ରୁଜୁ କରିବା ସହ ସୋମବାର ଉକ୍ତ ଗ୍ରାମର ଗ୍ରାମର ଚନ୍ଦନ ବରାଳ (୨୩)ଙ୍କୁ ଗିରଫ କରିଛି। ତାଙ୍କ ପାଖରୁ ଏକ ସୁନାଚେନ, ୨ ସୁନାମୁଦି ଓ ନଗଦ ୫ହଜାର ଟଙ୍କା ଜବତ ହୋଇଛି। ତାଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ଆପରାଧିକ ରେକର୍ଡ ଥିବା ସତ୍ୟବାଦୀ ଥାନା ଅଧିକାରୀ ସୌମ୍ୟରଞ୍ଜନ ମହାଳିକ ସୂଚନା ଦେଇଛନ୍ତି।

**ସଂକ୍ଷେପରେ**

## ସତ୍ୟଚେତନା ଶିକ୍ଷାଶ୍ରମର ୨୧ତମ ବାର୍ଷିକ ଉତ୍ସବ

ବଳଙ୍ଗା,୨୩।୩(କେଦାରେଶ୍ୱର ନନ୍ଦ)

ବଳଙ୍ଗା ନିକଟସ୍ଥ ସତ୍ୟଚେତନା ଶିକ୍ଷାଶ୍ରମର ୨୧ତମ ବାର୍ଷିକୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ବେଦ ରିସର୍ଚ୍ଚ ସଂସ୍ଥାର ଉପକୁଳପତି ହରିହର କାନୁନଗୋ, ମୁଖ୍ୟବକ୍ତା ଭାବେ ପ୍ରିୟବ୍ରତ ପଣ୍ଡା, ବିଶିଷ୍ଟ ଅତିଥି ରୂପେ ସତ୍ୟଚେତନା ଆନ୍ତର୍ଜାତିକ ଆଧାତ୍ମିକ ଆନ୍ଦୋଳନର ପରମପୂଜ୍ୟ ସ୍ୱାମୀ ଆତ୍ମାନନ୍ଦଜୀ, ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ନିର୍ଦ୍ଦେଶକ ସୁଦୀପ ରଞ୍ଜନ ମିଶ୍ର, ବଳଙ୍ଗା ଥାନା ଅଧିକାରୀଣି ସସ୍ମିତା ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ରାନୀ ଶାଲାଦ୍ରୀ ଓ ଯୋଗଦେଇଥିଲେ। ଶିକ୍ଷାଶ୍ରମର ପିଲାମାନଙ୍କୁ ଭବିଷ୍ୟତରେ ସୁନାଗରିକ ହେବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ନିର୍ଦ୍ଦେଶକ ସୁଦୀପ୍ତ ରଞ୍ଜନ ମିଶ୍ର ଧନ୍ୟବାଦ ଦେଇଥିଲେ।

## ଡା. ପ୍ରଫୁଲ୍ଲ କିଶୋର ସୁବୁଦ୍ଧିଙ୍କ ପରଲୋକ

ପିପିଲି,୨୩।୩(ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)

ବିଶିଷ୍ଟ ପ୍ରାଣୀ ଚିକିତ୍ସକ ଡାକ୍ତର ପ୍ରଫୁଲ୍ଲ କିଶୋର ସୁବୁଦ୍ଧିଙ୍କର ୯୧ ବର୍ଷ ବୟସରେ ସୋମବାର ଭୋର ୪ଟାରେ ପରଲୋକ ହୋଇଯାଇଛି। ୫ଦିନ ତଳେ ସେ ଅସୁସ୍ଥ ହୋଇ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ତାଙ୍କ ପିପିଲି ଡିହସାହିସ୍ଥିତ ବାସଭବନରେ ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିଥିଲେ। ବିଧାୟକ ଆଶ୍ରିତ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ପୌରାଧକ୍ଷ ସେକ୍ ବାବୁ, ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ ପ୍ରିୟବ୍ରତ ସାମନ୍ତରାୟ, ଜିଲାପରିଷଦ ସଭ୍ୟ ଧରଣୀଧର ସାହୁ ପ୍ରମୁଖ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିବାବେଳେ ଜ୍ୟେଷ୍ଠ ପୁତ୍ର ପ୍ରକାଶ କୁମାର ସୁବୁଦ୍ଧି ମୁଖାଗ୍ନି ଦେଇଥିଲେ। ପୁରୀ ଜିଲା କାକଟପୁର ବ୍ଲକ ବାଜପୁରସ୍ଥିତ ରାଧାମାଧବପାଟଣା ଗ୍ରାମରେ ୧୯୩୫ରେ ପ୍ରଫୁଲ୍ଲ ଜନ୍ମଗ୍ରହଣ କରିଥିଲେ। ସେ ଭୁବନେଶ୍ୱରସ୍ଥିତ ଭେଟନାରୀ କଲେଜରେ ବିଭିଏସ୍‌ସି ଆଣ୍ଡ ଏଏସ୍ ପାଠ୍ୟକ୍ରମରେ କଲେଜ ଟପ୍ପର ହେବା ପରେ ୧୯୬୪ରେ ଚାକିରି ଜୀବନ ଆରମ୍ଭ କରିବା ସହ ବିଭିନ୍ନ ସ୍ଥାନରେ କାର୍ଯ୍ୟ କରି ଅବସର ନେଇଥିଲେ। ସେ ଏକ ଜଟିଳ ପଶୁରୋଗର ସଫଳ ଅସ୍ତ୍ରୋପଚାର କରି ଜାତୀୟସ୍ତରରେ ସ୍ୱର୍ଣ୍ଣପଦକ ପ୍ରାପ୍ତ ହୋଇଥିଲେ। ସେହିପରି ଏକ ଅନ୍ତର୍ଜାତୀୟ ସମ୍ମିଳନୀରେ ଗବେଷଣାତ୍ମକ ସନ୍ଦର୍ଭ ଉପସ୍ଥାପନ ପାଇଁ ତାଙ୍କୁ ବିଦେଶ ଯିବାର ସୁଯୋଗ ମିଳିଥିଲା। ସେ ଅନେକ କବିତା ରଚନା କରିଥିଲେ। ପ୍ରଫୁଲ୍ଲଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



# ନିମ୍ନମାନର ପୋଲ ମରାମତିକୁ ନେଇ ଉତ୍ତେଜନା

ଗୋପ,୨୩।୩(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ-ବାଲିଘାଇ ରାସ୍ତାର ଗୋପ ବଜାର ସନ୍ନିକଟ କୁଶଭଦ୍ରା ନଦୀ ଉପରେ ଥିବା ବ୍ରିଜ୍ ଅସୁରକ୍ଷିତ ହୋଇପଡ଼ିଥିବାବେଳେ ମରାମତି କାର୍ଯ୍ୟ ନିମ୍ନମାନର କରାଯାଉଛି। ଏହି ମରାମତି କାର୍ଯ୍ୟକୁ ବିରୋଧକରି ଅଣ୍ଡରା- ଇଚ୍ଛାପୁର ପଞ୍ଚାୟତର ନିରୁପମା ନାୟକ ନାମ୍ନୀ ମହିଳା ସୋମବାର ଖରାରେ ବ୍ରିଜ୍ ଉପରେ ଧାରଣା ଦେଇଥିଲେ। ଏହି ଧାରଣାକୁ ସ୍ଥାନୀୟ ଲୋକେ ସମର୍ଥନ ଜଣାଇଥିଲେ। ଫଳରେ ରାସ୍ତା ଦୁଇପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିଥିଲା। ଦୀର୍ଘ ଦେଢ଼ଘଣ୍ଟା ଧରି ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବା ସହ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା।

ସୂଚନା ଅନୁଯାୟୀ, ଗୋପ ବଜାର ସନ୍ନିକଟ ଏହି ପୋଲଟି ୧୯୮୫ରେ ନିର୍ମାଣ ହୋଇଥିବା ବେଳେ ଏବେ ପୋଲଟି ଦୁର୍ବଳ କାରଣରୁ ଅସୁରକ୍ଷିତ ହୋଇପଡ଼ିଛି। ପୂର୍ତ୍ତ ବିଭାଗ ଅଧୀନ ଏହି ପୋଲର ଦୁଇପଟ ବାଡ଼ ଭାଙ୍ଗିବା ସହ ଲୁହାରଡ଼ ଦେଖାଯାଉଛି। ଉକ୍ତ ପୋଲ ଉପରେ ଦୈନନ୍ଦିନ କଟକ, କେନ୍ଦ୍ରାପଡ଼ା, ପଟ୍ଟାମୁଣ୍ଡାଇ, ଜଗତ୍‌ସିଂହପୁର ସହ ଅନ୍ୟାନ୍ୟ ଅଞ୍ଚଳରୁ ଶତାଧିକ ଗାଡ଼ି ପୁରୀ ଚଳାଚଳ କରୁଛି। କେତେବେଳେ ଯେ ଏହି ପୋଲଟି ଭୁଶୁଡ଼ିପଡ଼ିବ, ତାହା କହିହେବ ନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଅଭିଯୋଗ ପରେ ସୋମବାର ପୂର୍ତ୍ତ ବିଭାଗ ପକ୍ଷରୁ ମରାମତି କାର୍ଯ୍ୟ କରାଯାଉଥିବାବେଳେ ଏଭଳି ସ୍ଥିତି ଦେଖିବାକୁ ମିଳିଥିଲା। ଗତବର୍ଷ ଦିଲ୍ଲୀରୁ ଏକ ଟିମ୍ ଆସି ପୋଲ ଅବସ୍ଥା ଦେଖିଥିଲା। ନୂତନ ପୋଲ ନିର୍ମାଣ ପାଇଁ ଦାବି କରାଯାଉଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଦୀର୍ଘ ଦେଢ଼ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଯାନବାହନ ଅଟକି ରହିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଗୋପ ଥାନା ଅଧିକାରୀ ଦୁର୍ଗାଚରଣ ମହାପାତ୍ର, ଏସ୍‌ଆଇ ବୁଦ୍ଧରାୟ ମାଝୀ, ଦେବସ୍ମିତା ସିଂ ପ୍ରମୁଖ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଏହାପରେ ସମ୍ପୃକ୍ତ ମହିଳାଙ୍କ ସହ ଅନ୍ୟମାନେ ଧାରଣାରୁ ଓହରି ଯାଇଥିଲେ। ନିରୁପମା କହିଛନ୍ତି, ଦୀର୍ଘଦିନ ଧରି ବ୍ରିଜ୍ ମରାମତି ନାମକୁ ମାତ୍ର ଚାଲିଛି। ନିମ୍ନମାନର କାମ ହେଉଛି। ନୂତନ ବ୍ରିଜ୍ ନିର୍ମାଣ କରାଯିବା ଜରୁରୀ ହୋଇପଡ଼ିଛି। ଥାନା ଅଧିକାରୀ ମହାପାତ୍ର କହିଛନ୍ତି, ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯିବ।



ରାସ୍ତାରେ ଯାନବାହନ ଅଟକି ରହିଛି ।

**ରାସ୍ତାରେ ମହିଳାଙ୍କ ଧାରଣା, ଅଟକି ରହିଲା ଶତାଧିକ ଗାଡ଼ି**

## ଭଙ୍ଗାଗଲା ୩୦ରୁ ଊର୍ଦ୍ଧ୍ୱ ବେଆଇନ ଇଟାଭାଟି

ନିମାପଡ଼ା,୨୩।୩(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ରାଜସ୍ୱ ବିଭାଗ ପକ୍ଷରୁ ତହସିଲ ଅଞ୍ଚଳରେ ଥିବା ବେଆଇନ ଇଟାଭାଟି ଉଚ୍ଛେଦ ଅଭିଯାନ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ସୋମବାର ନିମାପଡ଼ା ତହସିଲ ଅନ୍ତର୍ଗତ ଚାରିଛକ ଜୋନ୍ କଳାପାଞ୍ଚଣ ପଞ୍ଚାୟତର କଳାପାଞ୍ଚଣ, ଉମାମହେଶ୍ୱରପୁର, ଠାକୁରପାଟଣା, ମାଧିବ୍ରହ୍ମପୁର ଆଦିଗ୍ରାମରେ ଗୋଟିଏ ଦିନରେ ଡ୍ରୋଜର ଲଗାଇ ୩୦ରୁ ଊର୍ଦ୍ଧ୍ୱ ବେଆଇନ ଇଟାଭାଟିକୁ ଭାଙ୍ଗି ଦିଆଯାଇଛି। କଳାପାଞ୍ଚଣ ପଞ୍ଚାୟତରେ ଛତୁ ଫୁଟିଲା ଭଳି ଗଜୁରିଥିବା ବେଆଇନ ଇଟାଭାଟି ଯୋଗୁ ସ୍ଥାନୀୟ ଅଞ୍ଚଳରେ ପ୍ରଦୂଷଣ ସୃଷ୍ଟି ହେଉଛି। ପୁରୀ ଉପଜିଲାପାଳ ରାଜକିଶୋର ଜେନାଙ୍କ ନିର୍ଦ୍ଦେଶ କ୍ରମେ ନିମାପଡ଼ା ତହସିଲଦାର ମନୋଜ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ତହସିଲଦାର ନିରଞ୍ଜନ ନାୟକ, କେ.ଭେଙ୍କଟେଶ୍ୱର ରାଓ, ସୁପରଭାଇଜର ସତ୍ୟବାନ ପଲେଇ, ଝରଣା ସେଠୀ, ରାଜସ୍ୱ ନିରୀକ୍ଷକ ପାର୍ଥସାରଥୀ ସେଠୀ ପ୍ରମୁଖଙ୍କ ଉପସ୍ଥିତିରେ ଚାରିଛକ ଥାନା ପୋଲିସ ସହାୟତାରେ ଏହି ବେଆଇନ ଇଟାଭାଟି ଉଚ୍ଛେଦ କରାଯାଇଥିଲା। ଏହି ଉଚ୍ଛେଦ ପ୍ରକ୍ରିୟା ଆଗକୁ ଜାରିରହିବ ଓ ଆହୁରି ଜୋରଦାର କରାଯିବ ବୋଲି ତହସିଲଦାର ମନୋଜ ପ୍ରଧାନ କହିଛନ୍ତି।

## ସମାଜକୁ ଶୃଙ୍ଖଳିତ କରିବାର ବାର୍ତ୍ତା ଦିଏ କବିତା


ଉତ୍ସବର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜଣେ କବୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ଗୋପ,୨୩।୩(ଭାରତୀ ଭୂଷଣ ଉପାଧ୍ୟାୟ)

କବି ଓ କବିତା ହେଉଛି ସମାଜର ଗୋଟିଏ ଅଙ୍ଗ। କବିତା କେବଳ କବି ଲାଗି ଉଦ୍ଦିଷ୍ଟ ନୁହେଁ, କବିତା ହେଉଛି ସମାଜକୁ ଶୃଙ୍ଖଳିତ କରିବାର ଏକ ବାର୍ତ୍ତା ବୋଲି ସୋମବାର ଗୋପ ଲୋକ ଉତ୍ସବର ଉଦ୍‌ଯାପନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ କ୍ଷୀରୋଦ ଚନ୍ଦ୍ର ରାୟମହାପାତ୍ର ଯୋଗଦେଇ ପ୍ରକାଶ କରିଛନ୍ତି। ଉତ୍ସବର ସଭାପତି ତଥା ବ୍ଲକ ଉପାଧକ୍ଷ ବନରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଗୋପିନାଥ କର, ଶ୍ରୀପର୍ଣ୍ଣା ସମ୍ପାଦକ ଉମାକାନ୍ତ ମହାପାତ୍ର, ଗୋପ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ଖଟୋଇ, ଉମାକାନ୍ତ ସାହୁ, କବି ସୁଜାତା ସିହ୍ନା ପ୍ରମୁଖ ଯୋଗ ଦେଇ କବି ଓ କବିତା ସହ ପୁରାତନ ମେଳଣ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ କବିମାନେ ସେମାନଙ୍କ କବିତା ପାଠ କରିଥିଲେ। ମେଳଣ କମିଟି ପକ୍ଷରୁ ସମସ୍ତ କବିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ଗୋପ ବ୍ଲକର ସ୍ୱେଚ୍ଛାସେବୀ ସଂଗଠନ ଉତ୍ସର୍ଗ ପରିବାରକୁ ସ୍ୱଚ୍ଛତା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ମେଳଣ, କମିଟି ସଭ୍ୟ ଏବଂ ଅନ୍ୟ ବରିଷ୍ଠ ବ୍ୟକ୍ତିଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜଟାଧାରୀ ବେହେରା, ପ୍ରମୋଦ କୁମାର ମହାପାତ୍ର, କାର୍ତ୍ତିକ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

## ଶୈକ୍ଷିକ ନୀତି ଅନୁଯାୟୀ ଶିକ୍ଷାଦାନ କରିବାକୁ ପରାମର୍ଶ

ସାକ୍ଷୀଗୋପାଳ,୨୩।୩(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ପାଟଣାସାହି ପ୍ରାଥମିକ ବିଦ୍ୟାଳୟରେ ସୋମବାର ନବମ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଶ୍ୱନାଥପୁର କ୍ଲଷ୍ଟର ଅନ୍ତର୍ଗତ ୧୨ଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ପ୍ରଧାନ ଶିକ୍ଷୟିତ୍ରୀ, ସହକାରୀ ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ସିଆର୍‌ସିସି ଅଜୟ କୁମାର ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ମାର୍ଗଦର୍ଶକ ଭାବେ ସତ୍ୟବାଦୀ ମଣ୍ଡଳ ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର କରଣ ବୈଠକରେ ଯୋଗଦେଇ ସରକାରଙ୍କ ଉତ୍ତମ ଶୈକ୍ଷିକ ନୀତି, ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଉତ୍ସବ, ଶ୍ରେଣୀ ପର୍ଯ୍ୟବେକ୍ଷଣ ସାଧନୀ ଇତ୍ୟାଦି ବିଷୟ ଉପରେ ଧ୍ୟାନ ଦେଇ ଶିକ୍ଷାଦାନ କରିବାକୁ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ପାଟଣାସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉମେଶ ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷକ ରବିନାରାୟଣ ମହାନ୍ତି, ଶିକ୍ଷକ ସନ୍ତୋଷ କୁମାର ତ୍ରିପାଠୀ, ସହକାରୀ ଶିକ୍ଷୟିତ୍ରୀ ରୂପାଲି ଅପରାଜିତା, ପ୍ରାକ୍ତନ ପ୍ରଧାନଶିକ୍ଷକ ଗଦାଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଗୋବିନ୍ଦପୁର ଭଗବତ ବାସୁଦେବ ମେଳଣ ଉଦ୍‌ଯାପିତ

ପିପିଲି,୨୩।୩(ଦୁର୍ଗାମାଧବ ମିଶ୍ର)

ଭଗବତ ବାସୁଦେବ ମେଳଣ ଭାବେ ପରିଚିତ ଗୋବିନ୍ଦପୁର ପାରିଗୀ ତୋଟା ମେଳଣ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଚୈତ୍ର ଅମାବାସ୍ୟା ଦ୍ୱିତୀୟ ତିଥିରେ ଅର୍ଥାତ ଶୁକ୍ରବାର ମଧ୍ୟରାତ୍ରିରେ ଏହି ମେଳଣ ଜମିଥିଲା। ଥାନପତି ଗୋବିନ୍ଦପୁର ଗ୍ରାମର ଆରାଧ୍ୟ ଭଗବତ ବାସୁଦେବଙ୍କୁ ସୁସଜ୍ଜିତ ବିମାନରେ ପାରମ୍ପରିକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଗ୍ରାମରୁ ମେଳଣ ତୋଟାକୁ ନିଆଯାଇ ଆସ୍ଥାନରେ ଉପବେଶନ କରାଯାଇଥିଲା। ପରେ ଆଖପାଖ ଗ୍ରାମର ୧୯ଟି ବିମାନ ଶୋଭାଯାତ୍ରାରେ ଯାଇ ମେଳଣ ପଡ଼ିଆରେ ପହଞ୍ଚିଥିଲେ। ୩ଦିନ ବ୍ୟାପି ଏହି ମେଳଣରେ ବହୁ ଜନସମାଗମ ହୋଇଥିଲା। ଠାକୁରଙ୍କ ସମ୍ମୁଖରେ ୮ଟି ସଂକୀର୍ତ୍ତନ ଦଳ ପକ୍ଷରୁ ନାମ ସଂକୀର୍ତ୍ତନ କରାଯାଇଥିଲା। ଶେଷଦିନ ଅର୍ଥାତ ସୋମବାର ଭୋର ସମୟରେ ଭୋଗ ଲାଗି ପରେ ଠାକୁରମାନେ ଥାନପତିଙ୍କ ସହ ହରିହର ଭେଟ ପରେ ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ମେଳଣ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ଏହି ମେଳଣ ପାଞ୍ଚଶହ ବର୍ଷର ପୁରୁଣା ବୋଲି ମେଳଣ କମିଟି ସଭାପତି ଖବରଦାତା ପୂର୍ଣ୍ଣଚନ୍ଦ୍ର ନାୟକ ପ୍ରକାଶ କରିଛନ୍ତି।

## ସୂର୍ଯ୍ୟମନ୍ଦିର ପରିସରରୁ ଗଛ କାଟିଦେଲା ଏଏସ୍‌ଆଇ



**ପର୍ଯ୍ୟଟକଙ୍କ ପାଇଁ ନିର୍ମାଣ ହେବ ଶେଡ୍**

କୋଣାର୍କ,୨୩।୩(ଜ୍ୟୋତିରାଜ ମହାନ୍ତି)

ସୂର୍ଯ୍ୟମନ୍ଦିର ପରିସରସ୍ଥ ଟିକେଟ ଘର ସମ୍ମୁଖରେ ଥିବା ଏକ ବିରାଟ କଦମ୍ବ ଗଛକୁ ଭାରତୀୟ ପ୍ରତ୍ନତତ୍ତ୍ୱ ସଂସ୍ଥା (ଏଏସ୍‌ଆଇ) କର୍ତ୍ତୃପକ୍ଷ ବନବିଭାଗର ବିନା ଅନୁମତିରେ ବେଆଇନ ଭାବେ କାଟିଦେଇଥିବା ଅଞ୍ଚଳବାସୀ ଅଭିଯୋଗ ଆଣି ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ମନ୍ଦିର ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକ ଓ ଜନସାଧାରଣଙ୍କୁ ଖରାଦାଉରୁ ଏହି କଦମ୍ବ ଗଛ ସୁରକ୍ଷା ଦେବା ସହ ଶୀତଳ ଛାୟା ପ୍ରଦାନ କରି ଆସୁଥିଲା। ମାତ୍ର ଏଏସ୍‌ଆଇ କର୍ତ୍ତୃପକ୍ଷ କାହିଁକି ଏହି ଗଛଟିକୁ କାଟିଦେଲେ ଓ କାହା ଅନୁମତିନେଇଥିଲେ ସେ ସମ୍ପର୍କରେ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି। ମୁଖ୍ୟମନ୍ତ୍ରୀ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଏଏସ୍‌ଆଇ ମହାନିର୍ଦ୍ଦେଶକ, ପୁରୀ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ କୋଣାର୍କ ଅଞ୍ଚଳର ପରିବେଶବିତ୍ ଓ ବୁଦ୍ଧିଜୀବୀ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏଏସ୍‌ଆଇ ପୁରୀ ସର୍କଲର ସୁପରିଣ୍ଟେଣ୍ଡେଣ୍ଟ ଡି.ବି. ଗଡ଼ନାୟକ କହିଛନ୍ତି, ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ଶେଡ୍ ନିର୍ମାଣ କରାଯିବାକୁ ଗଛ କଟାଯାଇଛି। ତେବେ ଏ ସଂକ୍ରାନ୍ତରେ ସମ୍ପୃକ୍ତ ବିଭାଗର ଅଧିକାରୀମାନଙ୍କୁ ଅବଗତ କଟାଯାଇଥିଲା।

## ସମସ୍ୟା ଘେରରେ ଗୁଣ୍ଡିଚାବାଡ଼ି ବାସିନ୍ଦା

ନିମାପଡ଼ା,୨୩।୩(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଏନ୍‌ଏସି ଅଧୀନ ୫ନମ୍ବର ୱାର୍ଡର ଗୁଣ୍ଡିଚାବାଡ଼ି ଅଧିବାସୀ ବିଭିନ୍ନ ମୌଳିକ ସମସ୍ୟାରେ ଦୀର୍ଘଦିନଧରି ରହି ହଇରାଣ ହେଉଛନ୍ତି। ଗୁଣ୍ଡିଚାବାଡ଼ିବାସୀଙ୍କ ଯାତାୟତରେ ସମସ୍ୟା ଉପୁଜୁଛି। ଗୁଣ୍ଡିଚାବାଡ଼ିର ରାସ୍ତା ଡାକ୍ତରଖାନା ପ୍ରାଚୀରକୁ ଲାଗିଥିବା ମୁଖ୍ୟରାସ୍ତାରୁ ତୁରନ୍ତ ଜବରଦଖଲ ଉଚ୍ଛେଦ କରାଯିବା, ଗ୍ରାମ ପ୍ରବେଶପଥ ରାସ୍ତାରୁ ଜବରଦଖଲ ଉଚ୍ଛେଦ କରାଯାଇ ରାସ୍ତା ଚଉଡ଼ା କରାଯିବା, ବିଭିନ୍ନ ସାହିରେ ଜଳ ନିଷ୍କାସନପାଇଁ ପକ୍କା ଡ୍ରେନ ନିର୍ମାଣ କରାଯିବା ଆଦି ଦାବି ନେଇ ଗୁଣ୍ଡିଚାବାଡ଼ିବାସିନ୍ଦା ସୋମବାର ଏନ୍‌ଏସି କାର୍ଯ୍ୟାଳୟକୁ ଆସି ଅଧ୍ୟକ୍ଷାଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ବୁଲୁ କର, ଭବାନୀ ଶଙ୍କର ପରିଡ଼ା, ଶୁଭ୍ରକାନ୍ତ ପଟ୍ଟନାୟକ, ହରିଶଙ୍କର ପରିଡ଼ା, ପ୍ରୀତି ସାସମଲ, ତନ୍ମୟ କାନୁନଗୋ, ସତ୍ୟପୀର ସାହୁ, ନିହାର ରଞ୍ଜନ ସ୍ୱାଇଁ, ଦେବୀପ୍ରସାଦ ବରାଳ ପ୍ରମୁଖ ଦାବିପତ୍ର ଦେଇଥିଲେ। ଖୁବଶୀଘ୍ର ଗୁଣ୍ଡିଚାବାଡ଼ି ସମସ୍ୟାର ପ୍ରତିକାର ବ୍ୟବସ୍ଥା କରାଯିବ ବୋଲି ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ ପ୍ରତିଶ୍ରୁତି ଦେଇଛନ୍ତି।


ଗୁଣ୍ଡିଚାବାଡ଼ି ବାସିନ୍ଦା ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

## ନବୋଦୟ ପ୍ରବେଶିକା ପରୀକ୍ଷାରେ ଅର୍ଣ୍ଣବଙ୍କ କୃତିତ୍ୱ

ଅସ୍ତରଙ୍ଗ,୨୩।୩(ମମତା ଜେନା)

ଚଳିତ ଶିକ୍ଷାବର୍ଷ ୨୦୨୬-୨୭ରେ ଜବାହର ନବୋଦୟ ପ୍ରବେଶିକା ପରୀକ୍ଷାରେ ରାମକୃଷ୍ଣ ଶିଶୁମନ୍ଦିରର ଛାତ୍ର ଅର୍ଣ୍ଣବ ଶେଖର ବେହେରା ୯୪ ପ୍ରତିଶତ ନମ୍ବର ରଖି କାକଟପୁର ବ୍ଲକରେ ଟପ୍ପର ହୋଇଛନ୍ତି। ସେ ଦହିଖିଆ ଗ୍ରାମର ବିଷ୍ଣୁଚରଣ ବେହେରା ଓ ସବିତା ବେହେରାଙ୍କ ପୁତ୍ର। ଏହି ସଫଳତା ପାଇଁ ଶିଶୁମନ୍ଦିରର ପ୍ରଧାନା ଆଚାର୍ଯ୍ୟା ଶକୁନ୍ତଳା ଦେବୀ ଓ ଗୁରୁମା ଗୁରୁଜୀମାନେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଖବରଦାତା ସମ୍ବର୍ଦ୍ଧିତ

ଯୋଗେଶ୍ୱରପୁର,୨୩।୩ (ରଶ୍ମିରଞ୍ଜନ ସାହୁ)



ନୟାହାଟ ଧୂମାଳ ପଞ୍ଚାୟତ ନରସିଂହପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ପୂର୍ବତନ ମନ୍ତ୍ରୀ ତଥା କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ନୟାହାଟ ଅଞ୍ଚଳର ଖବରଦାତା ରଶ୍ମିରଞ୍ଜନ ସାହୁଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଅଞ୍ଚଳର ବିକାଶ ପାଇଁ ଗଣମାଧ୍ୟମରେ ଠିକ୍ ଭାବେ ଖବର ପରିବେଷଣ କରିବା ପାଇଁ ବିଧାୟକ ପରାମର୍ଶ ଦେଇଥିଲେ। ଉତ୍ସବରେ ପ୍ରଧାନ ଶିକ୍ଷକ ନିରଞ୍ଜନ ସ୍ୱାଇଁ, ଶିକ୍ଷାବିତ୍ ସରୋଜ କୁମାର ମିଶ୍ର, ବିଚିତ୍ରାନନ୍ଦ ପାତ୍ର, ସାମାଜିକ କର୍ମୀ ଅଭିମନ୍ୟୁ ସିଂହ, କୃଷ୍ଣଚନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ସାହିତ୍ୟର ସୁରକ୍ଷା, ନୂତନ ପାଠକ ସୃଷ୍ଟିକୁ ଗୁରୁତ୍ୱ

**ପିପିଲି ପୁସ୍ତକ ମେଳା ଉଦ୍‌ଯାପିତ**

ପିପିଲି,୨୩।୩(ଦୁର୍ଗାମାଧବ ମିଶ୍ର)

ପିପିଲି ପୁସ୍ତକ ମେଳା ସୋମବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭିକାରୀ ଚରଣ ଧଳ ସଭାପତିତ୍ୱ କରିଥିଲେ। ଶିକ୍ଷାବିତ୍ ଡ. ପ୍ରତିଭା ମହାରଥୀ ମୁଖ୍ୟ ଅତିଥି ଓ କବି ଗୁରୁକଲ୍ୟାଣ ମହାପାତ୍ର ମୁଖ୍ୟ ବକ୍ତା, ସାହିତ୍ୟିକ ପ୍ରହଲ୍ଲାଦ ସିଂହ, ସଂଯୋଜକ ପ୍ରଭାତ କୁମାର ମହାପାତ୍ର, ପିପିଲି ଏନ୍‌ଏସି ପ୍ରଶାସନିକ ଅଧିକାରୀ କାଦମ୍ବିନୀ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା ଓ ସମୃଦ୍ଧି ସହ ନୂତନ ପାଠକ ସୃଷ୍ଟି ପାଇଁ ଅତିଥିମାନେ ଗୁରୁତ୍ୱାରୋପ କରିବା ସହ ପିପିଲି ପୁସ୍ତକ ମେଳାର ଆୟୋଜନକୁ ସ୍ୱାଗତ କରିଥିଲେ। ପୁସ୍ତକ ମେଳା ତରଫରୁ ରକ୍ଷକ ନାୟକ, ବୃନ୍ଦାବନ ଜେନା, ରଘୁନାଥ ଜେନା, ପ୍ରଫୁଲ୍ଲ କୁମାର ଦାଶ, ବେବିଲତା ଶତପଥୀ, ରମେଶ ଚନ୍ଦ୍ର ଦାଶ, ମଙ୍ଗଳା ପ୍ରସନ୍ନ ଧଳ, ବିଚିତ୍ରା ବେହେରା, ବିଦ୍ୟୁଲତା ଗନ୍ତାୟତ ଏବଂ ଡ. ସରୋଜିନୀ ପଟ୍ଟନାୟକ ପ୍ରମୁଖଙ୍କୁ ବିଭିନ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। କବୟିତ୍ରୀ ସ୍ୱୟଂପ୍ରଭା ରଥଙ୍କୁ ମଞ୍ଜୁଲତା ମହାପାତ୍ର ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଉଚ୍ଚ ବିଦ୍ୟାଳୟ ସ୍ତରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆୟୋଜିତ କବିତା ଲିଖନ ଓ କବିତା ପଠନ ପ୍ରତିଯୋଗିତାର ୪୦ ଜଣ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁସ୍ତକ ଉପହାର ପ୍ରଦାନ କରାଯାଇଥିଲା। ସଂଗଠନ ସମ୍ପାଦକ ଅର୍ଜୁନ ଘଡ଼େଇ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଥମଥର ପାଇଁ ୨୦ ଜଣ ପୁସ୍ତକ ପ୍ରକାଶକ ଓ ବିକ୍ରେତା ଯୋଗଦେଇଥିବାରୁ ସେମାନଙ୍କ ସହଯୋଗକୁ ପ୍ରଶଂସା କରାଯାଇଥିଲା। ରମାକାନ୍ତ ନାୟକ, ସତ୍ୟାନନ୍ଦ ଦାଶ, ବିଚିତ୍ରା ବେହେରା ଓ ସାରଦାନନ୍ଦ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡ. ସତ୍ୟ ନାରାୟଣ ମିଶ୍ର ଧନ୍ୟବାଦ ଦେଇଥିଲେ।


ପୁସ୍ତକ ମେଳା ଅବସରରେ ଜଣେ କବୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

## ରାସ୍ତା, ପାନୀୟଜଳ, ଆଇନଶୃଙ୍ଖଳା ସମସ୍ୟା ଜଣାଇଲେ

**ଅଭିଯୋଗ ଶୁଣାଣି ଶିବିର**

ଡେଲାଙ୍ଗ,୨୩।୩(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକ କାର୍ଯ୍ୟାଳୟ ବିଜୁ ପଟ୍ଟନାୟକ ସମ୍ମିଳନୀ କକ୍ଷରେ ସୋମବାର ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ରାଜ କିଶୋର ଜେନା, ଏପିଡି ରାଜୀବ ଲୋଚନ ବେହେରା, ଅତିରିକ୍ତ ଏସ୍‌ପି ସଚିନ ପଟେଲ, ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର, ତହସିଲଦାର ଦେବୀପ୍ରସାଦ ଆଚାର୍ଯ୍ୟ, ବିଡିଓ ସମୀର ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବ୍ରତ ବାରିକ, ଭାରପ୍ରାପ୍ତ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୁର୍ବାସା ନିଶଙ୍କ ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ୧୧୮ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଏଥିମଧ୍ୟରେ ୯୫ଟି ବ୍ୟକ୍ତିଗତ, ୨୨ଟି ସାମୂହିକ ଓ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିସମ୍ପର୍କିତ ଗୋଟିଏ ଅଭିଯୋଗ ରହିଛି। ଡେଲାଙ୍ଗ ଅଞ୍ଚଳରେ ଚୋରି, ନିଶା କାରବାର ଓ ପଥର ଚୋରାଚାଲାଣ ଆଦି ଘଟଣା ବୃଦ୍ଧି ପାଉଥିବାବେଳେ ୩ ମାସ ହେଲା ହରିରାଜପୁର ଫାଣ୍ଡିରେ ଅଧିକାରୀ ନାହାନ୍ତି। ତୁରନ୍ତ ଫାଣ୍ଡି ଅଧିକାରୀଙ୍କୁ ନିୟୋଜିତ କରିବା ପାଇଁ ୫ ପଞ୍ଚାୟତର ସରପଞ୍ଚ ଅତିରିକ୍ତ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଦୟାନଦୀକୁ ପ୍ରଦୂଷଣମୁକ୍ତ କରିବା, ନଦୀ ଖନନ କାର୍ଯ୍ୟର ଠିକ୍ ତଦାରଖ ଏବଂ ଅଘୋଷିତ ବିଦ୍ୟୁତ୍ କାଟ୍ ସମସ୍ୟାର ସମାଧାନ ପାଇଁ ସିପିଆଇଏମ୍‌ଏଲ୍ ନେତା ଅଶୋକ ପ୍ରଧାନ, ରାମଚନ୍ଦ୍ର ମହାରଣା, ସତ୍ୟମନ୍ୟୁ ପ୍ରଧାନ ପ୍ରମୁଖ ଅଭିଯୋଗ ଜଣାଇଛନ୍ତି। ସେହିପରି ଗୋଡ଼ିପୁଟ ମାଟିଆପଡ଼ା ପଞ୍ଚାୟତର ୮ନଂ ୱାର୍ଡରେ ପାନୀୟଜଳ ସମସ୍ୟା ନେଇ ଜନସାଧାରଣ ଅଭିଯୋଗ କରିଛନ୍ତି। ରେଳ ବିଭାଗର ଘରୋଇ ଠିକାସଂସ୍ଥାରେ ଡେଲାଙ୍ଗ ଏବଂ ପିପିଲି ବ୍ଲକର ଶତାଧିକ ଯୁବକ ଟ୍ରେନ୍ ସଫେଇ ଓ ପାଣି ଭରିବା କାର୍ଯ୍ୟରେ ନିୟୋଜିତ ଥିବାବେଳେ ସଂସ୍ଥା ସେମାନଙ୍କୁ ଦରମା ଦେଉନାହିଁ ବୋଲି ଅଭିଯୋଗ ହୋଇଛି। ଗଡ଼ମୋଚରୀ ପଞ୍ଚାୟତରେ ଥିବା ରେଙ୍ଗାଳ-ପାଟଣପୁର ଡ୍ରେନ୍‌ର ପୁନରୁଦ୍ଧାର ଓ ଆନିକଟ ନିର୍ମାଣ ପାଇଁ ବାତୋଳ ଗ୍ରାମବାସୀ ଦାବି କରିଛନ୍ତି। ଗୁଆଳିପଡ଼ା ପଞ୍ଚାୟତର ଆଲୋକ ସେବା ସମବାୟ ସମିତିରେ ଧାନ ବିକ୍ରିକରି ୧୫ ଦିନ ହେବ ଟଙ୍କାକୁ ଚାହିଁବସିଥିବା ଚାଷୀ ସୁକାନ୍ତ କୁମାର ଛାଟୋଇ ଅଭିଯୋଗ କରିଛନ୍ତି। କଲ୍ୟାଣପୁର ପଞ୍ଚାୟତରେ କଲ୍ୟାଣମଣ୍ଡପ ନିର୍ମାଣ ଲାଗି ସ୍ଥାନ ନିରୂପଣ ହୋଇପାରୁ ନ ଥିବା ସରପଞ୍ଚ ଗୋବର୍ଦ୍ଧନ ସେଠୀଙ୍କ ସମେତ ପଞ୍ଚାୟତବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଗ୍ରାମ୍ୟ ପୋଖରୀ ପୁନରୁଦ୍ଧାର, ରାସ୍ତା ଓ ଅଙ୍ଗନୱାଡ଼ି କେନ୍ଦ୍ରର ସ୍ଥାୟୀ ପ୍ରାଚୀର ନିର୍ମାଣ, ବିଦ୍ୟୁତ୍‌କରଣ ଆଦି ଉନ୍ନୟନ କାର୍ଯ୍ୟରେ ତ୍ରୁଟି ହୋଇଥିବା ଯମୁନା ବରିଷ୍ଠ ନାଗରିକ ମଞ୍ଚ ଅଭିଯୋଗ କରିଛି। ଲୁଣା ନଦୀବନ୍ଧର ଜୁଇଲୁଣ୍ଡାଠାରୁ ବାରପୋଲିଆ ପର୍ଯ୍ୟନ୍ତ ରାସ୍ତା ନିର୍ମାଣରେ ଅନିୟମିତତା ଅଭିଯୋଗ ହୋଇଛି। ଘରବାଡ଼ିପଟ୍ଟାରେ ତ୍ରୁଟି ବିଚ୍ୟୁତି ଯୋଗୁ ସାତ୍ତିକପୁର ଓ ବେରବୋଇର ଶତାଧିକ ଅନୁସୂଚିତ ଜାତିର ପରିବାର ଜାତିଗତ ପ୍ରମାଣପତ୍ର ପାଇବାରୁ ବଞ୍ଚିତ ହୋଇଛନ୍ତି। ତୁରନ୍ତ ଜାତିଗତ ପ୍ରମାଣପତ୍ର ଦେବାକୁ ଦାବି ହୋଇଛି। ସେହିପରି ଧାନକେରା ପଞ୍ଚାୟତର ବାରପୋଲିଆଠାରୁ ନଇକୂଳପାଟଣା ପର୍ଯ୍ୟନ୍ତ ୧କି.ମି ନଦୀବନ୍ଧ ରାସ୍ତା ନିର୍ମାଣ ପାଇଁ ଦାବି ହୋଇଛି। ୧୨ଟି ଅଭିଯୋଗର ସମାଧାନ ହୋଇଥିବାବେଳେ ବିଭାଗୀୟ ଅଧିକାରୀଙ୍କୁ ଯଥାଶୀଘ୍ର ଅନ୍ୟ ସମସ୍ୟାର ସମାଧାନ ପାଇଁ ଅତିରିକ୍ତ ଜିଲାପାଳ ବେହେରା ନିର୍ଦ୍ଦେଶ ଦେଇଛନ୍ତି।



ଶିବିରରେ ଉପଜିଲାପାଳ ରାଜ କିଶୋର ଜେନା ଏବଂ ଅନ୍ୟ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ।

# ଜବରଦଖଲରେ ସ୍ୱର୍ଣ୍ଣ ଜଳେଶ୍ୱର ମନ୍ଦିର

## ମନ୍ଦିର ମଧ୍ୟରେ ପାଚେରି ନିର୍ମାଣକୁ ବିରୋଧ କଲା ଏକାମ୍ର ଜନଜାଗରଣ ମଞ୍ଚ

ପୁରୁଣା ଭୁବନେଶ୍ୱର,୨୩।୩(ସୁବାସ ଚନ୍ଦ୍ର ପ୍ରଧାନ)



ଏକଦା ମନ୍ଦିର ମାଳିନୀ ଭୁବନେଶ୍ୱରରେ ୭ଶହ ମନ୍ଦିର ଥିବାବେଳେ ଏବେ ଏହି ଐତିହ୍ୟପୂର୍ଣ୍ଣ ସହରରେ ସରକାରୀ କାଗଜପତ୍ରରେ ହାତଗଣତି ମନ୍ଦିର ରହିଛି। ଜବରଦଖଲ ଯୋଗୁ ଶତାଧିକ ମନ୍ଦିର ନଜର ଆଢୁଆଳକୁ ଚାଲିଗଲାଣି। ନିକଟରେ ପ୍ରାକୃତିକ ଝର ଥିବା ଗଙ୍ଗା ଯମୁନା ମନ୍ଦିରକୁ ଲାଗି ଏକ ବହୁତଳପ୍ରସାଦ ନିର୍ମାଣ ହେଉଥିବା ନେଇ ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ବିଏମ୍‌ସି ନିକଟରେ ଅଭିଯୋଗ ହୋଇଥିଲା। ପରେ ଓଡିଏ କୋର୍ଟରେ ମାମଲା ମଧ୍ୟ ରୁଜୁ ହୋଇଥିଲା। ଅଭିଯୋଗ ସମୟରେ କୋଠା ନିର୍ମାଣ ପାଇଁ ନିଅଁ ପଡୁଥିଲା। ହେଲେ ସେଠାରେ ଏବେ ୩ ମହଲା ବିଶିଷ୍ଟ କୋଠା ନିର୍ମାଣ ସରିଲାଣି। ସ୍ଥାନୀୟ ଜନପ୍ରତିନିଧି ଏବଂ ପ୍ରଶାସନର ନୀରବ ସମର୍ଥନ ଗଙ୍ଗା ଯମୁନା ମନ୍ଦିରକୁ ବିପଦ ମୁହଁକୁ ଠେଲି ଦେଇଛି। ସେହିପରି ଅନ୍ୟ ଏକ ଘଟଣାକ୍ରମରେ ସ୍ୱର୍ଣ୍ଣ ଜଳେଶ୍ୱର ମନ୍ଦିରକୁ ପାଚେରି କରି ଜଣେ ବ୍ୟକ୍ତି ନିଜ ପ୍ଲଟିଂ ସ୍କିମ୍‌ରେ ମିଶେଇ ଦେଇଥିବା ଜଣାପଡ଼ିଛି। ଏନେଇ ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ସୋମବାର ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗକୁ ଲିଖିତ ଅଭିଯୋଗ କରାଯାଇଛି। ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ଐତିହ୍ୟ ସ୍ୱର୍ଣ୍ଣ ଜଳେଶ୍ୱର ମନ୍ଦିର ଆମ ରାଜ୍ୟ ଏବଂ ଏକାମ୍ର କ୍ଷେତ୍ରର ଗରିମା ବହନ କରୁଛି। ତାକୁ ଜବରଦଖଲ କରିବା ଘଟଣା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏବେ ଏହି ମନ୍ଦିରର ମଧ୍ୟଭାଗରେ ଖୋଳାଯାଇ ପଥରର ପାଚେରି ନିର୍ମାଣ କରାଯାଇଛି। ଆନ୍‌ସିଏଣ୍ଟ ମୋନୁମେଣ୍ଟସ ଆଣ୍ଡ ଆର୍କିଓଲୋଜିକାଲ ସାଇଟ୍‌ସ ଆଣ୍ଡ ରିମେନ୍ସ(ଆମ୍‌ସାର) ଆଇନ ଅଧୀନରେ ଐତିହ୍ୟସ୍ଥଳୀଠାରୁ ନିର୍ଦ୍ଦିଷ୍ଟ ଦୂରତା ରଖି ଘରୋଇ ନିର୍ମାଣ ବାରଣ ଥିବାସତ୍ତ୍ୱେ ସମ୍ପୃକ୍ତ ବ୍ୟକ୍ତିଜଣଙ୍କ କିପରି ଏହି ବେଆଇନ ନିର୍ମାଣ କରୁଛନ୍ତି, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ପ୍ରାଚୀନ ଐତିହ୍ୟ ମନ୍ଦିରର ସୁରକ୍ଷା ଏବଂ ସଂରକ୍ଷଣ ବିଭାଗର ଗୁରୁଦାୟିତ୍ୱ ରହିଛି। ତୁରନ୍ତ ଏହାକୁ ବିଚାର କରି ପ୍ରଶାସନିକସ୍ତରରେ ଏହି ପାଚେରିକୁ ଏଠାରୁ ହଟାଇବାକୁ ମଞ୍ଚ ଦାବି କରଛି। ନଚେତ୍ ମଞ୍ଚ ରାଜ ରାସ୍ତାକୁ ଓହ୍ଲାଇବ ବୋଲି ମଞ୍ଚ ଅଧକ୍ଷ ଭୀଷ୍ମ ନାରାୟଣ ନାୟକ କହିଛନ୍ତି।



## ଇଭି କାରରେ ଲାଗିଲା ନିଆଁ

ଭୁବନେଶ୍ୱର,୨୩।୩(ତ୍ରିନାଥ ମହାନ୍ତି): ଭରତପୁର ଥାନା ମଣିପାଲ୍ ହସ୍ପିଟାଲ ସମ୍ମୁଖରେ ଏକ ଇଭି କାର୍‌ରେ ନିଆଁ ଲାଗିଯାଇଛି। କିଛି ସମୟ ମଧ୍ୟରେ ନିଆଁ କାର୍ ସାରା ବ୍ୟାପି ଯାଇ ହୁ ହୁ ହୋଇ ଜଳିଥିଲା। ସେହିବାଟରେ ଯାଉଥିବା ଜଣେ ବ୍ୟକ୍ତି ଦେଖି ତୁରନ୍ତ ଅଗ୍ନିଶମ ବାହିନୀକୁ ଫୋନ୍ କରି ସୂଚନା ଦେଇଥିଲେ। ଖବରପାଇ ପାତ୍ରପଡ଼ା ଦମକଳ କେନ୍ଦ୍ରର ଗୋଟିଏ ଗାଡ଼ି ଆସି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିବା ବେଳକୁ କାର୍‌ଟି ସମ୍ପୂର୍ଣ୍ଣ ପୋଡ଼ି ଯାଇଥିଲା। ଇଭି ଗାଡ଼ିର ବ୍ୟାଟେରୀରୁ ଶଟ୍‌ସର୍କିଟ ଘଟି ଏଭଳି ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ କର୍ମଚାରୀ କହିଛନ୍ତି।

# ୫ ବର୍ଷରେ ଜେଲରୁ ଚମ୍ପଟ୍ ମାରିଛନ୍ତି ୪୪ କଏଦୀ

## ୨୭ ଧରାପଡ଼ିଥିବା ବେଳେ ୧୭ ଏବେବି ଫେରାର

ଭୁବନେଶ୍ୱର,୨୩।୩(ତ୍ରିନାଥ ମହାନ୍ତି)

ଗତ ୫ ବର୍ଷରେ ରାଜ୍ୟର ବିଭିନ୍ନ ଜେଲରୁ ୪୪ ଜଣ କଏଦୀ ଫେରାର ହୋଇଛନ୍ତି। ସେଥିମଧ୍ୟରେ ୩୩ଜଣ ବିଚାରାଧୀନ କଏଦୀ ଥିବା ବେଳେ ୧୧ଜଣ ଦୋଷୀ ସାବ୍ୟସ୍ତ ହୋଇ ଦଣ୍ଡ ଭୋଗୁଥିବା କଏଦୀ। ୪୪ଜଣ ଫେରାର ହେବା ପରେ ଏନେଇ ବିଭିନ୍ନ ଥାନାରେ ମାମଲା ରୁଜୁ କରାଯାଇ ୨୭ଜଣ କଏଦୀଙ୍କୁ ଗିରଫ କରାଯାଇ ଜେଲକୁ ପୁଣି ଅଣାଯାଇଥିବାବେଳେ ୧୭ଜଣ ଏବେବୀ ଫେରାର ଥିବା ବିଧାନସଭାରେ ଏକ ପ୍ରଶ୍ନର ଉତ୍ତର ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ତଥ୍ୟ ଦେଇଛନ୍ତି।

# ଭୁବନେଶ୍ୱର ଉତ୍ତର ପୂଜା ଭସାଣି ସମିତିର ବୈଠକ




ଭସାଣି ସମିତିର ନୟାପଲ୍ଲୀସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଉପଦେଷ୍ଟା ପ୍ରିୟଦର୍ଶୀ ମିଶ୍ରଙ୍କ ସହ ବିଭିନ୍ନ କମିଟିର କର୍ମକର୍ତ୍ତା।

ଭୁବନେଶ୍ୱର,୨୩।୩ (ସୌମ୍ୟରଞ୍ଜନ ରାଉତ)

ଭୁବନେଶ୍ୱର ଉତ୍ତର ପୂଜା ଭସାଣି ସମିତି ପକ୍ଷରୁ ନୟାପଲ୍ଲୀସ୍ଥିତ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମିତିର ମୁଖ୍ୟ ଉପଦେଷ୍ଟା ପ୍ରିୟଦର୍ଶୀ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଉତ୍ତର ଭୁବନେଶ୍ୱର ନିର୍ବାଚନମଣ୍ଡଳୀର ବିଭିନ୍ନ ଦୁର୍ଗାପୂଜା ମଣ୍ଡପ ସଭାପତି, ସମ୍ପାଦକ ଓ କର୍ମକର୍ତ୍ତା ଯୋଗଦେଇଥିଲେ। ଏହି ଅବସରରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ପକ୍ଷରୁ ଏମ୍‌ପି ପାଣ୍ଠିରୁ ପ୍ରତ୍ୟେକ ଦୁର୍ଗାପୂଜା ମଣ୍ଡପକୁ ୧ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ ସମ୍ପର୍କରେ ପୂର୍ବ ପ୍ରତିଶ୍ରୁତି କାର୍ଯ୍ୟକାରୀ କରିବାକୁ ଔପଚାରିକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ସେହିପରି ମୁଖ୍ୟ ଉପଦେଷ୍ଟା ପ୍ରିୟଦର୍ଶୀ ସମସ୍ତ ପୂଜା ସମିତିଙ୍କ ମଧ୍ୟରେ ଭାଇଚାରା, ସମନ୍ୱୟ ଓ ସହଯୋଗିତାକୁ ଆହୁରି ସୁଦୃଢ଼ କରିବା ପାଇଁ ଆଲୋଚନା କରିଥିଲେ। ବୈଠକରେ ଡମଣା ଦୁର୍ଗାପୂଜା କମିଟିର ପ୍ରତିଷ୍ଠାତା ସଭାପତି ନିଶାକର ସାହୁ, ହାଉସିଂବୋର୍ଡ ଦୁର୍ଗାପୂଜା କମିଟିର ସାଧାରଣ ସମ୍ପାଦକ ଗୋଲେଖ ଚନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସମିତିର ସାଧାରଣ ସମ୍ପାଦକ ସରୋଜକାନ୍ତ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# 'ଉଚ୍ଚଶିକ୍ଷାରେ ଓବିସିଙ୍କୁ ତୁରନ୍ତ ୧୧.୨୫% ସଂରକ୍ଷଣ ଦିଅ'

ଭୁବନେଶ୍ୱର,୨୩।୩ (ସୌମ୍ୟରଞ୍ଜନ ରାଉତ)

ସାମାଜିକ ନ୍ୟାୟର ଅଗ୍ରଦୂତ, ସମାଜବାଦୀ ଚିନ୍ତକ ଡ. ରାମ ମନୋହର ଲୋହିଆଙ୍କ ଜନ୍ମଦିନ ପରିପ୍ରେକ୍ଷୀରେ ଓବିସିଙ୍କୁ ୧୧.୨୫% ସଂରକ୍ଷଣ ତୁରନ୍ତ ଦେବା ପାଇଁ ଓବିସି ଫୋରମ୍ ଦାବି କରିଛି। ଫୋରମ ପକ୍ଷରୁ କୁହାଯାଇଛି, ୨୦୨୫ ମେ' ୧୪ରେ କ୍ୟାବିନେଟ୍ ବୈଠକରେ ଉଚ୍ଚ ଶିକ୍ଷା, ମେଡିକାଲ୍, ଇଞ୍ଜିନିୟରିଂରେ ୧୧.୨୫% ସଂରକ୍ଷଣ ଦେବା ପାଇଁ ନିଷ୍ପତ୍ତି ହେଲା। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ସତ୍ତ୍ୱେ ୨୦୨୫-୨୬ ଶିକ୍ଷା ବର୍ଷରେ ତାହା ଲାଗୁ ହେଲା ନାହିଁ। ସେହିପରି ଡିସେମ୍ବର ୨୨ରେ ଦକ୍ଷତା ବିକାଶ ବିଭାଗର ପରାମର୍ଶଦାତା ବୈଠକରେ ଏହି ସଂରକ୍ଷଣ ଲାଗୁ ପାଇଁ ସୁପାରିସ ହୋଇଥିବା ବେଳେ ଏ ପର୍ଯ୍ୟନ୍ତ ବିଜ୍ଞାପନ ପ୍ରକାଶ ପାଇଲା ନାହିଁ। ଫଳରେ ଓବିସି ବର୍ଗର ଛାତ୍ରୀଛାତ୍ରଙ୍କ ମଧ୍ୟରେ ସରକାରଙ୍କ ସଂରକ୍ଷଣ ନୀତି ପ୍ରତି ଆସ୍ଥା ତୁଟିବାରେ ଲାଗିଛି। ଆଗାମୀ ଜନ ଗଣନାରେ ଜାତି ଜନଗଣନା କରି ସଂଖ୍ୟାନୁପାତିକ ସଂରକ୍ଷଣ ଲାଗୁ କରିବାକୁ ଫୋରମ୍ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଦାବି କରୁଛି। ଏନେଇ ସୋମବାର ଫୋରମ ଅଧ୍ୟକ୍ଷ ରବି ବେହେରା ଏକ ପ୍ରେସ୍ ବିବୃତି ମାଧ୍ୟମରେ ସୂଚନା ଦେଇଛନ୍ତି।

# 'ସପ୍ତମ ରତୁର ଜହ୍ନ' ପୁସ୍ତକ, ସିଡୀ ଲୋକାର୍ପିତ




ଅତିଥିମାନେ 'ସପ୍ତମ ରତୁର ଜହ୍ନ'ର ସିଡୀ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୨୩।୩ (ସୌମ୍ୟରଞ୍ଜନ ରାଉତ)

ନୀଳକଇଁ କ୍ରିଏଶନ୍ ପକ୍ଷରୁ ଗଜଲ ସନ୍ଧ୍ୟା ସୋମବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଲେଖକ ଦେବଦାସ ଛୋଟରାୟ, କଣ୍ଠଶିଳ୍ପୀ ତୃପ୍ତି ଦାସ, ଗୀତିକାର ଡ. ରଜନୀ ରଞ୍ଜନ, କବି ଲେଖକ ଶରତ କୁମାର ଦାଶ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ଅନୁଷ୍ଠାନର ସମ୍ପାଦିକା ସସ୍ମିତା ଦାସଙ୍କ ଲିଖିତ ସପ୍ତମ କବିତା ପୁସ୍ତକ 'ସପ୍ତମ ରତୁର ଜହ୍ନ' ଏବଂ ୧୭ଟି ଗୀତ ଓ ଗଜଲକୁ ନେଇ ପ୍ରସ୍ତୁତ 'ସପ୍ତମ ରତୁର ଜହ୍ନ'ର ସଙ୍ଗୀତ ସିଡୀ ଲୋକାର୍ପଣ କରିଥିଲେ। ଏହି ସିଡୀ କ୍ୟାସେଟର ସଙ୍ଗୀତ ନିର୍ଦ୍ଦେଶନା ଯଜ୍ଞ ଦାଶ ଦେଇଥିବାବେଳେ ଲେଖିକା ଡ. ପ୍ରତିଭା ରାୟ, ଲେଖକ ଦେବଦାସ ଛୋଟରାୟ, ଡ. ରଜନୀ ରଞ୍ଜନ, ଶରତ କୁମାର ଦାଶ, ଅମରେନ୍ଦ୍ର ଖଟୁଆ, ଅଖିଳ କୁମାର ମିଶ୍ର, ଗୀତାଞ୍ଜଳି ପଣ୍ଡା, ସସ୍ମିତା ଦାସ, ପ୍ରମୋଦ ଦାସ ଏବଂ ବିପିନ ମହାନ୍ତିଙ୍କ ଲେଖାସବୁକୁ କଣ୍ଠଶିଳ୍ପୀ ତୃପ୍ତି ଦାସ, ସୋହିନୀ ମିଶ୍ର, କରୁଣାକର, ସ୍ୱରୂପ ନାୟକ, ମହାପ୍ରସାଦ କର, ଛନ୍ଦା ମିଶ୍ରଙ୍କ ସହ କୁନି କଳାକାରମାନେ ସଙ୍ଗୀତରେ ସଜାଇଥିଲେ।

# ଠିକ୍ ସମୟରେ କର୍ମଚାରୀଙ୍କ ଦରମା, ଇପିଏଫ୍ ଟଙ୍କା ଜମା ନ କଲେ ଆଉଟ୍‌ସୋର୍ସିଂ ସଂସ୍ଥା ଉପରେ ହେବ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୨୩।୩(ସୁଚିସ୍ମିତା ସାହୁ)

ଆଉଟ୍‌ସୋର୍ସିଂ ସଂସ୍ଥାମାନେ ଠିକ୍ ସମୟରେ କର୍ମଚାରୀଙ୍କ ଦରମା ପ୍ରଦାନ, ଭବିଷ୍ୟନିଧି ପାଣ୍ଠି ଓ ବୀମା ଟଙ୍କା ଜମା ନ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏଥିସହ ଲାଇସେନ୍ସ ଏବଂ କଣ୍ଟ୍ରାକ୍ଟକୁ ମଧ୍ୟ କ୍ଷମତାପନ୍ନ ପ୍ରାଧିକାରୀଙ୍କ ଦ୍ୱାରା ଖାରଜ କରାଯିବ। ଏଥିସହ ସଂସ୍ଥା ନାମକୁ କଳା ତାଲିକାଭୁକ୍ତ କରିବା ପାଇଁ ମଧ୍ୟ ବ୍ୟବସ୍ଥା କରାଯିବ ବୋଲି ସୋମବାର ବିଧାନସଭାରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସାଧାରଣ ପ୍ରଶାସନ ଓ ଓଧାରଣ ଅଭିଯୋଗ ବିଭାଗର ସଂକଳ୍ପ ସଂଖ୍ୟା ୭୯୮୨ ଏବଂ ୭ ମାର୍ଚ୍ଚ ୨୦୨୪ରେ ଆଉଟ୍‌ସୋର୍ସିଂ ସଂସ୍ଥା ମାଧ୍ୟମରେ ନିୟୋଜିତ କର୍ମଚାରୀଙ୍କ ପାରିଶ୍ରମିକ ୨୫% ବୃଦ୍ଧି ହେବା ସହ ପ୍ରତି ପାଞ୍ଚବର୍ଷରେ ୧୦୦୦ଟଙ୍କା ବୃଦ୍ଧି ହେବାର ବ୍ୟବସ୍ଥା ରହିଛି। ଏଥିସହ ଦରମା ପ୍ରଦାନ, ଭବିଷ୍ୟନିଧି ପାଣ୍ଠି ଓ ବୀମା ଜମା ପାଇଁ ସମୟସୀମା ନିର୍ଦ୍ଧାରିତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ଗୃହରେ କହିଛନ୍ତି।

# ଶ୍ରୀଲଙ୍କା ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବରେ ଓଡ଼ିଆ କ୍ଷୁଦ୍ର ପ୍ରାମାଣିକ ଚଳଚ୍ଚିତ୍ରକୁ ଶ୍ରେଷ୍ଠ ପୁରସ୍କାର

ଭୁବନେଶ୍ୱର,୨୩।୩ (ସୌମ୍ୟରଞ୍ଜନ ରାଉତ)

ଶ୍ରୀଲଙ୍କା ଅନ୍ତର୍ଜାତୀୟ ୬ଷ୍ଠ ଚଳଚ୍ଚିତ୍ର ଉତ୍ସବରେ ଓଡ଼ିଆ କ୍ଷୁଦ୍ର ପ୍ରାମାଣିକ ଚଳଚ୍ଚିତ୍ର 'ଗୋଟିଏ ଫୁଲ କୋଟିଏ କଥା' ଶ୍ରେଷ୍ଠ ସମ୍ମାନଜନକ ପୁରସ୍କାର ଲାଭ କରିଛି। ଏହି ବର୍ଗରେ ୧୨୦ଟି ଦେଶର କ୍ଷୁଦ୍ର ପ୍ରାମାଣିକ ଚଳଚ୍ଚିତ୍ର ଅଂଶଗ୍ରହଣ କରିଥିଲା। ତେବେ ଶ୍ରେଷ୍ଠ ବିବେଚିତ ୧୦ ମିନିଟ୍ ଅବଧି ବିଶିଷ୍ଟ ଏହି ଓଡ଼ିଆ ପ୍ରାମାଣିକ ଚଳଚ୍ଚିତ୍ରର ପ୍ରଯୋଜକ ଦିଲୀପ ହାଲି, ନିର୍ଦ୍ଦେଶକ ରାଜଗୋପାଳ ସିଂ, ସଙ୍ଗୀତ ନିର୍ଦ୍ଦେଶକ ବିକାଶ ଦାସ, ଚିତ୍ରନାଟ୍ୟ ଶୁଭେନ୍ଦୁ ମହାନ୍ତି ଏହି ପୁରସ୍କାର ପାଇଛନ୍ତି।

# ବିଜେବି ଫ୍ରେଣ୍ଡ୍‌ସ ନୂତନ କର୍ମକର୍ତ୍ତାଙ୍କ ଶପଥପାଠ ଉତ୍ସବ




ଶପଥ ପାଠ ଉତ୍ସବରେ ବିଜେବି ଫ୍ରେଣ୍ଡ୍‌ସର କାର୍ଯ୍ୟକାରୀ ସଭାପତି ଭାବେ ବିଶ୍ୱପ୍ରକାଶ ପଟ୍ଟନାୟକଙ୍କ ସହ ନବନିର୍ବାଚିତ କର୍ମକର୍ତ୍ତାମାନେ।

ଭୁବନେଶ୍ୱର,୨୩।୩(ସୁଚିସ୍ମିତା ସାହୁ)

ବିଜେବି ମହାବିଦ୍ୟାଳୟ ପୁରାତନ ଛାତ୍ରୀଛାତ୍ରଙ୍କୁ ନେଇ ଗଠିତ 'ବିଜେବି ଫ୍ରେଣ୍ଡ୍‌ସ'ର ନିର୍ବାଚନ (୨୦୨୬-୨୦୨୮) ଏବଂ ଶପଥ ପାଠ ଉତ୍ସବ ମହାବିଦ୍ୟାଳୟ ଅଧ୍ୟକ୍ଷା ରୀତା ଦାସଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଜେବି ଫ୍ରେଣ୍ଡ୍‌ସର କାର୍ଯ୍ୟକାରୀ ସଭାପତି ଭାବେ ବିଶ୍ୱପ୍ରକାଶ ପଟ୍ଟନାୟକ, ସାଧାରଣ ସମ୍ପାଦକ ରୁଦ୍ର ନାରାୟଣ ସାମନ୍ତରାୟ, କୋଷାଧ୍ୟକ୍ଷ ମିହିର କାନ୍ତ ପ୍ରହରାଜ ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ କମିଟିରେ ୧୨ଜଣ ସଭ୍ୟ ବିଶ୍ୱରଞ୍ଜନ ସାହୁ, ଅରବିନ୍ଦ ପ୍ରସାଦ ବଳ, ଦିଲୀପ କୁମାର ସେନାପତି, ତିରୁପତି ପ୍ରସାଦ ପଣ୍ଡା, ଅମର ମହାପାତ୍ର, ସୁଚିତ୍ରା ସାହୁ, ବିଶ୍ୱ ବିଜୟ ବକ୍ସି ଆଚାର୍ଯ୍ୟ, କଳ୍ପତରୁ ଓଝା, ପ୍ରଦୀପ କୁମାର ସାମଲ, ସ୍ମିତା ସାମନ୍ତରାୟ, ମଳୟ କେତନ ଜେନା ଏବଂ ଦୟାନନ୍ଦ ରଥ ମଧ୍ୟ ନିର୍ବାଚିତ ହୋଇଛନ୍ତି। ସର୍ବସମ୍ମତି କ୍ରମେ ମହାବିଦ୍ୟାଳୟର ଉନ୍ନତି ମୂଳକ କାର୍ଯ୍ୟ ପାଇଁ ସମସ୍ତେ ଶପଥ ନେବା ସହିତ ସଭ୍ୟ ସଂଖ୍ୟା ବୃଦ୍ଧି ପାଇଁ ମଧ୍ୟ ଚେଷ୍ଟା କରିବେ ବୋଲି କହିଛନ୍ତି।

# ଖଡ଼ିଛୁଆଁ ଉତ୍ସବ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପତ୍ର ବଣ୍ଟନ

ବାଲିପାଟଣା,୨୩।୩(ଅଭିମନ୍ୟୁ ନାୟକ): ଏପ୍ରିଲ ୨ରେ ଖଡ଼ିଛୁଆଁ ଓ ସ୍କୁଲ ପ୍ରବେଶ ଉତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ମୁଖ୍ୟମନ୍ତ୍ରୀ ସମସ୍ତ ଅଭିଭାବକଙ୍କୁ ପତ୍ର ଲେଖି ସହଯୋଗ କରିବାକୁ ଅନୁରୋଧ କରିଛନ୍ତି। ସୋମବାର ବାଲିପାଟଣା ବ୍ଲକସ୍ତରରେ ଏହି ପତ୍ର ବଣ୍ଟନ କାର୍ଯ୍ୟକ୍ରମ ସ୍ଥାନୀୟ ତରଡାପଡା ଉପ୍ରା ବିଦ୍ୟାଳୟ ଅଞ୍ଚଳରେ ଆରମ୍ଭ ହୋଇଛି। ବିଡିଓ ଶୁଭ୍ରାଂଶୁ ଶେଖର ପାଢ଼ୀ ଏବଂ ବିଇଓ ଡ.ପ୍ରଭାତ କୁମାର ରଥ ପିଲାଙ୍କ ନାମ ଲେଖାଇବାକୁ ଥିବା ଅଭିଭାବକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣ ପତ୍ର ପ୍ରଦାନ ପୂର୍ବକ ଉତ୍ସାହିତ କରିଥିଲେ। ସିଆର୍‌ସିସି ମମିତା ଦଳାଇ, ଝୁନି ଦେଇ, ପ୍ରଧାନ ଶିକ୍ଷୟିତ୍ରୀ ଅନିତା ଦାସ, ପ୍ରଧାନ ଶିକ୍ଷକ ଜଗବନ୍ଧୁ ଜେନା, ରତ୍ନାକର ବେହେରା, ବଳରାମ ପଣ୍ଡା ଉପସ୍ଥିତ ଥିବାବେଳେ ଏବିଇଓ ଯଶୋଦା ସାହୁ, ବିଜୟ କୁମାର ବେହେରା ସିଆର୍‌ସିସି ଓ ପ୍ରଧାନଶିକ୍ଷୟିତ୍ରୀଙ୍କୁ ନେଇ ଗ୍ରାମ ବୁଲି ପତ୍ର ବଣ୍ଟନ କରିଥିଲେ।

# ବଳିଦାନ ଦିବସରେ ଶହୀଦ ଭଗତ ସିଂଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୨୩।୩(ସୁଚିସ୍ମିତା ସାହୁ)



ଶହୀଦ ଭଗତ ସିଂଙ୍କ ୯୫ତମ ବଳିଦାନ ଦିବସ ଉପଲକ୍ଷେ ଧଉଳି ଚାରୁକଳା ମହାବିଦ୍ୟାଳୟଠାରେ ଗଣ ସାଂସ୍କୃତିକ ମଞ୍ଚ ପକ୍ଷରୁ ଭଗତ ସିଂଙ୍କ ଚିତ୍ର ପ୍ରଦର୍ଶନୀ ଓ ସଭା ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ରାଜେନ୍ଦ୍ର ବର୍ମ୍ମାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ପଞ୍ଚାନନ ସାମଲ ଯୋଗଦେଇ ଚିତ୍ରକଳା ମାଧ୍ୟମରେ ଛାତ୍ରୀଛାତ୍ର ଶହୀଦ ଭଗତ ସିଂଙ୍କ ପ୍ରତି ଯେଉଁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି, ତାହା ସତରେ ନିଆରା। ଅନ୍ୟତମ ବକ୍ତା ଭାବେ ସାଂସ୍କୃତିକ ମଞ୍ଚର ସଙ୍ଗଠିକା ସୁଭ୍ରାଶ୍ରୀ ଦାସ ଭଗତ ସିଂ ସଂଗ୍ରାମୀ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ସଭାପତି ରାଜେନ୍ଦ୍ର ବର୍ମ୍ମା, କଳା ଶିକ୍ଷୟିତ୍ରୀ ସରସି ଦାସ, କଲେଜର ବରିଷ୍ଠ ସହକାରୀ ଅଧ୍ୟାପକ ଲକ୍ଷ୍ମୀଧର ସ୍ୱାଇଁ ଓ ଶିକ୍ଷୟିତ୍ରୀ ଗୀତାଞ୍ଜଳି ପଣ୍ଡା ପ୍ରମୁଖ ବକ୍ତବ୍ୟ ରଖିଥିଲେ। କଳା ଛାତ୍ରୀ ସୁଲୋଚନା ମହାରଣା, ଦିପ୍ତୀମୟୀ ବାରିକ ଓ ପ୍ରକାଶ ପରିଡା, ଦୀପକ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ରେ ସହଯୋଗ କରିଥିଲେ। ନେତାଜୀ ଜୟନ୍ତୀରେ ଅନୁଷ୍ଠିତ ଅନଲାଇନ କଳା ପ୍ରଦର୍ଶନୀରେ ଅଂଶ ଗ୍ରହଣକାରୀଙ୍କୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରାଯାଇଥିଲା।

# ବେଣ୍ଟପୁରରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ

ବାଲିଅନ୍ତା,୨୩।୩ (ନୀଳମାଧବ ସାହୁ)

ବାଲିଅନ୍ତା ବ୍ଲକର ବେଣ୍ଟପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୩୭ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଗ୍ରାମୀଣ ଗୃହ, ଖାଉଟି କାର୍ଡ, ଭତ୍ତା ଓ ଅନ୍ୟାନ୍ୟ ଅଭିଯୋଗ ରହିଥିଲା। ଏହି କାର୍ଯ୍ୟକ୍ରମରେ ବିଡିଓ ରଶ୍ମିତା ନାଥ, ସରପଞ୍ଚ ଗୀତାଞ୍ଜଳି ସାହୁ, ସମିତି ସଭ୍ୟା ଝରଣା ସ୍ୱାଇଁଙ୍କ ସମେତ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ।




ଉଦ୍ୟାନ ସାଥୀଙ୍କୁ ତୁରନ୍ତ କାମ ଯୋଗାଇଦେବା ସହ ବିଭିନ୍ନ ଦାବିରେ ନିଖିଳ ଓଡ଼ିଶା ଉଦ୍ୟାନ ସାଥୀ ସଂଘ ପକ୍ଷରୁ ସୋମବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଗଣଧାରଣା ଅବସରରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ସହରାଞ୍ଚଳରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ସୁଦୃଢ଼ ହେବ

## ଆସନ୍ତା ଶନିବାର ସାରା ରାଜ୍ୟରେ ଅଗ୍ନି ନିରାପତ୍ତା ମକ୍‌ଡ୍ରିଲ

ଭୁବନେଶ୍ୱର, ୨୩।୩ (ବନ୍ଦନା ସେଠୀ)



କର୍ମଶାଳାରେ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢୀଙ୍କ ସହ ଅନ୍ୟ ଅଧିକାରୀମାନେ।

ରାଜ୍ୟର ସହରାଞ୍ଚଳଗୁଡ଼ିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏବଂ ଓଡ଼ିଶା ଅଗ୍ନିଶମ ସେବା ପକ୍ଷରୁ ଏକ ଉଚ୍ଚସ୍ତରୀୟ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ଡ. ସୁଧାଂଶୁ ଷଡ଼ଙ୍ଗୀ ଆଭାସୀ ମାଧ୍ୟମରେ ଯୋଗଦେଇ ସହରାଞ୍ଚଳରେ ଜରୁରିକାଳୀନ ପରିସ୍ଥିତିରେ ମୁକାବିଲା ଏବଂ ବୈଷୟିକ ପ୍ରସ୍ତୁତିକୁ ଅଧିକ ସମନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ନିରାପତ୍ତାମୂଳକ ପଦକ୍ଷେପ, ଆଧୁନିକ ଅଗ୍ନିଶମ ଉପକରଣର ବ୍ୟବହାର ଏବଂ ସାଂଗଠନିକ ପ୍ରସ୍ତୁତି ନେଇ ସେ ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦେବା ସହ ଆସନ୍ତା ଶନିବାର ରାଜ୍ୟବ୍ୟାପୀ ଅଗ୍ନି ନିରାପତ୍ତା ମକ୍‌ଡ୍ରିଲ୍ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢୀ ଅଗ୍ନି ନିରାପତ୍ତାକୁ କେବଳ ଏକ ନିୟମ ପାଳନ ଭାବେ ନ ଦେଖି ସହର ଶାସନ ବ୍ୟବସ୍ଥାର ଅଭିନ୍ନ ଅଙ୍ଗ ଭାବେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ସମସ୍ତ ପୌରାଞ୍ଚଳ 'ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା'ରେ ଅନ୍ତର୍ଭୁକ୍ତ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ନିକଟରେ ଘଟିଥିବା ଅଗ୍ନିକାଣ୍ଡଗୁଡ଼ିକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ପାଇଁ ଆଲୋଚନା ହୋଇଥିଲା। ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ସମସ୍ତ ପୌରସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସମସ୍ତ ମହାନଗର ନିଗମର କମିଶନର, ପୌରପାଳିକା ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀଙ୍କୁ ସେମାନଙ୍କ ଅଞ୍ଚଳରେ ତୁରନ୍ତ ସୁରକ୍ଷା ଅଡିଟ ଏବଂ ସଚେତନତା ଅଭିଯାନ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ମହାନଗର ନିଗମ କମିଶନର, ପୌରପାଳିକା ଏବଂ ବିଜ୍ଞପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଅଗ୍ନିଶମ ଅଧିକାରୀ ଓ ଉପ-ଅଗ୍ନିଶମ ଅଧିକାରୀମାନେ ମଧ୍ୟ ଭର୍ଚ୍ଚୁଆଲରେ ସାମିଲ ହୋଇଥିଲେ।

**ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି**

ଫୁଲନଖରା,(ସତ୍ୟରଞ୍ଜନ ଦାସମହାପାତ୍ର): ପାହାଳ ଥାନା ଅନ୍ତର୍ଗତ ଖୁନକାର ଗ୍ରାମର ଶ୍ରୀଶ୍ରୀ ଭୁକ୍ତେଶ୍ୱର ମହାଦେବଙ୍କ ଏକାଦଶତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ହୋଇଛି। ଗତ ୨୦ ତାରିଖଠାରୁ ଆରମ୍ଭ ହୋଇଥିବା ବିଶ୍ୱଶାନ୍ତି ଗୀତାଯଜ୍ଞ ୨୩ ତାରିଖ ସନ୍ଧ୍ୟାରେ ପୂର୍ଣ୍ଣାହୁତି ହୋଇଛି। ଏହି ଉପଲକ୍ଷେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଭଜନ, ସଂକୀର୍ତ୍ତନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଖୁନକାର ସମେତ ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ଉପସ୍ଥିତ ରହି ଭୁକ୍ତପା ଲାଭ କରିବା ସହ ଅନ୍ନ ପ୍ରସାଦ ସେବନ କରିଥିଲେ। କାର୍ଯ୍ୟକ୍ରମକୁ ଖୁନକାର ଗ୍ରାମବାସୀ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ସିଲିଂ ପଙ୍ଖାରେ ରଶି ଲଗାଇ ମହିଳାଙ୍କ ଆତ୍ମହତ୍ୟା

କଟକ ସଦର,୨୩।୩(ସୁଶାନ୍ତ କୁମାର ଜେନା)

୪୨ ମୌଜା ଥାନା ଅନ୍ତର୍ଗତ ଦେଉଳି ଗ୍ରାମର ଲକ୍ଷ୍ମୀପ୍ରିୟା ବେହେରା(୩୨) ନାମ୍ନୀ ମହିଳା ରବିବାର ରାତିରେ ଘର ପଙ୍ଖାରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ପରେ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲା। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ। ପୋଲିସ ପ୍ରଥମେ ଏକ ଅପମୃତ୍ୟୁ ମାମଲା (ନଂ.୮/୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ୪୮ ମଣ୍ଡଳ ନାମ ସଂକୀର୍ତ୍ତନ ସମାରୋହ ପ୍ରସ୍ତୁତି ବୈଠକ

ଫୁଲନଖରା,୨୩।୩ (ସତ୍ୟରଞ୍ଜନ ଦାସ ମହାପାତ୍ର)

ସିଏମ୍‌ସି ୫୮ନମ୍ବର ୱାର୍ଡ ଅନ୍ତର୍ଗତ ପ୍ରତାପନଗରଠାରେ ଆସନ୍ତା ୨ରୁ ୮ତାରିଖ ପର୍ଯ୍ୟନ୍ତ ମା'ଧାତୁଲେଇ ମହୋତ୍ସବ ଓ ବାଣଯାତ୍ରା ଅନୁଷ୍ଠିତ ହେବ। ଏଥିରେ ୪୮ ଦିଗ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ୩, ୪ ଓ ୫ ତାରିଖ ତିନିଦିନ ଧରି ନାମ ସଂକୀର୍ତ୍ତନ ପରିବେଷଣ କରାଯିବ। ଏ ନେଇ ଏକ ପ୍ରସ୍ତୁତି ବୈଠକ ଧାତୁଲେଇ ପୀଠରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମହନ୍ତ ବନମାଳି ଦାସ, କାର୍ଯ୍ୟକାରୀ ସଭାପତି ଅଜୟ କୁମାର ଦାସ, ଦିଲୀପ ସାମନ୍ତରାୟ, ରବୀନ୍ଦ୍ର ବସ୍ତିଆ, ବିରଞ୍ଚି ନାରାୟଣ ସ୍ୱାଇଁ, ପ୍ରଦୀପ୍ତ କୁମାର ସାହୁ ଓ ଉପେନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### କଂଗ୍ରେସର ସାଙ୍ଗଠନିକ ବୈଠକ

ଫୁଲନଖରା,୨୩।୩ (ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ମହାନଗର ନିଗମ ୫୬ ନମ୍ବର ୱାର୍ଡ ଅନ୍ତର୍ଗତ ଏକ ମଣ୍ଡପରେ ୱାର୍ଡ କଂଗ୍ରେସର ଏକ ବୈଠକ ୱାର୍ଡ ସଭାପତି ସାଗର ବେଉରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଆଗାମୀ ଦିନରେ ସଦର ଅଞ୍ଚଳରେ କଂଗ୍ରେସ କିପରି ସଂଗଠିତ ହୋଇ କାର୍ଯ୍ୟ କରିବ ସେ ନେଇ ଆଲୋଚନା ହୋଇଥିଲା। ଏଥିରେ ମାନସ ଚୌଧରୀ, ବିଶ୍ୱରଞ୍ଜନ ମହାନ୍ତି, ଶିଶିର ରଥ, ରାଜେଶ ସ୍ୱାଇଁ, ମାନସ ପରିଡ଼ା, ରାମଚନ୍ଦ୍ର ଗୋଛାୟତ ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ଏହି ଅବସରରେ ୱାର୍ଡର କେତେଜଣ ଯୁବକ ଦଳରେ ଆନୁଷ୍ଠାନିକ ଭାବେ ଯୋଗଦେଇଥିଲେ। ତନ୍ମୟ ପରିଜା, ବାମନଚରଣ ନାୟକ, ଶରତ ପରିଜା, ବଂଶୀଧର ବେହେରା, ବିଶ୍ୱନାଥ ବେଉରା ପ୍ରମୁଖ ଉପସ୍ଥିତ ଥିଲେ। ଫଟୋ: ବୈଠକରେ ଯୋଗଦେଇଥିବା ଅତିଥିବୃନ୍ଦ।

### ତ୍ରିନାଥ ଦେବଙ୍କ ବାର୍ଷିକୋତ୍ସବ

କଟକ ସଦର,୨୩।୩(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ମହାନଦୀ କୂଳ ନୀମେଇସାପୁର-ଦିଘି ତ୍ରିନାଥ ମନ୍ଦିରର ବାର୍ଷିକୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ସୂର୍ଯ୍ୟପୂଜା ପରେ ଯଜ୍ଞ ଆରମ୍ଭ ହୋଇଥିଲା। କର୍ତ୍ତ୍ରୀ ସରୋଜିନୀ ଦାସ ଓ କର୍ତ୍ତା ପ୍ରଶାନ୍ତ ଦାସ ଯଜ୍ଞରେ ପୂର୍ଣ୍ଣାହୁତି ଦେଇଥିଲେ। ପରେ ସଙ୍କୀର୍ତ୍ତନ ସହ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। କଟକ ସଦର ବ୍ଲକ ଅଧ୍ୟକ୍ଷା ଭାଗ୍ୟ ଲକ୍ଷ୍ମୀ ରାଉତ, ଆୟଓପୁର ସରପଞ୍ଚ ରାକେଶ ବେହେରାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯଜ୍ଞ ସ୍ଥଳ ପରିଦର୍ଶନ କରିଥିଲେ। ରବିବାର କଳସ ଯାତ୍ରା ସହ ସଙ୍କୀର୍ତ୍ତନ ପରିବେଷଣ କରାଯାଇଥିଲା।

### ପୂର୍ବତନ ସମବାୟ ସମିତି ସଭାପତିଙ୍କ ଦେହାନ୍ତ

କଣ୍ଟାପଡା,୨୩।୩(ସୁରନାରାୟଣ ସାହୁ)

କଣ୍ଟାପଡା ବ୍ଲକ ଅନ୍ତର୍ଗତ ବ୍ରାହ୍ମଣସାଇଲୋ ସେବା ସମବାୟ ସମିତିର ପୂର୍ବତନ ସଭାପତି ପ୍ରମୋଦ ପାଢ଼ୀ(୭୦)ଙ୍କ ସୋମବାର ଅପରାହ୍ନରେ ଦେହାନ୍ତ ହୋଇଯାଇଛି। ସ୍ୱର୍ଗତ ପାଢ଼ୀ ଜଣେ ସମାଜସେବୀ ଓ ସ୍ଥାନୀୟ ଏଗାରେଶ୍ୱର ମନ୍ଦିରର ପୂଜକ ଭାବେ ସ୍ଥାନୀୟ ଅଞ୍ଚଳରେ ବେଶ୍ ଜଣାଶୁଣା ଥିଲେ। ଗତ ୨ ମାସ ତଳେ ଏକ ସଡକ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କ ଭାଇ ପ୍ରଶାନ୍ତ ପାଢ଼ୀ ବ୍ରାହ୍ମଣ ସାଇଲୋ ଗ୍ରାମପଞ୍ଚାୟତର ସମିତିସଭ୍ୟ ଅଟନ୍ତି। ମୃତ୍ୟୁଖବର ପାଇ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗନ୍ୟ ବ୍ୟକ୍ତି ତାଙ୍କର ଶେଷଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# ମହିଳା ସ୍ୱାବଲମ୍ବୀ ହେଲେ ସମାଜର ଉନ୍ନତି ହେବ

## ନିଖିଳ ଉତ୍କଳ ମଧୁବୈଶ୍ୟ ସମାଜର ପ୍ରଥମ ରାଜ୍ୟସ୍ତରୀୟ ମହିଳା ସମ୍ମିଳନୀ

କଟକ,୨୩।୩(କାର୍ତ୍ତିକ ସାହୁ)



ରାଜ୍ୟସ୍ତରୀୟ ମହିଳା ସମ୍ମିଳନୀରେ ମଞ୍ଚାସୀନ ଅତିଥି ।

ନିଖିଳ ଉତ୍କଳ ମଧୁବୈଶ୍ୟ ସମାଜର ପ୍ରଥମ ରାଜ୍ୟସ୍ତରୀୟ ମହିଳା ସମ୍ମିଳନୀ ଛତ୍ରବଜାରସ୍ଥିତ ଗଣେଶଜୀଉ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ଓଡ଼ିଶାର ବିଭିନ୍ନ ଜିଲାରୁ ମଧୁବୈଶ୍ୟ ମହିଳାମାନେ ଯୋଗଦେଇଥିଲେ। ମଧୁବୈଶ୍ୟ ସମାଜର ବିଭିନ୍ନ କ୍ଷେତ୍ରରେ ଥିବା ଅନୁନ୍ନତ, ଅବହେଳିତ ଓ ଅନଗ୍ରସର ମହିଳାଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ଏହି ସମ୍ମିଳନୀର ମୁଖ୍ୟ ଆଭିମୁଖ୍ୟ। ସମାଜର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ମହିଳାଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ସମାଜର କୈଳିକ ବୃତ୍ତିକୁ ଆଗକୁ ନେବାରେ ମହିଳାଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଆସିଛି। ଏଣୁ ମହିଳାମାନେ ସ୍ୱାବଲମ୍ବୀ ହେଲେ ସମାଜର ଉନ୍ନତି ହୋଇପାରିବ ବୋଲି ସମ୍ମିଳନୀରେ ମତପ୍ରକାଶ ପାଇଥିଲା। ଉତ୍ସବରେ ସ୍ୱଜାତି ପ୍ରତିଭାମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ନିଖିଳ ଉତ୍କଳ ମଧୁବୈଶ୍ୟ ସମାଜର ସଭାପତି ଦେବେନ୍ଦ୍ର ନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ ଚିକିତ୍ସିକା ଡାକ୍ତର ସେବା ମହାପାତ୍ର ମୁଖ୍ୟ ବକ୍ତା, କଟକ ମେୟର ସୁବାସ ସିଂ ସମ୍ମାନିତ ଅତିଥି, ଭାଜପା ନେତା ନୟନ କିଶୋର ମହାନ୍ତି ସମ୍ମାନିତ ଅତିଥି, ପୂର୍ବତନ ଶିଶୁ ସୁରକ୍ଷା ଅଧିକାର ଆୟୋଗ କମିଶନ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ ସମ୍ମାନିତ ଅତିଥି, ଭାଜପା ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ରଶ୍ମିମୟୀ ପଟ୍ଟନାୟକ ସମ୍ମାନିତ ଅତିଥି, ଜାରକା ମହାବିଦ୍ୟାଳୟ ପ୍ରଫେସର ସାବିତ୍ରୀ ସାହୁ ସମ୍ମାନିତ ଅତିଥି, ରାଜ୍ୟ ମହିଳା ମଧୁବୈଶ୍ୟ ସମାଜର ସଭାନେତ୍ରୀ ସୁଷମା ସାହୁ ଓ ସମ୍ପାଦିକା ଅପର୍ଣ୍ଣା ସାହୁ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ନିଖିଳ ଉତ୍କଳ ମଧୁବୈଶ୍ୟ ସମାଜ ସମ୍ପାଦକ ପ୍ରଶାନ୍ତ କୁମାର ସାହୁ, ରାଜ୍ୟ ଯୁବ ସଙ୍ଗଠନ ସଭାପତି ବିନୋଦ ଚନ୍ଦ୍ର ସାହୁ, ରାଜ୍ୟ ଯୁବ ସମ୍ପାଦକ ଭୀମସେନ ସାହୁ ଓ ରବୀନ୍ଦ୍ର କୁମାର ସାହୁ ସମ୍ମିଳନୀକୁ ପରିଚାଳନା କରିଥିବା ବେଳେ ନିଖିଳ ଉତ୍କଳ ମଧୁବୈଶ୍ୟ ସମାଜର ମିଡିଆ ସଂଯୋଜକ ପ୍ରଭାତ ବିଷୋୟୀ ଧନ୍ୟବାଦ ଅର୍ପଣ କରିଥିଲେ।

# ୩ ସୁନାଚେନ୍ ଲୁଟେରା ଗିରଫ, ୪ ସୁନା ଚେନ ଜବତ

ମଙ୍ଗୁଳି-ଜଗତପୁର,୨୩।୩(ମାନସ ସାମଲ)

ସୁନାଚେନ ଲୁଟ ଅଭିଯୋଗରେ ୩ ପେସାଦାର ସୁନା ଚେନ୍ ଲୁଟେରାଙ୍କୁ ଜଗତପୁର ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କଟକ ପୁରୀଘାଟ ଥାନା ଅଧୀନ କେଶରପୁର ଅଞ୍ଚଳର ଶେଖ ୱାସିଫ (୨୮), ମଙ୍ଗଳାବାଗ ଥାନା ଅଞ୍ଚଳର ଅଲି ଖାନ (୨୨) ଓ ସେଖ ବାବା ଆବାସ ଅଲି (୨୪)। ସେମାନଙ୍କ ନିକଟରୁ ଗୋଟିଏ ବାଇକ ଓ ୪ଟି ସୁନା ଚେନ ପୋଲିସ ଜବତ କରିଛି। ସୂଚନା ଅନୁଯାୟୀ, କଟକ ମଙ୍ଗଳାବାଗ ଥାନା ମାଝି ସାହିର ଅରୁଣ କୁମାର ବେହେରାଙ୍କ ସ୍ତ୍ରୀ ଲିନାରାଣୀ ବେହେରା ତାଙ୍କ ଭାଇଙ୍କ ସହିତ ବାଇକ୍‌ରେ ବାପ ଘର ଜଗତପୁରକୁ ଯାଇଥିଲେ। ସମୟ ପ୍ରାୟ ଅପରାହ୍ନ ୪ଟା ୪୨ରେ ଜଗତପୁର ଆଇ.ବି. ରୋଡସ୍ଥିତ କୃଷ୍ଣ ଗୋପାଳ ସ୍ୱିଟ୍ସ ଷ୍ଟଲ ନିକଟରେ ୨ଜଣ ଦୁର୍ବୃତ୍ତ ବାଇକରେ ଆସି ତାଙ୍କୁ ଅଟକାଇ ତାଙ୍କ ବେକରୁ ପ୍ରାୟ ୧୫ ଗ୍ରାମ ଓଜନର ସୁନା ଚେନ ଛିଣ୍ଡେଇ ନେଇ ଫେରାର ହୋଇଯାଇଥିଲେ। ଏ ନେଇ ସେ ଥାନାରେ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ. ୧୯୦/୨୬) ରୁଜୁ କରି ବିଭିନ୍ନ ଛକରେ ସିସିଟିଭି ଯାଞ୍ଚ କରି ଦୁର୍ବୃତ୍ତଙ୍କ ଗତିବିଧିକୁ ନଜର କରିଥିଲା। ପରେ ସେମାନଙ୍କ ସହ ଅନ୍ୟ ପେସାଦାର ଅଭିଯୁକ୍ତଙ୍କୁ ଗିରଫ କରି ପଚରାଉଚରା ପରେ ସେମାନେ ଏକାଧିକ ସୁନା ଚେନ ଲୁଟ କରିଥିବା ପୋଲିସ ଜାଣିବାକୁ ପାଇଥିଲା।

# ପାଠ ସହିତ ଖେଳକୁ ନିୟମିତ କରିବା ବିଦ୍ୟାର୍ଥୀର ଲକ୍ଷଣ



ଜଣେ କୁନି କ୍ରୀଡା ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

କଣ୍ଟାପଡା,୨୩।୩(ସୁରନାରାୟଣ ସାହୁ)

କଣ୍ଟାପଡାସ୍ଥିତ ପିଏମ୍ ଶ୍ରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ସ୍ମିତାରାଣୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବ୍ଲକ ଶିକ୍ଷାଧିକାରୀ ରବୀନ୍ଦ୍ରନାଥ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାଠ ସହିତ ଖେଳକୁ ନିୟମିତ ଭାବେ ଅଭ୍ୟାସ କରିବା ଜଣେ ଉତ୍ତମ ବିଦ୍ୟାର୍ଥୀର ଲକ୍ଷଣ ବୋଲି କହିଥିଲେ। ଜିଲା କ୍ରୀଡା ମୁଖ୍ୟ ଶିକ୍ଷାଧିକାରୀ ସୁଶ୍ରୀ ସୌଦାମିନୀ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜଣେ ଭଲ କ୍ରୀଡାବିତ ଦେଶର ସମ୍ପତ୍ତି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟର ପୁରୁଷ ଓ ମହିଳା କ୍ରିକେଟ ଦଳର ମୁଖ୍ୟ ପ୍ରଶିକ୍ଷକ ସୁଶାନ୍ତ ବେହେରା, ସ୍ଥାନୀୟ ସରପଞ୍ଚ ନିର୍ମଳ ସାହୁ, ସମିତିସଭ୍ୟ ପବିତ୍ର ସ୍ୱାଇଁ, ଅବସରପ୍ରାପ୍ତ ଚକ୍ଷୁ ଚିକିତ୍ସକ ନିରଞ୍ଜନ ବାରିକ, ବିଦ୍ୟାଳୟ ପରିଚାଳନା ବୋର୍ଡ ସଭାପତି ମନସୁର ଅଲ୍ଲୀ ସା, ଯୁଧିଷ୍ଠିର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ କ୍ରୀଡାର ବିଭିନ୍ନ ବର୍ଗରେ କୃତୀତ୍ୱ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ଦେବାଶିଷ କର, ରାଜା ରଞ୍ଜନ ଦାଶ, ସ୍ମିତାରାଣୀ ସାମନ୍ତରାୟଙ୍କ ସମେତ କ୍ରୀଡା ଶିକ୍ଷୟିତ୍ରୀ ପୂଜାରିଣୀ ସାହୁ ଓ କ୍ରୀଡା ଶିକ୍ଷକ ଅଶୋକ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳନ ପ୍ରସ୍ତୁତି ବୈଠକ



ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅତିଥି।

କଟକ,୨୩।୩(କାର୍ତ୍ତିକ ସାହୁ)

ଜିଲାସ୍ତରୀୟ ଓଡିଶା ଦିବସ ପାଳନ ଉପଲକ୍ଷେ ଜିଲା ପ୍ରଶାସନ ପକ୍ଷରୁ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଚଳିତବର୍ଷ ଓଡିଶା ଦିବସର ଜିଲାସ୍ତରୀୟ କାର୍ଯ୍ୟକ୍ରମ ଏପ୍ରିଲ ୧ ତାରିଖ ସନ୍ଧ୍ୟାରେ ନେତାଜୀ ସଂସ୍କୃତି ଭବନଠାରେ ପାଳନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ବୁଦ୍ଧିଜୀବୀ, ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ବ୍ୟକ୍ତିବିଶେଷ ଏବଂ ଉଲ୍ଲେଖନୀୟ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିଙ୍କୁ ନିମନ୍ତ୍ରଣ କରାଯିବ। ପ୍ରତ୍ୟୁଷରୁ ସହରରେ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯିବ। ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ଏଥିସହ ସହରର ବିଭିନ୍ନ ସ୍ଥାନରେ ତୋରଣ ନିର୍ମାଣ ଓ ସରକାରୀ ଅଟ୍ଟାଳିକାରେ ଆଲୋକ ସାଜସଜ୍ଜା କଟକ ମହାନଗର ନିଗମ ଓ ସମ୍ପୃକ୍ତ ଅନୁଷ୍ଠାନର କର୍ତ୍ତୃପକ୍ଷଙ୍କ ନେତୃତ୍ୱରେ କରାଯିବ। ଜିଲାର ବିଭିନ୍ନ ବିଦ୍ୟାଳୟ, ଆଶ୍ରମ ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର, ଶିଶୁଯତ୍ନ ପ୍ରତିଷ୍ଠାନରେ ପ୍ରଭାତଫେରି ସହ ଓଡିଶା ଦିବସ ପାଳନ କରାଯିବାକୁ ସ୍ଥିର କରାଯାଇଛି। ଚଳିତଥର ନେତାଜୀ ସଂସ୍କୃତି ଭବନ ପରିସରରେ ଓଡ଼ିଶା ନିର୍ମାଣ ଏବଂ ଓଡ଼ିଶାର ବରପୁତ୍ରମାନଙ୍କ ଜୀବନୀ ଆଧାରିତ ଫଟୋଚିତ୍ର ପ୍ରଦର୍ଶନୀର ଆୟୋଜନ କରାଯିବ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଓଡ଼ିଆ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଅତିରିକ୍ତ ଜିଲାପାଳ କମଳଜିତ ଦାସ, ଅତିରିକ୍ତ ଜିଲାପାଳ ଡ. ଦିବ୍ୟଲୋଚନ ମହାନ୍ତ, କଟକ ସଦର ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓଙ୍କ ସମେତ ବିଭିନ୍ନ ବିଭାଗୀୟ ମୁଖ୍ୟ ଉପସ୍ଥିତ ଥିଲେ। ଉପନିର୍ଦ୍ଦେଶକ (କେନ୍ଦ୍ରାଞ୍ଚଳ) ତଥା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ କାର୍ଯ୍ୟକ୍ରମ ଆୟୋଜନ ସମ୍ପର୍କରେ ଆଲୋକପାତ କରିଥିଲେ।

# ୩ ବିଧାୟକଙ୍କ କୁଶପୁତ୍ତଳିକା ଦାହ

କଟକ,୨୩।୩(ଶିକ୍ସା ପ୍ରିୟଦର୍ଶିନୀ)

ରାଜ୍ୟ ସଭା ନିର୍ବାଚନରେ କଟକର ୩ ବିଧାୟକଙ୍କ କ୍ରସ୍ ଭୋଟିଂ କରିବାକୁ ବିରୋଧ କରି ବିଜୁ ଜନତା ଦଳ କଟକ ମହାନଗର ପକ୍ଷରୁ ମାଛୁଆ ବଜାରସ୍ଥିତ ଶହୀଦ ପାର୍କ ନିକଟରେ ପ୍ରତିବାଦ କରାଯାଇଥିଲା। ବିଧାୟକ ସୌଭିକ ବିଶ୍ୱାଳ, ଦେବୀରଞ୍ଜନ ତ୍ରିପାଠୀ ଓ ସୋଫିଆ ଫିର୍ଦ୍ଦୋସଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। କଟକ ମେୟର ସୁବାସ ସିଂ ଓ ବିଜେଡି କଟକ ଜିଲା ସଭାପତି ପ୍ରଫୁଲ୍ଲ ସିଂଙ୍କ ନେତୃତ୍ୱରେ ମହିଳା ଜିଲା ସଭାପତି ଅନିତ ବେହେରା, ସାଧାରଣ ସମ୍ପାଦକ ତାପସ ମହାନ୍ତି, ଉପସଭାପତି ଦେବେନ୍ଦ୍ର କାହାଳି, ଏ. ଶ୍ରୀଦେବୀ, ପ୍ରଦୀପ କୁମାର ରାଉତ, ରିତାଞ୍ଜଳି ବେହେରା, ବନଲତା ପ୍ରଧାନ, ଇତିଶ୍ରୀ ଦାସ, ଦୀପାଞ୍ଜଳି ସିଂ, ବସନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପଟେ କୁଶପୁତ୍ତଳିକା ଦାହ କରିବା ସମୟରେ ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ ଓ ବିଧାୟକ ସୌଭିକଙ୍କ କେତେଜଣ ସମର୍ଥକ ଉକ୍ତ ସ୍ଥାନକୁ ଆସିବାକୁ ଉଦ୍ୟମ କରିବା ସହ ହୋହଲ୍ଲା କରୁଥିବାବେଳେ ଉପସ୍ଥିତ ପୋଲିସ ସେମାନଙ୍କୁ ଅଟକାଇଥିଲା।

# ଟେଟ୍ରାହେଡ୍ରନରେ ଶହୀଦ ଦିବସ ପାଳିତ





ଶହୀଦ ଦିବସ ପାଳନ ଅବସରରେ ଆୟୋଜିତ ଶୋଭାଯାତ୍ରା।

ମଙ୍ଗୁଳି-ଜଗତପୁର,୨୩।୩(ମାନସ ସାମଲ)

ଭାରତ ସରକାରଙ୍କ ପାଇଁ ଭାରତ କଟକ ଓ ଟେଟ୍ରାହେଡ୍ରନ ଶିକ୍ଷା ସମୂହର ମିଳିତ ଆନୁକୂଲ୍ୟରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ମୁଖ୍ୟାଳୟ ଟାଙ୍ଗୀଠାରେ ଅବସ୍ଥିତ ଟେଟ୍ରାହେଡ୍ରନ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍ ଓଲ୍ଡ କ୍ୟାମ୍ପସ ପରିସରରେ ଜିଲାସ୍ତରୀୟ ଶହୀଦ ଦିବସ ସୋମବାର ପାଳିତ ହୋଇଯାଇଛି। ନିଉ କ୍ୟାମ୍ପସରୁ ୩ ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଏକତ୍ରିତ ପଦଯାତ୍ରା କରି ଡ୍ରିମସ ଛକ ପର୍ଯ୍ୟନ୍ତ ଯାଇ ଓଲ୍ଡ କ୍ୟାମ୍ପସକୁ ଆସିଥିଲେ। ପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଟେଟ୍ରାହେଡ୍ରନ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ର ଅଧ୍ୟକ୍ଷ ତ୍ରିଦେବ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପୋଲିସ ଅଧିକାରୀ ବିଜୟ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ବିଭୂତିଭୂଷଣ ସାହୁ, ସମାଜସେବୀ ଜୟନ୍ତ କୁମାର ଦାସ, ହୃଷୀକେଶ ସାମଲ, ପୁରୁଷୋତ୍ତମ ମଲ୍ଲିକ ପ୍ରମୁଖ ଯୋଗଦେଇ ଶହୀଦ ଭଗତ ସିଂହ, ସୁକଦେବ ଥାପା ଓ ଶିବରାମ ରାଜଗୁରୁଙ୍କ ଜୀବନୀ ତଥା ଶହୀଦ ଦିବସର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଯୁବ ସମାଜସେବୀ ଗଙ୍ଗାଧର ବେହେରା ସଭାପତିତ୍ୱ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟକ୍ଷ ବେହେରାଙ୍କ ନେତୃତ୍ୱରେ ଶହୀଦ ଦିବସର ମହତ୍ତ୍ୱ ଉପରେ ଏକ ପ୍ରଚାର ପ୍ରସାର ସୁସଜ୍ଜିତ ଗାଡ଼ି ଟାଙ୍ଗୀ ଚୌଦ୍ୱାରର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା। କାର୍ଯ୍ୟକ୍ରମରେ ଯୁବ ସଙ୍ଗଠକ ବିଶ୍ୱରଞ୍ଜନ ସାହୁ, ରୁଷ୍ୟାନନ୍ଦ ସ୍ୱାଇଁ, ଚୌଧୁରୀ ମାନସ ସାହୁ ଓ ମନୋଜ କୁମାର ବାରିକଙ୍କ ସମେତ ଅନୁଷ୍ଠାନର ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ।

# ନ୍ୟାୟ ପାଇଁ ହିତାଧିକାରୀମାନେ ମନ୍ତ୍ରୀଙ୍କୁ ଭେଟିଲେ



ଭୁବନେଶ୍ୱରଠାରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକଙ୍କୁ ଭେଟି ହିତାଧିକାରୀମାନେ ଅଭିଯୋଗ କରୁଛନ୍ତି।

## କୁମାରପୁର ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଦୁର୍ନୀତି ଘଟଣା

ଖୁଣ୍ଟୁଣୀ, ୨୩।୩(ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ ବ୍ଲକ କୁମାରପୁର ପଞ୍ଚାୟତର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଦୁର୍ନୀତି ଘଟଣା ଏବେ ହଇଚଇ ସୃଷ୍ଟି କରିଛି। କୁମାରପୁର ପଞ୍ଚାୟତର ତାଳପଡ଼ିଆ, ଦଣ୍ଡାପଡ଼ିଆ, କେଳାସାହି ଓ ଦମ୍ପତିପୁର ଗ୍ରାମର ଶତାଧିକ ଆଦିବାସୀଙ୍କ ପ୍ରଧାନମନ୍ତ୍ରୀ ଆବାସ ଗୃହ ନ କରି ପୂର୍ବତନ ବିଧାୟକଙ୍କ ସମର୍ଥକ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରିଛନ୍ତି। ହିତାଧିକାରୀମାନେ ସୋମବାର ଭୁବନେଶ୍ୱରଠାରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଘଟଣାର ଅନୁଧ୍ୟାନ ପରେ ଖୁବ୍‌ଶୀଘ୍ର ଦୁର୍ନୀତିରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟ, ହିତାଧିକାରୀଙ୍କ ଅଭିଯୋଗକ୍ରମେ ଭାଜପା ନେତା ଅଭୟ କୁମାର ବାରିକ ଦୁଇ ଦୁଇ ଥର ଆଠଗଡ ବିଡିଓଙ୍କୁ ଅଭିଯୋଗ କରିବା ପରେ କୌଣସି ପଦକ୍ଷେପ ନ ନେବାରୁ ପଞ୍ଚାୟତିରାଜ ସଚିବ ଏସ୍‌ଏନ୍ ଗିରିଶଙ୍କୁ ଭେଟିଥିଲେ। ସଚିବଙ୍କ ହସ୍ତକ୍ଷେପ ପରେ ଏକ ଉଚ୍ଚସ୍ତରୀୟ ତଦନ୍ତ ସରିଥିଲା। ସ୍ଥାନୀୟ ପ୍ରଶାସନର କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ହେବାରୁ ଶେଷରେ ଭାଜପା ନେତା ଅଭୟ କୁମାର ବାରିକ ୩୨ଜଣିଆ ଆଦିବାସୀ ହିତାଧିକାରୀଙ୍କୁ ନେଇ ପଞ୍ଚାୟତିରାଜ ମନ୍ତ୍ରୀଙ୍କୁ ସାକ୍ଷାତ କରି ସେମାନଙ୍କ ଦୁଃଖ ଜଣାଇଥିଲେ।

# ଧର୍ମ ଜାଗରଣ ପକ୍ଷରୁ ହିନ୍ଦୁ ନବବର୍ଷ

କଟକ,୨୩।୩(କାର୍ତ୍ତିକ ସାହୁ)

ଧର୍ମ ଜାଗରଣ ସମନ୍ୱୟ କଟକ ମହାନଗର ପକ୍ଷରୁ ଶତାବ୍ଦୀ ଭବନଠାରେ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ସଂଗଠନର ସଂଯୋଜକ ମନୋହର ମହନ୍ତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଧର୍ମ ଜାଗରଣ ପୂର୍ବ ଭାରତ କ୍ଷେତ୍ର ପ୍ରମୁଖ ବିନୟ କୁମାର ଭୂୟାଁ, ସମ୍ମାନିତ ଅତିଥି ରୂପେ ପ୍ରାନ୍ତ ସହ ନିଧି ପ୍ରମୁଖ ଧ୍ରୁବ ଚରଣ ବେହେରା ଯୋଗଦେଇ ନବବର୍ଷର ମହତ୍ତ୍ୱ ଆଲୋଚନା କରିଥିଲେ। ଏହି ଅବସରରେ ସମାଜସେବୀ ଡ. ତୋଫାନ ଦାସ ଓ ଆର୍. ରାମବାବୁଙ୍କୁ ହିନ୍ଦୁ ନବବର୍ଷ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ରଦୀପ୍ତ ନାୟକ, ମୃତ୍ୟୁଞ୍ଜୟ ନାୟକ, ସାର୍ଥକ ନାୟକ, ଦୀପକ ସାହୁ, ଗୋପୀନାଥ ସେଠୀ, ସିଭା ମହାନ୍ତି, ସଂଯୁକ୍ତା ପାତ୍ର, ଶିବ ଶଙ୍କର ସାହୁ ପ୍ରମୁଖ ସହଯୋଗ କରିଥିଲେ। ବିଶ୍ୱଜିତ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଶ୍ରାଦ୍ଧବାର୍ଷିକୀରେ ଅମ୍ରିତାଙ୍କୁ ଶ୍ରଦ୍ଧାଞ୍ଜଳି



କଟକ,୨୩।୩(କାର୍ତ୍ତିକ ସାହୁ)

ଶିଖରପୁର ଅଞ୍ଚଳର ଦେବବ୍ରତ ଶତପଥୀଙ୍କ କନିଷ୍ଠା କନ୍ୟା ଅମ୍ରିତା ଶତପଥୀଙ୍କ ଶ୍ରାଦ୍ଧବାର୍ଷିକୀ ସ୍ଥାନୀୟ ଏକ ମଣ୍ଡପରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସ୍ମୃତିସଭାରେ ତାଙ୍କ ବାପାଙ୍କ ସମେତ ମା' ସସ୍ମିତା ଶତପଥୀ, ବଡ଼ ଭଉଣୀ ଦେବସ୍ମିତା ଶତପଥୀ, ଭିଣୋଇ ଗୌରବ କୁମାର ପଣ୍ଡା ଓ ବହୁ ବ୍ୟକ୍ତି, ବନ୍ଧୁବାନ୍ଧବ, ଆତ୍ମୀୟସଜନ ଯୋଗଦେଇ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚନ ହୋଇଥିଲା।

# ବିଗୁଡୁଛି କଟକ ବିଜେଡି ସ୍ଥିତି

- ପୁଣି ଇସ୍ତଫା ଦେଲେ ଆଗଧାଡ଼ିର ୨ ଛାତ୍ର ଓ ଯୁବ ନେତା
- ସଙ୍ଗଠନ ସମ୍ଭାଳିବାର ଆନ୍ତରିକତା ଦେଖାଯାଉନି: ଦେବାଶିଷ
- ହାତଗଣତି ଇସ୍ତଫା ପ୍ରଭାବ ପକାଇବନି: ଜିଲା ସଭାପତି

କଟକ,୨୩।୩(କୁମାରଶ୍ରୀ)

୨୦୨୪ ସାଧାରଣ ନିର୍ବାଚନ ପରଠାରୁ ବିଜେଡିର ସ୍ଥିତିକୁ ନେଇ ବିଭିନ୍ନ ପ୍ରଶ୍ନ ଉଠିଛି। ଦଳର ସାଙ୍ଗଠନିକ ଦାୟିତ୍ୱ କିପରି ସମ୍ଭାଳି ହୋଇପାରିବ ସେନେଇ ନିରନ୍ତର ଭିନ୍ନ ମତ ପ୍ରକାଶ ପାଉଛି। ଦଳର ମୁଖିଆ ନବୀନ ପଟ୍ଟନାୟକଙ୍କୁ ସମର୍ଥନ ଜଣାଉଥିବା କେତେକ ଗୋଷ୍ଠୀ ଭି.କେ. ପାଣ୍ଡିଆନଙ୍କୁ ବିରୋଧ କରି ଏବେ ଦଳ ଛାଡ଼ି ଚାଲିଛନ୍ତି। ରବିବାର ଯୁବ ବିଜେଡିର ପୂର୍ବତନ ନଗର ସଭାପତି ସୌମ୍ୟଦୀପ ଘୋଷ ଇସ୍ତଫା ଦେଇଥିଲେ। ସୋମବାର ପୁଣି ୨ଜଣ ଆଗଧାଡ଼ିର ନେତା ଛାତ୍ର ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ ଈଶ୍ୱର ମହାରଣା ଏବଂ ଯୁବ ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ ଦେବାଶିଷ ସ୍ୱାଇଁ ଇସ୍ତଫା ଦେଇଛନ୍ତି। ଉଭୟ ଇସ୍ତଫା ପତ୍ରରେ ଜଣେ ଅଣଓଡ଼ିଆଙ୍କ ନେତୃତ୍ୱ ପ୍ରସଙ୍ଗକୁ ଉଲ୍ଲେଖ କରିଛନ୍ତି। ଏଭଳି ପରିସ୍ଥିତିରେ କଟକ ବିଜେଡି ଦୋହଲିବାକୁ ଲାଗିଲାଣି ବୋଲି ସାଧାରଣରେ ଆଲୋଚନା ହେଉଛି।

ଗତ ୨୦ ତାରିଖରେ ଯୁବ ଓ ଛାତ୍ର ବିଜେଡିର ୧୦ଜଣ ନେତାଙ୍କୁ ଦଳରୁ ନିଲମ୍ବନ କରାଯାଇଥିଲା। ଯେଉଁଥିରେ କଟକର ୫ଜଣ ଅଛନ୍ତି। ସେମାନେ ହେଲେ ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ଅଶୋକ ମିଶ୍ର, ଶୋଭନ ମହାନ୍ତି, ଅନୁପମ ଶତପଥୀ, ଛାତ୍ର ବିଜେଡିର ଉପସଭାପତି ରଞ୍ଜିତ ଦାସ ଏବଂ ଅବିନାଶ ମହାନ୍ତି। କ୍ରମାଗତ ଭାବେ ଛାତ୍ର ଓ ଯୁବ ନେତାମାନେ ଦଳରୁ ଦୂରେଇ ରହିବାକୁ ଚାହୁଁଛନ୍ତି ବୋଲି ଚର୍ଚ୍ଚା ବଢ଼ିଲାଣି। ଏହି ପରିପ୍ରେକ୍ଷୀରେ ପୂର୍ବତନ ଜିଲା ବିଜେଡି ସଭାପତି ତଥା ରାଜ୍ୟ ସଭା ଏମ୍‌ପି ଦେବାଶିଷ ସାମନ୍ତରାୟଙ୍କୁ ପଚାରିବାରୁ ସେ କହିଛନ୍ତି, ସଙ୍ଗଠନ ସମ୍ଭାଳିବାକୁ ପରିଶ୍ରମ ଆବଶ୍ୟକ। ହେଲେ ଯେଉଁମାନେ ନେତୃତ୍ୱ ନେଉଛନ୍ତି ସେମାନଙ୍କ ପାଖରେ ଆନ୍ତରିକତା ଦେଖିବାକୁ ମିଳୁନି। କେତେଜଣ ହାତଗଣତି ନେତାଙ୍କୁ ଧରି କଟକରେ ବିଜେଡି ସ୍ଥିତି ସୁଦୃଢ଼ କରିବାକୁ ଚେଷ୍ଟା କରିବା ବୃଥା ହେବ। ଦଳର ସ୍ଥିତି ମଜଭୁତ ପାଇଁ ତୃଣମୂଳସ୍ତର ଯୁବ ଓ ଛାତ୍ର ନେତାଙ୍କୁ ମଧ୍ୟ ପ୍ରାଧାନ୍ୟ ଦେବାକୁ ପଡ଼ିବ ବୋଲି ଦେବାଶିଷ କହିଛନ୍ତି। ଅନ୍ୟପଟେ ଜିଲା ବିଜେଡି ସଭାପତି ପ୍ରଫୁଲ୍ଲ କହିଥିଲେ, କଟକରେ ବିଜେଡିର ସ୍ଥିତି ଆହୁରି ଦୃଢ଼ ହେବ। ଏଭଳି କେତେଜଣଙ୍କ ଇସ୍ତଫା କେବେ ବି ଦଳ ଉପରେ ପ୍ରଭାବ ପକାଇବନାହିଁ। ଆଗାମୀ ଦିନରେ ଅନେକ କାର୍ଯ୍ୟକ୍ରମ ଆୟୋଜନ ହେବ। ନୂତନ ଯୁବ ଓ ଛାତ୍ର ନେତା ଦଳ ସମ୍ଭାଳିବେ ବୋଲି ପ୍ରଫୁଲ୍ଲ କହିଛନ୍ତି।

# ସାଇବର ଅପରାଧ ରୋକିବା ସହ ତଦନ୍ତ ପ୍ରକ୍ରିୟାକୁ ଗୁରୁତ୍ୱ

## ପ୍ରଶିକ୍ଷଣ ନେଲେ ପୋଲିସ ଅଧିକାରୀ, କର୍ମଚାରୀ

**ଖୋର୍ଦ୍ଧା,୨୩।୩(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ପୋଲିସ ପକ୍ଷରୁ ଜିଲା ପୋଲିସ କାର୍ଯ୍ୟାଳୟ(ଡିପିଓ)ରେ ୫ଦିନ ବ୍ୟାପୀ ଚାଲିଥିବା ସାଇବର ସଚେତନତା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସାଇବର ଅପରାଧ, ଏହାର ପରିଭାଷା, ଧାରା, ତଦନ୍ତ ପ୍ରକ୍ରିୟା ଏବଂ ତଥ୍ୟ ସଂଗ୍ରହ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଘରୋଇ ବ୍ୟାଙ୍କ ଆଞ୍ଚଳିକ ମୁଖ୍ୟ(ଆର୍ଥିକ ଅପରାଧ ନିବାରଣ) ସୁଶାନ୍ତ ନାୟକ ବ୍ୟାଙ୍କ ସଂକ୍ରାନ୍ତୀୟ ଠକାମି ସମ୍ପର୍କରେ ବୁଝାଇଥିଲେ। ସାଇବର ସୁରକ୍ଷା ବିଶେଷଜ୍ଞ ଲିଙ୍ଗରାଜ ସେଠୀ ଏବଂ ସତ୍ୟସ୍ୱରୂପ ଦାସ ସାଇବର ଅପରାଧ ବିଭିନ୍ନ ଦିଗରେ ଉପରେ ସଚେତନ କରିଥିଲେ। ଜଣେ ବ୍ୟକ୍ତିଙ୍କ ନାଁରେ କେତୋଟି ସିମ୍ କାର୍ଡ ସଂଯୋଗ ରହିଛି ତାହାର ଯାଞ୍ଚ କରିବା ଏବଂ ଚୋରି ହୋଇଥିବା ମୋବାଇଲକୁ ବ୍ଲକ୍ କରିବା ପାଇଁ ସଂଚାର ସାଥୀ ପୋର୍ଟାଲର ବିଭିନ୍ନ ସୁବିଧା ଉପଲବ୍ଧ ଅଛି। ଚୋରି ଯାଇଥିବା ଅଭିଯୋଗକାରୀଙ୍କ ସମ୍ପୂର୍ଣ୍ଣ ଡାଟା ଅପଲୋଡ କରାଯିବ, ସେ ସମ୍ପର୍କରେ ବୁଝାଇଥିଲେ। ଏଥିସହିତ ଅନ୍‌ଲାଇନ ଠକେଇ, ଓଟିପି ଆଧାରିତ ଆର୍ଥିକ ଠକେଇ, ଆର୍ଥିକ ଠକେଇ ତଦନ୍ତ ସମୟରେ ତଥ୍ୟ ସଂଗ୍ରହ, ବ୍ୟାଙ୍କ ଷ୍ଟେଟମେଣ୍ଟରୁ ତଥ୍ୟ ସଂଗ୍ରହ, ଆକାଉଣ୍ଟକୁ ଫ୍ରିଜ୍ କରାଯିବ, ଡିଜିଟାଲ ପ୍ରମାଣ ସନ୍ଧାନ, ଶିଶୁ ଯୌନ ନିର୍ଯାତନା ସାମଗ୍ରୀର ତଦନ୍ତ(ଏନ୍‌ସିଏମ୍‌ଇସି), ଡାଟା ସଜାଡିବା, ସନ୍ଦିଗ୍ଧ ମୋବାଇଲ ନମ୍ବରକୁ ଖୋଜିବା, ସୋସିଆଲ ମିଡିଆ, ବିଭିନ୍ନ ୱେବ୍‌ସାଇଟରୁ ତଥ୍ୟ ସଂଗ୍ରହ, ନେଟୱର୍କ ଡିଭାଇସର ସନ୍ଧାନ, ୱେବ୍‌ସାଇଟ, ଆଇଏମ୍‌ଇଆଇ ଟ୍ରାକର, ଗୁଗଲ ଡାସବୋର୍ଡ, ଗୁଗଲ ଟେକଆଉଟ, ଟ୍ରୁକଲର, ଆଇକନ୍, ଇମେଲ, ହେଡର ଆନାଲାଇଜର ଆଦି ତଥ୍ୟ ସଂଗ୍ରହ ସମ୍ପର୍କରେ ବୁଝାଇଥିଲେ। ସାଇବର ସୁରକ୍ଷା ବିଶେଷଜ୍ଞ ସାଇବର ଆଇନ ସମ୍ପର୍କରେ ବୁଝାଇଥିଲେ। ଆଇଟି, ବ୍ୟାଙ୍କର୍ସ ବୁକ୍ ପ୍ରମାଣ ଆଇନ, ନୂତନ ଫୌଜଦାରି ଆଇନ, ବିଏନ୍‌ଏସ୍‌ଏସ୍, ବିଏସ୍‌ଏ, ମଧ୍ୟସ୍ଥ ନିୟମାବଳୀ, ଜବତ ସମ୍ବନ୍ଧିତ ଆଇନଗତ ବ୍ୟବସ୍ଥା, ବିଶେଷଜ୍ଞଙ୍କ ମତାମତ ସମ୍ପର୍କରେ କହିଥିବା ବେଳେ ଅତିରିକ୍ତ ଏସ୍‌ପି ଆକାଶ ସାହୁ ଓ ବିଶେଷଜ୍ଞ ବିନାୟକ ସାହୁ ବିଭିନ୍ନ ନୋଟିସର ଡ୍ରାଫ୍ଟ, ଚିଠି ଫର୍ମାଟ, ନୋଡାଲ ଅଫିସରଙ୍କ ସହ ଯୋଗାଯୋଗ ବିବରଣୀ ଏବଂ ପୋର୍ଟାଲ ବ୍ୟବହାର, ଇମେଲ ହେଡର ବିଶ୍ଳେଷଣ କରିଥିଲେ।



ସାଇବର ସଚେତନତା ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ପୋଲିସ ଅଧିକାରୀ, କର୍ମଚାରୀମାନେ।

ମେଲ୍ ସମ୍ବନ୍ଧୀୟ ଆପରାଧିକ ଗତିବିଧି, କାର୍ଯ୍ୟପ୍ରଣାଳୀ, ୱେବ୍ ଓ ଆପ୍ ଆଧାରିତ ଇ-ମେଲ ସ୍କାମ୍ ସମ୍ପର୍କରେ କହିଥିଲେ।

ଏସ୍‌ପି ବିବେକାନନ୍ଦ ଶର୍ମା କହିଥିଲେ ଯେ, ଜିଲାରେ ନୂତନ ଭାବେ ସାଇବର ଥାନା ଆରମ୍ଭ ହୋଇଯାଇଛି। ସାଇବର ଠକାମିର ଶିକାର ହେଲେ ତୁରନ୍ତ ସାଇବର ଥାନାରେ ଲିଖିତ ଅଭିଯୋଗ କରନ୍ତୁ। ହେଲ୍ପଲାଇନ ନମ୍ବର ୧୯୩୦ କିମ୍ବା ଜାତୀୟ ସାଇବର ଅପରାଧ ରିପୋର୍ଟ ପୋର୍ଟାଲରେ ଅନଲାଇନ ମାଧ୍ୟମରେ ଅଭିଯୋଗ କରିପାରିବେ। ସାଇବର ଠକାମିର ଶିକାର ହେଲେ ଭୟଭୀତ ହୁଅନ୍ତୁ ନାହିଁ। ଘଟଣା ଘଟିବାର ୨୪ଘଣ୍ଟା ମଧ୍ୟରେ ଅଭିଯୋଗ କରନ୍ତୁ। ଖୋର୍ଦ୍ଧା ପୋଲିସ ପକ୍ଷରୁ ସମସ୍ତ ସହଯୋଗ କରାଯିବ ବୋଲି କହିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ଜିଲାର ସମସ୍ତ ଥାନାରେ କାର୍ଯ୍ୟରତ ପୋଲିସ ଅଧିକାରୀ, କର୍ମଚାରୀ ପ୍ରମୁଖ ପ୍ରଶିକ୍ଷଣ ନେଇଥିଲେ।

# ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି, ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ


ଶିବିରରେ ବିଧାୟକ ପ୍ରଦୀପ ସାହୁ, ଜିଲାପାଳ ଅମ୍ରିତ୍ ରତୁରାଜ ଏବଂ ଅନ୍ୟମାନେ।

**ବୋଲଗଡ଼/କଳାପଥର,୨୩।୩ (ଦେବବ୍ରତ ହୋତା/ ଗଙ୍ଗାଧର ସାହୁ)**

ବୋଲଗଡ଼ ବ୍ଲକ ଅନ୍ତର୍ଗତ ଧଳାପଥର ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ସହ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ବିଧାୟକ ପ୍ରଦୀପ ସାହୁଙ୍କ ଉପସ୍ଥିତିରେ ଜିଲାପାଳ ଅମ୍ରିତ୍ ରତୁରାଜ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମା, ଡେପୁଟି କଲେକ୍ଟର ଭୁବନେଶ୍ୱରୀ କହଁର ପ୍ରମୁଖ ଲୋକମାନଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ମୋଟ୍ ୯୭ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୮୧ଟି ବ୍ୟକ୍ତିଗତ ଏବଂ ୧୬ଟି ଗ୍ରାମ୍ୟ ଓ ସାମୂହିକ ଅଭିଯୋଗ ରହିଥିଲା। ତନ୍ମଧ୍ୟରୁ ୬ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିବା ବେଳେ ଅନ୍ୟ ଅଭିଯୋଗଗୁଡ଼ିକ ସମ୍ପୃକ୍ତ ବିଭାଗୀୟ ତର୍ଜମା ପରେ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ୩ଜଣଙ୍କ ୬୦ହଜାର ଟଙ୍କା ଓ ଜିଲା ରେଡକ୍ରସ ପାଣ୍ଠିରୁ ୨ଜଣଙ୍କୁ ୨୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

ସେହିପରି ଧଳାପଥର ପଞ୍ଚାୟତସ୍ତରୀୟ ଅଭିଯୋଗ ସମାଧାନ ପାଇଁ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଜିଲା ପଞ୍ଚାୟତ ଅଧିକାରୀ ଶ୍ୟାମଲେନ୍ଦୁ ନାୟକଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ବିଡିଓ ସୁମନସୁଧା କୁଣ୍ଡୁ, ତହସିଲଦାର ବିଜୟ ସେଠୀଙ୍କ ସମେତ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ପଞ୍ଜୀକୃତ ୧୧୯ ଅଭିଯୋଗ ମଧ୍ୟରୁ ୧୦୧ଟିର ତତ୍କାଳ ସମାଧାନ କରିଥିଲେ। ଆଉ ୧୮ଟି ଅଭିଯୋଗର ତଦନ୍ତ ଅନୁଯାୟୀ ସମାଧାନ କରିବାକୁ ପ୍ରତିଶ୍ରୁତି ଦିଆଯାଇଛି। ଲୋକଙ୍କ ଅଭିଯୋଗ ପଞ୍ଜୀକରଣ ଓ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସମ୍ପାଦନା ପାଇଁ ଏବିଡିଓ ଡ.ରତିକାନ୍ତ ମିଶ୍ରଙ୍କ ତତ୍ତ୍ୱାବଧାନରେ ବ୍ଲକ ଓ ତହସିଲ କର୍ମଚାରୀମାନେ ଦାୟିତ୍ୱ ନିର୍ବାହ କରିଥିଲେ। ସ୍ଥାନୀୟ ସରପଞ୍ଚ ନାରାୟଣ ସାହୁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଜୟ ଭାନୁ ସେଠୀ ଏବଂ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

## ଭାଇଚାରା ସୃଷ୍ଟି ଉଦ୍ଦେଶ୍ୟରେ ଶୋଭାଯାତ୍ରା

**ଖୋର୍ଦ୍ଧା,୨୩।୩(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଗ୍ରାମର ମଜଲିସ ଅନସାରୁଲ୍ଲା ପକ୍ଷରୁ ମସିହ ମଉଦ ଦିବସ ଉପଲକ୍ଷେ ସକାଳେ ସ୍ୱତନ୍ତ୍ର ନମାଜ ତହଜୁଦ ପାଠ ସହିତ ସଭାପତି ୱସିମ ଅହମ୍ମଦଙ୍କ ଅଧ୍ୟକ୍ଷତାରେ ଗ୍ରାମର ନମାଜ ସେଣ୍ଟରଠାରୁ ବାହାରି କୁମ୍ପିଲୋ, ବରସାହି, ଠାକୁରପଡ଼ା ଓ କୁଣ୍ଡିଲୋ ଗ୍ରାମ ପର୍ଯ୍ୟନ୍ତ ସାଇକେଲ ଶୋଭାଯାତ୍ରା ହୋଇଥିଲା। ଏହି ଶୋଭାଯାତ୍ରାରେ ଭାଇଚାରା ସୃଷ୍ଟି କରିବା ନିମନ୍ତେ ପ୍ରେମ ସଭିଙ୍କ ପାଇଁ ଘୃଣା କାହାକୁ ନାହିଁ, ଯୁଦ୍ଧ ବନ୍ଦ କର, ଧୂମ୍ରପାନ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ, ହିନ୍ଦୁ ମୁସଲିମ ଭାଇ ଭାଇ, ସାରେ ଯାହାଁ ସେ ଆଚ୍ଛା ହିନ୍ଦୁସ୍ତାନ ହମାରା ପରି ପ୍ଲାକାର୍ଡ ଧରି ସାଇକେଲ ଶୋଭାଯାତ୍ରା କରିଥିଲେ। ଏହା ପରେ ରୋଗୀଙ୍କୁ ଭେଟି ଫଳ ବଣ୍ଟନ କରାଯାଇଥିଲା। ଗ୍ରାମ ସଭାପତି ୱସିମ ଅହମ୍ମଦଙ୍କ ସହିତ ସେକ ହଲିମୁଦ୍ଦିନ, ଲିୟାକାତ୍ ଖାଁ, ଶୋଏବ ଅହମ୍ମଦ, ମୌଲବୀ ହଲିମ ଅହମ୍ମଦ, ଅମଜାଦ ଖାଁ, ଅଲିଉଦ୍ଦିନ, ସଗିରୁଦ୍ଦିନ ଖାଁ, ସେକ ଅବଦୁଲ ଲତିଫ, ଫଜଲେ କରିମ ଏବଂ ଇସମାଇଲ ଖାଁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।


ଜଟଣୀ କୁଦିଆରୀସ୍ଥିତ ମା'ଜାଗୁଲାଇଙ୍କ କାତ୍ୟାୟନୀ ଏବଂ ନିରାକାରପୁର ରାମେଶ୍ୱର ପଞ୍ଚାୟତସ୍ଥିତ ମା'ବନଦୁର୍ଗାଙ୍କ ସ୍କନ୍ଦମାତା ବେଶ।
(ଫଟୋ: ରବୀନ୍ଦ୍ରନାଥ ମହାକୁଡ଼ / ମାନସ ଚନ୍ଦ୍ର ପଟ୍ଟନାୟକ)

## ଶ୍ରୀକୃଷ୍ଣ ଚୈତନ୍ୟ ସେବାଶ୍ରମର ବାର୍ଷିକୋତ୍ସବ

**କଳାପଥର,୨୩।୩(ଗଙ୍ଗାଧର ସାହୁ)**

ଉମପଡ଼ା ବ୍ଲକ ଅନ୍ତର୍ଗତ ଢଂସର ପଞ୍ଚାୟତର ଶ୍ରୀକୃଷ୍ଣ ଚୈତନ୍ୟ ସେବାଶ୍ରମରେ ଷୋଡ଼ଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଶ୍ରମର ମହନ୍ତ ଅକିଞ୍ଚନ ମହାରାଜଙ୍କ ପରିଚାଳନାରେ ଗତ ଶନିବାର ଅଧିବାସ ଓ ଭକ୍ତମାନଙ୍କ ଦ୍ୱାରା କୀର୍ତ୍ତନ କାର୍ଯ୍ୟକ୍ରମ ହୋଇଥିଲା। ରବିବାର ଗୌଡ଼ିୟ ବୈଷ୍ଣବ ଆଚାର୍ଯ୍ୟ ଶ୍ରୀଳ ଭକ୍ତିବନ୍ଧୁ ଭିକ୍ଷୁ ମହାରାଜ ପ୍ରବଚନ ଦେଇଥିଲେ। ସୁରେଶ ଚନ୍ଦ୍ର ବେହେରା, ପ୍ରିୟମ୍ବଦା ବେହେରା, ଧନେଶ୍ୱର ବେହେରା, ବଳରାମ ପାଇକରାୟ, ନିବେଦିତା ପାଇକରାୟ, ଏକାଦଶୀ ପ୍ରଧାନ, ଜୟଦେବ ପ୍ରଧାନ, ଜନାର୍ଦ୍ଦନ ରାଉତ, ରଞ୍ଜିତ ଜେନା, ସଞ୍ଜୟ ଜେନା, ଦିଲୀପ ସ୍ୱାଇଁ , ବାଳକୃଷ୍ଣ ମହାପାତ୍ର , ସଞ୍ଜୟ ପତି, ନୀଳମଣି ପଣ୍ଡା, ଗଙ୍ଗାଧର ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

# କ୍ଲଷ୍ଟରସ୍ତରୀୟ ମାସିକ ବୈଠକ



ବୈଠକରେ ଯୋଗଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକ।

**ଟାଙ୍ଗୀ,୨୩।୩(ରଘୁନାଥ ସାହୁ)**

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ନବମ କ୍ଲଷ୍ଟରସ୍ତରୀୟ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସତ୍ୟ ନାରାୟଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲଳିତ ନାରାୟଣ ମହାପାତ୍ର, ପ୍ରିୟଙ୍କା ମହାପାତ୍ର, ସ୍ମିତା ନାୟକ, ସବିତା ପୃଷ୍ଟି, ମୀନାକ୍ଷୀ ବେହେରା, ଓମ୍‌ପ୍ରକାଶିନୀ ନନ୍ଦ, ସ୍ନିଗ୍ଧାରାଣୀ ବେହେରା, ବିଷ୍ଣୁପ୍ରିୟା ଜେନା, ସନ୍ଧ୍ୟାରାଣୀ ବେହେରା, ରଶ୍ମିତା ସେଠୀ, ଦୀପିକା ମଣ୍ଡଳ, କାଦମ୍ବିନୀ ବେହେରା, ଶ୍ରୀୟା ଦେଇ, ଯଶୋଦା ଦେଈ, ପ୍ରିୟଙ୍କା ପ୍ରିୟଦର୍ଶିନୀ ବେହେରା, ଚନ୍ଦନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ପୂର୍ବ ବୈଠକର ବିଷୟବସ୍ତୁ, ଶିକ୍ଷଣ ସୋପାନ ରେଜିଷ୍ଟର, ସମାପ୍ତି ସୂଚକ ମାନ ନିର୍ଦ୍ଧାରଣ ଫଳାଫଳ ବିଶ୍ଳେଷଣ ଏବଂ ପରବର୍ତ୍ତୀ ପଦକ୍ଷେପ, ଶିକ୍ଷଣ ପ୍ରସ୍ତୁତି କାର୍ଯ୍ୟକ୍ରମ, ବିଦ୍ୟାଳୟ ପରିଦର୍ଶନ ପ୍ରବେଶ ଉତ୍ସବ ଖଡ଼ିଛୁଆଁ ଏବଂ ଗ୍ରୀଷ୍ମକାଳୀନ ଶିକ୍ଷଣ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ଶିକ୍ଷୟିତ୍ରୀ ସ୍ୱାଗତିକା ରାଜ ଧନ୍ୟବାଦ ଅର୍ପଣ କରିଥିଲେ। ପାଠିକା ଗାୟତ୍ରୀ ବିଶ୍ୱାସ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ମନୋରମା ସାହୁ ଏବଂ ରୂପାଲୀ ପାତ୍ରଙ୍କ ତତ୍ତ୍ୱାବଧାନରେ ଶିଶୁମାନେ ନୃତ୍ୟ ପ୍ରଦର୍ଶନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୀଣାପାଣି ମଣ୍ଡଳ, ରତ୍ନୁ ମଣ୍ଡଳ, ମଳିନା ମଣ୍ଡଳ, ରାଜେଶ୍ୱରୀ ହାଲଦାର, ଭାରତୀ ଦେଈ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ପୂର୍ବତନ ଦୁର୍ଗପତି ଅରବିନ୍ଦ ନାଥ ମିତ୍ରଙ୍କ ପରଲୋକ

**ଖୋର୍ଦ୍ଧା୨୩।୩(ପ୍ରଭାତ ପାଣିଗ୍ରାହୀ)**

ପୂର୍ବତନ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ରଙ୍କ ବଡ଼ଭାଇ ତଥା ପୂର୍ବତନ ଦୁର୍ଗପତି, ପୋଲିସ ଟ୍ରେନିଂ କଲେଜର ଅଧ୍ୟକ୍ଷ ଅରବିନ୍ଦ ନାଥ ମିତ୍ରଙ୍କ ରବିବାର ପରଲୋକ ହୋଇଯାଇଛି। ତାଙ୍କୁ ୭୯ବର୍ଷ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପୁଅ, ଝିଅ, ଜ୍ୱାଇଁ ଉପସ୍ଥିତ ଥିଲେ। ଖୋର୍ଦ୍ଧା ଜେଲରୋଡ ସ୍ଥିତ ବାସଭବନକୁ ତାଙ୍କ ମରଶରୀରକୁ ଅଣାଯାଇଥିଲା। ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ପୌର ପରିଷଦର ଉପାଧ୍ୟକ୍ଷ ସୌମ୍ୟରଞ୍ଜନ ମହାନ୍ତି, ଦେବପ୍ରସାଦ ମଜୁମଦାର, ଶକ୍ତିଶଙ୍କର ମିଶ୍ର, ବିମଳ ଷଡ଼ଙ୍ଗୀ, ଉମାଶଙ୍କର ପ୍ରସାଦ, ଲକ୍ଷ୍ମୀନାରାୟଣ ଭଞ୍ଜ, ସତ୍ୟବ୍ରତ ଦାସ ପ୍ରମୁଖ ଶ୍ରଦ୍ଧାସୁମନ ଜଣାଇଥିଲେ।

# ବିଲ ଭିତର ଦେଇ ମାଉସୀମା' ମନ୍ଦିର ପର୍ଯ୍ୟନ୍ତ ଟଣାଯାଏ ବିଜୟା ରଥ

## ବଡ଼ଭାଇ, ଭାଉଜଙ୍କୁ ନେଇ ଯାତ୍ରା କରନ୍ତି କପିଳେଶ୍ୱର ଦେବ

**ଖୋର୍ଦ୍ଧା,୨୩।୩(ପ୍ରଭାତ ପାଣିଗ୍ରାହୀ)**

ଉତ୍କଳୀୟ ସଂସ୍କୃତି ପରମ୍ପରାର ଏକ ନିଆରା ରଥଯାତ୍ରା ହେଉଛି ଖୋର୍ଦ୍ଧା ଜିଲା ବିଜେଡିଆସ୍ଥିତ କପିଳେଶ୍ୱର ଦେବଙ୍କ ବିଜୟା ରଥଯାତ୍ରା। ଏହି ପରମ୍ପରା ବହୁ ପ୍ରାଚୀନ। କପିଳେଶ୍ୱର ଦେବଙ୍କ ବିଜୟା ରଥକୁ ଗହିର ବିଲରେ ଟାଣି ମାଉସୀ ମା'ମନ୍ଦିର ପର୍ଯ୍ୟନ୍ତ ନିଆଯାଇଥାଏ। ସେହିପରି ବିଳମ୍ବିତ ରାତିରେ ବାହୁଡ଼ା ଯାତ୍ରା ଆୟୋଜିତ ହୋଇଥାଏ। ତେବେ ଏହି ପରମ୍ପରା କେବେଠୁ ଚାଲିଛି, କାହିଁକି ମଧ୍ୟରାତ୍ରରେ ରଥ ଟଣାଯାଏ, ତାହାର କୌଣସି ସଠିକ ତଥ୍ୟ ନ ଥିବା ବେଳେ ଦୀର୍ଘ ବର୍ଷର ପରମ୍ପରା ଆଜି ବି ଉଜ୍ଜୀବିତ ରହିଛି।

ଗବେଷକଙ୍କ ମତରେ ଶ୍ରୀଜଗନ୍ନାଥ ସଂସ୍କୃତି ସହ ଏହି ମନ୍ଦିର ସମ୍ପର୍କ ରହିଛି। ଗଜପତିଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ମନ୍ଦିରରେ ରଥଯାତ୍ରା ଉପଲକ୍ଷେ ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ଆଜ୍ଞାମାଳ ଆସିଥାଏ। ପରେ ରଥଯାତ୍ରା ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥାଏ। ମନ୍ଦିର ପରିଚାଳନା କମିଟି ପକ୍ଷରୁ ନିମନ୍ତ୍ରଣ ପାଇ ନିକଟସ୍ଥ ମଧୁବନ ଗ୍ରାମର ବିଶ୍ୱକର୍ମାମାନେ ରଥ ନିର୍ମାଣ କରିଥାନ୍ତି। ଅଷ୍ଟମୀ ଦିନ ପୂର୍ବାହ୍ନରେ ରଥ ପ୍ରତିଷ୍ଠା ହୋଇଥାଏ। କପିଳେଶ୍ୱର ଦେବଙ୍କ ପକ୍ଷରୁ ପରିଚାଳନା କମିଟି ଦ୍ୱାରା ଆମନ୍ତ୍ରିତ ହୋଇ ଅପରାହ୍ନ ୩ଟା ସୁଦ୍ଧା ଆରଡ଼ି ଗ୍ରାମବାସୀଙ୍କ ଦ୍ୱାରା ପଟୁଆରରେ କପିଳେଶ୍ୱର ଦେବଙ୍କ ବଡ଼ଭାଇ ଗ୍ରାମେଶ୍ୱର ଦେବ ଓ ଭାଉଜ ମାତା ପାର୍ବତୀ ପଟୁଆରରେ ଆସି ମନ୍ଦିର ନିକଟ ବିଜୟା ମଣ୍ଡପରେ ବିଜେ କରନ୍ତି। ଏହି ସମୟରେ ସ୍ୱ ମନ୍ଦିରରୁ କପିଳେଶ୍ୱର ଦେବ ପହଣ୍ଡିରେ ଆସି ଉକ୍ତ ମଣ୍ଡପରେ ବିଜେ କରନ୍ତି। ଦେବନୀତି ସମ୍ପନ୍ନ ହେବା ପରେ ଗ୍ରାମବାସୀଙ୍କ ଦ୍ୱାରା ଚୁଡ଼ାଘଷା ଲାଗି କରାଯାଏ। ପରେ ତିନି ଠାକୁର ପହଣ୍ଡି ହୋଇ ୩ଥର ପରିକ୍ରମା କରି ରଥାରୂଢ଼ ହୋଇଥାନ୍ତି। କପିଳେଶ୍ୱର ଦେବ ବଡ଼ଭାଇ ଓ ଭାଉଜଙ୍କୁ ଧରି ଶ୍ରଦ୍ଧାଳୁଙ୍କ ଗହଣରେ ଯାତ୍ରା କରିଥାନ୍ତି। ପ୍ରଥମେ ପ୍ରଶାସନିକ ଅଧିକାରୀମାନେ ରଥ ଟାଣିବା ପରେ ଶ୍ରଦ୍ଧାଳୁମାନେ ଟାଣିଥାନ୍ତି। ଡିଆ, ନିରାକାରପୁର, ରାମେଶ୍ୱର ସମେତ ଆଖପାଖ ଅଞ୍ଚଳର ଲୋକଙ୍କ ସମାଗମ ହୋଇଥାଏ। ଯାତ୍ରା ପଡିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଭଜନ ସମାରୋହ ହୋଇଥାଏ। ସେହିପରି ଦ୍ୱାଦଶୀ ତିଥିରେ ବାହୁଡ଼ା ପର୍ବ ଆରମ୍ଭ ହୋଇଥାଏ। ସମସ୍ତ ଦେବନୀତି ସମ୍ପନ୍ନ ହେବା ପରେ ଠାକୁରମାନେ ପଟୁଆରରେ ଆସି ପଣାକିଆରିରେ ପହଞ୍ଚି ରଥାରୂଢ଼ ହୁଅନ୍ତି। ପରିଚାଳନା କମିଟି ପକ୍ଷରୁ ପଣାଭୋଗ ଲାଗି କରାଯାଏ। ପରେ ଗହିର ବିଲ ଦେଇ ମଧ୍ୟରାତ୍ରିରେ ରଥଟଣା ଯାଏ। ଏହା ହେଉଛି ଏହି ଯାତ୍ରାର ନିଆରା ପରମ୍ପରା। ଭେଟବାଲି ନିକଟରେ ରଥ ପହଞ୍ଚିବା ପରେ ଗୋପାଳମାନଙ୍କ ଦ୍ୱାରା ପଣା ଭୋଗ କରାଯାଇ ଟଥ ଟଣାଯାଏ। ରଥ କିଛିବାଟ ଯିବା ପରେ ମା'ନାରାୟଣୀ ସୁସଜ୍ଜିତ ବିମାନରେ ଆସି ଭାଇ, ଭାଉଜଙ୍କୁ ବନ୍ଦାପନା କରିବା ସହିତ ରଥର ଏକ ଅଂଶକୁ ଭାଙ୍ଗି ସ୍ୱ ମନ୍ଦିର ପ୍ରତ୍ୟାବର୍ତ୍ତନ କରିଥାନ୍ତି। ପରେ ରଥ ଟଣାଯାଇ ମନ୍ଦିର ନିକଟରେ ପହଞ୍ଚିବା ବେଳକୁ ସକାଳ ହୋଇଯାଇଥାଏ। ଆମନ୍ତ୍ରିତ ଗ୍ରାମେଶ୍ୱର ଦେବ ଓ ମାତା ପାର୍ବତୀଙ୍କୁ ବିଦାୟ ଦିଆଯାଇଥାଏ। କପିଳେଶ୍ୱର ଦେବ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରନ୍ତି। ଏହି ସମୟରେ ଗଜପତିଙ୍କ ଦ୍ୱାରା ନିୟୋଜିତ ଦଳବେହେରାଙ୍କୁ ଶିରିପା ପ୍ରଦାନ କରାଯାଏ। ଗବେଷକଙ୍କ ମତରେ ଶୈବ ଓ ଶାକ୍ତ ପରମ୍ପରା ଏହା ଏକ ଅନନ୍ୟ ନିଆରା ପର୍ବ। ଦୀର୍ଘ ବର୍ଷ ଧରି ଏହି ପରମ୍ପରା ଚାଲିଆସୁଛି। ଭାଇଚାରା, ସମ୍ପର୍କର ସେତୁ ଯୋଡ଼ିଥାଏ।

# ଟାଙ୍ଗୀ ଅଞ୍ଚଳର ୩ ଛକରେ ନାହିଁ ଟ୍ରାଫିକ ପୋଷ୍ଟ



**ଟାଙ୍ଗୀ,୨୩।୩(ରଘୁନାଥ ସାହୁ)**

ଟାଙ୍ଗୀ ଚାନ୍ଦପୁର ବଜାର ଦେଇ ଯାଇଥିବା ୪କିମି ୭ଶହ ମିଟର ପୂର୍ତ୍ତ ବିଭାଗ ରାସ୍ତାକୁ ସମ୍ପ୍ରସାରଣ କରାଯାଇ ୪ଲେନ୍ ବିଶିଷ୍ଟ ରାସ୍ତା କାର୍ଯ୍ୟ ଚାଲିଛି। ତେବେ ଟାଙ୍ଗୀ ଅଞ୍ଚଳର ଜନଗହଳିପୂର୍ଣ୍ଣ ବ୍ଲକ ଛକ, କାଲୁପଡ଼ା ରାସ୍ତା ଛକ, ମଙ୍ଗଳାଯୋଡ଼ି ଛକରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ କୌଣସି ବ୍ୟବସ୍ଥା କରାଯାଇନାହିଁ। ଫଳରେ ପ୍ରତ୍ୟେକ ଦିନ ଛୋଟବଡ଼ ଦୁର୍ଘଟଣା ଘଟିବା ସହ ଟ୍ରାଫିକ ଜାମ୍ ଦେଖାଯିବାର ସମ୍ଭାବନା ରହିଛି। ପକ୍ଷୀବିହାର ମଙ୍ଗଳାଯୋଡ଼ିକୁ ପର୍ଯ୍ୟଟକମାନେ ବିଦେଶାଗତ ପକ୍ଷୀ ଦେଖିବା ପାଇଁ ଆସିଥାନ୍ତି। ଜାତୀୟ ରାଜପଥରୁ ଏହି ରାସ୍ତାଦେଇ ପର୍ଯ୍ୟଟକମାନେ ମଙ୍ଗଳାଯୋଡ଼ି ଯାଇଥାନ୍ତି। କିନ୍ତୁ ଛକରେ ଯାନବାହନ ନିୟନ୍ତ୍ରଣ ପାଇଁ ଟ୍ରାଫିକ ପୋଷ୍ଟ କରିବା ପାଇଁ ବ୍ୟବସ୍ଥା କରାଯାଇନାହିଁ। ଟାଙ୍ଗୀ ଥାନା ନିକଟ କାଲୁପଡ଼ା ରାସ୍ତା ଛକ ଦେଇ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, କାଲୁପଡ଼ା ସମେତ ଜରିପଡା, ସୋରଣ, ମାନସିଂହପୁର ଜନସାଧାରଣ, ଚିଲିକା ପେଣ୍ଠକୁ ମାଛ ବ୍ୟବସାୟୀ ଓ କାଲୁପଡାକୁ ହାଡଭଙ୍ଗା ରୋଗୀ ଯାତାୟାତ କରିଥାନ୍ତି। ଏଠାରେ ମଧ୍ୟ ଯାନବାହନ ନିୟନ୍ତ୍ରଣ ପାଇଁ ଟ୍ରାଫିକ ପୋଷ୍ଟର ଆବଶ୍ୟକ ରହିଛି। ସେହିପରି ବ୍ଲକ ଛକରେ ସବୁବେଳେ ଜନଗହଳି ରହିଥାଏ। ଏହା ଏକ ଚାରିଛକ ଭାବେ ପରିଚିତ। ଏହି ଛକଦେଇ ବଡ଼ପାରୀ, ରାମଚନ୍ଦ୍ରପୁର ପଞ୍ଚାୟତର ଜନସାଧାରଣ ଯାତାୟାତ କରିଥାନ୍ତି। ଏଠାରେ ମଧ୍ୟ ଟ୍ରାଫିକ ନିୟନ୍ତ୍ରଣର ଆବଶ୍ୟକ ରହିଛି। ରାସ୍ତା କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ବେଳେ ଟାଙ୍ଗୀ ପଞ୍ଚାୟତ ପକ୍ଷରୁ ଉପରୋକ୍ତ ୩ଟି ଛକକୁ ଅଧିକ ସମ୍ପ୍ରସାରିତ କରି ଟ୍ରାଫିକ ପୋଷ୍ଟ ନିର୍ମାଣ କରିବା ପାଇଁ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବଙ୍କୁ ଲିଖିତଭାବେ ଦାବି କରାଯାଇଥିଲା। ଏବେ ରାସ୍ତା କାର୍ଯ୍ୟ ଚାଲିଥିଲେ ମଧ୍ୟ ଏହି ଛକଗୁଡ଼ିକରେ ଯାନବାହନ ନିୟନ୍ତ୍ରଣ ପାଇଁ କୌଣସି ବ୍ୟବସ୍ଥା କରାଯାଇ ନାହିଁ। ତେଣୁ ଏହି ଜନଗହଳିପୂର୍ଣ୍ଣ ଛକରେ ଟ୍ରାଫିକ ପୋଷ୍ଟ ନିର୍ମାଣ ପାଇଁ ସାଧାରଣରେ ଦାବି ହେଉଛି।

# 'ସମାଜକୁ ପରିବର୍ତ୍ତନ କରିପାରିବ ସାହିତ୍ୟ'

## କୃଷ୍ଣଚୂଡ଼ା ଓ ଶ୍ୱେତପଦ୍ମା ସାହିତ୍ୟ ସଂସଦର ବାର୍ଷିକୋତ୍ସବ

**ବେଗୁନିଆ,୨୩।୩(ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ବ୍ଲକର ଶ୍ୱେତପଦ୍ମା ସାହିତ୍ୟ ସେବା ସଂସଦ ଏବଂ କୃଷ୍ଣଚୂଡ଼ା ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଦରମହକୁମା ସ୍ଥିତ ଭରସା ଚାରି ଟେବୁଲ ଟ୍ରଷ୍ଟ ପରିସରରେ ରବିବାର ଆୟୋଜିତ ସାହିତ୍ୟ ଆସର ସମାରୋହରେ ଅନୁଷ୍ଠାନର ସଭାପତି ଭାଗୀରଥି ପରିଡ଼ା ଅଧ୍ୟକ୍ଷତା କରିଥିଲେ। ଏଥିରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ବିଭାଗ ପ୍ରଫେସର ଡ.ବୈରାଗୀ ଚରଣ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ.ପବିତ୍ର କୁମାର ସୁବୁଦ୍ଧି ମୁଖ୍ୟ ବକ୍ତା ଏବଂ ଅବସରପ୍ରାପ୍ତ ଜିଲା ଶିକ୍ଷା ନିରୀକ୍ଷକ କାଳନ୍ଦୀ ଚରଣ ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ କୃଷ୍ଣଚୂଡ଼ା ସାହିତ୍ୟ ସଂସଦର ସମ୍ପାଦକ ଗୋପୀନାଥ ସେଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶ୍ୱେତପଦ୍ମା ସାହିତ୍ୟ ସଂସଦର ସମ୍ପାଦିକା ସୁଶ୍ରୀ ପ୍ରତିମା ପ୍ରଧାନ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସାହିତ୍ୟ ଓ ସମାଜ ମଧ୍ୟରେ ସମ୍ପର୍କ ଅତି ନିବିଡ଼। ସାମ୍ପ୍ରତିକ ସମାଜରେ ସାହିତ୍ୟ ହେଉଛି ଦର୍ପଣ ସ୍ୱରୂପ। ଯେଉଁଥିରେ ରୂପ, ଚିନ୍ତା, ଚେତନା ଓ ସଂସ୍କୃତି ପ୍ରତିଫଳିତ ହୋଇଥାଏ। ତେବେ ସାହିତ୍ୟ ମାଧ୍ୟମରେ ହିଁ ସମାଜକୁ ପରିବର୍ତ୍ତନ କରାଯାଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଆୟୋଜିତ କବିତା ଆସରରେ ବସନ୍ତ ରଣସିଂହ, ବାସନ୍ତୀ ପ୍ରଧାନ, ଇଂ.ପଦ୍ମନାଭ ପରିଡ଼ା, ଶ୍ରୀବତ୍ସ ପାଣିଗ୍ରାହୀ, ଦିଲୀପ ପାଣିଗ୍ରାହୀ, ପ୍ରକାଶ ସେଠୀ, ମମତା ମଞ୍ଜରୀ ଦେବୀ, ହରପ୍ରିୟା ଦ୍ୱିବେଦୀ, ଲାଲା ଦିଲୀପ କୁମାର ରାୟ, ରାଧାମଣି ସାହୁ, ନୃସିଂହ ଛୋଟରାୟ, ବାସୁଦେବ ବେହେରା, ରବିନାରାୟଣ ମଙ୍ଗରାଜ, ସବିତା ଶୁକ୍ଳା, କୋଷାଧ୍ୟକ୍ଷ ସୋମନାଥ ସାହୁ, ଲକ୍ଷ୍ମୀଧର ମହାରଣା, କବୟିତ୍ରୀ ଗୀତାଞ୍ଜଳି ମହାପାତ୍ର, ନିତ୍ୟାନନ୍ଦ ସାହୁ, ପରମାନନ୍ଦ ସ୍ୱାଇଁ, ଘନଶ୍ୟାମ ରାଉତ, ମିହିର ଆଚାର୍ଯ୍ୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ। କବି କାଶୀନାଥ ପଟ୍ଟନାୟକ ଓ ନିଶିକାନ୍ତ କହଲସିଂହ ସଂଯୋଜନା କରିଥିଲେ। ଏହି ଅବସରରେ କବି ଗଙ୍ଗାଧର ଓଝାଙ୍କ ଲେଖନୀରୁ ପୁସ୍ତକ 'ପ୍ରୀତି ମାଧୁରୀ ' ଏବଂ ଅନୁଷ୍ଠାନର ସଭାପତି ଭାଗୀରଥିଙ୍କ ଲେଖନୀରୁ କବିତା ସଙ୍କଳନ ଉନ୍ମୋଚନ ହୋଇଥିଲା। ସହ ସମ୍ପାଦକ ଜଗଦୀଶ ଚନ୍ଦ୍ର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।


ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ସୁନାଚେନ ଲୁଟ୍, ୨ ଗିରଫ

ପୁରୀ,(ଅଜିତ୍ କୁମାର ମହାନ୍ତି)- ଭକ୍ତଙ୍କ ବେକରୁ ସୁନା ଚେନ ଲୁଟ ଅଭିଯୋଗରେ ସିଂହଦ୍ୱାର ଥାନା ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ପଶ୍ଚିମବଙ୍ଗର ଲଳିତା ମୁଦୁଲା ଏବଂ ଦେବ ମୁଦୁଲା। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ଲୁଟ ସୁନା ଚେନ୍ ସହ କଟର ଜବତ କରିଛି। ଏନେଇ ପୋଲିସ କେସ୍ ନଂ ୭୩/୫୬ରେ ଏକ ମାମଲା ରୁଜୁ କରିଛି। ପୋଲିସର ସୂଚନା ଅନୁଯାୟୀ, କେ ଚନ୍ଦନାମ ଅଭିଯୋଗ କରିଛନ୍ତି ଯେ, ସେ ତାଙ୍କ ପରିବାର ସହ ଠାକୁରଙ୍କ ଦର୍ଶନ କରିବାକୁ ଆସି ଲାଇନରେ ଠିଆ ହୋଇଥିବା ବେଳେ ଅଭିଯୁକ୍ତମାନେ ଆସି ତାଙ୍କ ମଝିରେ ଠିଆ ହୋଇ ସୁନାଚେନ କାଟି ନେଇଥିଲେ। ଏହା ଦେଖି ତାଙ୍କୁ ଅଟକାଇ ପୋଲିସ ଜିମା ଦେଇଥିଲେ। ପୋଲିସ ଦୁଇଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୩।୩।୨୦୨୬

| | |
|---|---|
| ୪,୯୯,୨୫୪ ଟଙ୍କା | |
| ସୁନା | ୨ ଗ୍ରାମ୍ |
| ରୁପା | ୬୨.୪୦୦ ଗ୍ରାମ୍ |

## ସଂକ୍ଷେପରେ

### ଜଗନ୍ନାଥଙ୍କୁ ପୁଣି ଅପମାନ

ପୁରୀ,୨୩।୩(ଅଜିତ୍ କୁମାର ମହାନ୍ତି)

ଜଗନ୍ନାଥଙ୍କୁ ପୁଣି ଅପମାନ କରାଗଲା ଭଳି ଫଟୋ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଛି, ଯାହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଦେଖିବାକୁ ମିଳିଛି। ଜଣେ ବ୍ୟକ୍ତି ହାତରେ ମହାପ୍ରଭୁଙ୍କ ଚିତ୍ର ଥିବା ଟାଟୁ କରିଛନ୍ତି। ତେବେ ଏହି ଫଟୋକୁ ରକି ଟାଟୁଜ୍ ନାମକ ଏକ ଟାଟୁ ଦୋକାନୀ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ଏପରି ମହାପ୍ରଭୁଙ୍କ ଫଟୋକୁ ଦେହରେ ଆଙ୍କିବାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇବା ସହ ଏପରି କାର୍ଯ୍ୟ ପାଇଁ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି।

### ବ୍ରାଉନ୍‌ସୁଗାର ଜବତ, ୨ ଗିରଫ

ପୁରୀ,୨୩।୩(ଅଜିତ୍ କୁମାର ମହାନ୍ତି)

ବ୍ରାଉନ୍‌ସୁଗାର ବିକ୍ରି ଅଭିଯୋଗରେ ବଳିଆପଣ୍ଡା ଥାନା ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଟାଉନ୍ ଥାନା ଅନ୍ତର୍ଗତ ଦାମୋଦର ରୋଡ୍‌ର ବଳଭଦ୍ର ଜେନା(୨୨) ଏବଂ ଜମ୍ବେଶ୍ୱର ମନ୍ଦିର ନିକଟର ବଳଭଦ୍ର ମହାନ୍ତି(୩୫)। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ୧୨.୫ ଗ୍ରାମ୍ ବ୍ରାଉନ୍‌ସୁଗାର, ବାଇକ୍, ମୋବାଇଲ୍ ଏବଂ ୫୫୦ ଟଙ୍କା ଜବତ କରିଛି। ଏନେଇ ପୋଲିସ କେସ୍ ନଂ.୭୩/୨୬ରେ ଏକ ମାମଲା ରୁଜୁ କରିଛି। ପୋଲିସର ସୂଚନା ଅନୁଯାୟୀ, ଷ୍ଟର୍ଲିଂ ଛକ ନିକଟରେ ବ୍ରାଉନ୍‌ସୁଗାର ଅଭିଯୁକ୍ତଙ୍କ ନିକଟରୁ ଜବତ କରି ଥାନାକୁ ଆଣିବା ସହ ସୋମବାର କୋର୍ଟ ଚାଲାଣ କରିଛି।

### ଜଳିଗଲା ବସ୍



ପୁରୀ,୨୩।୩(ଅଜିତ୍ କୁମାର ମହାନ୍ତି)

ବସ୍‌ଷ୍ଟାଣ୍ଡରେ ରବିବାର ବିଳମ୍ବିତ ରାତିରେ ଅଘଟଣ ଘଟିଛି। ବସ୍‌ଷ୍ଟାଣ୍ଡ ପରିସରରେ ଥିବା ଏକ ବସରେ ନିଆଁ ଲାଗି ବସିଟି ଜଳିଯାଇଛି। ଖବରପାଇ ଅଗ୍ନିଶମ କର୍ମଚାରୀମାନେ ନିଆଁ ଲିଭାଇଥିଲେ। ନିଆଁ ଲିଭାଇବାରେ ଅଗ୍ନିଶମ ବିଭାଗର ୩ଟି ଗାଡ଼ି ନିୟୋଜିତ ରହିଥିଲା। ଅଗ୍ନିକାଣ୍ଡର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ତେବେ ସର୍ଟ ସର୍କିଟ୍ ଯୋଗୁ ଅଗ୍ନିକାଣ୍ଡ ଘଟିଛି କିମ୍ବା କୌଣସି ବ୍ୟକ୍ତି ନିଆଁ ଲଗାଇ ଦେଇଥିବା ଅନୁମାନ କରାଯାଉଛି।

### ଆର୍‌ଟିଓ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ପୁରୀ,୨୩।୩(ଅଜିତ୍ କୁମାର ମହାନ୍ତି)

ପୁରୀ ଆର୍‌ଟିଓ ପକ୍ଷରୁ ଏନ୍‌ଫୋର୍ସମେଣ୍ଟ ଏବଂ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ସୋମବାର କୁମ୍ଭାରପଡ଼ା ଥାନାଠାରେ ଏନ୍‌ଫୋର୍ସମେଣ୍ଟ ଓ ମାଳତୀପାଟପୁରଠାରେ ଆୱାରନେସ୍ କାର୍ଯ୍ୟକ୍ରମ କରାଯାଇଛି। ଏନ୍‌ଫୋର୍ସମେଣ୍ଟ ଏବଂ ଆୱାରନେସ୍‌ରେ ଆଞ୍ଚଳିକ ପରିବହନ ଅଧିକାରୀ ସୁସ୍ମିତା ବେହେରା, ସହକାରୀ ଆଞ୍ଚଳିକ ପରିବହନ ଅଧିକାରୀ ଦେବାଶିଷ ପଣ୍ଡା, ମୋଟର ଯାନ ନିରୀକ୍ଷକ ବିଭୁ ରଞ୍ଜନ ନାୟକ, କନିଷ୍ଠ ମୋଟରଯାନ ନିରୀକ୍ଷକ ଦମୟନ୍ତୀ ମାହାଲି, ଟ୍ରାଫିକ ଇନ୍ସପେକ୍ଟର ସୁଶାନ୍ତ ପାତ୍ର, ଥାନା ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ମାଳତୀପାଟପୁରଠାରେ ବିଭିନ୍ନ ପ୍ରକାରର ସଡ଼କ ସୁରକ୍ଷା ଉପରେ ଆୱାରନେସ୍ କରାଯାଇଥିଲା। ଏଥିରେ ଆଇନ ଉଲ୍ଲଂଘନକାରୀଙ୍କ ଉପରେ ବିଭିନ୍ନ ପ୍ରକାରର ୮୮ଟି ଚାଲାଣ କରାଯାଇ ଏଥିରେ ୧ ଲକ୍ଷ ୨୯ ହଜାର ୮୯୦ ଟଙ୍କାର ଜରିମାନା କରାଯାଇଛି।

# ଶ୍ରୀଗୁଣ୍ଡିଚା ମନ୍ଦିର ଉନ୍ନତୀକରଣ କାର୍ଯ୍ୟ ସମୀକ୍ଷା କଲେ ଆଇନ ମନ୍ତ୍ରୀ

ପୁରୀ,୨୩।୩(ଅଜିତ୍ କୁମାର ମହାନ୍ତି)

ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୋମବାର ପୁରୀ ଗସ୍ତରେ ଆସି ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ଏଥିସହ ଶ୍ରୀଗୁଣ୍ଡିଚା ମନ୍ଦିର ଉନ୍ନତି କାର୍ଯ୍ୟର ସମୀକ୍ଷା କରିଛନ୍ତି। ଶ୍ରୀଗୁଣ୍ଡିଚା ମନ୍ଦିରରେ ଚାଲୁଥିବା ଉନ୍ନତୀକରଣ କାର୍ଯ୍ୟ କିଭଳି ତ୍ୱରିତ ଗତିରେ ଶେଷ କରାଯିବ ଓ ରଥଯାତ୍ରା ପୂର୍ବରୁ କାମ ସାରିବା ନେଇ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଶ୍ରୀଗୁଣ୍ଡିଚା ମନ୍ଦିରର ନବୀକରଣ କାର୍ଯ୍ୟ ଚାଲୁରହିଛି। ପଶ୍ଚିମ ପାର୍ଶ୍ୱ ପଣ୍ଡାଦ୍ୱାରକୁ ଭାଙ୍ଗି ବିସ୍ତାର କରାଯାଉଛି। ଏହି ଦ୍ୱାରକୁ ୮ ଫୁଟ ଚଉଡ଼ା ଓ ୧୧ ଫୁଟ ଉଚ୍ଚ କରାଯିବ। ନୂଆ ଦ୍ୱାର ନିର୍ମିତ ହେବ। ଅନ୍ୟ ତିନିପାର୍ଶ୍ୱକୁ ଗୁଣ୍ଡିଚା ମନ୍ଦିର ସମ୍ମୁଖଭାଗ ସଦୃଶ ରୂପ ଦିଆଯାଉଛି। ମନ୍ଦିରର ମରାମତି, ଉନ୍ନତୀକରଣ ପାଇଁ ୧୬ କୋଟି ଟଙ୍କା ଖର୍ଚ୍ଚ ହେଉଛି। ବାହ୍ୟପାର୍ଶ୍ୱ ପାଚେରି ମରାମତି ଓ ସୌନ୍ଦର୍ଯ୍ୟକରଣ ପାଇଁ ୩ କୋଟି ୯୬ ହଜାର ଟଙ୍କା ଖର୍ଚ୍ଚ ହେଉଛି। ଏହାବ୍ୟତୀତ ସର ଘର, ତୁଣିଆ ଘର, ବଲ୍ଲଭ ଘର ନୂଆ ତିଆରି କରାଯାଉଛି। ତେବେ କାର୍ଯ୍ୟର ଅଗ୍ରଗତିକୁ ନେଇ ମନ୍ତ୍ରୀ ହରିଚନ୍ଦନ ସନ୍ତୁଷ୍ଟ ଥିବା ଜଣାପଡ଼ିଛି। ସହରର ପ୍ରମୁଖ ୧୫ଟି ଜନଗହଳିପୂର୍ଣ୍ଣ ସ୍ଥାନରେ ଏଲ୍‌ଇଡି ସ୍କ୍ରିନ୍ ଲଗାଇବାକୁ ଆଲୋଚନା ହୋଇଛି। ଏଥିରେ ମହାପ୍ରଭୁଙ୍କ ନୀତିକାନ୍ତି ସମ୍ବନ୍ଧୀୟ ସୂଚନା ଦିଆଯିବ। ବସ୍‌ଷ୍ଟାଣ୍ଡ, ରେଳଷ୍ଟେଶନ, ମାର୍କେଟ, ବଡ଼ଦାଣ୍ଡ ଓ ଅନ୍ୟ ପ୍ରମୁଖ ଛକଗୁଡ଼ିକରେ ଏହି ଏଲ୍‌ଇଡି ସ୍କ୍ରିନ ଲଗାଇବା ନେଇ ଯୋଜନା ରହିଛି ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ସମୀକ୍ଷା ସମୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ଦିବ୍ୟଜ୍ୟୋତି ପରିଡ଼ା, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗୁଣ୍ଡିଚା ମନ୍ଦିରର ଉନ୍ନତୀକରଣ କାର୍ଯ୍ୟ ସମ୍ପର୍କରେ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ।

# ସମ୍ପର୍କ ପକ୍ଷରୁ ଶହୀଦ ଦିବସରେ ପଦଯାତ୍ରା

ପୁରୀ,୨୩।୩(ଅଜିତ୍ କୁମାର ମହାନ୍ତି)

ଶହୀଦ ଦିବସ ଅବସରରେ 'ସମ୍ପର୍କ' ଓ 'ମାଇଁ ଭାରତ' ପକ୍ଷରୁ ଜିଲାସ୍ତରରେ 'ମୋର ଭାରତ, ମୋର ଦାୟିତ୍ୱ' ଶୀର୍ଷକରେ ଏକ ବିଶାଳ ପଦଯାତ୍ରା ଓ ଶ୍ରଦ୍ଧାଞ୍ଜଳି ସଭା ସୋମବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ଶହୀଦ ଭଗତ ସିଂ, ଶିବରାମ ହରି ରାଜଗୁରୁ ଓ ସୁଖଦେବ ଥାପରଙ୍କୁ ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଇ ତାଙ୍କର ଅପୂର୍ବ ବଳିଦାନକୁ ସ୍ମରଣ କରାଯାଇଥିଲା। ଏଥିସହ ମହାତ୍ମା ଗାନ୍ଧୀ, ସ୍ୱାମୀ ବିବେକାନନ୍ଦ, ଗୋପବନ୍ଧୁ ଦାସ, ବାଣୀକଣ୍ଠ ନିମାଇଁ ଚରଣ ହରିଚନ୍ଦନ, ଜୟୀ ରାଜଗୁରୁ, ଆଚାର୍ଯ୍ୟ ହରିହର, ସୁଭାଷ ଚନ୍ଦ୍ର ବୋଷ ଓ ମଧୁସୂଦନ ଦାସଙ୍କ ମୂର୍ତ୍ତିରେ ପୁରୀ ସହରର ୧୪ଟି ସ୍ଥାନରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପଦଯାତ୍ରା ଅପରାହ୍ଣରେ ସରକାରୀ ମହିଳା ମହାବିଦ୍ୟାଳୟଠାରୁ ଆରମ୍ଭ ହୋଇ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ଶେଷ ହୋଇଥିଲା। ପରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ସମ୍ପର୍କର ସାଧାରଣ ସମ୍ପାଦକ ସୌମେନ୍ଦ୍ର ଦାସଙ୍କ ସଂଯୋଜନାରେ ସଭାରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଦର୍ଶନ ବିଭାଗର ମୁଖ୍ୟ ଡ. ଜ୍ୟୋତି ପ୍ରକାଶ ନନ୍ଦ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶୁଭ ପ୍ରକାଶ ଶର୍ମା, ବିଶ୍ୱଜିତ୍ ମିଶ୍ର, ଆଶୁତୋଷ ସ୍ୱାଇଁ, ସରୋଜ ଦାସ ଓ ସୁଧାଂଶୁ ଶେଖର ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ସମ୍ପାଦନାରେ ସହଯୋଗ କରିଥିଲେ।




ଶହୀଦ ଦିବସ ଅବସରରେ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତି ନିକଟରୁ ବାହାରିଥିବା ପଦଯାତ୍ରା ।

# ପୁରୀବାସୀଙ୍କ ଶ୍ରୀମନ୍ଦିର ପ୍ରବେଶ, ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହେଉ




ଭକ୍ତ ସାଲବେଗ ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର ବ୍ୟବସ୍ଥା ମଞ୍ଚ ପକ୍ଷରୁ ଆୟୋଜିତ ବୈଠକରେ ଉପସ୍ଥିତ କର୍ମକର୍ତ୍ତା । (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

ପୁରୀ,୨୩।୩(ଅଜିତ୍ କୁମାର ମହାନ୍ତି)

**ଏପ୍ରିଲ ୧ରୁ ଆରମ୍ଭ ହେବ ସଚେତନତା ଯାତ୍ରା**

ଭକ୍ତ ସାଲବେଗ ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର ବ୍ୟବସ୍ଥା ମଞ୍ଚ ପକ୍ଷରୁ ସୋମବାର ସ୍ତମ୍ଭକାର ହରିଶଙ୍କର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆବାହକ ସ୍ୱାଧୀନ କୁମାର ପଣ୍ଡା ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଏଥିରେ ସହରର ଅନେକ ସଂଗଠନର କର୍ମକର୍ତ୍ତା, ବୁଦ୍ଧିଜୀବୀ, ସାମାଜିକକର୍ମୀ ଏବଂ ସହରର ଅନେକ ଗୋଷ୍ଠୀର ପ୍ରତିନିଧି ଯୋଗ ଦେଇଥିଲେ। ପୂର୍ବ ବୈଠକର ନିର୍ଦ୍ଧାରଣ ଅନୁଯାୟୀ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଆଲୋଚନା ପାଇଁ ସମୟ ଦେବାକୁ ଅନୁରୋଧ କରାଯାଇଥିଲେ ବି ସେ ଉକ୍ତ ଆଲୋଚନା ପାଇଁ ସମୟ ନ ଦେବା ସମସ୍ତଙ୍କୁ ଆଚମ୍ବିତ କରିଥିଲା। ସମସ୍ତେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବୈଠକରେ ନିଷ୍ପତ୍ତି ହୋଇଛି ଯେ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ଜିଲାପାଳଙ୍କୁ ମଞ୍ଚ ସହ ୭ଦିନ ମଧ୍ୟରେ ଆଲୋଚନା କରିବା ପାଇଁ ସମୟ ନିର୍ଦ୍ଧାରଣ କରିବାକୁ ଦ୍ୱିତୀୟ ଅନୁରୋଧପତ୍ର ଦିଆଯିବ। ଆସନ୍ତା ୧ ତାରିଖ ଅପରାହ୍ଣ ୫ଟାରୁ ଶ୍ରୀଗୁଣ୍ଡିଚା ମନ୍ଦିର ଠାରୁ ଏକ ସଚେତନତା ପଦଯାତ୍ରା ଶ୍ରୀମନ୍ଦିର ପର୍ଯ୍ୟନ୍ତ ଯିବ। ପରବର୍ତ୍ତୀ ଦିନଠାରୁ ନିରବଚ୍ଛିନ୍ନ ଭାବେ ଏହି ସଚେତନତା ପଦଯାତ୍ରା ଅପରାହ୍ଣ ୫ଟାରୁ ଭକ୍ତ ସାଲବେଗ ପୀଠରୁ ଆରମ୍ଭ ହୋଇ ଶ୍ରୀମନ୍ଦିରଠାରେ ଶେଷ ହେବ। ଏଥିସହିତ ପୁରୀ ସହର ଓ ସଦରର ପ୍ରତ୍ୟେକ ଅଞ୍ଚଳରେ ସ୍ୱାକ୍ଷରତା ଅଭିଯାନ ମଧ୍ୟ ଆରମ୍ଭ କରାଯିବା ସହ ସହର ଓ ସଦରର ପ୍ରତ୍ୟେକ ଅନୁଷ୍ଠାନ, ଯାଗା ଆଖଡ଼ା, ସମସ୍ତଙ୍କ ସହ ଯୋଗାଯୋଗ କରାଯାଇ ପରବର୍ତ୍ତୀ କାର୍ଯ୍ୟକ୍ରମ ପାଇଁ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ। ବୈଠକରେ ସମାଜସେବୀ ଚକ୍ରଧର ମହାପାତ୍ର, ନାରାୟଣ ଦାଶ, ସୂର୍ଯ୍ୟ ରଥ, ବିଦ୍ୟୁଲତା ଆଚାର୍ଯ୍ୟ, ଅମରେନ୍ଦ୍ର ପାଇକରାୟ, ପ୍ରିୟାଂଶୀ ଦାସ, ସୁକାନ୍ତ ପଣ୍ଡା, ସୁମିତ୍ରା ବାରିକ, ପ୍ରସନ୍ନ ଦାସ, ଜୁପିଟର ଦାସ, ମାନସ ପଟ୍ଟନାୟକ ଓ ଭାସ୍କର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ରାସ୍ତା କାମର ତଦନ୍ତ ଦାବି

କାକଟପୁର/ଅସ୍ତରଙ୍ଗ, ୨୩।୩
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

କାକଟପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଅସ୍ତରଙ୍ଗ ବ୍ଲକ ଅଧୀନ ଓସିଆଁ ନଦୀବନ୍ଧ ରାସ୍ତାରୁ ଓସିଆଁ ପ୍ରାଥମିକ ବିଦ୍ୟାଳୟ ପର୍ଯ୍ୟନ୍ତ ରାସ୍ତା କାମ ଚାଲିଛି। ବିଦ୍ୟାଳୟ ନିକଟରେ ପ୍ରାୟ ଏକ ଶହ ମିଟର କଂକ୍ରିଟ ଉପରେ ଫେବର ବ୍ଲକ ଇଟା ବିଛାଯାଇଥିବାବେଳେ ଓସିଆଁ ନଦୀବନ୍ଧରେ ୨ଶହ ମିଟର ପାଖାପାଖି ପିଚୁ କରାଯାଇଛି। ତେବେ ଏହି କାମ ନିମ୍ନମାନର ବୋଲି ସାଧାରଣରେ ଅଭିଯୋଗ ହେଉଛି। ରାସ୍ତା ଦୁଇପାର୍ଶ୍ୱରୁ ଘାସ ସଫା, ଫାଟି ଯାଇଥିବା ପିଚୁ ତାଡ଼ିବା, ମେଟାଲ ପକାଇ ପୂରଣ କରିବା, ଖାଲ ସ୍ଥାନରେ ପ୍ରାଇମର କୋଟ ଦେବା, ଟ୍ୟାକ କୋଟ ପିଚୁ ଏବଂ ରାସ୍ତା ସାଇଡରେ ମାଟି ଫିଲିଂ ପାଇଁ ଏଷ୍ଟିମେଟରେ ବ୍ୟୟ ବରାଦ କରାଯାଇଛି। ଏଷ୍ଟିମେଟରେ ଏସଟିବିସି ଫେ୍ଲବର ଫିନିସର ବା ମେଶିନ ମାଧ୍ୟମରେ ପିଚୁ ପାଇଁ ଦିଆଯାଇଛି। ତେବେ ଏଷ୍ଟିମେଟ ଅନୁଯାୟୀ କାମ ହୋଇ ନ ଥିବା ଜଣେ ସାମାଜିକ କର୍ମୀ ଏକ୍ସ ମାଧ୍ୟମରେ ଅଭିଯୋଗ ଆଣି ତଦନ୍ତ ଦାବି କରିଛନ୍ତି। ତେବେ ଏ ସମ୍ପର୍କରେ କାକଟପୁର ଗ୍ରାମ୍ୟ ଉନ୍ନୟନ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ନରସିଂହପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଯୋଗେଶ୍ୱରପୁର,୨୩।୩(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅନ୍ତର୍ଗତ ଧୂମାଳ ପଞ୍ଚାୟତର ନରସିଂହପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ନିରଞ୍ଜନ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ଯୋଗଦେଇ କହିଛନ୍ତି, ଆମେରିକା, ବ୍ରିଟେନ, ଚାଇନା, ଜାପାନରେ ଯେଉଁ ଉନ୍ନତ ଶିକ୍ଷା ଭାରତ ବର୍ଷରେ ତା'ତୁଳନାରେ ବହୁ କମ୍। ତାଙ୍କ ସହ ସମାନ ହେବାକୁ ହେଲେ ବାପ, ମା' ଓ ଗୁରୁଜନ, ଶିକ୍ଷକ ସମସ୍ତେ ଦାୟିତ୍ୱବାନ ହେଲେ ଶିକ୍ଷାର ଅଗ୍ରଗତି ହେବ। ମୁଖ୍ୟବକ୍ତା ଭାବେ ମଙ୍ଗଳା ଟ୍ରଷ୍ଟ ବୋର୍ଡର କୈଳାସ ଚନ୍ଦ୍ର ଦାସ କହିଛନ୍ତି, ଆଗ ବାପା, ମା, ପରେ ଶିକ୍ଷକ। ସମ୍ମାନିତ ଅତିଥି ଭାବେ ୧୪ନଂ. ଜୋନ୍ ଜିଲାପରିଷଦ ସଭ୍ୟା ସାଗରିକା ନାୟକ, ଶିକ୍ଷାବିତ୍ ବିଚିତ୍ରାନନ୍ଦ ପାତ୍ର, ଧୂମାଳ ସରପଞ୍ଚ ମୋନାଲିସା ସିଂହ, ସମିତିସଭ୍ୟା ଭାନୁମତୀ ମାଣିକ, ଗୋପ ବ୍ଲକର ସହମଣ୍ଡଳ ଶିକ୍ଷାଧିକାରୀ ସମ୍ରାଟ ଭଞ୍ଜ ଭୋଇ, ସାମାଜିକ କର୍ମୀ ଅଭିମନ୍ୟୁ ସିଂହ, କୃଷ୍ଣ ଚନ୍ଦ୍ର ସ୍ୱାଇଁ, ଶିବଦତ୍ତ ନାୟକ, ଅଜୟ କୁମାର ରଥ, ପବିତ୍ର ମୋହନ ନାୟକ, ବିଦ୍ୟାଳୟର ସଭାପତି କାହ୍ନୁଚରଣ ନାୟକ ଉପସ୍ଥିତ ଥିଲେ। ପତିତପାବନ ନୋଡାଲ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରୋଜ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ।




ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ ।

## ଫିଟ୍ ଇଣ୍ଡିଆ କାର୍ନିଭାଲ ଉଦ୍‌ଯାପିତ

ପୁରୀ,୨୩।୩(ଅଜିତ୍ କୁମାର ମହାନ୍ତି)

ପୁରୀ ଭିକ୍ଟୋରିଆ ହୋଟେଲ ସମ୍ମୁଖ ସି' ବିଚ୍‌ଠାରେ ୩ ଦିନି ଧରି ଆୟୋଜିତ ଫିଟ୍ ଇଣ୍ଡିଆ କାର୍ନିଭାଲ ସୋମବାର ସନ୍ଧ୍ୟାରେ ଶେଷ ହୋଇଛି। ଭାରତୀୟ କ୍ରୀଡ଼ା ପ୍ରାଧିକରଣ, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ପୁରୀ ଜିଲା ପ୍ରଶାସନ, କ୍ରୀଡ଼ା କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଯୋଗଦେଇ ଆମେ ସୁସ୍ଥ ରହିଲେ, ରାଜ୍ୟ ଓ ଦେଶ ସୁସ୍ଥ ରହିବ ବୋଲି କହିଛନ୍ତି। ବର୍ତ୍ତମାନ ଛୋଟରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ବିବିଧ ଚାପରେ ରହୁଥିବାରୁ ମାନସିକ, ଶାରୀରିକ ଭାବେ ପ୍ରଭାବିତ ହେଉଛନ୍ତି। ଏହାକୁ ପରିଚାଳନା ପାଇଁ ସୁସ୍ଥ ରହିବା ଓ ସ୍ୱାସ୍ଥ୍ୟ ସଚେତନ ହେବା ଜରୁରୀ। ଫିଟ୍ ଇଣ୍ଡିଆ କାର୍ନିଭାଲ ଯୋଗ, କ୍ରୀଡ଼ା, ମନୋରଞ୍ଜନ ଇତ୍ୟାଦି ବିବିଧ କ୍ଷେତ୍ରରେ ଆମକୁ ଆଗେଇ ନେଇଥାଏ। ଏହାକୁ ନିତ୍ୟ ବ୍ୟବହାର କରିବାକୁ ଜିଲାପାଳ ପରିଡ଼ା ଆହ୍ୱାନ ଦେଇଥିଲେ। ଏହି ଅବସରରେ ଅଲିମ୍ପିଆନ୍ ଆଥ୍‌ଲେଟ ଦୂତୀ ଚାନ୍ଦ, ଯୁବ ଅଭିନେତା ଶୁଭମ୍ ନାୟକ, ସିଇଓ ସୁଜିତ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଓ କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସାଇ ବା ଭାରତୀୟ କ୍ରୀଡ଼ା ପ୍ରାଧିକରଣର ସହକାରୀ ନିର୍ଦ୍ଦେଶକ କରଣ ସଦୱାନୀ, ଉପନିର୍ଦ୍ଦେଶକ ତ୍ରୈଲୋକ୍ୟ ନାଥ ସାହୁ ପ୍ରମୁଖ ଯୋଗଦେଇଥିଲେ ।

# ପୁରୀକୁ ହରାଇ କିଟୁ ୧୧ ଚାମ୍ପିୟନ




ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିମାନେ ।

କୋଣାର୍କ,୨୩।୩(ଜ୍ୟୋତିରାଜ ମହାନ୍ତି)

**ପିଙ୍କୁ ମେମୋରିଆଲ ଟ୍ରଫି**

କୋଣାର୍କ ନିକଟସ୍ଥ କୁଞ୍ଜ କାଇମାଟି ଖେଳପଡ଼ିଆରେ ପିଙ୍କୁ ମେମୋରିଆଲ୍ ଟେନିସ୍ ବଲ କ୍ରିକେଟ ଟ୍ରଫି ଶେଷ ହୋଇଛି। ଫାଇନାଲ ମ୍ୟାଚରେ ପୁରୀ ଦଳକୁ ୩ ଉଇକେଟ୍‌ରେ ହରାଇ କୁରୁଜଙ୍ଗ କିଟୁ ୧୧ ଚାମ୍ପିୟନ ହୋଇଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ପୁରୀ ନିର୍ଦ୍ଧାରିତ ୧୩ ଓଭରରେ ୧୦୨ ରନ କରିଥିଲା। ଏହାର ଜବାବରେ ୭ ଉଇକେଟ ହରାଇ ଶେଷ ଓଭରରେ ଆବଶ୍ୟକ ରନ୍ ସଂଗ୍ରହ କରି କୁରୁଜଙ୍ଗ କିଟୁ ୧୧ ବିଜୟୀ ହୋଇଥିଲା। ବିଜୁନି ମ୍ୟାନ୍ ଅଫ ମ୍ୟାଚ ହୋଇଥିବା ବେଳେ ପୁଅ ସିରିଜ ଶ୍ରେଷ୍ଠ ଖେଳାଳି ଭାବେ ମନୋନୀତ ହୋଇଥିଲେ। ବିଜେତା ଓ ଉପବିଜେତା ଦଳକୁ ବିଶାଳ ଟ୍ରଫି ସହ ନଗଦ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ କୋଣାର୍କର ଯୁବ ବ୍ୟବସାୟୀ ତଥା ସଂଗଠକ ମନୋଜ ନାୟକ ଓ ଭାଜପା ଯୁବନେତା ରାକେଶ ବିଶ୍ୱାଳ ପ୍ରମୁଖଙ୍କ ସହ ଅନ୍ୟମାନେ ଯୋଗଦେଇ କ୍ରୀଡ଼ାବିତ୍ ଓ ଦଳଗୁଡ଼ିକୁ ପୁରସ୍କାର ପ୍ରଦାନ କରିଥିଲେ। ମିଟୁ ପାଇଟାଳ ଟୁର୍ନାମେଣ୍ଟର ମୁଖ୍ୟ ପରିଚାଳକ ଭାବେ ଦାୟିତ୍ୱ ନିର୍ବାହ କରିଥିବା ବେଳେ ସମସ୍ତ ସଭ୍ୟ ସହଯୋଗ କରିଥିଲେ।

# ସାହିଯାତ ପାଇଁ ସମରକଳା ଅଭ୍ୟାସ

- ପାଖେଇ ଆସୁଛି ସାହିଯାତ
- ପ୍ରଶାସନଠାରୁ ଆରମ୍ଭ କରି ଶ୍ରୀମନ୍ଦିର
- ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋର୍‌ଦାର

ପୁରୀ,୨୩।୩(ଅଜିତ୍ କୁମାର ମହାନ୍ତି)

ଶ୍ରୀକ୍ଷେତ୍ରରେ ସାହିଯାତ ଏକ ଅନନ୍ୟ ପରମ୍ପରା। ଏହି ପରମ୍ପରା ଅନ୍ୟ କୌଣସିଠାରେ ଦେଖିବାକୁ ମିଳି ନ ଥାଏ। ଶ୍ରୀଜଗନ୍ନାଥ ସଂସ୍କୃତିରେ ଶ୍ରୀରାମ ଓ ଶ୍ରୀକୃଷ୍ଣଙ୍କ ଲୀଳାର ପ୍ରତିଫଳନ ବହୁଳ ଭାବେ ଦେଖିବାକୁ ମିଳିଥାଏ, ଯାହାର ଏକ ଉଦାହରଣ ହେଉଛି ଶ୍ରୀକ୍ଷେତ୍ରର ସାହିଯାତ ପରମ୍ପରା। ସାହିଯାତ ଚୈତ୍ର ଶୁକ୍ଳପକ୍ଷ ନବମୀ ବା ପବିତ୍ର ରାମ ନବମୀ ଠାରୁ ରାମ ଅଭିଷେକ ପର୍ଯ୍ୟନ୍ତ ପାଳିତ ହୁଏ, ଯେଉଁଥିରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ବିବିଧ ଲୀଳା ପାରମ୍ପରିକ ସମରକଳା, ଲୋକକଳା, ଲୋକନୃତ୍ୟ, ଲୋକଗୀତ ଏବଂ ଲୋକବାଦ୍ୟ ମାଧ୍ୟମରେ ସମ୍ପାଦିତ ହୁଏ। ଏହି ଯାତ୍ରା ରାମ ଜନ୍ମଠାରୁ ଆରମ୍ଭ ହୋଇ ରାମାଭିଷେକ ଉତ୍ସବରେ ସମାପ୍ତ ହୁଏ। ସାହିଯାତର ପ୍ରମୁଖ ଲୀଳାଗୁଡ଼ିକ ଶ୍ରୀଜଗନ୍ନାଥଙ୍କ ପ୍ରମୋଦ ଉଦ୍ୟାନ ଜଗନ୍ନାଥ ବଲ୍ଲଭ ମଠ ପରିସରରେ ଅନୁଷ୍ଠିତ ହୋଇଥାଏ।

ଶ୍ରୀମନ୍ଦିର ନିକଟରେ ଥିବା ସାହିଗୁଡ଼ିକ ପକ୍ଷରୁ ସାହିଯାତ ପ୍ରସ୍ତାବ ଆଗତ କରାଯାଇଥାଏ। ଯଥା– କାଳିକାଦେବୀ ସାହି, ମାଟିମଣ୍ଡପ ସାହି, ହରଚଣ୍ଡୀ ସାହି, ମାର୍କଣ୍ଡେଶ୍ୱର ସାହି, କୁଣ୍ଠେଇବେଣ୍ଟ ସାହି, ଦୋଳମଣ୍ଡପ ସାହି, ବାଲି ସାହି, ଗୌଡ଼ବାଡ଼ ସାହି ଇତ୍ୟାଦି। ତେବେ ସାହିଯାତର ଅନ୍ୟ ଏକ ପ୍ରମୁଖ ଆକର୍ଷଣ ହେଉଛି ନାଗା ଓ ସମରକଳା ନୃତ୍ୟ। ସାହିର ଯୁବକମାନେ ରାବଣ, ପର୍ଶୁରାମ, ସପ୍ତଶିରା, ନବ ଶିରା, ପଞ୍ଚମୁଖୀ ହନୁମାନ, ନାଗା, ମେଢ଼ ସହ ବିଭିନ୍ନ ବେଶରେ ସଜ୍ଜିତ ହୋଇ ନୃତ୍ୟ ପ୍ରଦର୍ଶନ କରିଥାନ୍ତି। ଏଥିପାଇଁ ଯୁବକଙ୍କୁ ଅତ୍ୟନ୍ତ ଓଜନିଆ ଟାଟି ଧାରଣ କରିବାକୁ ପଡ଼ିଥାଏ, ଯେଉଁଥିପାଇଁ କି ସେମାନେ ଶୁଦ୍ଧପୂତ ଭାବେ ରହି ନିଷ୍ଠାର ସହିତ ଗୁରୁଙ୍କଠାରୁ ଏ ସମ୍ବନ୍ଧୀୟ ନୃତ୍ୟ ଶିକ୍ଷା ଲାଭ କରିଥାନ୍ତି। ସାହିଯାତର ଅନ୍ୟଏକ ପ୍ରମୁଖ ଆକର୍ଷଣ ହେଉଛି ମେଢ଼ନୃତ୍ୟ, ଯେଉଁଥିରେ ବିଭିନ୍ନ ପ୍ରକାରର ଦେବଦେବୀଙ୍କର ମେଢ଼ ଯୁବକମାନେ ବନ୍ଧାଇଥାନ୍ତି। ଏଥିପାଇଁ ସେମାନେ କଠୋର ବ୍ରହ୍ମଚର୍ଯ୍ୟ ପାଳନ କରିବା ସହିତ ସାତ୍ତ୍ୱିକ ଖାଦ୍ୟ ଗ୍ରହଣ କରି ପ୍ରତିଦିନ ଯାଗା ଘରେ ବାଦ୍ୟର ତାଳେ ତାଳେ ନୃତ୍ୟ ଅଭ୍ୟାସ କରିଥାନ୍ତି। ସାହିଯାତ ଉପଲକ୍ଷେ ପୁରୀର ସମସ୍ତ ସାହିର ଯାଗା ଆଖଡ଼ାରେ ଯୁବକମାନେ ସମରକଳା ଶିକ୍ଷା କରୁଛନ୍ତି।

ଚଳିତ ବର୍ଷ ସାହିଯାତ ମାର୍ଚ୍ଚ ୨୭ରୁ ଆରମ୍ଭ ହୋଇ ଏପ୍ରିଲ ୧୨ ତାରିଖରେ ଶେଷ ହେବ। ପୁରୀର ଏହି ଗୌରବମୟ ସାଂସ୍କୃତିକ ସମରକଳାର ପରମ୍ପରା ସମ୍ବଳିତ ସାହିଯାତକୁ ପୂର୍ବବର୍ଷ ଅପେକ୍ଷା ଅଧିକ ଆକର୍ଷଣୀୟ ଭାବେ ପାଳନ କରିବାକୁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜାରି ରହିଛି। ପ୍ରଶାସନ ପକ୍ଷରୁ ସାହିରେ ବୈଠକ କରାଯାଇ ବିଭିନ୍ନ ସାହିର ଯାଗା ଆଖଡ଼ା ସହ ସମନ୍ୱୟ ରଖି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ରାସ୍ତାଘାଟ ମରାମତି, ଆଲୋକ ବ୍ୟବସ୍ଥା, ଶାନ୍ତିଶୃଙ୍ଖଳା ରକ୍ଷା, ଟ୍ରାଫିକ ନିୟନ୍ତ୍ରଣ, ସ୍ୱାସ୍ଥ୍ୟସେବା ବ୍ୟବସ୍ଥା, ଅଗ୍ନିଶମ ବ୍ୟବସ୍ଥା, ପାନୀୟ ଜଳଯୋଗାଣ, ପ୍ରଚାର, ପ୍ରସାର ବ୍ୟବସ୍ଥା, ଡ୍ରେନ ପରିଷ୍କାର ପରିଚ୍ଛନ୍ନତା ଉପରେ ପ୍ରଶାସନ ଗୁରୁତ୍ୱ ପ୍ରଦାନ କରିଛି।

ମାର୍ଚ୍ଚ ୨୭ରେ କାଳିକାଦେବୀ ସାହି ପକ୍ଷରୁ ଶ୍ରୀରାମ ଜନ୍ମ ଉତ୍ସବ ପାଳିତ ହେବ। ୨୮ରେ ମାଟିମଣ୍ଡପ ସାହି ପକ୍ଷରୁ ନିଶାଣ ଶୋଭାଯାତ୍ରା ଓ ହରଚଣ୍ଡୀ ସାହି ପକ୍ଷରୁ ଯଜ୍ଞ ରକ୍ଷା, ୨୯ରେ ହରଚଣ୍ଡୀ ସାହି ପକ୍ଷରୁ ସୀତା ବିବାହ, ୩୦ରେ ମାର୍କଣ୍ଡେଶ୍ୱର ସାହି ପକ୍ଷରୁ ଶ୍ରୀରାମ ବନବାସ, ଏପ୍ରିଲ ୧ରେ କୁଣ୍ଠେଇବେଣ୍ଟ ସାହି ପକ୍ଷରୁ ମାୟା ମୃଗ, ୩ରେ ଦୋଳମଣ୍ଡପ ସାହି ପକ୍ଷରୁ ଲଙ୍କାପୋଡ଼ି, ୪ରେ ବାଲିସାହି ପକ୍ଷରୁ ସେତୁବନ୍ଧ ପ୍ରତିଷ୍ଠା, ୫ରେ ବାଲିସାହି ପକ୍ଷରୁ ରାବଣ ବଧ ଓ ୧୨ରେ ଗୌଡ଼ବାଡ଼ ସାହି ପକ୍ଷରୁ ଶ୍ରୀରାମଙ୍କ ରାଜ୍ୟାଭିଷେକ ଅନୁଷ୍ଠିତ ହେବ।



ସାହିଯାତ ପାଇଁ ରାବଣ ମେଢ ବନ୍ଧେଇ ଅଭ୍ୟାସ କରାଯାଉଛି ।

# ସୁରୁଖୁରୁରେ ହେଉ ରତ୍ନଭଣ୍ଡାର ଗଣତି: ଆଇନ ମନ୍ତ୍ରୀ

## ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକାରେ ହେବ ସମସ୍ତ କାର୍ଯ୍ୟ

ପୁରୀ, ୨୩।୩
(ଅଜିତ୍ କୁମାର ମହାନ୍ତି)



ଶ୍ରୀମନ୍ଦିର କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ ସମୀକ୍ଷା ବୈଠକରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରତ୍ନଭଣ୍ଡାର ତଦାରଖ କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଓ ପରିଚାଳନା କମିଟି ସଦସ୍ୟବୃନ୍ଦ।

ଆସନ୍ତା ୨୫ତାରିଖ ବୁଧବାରଠାରୁ ଶ୍ରୀମନ୍ଦିର ରତ୍ନଭଣ୍ଡାର ଅଳଙ୍କାରର ଗଣତିମଣତିର ଶୁଭାରମ୍ଭ ପ୍ରକ୍ରିୟା ଆରମ୍ଭ ହେବ। ଏନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ମାର୍ଚ୍ଚ ୨୫ ତାରିଖ ମଧ୍ୟାହ୍ନ ୧୨ଟା ୯ରୁ ୧ଟା ୪୫ ମଧ୍ୟରେ ରହିଛି ଶୁଭ ମୁହୂର୍ତ୍ତ। ତେବେ ରତ୍ନଭଣ୍ଡାରର ଗଣତି ମଣତି ପ୍ରକ୍ରିୟା ଯେଭଳି ସୁଚାରୁରୂପେ ଶେଷହେବ ସେନେଇ ସୋମବାର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ କରିଛନ୍ତି। ବୈଠକରେ ରତ୍ନଭଣ୍ଡାର ତଦାରଖ କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ, ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ ସିଂଙ୍କ ସମେତ ପ୍ରାଧିକୃତ ସେବାୟତ ଜେମୋଲୋଷ୍ଟି, ଆରବିଆଇ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

ବୈଠକ ପରେ ଆଇନମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ଅଳଙ୍କାରର ଗଣତିମଣତି ସୁରୁଖୁରୁରେ ସମାପନ ହେବା ପାଇଁ ଆମେ ସମସ୍ତେ ମହାପ୍ରଭୁଙ୍କ ନିକଟରେ ଶରଣାପନ୍ନ ହୋଇଛୁ। ଯେଉଁମାନେ ଏଥିରେ ସାମିଲ ହେବେ ସେମାନେ ସରକାରଙ୍କ ପକ୍ଷରୁ କରାଯାଇଥିବା ମାଗଦର୍ଶିକାକୁ ସମ୍ପୂର୍ଣ୍ଣ ଭାବେ ଅନୁପାଳନ କରି କାର୍ଯ୍ୟ କରିବେ। ମେଳକ କରିବା ପ୍ରଥମ କାର୍ଯ୍ୟ, ପରେ ତାକୁ ସୁରକ୍ଷିତ ଭାବରେ ରଖିବା। ୪୬ ବର୍ଷ ଧରି ରତ୍ନଅଳଙ୍କାରର ଗଣତି ହୋଇ ନ ଥିଲା। ଦୀର୍ଘ ବର୍ଷ ପରେ ଏହା ଏକ ଶୁଭ ମୁହୂର୍ତ୍ତ ଆସିଛି। ମହାପ୍ରଭୁଙ୍କ ପ୍ରତିଟି ଅଳଙ୍କାରର ଡିଜିଟାଲ ଫଟୋଗ୍ରାଫି କରାଯାଇ ସୁରକ୍ଷିତ ଭାବେ ରଖିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିପାଇଁ ଏକ୍ସପର୍ଟ ଟିମ୍ ନିୟୋଜିତ ହୋଇଛନ୍ତି। ଠାକୁରଙ୍କ ନୀତିକାନ୍ତି ଓ ଭକ୍ତଙ୍କ ଦର୍ଶନ ଯେଭଳି ପ୍ରଭାବିତ ନ ହେବ ସେନେଇ ଗୁରୁତ୍ୱ ଦିଆଯାଇଛି। ଗଣତି ମଣତି କାର୍ଯ୍ୟ କେବେ ସରିବ ତାହା କହିହେବ ନାହିଁ। ନିର୍ଦ୍ଦିଷ୍ଟ ସମୟ କହିବା ଠିକ୍ ହେବ ନାହିଁ। ୧୯୭୮ ମସିହା ତାଲିକା ଅନୁସାରେ ବର୍ତ୍ତମାନର ମେଳକ କରାଯିବ। ଦୁର୍ମୂଲ୍ୟ ରତ୍ନଥିବାରୁ ଜେମୋଲୋଷ୍ଟି ୨ଜଣଙ୍କୁ ଟିମ୍‌ରେ ରଖାଯାଇଛି। ଗଣତିମଣତି ନେଇ ଯାହା ଦାୟିତ୍ୱ ନିର୍ବାହ କରିବା କଥା ତାହା କରିବୁ ବୋଲି ଆଇନମନ୍ତ୍ରୀ କହିଛନ୍ତି।

# ଓଡ଼ିଶା ଖଦିମେଳା ଉଦ୍‌ଘାଟିତ



ଖଦି ମେଳାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟକ ବାବୁ ସିଂଙ୍କ ସହ ଅନ୍ୟ ଅତିଥିମାନେ।

## ଯୁବପିଢ଼ିଙ୍କୁ ଆକୃଷ୍ଟ କରୁଛି ଲାଇଭ୍ ଡେମନଷ୍ଟ୍ରେଶନ୍

## ଖଦି ଆର୍ଥିକ ସମୃଦ୍ଧିର ଉତ୍ସ, ସ୍ୱଦେଶୀ ପ୍ରୀତିର ପ୍ରତୀକ

ଭୁବନେଶ୍ୱର, ୨୩।୩
(ସୌମ୍ୟରଞ୍ଜନ ରାଉତ)


ମେଳାର ଏକ ଷ୍ଟଲ୍‌ରେ ଜଣେ ମହିଳା କାରିଗର ଲାଇଭ୍ ପ୍ରଦର୍ଶନ କରୁଛନ୍ତି।

ଓଡ଼ିଶା ଖଦି ମେଳା ସୋମବାର ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ କାର୍ଯ୍ୟାଳୟଠାରେ ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ କହିଲେ, ଦାରିଦ୍ର୍ୟ ଦୂରୀକରଣରେ ଖଦି ଓ ଗ୍ରାମୋଦ୍ୟୋଗର ପ୍ରମୁଖ ଭୂମିକା ରହିଛି। ଖଦି ଆର୍ଥିକ ସମୃଦ୍ଧିର ଉତ୍ସ ଓ ସ୍ୱଦେଶୀ ପ୍ରୀତିର ପ୍ରତୀକ। ଅନ୍ୟତମ ଅତିଥି ଭାବେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ଶାସନ ସଚିବ ରଶ୍ମିତା ପଣ୍ଡା କହିଲେ, ଗୋଟିଏ ସ୍ଥାନରେ ଖଦି ଉତ୍ପାଦକୁ ପ୍ରଦର୍ଶିତ କରିବା ସହ ବୁଣାକାର ଓ ଗ୍ରାମୋଦ୍ୟୋଗ କାରିଗରଙ୍କ ଆର୍ଥିକ ଉନ୍ନତି ପାଇଁ ବାଣିଜ୍ୟିକ ଆଭିମୁଖ୍ୟକୁ ତ୍ୱରାନ୍ୱିତ କରିବା ହେଉଛି ମେଳାର ମୂଳଲକ୍ଷ୍ୟ। ଚଳିତଥର ମୋଟ ୭୫ଟି ଷ୍ଟଲ ଖୋଲାଯାଇଛି। ଓଡ଼ିଶା ସହ ତେଲେଙ୍ଗାନା, ପଶ୍ଚିମବଙ୍ଗ, ଛତିଶଗ ମଧ୍ୟପ୍ରଦେଶ, ବିହାର, ଆନ୍ଧ୍ରପ୍ରଦେଶ ରାଜ୍ୟର ବୁଣାକାର ଓ ଗ୍ରାମୋଦ୍ୟୋଗ କାରିଗରମାନେ ଏଥିରେ ଅଂଶଗ୍ରହଣ କରିଛନ୍ତି।

ଏଠାରେ ଖଦି ବସ୍ତ୍ର, ଶାଢ଼ି, ଶାଲ, ଜ୍ୟାକେଟ୍, ଗ୍ରାମୋଦ୍ୟୋଗ ସାମଗ୍ରୀ ଆଦି ବିକ୍ରି ହେଉଛି। ତେବେ ଯୁବପିଢ଼ିଙ୍କୁ ଆକୃଷ୍ଟ କରିବା ପାଇଁ ମେଳାରେ ଲାଇଭ୍ ଡେମନଷ୍ଟ୍ରେଶନ୍‌ର ବ୍ୟବସ୍ଥା ହୋଇଛି। ପାରମ୍ପରିକ ଖାଦ୍ୟ ସହ ପ୍ରତି ସନ୍ଧ୍ୟାରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଛି। ଅନ୍ୟତମ ଅତିଥି ଭାବେ ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ସଦସ୍ୟା ଡ. ଅରୁନ୍ଧତୀ ଦେବୀ, ସଚିବ ସଞ୍ଜୟ କୁମାର ମିଶ୍ର, ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗର ରାଜ୍ୟ ନିର୍ଦ୍ଦେଶକ ସୁଭାଷ ଛେତ୍ରୀ, ଯୁଗ୍ମ ସଚିବ ପ୍ରଫୁଲ୍ଲ କୁଜୁର, ବିତ୍ତ ପରାମର୍ଶଦାତା ଚନ୍ଦ୍ରହାସ୍ୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ମେଳା ଆସନ୍ତା ୨୯ ପର୍ଯ୍ୟନ୍ତ ଚାଲିବ। ପ୍ରତିଦିନ ଅପରାହ୍ନ ୩ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ମେଳା ଖୋଲା ରହିବ।

# କଟକ ଅପେକ୍ଷା ଭୁବନେଶ୍ୱରରେ ବଢ଼ିଛି ହତ୍ୟା ମାମଲା

ଭୁବନେଶ୍ୱର, ୨୩।୩(ତ୍ରିନାଥ ମହାନ୍ତି)

## ୨ବର୍ଷରେ ଭୁବନେଶ୍ୱରରେ ୭୬ ହତ୍ୟା, କଟକରେ ୪୫

କଟକ ଅପେକ୍ଷା ରାଜଧାନୀ ଭୁବନେଶ୍ୱରରେ ହତ୍ୟା ମାମଲା ସଂଖ୍ୟା ବଢ଼ିଛି। ଗତ ୨ ବର୍ଷରେ କଟକରେ ୪୫ଟି ହତ୍ୟା ମାମଲା ରୁଜୁ କରାଯାଇଥିବା ବେଳେ ଭୁବନେଶ୍ୱରରେ ୭୬ଟି ହତ୍ୟା ମାମଲା ରୁଜୁ ହୋଇଛି। କଟକରେ ୨୦୨୪ରେ ୨୧ହତ୍ୟା ମାମଲା ପଞ୍ଜିକୃତ ହୋଇଥିବାବେଳେ ୨୦୨୫ରେ ୨୪ ହତ୍ୟା ମାମଲା ରୁଜୁ ହୋଇଛି। ଅପରପକ୍ଷରେ ଭୁବନେଶ୍ୱରରେ ୨୦୨୪ରେ ୪୩ଟି ହତ୍ୟା ମାମଲା ରୁଜୁ ହୋଇଥିବାବେଳେ ୨୦୨୫ରେ ୩୩ ହତ୍ୟା ମାମଲା ରୁଜୁ ହୋଇଥିଲା ବୋଲି ବିଧାନସଭାରେ ଏକ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଉତ୍ତର ରଖିଛନ୍ତି। କେବଳ ହତ୍ୟା ନୁହେଁ ଦୁଇ ବର୍ଷରେ ଟ୍ୱିନ୍ ସିଟିରେ ନାବାଳିକା ଅପହରଣ ମାମଲା ମଧ୍ୟ ବଢ଼ିଛି। ୨୦୨୪ରେ ୬ହଜାର ୮୩୮ ଶିଶୁ ନିଖୋଜ ରିପୋର୍ଟ ହୋଇଥିବାବେଳେ ୫ହଜାର ୯୪୨ଜଣଙ୍କୁ ଉଦ୍ଧାର କରାଯାଇଥିଲା। ସେହିପରି ୨୦୨୫ରେ ୮ହଜାର ୨୦୬ ଶିଶୁ ନିଖୋଜ ହୋଇଥିବା ବେଳେ ୬ହଜାର ୩୬ ପିଲାଙ୍କୁ ଉଦ୍ଧାର କରାଯାଇଥିବା ବିଧାନସଭାରେ ଦିଆଯାଇଥିବା ତଥ୍ୟରୁ ଜଣାପଡ଼ିଛି।

# ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡ଼ି ଚଳାଉଥିବା ୩,୧୫୩ ଚିହ୍ନଟ

କଟକ, ୨୩।୩(କାର୍ତ୍ତିକ ସାହୁ)

## ହେଲ୍‌ମେଟ୍ ପିନ୍ଧି ନ ଥିବାରୁ ୩,୧୫୭, ଦ୍ରୁତଗତି ପାଇଁ ୧,୫୫୮ ଚାଲାଣ

## ପରିବହନ ବିଭାଗର ସ୍ୱତନ୍ତ୍ର ସଡ଼କ ସୁରକ୍ଷା ଅଭିଯାନ

ପରିବହନ ବିଭାଗ ପକ୍ଷରୁ ମାର୍ଚ୍ଚ ୨୧ ଏବଂ ୨୨ ତାରିଖରେ ସ୍ୱତନ୍ତ୍ର ସଡ଼କ ସୁରକ୍ଷା ଅଭିଯାନରେ ବୈଧ ଡ୍ରାଇଭିଂ ଲାଇସେନ୍ସ ନ ଥାଇ ଗାଡ଼ି ଚଳାଉଥିବା ୩,୧୫୩ଟି ଗାଡ଼ି ଚିହ୍ନଟ ହୋଇଛି। ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡ଼ି ଚଳାଇବା ସହ ଅନ୍ୟାନ୍ୟ ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନ ଯେପରି କି ବିନା ହେଲ୍‌ମେଟ୍‌ରେ ଗାଡ଼ି ଚାଳନା ପାଇଁ ୩,୧୫୭, ଦ୍ରୁତଗତି ପାଇଁ ୧,୫୫୮, ଭୁଲ ପାର୍ଶ୍ୱରେ ଗାଡ଼ିଚଳାଇବା ପାଇଁ ୧୮୮, ଦୁଇ ଚକିଆରେ ଦୁଇରୁ ଅଧିକ ଯିବା ପରି ଟ୍ରାଫିକ ନିୟମ ଉଲ୍ଲଂଘନ ପାଇଁ ୨୮୨ଟି ଗାଡ଼ି ବିରୋଧରେ ଇ-ଚାଲାଣ ଜାରି ହୋଇଛି। ଏଥିସହ ମାଲବାହୀ ଓ ଯାତ୍ରୀବାହୀ ଯାନରେ କ୍ଷମତାଠାରୁ ଅଧିକ ବହନ କରିବା ଏବଂ ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ କରିବା ଭଳି ଅନ୍ୟାନ୍ୟ ଟ୍ରାଫିକ ନିୟମ ଉଲ୍ଲଂଘନ ବିରୋଧରେ ମଧ୍ୟ ଜରିମାନା ଜାରି ହୋଇଛି। ଏନ୍‌ଫୋର୍ସମେଣ୍ଟ ସହିତ ବିଭିନ୍ନ ଜିଲାରେ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ କ୍ଷୀରାବ୍ଧି ତନୟା


@ ପ୍ରଭାସ


@ ସଂଗ୍ରାମ


@ ଶୁଭଲକ୍ଷ୍ମୀ


@ ନିଲୋଫର୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଜିପିଆର୍‌ଏସ୍ ସର୍ଭେରେ ଶ୍ରୀକ୍ଷେତ୍ର ମାଟିତଳେ କୀର୍ତ୍ତିରାଜି

# ସରକାରୀ ରିପୋର୍ଟକୁ ସାର୍ବଜନୀନ କରାଯାଉ

ପୁରୀ, ୨୩।୩(ଅଜିତ୍ କୁମାର ମହାନ୍ତି)



ଶ୍ରୀମନ୍ଦିର ଐତିହ୍ୟ କରିଡର ନିର୍ମାଣ ସମୟରେ ୨୦୨୨ ମସିହାରେ ତତ୍କାଳୀନ ରାଜ୍ୟ ସରକାରଙ୍କ ପକ୍ଷରୁ ଜିପିଆରଏସ୍ ସର୍ଭେ କରାଯାଇଥିଲା। ଏମାରମଠ ଖନନ ସ୍ଥଳରେ ଅନେକ ଐତିହ୍ୟ କୀର୍ତ୍ତିରାଜି ରହିଥିବା ଅନୁମାନ କରାଯାଇଥିଲା। ଶ୍ରୀମନ୍ଦିର ଚାରିପାଖରେ ସମୁଦାୟ ୬୦ହଜାର ବର୍ଗମିଟର ଅଞ୍ଚଳରେ ସର୍ଭେ କରାଯାଇଥିଲା। ଏ ବାବଦରେ ୪୦ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ କିନ୍ତୁ ଜିପିଆରଏସ୍ ରିପୋର୍ଟ ସାର୍ବଜନୀନ କରାଗଲାନାହିଁ। ଫଳରେ ଶ୍ରୀଜଗନ୍ନାଥ ମନ୍ଦିର ମେଘନାଦ ପାଚେରି ଠାରୁ ୭୫ ମିଟର ଅଞ୍ଚଳର ମାଟିତଳେ କ'ଣ ରହିଛି, ତାହା ଲୋକଲୋଚନକୁ ଆସିପାରି ନାହିଁ। ବର୍ତ୍ତମାନ କରାଯାଇଥିବା ଜିପିଆରଏସ୍ ସର୍ଭେ ରିପୋର୍ଟ ସାର୍ବଜନୀନ ହୋଇ ନ ଥିବା ବେଳେ ଶ୍ରୀମନ୍ଦିର ଚୌହଦୀ ମାଟିତଳେ ଅନେକ କୀର୍ତ୍ତିରାଜି ପୋତି ହୋଇ ରହିଛି ବୋଲି ଜିପିଆରଏସ୍ ସର୍ଭେରୁ ଜଣାପଡ଼ିଛି।

ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଜିପିଆରଏସ୍ ସର୍ଭେ ରିପୋର୍ଟ ନେଇ ଗଣମାଧ୍ୟମରୁ ଜାଣିବାକୁ ପାଇଲି। ଅପରପକ୍ଷରେ ଜିଲାପାଳ ଏବଂ ଏଏସ୍‌ଆଇ ପକ୍ଷରୁ ଏପରି କୌଣସି ରିପୋର୍ଟ ତାଙ୍କ ନିକଟକୁ ଆସି ନ ଥିବା କହିଛନ୍ତି। ଏନେଇ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ର କହିଛନ୍ତି, ପୁରୀ ହେଉଛି ବହୁ ପ୍ରାଚୀନ ଧାମ। ପ୍ରାଚୀନ କାଳରୁ ଏଠାରେ ୭୫୨ଟି ମଠ ଓ ଆଶ୍ରମ ରହିଥିବା କୁହାଯାଏ। ବର୍ତ୍ତମାନ ୩୭୪ଟି ରହିଛି। ୪ଟି ଆଶ୍ରମ ମହାପ୍ରଭୁଙ୍କ ସହ ସମ୍ପୃକ୍ତ। ସେଥିମଧ୍ୟରୁ ଅନେକ ଅଂଶ ଲୋପ ପାଇଗଲାଣି। ପ୍ରାଚୀନତା କାରଣରୁ ମାଟିତଳେ ଅନେକ ଘର, ମୂର୍ତ୍ତି ରହିଯାଉଛି। ସେଗୁଡ଼ିକୁ ସୁରକ୍ଷିତ ରଖି ଲୋକଲୋଚନକୁ ଆଣିବା ଆବଶ୍ୟକ। ଜମ୍ବେଶ୍ୱର ମନ୍ଦିର, ମାର୍କଣ୍ଡେଶ୍ୱର ମନ୍ଦିର, କପାଳମୋଚନ ଆଦି ମନ୍ଦିର ବର୍ତ୍ତମାନ ରାସ୍ତାଠାରୁ ୩୦ ଫୁଟ୍ ତଳେ ରହିଛି। ଗଙ୍ଗବଂଶ ଅମଳର ମୂର୍ତ୍ତି ଓ ପୂର୍ବର ମୂର୍ତ୍ତି ରହିଥାଇପାରେ, କାରଣ ବର୍ତ୍ତମାନ ଯେଉଁ ମନ୍ଦିର ଅଛି ଏହା ଅଷ୍ଟମ ମନ୍ଦିର। ବର୍ତ୍ତମାନ ମନ୍ଦିର ପୂର୍ବରୁ ୭ଟି ମନ୍ଦିର ନିର୍ମାଣ ହୋଇ ଭାଙ୍ଗିଛି। ତେଣୁ ବିଭିନ୍ନ ଐତିହ୍ୟ ବିଛାଇ ହୋଇ ମାଟିତଳେ ରହିଛି ବୋଲି ଡ. ମିଶ୍ର କହିଛନ୍ତି।

ବରିଷ୍ଠ ଦଇତାପତି ସେବକ ବିନାୟକ ଦାସମହାପାତ୍ର କହିଛନ୍ତି, ୨୦୨୨ରେ ଯେଉଁ ସର୍ଭେ ହୋଇଥିଲା, ତାହାର ରିପୋର୍ଟ ସରକାରଙ୍କ ହସ୍ତଗତ ହୋଇଥିବା ସୂଚନା ମିଳିଛି। ଐତିହ୍ୟ କୀର୍ତ୍ତିରାଜି ରହିଥିବା ନେଇ ଆଲୋଚନା ହେଉଛି। ତେଣୁ ରିପୋର୍ଟକୁ ସାର୍ବଜନୀନ କରାଯାଉ। ସରକାର ସମସ୍ତଙ୍କ ସନ୍ଦେହ ଦୂର କରି ରିପୋର୍ଟକୁ ସାର୍ବଜନୀନ କରାନ୍ତୁ ବୋଲି ସେ କହିଛନ୍ତି। ଏନେଇ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ୨୦୨୨ରେ ଗୁଜରାଟର ଆଇଆଇଟି ପକ୍ଷରୁ ଜିପିଆରଏସ୍ ସର୍ଭେ କରାଯାଇଥିଲା। ଆଜିପର୍ଯ୍ୟନ୍ତ ରିପୋର୍ଟ ସାର୍ବଜନୀନ କରାଯାଇନାହିଁ। ଏମାରମଠର ଗୋଟିଏ ପାର୍ଶ୍ୱ ୧୫୦ରୁ ୨୦୦ ଫୁଟ ଖୋଳା ହୋଇଥିଲା, ଯାହାର ତଦନ୍ତ ହେବା ଆବଶ୍ୟକ। ଯାହା ରିପୋର୍ଟ ଆସିଛି ସେହି ଅନୁଯାୟୀ, ତା'ର ସଂରକ୍ଷଣ କରାଯାଉ। କାର୍ଯ୍ୟ ବନ୍ଦ କରାଯାଇ ସମସ୍ତ ରିପୋର୍ଟକୁ ସାର୍ବଜନୀନ କରାଯାଉ ବୋଲି ପଟ୍ଟନାୟକ ଦାବି କରିଛନ୍ତି।

ତେବେ ସରକାରଙ୍କ ପକ୍ଷରୁ ସର୍ଭେ ରିପୋର୍ଟ ସାର୍ବଜନୀନ ହୋଇ ନ ଥିବାବେଳେ ସୂଚନା ଅଧିକାର କର୍ମୀଙ୍କ ଆବେଦନ ପରେ ମିଳିଥିବା ତଥ୍ୟରେ ଏଭଳି ସୂଚନା ମିଳିଛି। ତେଣୁ ଆର୍‌ଟିଆଇ ତଥ୍ୟକୁ ନେଇ ଚର୍ଚ୍ଚା ଜୋର୍ ଧରିଥିବା ହେତୁ ଯଥାଶୀଘ୍ର ସରକାର ସର୍ଭେ ରିପୋର୍ଟ ସାର୍ବଜନୀନ କରି ପ୍ରକୃତ ତଥ୍ୟ ଲୋକଲୋଚନକୁ ଆଣନ୍ତୁ ବୋଲି ବିଭିନ୍ନ ମହଲରେ ଦାବି ହେଉଛି।

# ଥାନା ଛାତରେ ଚଢ଼ି ଯୁବକଙ୍କ ଉନ୍ମତ୍ତ କାଣ୍ଡ

କଟକ, ୨୩।୩ (କୁମାରଶ୍ରୀ)

## ତଳକୁ ଓହ୍ଲାଇବା ପାଇଁ ନୟାନ୍ତ ହେଲେ ଅଗ୍ନିଶମ କର୍ମଚାରୀ

ମଙ୍ଗଳାବାଗ ନବନିର୍ମିତ ଥାନା କୋଠାରେ ଚଢ଼ି ସୋମବାର ପୂର୍ବାହ୍ନରେ ଜଣେ ଯୁବକ ବସିଥିଲେ। ଥାନାକୁ ଆସି ପାଲଟା ପୋଲିସ ବିରୋଧରେ ଅଭିଯୋଗ କରୁଥିଲେ। ତେବେ ଯୁବକଙ୍କୁ ବୁଝାଇଶୁଝାଇ ତଳକୁ ଆଣିବା ପାଇଁ ଅଗ୍ନିଶମ କର୍ମଚାରୀଙ୍କୁ ନୟାନ୍ତ ହେବାକୁ ପଡ଼ିଥିଲା। ଯୁବକ ଜଣକ ନିଶାସକ୍ତ ଥିବା ବେଳେ ତାଙ୍କ ମାନସିକ ଅବସ୍ଥା ଠିକ ନ ଥିବା କୁହାଯାଉଛି। ଉଦ୍ଧାର କରାଯିବା ପରେ ସମ୍ପୃକ୍ତ ଯୁବକଙ୍କୁ କଟକ ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସୋମବାର ରାତିରେ ମେଡିକାଲରୁ ଡିସ୍‌ଚାର୍ଜ ପରେ ଯୁବକଙ୍କୁ ତାଙ୍କ ପରିବାର ଲୋକଙ୍କ ଜିମାରେ ଛଡ଼ାଯାଇଛି।

ପୋଲିସ ସୂଚନା ମୁତାବକ, କେନ୍ଦ୍ରାପଡ଼ା ଜିଲା ନିକିରେଇ ଥାନା ଅନ୍ତର୍ଗତ କୋରା ଗାଁର କାଳିଆ ଓରଫ ଶ୍ରୀଚନ୍ଦନ ଦାସ(୩୩) କଟକରେ ଘରୋଇ ଆମ୍ବୁଲାନ୍ସ ଡ୍ରାଇଭର ଭାବେ କାମ କରନ୍ତି। ଗତ କିଛି ଦିନ ହେବ ମାନସିକ ଅସ୍ଥିରତା ଯୋଗୁ ତାଙ୍କୁ ଗାଡି ଚଲାଇବାକୁ ଦିଆଯାଉ ନ ଥିଲା। ଏଣୁ ସେ ମାନସିକ ଭାରାକ୍ରାନ୍ତ ହୋଇପଡିଥିଲେ। ସୋମବାର ସକାଳ ପ୍ରାୟ ୮ଟା ହେବ। କାଳିଆ ପ୍ରଚୁର ନିଶାସକ୍ତ ଅବସ୍ଥାରେ ଏକ ଧାରୁଆ ଅସ୍ତ୍ରରେ ନିଜର ହାତକୁ କାଟି ଦେଇ ମଙ୍ଗଳାବାଗ ଥାନାରେ ପହଞ୍ଚିଥିଲେ। କେହି ପଇସା ନେଇଯାଇଛି ବୋଲି ଥାନାରେ କହିଥିଲେ। ଏ ବାବଦରେ ଲିଖିତ ଅଭିଯୋଗ କରିବାକୁ ଉପସ୍ଥିତ ଅଧିକାରୀ କାଳିଆଙ୍କୁ କହିଥିଲେ। ହେଲେ ଲିଖିତ ଅଭିଯୋଗ ଦେବା ପରିବର୍ତ୍ତେ ପଇସା ଫେରାଅ ବୋଲି ଜିଦି ଧରି ବସିଥିଲେ କାଳିଆ। ପୋଲିସ ଅଧିକାରୀ କାଳିଆଙ୍କ କଥାକୁ ଗୁରୁତ୍ୱ ଦେଇ ନ ଥିଲେ। କିଛି ସମୟ ପରେ କାଳିଆ ଥାନାର ଛାତକୁ ଚଢ଼ି ଯାଇଥିଲେ। ଟଙ୍କା ନ ଫେରାଇଲେ ତଳକୁ ଡେଇଁ ପଡିବି ବୋଲି ଧମକ ଦେଇଥିଲେ। ଘଟଣା ଜଣାପଡ଼ିବା ପରେ ପୋଲିସ, ଅଗ୍ନିଶମ କର୍ମଚାରୀ ଏବଂ ସାଧାରଣଲୋକ ଥାନାରେ ରୁଣ୍ଡ ହୋଇଥିଲେ। ଏକ ଘଣ୍ଟା ଧରି ବୁଝାଶୁଝା କରିଥିଲେ ମଧ୍ୟ କାଳିଆ ତଳକୁ ଓହ୍ଲାଇବା ପାଇଁ ରାଜି ହୋଇ ନ ଥିଲେ। ଶେଷରେ କେତେଜଣ କର୍ମଚାରୀ ଚତୁରତାର ସହ ଥାନା ଛାତରେ ଚଢ଼ି କାଳିଆଙ୍କୁ କାବୁ କରିଥିଲେ।


ମଙ୍ଗଳାବାଗ ଥାନା କୋଠା ଉପରେ ଚଢ଼ି ଯାଇଥିବା ଯୁବକ।

# ବିରୋଧୀ ଅଟଳ, ଗୃହ ଅଚଳ

## ସର୍ବଦଳୀୟ ବୈଠକ ନିଷ୍ଫଳ

ଭୁବନେଶ୍ୱର,୨୩।୩
(ରବିନାରାୟଣ ଜେନା)

କଟକ ବଡ଼ମେଡିକାଲ ଅଗ୍ନିକାଣ୍ଡ ଘଟଣାରେ ରାଜ୍ୟ ସରକାରଙ୍କ ପକ୍ଷରୁ କେତେକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲେ ମଧ୍ୟ ବିରୋଧୀ ତାହାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ଏହି ପ୍ରସଙ୍ଗରେ ଏସ୍‌ସିବି ସୁପରିଣ୍ଟେଣ୍ଡେଣ୍ଟଙ୍କୁ କାହିଁକି ନିଲମ୍ବନ କରା ନ ଯିବ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ କାହିଁକି ଇସ୍ତଫା ନ ଦେବେ ଦାବି ନେଇ ସୋମବାର ପୁଣିଥରେ ଗୃହକୁ ବିରୋଧୀ ଅଚଳ କରି ଦେଇଛନ୍ତି। ଫଳରେ ୫ଦିନ ଧରି ଗୃହ ସୁରୁଖୁରୁରେ ଚାଲି ପାରୁ ନ ଥିବାବେଳେ ପ୍ରଶ୍ନକାଳ, ଶୂନ୍ୟକାଳ ଏବଂ ମୁଲତବୀ ଆଲୋଚନା ହୋଇପାରୁନାହିଁ। ବିଜେଡି ଓ କଂଗ୍ରେସ ସଦସ୍ୟମାନେ ଏହି ପ୍ରସଙ୍ଗରେ ଗୃହର ମଧ୍ୟଭାଗକୁ ଆସି ସରକାର ବିରୋଧୀ ସ୍ଲୋଗାନ ଦେଇଥିଲେ। ହଟ୍ଟଗୋଳ ଭିତରେ ବାଚସ୍ପତି ସୁରମା ପାଢ଼ୀ ପ୍ରଶ୍ନକାଳକୁ ଚଳାଇବାକୁ ଉଦ୍ୟମ କରିଥିଲେ। ଏପରି କି ଦୁଇଟି ତାରକା ପ୍ରଶ୍ନ ଯଥାକଥାରେ ଆଲୋଚନା ହୋଇଛି। ମାତ୍ର ବିରୋଧୀଙ୍କ ହଟ୍ଟଗୋଳ ତୀବ୍ର ହେବାରୁ ବାଚସ୍ପତି ପ୍ରଥମେ ୧୦ଟା ୪୪ମିନିଟରୁ ସାଢ଼େ ୧୧ଟା ଯାଏ ଗୃହକୁ ମୁଲତବୀ ଘୋଷଣା କରିଥିଲେ। ଶୂନ୍ୟକାଳରେ ମଧ୍ୟ ବିରୋଧୀ ଅନୁରୂପ ଭାବେ ହଟ୍ଟଗୋଳ କରିବାରୁ ବାଚସ୍ପତି ୧୧ଟା ୩୬ରୁ ୧୨.୩୦ ମିନିଟ ଯାଏ ଗୃହ ମୁଲତବୀ ଘୋଷଣା କରି ସର୍ବଦଳୀୟ ବୈଠକ ଡାକିଥିଲେ। ହେଲେ ବୈଠକରୁ କୌଣସି ନିର୍ଯାସ ବାହାରି ନ ଥିଲା। ପରେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଅପରାହ୍ନ ସାଢ଼େ ୧୨ଟାରୁ ଗୋଟାଏ ପର୍ଯ୍ୟନ୍ତ ଏବଂ ପରେ ଗୋଟାଏରେ ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ।

ଗୃହ କାର୍ଯ୍ୟ ଆରମ୍ଭ ହେବାମାତ୍ରେ ପ୍ରମୁଖ ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ହାତରେ ପୋଷ୍ଟର, ବ୍ୟାନର ଓ ପ୍ଲାକାର୍ଡ ଧରି ଗୃହର ମଧ୍ୟଭାଗକୁ ଆସି ସରକାର ବିରୋଧୀ ସ୍ଲୋଗାନ ଦେଇ ଗୃହ କମ୍ପାଇଥିଲେ। ଏହି ସମୟରେ ଭାଜପା ସଦସ୍ୟ ସିଦ୍ଧାନ୍ତ ମହାପାତ୍ରଙ୍କ ପ୍ରଶ୍ନର ଉତ୍ତରରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ରାଜ୍ୟରେ ଉତ୍କଳ ଗ୍ରାମ୍ୟବ୍ୟାଙ୍କ ଓ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ମିଶ୍ରଣ ପ୍ରସଙ୍ଗରେ ଉତ୍ତର ରଖିଥିଲେ। ସେହିପରି ଭାଜପା ସଦସ୍ୟ ଉପାସନା ମହାପାତ୍ରଙ୍କ ଅନ୍ୟ ଏକ ତାରକା ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଥିଲେ, ରାଜ୍ୟରେ ୫ଟି 'ବର୍ନ' ୟୁନିଟ୍ କରିବାପାଇଁ ସରକାର ବଜେଟରେ ଅର୍ଥ ବ୍ୟବସ୍ଥା କରିଛନ୍ତି। ଗତବର୍ଷ ପୁରୀରେ ବାଣବିସ୍ଫୋରଣ ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏନେଇ ଘୋଷଣା କରିଥିଲେ। ତେବେ ପୁରୀରେ ସୁପରସ୍ପେଶାଲିଟି ହସ୍ପିଟାଲ ପାଇଁ ସରକାରଙ୍କ କୌଣସି ପ୍ରସ୍ତାବ ନାହିଁ ବୋଲି ମନ୍ତ୍ରୀ କହିଥିଲେ।

ଏହି ସମୟରେ ବିରୋଧୀ ବିଜେଡି ସଦସ୍ୟ ଅଧିରାଜ ପାଣିଗ୍ରାହୀ, ଧ୍ରୁବଚରଣ ସାହୁ, ସାରଦା ପ୍ରସନ୍ନ ଜେନା, ବର୍ଷା ସିଂ ବରିହା, ଦଳର ଉପମୁଖ୍ୟସଚେତକ ପ୍ରତାପ ଦେବ, ଅରୁଣ ସାହୁ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ କଂଗ୍ରେସ ସଦସ୍ୟ ଅଶୋକ ଦାସ, ରାମଚନ୍ଦ୍ର କାଡାମ, ସି ଏସ୍ ରାଜେନ ଏକ୍କା, ସାଗର ଚରଣ ଦାସ ପ୍ରମୁଖ ଗୃହରେ ପ୍ରବଳ ହଟ୍ଟଗୋଳ କରିବାରୁ ବାଚସ୍ପତି ୧୦ଟା ୪୪ରୁ ସାଢ଼େ ୧୧ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ। ସେହିପରି ଶୂନ୍ୟକାଳ ଆରମ୍ଭ ହେବାମାତ୍ରେ ବିରୋଧୀମାନେ ସମାନ ଢଙ୍ଗରେ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ହଟ୍ଟଗୋଳ ଜାରି ରଖିଥିଲେ। ଏହି ସମୟରେ ଭାଜପା ସଦସ୍ୟ ସୁଧୀର ରଞ୍ଜନ ପାଟ୍ଟଯୋଶୀ ସ୍ଥାନୀୟ ଅଞ୍ଚଳରେ ଜଳସେଚନ ବ୍ୟବସ୍ଥା ଏବଂ ପ୍ରତାପ ଚନ୍ଦ୍ର ନାୟକ ଆସିକା-ଧରାକୋଟ ରାସ୍ତା ସମସ୍ୟା ସମ୍ପର୍କରେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ସମୟରେ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗରେ ପୁନର୍ବାର ସ୍ଲୋଗନ ଓ ହଟ୍ଟଗୋଳ କରିବାରୁ ବାଚସ୍ପତି ସେମାନଙ୍କୁ ନିଜ ଆସନକୁ ଫେରିଯିବାକୁ ଅନୁରୋଧ କରିଥିଲେ। ମାତ୍ର ବିରୋଧୀ ସଦସ୍ୟମାନେ ନ ଶୁଣିବାରୁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିବା ସହିତ ୧୧ଟା ୩୬ରୁ ଅପରାହ୍ନ ୧୨.୩୦ମିନିଟ୍ ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ। ସର୍ବଦଳୀୟ ବୈଠକରେ କୌଣସି ନିର୍ଯାସ ନ ବାହାରିବାରୁ ଅପରାହ୍ନ ଗୋଟାଏରେ ଉପବାଚସ୍ପତି ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

# ରାଜ୍ୟରେ ବଢୁଛି ଶିଶୁ ନିଖୋଜ ହାର

ଭୁବନେଶ୍ୱର,୨୩।୩(ରବିନାରାୟଣ ଜେନା)

ରାଜ୍ୟରେ ଶିଶୁ ନିଖୋଜ ମାମଲା ଦିନକୁ ଦିନ ବଢ଼ିବାରେ ଲାଗିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ବିଧାନସଭାକୁ ପ୍ରଦାନ କରିଥିବା ତଥ୍ୟରୁ ଜଣାଯାଇଛି। ବିଜେଡି ବିଧାୟକ ବ୍ୟୋମକେଶ ରାୟଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଗୃହକୁ ଦେଇଥିବା ତଥ୍ୟ ଅନୁଯାୟୀ, ୨୦୨୪ରେ ରାଜ୍ୟରେ ୬୮୩୮ ଶିଶୁ ନିଖୋଜ ହୋଇଥିବାବେଳେ ୫୯୪୨ ଜଣ ଉଦ୍ଧାର ହୋଇଥିଲେ। ମାତ୍ର ୨୦୨୫ ବେଳକୁ ଶିଶୁ ନିଖୋଜ ସଂଖ୍ୟା ୮୨୦୬ରେ ପହଞ୍ଚିଥିଲା। ସେଥିରୁ ୬୦୩୬ ଜଣ ଉଦ୍ଧାର ହୋଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ଉତ୍ତର ଅନୁଯାୟୀ, ଗତ ଦୁଇବର୍ଷ ମଧ୍ୟରେ ରାଜଧାନୀ ଭୁବନେଶ୍ୱରରେ ହତ୍ୟା ମାମଲା କମିଥିବାବେଳେ କଟକ ସହରାଞ୍ଚଳରେ ବଢ଼ିଛି। ୨୦୨୪ରେ କଟକରେ ୨୧ଟି ହତ୍ୟା ମାମଲା ପଞ୍ଜୀକୃତ ହୋଇଥିବାବେଳେ ଏହି ସଂଖ୍ୟା ୨୦୨୫ରେ ବଢ଼ି ୨୪ରେ ପହଞ୍ଚି ଥିଲା। ସେହିପରି ୨୦୨୪ରେ ଭୁବନେଶ୍ୱରରେ ୪୩ଟି ହତ୍ୟାକାଣ୍ଡ ମାମଲା ପଞ୍ଜୀକୃତ ହୋଇଥିବାବେଳେ ୨୦୨୫ ରେ ଏହା ୩୩କୁ କମିଛି। ଭୁବନେଶ୍ୱରରେ ହତ୍ୟାକାଣ୍ଡ ସଂଖ୍ୟା ଅଧିକ ରହିଥିଲେ ବି ୨୦୨୪ ତୁଳନାରେ ୨୦୨୫ରେ କମିଛି ବୋଲି ମୁଖ୍ୟମନ୍ତ୍ରୀ ଗୃହକୁ ସୂଚନା ଦେଇଛନ୍ତି।

# ସାରା ରାଜ୍ୟରେ ନିର୍ମାଣ ହେବ ୪ ଲକ୍ଷ ଏମ୍‌ଟି କ୍ଷମତା ବିଶିଷ୍ଟ ପଣ୍ୟାଗାର: ମନ୍ତ୍ରୀ

ଭୁବନେଶ୍ୱର, ୨୩।୩(ସୁନିତ୍ ମିଶ୍ର)

ସମବାୟ ସଂସ୍ଥାଗୁଡ଼ିକ ନିଜର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ଦ୍ୱାରା ରାଜ୍ୟର କୃଷକ ଏବଂ ଦୁର୍ବଳଶ୍ରେଣୀ ଜନସାଧାରଣଙ୍କ ସାମାଜିକ ଓ ଆର୍ଥିକ ବିକାଶରେ ସହାୟକ ହୋଇପାରିଛନ୍ତି। ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମ ଅଧୀନରେ ରହିଥିବା ୫୧ଟି ପଣ୍ୟାଗାର ମଧ୍ୟରୁ ୪୯ଟି ପଞ୍ଜୀକୃତ ହୋଇଛି। ରାଜ୍ୟରେ ପଣ୍ୟାଗାର ଭିତ୍ତିଭୂମି ଉନ୍ନତୀକରଣ ପାଇଁ ମଧ୍ୟ ବିଭାଗ ଦ୍ୱାରା ବିଭିନ୍ନ ପଦକ୍ଷେପ ନିଆଯାଉଛି। ଆସନ୍ତା ୨ ବର୍ଷ ମଧ୍ୟରେ ବିଭିନ୍ନ ଯୋଜନା ମାଧ୍ୟମରେ ବିଭାଗର ୪ ଲକ୍ଷ ମେଟ୍ରିକ ଟନ୍ (ଏମ୍‌ଟି) କ୍ଷମତା ବିଶିଷ୍ଟ ପଣ୍ୟାଗାର ସାରା ରାଜ୍ୟରେ ନିର୍ମାଣ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି।

ସମବାୟ ବିଭାଗ ଖର୍ଚ୍ଚଦାବି ଆଲୋଚନା ପରେ ଗୃହରେ ଉତ୍ତର ରଖି ମନ୍ତ୍ରୀ ବଳସାମନ୍ତ କହିଛନ୍ତି, ରାଜ୍ୟର ପ୍ରାୟ ୫୭ ଲକ୍ଷ କୃଷକ ୪୩୦୩ଟି ପ୍ରାଥମିକ କୃଷିଋଣ ସମବାୟ ସମିତି(ପାକ୍ସ)ରେ ସଭ୍ୟଭୁକ୍ତ ହୋଇଛନ୍ତି। ବର୍ତ୍ତମାନ ସମବାୟ ବ୍ୟାଙ୍କ ମାଧ୍ୟମରେ ରାଜ୍ୟର ପ୍ରାୟ ୪୩ ପ୍ରତିଶତ ଫସଲ ଋଣ ଯୋଗାଇ ଦିଆଯାଉଛି। ସ୍ୱଳ୍ପ କାଳୀନ ଋଣ ରିହାତି ଯୋଜନାରେ ରାଜ୍ୟ ସରକାର ନିୟମିତ ଋଣ ପରିଶୋଧ କରୁଥିବା ରାଜ୍ୟର ଚାଷୀଙ୍କୁ ଉଭୟ ରବି ଓ ଖରିଫ ଋତୁରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫସଲ ଋଣ ବିନା ସୁଧରେ ଯୋଗାଇ ଆସୁଛନ୍ତି। ଏହାସହ ୧ ଲକ୍ଷରୁ ଅଧିକ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫସଲ ଋଣ ଉପରେ ସୁଧ ହାର ୨% ରଖିଛନ୍ତି। ଖରିଫ-୨୦୨୫ ଋତୁରେ ସମବାୟ ବ୍ୟାଙ୍କ ଦ୍ୱାରା ୧୧ ହଜାର କୋଟି ଟଙ୍କାର ଫସଲ ଋଣ ପ୍ରଦାନ ଲାଗି ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ସେଥିରୁ ୧୯.୦୭ ଲକ୍ଷ ଚାଷୀଙ୍କୁ ୧୦୫୬୦.୧୫ କୋଟି ଟଙ୍କାର ଫସଲ ଋଣ ଯୋଗାଇ ଦିଆଯାଇଛି। ୨୦୨୫-୨୬ ଋତୁରେ ୯୫୦୦ କୋଟି ଟଙ୍କାର ଫସଲ ଋଣ ପ୍ରଦାନ ଲାଗି ଲକ୍ଷ୍ୟ ରଖାଯାଇଥିବା ବେଳେ ମାର୍ଚ୍ଚ ୨୦୨୬ ସୁଦ୍ଧା ୧୫ ଲକ୍ଷ ୮୫ ହଜାର ଚାଷୀଙ୍କୁ ୮୭୩୧.୮୦ କୋଟି ଟଙ୍କାର ଫସଲ ଋଣ ଯୋଗାଇ ଦିଆଯାଇଛି ବୋଲି ସେ କହିଛନ୍ତି। ସୋମବାର ଗୃହରେ ସମବାୟ ବିଭାଗର ଖର୍ଚ୍ଚଦାବି ପାରିତ ହୋଇଛି।

# ଇରାନ୍‌କୁ ମାନବୀୟ ସହାୟତା ପଠାଇଲେ କଶ୍ମୀରବାସୀ

ନୂଆଦିଲ୍ଲୀ,୨୩।୩


ଇରାନ୍‌କୁ ସହାୟତା ପାଇଁ କଶ୍ମୀରବାସୀ ସଂଗ୍ରହ କରିଥିବା ସୁନା, ଟଙ୍କା ଓ ମୂଲ୍ୟବାନ ଧାତୁ ସାମଗ୍ରୀ।

କଶ୍ମୀର ଜନସାଧାରଣ, ବିଶେଷକରି ବଡଗାମ୍ ଏବଂ ବାରମୁଲ୍ଲା ଜିଲାର ଲୋକମାନେ ଯୁଦ୍ଧ କ୍ଷତିଗ୍ରସ୍ତ ଇରାନୀୟମାନଙ୍କୁ ସହାୟତା ଯୋଗାଇବା ପାଇଁ ମାନବୀୟ ପଦକ୍ଷେପ ନେଇଛନ୍ତି। ଇଦ୍-ଉଲ୍-ଫିତର ପାଳନ ପରେ ଶିୟାବହୁଳ ଅଞ୍ଚଳର ସ୍ୱେଚ୍ଛାସେବୀମାନେ ଘରକୁ ଘର ଯାଇ ସହାୟତା ସଂଗ୍ରହ କରିବା ସହ ଇରାନକୁ ପଠାଇଛନ୍ତି। ସହାୟତା ଭାବେ ଲୋକମାନେ କେବଳ ଟଙ୍କା ଦେଇନାହାନ୍ତି, ସୁନା, ରୁପା ଅଳଙ୍କାର, ପ୍ରାଣୀଧନ, ପାରମ୍ପରିକ ତମ୍ବା ବାସନ ଓ ଅନ୍ୟାନ୍ୟ ଉପକରଣ ମଧ୍ୟ ଦାନ କରିଛନ୍ତି। ଭାରତରେ ଥିବା ଇରାନୀୟ ଦୂତାବାସ ଉକ୍ତ ଚାନ୍ଦାର ଫଟୋ ଓ ଭିଡିଓକୁ ସୋସିଆଲ ମିଡିଆରେ ଶେୟାର କରିଛି। ଇରାନ ପୁନଃ ନିର୍ମାଣ ପାଇଁ ଟଙ୍କା ଓ ଅଳଙ୍କାର ଦାନ କରିଥିବା ଭାରତୀୟମାନଙ୍କ ଦୟାଳୁ ଓ ମାନବୀୟ ଉଦ୍ୟମକୁ ଇରାନ ଦୂତାବାସ ପକ୍ଷରୁ ପ୍ରଶଂସା କରାଯାଇଛି। ଇରାନ ଜନସାଧାରଣଙ୍କୁ ମାନବୀୟ ସହାୟତା ଏବଂ ସମର୍ଥନ ଯୋଗାଇ ସେମାନଙ୍କ ସହ ଛିଡ଼ାହୋଇଥିବା କଶ୍ମୀର ଲୋକମାନଙ୍କୁ ଆମେ ହୃଦୟଭରା କୃତଜ୍ଞତା ସହ ଧନ୍ୟବାଦ ଜଣାଉଛୁ ବୋଲି ଦୂତାବାସ କହିଛି। ସେମାନଙ୍କ ସହାୟତାକୁ କଦାପି ଭୁଲିହେବ ନାହିଁ ବୋଲି ଦୂତାବାସ ପକ୍ଷରୁ Xରେ ଲେଖାଯାଇଛି।

# ଶହୀଦ ଭଗତ ସିଂଙ୍କ ପଥ ଅନୁସରଣ କରିବା ସମୟ ଆସିଛି: ଭକ୍ତ

ଭୁବନେଶ୍ୱର,୨୩।୩
(ରବିନାରାୟଣ ଜେନା)

ବର୍ତ୍ତମାନ ଦେଶର ଅବସ୍ଥା ଯାହା, ଆମକୁ ଅହିଂସା ଉପାୟରେ ଶହୀଦ ଭଗତ ସିଂଙ୍କ ପଥ ଅନୁସରଣ କରି ଲଢ଼ିବାକୁ ହେବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ରାଜ୍ୟ କଂଗ୍ରେସ କାର୍ଯ୍ୟାଳୟରେ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନ ଓ ୱାର୍ ରୁମ୍ ପକ୍ଷରୁ ସୋମବାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଭଗତ ସିଂଙ୍କ ଶ୍ରାଦ୍ଧ ଉତ୍ସବରେ ଯୋଗଦେଇ ଭକ୍ତ କହିଛନ୍ତି, ଶହୀଦ ଭଗତ ସିଂଙ୍କ ବିପ୍ଳବ ଏବଂ ବଳିଦାନ ସାରା ଦେଶ ଜାଣିଛି। ଜନସାଧାରଣଙ୍କ ପାଇଁ ସମ୍ମାନର ସହ ବଞ୍ଚିବା, ନିଜ ଅଧିକାର ପାଇଁ ଲଢ଼ିବା ଓ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବା ଆଦିଶିକ୍ଷା ଓ ପ୍ରେରଣା ଭଗତ ସିଂ ଦେଇଛନ୍ତି। ତାଙ୍କ ମାର୍ଗଦର୍ଶନକୁ ଏବେ ଆମକୁ ଅନୁସରଣ କରିବାକୁ ପଡ଼ିବ ବୋଲି ଭକ୍ତ କହିଛନ୍ତି। ଏହି ଅବସରରେ କଂଗ୍ରେସ ନେତାମାନେ ଭଗତ ସିଂଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନ ଏବଂ ୱାର୍ ରୁମ୍ ଅଧ୍ୟକ୍ଷ ମନୋରଞ୍ଜନ ଦାଶଙ୍କ ସହ କଂଗ୍ରେସ ନେତୃବୃନ୍ଦ ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ଅରବିନ୍ଦ ଦାସ, ଅଭୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବର୍ଷକରେ ୩୨,୬୮୭ ମହିଳା ନିର୍ଯାତିତ

## ୨୯୯୪ଜଣଙ୍କୁ ବଳାତ୍କାର, ୭୩୭୮ ମହିଳାଙ୍କୁ ଅପହରଣ

ଭୁବନେଶ୍ୱର,୨୩।୩(ସୁଚିସ୍ମିତା ସାହୁ)

ମହିଳାଙ୍କୁ ସୁରକ୍ଷା ଦେବା ପାଇଁ କେନ୍ଦ୍ର ସରକାରଙ୍କଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ପର୍ଯ୍ୟନ୍ତ ବିଭିନ୍ନ ଯୋଜନା, ଆଇନ ଓ ପଦକ୍ଷେପ ଗ୍ରହଣ କରୁଛନ୍ତି। ମହିଳାଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ମହିଳା ଆୟୋଗଠାରୁ ଆରମ୍ଭ କରି ମହିଳା ଥାନା, କୋର୍ଟ ଭଳି ବହୁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ତଥାପି ରାଜ୍ୟରେ ମହିଳାମାନେ ହିଂସା, ବଳାତ୍କାର, ଆକ୍ରମଣ, ନିର୍ଯାତନାର ସମ୍ମୁଖୀନ ହେଉଛନ୍ତି। କେବଳ ୨୦୨୫ ମସିହାରେ ରାଜ୍ୟରେ ୩୨ହଜାର ୬୮୭ଜଣ ମହିଳା ଘରୋଇ ହିଂସା, ବଳାତ୍କାର, ଯୌତୁକଜନିତ ହତ୍ୟା ଓ ଅତ୍ୟାଚାର, ଦୁର୍ବ୍ୟବହାର, ବିବାହ ପାଇଁ ମିଥ୍ୟା ପ୍ରତିଶ୍ରୁତି ଭଳି ନିର୍ଯାତନାର ସମ୍ମୁଖୀନ ହୋଇଛନ୍ତି ବୋଲି ସୋମବାର ବିଧାନସଭାରେ ବିଧାୟକ ଚକ୍ରମଣି କହଁରଙ୍କ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

# ରାଜ୍ୟରେ ଅଛନ୍ତି ୧୮,୩୦୫ କିଡ୍‌ନୀ ରୋଗୀ

ଭୁବନେଶ୍ୱର, ୨୩।୩(ବନ୍ଦନା ସେଠୀ)

ରାଜ୍ୟ ସରକାର ଉତ୍ତମ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ବିଭିନ୍ନ ଯୋଜନା ହାତକୁ ନେଉଛନ୍ତି। ମାତ୍ର ରାଜ୍ୟରେ କ୍ରମାଗତ ଭାବେ କିଡ୍‌ନୀଜନିତ ରୋଗୀସଂଖ୍ୟା ବୃଦ୍ଧି ପାଇ ୧୮ହଜାର ୩୦୫ରେ ପହଞ୍ଚିଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ବିଧାନସଭାରେ ଉତ୍ତର ରଖିଛନ୍ତି। ସେ କହିଛନ୍ତି, ରାଜ୍ୟ ସରକାର କିଡ୍‌ନୀ ରୋଗରେ ଆକ୍ରାନ୍ତ ରୋଗୀମାନଙ୍କୁ ଉତ୍ତମ ଚିକିତ୍ସା ଯୋଗାଇବା ସହିତ ଏହାର ନିରାକରଣ ପାଇଁ ବିଭିନ୍ନ ବ୍ୟବସ୍ଥା ଗ୍ରହଣ କରୁଛନ୍ତି। ଦୀର୍ଘସ୍ଥାୟୀ କିଡ୍‌ନୀ ରୋଗୀଙ୍କ ପାଇଁ ୬୮ଟି ଚିକିତ୍ସା କେନ୍ଦ୍ରରେ ୫୧୧ଟି ଡାଏଲିସିସ୍ ଶଯ୍ୟାର ବ୍ୟବସ୍ଥା କରି ଦେୟମୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। ପ୍ରାଥମିକ ଚିକିତ୍ସାକେନ୍ଦ୍ରଠାରୁ ଆରମ୍ଭ କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲା ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ, ଜିଲା ମୁଖ୍ୟ ଚିକିତ୍ସାଳୟ ଓ ମେଡିକାଲ କଲେଜମାନଙ୍କରେ କିଡ୍‌ନୀ ରୋଗର ଚିହ୍ନଟ ପାଇଁ ମୂତ୍ର ଓ ରକ୍ତ ପରୀକ୍ଷା, ଔଷଧ ମାଗଣାରେ ବ୍ୟବସ୍ଥା କରାଯାଉଛି। ଏହି ରୋଗର ଉପଚାର ପାଇଁ ପ୍ରତି ଜିଲା ମୁଖ୍ୟ ଚିକିତ୍ସାଳୟ ଓ ମେଡିକାଲ କଲେଜଗୁଡ଼ିକରେ ବିଶେଷଜ୍ଞ ଡାକ୍ତର ନିୟୋଜିତ ଅଛନ୍ତି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି।

# ରାଜନୈତିକ ଦଳକୁ ଦୂରଦର୍ଶନ, ଆକାଶବାଣୀରେ ନିର୍ବାଚନ ପ୍ରଚାର ସୁଯୋଗ

## ଡିଜିଟାଲ ଭାଉଚର ପ୍ରଦାନ କଲେ ଇସି

ନୂଆଦିଲ୍ଲୀ,୨୩।୩

ଆସାମ, କେରଳ, ପଣ୍ଡିଚେରୀ, ତାମିଲନାଡୁ ଏବଂ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ଦୂରଦର୍ଶନ ଏବଂ ଅଲ୍ ଇଣ୍ଡିଆ ରେଡିଓରେ ମାଗଣାରେ ପ୍ରଚାର ପାଇଁ ଭାରତର ନିର୍ବାଚନ କମିଶନ (ଇସିଆଇ) ସ୍ୱୀକୃତିପ୍ରାପ୍ତ ଜାତୀୟ ଓ ରାଜ୍ୟ ରାଜନୈତିକ ଦଳଗୁଡ଼ିକୁ ଡିଜିଟାଲ ଭାଉଚର ମଞ୍ଜୁର କରିଥିବା ସୋମବାର କହିଛନ୍ତି। ଜନପ୍ରତିନିଧି ଆଇନ, ୧୯୫୧ର ଧାରା ୩୯ଏ ଅନୁଯାୟୀ ଏବେ ସମ୍ପୂର୍ଣ୍ଣ ଡିଜିଟାଲଇଜ୍‌ଡ ପ୍ରକ୍ରିୟାରେ ଉକ୍ତ ପଦକ୍ଷେପ ନିଆଯାଇଛି। ନିର୍ବାଚନ ହେବାକୁ ଥିବା ଉପରୋକ୍ତ ୫ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସମସ୍ତ ସ୍ୱୀକୃତିପ୍ରାପ୍ତ ଜାତୀୟ ଏବଂ ରାଜ୍ୟ ରାଜନୈତିକ ଦଳଙ୍କୁ ଆଇଟି ପ୍ଲାଟ୍‌ଫର୍ମ ଜରିଆରେ ଡିଜିଟାଲ ଟାଇମ୍ ଭାଉଚର ଇସ୍ୟୁ କରାଯାଇଛି। ପ୍ରତି ଦଳ ଦୂରଦର୍ଶନ ଏବଂ ଆକାଶବାଣୀର ଆଞ୍ଚଳିକ ନେଟ୍‌ୱର୍କରେ ପ୍ରଚାର ପାଇଁ ୪୫ ମିନିଟ୍ ସମୟ ପାଇବେ। ଏଥିସହିତ ପୂର୍ବ ନିର୍ବାଚନର ପ୍ରଦର୍ଶନ ଆଧାରରେ ପ୍ରଚାର ପାଇଁ ଅଧିକ ସମୟ ମିଳିବାକୁ ଥିବାବେଳେ ପ୍ରତିଷ୍ଠିତ ଦଳଙ୍କୁ ଅଧିକ ସୁବିଧା ଦିଆଯିବ।

# ଜିଲା ମହୋତ୍ସବକୁ ଚାଷୀଙ୍କ ବିରୋଧ

ଯାଜପୁର ଟାଉନ, ୨୩।୩
(ପ୍ରଜ୍ଞା ପ୍ରିୟଦର୍ଶିନୀ ମହାନ୍ତି)

ନବନିର୍ମାଣ କୃଷକ ସଙ୍ଗଠନ ଯାଜପୁର ଜିଲା ମହୋତ୍ସବ ଯଯାତିକୁ ବିରୋଧ କରିବା ସହ ସୋମବାର ବିକ୍ଷୋଭ ପ୍ରଦର୍ଶନ କରିଛି। ନବନିର୍ମାଣ କୃଷକ ସଙ୍ଗଠନର ରାଜ୍ୟ ସହ ସଂଯୋଜକ ନିମାଇଁ ରାୟଙ୍କ ସମେତ ବହୁ ଚାଷୀ ଜିଲା ମହୋତ୍ସବର ମଞ୍ଚ ଉପରେ ଚଢ଼ି ପ୍ରତିବାଦ କରିଥିଲେ। ମଣ୍ଡିରେ ଧାନ ଅବ୍ୟବସ୍ଥା ଯୋଗୁ କାନ୍ଧରେ ଧାନ ଭାର ବୋହି ଚାଷୀ ଆନ୍ଦୋଳନ କରିଥିଲେ। ପୋଲିସ ଚାଷୀଙ୍କୁ ମଞ୍ଚ ଉପରୁ ଗୋଡ଼ାଇ ଗୋଡ଼ାଇ ପଦାକୁ ବାହାର କରିଥିଲେ ମଧ୍ୟ ସେମାନେ ରାସ୍ତା ଉପରେ କିଛି ସମୟ ପାଇଁ ଆନ୍ଦୋଳନ କରିଥିଲେ। ପୋଲିସ ଚାଷୀମାନଙ୍କୁ ଥାନାରେ ନେଇ ଅଟକ ରଖିଥିଲା।

# ଘୋଡ଼ା ବେପାର ଯୋଗୁ ଓଡ଼ିଶା ନିନ୍ଦିତ: ଲେନିନ୍

ଭୁବନେଶ୍ୱର, ୨୩।୩(ସୁନିତ୍ ମିଶ୍ର)

ରାଜ୍ୟ ସଭା ନିର୍ବାଚନରେ ଘୋଡ଼ା ବେପାର କରିବା ପାଇଁ ଜଣେ କୋଇଲା ଖଣି ଆବଣ୍ଟନ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତି ଦିଲୀପ ରାୟଙ୍କୁ ଭାଜପା ସମର୍ଥନ ଦେଇ ସ୍ୱାଧୀନ ପ୍ରାର୍ଥୀ ଭାବେ ଠିଆ କରିଥିଲା। ରାଜ୍ୟ ସଭା ନିର୍ବାଚନରେ ହୋଇଥିବା ଘୋଡ଼ା ବେପାର ଯୋଗୁ ଓଡ଼ିଶା ନିନ୍ଦିତ ଓ ଲଜ୍ଜିତ ହୋଇଛି। ଏହାସହ ବିଜେଡି ବିରୋଧରେ ହୋଇଥିବା ଚକ୍ରାନ୍ତ ମଧ୍ୟ ଲୋକଲୋଚନକୁ ଆସିଛି ବୋଲି ଦଳର ମୁଖପାତ୍ର ଲେନିନ୍ ମହାନ୍ତି ଅଭିଯୋଗ କରିଛନ୍ତି।

ଶଙ୍ଖଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଲେନିନ୍ କହିଛନ୍ତି, ୨ ମାସ ତଳେ ବିଜେଡିରୁ ୨ ବିଧାୟକ ଅରବିନ୍ଦ ମହାପାତ୍ର ଏବଂ ସନାତନ ମହାକୁଡ଼ଙ୍କୁ ନିଲମ୍ବିତ କରାଯାଇଥିଲା। ସେମାନଙ୍କ ନିଲମ୍ବନକୁ ନେଇ ଅନେକ ପ୍ରଶ୍ନ କରାଯାଇଥିଲା। ଦିଲୀପ ରାୟଙ୍କୁ ଜିତାଇବା ଲାଗି ୩ ମାସ ତଳୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହୋଇଥିବା କଥା ବିଜୟ ମହାପାତ୍ର କହିବା ପରେ ବିଜେଡି ବିରୋଧରେ ହୋଇଥିବା ଚକ୍ରାନ୍ତ କଥା ସ୍ପଷ୍ଟ ହୋଇଛି। ଏଥିରୁ ଅରବିନ୍ଦ ଏବଂ ସନାତନଙ୍କୁ ଦଳ କରିଥିବା ନିଲମ୍ବନ ଯଥାର୍ଥ ଥିଲା ବୋଲି ବିଜୟଙ୍କ ମନ୍ତବ୍ୟରୁ ସ୍ପଷ୍ଟ ହୋଇଛି। ଅଦାଲତ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଥିବା ଜଣେ ବ୍ୟକ୍ତିଙ୍କ କଳା ଧନ ସାହାଯ୍ୟରେ ଘୋଡ଼ା ବେପାର କରି ରାଜ୍ୟ ସଭା ନିର୍ବାଚନ ଜିତିବା ପରେ ରାଜ୍ୟ ରାଜନୀତିରେ ଅଲୋଡ଼ା ହୋଇଥିବା କେତେଜଣ ନେତା ଉଲ୍ଲସିତ ହୋଇଛନ୍ତି ବୋଲି ଲେନିନ୍ କହିଛନ୍ତି।

# ବାଇକ୍‌କୁ ଧକ୍କା ଦେଲା ବୋଲେରୋ: ୨ ମୃତ

ଜୟପୁର,୨୩।୩(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ସଦର ଥାନା ଅଧୀନ ଥୋଡରିପୁଟ ନିକଟରେ ଏକ ବୋଲେରୋ ବାଇକ୍‌କୁ ଧକ୍କା ଦେବାରୁ ୨ଜଣଙ୍କ ରବିବାର ମୃତ୍ୟୁ ହୋଇଛି। ମୃତକମାନେ ହେଲେ ଜୟପୁର ସହର ଗୋଡ଼ିଆ ଧୋବା ସାହିର ଲାଲୁ ଖରା(୨୫) ଓ ରୁଷିଆ କୋଲନିର ପିଣ୍ଟୁ ଜାନୀ(୪୪)।

ସୂଚନାନୁଯାୟୀ, ରବିବାର ରାତିରେ ବୈପାରିଗୁଡ଼ା ଅଭିମୁଖେ ଯାଉଥିବା ବେଳେ ଜୟପୁର ଆସୁଥିବା ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ୨ ବାଇକ୍ ଆରୋହୀ ଗୁରୁତର ହୋଇଥିଲେ। ସେମାନଙ୍କୁ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ପରିବାର ଓ ସମ୍ପର୍କୀୟମାନେ କ୍ଷତିପୂରଣ ଦାବି କରି ଜୟପୁର ସଦର ଥାନା ସମ୍ମୁଖ ୨୬ ନଂ. ଜାତୀୟ ରାଜପଥରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ।

# ମା' ହିଙ୍ଗୁଳାଙ୍କ ଉଭାସ୍ଥଳ ଚିହ୍ନଟ


ଚିହ୍ନଟ ହୋଇଥିବା ମା' ହିଙ୍ଗୁଳାଙ୍କ ଉଭାସ୍ଥଳ।

ତାଳଚେର,୨୩।୩ (ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳା ଚଳିତବର୍ଷ ମନ୍ଦିରର ପୂର୍ବ ଦିଗ ତଥା ମନ୍ଦିର ପଛ ପାଖରେ ପ୍ରାୟ ୨ଶହ ମିଟର ଦୂରରେ ଉଭା ହୋଇଛନ୍ତି। ରବିବାର ଏଥିପାଇଁ ଜନ୍ତାଳ ପୂଜା ଅନୁଷ୍ଠିତ ହୋଇଥିଲା। ଏହି ପୂଜା ସମୟରେ ପତିଆରଙ୍କ ଠାରେ ଦେବୀ ଆବିର୍ଭାବ ହୋଇଥିବାବେଳେ ଉଭାସ୍ଥଳ ସମ୍ପର୍କରେ ଦେହୁରୀଙ୍କୁ ସୂଚନା ଦେଇଥିଲେ। ପୂର୍ବ ସୂଚନାକୁ ଆଧାର କରି ଦେହୁରୀ ଅର୍ଦ୍ଧରାତ୍ରିରେ ଏକାକୀ ଯାଇ ଉଭାସ୍ଥଳ ଚିହ୍ନଟ କରିବା ସହିତ ଶାବର ମନ୍ତ୍ରରେ ମା' ଅଗ୍ନିରୂପାଙ୍କୁ ସେଠାରେ ଅଟକାଇ ରଖିଥିଲେ। ଚଳିତମାସ ୩୧ ତାରିଖରୁ ଉକ୍ତ ସ୍ଥାନରେ ହିଁ ମା'ଙ୍କ ବାର୍ଷିକ ପ୍ରସିଦ୍ଧ ବାର୍ଷିକ ଯାତ୍ରା ଆରମ୍ଭ ହେବ। ଉଭାସ୍ଥଳ ଚିହ୍ନଟ ସମ୍ପର୍କରେ ଜଣାପଡ଼ିବା ପରେ ସେଠାକୁ ଭକ୍ତଙ୍କ ସୁଅ ଛୁଟିଛି।

# ମାଲବାହୀ ଟ୍ରେନ୍ ଲାଇନ୍‌ଚ୍ୟୁତ

ଯୋଡ଼ା୨୩।୩(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ାସ୍ଥିତ ମୁର୍ଗାମହାଦେବ ଷ୍ଟେଶନ ନିକଟରେ ଏକ ମାଲବାହୀ ଟ୍ରେନ୍ ଲାଇନ୍‌ଚ୍ୟୁତ ହୋଇଛି। ଫଳରେ ବାଂଶପାଣି ଏବଂ ଟାଟା ନଗର ମଧ୍ୟରେ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଛି। ବାଂଶପାଣି ରେଳ ଷ୍ଟେଶନରେ ବ୍ରହ୍ମପୁରରୁ ଟାଟା ନଗର ଯାଉଥିବା ବନ୍ଦେ ଭାରତ ଟ୍ରେନ୍ ତିନି ଘଣ୍ଟା ଧରି ଅଟକି ରହିଛି। ମାଲବାହୀ ଟ୍ରେନ୍‌ଟି ପୂର୍ବାହ୍ନରେ ମୁର୍ଗାମହାଦେବ ଷ୍ଟେଶନ ନିକଟରେ ଲାଇନଚ୍ୟୁତ୍ ହୋଇଥିଲା। ଫଳରେ ବଡ଼ବିଲ-ପୁରୀ ଇଣ୍ଟରସିଟି ଏକ୍ସପ୍ରେସକୁ ବାତିଲ କରାଯାଇଛି। ସାପ୍ତାହିକ ବିଶାଖା ଏକ୍ସପ୍ରେସକୁ ରାଉରକେଲା-ଝାରସୁଗୁଡ଼ା ଦେଇ ବିଶାଖାପାଟଣା ପଠାଯାଇଛି। ଦିଲ୍ଲୀ ଆନନ୍ଦ ବିହାର ଏକ୍ସପ୍ରେସକୁ ଟାଟା ନଗର ହିଜିଳି ରୁଟ୍ ପରିବର୍ତ୍ତନ କରାଯାଇଛି। ଟାଟା ନଗରରୁ ବ୍ରହ୍ମପୁର ଯାଉଥିବା ବନ୍ଦେ ଭାରତ ଏକ୍ସପ୍ରେସ ବାଂଶପାଣି ରେଳ ଷ୍ଟେଶନକୁ ପହଞ୍ଚି ପାରି ନ ଥିବାରୁ ଯାତ୍ରୀମାନେ ବାଂଶପାଣି ରେଳ ଷ୍ଟେଶନ ଏବଂ ବାଂଶପାଣିରୁ ଡାଙ୍ଗୁଆପୋଷି ମଧ୍ୟରେ ଅଟକି ରହିଛନ୍ତି।

# ବିଜୁଙ୍କୁ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ କରାଇ ନ ଦେବାକୁ ହୋଇଥିଲା ଚକ୍ରାନ୍ତ: ବିଜେଡି

ଭୁବନେଶ୍ୱର, ୨୩।୩(ସୁନିତ୍ ମିଶ୍ର)



ଶଙ୍ଖ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବିଜେଡି ନେତୃବୃନ୍ଦ।

୧୯୯୫ରେ ବିଜୁ ପଟ୍ଟନାୟକ ଲଗାତର ଦ୍ୱିତୀୟ ଥର ଲାଗି ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବା ପାଇଁ ଏବଂ ୧୯୯୬ରେ ପ୍ରଧାନମନ୍ତ୍ରୀ ହେବା ଲାଗି ସୁଯୋଗ ରହିଥିଲା। ଏହି ୨ଥର ଯାକ ବିଜୁବାବୁଙ୍କ ଇଚ୍ଛାକୁ ବିଜୟ ମହାପାତ୍ର ଏବଂ ପ୍ରଭାତ ତ୍ରିପାଠୀ ଭଣ୍ଡୁର କରିବା ପାଇଁ ଚକ୍ରାନ୍ତ କରିଥିଲେ ବୋଲି ବିଜେଡି ଅଭିଯୋଗ କରିଛି।

ଶଙ୍ଖ ଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲିକ କହିଛନ୍ତି, ୧୯୯୫ରେ ରାଜ୍ୟରେ ବିଜୁ ପଟ୍ଟନାୟକଙ୍କ ସପକ୍ଷରେ ହାୱା ରହିଥିଲା। ସେ ୨ୟ ଥର ଲାଗି ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବା ଏକ ପ୍ରକାର ନିଶ୍ଚିତ ଥିଲା। ମାତ୍ର ପ୍ରାୟ ୩୦ଟି ବିଧାନସଭା କ୍ଷେତ୍ରରେ ଜନତା ଦଳ ବିରୋଧରେ ସମାନ୍ତରାଳ ପ୍ରାର୍ଥୀ ଦେଇ ବିଜୟ ଏବଂ ପ୍ରଭାତ ଅପ୍ରତ୍ୟାଶିତ ପରାଜୟ କରାଇଥିଲେ। ୧୯୯୬ରେ ଯେତେବେଳେ ବିଜୁବାବୁଙ୍କ ପାଇଁ ପ୍ରଧାନମନ୍ତ୍ରୀ ହେବାର ସୁଯୋଗ ରହିଥିଲା ଓଡ଼ିଶାର କେତେଜଣ ନେତା ଏହା ନ କରାଇଦେବା ଲାଗି ଚକ୍ରାନ୍ତ କରିଥିଲେ। ସେମାନଙ୍କ ଭିତରେ ସେହି ୨ ନେତା ରହିଥିଲେ। ସେହିପରି ପ୍ରଭାତ ବିଶ୍ୱାଳ ନବୀନ ନିବାସରେ ଦେଖାଇଥିବା ବିଶୃଙ୍ଖଳିତ ଆଚରଣ ଏକ ପ୍ରାୟୋଜିତ କାର୍ଯ୍ୟକ୍ରମ ଥିଲା। ତାଙ୍କ ପୁଅ ଟଙ୍କା ନେଇ ରାଜ୍ୟ ସଭା ନିର୍ବାଚନରେ ଭୋଟ୍ ଦେଇଛନ୍ତି। କେବଳ ଲୋକଙ୍କ ଆକ୍ରୋଶରୁ ରକ୍ଷା ପାଇବା ଲକ୍ଷ୍ୟରେ ବିଜୁ ଲିଗାସୀ କଥା କହୁଛନ୍ତି। ଏମାନଙ୍କ ମୁହଁରେ ବିଜୁ ଲିଗାସୀ ସୈତାନ ମୁହଁରେ ବେଦପାଠ ସଦୃଶ ବୋଲି ସେ କହିଛନ୍ତି। ବିଧାୟକ ଧ୍ରୁବ ଚରଣ ସାହୁ କହିଛନ୍ତି, ବିଜୁବାବୁଙ୍କ ବିରୋଧରେ ଚକ୍ରାନ୍ତ କରିଥିବା ଲୋକ ଏବେ ନବୀନ ପଟ୍ଟନାୟକଙ୍କ ବିରୋଧୀ କାର୍ଯ୍ୟ କରୁଛନ୍ତି। ୧୯୯୨ରେ ମଦମୃତ୍ୟୁ ମାମଲାରେ ମୁଖ୍ୟତଃ ବିଜୟ ମହାପାତ୍ର ଏବଂ ପ୍ରଭାତ ତ୍ରିପାଠୀ ରହିଥିଲେ। ମଦମୃତ୍ୟୁ ଘଟଣାରୁ ନିଜକୁ ରକ୍ଷା କରିବା ଲାଗି ବିଜୟଙ୍କ କଥାରେ ସେତେବେଳେ ପ୍ରଭାତ କ୍ରସ୍ ଭୋଟିଂ କରିଥିଲେ। ଏଥିରେ କ୍ଷୁବ୍ଧ ହୋଇ ସେତେବେଳେ ବିଜୟଙ୍କୁ ମୁଖ୍ୟ ସଚେତକ ପଦରୁ ବିଜୁବାବୁ ବିଦା କରିଥିବା ବେଳେ ପ୍ରଭାତଙ୍କୁ ବହିଷ୍କାର କରିଥିବା ସାହୁ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ବିଧାୟକ ବ୍ୟୋମକେଶ ରାୟ ଉପସ୍ଥିତ ଥିଲେ।

# ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ଆର୍‌ବିଆଇର ୭୯,୨୫୬ କୋଟି ନିବେଶ

ମୁମ୍ବାଇ, ୨୩।୩ (ପି.ଟି.)




ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ସୋମବାର ଓଭରନାଇଟ୍ (ରାତାରାତି) ଭାରିଏବଲ ରେଟ୍ ରେପୋ (ଭିଆର୍‌ଆର୍) ନିଲାମ ମାଧ୍ୟମରେ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ୭୯,୨୫୬ କୋଟି ଟଙ୍କାର ଅସ୍ଥାୟୀ ନଗଦ ଅର୍ଥ ପ୍ରଦାନ କରିଛି।

ସାଧାରଣତଃ ମାର୍ଚ୍ଚ ମାସରେ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ନଗଦ ଅର୍ଥର ଅଭାବ ଦେଖାଯାଏ। ଏହାର ଦୁଇଟି ମୁଖ୍ୟ କାରଣ ରହିଛି। ପ୍ରଥମତଃ କମ୍ପାନୀ ଏବଂ ବ୍ୟକ୍ତିବିଶେଷ ମାର୍ଚ୍ଚ ମାସରେ ସରକାରଙ୍କୁ ଅଗ୍ରିମ ଟିକସ ପ୍ରଦାନ କରନ୍ତି। ଏହି ଅର୍ଥ ବ୍ୟାଙ୍କ ଖାତାରୁ ବାହାରି ସରକାରଙ୍କ ଆର୍‌ବିଆଇ ଖାତାକୁ ଚାଲିଯାଏ, ଯାହାଫଳରେ ବ୍ୟାଙ୍କ ପାଖରେ ଥିବା ନଗଦ ପରିମାଣ କମିଯାଏ। ବର୍ତ୍ତମାନ ବଜାରରେ ପ୍ରାୟ ୬୫,୩୯୫.୬୪ କୋଟି ଟଙ୍କାର ନଗଦ ନିଅଣ୍ଟ ଥିବା ଅନୁମାନ କରାଯାଉଛି। ଦ୍ୱିତୀୟରେ ଆର୍ଥିକ ବର୍ଷର ଶେଷ ସମୟ ହୋଇଥିବାରୁ ବ୍ୟାଙ୍କଗୁଡ଼ିକ ସେମାନଙ୍କ ବାଲାନ୍ସ ଶିଟ୍ ସଜାଡ଼ିବା ପାଇଁ ଅଧିକ ନଗଦ ଆବଶ୍ୟକ କରନ୍ତି। ଏଭଳିସ୍ଥଳେ ବଜାରରେ ସୁଧହାରକୁ ସ୍ଥିର ରଖିବା ପାଇଁ ଏବଂ ବ୍ୟାଙ୍କଗୁଡ଼ିକୁ ସାମୟିକ ଭାବେ ଟଙ୍କା ଧାର ଦେବା ପାଇଁ ଆର୍‌ବିଆଇ ଭିଆର୍‌ଆର୍ ନିଲାମ କରେ। ଏହାହେଉଛି ବ୍ୟାଙ୍କଗୁଡ଼ିକୁ ଆର୍‌ବିଆଇର ଅସ୍ଥାୟୀ ସହାୟତା। ଓଭରନାଇଟ୍ (ରାତାରାତି) ଭିଆର୍‌ଆର୍ ମାଧ୍ୟମରେ ଆର୍‌ବିଆଇ କେବଳ କିଛି ଦିନ ପାଇଁ ଟଙ୍କା ପ୍ରଦାନ କରେ। ଯେତେବେଳେ ବ୍ୟାଙ୍କଗୁଡ଼ିକ ପାଖରେ ପୁଣି ଟଙ୍କା ଆସିଯାଏ, ସେମାନେ ଆର୍‌ବିଆକୁ ତାହା ଫେରସ୍ତ କରିଦିଅନ୍ତି। ବର୍ତ୍ତମାନ ଆର୍‌ବିଆଇ ବ୍ୟାଙ୍କଗୁଡ଼ିକୁ ଏହି ଆର୍ଥିକ ସହାୟତା ଦେବା ପାଇଁ ୫.୨୬% ସୁଧ ହାର (କଟ୍-ଅଫ୍ ରେଟ୍) ଧାର୍ଯ୍ୟ କରିଛି। କଟ୍-ଅଫ୍ ରେଟ୍ ହେଉଛି ସର୍ବନିମ୍ନ ସୁଧ ହାର, ଯେଉଁଥିରେ ଆର୍‌ବିଆଇ ବ୍ୟାଙ୍କଗୁଡ଼ିକୁ ଟଙ୍କା ଦେବା ପାଇଁ ରାଜି ହୋଇଛି। ଯେଉଁ ବ୍ୟାଙ୍କଗୁଡ଼ିକ ଏହି ହାର କିମ୍ବା ଏହାଠାରୁ ଅଧିକ ସୁଧ ଦେବାକୁ ପ୍ରସ୍ତୁତ ଥିଲେ, ସେମାନଙ୍କୁ ହିଁ ପାଣ୍ଠି ମିଳିଛି। ସମସ୍ତ ବ୍ୟାଙ୍କ ଦେଇଥିବା ଭିନ୍ନ ଭିନ୍ନ ସୁଧ ହାରର ଏକ ହାରାହାରି ପରିମାଣ ହେଉଛି ୫.୨୬%। ଆର୍‌ବିଆଇର ଏହି ପଦକ୍ଷେପ ଦର୍ଶାଉଛି ଯେ, ବଜାରରେ ଅଧିକ ସୁଧ ହାର ବୃଦ୍ଧି ରୋକିବାକୁ କେନ୍ଦ୍ରୀୟ ବ୍ୟାଙ୍କ ଚାହୁଁଛି, ଯାହାଫଳରେ ସାଧାରଣ ଋଣ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ। ହେଲେ ଆର୍‌ବିଆଇ ୧ ଲକ୍ଷ କୋଟି ଟଙ୍କା ନିବେଶ ପାଇଁ ବିଜ୍ଞପ୍ତି ପ୍ରକାଶ କରିଥିଲେ ମଧ୍ୟ ପ୍ରକୃତରେ ପ୍ରାୟ ୭୯,୨୫୬ କୋଟି ଟଙ୍କା ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ଯାଇଛି।

ପୂର୍ବରୁ ମଧ୍ୟ ଆର୍‌ବିଆଇ ଏଭଳି କେତେକ ପଦକ୍ଷେପ ନେଇଛି। ତଦନୁଯାୟୀ ମାର୍ଚ୍ଚ ୨୦ରେ ୩ ଦିନିଆ ଭିଆର୍‌ଆର୍ ମାଧ୍ୟମରେ ୨୫,୧୦୧ କୋଟି ଟଙ୍କା, ମାର୍ଚ୍ଚ ୧୭ରେ ୭ ଦିନିଆ ଭିଆର୍‌ଆର୍ ମାଧ୍ୟମରେ ୪୮,୦୧୪ କୋଟି ଟଙ୍କା ଏବଂ ଜାନୁଆରୀ ୨୦୨୬ରୁ ଓପନ ମାର୍କେଟ ପରଚେଜ୍ (ଓଏମ୍‌ଓ) ମାଧ୍ୟମରେ ସରକାରୀ ସିକ୍ୟୁରିଟି କିଣି ଆର୍‌ବିଆଇ ବଜାରରେ ୩.୫୦ ଲକ୍ଷ କୋଟି ଟଙ୍କାର ସ୍ଥାୟୀ ନଗଦ ଅର୍ଥ ପ୍ରବାହ କରିଛି।

# ଲଗାତର କମୁଛି ସୁନାରୁପା ଦର

ଭୁବନେଶ୍ୱର, ୨୩।୩
(ଅନୁରାଧା ମହାରଣା)

ମଧ୍ୟପ୍ରାଚ୍ୟ ଯୁଦ୍ଧ ଭିତରେ ଖସିଲା ସୁନା ଦର। ଏହା ଲଗାତର ତଳମୁହାଁ ହେଉଛି। ସୋମବାର ପୁଣି ୨୪ କ୍ୟାରେଟ ସୁନା ୧୦ ଗ୍ରାମ୍ ପ୍ରତି ୫ ହଜାର ୯୫୦ ଟଙ୍କା ଖସିଥିବାବେଳେ ୨୨ କ୍ୟାରେଟ ସୁନା ୧୦ ଗ୍ରାମ୍ ପିଛା ୫ ହଜାର ୪୫୦ ଟଙ୍କା କମିଛି । ସେହିପରି ୨୨ କ୍ୟାରେଟ ସୁନା ୧୦ ଗ୍ରାମ୍ ପ୍ରତି ଦର ରହିଛି ୧ ଲକ୍ଷ ୨୮ ହଜାର ୩୫୦ ଟଙ୍କା। ୨୪ କ୍ୟାରେଟ ସୁନା ୧୦ ଗ୍ରାମ୍ ପ୍ରତି ଦର ୧ ଲକ୍ଷ ୪୦ ହଜାର ୨୦ ଟଙ୍କା ରହିଛି। ମଧ୍ୟପ୍ରାଚ୍ୟ ଯୁଦ୍ଧରେ ଡଲାର୍ ମହଙ୍ଗା ହେବା କାରଣରୁ ନିବେଶକମାନେ ସୁନା ବଦଳରେ ଡଲାରରେ ନିବେଶ କରୁଛନ୍ତି। ଅନ୍ୟପଟେ ରୁପା ଦର ୨୦ ହଜାର ଟଙ୍କା କମି ୨ ଲକ୍ଷ ୩୦ ହଜାର ଟଙ୍କା ରହିଛି। ରବିବାର ରୁପା ଦର ୨ ଲକ୍ଷ ୫୦ ହଜାର ଟଙ୍କା ରହିଥିଲା।

# ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ନୂଆ ଶାଖା ଉଦ୍‌ଘାଟିତ



ଭୁବନେଶ୍ୱର, ୨୩।୩ (ଅନୁରାଧା ମହାରଣା)

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ନୂଆ ଶାଖା ଭୁବନେଶ୍ୱର ସୁନ୍ଦରପଦା କୋକିଳା କାଞ୍ଚନ ଟାୱାରଠାରେ ଉଦ୍‌ଘାଟିତ ହୋଇଯାଇଛି। ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ହରେକୃଷ୍ଣ ଦାସ ଏହି ଶାଖାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ନିରଞ୍ଜନ ବାରିକ, ସହାୟକ ମହାପ୍ରବନ୍ଧକ ବିନୟ ଶର୍ମା, ସୁନ୍ଦରପଦା ଶାଖାର ଶାଖା ମୁଖ୍ୟ ସୌମେନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶାଖା ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର ୬୪ ତମ ଶାଖା । ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ସୁନ୍ଦରପଦା ଅଞ୍ଚଳର ଜନସାଧାରଣଙ୍କୁ ସର୍ବୋତ୍ତମ ଗ୍ରାହକ ସେବା ପ୍ରଦାନ କରିବା ସହ ଏହି ଅଞ୍ଚଳର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବ ବୋଲି ଆଞ୍ଚଳିକ ପ୍ରବନ୍ଧକ ଦାସ ସୂଚନା ଦେଇଛନ୍ତି।

# ବିଦ୍ୟୁତ କାଟ୍ ହ୍ରାସ ପାଇଁ ଟାଟା ଡିସ୍‌କମ୍‌କୁ 'ଏ+' ମାନ୍ୟତା

ଭୁବନେଶ୍ୱର, ୨୩।୩ (ଅନୁରାଧା ମହାରଣା)

କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ଆର୍ଥିକ ବର୍ଷ ୨୦୨୪-୨୫ର ବିତରଣ କମ୍ପାନୀର ଉପଭୋକ୍ତା ସେବା ମୂଲ୍ୟାଙ୍କନ ରିପୋର୍ଟ (ସିଏସଆରଡି)ରେ ଓଡ଼ିଶାର ୪ ଡିସକମ୍ ଯଥା ଟିପିସିଓଡିଏଲ, ଟିପିଏସଓଡିଏଲ, ଟିପିଡବ୍ଲ୍ୟୁଓଡିଏଲ୍ ଏବଂ ଟିପିଏନଓଡିଏଲ ଦେଶର ସର୍ବୋତ୍ତମ ପ୍ରଦର୍ଶନକାରୀ ୟୁଟିଲିଟି ମଧ୍ୟରେ ସ୍ଥାନ ପାଇଛନ୍ତି। ରାଜ୍ୟର ୧୦ ମିଲିୟନରୁ ଅଧିକ (ପ୍ରାୟ ୧ କୋଟି) ଉପଭୋକ୍ତାଙ୍କୁ ସେବା ଯୋଗାଉଥିବା ଏହି ଡିସକମ୍‌ଗୁଡ଼ିକ ସମଗ୍ର ରାଜ୍ୟରେ ଭରସାଯୋଗ୍ୟ ଏବଂ ଗ୍ରାହକ-କୈନ୍ଦ୍ରିକ ବିଦ୍ୟୁତ ଯୋଗାଣ ପାଇଁ ସେମାନଙ୍କର ପ୍ରତିବଦ୍ଧତା ଜାରି ରଖିଛନ୍ତି। ବିଦ୍ୟୁତ ଜନିତ ତ୍ରୁଟିର ସମାଧାନ ଏବଂ ଉପଭୋକ୍ତାଙ୍କ ଅଭିଯୋଗର ସମାଧାନ କ୍ଷେତ୍ରରେ ସେମାନେ 'ଏ' ଏବଂ 'ଏ+' ମାନ୍ୟତା ହାସଲ କରିଛନ୍ତି। ଏହା ଉପଭୋକ୍ତାଙ୍କ ସମସ୍ୟାକୁ ଠିକ୍ ସମୟରେ ଦୂର କରିବା ପାଇଁ ସେମାନଙ୍କର ତତ୍ପରତା ଓ ନିଷ୍ଠାକୁ ପ୍ରମାଣିତ କରୁଛି। ନିଜର ପରିଚାଳନାଗତ ଦକ୍ଷତାକୁ ଆହୁରି ସୁଦୃଢ଼ କରି ଓଡ଼ିଶାର ଚାରୋଟିଯାକ ଡିସକମ୍ ପରିଚାଳନା କ୍ଷେତ୍ରରେ ନିର୍ଭରଯୋଗ୍ୟତା ପାଇଁ 'ଏ+' ମାନ୍ୟତା ପାଇଛନ୍ତି। ପୂର୍ବରୁ କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ଆର୍ଥିକ ବର୍ଷ ୨୦୨୫ ପାଇଁ ବିଦ୍ୟୁତ ବିତରଣ ୟୁଟିଲିଟିର ୧୪ତମ ସମନ୍ୱିତ ରେଟିଂ ଏବଂ ର୍ୟାଙ୍କିଙ୍ଗ ରିପୋର୍ଟରେ ମଧ୍ୟ ଟାଟା ପାୱାର ଓଡ଼ିଶା ନେତୃତ୍ୱାଧୀନ ଦୁଇଟି ଡିସକମ୍ 'ଏ+' ମାନ୍ୟତା ପାଇଥିଲେ।

# ଆଧୁନିକ ଶିକ୍ଷା ପ୍ରଣାଳୀରେ ମିଳିତ ଗବେଷଣାକୁ ଗୁରୁତ୍ୱ



ଭୁବନେଶ୍ୱର, ୨୩।୩ (ସୁଚିସ୍ମିତା ସାହୁ)

**ଓୟୁଟିଆର୍‌ରେ ଏମର୍ଜିଙ୍ଗ୍ ଟ୍ରେଣ୍ଡ୍‌ସ ଇନ୍ କେମିକାଲ ସାଇନ୍ସେସ ଜାତୀୟ ସମ୍ମିଳନୀ**

ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର୍)ର ସ୍କୁଲ ଅଫ୍ ବେସିକ ସାଇନ୍ସେସ ଏଣ୍ଡ ହ୍ୟୁମାନିଟିଜ୍ (ଡିପାର୍ଟମେଣ୍ଟ ଅଫ୍ କେମିଷ୍ଟ୍ରି) ପକ୍ଷରୁ ସୋମବାର ଏମର୍ଜିଙ୍ଗ ଟ୍ରେଣ୍ଡ୍‌ସ ଇନ୍ କେମିକାଲ ସାଇନ୍ସେସ ଶୀର୍ଷକ ଦୁଇଦିନିଆ ଜାତୀୟ ସମ୍ମିଳନୀ ବିଶ୍ୱବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ଡା. ସଞ୍ଜୟ କୁମାର ନାୟକ ଯୋଗଦେଇ କହିଲେ, ଆଧୁନିକ ଶିକ୍ଷା ପ୍ରଣାଳୀରେ ଗବେଷଣାକୁ ଆଗକୁ ନେବା ପାଇଁ ବିଭିନ୍ନ ସହର ଓ ବିଶ୍ୱବିଦ୍ୟାଳୟ ମଧ୍ୟରେ ସଂଯୁକ୍ତ ପ୍ରୟାସ ଅତ୍ୟନ୍ତ ଆବଶ୍ୟକ। ଏଥିରେ ସହମତି ପ୍ରକାଶ କରି ଓୟୁଟିଆର୍ କୁଳପତି ପ୍ରଫେସର ବିଭୁତି ଭୂଷଣ ବିଶ୍ୱାଳ କହିଲେ, ବିଶ୍ୱବିଦ୍ୟାଳୟ ଗବେଷଣାକୁ ପ୍ରାଧାନ୍ୟ ଦେବା ସହ ଛାତ୍ରୀଛାତ୍ରଙ୍କ ଭିତରେ ନୂତନ ଜ୍ଞାନ ଓ ଗରିମାକୁ ଉଦ୍ରେକ କରିବା ଲାଗି ସବୁବେଳେ ପ୍ରୟାସରତ। ମୁଖ୍ୟବକ୍ତା ଭାବେ ପ୍ରଫେସର କେ. କେ. ନନ୍ଦା ଫ୍ୟୁଏଲ ସେଲ୍‌ସର ଅଜଣା କାହାଣୀ ବିଷୟରେ ଆଲୋଚନା କରିଥିଲେ। ପ୍ରଫେସର ଦେବବ୍ରତ ପ୍ରଧାନ ନାନୋ ପଦାର୍ଥର ବିକାଶ ଓ ହାଇଡ୍ରୋଜେନ ଉତ୍ପାଦନ ବିଷୟରେ କହିଥିଲେ। ଡାକ୍ତର ମଳୟ କୁମାର ରଣା କ୍ୟାନ୍‌ସର ଚିକିତ୍ସାରେ କୃତ୍ରିମ ବୁଦ୍ଧିମତ୍ତାର ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଇଟିସିଏସ୍- ୨୦୨୬ର ବାର୍ଷିକ ଅବ୍‌ଷ୍ଟ୍ରାକ୍ଟ ପୁସ୍ତକ ଉନ୍ମୋଚନ ହୋଇଥିଲା। ସମ୍ମିଳନୀର ସଂଯୋଜକ ଭାବେ ପ୍ରଫେସର ବିଜ୍ଞାନ ରଞ୍ଜନ ଦାସ, ସହସଂଯୋଜକ ଭାବେ ଡା. ଆଲ୍‌ଫା ଶର୍ମା ଓ ଡା. ବିଶ୍ୱଜିତ ସାମନ୍ତରାୟ ସହଯୋଗ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଡାକ୍ତର ରତି ରଞ୍ଜନ ନାୟକ ସୃଜନଶୀଳ ଗ୍ଲାଇକୋଲିପିଡ୍‌ସ ଓ ମଲ୍ଟି ଫଙ୍କ୍‌ଶନାଲ ସଫ୍ଟ ମେଟେରିଆଲ୍‌ସ ବିଷୟରେ ଉପସ୍ଥାପନା କରିଥିଲେ। ପ୍ରଫେସର ହିମାଂଶୁ ଶେଖର ବିଶ୍ୱାଳ ଓ ପ୍ରଫେସର ଉମାପ୍ରସନ୍ନ ଓଝା ରସାୟନ ଗବେଷଣାର ଆଧୁନିକ ପ୍ରବଣତା ଏବଂ ଡାକ୍ତର ନିମାଇଁ ମିଶ୍ର ହରିତ ଆମୋନିଆ ଉତ୍ପାଦନରେ ନୂତନ ଉତ୍ପ୍ରେରକ ବିଷୟରେ ତାଙ୍କ ଗବେଷଣା ଉପସ୍ଥାପନା କରିଥିଲେ।

# ଲାୟନ୍ସ ଇଣ୍ଟରନ୍ୟାଶନାଲ୍ ସ୍କୁଲର ବାର୍ଷିକ ଉତ୍ସବ

ଓଡ଼ାପଡ଼ା, ୨୩।୩ (ରଞ୍ଜିତ୍ ନାୟକ)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ହିନ୍ଦୋଳ ରୋଡ୍‌ସ୍ଥିତ ଲାୟନ୍ସ ଇଣ୍ଟରନ୍ୟାଶନାଲ ବିଦ୍ୟାଳୟର ୧୨ତମ ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସୁକାନ୍ତ ଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଗୁରୁଚରଣ ରାଉତରାୟ, ସମ୍ମାନିତ ଅତିଥି ଭାବେ ଡ. ସୌମ୍ୟରଞ୍ଜନ ମହାନ୍ତି, ହିନ୍ଦୋଳ ରୋଡ୍ ଆଇଟିସି ଅଧ୍ୟକ୍ଷ ଜିତେନ୍ଦ୍ର କୁମାର ସାମଲ ଓ ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶକ ରମେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ପ୍ରିୟବ୍ରତ ସ୍ୱାଇଁ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଡି.ଡି. ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜ୍ଞାନ ଇଣ୍ଟରନ୍ୟାଶନାଲ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଭୁବନେଶ୍ୱର, ୨୩।୩ (ଅନୁରାଧା ମହାରଣା)

ଜୟପୁର ଉପକଣ୍ଠ ଫୁଲବାଡସ୍ଥିତ ବିଜ୍ଞାନ ଇଣ୍ଟର ନ୍ୟାଶନାଲ ବିଦ୍ୟାଳୟ ଓ ବିଜ୍ଞାନ ଇଣ୍ଟର ନ୍ୟାଶନାଲ ପ୍ରାଥମିକ ବିଦ୍ୟାଳୟର ଦଶମ ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଦ୍ୟାଳୟର ସଭାପତି ପ୍ରକାଶ କୁମାର ନାୟକ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ସ୍ୱାମୀ ସୁଧାନନ୍ଦ ସରସ୍ୱତୀ ମହାରାଜ ଓ ସମ୍ମାନିତ ଅତିଥି ସ୍ଥାନୀୟ ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗ ଦେଇଥିଲେ। ବିଜ୍ଞାନ ଇଣ୍ଟର ନ୍ୟାଶନାଲର ଅଧ୍ୟକ୍ଷ ଡ.ରାଜକିଶୋର ମଲ୍ଲିକ ଏବଂ ତାରିଣୀ ଛକସ୍ଥିତ ବିଜ୍ଞାନ ଇଣ୍ଟରନ୍ୟାଶନାଲ ପ୍ରାଇମେରୀ ସ୍କୁଲର ଅଧ୍ୟକ୍ଷା ଗୀତାରାଣୀ ମିଶ୍ର ୨୦୨୫-୨୦୨୬ ଶିକ୍ଷାବର୍ଷର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ବାର୍ଷିକ ମୁଖପତ୍ର 'ସମାଧାନ'ର ଉନ୍ମୋଚନ କରାଯିବା ସହ ପରିଚାଳନା କମିଟି ତଥା ଟ୍ରଷ୍ଟିମାନଙ୍କୁ ସମ୍ମାନିତ କରାଯାଇଥିଲା । ମୁଖ୍ୟ ଅତିଥି ସଦାନନ୍ଦ ମହାରାଜ ନିଜ ବକ୍ତବ୍ୟ ରଖି ଦେଶ ଗଠନରେ ମାତୃଶକ୍ତିହିଁ ମହାନ ଶକ୍ତି ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ସ୍ଥାନୀୟ ବିଧାୟକ ତାରାପ୍ରସାଦ ବାହିନୀପତି ମାତାପିତା ପିଲାଙ୍କୁ ପାଶ୍ଚାତ୍ୟଭିମୁଖୀ ଅପେକ୍ଷା ଆମ ବିଚାର ଧାରାରେ ଯେଉଁ ଆଦର୍ଶ ରହିଛି ତାହା ଅନୁସରଣ କରିବା ପାଇଁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ସମ୍ପାଦକ ଡ. ଯୁଗଳ କିଶୋର ମିଶ୍ର ୨୦୨୫-୨୬ ଶିକ୍ଷାବର୍ଷର ବିଭିନ୍ନ କାର୍ଯ୍ୟକ୍ରମ ସଫଳତା ଓ ଆଗାମୀ ଶିକ୍ଷା ବର୍ଷର ଶୈକ୍ଷିକ ଯୋଜନାକୁ ଉପସ୍ଥାପନା କରିଥିଲେ। ତାରିଣୀ ଛକ ବିଦ୍ୟାଳୟର ବାର୍ଷିକ ଅଗ୍ରଗତି ସମ୍ପର୍କରେ ପରିଚାଳନା କମିଟିର ସଭାପତି ପ୍ରଭାକର ପ୍ରଧାନ ବିବରଣୀ ପ୍ରଦାନ କରିଥିଲେ। ବିଦ୍ୟାଳୟର ବିଜେତା ୪ଟି ହାଉସକୁ ପୁରସ୍କାର ପ୍ରଦାନ କରିଥିଲେ। ଟ୍ରଷ୍ଟି ସଦସ୍ୟ ଡ. ମନୋରଞ୍ଜନ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଶିକ୍ଷୟିତ୍ରୀ ସୁଶ୍ରୀ ସରିତା ଦାସ ଏବଂ ଭାଗ୍ୟଲତା ପାଣିଗ୍ରାହୀ ପ୍ରଥମ ପର୍ଯ୍ୟାୟକୁ ପରିଚାଳନା କରିଥିଲେ। ଏହି ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ୍ ମନୋରଞ୍ଜନ କରିଥିଲା।

# ଗ୍ରାମାଞ୍ଚଳରେ ଜେଏସ୍‌ଡବ୍ଲ୍ୟୁର ବିଜ୍ଞାନ ପ୍ରଦର୍ଶନୀ




ଭୁବନେଶ୍ୱର, ୨୩।୩ (ଅନୁରାଧା ମହାରଣା)

ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେଶନ ଏବଂ ପ୍ରଥମ ଏଜୁକେଶନ ଫାଉଣ୍ଡେଶନଙ୍କ ସହଯୋଗରେ 'ହମାରା ଗାଁ' କାର୍ଯ୍ୟକ୍ରମ ଅଧୀନରେ ଗ୍ରାମାଞ୍ଚଳର ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଏକ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀଗୁଡ଼ିକ ଠେଲକୋଲୋଇ, ଲପଙ୍ଗା, ଘିଚାମୁରା, ଶ୍ରୀପୁରା ଏବଂ ଖିଣ୍ଡା ପଞ୍ଚାୟତ ସମେତ ବିଭିନ୍ନ ଅଞ୍ଚଳରେ ଅନୁଷ୍ଠିତ ହୋଇଥିଲା। ଆଖପାଖ ଗ୍ରାମର ପ୍ରାଥମିକ ବିଦ୍ୟାଳୟର ୭୦ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ବିଭିନ୍ନ ବିଜ୍ଞାନ ମଡେଲ ଓ ପରୀକ୍ଷଣ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ, ବିଦ୍ୟାଳୟ ପ୍ରଧାନଶିକ୍ଷକ, ସ୍କୁଲ ମ୍ୟାନେଜମେଣ୍ଟ କମିଟି ଅଧ୍ୟକ୍ଷ, ସିଆରସିସି, ଆଶା ଓ ଅଙ୍ଗନୱାଡ଼ି କର୍ମୀମାନେ ଉପସ୍ଥିତ ଥିଲେ। ତେଲକୋଲୋଇ ଗ୍ରାମପଞ୍ଚାୟତରେ ଅନୁଷ୍ଠିତ ପ୍ରଦର୍ଶନୀରେ ଉପସ୍ଥିତ ଥିବା ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେଶନ (ସମ୍ବଲପୁର ଓ ଝାରସୁଗୁଡ଼ା)ର ମୁଖ୍ୟ ବିଶାଳ ରାଜ ଛାତ୍ରୀଛାତ୍ରଙ୍କର ଉତ୍ସାହ ଓ ସୃଜନଶୀଳତାକୁ ପ୍ରଶଂସା କରିଥିଲେ। ସେ କହିଥିଲେ, ଛୋଟ ବୟସରୁ ବୈଜ୍ଞାନିକ ମନୋଭାବନା ବିକାଶ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

# ପିଏନ୍‌ବି କଟକ ସର୍କଲର ସିଏସ୍‌ଆର୍ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୩।୩ (ଅନୁରାଧା ମହାରଣା)



ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ର କଟକ ସର୍କଲ ପକ୍ଷରୁ ସିଏସ୍‌ଆର୍ କାର୍ଯ୍ୟକ୍ରମ ଅନ୍ତର୍ଗତ ଭକ୍ତମାନଙ୍କ ସୁବିଧା ନିମନ୍ତେ ମା' ହିଙ୍ଗୁଳା ମନ୍ଦିରକୁ ଏକ ୱାଟର ପ୍ୟୁରିଫାୟାର ପ୍ରଦାନ କରାଯାଇଛି। ବ୍ୟାଙ୍କର ସର୍କଲ ମୁଖ୍ୟ ସୁଜିତ ନେଗି, ଶାଖା ମୁଖ୍ୟ ଅଖିଳ କୁମାର ପ୍ରଧାନଙ୍କ ସମେତ ସ୍ଥାନୀୟ ଶାଖାର ଶାଖା ମୁଖ୍ୟମାନେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଡିଜିଟାଲ ସଶକ୍ତୀକରଣ ଦିଗରେ ଏକ ପ୍ରୟାସ ଭାବରେ ମନ୍ଦିରରେ ଏକ କ୍ୟୁଆର୍ କୋଡ୍ ମଧ୍ୟ ଚାଲୁ କରାଯାଇଛି, ଯାହା ଭକ୍ତମାନଙ୍କ ମଧ୍ୟରେ ଡିଜିଟାଲ କାରବାର ଓ ଡିଜିଟାଲ ବ୍ୟାଙ୍କିଙ୍ଗ୍ ସେବାକୁ ଆହୁରି ସୁଦୃଢ଼ କରିପାରିବ।

# ଉଦୀୟମାନ କ୍ଷେତ୍ରରେ ନୂତନ ସୁଯୋଗ ସୃଷ୍ଟି କରୁଛି ବଜାର ଅସ୍ଥିରତା

ଭୁବନେଶ୍ୱର, ୨୩।୩ (ଅନୁରାଧା ମହାରଣା)

ଭାରତୀୟ ଇକ୍ୱିଟି ବଜାର ଏବେ ମିଶ୍ର ସଙ୍କେତ ଓ ବଢ଼ିଥିବା ଅସ୍ଥିରତାର ପର୍ଯ୍ୟାୟକୁ ଅତିକ୍ରମ କରୁଥିବା ସତ୍ତ୍ୱେ ଏହା ଏଭଳି ଏକ ପର୍ଯ୍ୟାୟ ଯାହା ଦୀର୍ଘକାଳୀନ ନିବେଶକମାନଙ୍କ ପାଇଁ ଶକ୍ତିଶାଳୀ ବ୍ୟବସାୟଗୁଡ଼ିକୁ ସଂଗ୍ରହ କରିବାର ଅର୍ଥପୂର୍ଣ୍ଣ ସୁଯୋଗ ସୃଷ୍ଟି କରିପାରେ। ବଜାଜ ଫିନସର୍ଭ ଏଏମସିର ସିଆଇଓ ଇକ୍ୱିଟିସ୍ ନିମେଶ ଚନ୍ଦନ କହିଛନ୍ତି , ଏପରି ପର୍ଯ୍ୟାୟଗୁଡ଼ିକ ଶୃଙ୍ଖଳିତ ନିବେଶକମାନଙ୍କୁ ମୂଳ ଭିତିରୁ ଶକ୍ତିଶାଳୀ କମ୍ପାନୀମାନଙ୍କୁ ଅଧିକ ଯୁକ୍ତିସଙ୍ଗତ ମୂଲ୍ୟାୟନରେ ନିବେଶ କରିବାର ସୁଯୋଗ ଦେଇପାରେ। ରିଅଲ୍ ଇଷ୍ଟେଟ୍ ଏବଂ ରଙ୍ଗରେ ଚାହିଦା ଉପରେ ଆଲୋକପାତକରି ସେ କହିଛନ୍ତି, ବଢ଼ୁଥିବା ପରିମାଣକୁ ସାଧାରଣତଃ କୌଣସି ଶିଳ୍ପରେ ଚାହିଦା ଶକ୍ତିଶାଳୀ ହେଉଥିବାର ପ୍ରଥମ ସଙ୍କେତଗୁଡ଼ିକ ମଧ୍ୟରୁ ଗୋଟିଏ ଭାବେ ଦେଖାଯାଏ। ଯେଉଁ କ୍ଷେତ୍ରଗୁଡ଼ିକରେ ଏପରି ପ୍ରାରମ୍ଭିକ ଗତିଶୀଳତା ଦେଖାଯିବା ଆରମ୍ଭ ହୁଏ, ପୁନରୁତ୍ଥାନର ଗତି ବଢ଼ିବା ସହିତ ସେଗୁଡ଼ିକ ଆକର୍ଷଣୀୟ ନିବେଶ ସୁଯୋଗରେ ପରିଣତ ହୋଇପାରେ।

# ପୂର୍ବତଟ ରେଳପଥର ୨ କର୍ମଚାରୀ ସମ୍ମାନିତ



ଭୁବନେଶ୍ୱର, ୨୩।୩ (ଅନୁରାଧା ମହାରଣା)

ସୁରକ୍ଷିତ ଟ୍ରେନ୍ ପରିଚାଳନା ସୁନିଶ୍ଚିତ କରିବାରେ ଉଲ୍ଲେଖନୀୟ ଅବଦାନ ପାଇଁ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ୨ ଜଣ ରେଳ କର୍ମଚାରୀଙ୍କୁ ସମ୍ମାନିତ କରିଛନ୍ତି। ପୁରସ୍କାରପ୍ରାପ୍ତ କର୍ମଚାରୀମାନେ ହେଉଛନ୍ତି ସମ୍ବଲପୁର ଡିଭିଜନ ଅନ୍ତର୍ଗତ ଲୋଇସିଂହାରେ କାର୍ଯ୍ୟରତ ଟ୍ରାକ୍ ମେଣ୍ଟେନର-୨ ଶ୍ରୀନିବାସ ଭୋଇ ଏବଂ ଖୋର୍ଦ୍ଧା ରୋଡ ଡିଭିଜନ ଅନ୍ତର୍ଗତ ପୁରୀରେ କାର୍ଯ୍ୟରତ ଲୋକୋ ପାଇଲଟ (ଯାତ୍ରୀ) ଧୀରେନ୍ଦ୍ର କୁମାର ଜେନା। ଶ୍ରୀନିବାସ ଭୋଇ ଲୋଇସିଂହା ଏବଂ ବଲାଙ୍ଗୀର ମଧ୍ୟରେ କିମ୍ୟାନ ଡ୍ୟୁଟି କରୁଥିବା ସମୟରେ ଅତିକ୍ରମ କରୁଥିବା ଏକ ଟ୍ରେନର ଚକରେ ଏକ ଲକ୍ ଆକ୍ସଲ ଏବଂ ଗମ୍ଭୀର ଚକ ତ୍ରୁଟି ଚିହ୍ନଟ କରିଥିଲେ, ଯାହାଫଳରେ ଏକ ସମ୍ଭାବ୍ୟ ବଡ଼ ଦୁର୍ଘଟଣାକୁ ରୋକାଯାଇପାରିଲା। ସେହିପରି ପୁରୀରୁ ଖୋର୍ଦ୍ଧା ରୋଡକୁ ଏକ ମେମୁ ଟ୍ରେନ୍ ଚଲାଉଥିବା ସମୟରେ ଧୀରେନ୍ଦ୍ର କୁମାର ଜେନା ମାଳତୀପାଟପୁର ଏବଂ ସାକ୍ଷୀଗୋପାଳ ମଧ୍ୟରେ ଟ୍ରାକ୍ ବ୍ଲକିଂ ହେଉଥିବା ଲକ୍ଷ୍ୟ କରିଥିଲେ। ସତର୍କତାର ସହ ସେ ତୁରନ୍ତ ଟ୍ରେନ୍‌କୁ ଅଟକାଇ ସମ୍ପୃକ୍ତ ଅଧିକାରୀମାନଙ୍କୁ ଜଣାଇଥିଲେ। ପରବର୍ତ୍ତୀ ସମୟରେ ଟ୍ରାକଟି ମରାମତି କରାଯାଇଥିଲା, ଯାହା ଫଳରେ ଟ୍ରେନ୍ ସେବା ସୁରକ୍ଷିତ ଭାବରେ ପୁନଃଆରମ୍ଭ ହୋଇଥିଲା। କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ କହିଥିଲେ, ସୁରକ୍ଷିତ ଏବଂ ନିରବଚ୍ଛିନ୍ନ ଟ୍ରେନ୍ ପରିଚାଳନା ସୁନିଶ୍ଚିତ କରିବା ପାଇଁ କର୍ମଚାରୀମାନଙ୍କର ସତର୍କତା ଏବଂ ସମୟୋଚିତ ପଦକ୍ଷେପ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

# ଇଣ୍ଡିଗୋର ସିଏସ୍‌ଓ ହେଲେ ଆଲୋକ ସିଂହ

ଭୁବନେଶ୍ୱର, ୨୩।୩ (ଅନୁରାଧା ମହାରଣା)

ଇଣ୍ଡିଗୋ ଏଭିଏଶନ ଜଗତର ଅଭିଜ୍ଞ ବ୍ୟକ୍ତିତ୍ୱ ଆଲୋକ ସିଂହଙ୍କୁ ନିଜର ଚିଫ୍ ଷ୍ଟ୍ରାଟେଜି ଅଫିସର (ସିଏସ୍‌ଓ) ଭାବେ ନିଯୁକ୍ତ କରିଛି। ଏହି ନିଯୁକ୍ତି ଏପରି ସମୟରେ ହୋଇଛି ଯେତେବେଳେ ଇଣ୍ଡିଗୋ ଘରୋଇ ବଜାରରୁ ବାହାରି ବିଶ୍ୱସ୍ତରରେ ନିଜର ପରିଚୟ ଗଢ଼ିବାର ପ୍ରସ୍ତୁତି କରୁଛି। ୩୦ ବର୍ଷରୁ ଅଧିକ ଏଭିଏଶନରେ ଅନୁଭବ ଥିବା ଆଲୋକ ସିଂହ ପୂର୍ବରୁ ଏୟାର ଇଣ୍ଡିଆ ଏକ୍ସପ୍ରେସର ମ୍ୟାନେଜିଂ ଡାଇରେକ୍ଟର ଓ ସିଇଓ ଭାବେ କାର୍ଯ୍ୟ କରିଥିଲେ ଏବଂ ସେଠାରେ କମ୍ପାନୀର ଟ୍ରାନ୍ସଫର୍ମେଶନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ। ଏହା ବ୍ୟତୀତ ସେ ଏୟାର ଇଣ୍ଡିଆ ଓ ଓମାନ ଏୟାର ଭଳି ବଡ଼ ଏୟାରଲାଇନ୍ସରେ ମଧ୍ୟ ଉଚ୍ଚ ପଦବୀରେ କାମ କରିଛନ୍ତି। ଚିଫ୍ ଷ୍ଟ୍ରାଟେଜି ଅଫିସର ଭାବେ ଆଲୋକ ସିଂହ ଇଣ୍ଡିଗୋର ଦୀର୍ଘମିଆଦୀ ଗ୍ରୋଥ ଯୋଜନା ପ୍ରସ୍ତୁତ କରିବା, ଅପରେଶନ କାର୍ଯ୍ୟକ୍ଷମତା ବଢ଼ାଇବା, ଗ୍ରାହକ ଅନୁଭବକୁ ଉନ୍ନତ କରିବା ଏବଂ ଅନ୍ତର୍ଜାତୀୟ ବଜାରରେ ମଜଭୁତ ଉପସ୍ଥିତି ଗଢ଼ିବା ପାଇଁ ଷ୍ଟ୍ରାଟେଜି ତିଆରି କରିବେ ବୋଲି ଆଶା କରାଯାଉଛି।

# ଭୁବନେଶ୍ୱରରେ ରୟାଲ ଏନ୍‌ଫିଲ୍‌ଡ ଶୋ'ରୁମ 'ଶକ୍ତି ସ୍ପିଡ୍'

ଭୁବନେଶ୍ୱର, ୨୩।୩ (ଅନୁରାଧା ମହାରଣା)




ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନଠାରେ ରୟାଲ ଏନଫିଲ୍‌ଡର ନୂଆ ଶୋ'ରୁମ ଶକ୍ତି ସ୍ପିଡ ଏଲ୍‌ଏଲ୍‌ପି ଖୋଲିଛି। ସୋମବାର ଲ୍ୟୁଟନାଣ୍ଟ ଜେନେରାଲ ସତୀଶ ଦୁଆ ଏହି ଶୋ'ରୁମ୍‌ର ଉଦଘାଟନ କରିଛନ୍ତି। ଏହି ଅବସରରେ ରୟାଲ ଏନଫିଲ୍ଡର ରିଜିଓନାଲ ମ୍ୟାନେଜର୍ ନରେନ୍ଦ୍ର ଶାଓ, ରିଜିଓନାଲ ସର୍ଭିସ ମ୍ୟାନେଜର୍ କରୁଣାନିଧି ସୁମନ ଏବଂ ଶକ୍ତି ସ୍ପିଡ ଏଲଏଲପିର ମ୍ୟାନେଜିଂ ପାର୍ଟନର୍ ଯୋଗେନ୍ଦ୍ର ହନ୍ସ ଓ ଅକ୍ଷୟ ହନ୍ସ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନ ଅବସରରେ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଲ୍ୟୁଟନାଣ୍ଟ ଜେନେରାଲ ସତୀଶ ଦୁଆ କହିଥିଲେ, ରୟାଲ ଏନଫିଲ୍ଡ ଅଭିଯାନ, ସାହସ ଏବଂ ଅନୁସନ୍ଧାନର ଆତ୍ମାକୁ ପ୍ରତିନିଧିତ୍ୱ କରେ । ଭୁବନେଶ୍ୱରରେ ଶକ୍ତି ସ୍ପିଡ ଦ୍ୱାରା ବ୍ରାଣ୍ଡର ଉପସ୍ଥିତି ଆହୁରି ମଜଭୁତ୍ ହେବା ଆନନ୍ଦର ବିଷୟ। ଶକ୍ତି ସ୍ପିଡର ମ୍ୟାନେଜିଂ ପାର୍ଟନର୍ ଅକ୍ଷୟ ହନ୍ସ କହିଥିଲେ, ରୟାଲ ଏନଫିଲ୍ଡ ସହ ଯୋଡ଼ି ହେବା ଆମର ଭାଗ୍ୟ। ଭୁବନେଶ୍ୱରର କେନ୍ଦ୍ରସ୍ଥଳରେ ଥିବା ଆମର ଶୋ'ରୁମ ଓ ସର୍ଭିସ ସେଣ୍ଟର୍ ଆଧୁନିକ ସୁବିଧା ସହିତ ଅଞ୍ଚଳରେ ଗ୍ରାହକ ସନ୍ତୁଷ୍ଟିର ନୂଆ ମାନଦଣ୍ଡ ସ୍ଥାପନ କରିବ। ରୟାଲ ଏନଫିଲ୍ଡ ସହ ମିଶି ଆମେ ଗ୍ରାହକଙ୍କୁ ଅତୁଳନୀୟ ସେବା ଓ ବ୍ରାଣ୍ଡ ଅନୁଭବ ପ୍ରଦାନ କରିବାକୁ ପ୍ରୟାସ କରିବୁ। ସୂଚନା ଥାଉକି, ନିରନ୍ତର ଉତ୍ପାଦନରେ ଥିବା ବିଶ୍ୱର ସବୁଠାରୁ ପୁରୁଣା ମୋଟରସାଇକେଲ କମ୍ପାନୀ ରୟାଲ ଏନଫିଲ୍ଡ ୧୯୦୧ରେ ପ୍ରଥମ ମୋଟରସାଇକେଲ ତିଆରି କରିଥିଲା। ଚେନ୍ନାଇରେ ଉତ୍ପାଦନ କେନ୍ଦ୍ର ରହିଥିବା କମ୍ପାନୀ ବିଭିନ୍ନ ମଡେଲ ଯୋଗାଇଥାଏ, ଯେପରିକି ବୁଲେଟ, କ୍ଲାସିକ, ଥଣ୍ଡରବର୍ଡ ଓ ଇଣ୍ଟରସେପ୍ଟର୍ ୬୫୦ସିସି। ଦେଶର ପ୍ରମୁଖ ସହରରେ ୭୫୦ରୁ ଅଧିକ ଡିଲର୍ ସହିତ ଏହା ବିଶ୍ୱର ୪୫ରୁ ଅଧିକ ଦେଶକୁ ରପ୍ତାନି କରୁଛି। ରୟାଲ ଏନଫିଲ୍ଡ ରାଇଡର୍ ମାନିଆ ଓ ହିମାଳୟନ ଓଡିସି ଭଳି ଅନେକ ଉତ୍ସାହୀ କାର୍ଯ୍ୟକ୍ରମ ଆୟୋଜନ କରିଥାଏ।



କୋଲ୍‌କାତାରେ ସୋମବାର ଇଷ୍ଟବେଙ୍ଗଲ ଓ ମହମ୍ମଡ଼ାନ ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ଇଣ୍ଡିଆନ ସୁପର ଲିଗ୍ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ଇଷ୍ଟବେଙ୍ଗଲର ରେକର୍ଡ ବିଜୟ

**ଇଣ୍ଡିଆନ ସୁପର ଲିଗ୍**

**କୋଲକାତା, ୨୩।୩ (ପି.ଟି.)**

ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍) ୨୦୨୫-୨୬ର ସୋମବାର ଖେଳାଯାଇଥିବା ଏକ ମ୍ୟାଚରେ ଇଷ୍ଟ ବେଙ୍ଗଲ ରେକର୍ଡ ୭-୦ ଗୋଲ୍ ବ୍ୟବଧାନରେ ମହମ୍ମଡ଼ାନ ସ୍ପୋର୍ଟିଂକୁ ହରାଇ ଦେଇଛି। ଦୁଇ ଦଳ ମଧ୍ୟରେ ଏହା ହେଉଛି ସର୍ବବ୍ୟବଧାନରେ ବିଜୟ। କେବଳ ସେତିକି ନୁହେଁ ଇଷ୍ଟ ବେଙ୍ଗଲ ଆଇଏସ୍ଏଲ ଇତିହାସରେ ସର୍ବବୃହତ୍ ବ୍ୟବଧାନରେ ବିଜୟ ଲାଭ କରିବାରେ ଏଫ୍‌ସି ଗୋଆ ସହ ମିଳିତ ରେକର୍ଡର ଅଧିକାରୀ ହୋଇଛି। ୨୦୧୫ରେ ଏଫ୍‌ସି ଗୋଆ ୭-୦ ଗୋଲ୍‌ରେ ମୁମ୍ବାଇ ସିଟି ଏଫ୍‌ସିକୁ ପରାସ୍ତ କରିଥିଲା। ସୋମବାର ଏହି ବିଜୟ ଦ୍ୱାରା ଇଷ୍ଟବେଙ୍ଗଲ ୬ଟି ମ୍ୟାଚରୁ ୧୧ ପଏଣ୍ଟ ଅର୍ଜନ କରି ପଏଣ୍ଟ ଟେବୁଲର ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ମହମ୍ମଡ଼ାନ ସ୍ପୋର୍ଟିଂ ୫ଟି ମ୍ୟାଚରୁ ଏପର୍ଯ୍ୟନ୍ତ ଖାତା ଖୋଲିବାରେ ସମର୍ଥ ହୋଇପାରି ନାହିଁ। ଅନୱର ଅଲି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ମ୍ୟାଚରେ ସେ ଦୁଇଟି ଗୋଲ୍ ୬ଷ୍ଠ ଓ ୭୯ତମ ମିନିଟ୍‌ରେ ସ୍କୋର କରିଥିଲେ। ଅନ୍ୟ ଗୋଲ୍ ସ୍କୋରରମାନେ ହେଲେ ୟୁସିଫ ଇଜାରୀ (୧୪ତମ ଓ ୫୪ତମ- ଉଭୟ ପେନାଲ୍ଟି ଜରିଆରେ), ସୌଲ କ୍ରେସ୍‌ପୋ (୩୮ତମ, ପେନାଲ୍ଟି), ପିଭି ବିଷ୍ଣୁ (୭୫ତମ) ଓ ନନ୍ଦା କୁମାର (୯୦ତମ+୬)।

## ରାଜସ୍ଥାନ ରୟାଲ୍ସ ଦଳରେ ଶନକା

**ଜୟପୁର, ୨୩।୩:** ଶ୍ରୀଲଙ୍କା ଟି୨୦ ଦଳର ଅଧିନାୟକ ଦାସୁନ ଶନକା ସୋମବାର ରାଜସ୍ଥାନ ରୟାଲ୍ସ ଦଳରେ ଯୋଗ ଦେଇଛନ୍ତି। ତାଙ୍କୁ ଇଂଲଣ୍ଡ ଅଲରାଉଣ୍ଡର ସାମ କୁରାନଙ୍କ ବଦଳ ଖେଳାଳି ଭାବେ ସାମିଲ କରାଯାଇଛି। ଶନକା ୨ କୋଟି ଟଙ୍କାର ବେସ୍ ପ୍ରାଇସରେ କୁରାନଙ୍କ ବଦଳ ଖେଳାଳି ଭାବେ ରାଜସ୍ଥାନ ଦଳରେ ସାମିଲ ହୋଇଥିବା ନେଇ ଆଇପିଏଲ୍ ପକ୍ଷରୁ କୁହାଯାଇଛି। ଶନକା ଶ୍ରୀଲଙ୍କା ପାଇଁ ୬ ଟେଷ୍ଟ, ୭୧ ଦିନିକିଆ ଓ ୧୩୧ ଟି୨୦ ମ୍ୟାଚ୍ ଖେଳି ଅନ୍ତର୍ଜାତୀୟ ସ୍ତରରେ ୩,୩୫୦ ରନ କରିବା ସହ ୮୬ ଉଇକେଟ ନେଇଛନ୍ତି।

## ରେଡ୍ ଷ୍ଟାର ୧୬୦ ରନରେ ବିଜୟୀ

**ଭୁବନେଶ୍ୱର, ୨୩।୩ (ତପନ ସ୍ୱାଇଁ)**

ସ୍ଥାନୀୟ ଆଇଆର୍‌ସିରେ ଚାଲିଥିବା ୧୪ ବର୍ଷରୁ କମ୍ ୫ମ ଏଲ୍ଏଲ୍‌ସିସି କ୍ରିକେଟ ଟୁର୍ଣ୍ଣାମେଣ୍ଟର ସୋମବାର ଅନୁଷ୍ଠିତ ମ୍ୟାଚରେ ରେଡ୍ ଷ୍ଟାର ୧୬୦ ରନରେ ରାମେଶ୍ୱର କ୍ଲବକୁ ପରାସ୍ତ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ରେଡ୍ ଷ୍ଟାର ୩୫ ଓଭରରେ ୪ ଉଇକେଟ ହରାଇ ୨୬୧ ରନ କରିଥିଲା। ଦଳ ପକ୍ଷରୁ ଓମ୍‌ଶ୍ରୀ ସାହୁ ୧୧୨ ବଲ୍‌ରୁ ସର୍ବାଧିକ ୧୬୨ ରନର ଶତକୀୟ ଇନିଂସ ଖେଳିଥିଲେ। ଜବାବରେ ରାମେଶ୍ୱର ୨୮.୨ ଓଭରରେ ୧୦୧ ରନକରି ଅଲ୍ଆଉଟ ହୋଇଥିଲା। ବିଭୂ ପ୍ରସାଦ ପ୍ରଧାନ ସର୍ବାଧିକ ୩୧ ରନ କରିଥିଲେ। ବିଜୟୀ ଦଳର ସ୍ମୃତିରଞ୍ଜନ ୪, ସେକ୍ ସଲିକ ମହମ୍ମଦ ୩ଟି ଓ ଓମ୍‌ଶ୍ରୀ ସାହୁ ୨ଟି ଉଇକେଟ ନେଇଥିଲେ। ପୂର୍ବତନ ରଣଜୀ ଖେଳାଳି ଆଲୋକ ମଙ୍ଗରାଜ ଅତିଥିଭାବେ ଯୋଗଦେଇ ଓମ୍‌ଶ୍ରୀ ସାହୁଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।



ଶତକ ହାସଲ କରିଥିବା ଓମ୍‌ଶ୍ରୀ ସାହୁଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

## ରାମକୃଷ୍ଣ ମହାପାତ୍ର ଜୁନିୟର କ୍ରିକେଟ: ଭାଗନେବେ ୧୬ ଦଳ

**ଭୁବନେଶ୍ୱର, ୨୩।୩ (ତପନ ସ୍ୱାଇଁ)**

ରାଜ୍ୟର ପ୍ରତିଷ୍ଠିତ କ୍ରିକେଟ କ୍ଲବ ଶ୍ରୀ ଜୟଦେବ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ହେବାକୁଥିବା ପଣ୍ଡିତ ରାମକୃଷ୍ଣ ମହାପାତ୍ର (୧୭ ବର୍ଷରୁ କମ୍) ଜୁନିୟର କ୍ରିକେଟ ଟୁର୍ଣ୍ଣାମେଣ୍ଟର କାର୍ଯ୍ୟସୂଚୀରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ପୂର୍ବରୁ ଏହା ଚଳିତ ମାସ ୨୪ରୁ ୩୧ ପର୍ଯ୍ୟନ୍ତ ହେବାକୁଥିଲା। ମାତ୍ର ପରିବର୍ତ୍ତିତ କାର୍ଯ୍ୟସୂଚୀ ଅନୁସାରେ ଏହା ୨୮ରୁ ଆରମ୍ଭ ହୋଇ ଏପ୍ରିଲ ୧୦ରେ ଶେଷ ହେବ। ପୂର୍ବ ଘୋଷିତ ୧୦ ଦଳ ପରିବର୍ତ୍ତେ ଏହି ସମ୍ମାନଜନକ ପ୍ରତିଯୋଗିତାରେ ୧୬ଟି ଦଳ ଅଂଶଗ୍ରହଣ କରିବେ ବୋଲି ଆୟୋଜକ ଶ୍ରୀ ଜୟଦେବ କ୍ରୀଡ଼ାସଂଘ ସମ୍ପାଦକ ଶରତ ଚନ୍ଦ୍ର ସାହୁ ଜଣାଇଛନ୍ତି। ଚାମ୍ପିୟନ ଓ ରନରଅପ୍ ଦଳକୁ ଆକର୍ଷଣୀୟ ଟ୍ରଫି ପ୍ରଦାନ କରାଯିବ। ଅଂଶଗ୍ରହଣକାରୀ ଦଳ ଗୁଡ଼ିକର କୋଚମାନଙ୍କ ଉପସ୍ଥିତିରେ ଲଟେରୀ ମାଧ୍ୟମରେ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇଛି। ପ୍ରି-କ୍ୱାଟର ଫାଇନାଲ ମ୍ୟାଚ୍ ଗୁଡ଼ିକ ୨୦ ଓଭର ବିଶିଷ୍ଟ ଏବଂ କ୍ୱାର୍ଟର ଫାଇନାଲ, ସେମିଫାଇନାଲ ଓ ଫାଇନାଲ ୩୦ ଓଭର ବିଶିଷ୍ଟ (ଦିନିକିଆ ଫର୍ମାଟ)ହେବ। ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଥିବା ଦଳ ଗୁଡ଼ିକ ହେଲେ ରାମେଶ୍ୱର ସ୍ପୋର୍ଟିଂ, ସନଶାଇନ ସ୍ପୋର୍ଟିଂ, ଶ୍ରୀ ଜୟଦେବ ସ୍ପୋର୍ଟ୍ସ ଆସୋସିଏଶନ, କ୍ଲବ ଦି ରେଡ ଷ୍ଟାର, ପ୍ରଗତି ସ୍ପୋର୍ଟିଂ, ଗ୍ରୀନ୍ସ କ୍ରିକେଟ ଏକାଡେମୀ, ଟାଉନ କ୍ଲବ, ହାଇ-ଟେକ କ୍ରିକେଟ ଏକାଡେମୀ, ସହିଦ ସ୍ପୋର୍ଟିଂ, ଓସ୍କାର ସ୍ପୋର୍ଟିଂ, ପାରାମାଉଣ୍ଟ ସ୍ପୋର୍ଟିଂ, ସେଖର ସ୍ପୋର୍ଟିଂ, ଭରତ ଭୂଷଣ କ୍ରିକେଟ ଏକାଡେମୀ, ଜଦୁପୁର କ୍ରିକେଟ ଏକାଡେମୀ, ମୁକ୍ତେଶ୍ୱର କ୍ରିକେଟ କ୍ଲବ, ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ କ୍ରିକେଟ।

## ଷ୍ଟାର୍କଙ୍କୁ ଏନ୍ଓସି ମିଳିନାହିଁ

**ନୂଆଦିଲ୍ଲୀ, ୨୩।୩(ପି.ଟି.)**

ଦିଲ୍ଲୀ କ୍ୟାପିଟାଲ୍ସ ଦଳକୁ ଏପର୍ଯ୍ୟନ୍ତ ମିଚେଲ ଷ୍ଟାର୍କଙ୍କ ପାଇଁ କ୍ରିକେଟ ଅଷ୍ଟ୍ରେଲିଆ (ସିଏ)ଠାରୁ ନୋ ଅବଜେକ୍‌ଶନ ସାର୍ଟିଫିକେଟ (ଏନ୍ଓସି) ମିଳିନାହିଁ। ଏହାସତ୍ତ୍ୱେ ଦଳର ପ୍ରଥମ ମ୍ୟାଚ୍ ପୂର୍ବରୁ ଷ୍ଟାର୍କ ଉପଲବ୍ଧ ହେବେ ବୋଲି ଫ୍ରାଞ୍ଚାଇଜ ପକ୍ଷରୁ ଆଶା ପ୍ରକଟ କରାଯାଇଛି। ଅଷ୍ଟ୍ରେଲିଆନ ପେସର ଗତ ସିଜନରେ ୧୧ ମ୍ୟାଚ୍‌ରେ ୧୪ ଉଇକେଟ ନେଇଥିଲେ। ଆମେ ଏବେ ବି କ୍ରିକେଟ ଅଷ୍ଟ୍ରେଲିଆଠାରୁ ଏନ୍ଓସି ଅପେକ୍ଷା କରିଛୁ। ଏନ୍ଓସି ମିଳିଲା ପରେ ହିଁ ସେ କେବେ ଦଳରେ ଯୋଗ ଦେବେ ଜଣାପଡ଼ିବ। ଆମେ ସିଏ ସହ ଯୋଗାଯୋଗରେ ଅଛୁ। ସେ ଏବେ ବୋଲିଂ କରୁଛନ୍ତି।

## ହକି ପୁରସ୍କାର ଦୌଡ଼ରେ ହାର୍ଦ୍ଦିକ, ସୁଖଜିତ୍, ସଞ୍ଜୟ, ଅଭିଷେକ

**ନୂଆଦିଲ୍ଲୀ, ୨୩।୩ (ପି.ଟି.)**

ଷ୍ଟାର ଭାରତୀୟ ମିଡ୍‌ଫିଲ୍ଡର ହାର୍ଦ୍ଦିକ ସିଂ, ଫରୱାର୍ଡ ଖେଳାଳି ସୁଖଜିତ୍ ସିଂ ଓ ସଞ୍ଜୟ ଏବଂ ଡିଫେଣ୍ଡର ଅଭିଷେକ ପ୍ରମୁଖ ୨୦୨୫ ବର୍ଷର ହକି ଇଣ୍ଡିଆ ବଲ୍‌ବୀର ସିଂ ସିନିୟର ପ୍ଲେୟର ଅଫ୍ ଦି ଇୟର ଦୌଡ଼ରେ ରହିଛନ୍ତି। ମହିଳା କାଟେଗୋରୀର ସାଲିମା ଟେଟେ, ନବନୀତ କୌର, ଲାଲ୍‌ରେମ୍‌ସିଆମି ଓ ସବିତା ପ୍ରମୁଖଙ୍କ ନାମ ଏହି ପୁରସ୍କାର ପାଇଁ ସୁପାରିସ ହୋଇଛି। ହକିଇଣ୍ଡିଆ ପୁରସ୍କାର ଉତ୍ସବ ଏଠାରେ ଶୁକ୍ରବାର ଅନୁଷ୍ଠିତ ହେବ। ଏଥିରେ ଉଦୀୟମାନ ଖେଳାଳିମାନଙ୍କୁ ମଧ୍ୟ ପୁରସ୍କୃତ କରାଯିବ। ଏହି କାଟେଗୋରୀରେ ଅପ୍‌କମିଂ ପ୍ଲେୟର ଅଫ୍ ଦି ଇୟର (୨୧ ବର୍ଷରୁ କମ୍ ପୁରୁଷ) ପାଇଁ ଯୁଗରାଜ ସିଂ ଆୱାର୍ଡ ଏବଂ ପ୍ଲେୟର ଅଫ୍ ଦି ଇୟର (୨୧ ବର୍ଷରୁ କମ୍ ମହିଳା) ପାଇଁ ଅସୁନ୍ତା ଲାକ୍ରା ପୁରସ୍କାର ରହିଛି। ୮ଟି କାଟେଗୋରୀର ଫାଇନାଲ ଶର୍ଟଲିଷ୍ଟରେ ୩୨ ଜଣ ଖେଳାଳି ସ୍ଥାନ ପାଇଛନ୍ତି। ଏତଦ୍‌ବ୍ୟତୀତ ଉଲ୍ଲେଖନୀୟ ସଫଳତା ପାଇଁ ରାଷ୍ଟ୍ରପତି ପୁରସ୍କାର ଏବଂ ଅମୂଲ୍ୟ ଅବଦାନ ପାଇଁ ଜମନ ଲାଲ୍ ଶର୍ମା ପୁରସ୍କାର ପ୍ରଦାନ କରାଯିବ। ଅଫିସିଆଲମାନଙ୍କୁ ଯଥା ଅମ୍ପାୟର/ ମ୍ୟାନେଜର ଅଫ୍ ଦି ଇୟର, ଟେକ୍‌ନିକାଲ ଅଫିସିଆଲ ଅଫ୍ ଦି ଇୟର ଏବଂ ବେଷ୍ଟ ମେମ୍ବର ୟୁନିଟ୍ ପୁରସ୍କାରରେ ସମ୍ମାନିତ କରାଯିବ। ହକି ଇଣ୍ଡିଆ ପୁରସ୍କାର ଉତ୍ସବରେ ଏସିଆ କପ୍‌ରେ ସ୍ୱର୍ଣ୍ଣ ପଦକ ବିଜେତା ପୁରୁଷ ଦଳ ଏବଂ ବିଶ୍ୱକପ୍‌ରେ ବ୍ରୋଞ୍ଜ ପଦକ ଲାଭ କରିଥିବା ଜୁନିୟର ପୁରୁଷ ଦଳକୁ ସମ୍ବର୍ଦ୍ଧିତ କରାଯିବ। ଏହି ଅବସରରେ ହକିଇଣ୍ଡିଆ ସଭାପତି ଦିଲୀପ ତିର୍କୀ କହିଛନ୍ତି, ଆମେ ଭାରତୀୟ ହକି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବର୍ଷରେ ପ୍ରବେଶ କରୁଥିବା ସମୟରେ ଗତବର୍ଷ ମଧ୍ୟରେ ଉଲ୍ଲେଖନୀୟ ପ୍ରଦର୍ଶନକାରୀ ଏବଂ ଅବଦାନକୁ ସ୍ୱୀକୃତି ଦେବା ଗୁରୁତ୍ୱପୂର୍ଣ୍ଣ।

## ନିଜ ବିଶ୍ୱ ରେକର୍ଡ ସମକକ୍ଷ ହେଲେ ଚାର୍ଲଟନ

**ତୁରିନ୍, ୨୩।୩ (ଏପି)**

ବାହମାସ ସ୍ପ୍ରିଣ୍ଟର ଡେଭିନ୍ ଚାର୍ଲଟନ ଏଠାରେ କ୍ରମାଗତ ତୃତୀୟ ବର୍ଷ ୱାର୍ଲ୍ଡ ଇନ୍‌ଡୋର ୬୦ ମିଟର ହର୍ଡଲ୍ସ ରେସ୍ ଜିତିଛନ୍ତି। ସେ ୭.୬୫ ସେକେଣ୍ଡ ଟାଇମିଂରେ ତାଙ୍କ ବିଶ୍ୱରେକର୍ଡ ସମକକ୍ଷ ହୋଇପାରିଛନ୍ତି। ଚାର୍ଲଟନ ଆହୁରି ମଧ୍ୟ ୨୦୨୪ ୱାର୍ଲ୍ଡ ଇନ୍‌ଡୋରରେ ସମାନ ୭.୬୫ ଟାଇମିଂରେ ଫିନିଶ ଲାଇନ୍ ଅତିକ୍ରମ କରିଥିଲେ। ଏଠାରେ ନେଦରଲାଣ୍ଡ୍‌ସର ନାଡିନ୍ ଭିସେର (୭.୭୩) ରୌପ୍ୟ ଜିତିଥିବା ବେଳେ ସମାନ ଟାଇମିଂରେ ସ୍ଥାନୀୟ ପିଆ କିର୍ଜ୍ସଜୋସ୍କା ବ୍ରୋଞ୍ଜ ପଦକ ଲାଭ କରିଥିଲେ। ଚାର୍ଲଟନ ଟୋକିଓ ଓ ପ୍ୟାରିସ ଅଲିମ୍ପିକ୍ସ ୧୦୦ ମିଟର ହର୍ଡଲ୍ସରେ ୬ଷ୍ଠ ସ୍ଥାନ ଅଧିକାର କରିଥିଲେ।



ଡେଭିନ୍ ଚାର୍ଲଟନ

### ସର୍ବକନିଷ୍ଠ ବିଜେତା

ଆମେରିକାର ୧୭ ବର୍ଷୀୟ କୁପର ଲୁଟକେନ୍‌ହସ୍ ପ୍ରଫେଶନାଲ ହେବାରୁ ୭ ମାସ ପରେ ସର୍ବକନିଷ୍ଠ ଆଥଲେଟ ଭାବେ ୧:୪୪.୨୪ ଟାଇମିଂରେ ୮୦୦ ମିଟର ରେସ୍ ଜିତିଛନ୍ତି। ୟୁଏସ୍ଏ ଉଭୟ ପୁରୁଷ ଓ ମହିଳା ୪x୪୦୦ ମିଟର ରିଲେ ରେସ୍‌ରେ ସ୍ୱର୍ଣ୍ଣ ପଦକ ପାଇଛି। ଜଷ୍ଟିନ ରବିନ୍‌ସନ, ଖ୍ରୀସ୍ ରବିନସନ ଡେମାରିଅସ୍ ସ୍ମିଥ୍ ଓ ଖାଲେବ ମ୍ୟାକ୍‌ରାଏଙ୍କୁ ନେଇ ପୁରୁଷଦଳ ୩:୦୧.୫୨ ଟାଇମିଂରେ ଏକ ଚାମ୍ପିୟନଶିପ୍ ରେକର୍ଡ କରିଥିବା ବେଳେ ବେଲି ଲିଅର, ରୋଜି ଏଫିଅଙ୍ଗ, ପ୍ୟାରିସ ପ୍ୟୁପଲ୍ସଶାମିଏର ଲିଟଲଙ୍କୁ ନେଇ ମହିଳା ଦଳ ସିଜନ ଶ୍ରେଷ୍ଠ ଟାଇମିଂ (୩:୨୫.୮୧) ସହ ରେସ୍ ଜିତିଥିଲେ। ବ୍ରିଟେନ ପାଇଁ ଏକ ଭଲ ରାତି ଥିଲା। କିଲି ହଜକିନ୍ ଚାମ୍ପିୟନଶିପ୍ ରେକର୍ଡ ୧:୫୫.୩୦ ସହ ତାଙ୍କ କ୍ୟାରିୟରର ପ୍ରଥମ ୱାର୍ଲ୍ଡ ଟାଇମଟଲ ଜିତିଥିଲେ। ଜର୍ଜିଆ ହଣ୍ଟର ବେଲ୍ ୧,୫୦୦ମିଟରରେ ଏକ ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ମୋଲି କାଉଡ୍ରି ମହିଳା ପୋଲ୍‌ଭଲ୍ଟ ଜିତିଥିଲେ।

## ଅନିଶ୍ଚିତତାରେ ପାକିସ୍ତାନ ସୁପର ଲିଗ୍

**କରାଚୀ, ୨୩।୩**

ପାକିସ୍ତାନ ସୁପର ଲିଗ୍ (ପିଏସ୍ଏଲ୍)ର ୧୧ତମ ସଂସ୍କରଣ ଆସନ୍ତା ଗୁରୁବାରଠାରୁ ଆରମ୍ଭ ହେବାକୁ ଥିବାବେଳେ ଏହାକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ଏହି ଟୁର୍ନାମେଣ୍ଟରେ ବିଦେଶୀ ଖେଳାଳିଙ୍କ ଅଂଶଗ୍ରହଣ ନ କରିବା ପାଇଁ ଆତଙ୍କବାଦୀ ସଂଗଠନ ତେହରିକ-ଇ-ତାଲିବାନ ପାକିସ୍ତାନ (ଟିଟିପି) ଚେତାବନୀ ଦେଇଛି। ଏହି ଆତଙ୍କବାଦୀ ସଂଗଠନର ଶାଖା ଗୋଷ୍ଠୀ ଜମାତ-ଉଲ-ଆହରର ପକ୍ଷରୁ ବିଦେଶୀ ଖେଳାଳିଙ୍କୁ ସୁରକ୍ଷା କାରଣ ଦର୍ଶାଇ ଲିଗ୍‌ରୁ ଓହରିଯିବାକୁ ପରାମର୍ଶ ଦେଇଛି। ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧ ଓ ଏହାର ପ୍ରଭାବ ଯୋଗୁ ଚଳିତ ବର୍ଷ ପିଏସ୍ଏଲ୍‌କୁ କରାଚୀ ଓ ଲାହୋର ଭେନ୍ୟୁ ମଧ୍ୟରେ ସୀମିତ ରଖିବା ପାଇଁ ପାକିସ୍ତାନ କ୍ରିକେଟ ବୋର୍ଡ ଘୋଷଣା କରିବା ପରେ ଏଭଳି ଅପଡେଟ୍ ଆସିଛି।

ପାକିସ୍ତାନର ଏକ ଏକ୍ସ' ଆକାଉଣ୍ଟ 'ଇସ୍ଲାମାବାଦ ପୋଷ୍ଟ'ରେ ଧମକପୂର୍ଣ୍ଣ ପୋଷ୍ଟ ଶେୟାର କରାଯାଇଛି। 'ବ୍ୟକ୍ତିଗତ ସୁରକ୍ଷାକୁ ପ୍ରାଥମିକତା ଦିଅ ଏବଂ ତୁରନ୍ତ ଟୁର୍ନାମେଣ୍ଟରୁ ଓହରିଯାଅ। ଏବେ ଦେଶରେ ବ୍ୟବସ୍ଥିତ ସୈନ୍ୟ ଦମନ ଓ ସରକାରଙ୍କ ଦ୍ୱାରା କରାଯାଉଥିବା ହିଂସା କାରଣରୁ ମୁଖ୍ୟତଃ ଖାଇବର ପାଖତୁନଖ୍ୱା ଓ ବେଲୁଚିସ୍ତାନରେ ରହୁଥିବା ଲୋକେ ବଞ୍ଚିବା ପାଇଁ ସଂଘର୍ଷ କରୁଛନ୍ତି। ଆମ ଆତ୍ମୀୟଙ୍କ ଅନ୍ତେଷ୍ଟିର ଚିହ୍ନରେ ଆମ ରାସ୍ତା ଭରି ରହିଥିବା ବେଳେ ଆମ ମା'ମାନେ ସେମାନଙ୍କ ନିଖୋଜ ପୁଅଙ୍କ ପାଇଁ ଶୋକ କରୁଛନ୍ତି। ସେମାନେ ଆୟୋଜନ କରୁଥିବା ପାକିସ୍ତାନ ସୁପର ଲିଗ୍ (ପିଏସ୍ଏଲ୍) ଆମ ଦୁଃଖର ଏକ ଉପହାସ ଭାବେ କାର୍ଯ୍ୟ କରୁଛି। ସମସ୍ତ ଅଞ୍ଚଳ ରକ୍ତାକ୍ତ ପରିସ୍ଥିତି ଥିବା ବେଳେ ଏଭଳି ଭବ୍ୟ ପ୍ରଦର୍ଶନୀ ଆୟୋଜନ ଦ୍ୱାରା ସେମାନେ ଆମ ଘା'ରେ ଲୁଣ ଦେବାଭଳି କାମ କରୁଛି, ଯାହାକୁ ପ୍ରତ୍ୟାଖ୍ୟାନ କରୁଛୁ। ପିଏସ୍ଏଲ୍‌ରେ ଭାଗ ନେଉଥିବା ସମସ୍ତ ଅଂଶଗ୍ରହଣକାରୀ ଆମେ ତୁରନ୍ତ ଓ ସ୍ପଷ୍ଟ ଭାବେ ଜଣାଇ ଦେଉଛୁ ଯେ, ବର୍ତ୍ତମାନ ଦେଶର ଆନ୍ତଃ ସୁରକ୍ଷା ଓ ରାଜନୈତିକ ଦୃଶ୍ୟପଟ ଅସ୍ଥିର ଓ ଅନିଶ୍ଚିତ ରହିଛି। ଏପରି ଏକ ପରିବେଶରେ ଯେଉଁଠାରେ ସାମରିକ କାର୍ଯ୍ୟାନୁଷ୍ଠାନ ଓ ନାଗରିକ ଅଶାନ୍ତି ପ୍ରାଧାନ୍ୟ ବିସ୍ତାର କରିଛି, ସେଠାରେ ଅନ୍ତର୍ଜାତୀୟ ବିଦେଶୀ ଆଥଲେଟ୍‌ଙ୍କର ସୁରକ୍ଷାକୁ ନେଇ ଗ୍ୟାରେଣ୍ଟି ଦେଇ ହେବ ନାହିଁ। ଆମେ ବିଦେଶୀ ଖେଳାଳିଙ୍କୁ ସେମାନଙ୍କ ସୁରକ୍ଷାକୁ ପ୍ରାଥମିକତା ଦେବା ସହ ତୁରନ୍ତ ଟୁର୍ନାମେଣ୍ଟରୁ ଓହରିଯିବାକୁ ପରାମର୍ଶ ଦେଉଛୁ' ବୋଲି ପୋଷ୍ଟ କରାଯାଇଛି। ଏହି ଚେତାବନୀ ସମ୍ପର୍କରେ ଜମାତ-ଉଲ-ଆହରର ପ୍ରବକ୍ତା କହିଛନ୍ତି, ଆମେ ସମ୍ପର୍କିତ କ୍ରିକେଟ ବୋର୍ଡଗୁଡ଼ିକୁ ସେମାନଙ୍କ ଖେଳାଳିଙ୍କୁ ପାକିସ୍ତାନ ନ ପଠାଇବାକୁ ପରାମର୍ଶ ଦେବାକୁ ଚାହୁଁ।


**ODISHA PUBLIC SERVICE COMMISSION, CUTTACK**

**NOTICE**

**No. 1715/P.S.C., Dt. 23.03.2026**
**(1R-17-2024/25)(DR-V)**

**No.12001/54/2526** : It is for information of all concerned that, pursuant to the Advertisement No. 27 of 2023-2024, **64 (Sixty-four)** candidates, bearing following PPSAN have been shortlisted for interview for the post of **Assistant Professor (Stage-I) in "Psychology"**. The Interview in respect of the following candidates will be held in the Office of the Commission at 19, Dr. P. K. Parija Road, Cuttack -753001 from **06.04.2026 to 08.04.2026** as per the programme mentioned below.

| Date | Time of Interview | PPSAN of Candidates |
|---|---|---|
| 06.04.26 | 10.30 A.M. | P220011351, P220059233, P220072766, P220077195, P230112757, P230134664, P230145613, P230155592, P230156778, P230234685, P240234859 & P240234863 = **12 Candidates** |
| | 02.30 P.M. | P240235377, P240253179, P240253717, P240263269, P240269033, P240270248, P240272608, P240273857, P240273865 & P240275428 = **10 Candidates** |
| 07.04.26 | 10.30 A.M. | P240277246, P240279069, P240283284, P240284179, P240286159, P240286588, P240286898, P240287446, P240287886, P240288424, P240289965 & P240290652 = **12 Candidates** |
| | 02.30 P.M. | P240295382, P240296707, P240297005, P240299130, P240301879, P240301967, P240302072, P240302211, P240302746 & P240302853 = **10 Candidates** |
| 08.04.26 | 10.30 A.M. | P240303562, P240304142, P240304306, P240305495, P240305557, P240305876, P240306016, P240306033, P240306913, P240307089, P240307158 & P240307230 = **12 Candidates** |
| | 02.30 P.M. | P240307719, P240308979, P240309364, P240309383, P240309590, P240310048, P240311419 & P240312849 = **8 Candidates** |

It is also made clear that, the candidature of these candidates for recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the Advertisement. Mere participation in the interview does not reserve any right for selection.

The candidates are advised to report in the office of the Commission **one and half hours before the commencement of interview** on the scheduled date & time as mentioned above.

Further, the candidates are required to submit the documents as per this Office **Notice No. 1306/PSC, dt. 02.03.2026** which is available on the Website of the Commission i.e. **www.opsc.gov.in**.

**NOTE: THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**

OIPR-12001/12002/1/25-26/0019 Sd./- Secretary



**OFFICE OF THE SUPERINTENDING ENGINEER**
**UPPER INDRAVATI RIGHT CANAL DIVISION NO.II**
AT/PO. : JUNAGARH, DIST.KALAHANDI
e-mail: eeuircd2@gmail.com

**QUOTATION CALL NOTICE NO-SE,UIRCD-II-10/2025-26, Dt-23.03.2026.**

**FOR HIRING VEHICLE**

**No.32001/244/2526** : Sealed quotations are invited from interested reputed travel agencies/tour operators or private individuals for providing **02 (Two) nos.** of Diesel driven vehicle for official use in the office of the

i. The Superintending Engineer, UI Right Canal Division-No.II, Junagarh Dist-Kalahandi.
ii. Office of The Sub-Divisional Officer, UI Right Canal Sub-Division-No.I, Junagarh,UI Right Canal Sub-Division-No.II, Bhawanipatna & UI Right Canal Sub-Division-No.III, Bhawanipatna

The Quotation booklets will be available in the office of the Superintending Engineer, UI Right Canal Division No.II, Junagarh, office of the S.D.O, UI Right Canal Sub-Division No-II, and UI Right Canal Sub-Division No-III, Bhawanipatna from **26.03.2026 to 02.04.2026** during office hours on payment of **Rs.100/-(Rupees one hundred)** only in shape of BC/DD from any nationalized bank, pledged in favour of the **Superintending Engineer, UI Right Canal Division-No.II, Junagarh.** The quotations shall be opened on **04.04.2026 at 11.00 PM** in the office of the undersigned.

Further details can be obtained from the Quotation booklets

Sd./- Superintending Engineer
OIPR-32001/32016/1/25-26/0001 U.I.R.C.D. No.II, Junagarh



**ଜିଲ୍ଲା ପରିଷଦ, କନ୍ଧମାଳ**
ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ, ଓଡ଼ିଶା ସରକାର
**ZILLA PARISHAD, KANDHAMAL**
Panchayati Raj & Drinking Water Department
Government of Odisha
Tender Call Notice No.951// Date: 20.03.2026

**TENDER CALL NOTICE**

**No.19001/98/2526:** Sealed bids are invited under a two-bid system from reputed and experienced man-power service providers for providing unskilled, semiskilled and skilled personnel. The personnel will be engaged at various tourist destinations and wayside amenity centres in Kandhamal district under the district tourism development Kandhamal for a period of 12 months on an outsourcing basis.

The complete bid must reach the O/o CDO-cum-EO, Zilla Parishad, Kandhamal, At/Po- Phulbani, Dist-Kandhamal, Pin-762001 on or before date 04.04.2026 by 4.00 P.M. through Speed Post/ Registered Post only. The bid documents containing eligibility criteria, scope of work, terms and conditions of the tender and draft agreement can be downloaded from the district website www.kandhamal.odisha.gov.in.

Sd./- CDO-cum-EO,
OIPR-19001/19273/1/25-26/0001 Zilla Parishad, Kandhamal



**ODISHA COOPERATIVE TASAR & SILK FEDERATION (SERIFED) LTD.**
Sahid Nagar, Janpath, Bhubaneswar-751 007, Tel: 2545586/2545852,
email- serifedodisha@gmail.com, website- www.serifedodisha.in

**INVITATION FOR BIDS (e-Procurement)**
Bid identification no:- VI-13(12)/SERIFED/2025-26/ 456

**No.31001/30/2526** : The MANAGING DIRECTOR (SERIFED), Odisha, Bhubaneswar invites Item Rate Tenders in double cover system in ONLINE MODE only from the registered contractors for the work 05 (Five) No. of works at different places of Odisha. The bid documents such as DTCN/BOQ etc. can be seen/downloaded from the government website: www.tendersodisha.gov.in. during the period dt. 26.03.2026 to 17.00 hours up to dt. 17.04.2026. Online bids shall be received till 17.00 hours dt. 17.04.2026 & shall be opened at 11.30 AM on Dt. 18.04.2026. Any addendum / corrigendum / cancellation of tender can also be seen in the said website.

OIPR-31001/31005/1/25-26/0003 Sd./- MANAGING DIRECTOR



**କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ**
**କୋଣାର୍କ, ପୁରୀ**
ପତ୍ରାଙ୍କ ସଂଖ୍ୟା:1030/ତାରିଖ 23.03.2026

**ନିଲାମ ଇସ୍ତାହାର**

**No.13001/771/2526:**ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ପରିଷଦଙ୍କ ତରଫରୁ ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ଯଥା ତା.୦୧.୦୪.୨୦୨୬ ରିଖଠାରୁ ତା.୩୧.୦୩.୨୦୨୭ ରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ ପରିଷଦର ପାର୍କିଂ ଫି (ତିନିଚକିଆ ଅଟୋରିକ୍ସା, ଚାରିଚକିଆ ଓ ତଦୂର୍ଦ୍ଧ୍ୱ ଭାରିଯାନ) ଷ୍ଟାଣ୍ଡ ନିଲାମ କରାଯିବ । ଉକ୍ତ ନିଲାମରେ ଅଂଶଗ୍ରହଣ କରିବା ନିମନ୍ତେ ନିର୍ଦ୍ଧାରିତ ଫର୍ମ nackonark.in ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ । ଇଚ୍ଛୁକ ବ୍ୟକ୍ତି ବା ଅନୁଷ୍ଠାନ ଉକ୍ତ ଫର୍ମକୁ ଉପରୋକ୍ତ ସାଇଟ୍‌ରୁ ଡାଉନ୍‌ଲୋଡ କରି ତା.୨୪.୦୩.୨୦୨୬ରିଖ ଦିବା ୧୨.୦୦ ଘଟିକାଠାରୁ ତା.୩୦.୦୩.୨୦୨୬ ରିଖ ଦିବା ୧.୦୦ ଘଟିକା ପର୍ଯ୍ୟନ୍ତ ପରିଷଦ କାର୍ଯ୍ୟାଳୟରେ ଥିବା ସୂଚିତ ନିଲାମ ବାକ୍ସରେ ଜଉମୁଦ ଲଫାପାରେ ଉକ୍ତ ଟେଣ୍ଡର ପେପର ସହିତ ଅନ୍ୟାନ୍ୟ ଆବଶ୍ୟକୀୟ କାଗଜ/ଦଲିଲ୍ ଓ ଦେୟ ଦେଇ ବ୍ୟକ୍ତିଗତ ହାଜର ହୋଇ କିମ୍ବା ପୋଷ୍ଟାଲ/କୋରିଅର ସର୍ଭିସ୍ ମାଧ୍ୟମରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଦାଖଲ ଦେଇ ନିଲାମରେ ଭାଗ ନେଇପାରିବେ । ଉକ୍ତ ନିଲାମ ଟେଣ୍ଡର ପେପର ଓ ଆବଶ୍ୟକୀୟ କାଗଜାତ୍ ତା.୩୦.୦୩.୨୦୨୬ ରିଖ ଅପରାହ୍ନ ୪.୦୦ ଘଟିକାରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପ୍ରକୋଷ୍ଠରେ ନିଲାମରେ ଭାଗ ନେଇଥିବା ବ୍ୟକ୍ତି କିମ୍ବା ତାଙ୍କର ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲାଯିବ ।
ନିଲାମ ସମ୍ପର୍କୀୟ ସମସ୍ତ ସର୍ତ୍ତାବଳୀ ଓ ଦେୟ ଟେଣ୍ଡର ଫର୍ମରେ ସୂଚିତ କରାଯାଇଅଛି । ଅଭିଜ୍ଞତା ଥିବା ଏବଂ ଏକକାଳୀନ ସର୍ବାଧିକ ନିଲାମ ମୂଲ୍ୟ ପ୍ରଦାନ କରୁଥିବା ବ୍ୟକ୍ତିବିଶେଷ/ ଅନୁଷ୍ଠାନଙ୍କୁ ଅଗ୍ରାଧିକାର ଦିଆଯିବ । ନିର୍ଦ୍ଧାରିତ ତାରିଖ ଓ ସମୟ ପରେ ଟେଣ୍ଡର ପେପର କୌଣସିମତେ ଗ୍ରହଣ କରାଯିବ ନାହିଁ ।

ନଗରପାଳଙ୍କ ଆଦେଶମତେ
ସ୍ୱା./- ନିର୍ବାହୀ ଅଧିକାରୀ,
OIPR-13001/13174/1/25-26/0006 କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ



GOVERNMENT OF ODISHA
**PANCHAYAT SAMITI OFFICE, DEOGAON**
INVITATION FOR BIDS THROUGH e-Procurement
TENDER CALL NOTICE NO.-04/2025-26/DGN
E-mail Id:ori-deogaon@nic.in

19001/101/2526 **INVITATION FOR BIDS**

| | | | |
|---|---|---|---|
| 1. | The Block Development Officer, Deogaon, Balangir on behalf of Governor of Odisha, invites percentage rate bids in single cover system in ONLINE MODE only for construction of building work as per tender call notice. | | |
| 2. | Nature of Work | : | Civil & EI Works |
| 3. | No. of Work | : | 09 Nos. |
| 4. | Tender Paper Cost | : | 6,000/- |
| 5. | Class of Contractor | : | "D" & "C" and "C" & "B" (Registered with CDMS) |
| 6. | Availability of Bid documents in the website | : | From 10.00 AM of 23.03.2026 to 5.00 P.M. of 08.04.2026 |
| 7. | Date of Opening of Bid | : | Dt.09.04.2026 at 11.00 AM |
| 8. | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website only. | | |

- Further details can be seen from the website www.tendersodisha.gov.in
- Any Corrigendum/Addendum will be displayed in the above website only.

Sd./- Block Development Officer,
OIPR-19001/19253/1/25-26/0001 Deogaon



**ଜିଲ୍ଲା ପରିଷଦ, ବୌଦ୍ଧ**
ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର
ସଂଖ୍ୟା ୭୯୦, ତାରିଖ ୧୭.୦୩.୨୦୨୬

**ବିଜ୍ଞାପନ**

**No.19001/97/2526:**ଏତଦ୍ୱାରା ବୌଦ୍ଧ ଜିଲ୍ଲାର ସମସ୍ତ ଜନସାଧାରଣ, ଜବ୍‌କାର୍ଡଧାରୀ ଏବଂ ଲୋକପ୍ରତିନିଧିମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଆର୍ଥିକ ବର୍ଷ ୨୦୨୫-୨୬ (ଦ୍ୱିତୀୟ ଚକ୍ର) ତା.୦୧.୦୪.୨୦୨୫ ରିଖଠାରୁ ତା.୩୦.୦୯.୨୦୨୫ ରିଖ ପର୍ଯ୍ୟନ୍ତ କରାଯାଇଥିବା ସମସ୍ତ ପ୍ରକଳ୍ପଗୁଡିକର ପଞ୍ଚାୟତସମିତିସ୍ତରୀୟ ଜନଶୁଣାଣି ନିମ୍ନଲିଖିତ ତାରିଖରେ ଧାର୍ଯ୍ୟ କରାଯାଇଅଛି । ଏଥିନିମନ୍ତେ ଯଦି କୌଣସି ଆପତ୍ତି ଅଭିଯୋଗ ଥାଏ, ଉକ୍ତ ଜନଶୁଣାଣିରେ ଉପସ୍ଥାପନ କରାଗଲେ ସେଗୁଡିକ ଉପରେ ବିଚାର ବିମର୍ଶ କରାଯିବ ।

| ପଞ୍ଚାୟତ ସମିତିର ନାମ | ତାରିଖ ଏବଂ ସମୟ (ପୂର୍ବାହ୍ନ ଘ.୧୦.୩୦ଟିକା) | ସ୍ଥାନ | ଜନଶୁଣାଣି କରିବା ନିମନ୍ତେ ଅଧିକାରୀ |
|---|---|---|---|
| ବୌଦ୍ଧ | ୦୭.୦୪.୨୦୨୬ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବୌଦ୍ଧ | ଅତିରିକ୍ତ ଜିଲ୍ଲାପାଳ, ବୌଦ୍ଧ |
| ହରଭଙ୍ଗା | ୦୮.୦୪.୨୦୨୬ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, ହରଭଙ୍ଗା | ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ବୌଦ୍ଧ |
| କଣ୍ଟାମାଳ | ୦୯.୦୪.୨୦୨୬ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, କଣ୍ଟାମାଳ | ଉପ ଜିଲ୍ଲାପାଳ, ବୌଦ୍ଧ |

ଏଣୁ ଉକ୍ତ ବ୍ଲକସ୍ତରୀୟ ଜନଶୁଣାଣିରେ ଆପଣମାନେ ବହୁ ସଂଖ୍ୟାରେ ଯୋଗଦେଇ ଯୋଜନାର ସଫଳ କାର୍ଯ୍ୟକାରିତା ନିମନ୍ତେ ଆପଣଙ୍କର ସୁଚିନ୍ତିତ ମତାମତ ଦେବାକୁ ବିନମ୍ର ଅନୁରୋଧ ।

ସ୍ୱା./-ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-ନିର୍ବାହୀ
OIPR-19001/19234/1/25-26/0001 ଅଧିକାରୀ, ଜିଲ୍ଲା ପରିଷଦ, ବୌଦ୍ଧ

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଶୁକ୍ରୁଙ୍କୁ ଧରିବାକୁ ଗାଁ ଲୋକଙ୍କ ସାହାରା

- ୧୧ ମାଓବାଦୀଙ୍କ ପୋଷ୍ଟର ମାରିଲା ପୋଲିସ
- କନ୍ଧମାଳ ଜଙ୍ଗଲ ଡେଇଁ ଶୁକ୍ରୁ ଫେରାର ହୋଇଥିବା ସନ୍ଦେହ
- ସୀମାନ୍ତ ଜଙ୍ଗଲରେ କୋମ୍ବିଂ ଜୋରଦାର

**ଭୁବନେଶ୍ୱର/ଫୁଲବାଣୀ,୨୩।୩(ତ୍ରିନାଥ ମହାନ୍ତି/ରାକେଶ କୁମାର ରାଉତ)**

ରାଜ୍ୟକୁ ମାଓବାଦୀମୁକ୍ତ କରିବା ପାଇଁ ସ୍ୱରାଷ୍ଟ୍ରମନ୍ତ୍ରୀ ଦେଇଥିବା ଡେଡ୍‌ଲାଇନକୁ ଆଉ ମାତ୍ର ୮ଦିନ ରହିଲା। ଏହିକ୍ରମରେ କନ୍ଧମାଳରେ ବହୁ ମାଓବାଦୀ ଆତ୍ମସମର୍ପଣ କରିଥିବାବେଳେ ଶୁକ୍ରୁଙ୍କ ସମେତ ୧୧ଜଣ ଆତ୍ମସମର୍ପଣ କରୁନାହାନ୍ତି, ଯାହାକୁ ନେଇ ପୋଲିସର ଚିନ୍ତା ବଢ଼ିଛି। ନିକଟ ଅତୀତରେ କନ୍ଧମାଳ ଜିଲାରେ ୧୦ ଓ କଳାହାଣ୍ଡି ଜିଲାରେ ୧୦ ମାଓବାଦୀ ଆତ୍ମସମର୍ପଣ କରିସାରିଥିବାବେଳେ ବର୍ତ୍ତମାନ କନ୍ଧମାଳରେ କେବଳ ୧୧ଜଣ ମାଓବାଦୀ ବଞ୍ଚିଛନ୍ତି। ସେମାନେ କନ୍ଧମାଳ-ରାୟଗଡ଼ା-କଳାହାଣ୍ଡି ଜିଲାର ସୀମାନ୍ତବର୍ତ୍ତୀ


ଶୁକ୍ରୁ ଏବଂ ତାଙ୍କ ୧୧ସାଥୀଙ୍କୁ ଧରିବା ପାଇଁ ଗ୍ରାମରେ ଲାଗିଥିବା ପୋଷ୍ଟର

ପ୍ରାୟ ୫୦ରୁ ୬୦ କିଲୋମିଟର ବ୍ୟାପୀ ଘଞ୍ଚ ଜଙ୍ଗଲରେ ଲୁଚି ରହିଛନ୍ତି। ସେମାନଙ୍କର ନେତୃତ୍ୱ ନେଉଛନ୍ତି ମାଓବାଦୀ ନେତା ଶୁକ୍ରୁ। ତେଣୁ ସେମାନଙ୍କୁ ଧରିବା ପାଇଁ ରାଜ୍ୟ ପୋଲିସର ଏହି ସୀମାନ୍ତବର୍ତ୍ତୀ ଜଙ୍ଗଲରେ ବଡ଼ କୋମ୍ବିଂ ଅପରେଶନ ଜାରି ରହିଛି। ଏସ୍‌ଓଜି, ସିଆର୍‌ପିଏଫ୍ ଏବଂ ବିଏସ୍‌ଏଫ୍ ଯବାନମାନେ ମିଳିତ ଭାବେ କୋମ୍ବିଂ ଅପରେଶନ କରୁଛନ୍ତି। ଖୁବ୍‌ଶୀଘ୍ର ଶୁକ୍ରୁ ପୋଲିସ ଜାଲରେ ପଡ଼ିବ ବୋଲି କୁହାଯାଉଛି।

ଶୁକ୍ରୁଙ୍କୁ ଧରିବା ପାଇଁ ପୋଲିସ ଏବେ ଗାଁ ଲୋକଙ୍କ ସାହାରା ନେଇଛି। ଗ୍ରାମର ବିଭିନ୍ନ ଛକରେ ଶୁକ୍ରୁ ସମ୍ପର୍କରେ ପୋଷ୍ଟର ମରାଯାଇଛି। ଯେଉଁମାନେ ଶୁକ୍ରୁ ଏବଂ ତାଙ୍କ ସହଯୋଗୀଙ୍କୁ ଗିରଫ କରିବାରେ ସହଯୋଗ କରିବେ କିମ୍ବା ସୂଚନା ଦେବେ, ତାଙ୍କୁ ପୁରସ୍କୃତ କରାଯିବ। ଆହୁରି ମଧ୍ୟ ସେମାନଙ୍କ ନାମ ଗୋପନ ରଖାଯିବା ସହ ବିଭିନ୍ନ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ପୋଷ୍ଟରରେ କୁହାଯାଇଛି। ଯେଉଁ ୧୧ ଜଣ ମାଓବାଦୀ ବଞ୍ଚିଛନ୍ତି, ସେମାନଙ୍କ ମଧ୍ୟରେ ସିପିଆଇ ମାଓବାଦୀ ସ୍ପେସିଆଲ ଜୋନାଲ କମିଟି ମେମ୍ବର ଶୁକ୍ରୁ, ଡିଭିଜନାଲ କମିଟି ମେମ୍ବର ଶୀଳା, ୫ଜଣ ଏରିଆ କମିଟି ମେମ୍ବର ରଜିତା, ମଙ୍କୁ, ସନ୍ତୋଷ, ସନ୍ଧ୍ୟା ଏବଂ ସୁଷମା ଅଛନ୍ତି। ଜଙ୍ଗଲରେ ଲୁଚି ରହିଥିବା ଏହି ୧୧ ମାଓବାଦୀଙ୍କ ପୋଷ୍ଟର ଓଡ଼ିଶା ପୋଲିସ ରିଲିଜ୍ କରିଛି। ଏମାନଙ୍କ ମୁଣ୍ଡ ଉପରେ ଥିବା ଅର୍ଥରାଶି ସହିତ ମାଓବାଦୀ ଧରାନ୍ତୁ ଏବଂ ପୁରସ୍କାର ପାଆନ୍ତୁ ବୋଲି ପୋଷ୍ଟରରେ ଉଲ୍ଲେଖ କରାଯାଇଛି। କନ୍ଧମାଳ ଜିଲାର ସୀମାନ୍ତବର୍ତ୍ତୀ ଜଙ୍ଗଲ ଏବଂ ଜଙ୍ଗଲ ଭିତରେ ରହିଥିବା ଛୋଟିଆ ଛୋଟିଆ ଗାଁ ଗୁଡ଼ିକରେ ବହୁଳ ଭାବେ ଏହି ପୋଷ୍ଟର ଲଗାଯାଇଛି। ପୋଲିସର କୋମ୍ବିଂ ଅପରେଶନ ମଧ୍ୟ ଜୋରଦାର ଚାଲିଛି। ଏଭଳି ସ୍ଥଳେ ଶୁକ୍ରୁ ସମେତ ଏହି ୧୧ଜଣ ମାଓବାଦୀ ଯଦି ଆତ୍ମସମର୍ପଣ ନ କରନ୍ତି, ତେବେ ନିଶ୍ଚିତ ଭାବେ ସୁରକ୍ଷାକର୍ମୀଙ୍କ ଗୁଳିରେ ଏମାନେ ଟଳିବେ ବୋଲି ଅନୁମାନ କରାଯାଉଛି। ଏନେଇ କନ୍ଧମାଳ ଏସ୍‌ପି ହରିଶ୍ ବିଶି କହିଛନ୍ତି, ଶୁକ୍ରୁ ସମ୍ପର୍କରେ ସୂଚନା ଦେବାକୁ ଗାଁ ଲୋକଙ୍କୁ ସାମିଲ କରାଯାଇଛି। ଯେଉଁମାନେ ଶୁକ୍ରୁ ଏବଂ ତାଙ୍କ ସାଥୀଙ୍କ ସମ୍ପର୍କରେ ସୂଚନା ଦେବେ, ଆମେ ସେମାନଙ୍କୁ ପୁରସ୍କାର ଦେବା ସହ ନାମ ଗୋପନ ରଖିବୁ। ସବୁଆଡୁ ଶୁକ୍ରୁଙ୍କୁ ଘେରାବନ୍ଦୀ କରାଯାଇଛି। ପୋଲିସ ଅପରେଶନକୁ ଜୋରଦାର କରିଛି। ଖୁବ୍‌ଶୀଘ୍ର ଭଲ ଖବର ଆସିବ ବୋଲି ଏସ୍‌ପି ବିଶି କହିଛନ୍ତି।

## ଆବାସିକ କଲେଜରେ ଯୁକ୍ତ ୨ ଛାତ୍ରଙ୍କ ଆତ୍ମହତ୍ୟା

ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକ

**ବାଲେଶ୍ୱର,୨୩।୩(ମୃତ୍ୟୁଞ୍ଜୟ ପଟ୍ଟନାୟକ)**

ବାଲେଶ୍ୱର ଟାଉନ ଥାନା ଅଧୀନ ମଲ୍ଲିକାସପୁରସ୍ଥିତ ସ୍ୱସ୍ତିକ ଘରୋଇ ଆବାସିକ କଲେଜର ଜଣେ ଯୁକ୍ତ ୨ କଳାର ପ୍ରଥମ ବର୍ଷ ଛାତ୍ର ରବିବାର ରାତିରେ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ତେବେ ଛାତ୍ରଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। କଲେଜ କର୍ତ୍ତୃପକ୍ଷଙ୍କୁ ଦାୟୀ କରି ଛାତ୍ରଙ୍କ ପରିବାର ଲୋକେ ଟାଉନ ଥାନାରେ ଏତଲା ଦେଇଛନ୍ତି।

# Classified Everyday 0674-2580101, 9692975378


REAL ESTATE
SALE

**2&3BHK Flats sale at Kalarahanga, Patia, Bhubaneswar. Close to school, college and hospital. Completed project. Near to possession. Contact: 7440045095, 7077771880.** D-101

ଭୁବନେଶ୍ୱର, ଫୁଲନଖରା ଛକ, ପାହାଳ, ଜଟଣୀ ଗେଟ୍, ଅରୁଗୁଳ **IIT**, ପିପିଲି, ରଙ୍ଗବଜାର, ପାତ୍ରପଡ଼ା ନିକଟରେ ଘରବାରୀ ଫ୍ଲାଟ୍/**Duplex** ମିଳୁଛି। **8327785834.** D-3649

3BHK Flats near 200sqft. Sikharchandi Chandaka Road, Sundarpur (The New Patia) Bhubaneswar. Rera & BDA approved. Near DN Wisdom Tree School and KIMS Hospital. Bricks work completed. Book Site Visit- 8018461579, 9437095996. D-105

ଭୁବନେଶ୍ୱର ନଖରା Dadhichi College ପାଖରେ Sqft. 1099/ରେ ଘରବାଡ଼ି, ବାଉଣ୍ଡାରୀ, Electric ଥାଇ ବାସୋପଯୋଗୀ ଫ୍ଲାଟ୍ ମିଳୁଛି। 8093465134. D-3683

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500sqft. 7,50,000/- ଫ୍ଲାଟ୍ ବିକ୍ରିହେବ। 9658891108. D-25




All types of physiotherapy and massage contact 9556924059 / 7656969134. D-3668

**AFFIDAVIT**

I, Bijay Kumar Agrawal, S/o- Harishankar Agrawal, Word-5, Msjidgali, Bargarh, Dist.- Bargarh, Odisha-768028 declare by the affidavit No.- 599, dt. 16.03.26 before Executive Magistrate, Bargarh that I have changed my name Bijay Agrawal to Bijay Kumar Agrawal. Henceforth, I shall be known as Bijay Kumar Agrawal for all purposes. D-3726

By virtue of an affidavit before Executive Magistrate, Kakatpur on dtd. 31.10.2022 and published in The Orissa Gazette on dtd. 19.06.2007, I have changed my name from Kuna Chandra Swain to Kunal Swain. Henceforth I shall be known as Kunal Swain for all purposes.
Kunal Swain,
Sorabha, Gop, Puri.
D-3725

By virtue of affidavit sworn before Executive Magistrate, Bhubaneswar, dated 23.03.2026, I, Pravat Nalini Mohanty, Address: Plot No.- 23 & 24, Sailashree Vihar, Chandrasekharpur declare that I have changed my name from Sarat bala Pattnaik to Pravat Nalini Mohanty. Henceforth, I shall be known as Pravat Nalini Mohanty for all purposes.
Pravat Nalini Mohanty
D-3724

I, Hitherto known as Durlab Guntha, S/o- Padu Guntha, R/o Vtc: Rajabedei, P.O.- Rajaput, Sub District.- Similiguda, Koraput, Odisha- 764036 have changed my name and shall hereafter be known as Dullabha Guntha for all future purposes. D-3723

**LEGAL NOTICE**

ନୋଟିସ U/o- 5 R-20 of CPC
ମହକୁମେ ତାଳଚେର, ସିଭିଲ ଜଜ୍ ସିନିୟର ଡିଭିଜନ, ତାଳଚେର, ଜି ଅନୁଗୁଳ
MAT ୫୨/୨୦୨୫
ନିରଞ୍ଜନ ଦାଶ
...ଦରଖାସ୍ତକାରୀ
ବନାମ
କଲ୍ୟାଣୀ ମହାପାତ୍ର
....ବିରୁଦ୍ଧ ପକ୍ଷ

To, ଶ୍ରୀମତୀ କଲ୍ୟାଣୀ ମହାପାତ୍ର, ବୟସ ୪୭ ବର୍ଷ, ସ୍ୱା- ନିରଞ୍ଜନ ଦାଶ, ମାର୍ଫତ- ସୁରେଶ ଚନ୍ଦ୍ର ମହାପାତ୍ର। ସା- ଗୁରୁ ବିହାର, ମାଟିଆପଡ଼ା, ଥାନା-ତାଳବଣିଆଁ, ଜିଲ୍ଲା- ପୁରୀ
....ବିରୁଦ୍ଧ ପକ୍ଷ

ଜାଣିବେ, ଏହିକି ତୁମ୍ଭ ବିରୁଦ୍ଧରେ ଦରଖାସ୍ତକାରୀ ନିରଞ୍ଜନ ଦାଶ ଛାଡ଼ପତ୍ର ସକାଶେ ଉକ୍ତ କେସ୍ ଦାଖଲ କରିଛନ୍ତି। ଆପଣ ଆଗାମୀ ତା୦୬।୦୪।୨୦୨୬ରିଖ ଦିନ ସକାଳ ୭.୩୦ ମିନିଟ୍ ସମୟରେ ଉକ୍ତ କୋର୍ଟରେ ହାଜର ହେବେ ନଚେତ୍ ଉକ୍ତ କେସ୍‌ର ବିଚାର ତୁମ୍ଭର ଅନୁପସ୍ଥିତିରେ ହେବ।
ଅଦ୍ୟ ତାରିଖ ୧୩।୦୩।୨୦୨୬
Sd./- Senior Civil Judge, Talcher
D-3722

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LEGAL NOTICE**

ମାନ୍ୟବର ଶ୍ରୀଯୁକ୍ତ ସେକେଣ୍ଡ ଆଡିସିନାଲ ଜଜ୍‌ଙ୍କ ଅଦାଲତ, ପୁରୀ
ସି.ଏସ୍. ନଂ- ୫୫୩/୨୦୨୧
ନୋଟିସ

ପ୍ରତିଲତା ଜେନା, ସ୍ୱାମୀ- ପ୍ରକାଶ ଚନ୍ଦ୍ର ଜେନା, ସାକିନ- ତୁଳସୀ କ୍ୟାମ୍ପସ, ଫ୍ଲଟ୍ ନ-୭/୬, ବାଲିଘାଟ, ଥାନା- ପେଣ୍ଠକଟା ମେରାଇନ୍, ଜିଲ୍ଲା- ପୁରୀ, ପିନ୍- ୭୫୨୦୦୨
....ଆବେଦନକାରୀ
ବନାମ

୧. ଅଶୋକ କୁମାର ପରିଡ଼ା @ ଅଶୋକ ବବ୍ ପରିଡ଼ା, ପିତା: ଗୌରାଙ୍ଗ ଚରଣ ପରିଡ଼ା, ସାକିନ୍ - ଉପର ମାଳିସାହି, ଥାନା- କୁମ୍ଭାରପଡ଼ା, ପୋଷ୍ଟ/ଜିଲ୍ଲା- ପୁରୀ
.....ପ୍ରତିବାଦୀ ନଂ-୧

୨. ଉଦୟନ ରାଉତରାୟ, ପିତା: ୰ବିଭୂତି ଭୂଷଣ ରାଉତରାୟ, ସାକିନ୍- ଏ.ଏସ୍. ୦୩, ଏଫ୍.ସି.ଓ.ଟି.ଏଲ୍.ଏ. ଆପାର୍ଟମେଣ୍ଟ, ନେଖାମ୍‌ପୁର, ହାଇଦ୍ରାବାଦ।
ପ୍ରତିବାଦୀ ନଂ-୫

୩. ତ୍ରିଲୋଚନ ପରିଡ଼ା, ପିତା : ୰କୃଷ୍ଣମୋହନ ପରିଡ଼ା,
....ପ୍ରତିବାଦୀ ନଂ-୬

୪. କିରଣ ପରିଡ଼ା, ପିତା- ୰କୃଷ୍ଣମୋହନ ପରିଡ଼ା,
......ପ୍ରତିବାଦୀ ନଂ-୭

୫. ମିନତୀ ପରିଡ଼ା, ପିତା- ୰କୃଷ୍ଣମୋହନ ପରିଡ଼ା, ଏମାନଙ୍କ ସାକିନ୍ ଗଡ଼ନୟନଛଡ଼ା, ଥାନା- କାକଟପୁର, ଜିଲ୍ଲା- ପୁରୀ ।
ପ୍ରତିବାଦୀ ନଂ-୮

୬. ଲୁନା ପରିଡ଼ା, ପିତା- ୰ହରମୋହନ ଓରଫ ହରକୃଷ୍ଣ ପରିଡ଼ା,
..... ପ୍ରତିବାଦୀ ନଂ-୧୦

୭. ଶୁଭଶ୍ରୀ ପରିଡ଼ା, ପିତା- ୰ହରମୋହନ ଓରଫ ହରକୃଷ୍ଣ ପରିଡ଼ା, ସାକିନ୍- ଗଡ଼ନୟନଛଡ଼ା, ଥାନା- କାକଟପୁର, ଜିଲ୍ଲା- ପୁରୀ ।
..... ପ୍ରତିବାଦୀ ନଂ-୧୨

୮. ନଟ ପାତ୍ର, ପିତା- ୰ବାଉରୀବନ୍ଧୁ ପାତ୍ର
..... ପ୍ରତିବାଦୀ ନଂ-୧୩

୯. ପହଲି ପାତ୍ର, ପିତା: ୰ବାଉରୀବନ୍ଧୁ ପାତ୍ର
..... ପ୍ରତିବାଦୀ ନଂ-୧୪

୧୦. ବଂଶୀ ପାତ୍ର, ପିତା- ୰ବାଉରୀବନ୍ଧୁ ପାତ୍ର
..... ପ୍ରତିବାଦୀ ନଂ-୧୫

୧୧. ମୁରଲୀ ପାତ୍ର, ପିତା- ୰ବାଉରୀବନ୍ଧୁ ପାତ୍ର
..... ପ୍ରତିବାଦୀ ନଂ-୧୬

୧୨. ଯଦୁମଣି ପାତ୍ର, ପିତା- ୰ବାଞ୍ଛାନିଧି ପାତ୍ର
..... ପ୍ରତିବାଦୀ ନଂ-୧୭

୧୩. ଶଙ୍କର ପାତ୍ର, ପିତା- ୰କୃତ୍ତିବାସ ପାତ୍ର
..... ପ୍ରତିବାଦୀ ନଂ-୧୮

୧୪. ରଘୁ ପାତ୍ର, ପିତା- ୰କହ୍ନେଇ ପାତ୍ର
..... ପ୍ରତିବାଦୀ ନଂ-୧୯

୧୫. ହଟ ପାତ୍ର, ପିତା- ୰ବ୍ରଜବନ୍ଧୁ ପାତ୍ର ନ୮ ଲଗାୟତ ୧୫ମ୍ବର ସାକିନ୍- ଶ୍ରୀଚନ୍ଦନପୁର, ପୋଷ୍ଟ/ଥାନା- କାକଟପୁର, ଜିଲ୍ଲା- ପୁରୀ
..... ପ୍ରତିବାଦୀ ନଂ- ୨୦

୧୬. ଧୋବେଇ ପାତ୍ର, ପିତା- ବ୍ରଜମୋହନ ପାତ୍ର, ସାକିନ୍- ଶ୍ରୀରାମଚନ୍ଦ୍ରପୁର, ଥାନା- କାକଟପୁର, ଜିଲ୍ଲା- ପୁରୀ,
..... ପ୍ରତିବାଦୀ ନଂ-୨୧

୧୭. ପ୍ରତିଭା ସ୍ୱାଇଁ, ପିତା- ୰ଭଗବାନ ସ୍ୱାଇଁ,
.... ପ୍ରତିବାଦୀ ନଂ-୨୪

୧୮. ପ୍ରଭାତୀ ସ୍ୱାଇଁ, ପିତା- ୰ଭଗବାନ ସ୍ୱାଇଁ
..... ପ୍ରତିବାଦୀ ନଂ-୨୫

୧୯. ରାଜକିଶୋର ସ୍ୱାଇଁ, ପିତା- ୰ନାରାୟଣ ସ୍ୱାଇଁ
...... ପ୍ରତିବାଦୀ ନଂ-୨୮

୨୦. ସୋମନାଥ ସ୍ୱାଇଁ, ପିତା- ୰ମହେଶ୍ୱର ସ୍ୱାଇଁ
...... ପ୍ରତିବାଦୀ ନଂ-୩୦

୨୧. ଇନ୍ଦ୍ରମଣି ସ୍ୱାଇଁ, ପିତା- ୰ମହେଶ୍ୱର ସ୍ୱାଇଁ
...... ପ୍ରତିବାଦୀ ନଂ-୩୧

୨୨. ରବୀନ୍ଦ୍ର ସ୍ୱାଇଁ, ପିତା- ବାସୁଦେବ ସ୍ୱାଇଁ
...... ପ୍ରତିବାଦୀ ନଂ-୩୨

୨୩. ଗୋପୀନାଥ ସ୍ୱାଇଁ, ପିତା- ମହାଦେବ ସ୍ୱାଇଁ
...... ପ୍ରତିବାଦୀ ନଂ-୩୫

୨୪. ଇନ୍ଦୁମତି ପରିଡ଼ା, ସ୍ୱାମୀ- ୰ଇନ୍ଦ୍ରମଣି ପରିଡ଼ା
...... ପ୍ରତିବାଦୀ ନଂ-୩୬

୨୫. ଦେବରାଜ ପରିଡ଼ା, ପିତା- ବ୍ରଜବନ୍ଧୁ ପରିଡ଼ା
...... ପ୍ରତିବାଦୀ ନଂ-୩୮

ସମସ୍ତଙ୍କ ସାକିନ୍ ଗଡ଼ନୟନଛଡ଼ା, ଥାନା- କାକଟପୁର, ଜିଲ୍ଲା- ପୁରୀ ।

ଏହିକି ଯେ, ପ୍ରତିବାଦୀ ନ୧, ଲଗାୟତ ୫ ଲଗାୟତ୮, ୧୦, ୧୨ ରୁ ୨୧, ୨୪, ୨୫, ୨୮, ୩୦, ୩୧, ୩୨, ୩୫, ୩୬, ୩୮ମ୍ବରଙ୍କ ନାମରେ ନୋଟିସ ଜାରି ହେବା ନିମନ୍ତେ ବାରମ୍ବାର ଯାଇଥିଲେ ମଧ୍ୟ ସେ ନୋଟିସ ମର୍ମମାନ ଜାଣିଶୁଣି ଉପରୋକ୍ତ ମୋକଦ୍ଦମାରେ ହାଜର ହେଉନାହାନ୍ତି। ତେଣୁ ଅତ୍ର ବିଜ୍ଞାପନ ଦ୍ୱାରା ପ୍ରତିବାଦୀମାନଙ୍କୁ ଜଣାଇ ଦିଆଯାଇଅଛି କି, ପ୍ରତିବାଦୀ ନ୧, ଲଗାୟତ ୫ ଓ ୧୦, ୧୨ ରୁ ୨୧, ୨୪, ୨୫, ୨୮, ୩୦, ୩୧, ୩୨, ୩୫, ୩୬, ୩୮ମ୍ବର ଆଜଦିନ ତା ୧୫।୦୪।୨୬ରିଖେ ଅତ୍ର ଅଦାଲତରେ ଆପଣମାନେ ନିଜେ କିମ୍ବା ଓକିଲଙ୍କ ଦ୍ୱାରା ଉପସ୍ଥିତ ହୋଇ କୌଣସି ଆପତ୍ତି ଥିଲେ ଜଣାଇବେ, ନଚେତ୍ ଆଇନ ଅନୁଯାୟୀ ଫଇସଲା ହେବ। ଅଦ୍ୟ ତା ୧୫।୦୪।୨୦୨୬ରିଖେ ସ୍ୱାକ୍ଷରିତ ଓ ଅଦାଲତର ମୋହର ନିମ୍ନ କ୍ରମେ ଦିଆଗଲା ।

2nd Additional Senior Civil Judge, Puri
D-3721

## ପେଟ୍ରୋଲ ପକାଇ ଛୁ ମାରୁଛନ୍ତି

୨ ଦିନରେ ୪ ପେଟ୍ରୋଲ ପମ୍ପରୁ ୬୭ ହଜାର ଠକେଇ

**ଢେଙ୍କାନାଳ,୨୩।୩(ନୀଳମଣି ମଣ୍ଡଳ)**

କେନ୍ଦୁଝର ଜିଲା ଢେଙ୍କିକୋଟ୍ ପୋଲିସ ବିଟ୍ ହାଉସ ଅଞ୍ଚଳରେ ଅଭିନବ ଉପାରେ ପେଟ୍ରୋଲ ପମ୍ପରୁ ଠକେଇ ହେଉଛି। ଦୁର୍ବୃତ୍ତ ପେଟ୍ରୋଲ ପମ୍ପରେ ତେଲ ପକାଇବା ସହ ବ୍ୟାରେଲରେ ତେଲ ନେଇ ଟଙ୍କା ନ ଦେଇ ଛୁ ମାରୁଛନ୍ତି। ଗତ ୨ ଦିନ ମଧ୍ୟରେ ୪ ପେଟ୍ରୋଲ ପମ୍ପରୁ ପ୍ରାୟ ୬୭ ହଜାରରୁ ଊର୍ଦ୍ଧ୍ୱ ଠକେଇ ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

ପ୍ରକାଶ, ୨୦ ନମ୍ବର ଜାତୀୟ ରାଜପଥ କଡ଼ ବାଙ୍କପାଟୁଲିରେ ଥିବା ଗଣେଶ ପେଟ୍ରୋଲ ପମ୍ପରେ ସୋମବାର ୩ ଦୁର୍ବୃତ୍ତ ଏକ ହୁଣ୍ଡାଇ କାରରେ ଆସି ତେଲ ପକାଇଥିଲେ। ପରେ କାର ଭିତରେ ଥିବା ବ୍ୟାରେଲରେ ୧୭ ହଜାର ଟଙ୍କାର ପେଟ୍ରୋଲ ଭର୍ତ୍ତି କରିଥିଲେ। ପମ୍ପ କର୍ମଚାରୀ ବିଲ୍ ବାହାର କରିବା ସମୟରେ ଦୁର୍ବୃତ୍ତ କାର ଧରି ଚମ୍ପଟ ମାରିଥିଲେ। ସେହିପରି କଟରାବେଡ଼ାଠାରେ ଥିବା ଦିବ୍ୟାଂଶୁ ପେଟ୍ରୋଲ ପମ୍ପଠାରେ ସନ୍ଧ୍ୟା ୭ଟାରେ କାର ଭିତରେ ଥିବା ବ୍ୟାରେଲରେ ୧୮ ହଜାର ଟଙ୍କାର ପେଟ୍ରୋଲ ଭର୍ତ୍ତି କରି ଚମ୍ପଟ ମାରିଥିଲେ। ସେହିପରି ରବିବାର ସାନମସିଣାବିଲା ଜଗାତାରିଣୀ ଫିଲିଂ ଷ୍ଟେଶନରୁ ସନ୍ଧ୍ୟା ୭ଟାରେ ଉକ୍ତ କାରରେ ଦୁର୍ବୃତ୍ତ ପେଟ୍ରୋଲ ଭର୍ତ୍ତି କରିବା ସହ କାର ଭିତରେ ଥିବା ବ୍ୟାରେଲରେ ୧୭ ହଜାର ୮୦୦ ଟଙ୍କାର ପେଟ୍ରୋଲ ଭର୍ତ୍ତି କରି ଚମ୍ପଟ ମାରିଥିଲେ। ପରେ ଘଟଗାଁଠାରେ ଥିବା ବୃନ୍ଦାବନ ପେଟ୍ରୋଲ ପମ୍ପରେ ମଧ୍ୟ ବ୍ୟାରେଲରେ ୧୫ ହଜାର ଟଙ୍କାର ପେଟ୍ରୋଲ ନେଇ ଦୁର୍ବୃତ୍ତ ଚମ୍ପଟ ମାରିଛନ୍ତି। ୨ ଦିନରେ ୪ ପେଟ୍ରୋଲ ପମ୍ପରୁ ମୋଟ ୬୭ ହଜାର ୮୦୦ ଟଙ୍କାର ପେଟ୍ରୋଲ ଚୋରି ହୋଇଛି। ଏ ନେଇ ଘଟଗାଁ ଥାନାରେ ବାଙ୍କପାଟୁଲି ପେଟ୍ରୋଲ ପମ୍ପର କର୍ତ୍ତୃପକ୍ଷ ଅଶୋକ ପାଣି ଓ କଟରାବେଡ଼ା ପେଟ୍ରୋଲ ପମ୍ପର ଜିତେନ୍ଦ୍ର କୁମାର ମହାନ୍ତ ଲିଖିତ ଅଭିଯୋଗ କରିଥିବା ଘଟଗାଁ ପୋଲିସ ପକ୍ଷରୁ ସୂଚନା ମିଳିଛି। ଅନ୍ୟ ୨ ପେଟ୍ରୋଲ ପମ୍ପ ଦ୍ୱୟ ଅଭିଯୋଗ କରି ନ ଥିବା ଜଣାପଡିଛି। ଏ ନେଇ ଘଟଗାଁ ଥାନାରେ ପୃଥକ ମାମଲା( ନଂ.୧୬୬/୨୬, ୨୦୦/୨୬) ରୁଜୁ ହୋଇ ଘଟଣାରେ ଛାନ୍‌ଭିନ୍ ଜାରି ରଖିଥିବା ଜଣାପଡ଼ିଛି।

## ତେଲ୍‌ନଦୀ କୂଳରୁ ୫୦କିଲୋ ଗଞ୍ଜେଇ ଜବତ

ପୋଲିସ ଚଢ଼ାଉ ସମୟରେ ଅଭିଯୁକ୍ତ ଫେରାର

**ସୋନପୁର/ତରଭା,୨୩।୩(ମୃତ୍ୟୁଞ୍ଜୟ ଶତପଥୀ/ମାନଭଞ୍ଜନ ମିଶ୍ର)**

ସୁବର୍ଣ୍ଣପୁର ଜିଲା ତରଭା ଥାନା ପୋଲିସ ମରାଡୁଗୋଛା ନିକଟସ୍ଥ ତେଲ୍‌ନଦୀ କୂଳରେ ସୋମବାର ଚଢ଼ାଉ କରି ୫୦କିଲୋ ୧୦୦ଗ୍ରାମ ଗଞ୍ଜେଇ ଜବତ କରିଛି। ତେବେ ଗଞ୍ଜେଇ ବ୍ୟବସାୟୀ ତଥା ବୌଦ୍ଧ ଜିଲା କଣ୍ଟାମାଳ ଥାନା ବନ୍ଧପାଲି ଗ୍ରାମର ରାମ ସାହୁ ଓ ତାଙ୍କର ସହଯୋଗୀ ଫେରାର ହୋଇଯାଇଛନ୍ତି। ଏ ସମ୍ପର୍କରେ ତରଭା ଥାନାରେ ଏନଡିପିଏସ୍ ଆକ୍ଟ ଅନୁଯାୟୀ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଥିବା


ତରଭା ପୋଲିସ ଟିମ୍ ଜବତ କରିଥିବା ଗଞ୍ଜେଇ ପ୍ୟାକେଟ।

ଏସ୍‌ପି ନାରାୟଣ ନାୟକ ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଜବତ ଗଞ୍ଜେଇର ସରକାରୀ ମୂଲ୍ୟ ୫ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଏସ୍‌ପି କହିଛନ୍ତି।

ଗଞ୍ଜେଇର ଉତ୍ସ ଓ ଅଭିଯୁକ୍ତଙ୍କ ବିଷୟରେ ଜାଣିବା ପାଇଁ ଅଧିକ ତଦନ୍ତ ଜାରି ରହିଥିବା ଏସ୍‌ପି କହିଛନ୍ତି। ତରଭା ଥାନା ଏସ୍‌ଆଇ ପ୍ରେମରାଜ ସାହୁ ମାମଲାର ତଦନ୍ତ କରୁଛନ୍ତି।

## ପୋଲିସ ଗାଡ଼ି ଚୋରି

**ଭୁବନେଶ୍ୱର,୨୩।୩(ତ୍ରିନାଥ ମହାନ୍ତି)**

ଶହୀଦନଗର ଥାନା ଭୋଇନଗର କ୍ୱାର୍ଟର୍ସ ନମ୍ବର-୨ଆର୍‌ଏଫ୍-୬/୬ ଘର ଆଗରୁ ଜଣେ ପୋଲିସ କନ୍‌ଷ୍ଟେବଲଙ୍କ ବାଇକ୍ ଚୋରି ହୋଇଛି। ଏନେଇ କନ୍‌ଷ୍ଟେବଲ ମୋହନ କୁମାର ବେହେରା ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ମୋହନ ଡ୍ୟୁଟି ସାରି ଅପରାହ୍ନ ୨ଟାରେ ଘର ଆଗରେ ବାଇକ ରଖି ଘର ଭିତରକୁ ଯାଇଥିଲେ। ସେ ସନ୍ଧ୍ୟାରେ ଘରୁ ବାହାରକୁ ବାହାରିବାବେଳକୁ ତାଙ୍କ ବାଇକ ନ ଥିବା ଦେଖିବାକୁ ପାଇଥିଲେ। ସିସିଟିଭି ଯାଞ୍ଚ ପରେ ବାଇକ୍‌କୁ ଜଣେ ଦୁର୍ବୃତ୍ତ ନକଲି ଚାବି ସାହାଯ୍ୟରେ ନେଇ ଚମ୍ପଟ ମାରିଥିବା ଦେଖିବାକୁ ମିଳିଥିଲା।

## ସ୍ତ୍ରୀଙ୍କୁ ହତ୍ୟା କରି ଜାଳିଦେଲେ: ସ୍ୱାମୀ ଅଟକ


ଅଟକ ଯଶୋବନ୍ତ ସାହୁ।


ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି।

**ଦେବଗଡ଼,୨୩।୩ (ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ରିଆମାଳ ବ୍ଲକ୍ କୁଣ୍ଡେଇଗୋଳା ଥାନା ଅଧୀନ ମହ୍ଲାରବାହାଲ ଗ୍ରାମରେ ରବିବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଜଣେ ମହିଳାଙ୍କୁ ହତ୍ୟା କରିବା ପରେ ପ୍ରମାଣ ନଷ୍ଟ କରିବା ପାଇଁ ଶରୀରରେ ନିଆଁ ଲଗାଇ ପୋଡି ଦିଆଯାଇଥିବା ଅଭିଯୋଗ ହୋଇଛି। ମୃତା ମହିଳା ହେଲେ ଲକ୍ଷ୍ମୀପ୍ରିୟା ସାହୁ। ଏହି ଘଟଣାରେ ଲକ୍ଷ୍ମୀପ୍ରିୟାଙ୍କ ସ୍ୱାମୀ ମହ୍ଲାରବାହାଲ ଗ୍ରାମର ଯଶୋବନ୍ତ ସାହୁଙ୍କୁ ପୋଲିସ ଅଟକ ରଖିଛି।

ଅଭିଯୋଗ ଅନୁଯାୟୀ, ଘରୋଇ କଳିକୁ କେନ୍ଦ୍ରକରି ଲକ୍ଷ୍ମୀପ୍ରିୟାଙ୍କୁ ବିଭିନ୍ନ ସମୟରେ ଯଶୋବନ୍ତ ମାଡ଼ ମାରୁଥିଲେ। ରବିବାର ଉଭୟଙ୍କ ମଧ୍ୟରେ ପାଣିତୁଣ୍ଡ ହୋଇଥିଲା। ଏଥିରେ ଯଶୋବନ୍ତ ଉତ୍ତ୍ୟକ୍ତ ହୋଇ ଲକ୍ଷ୍ମୀପ୍ରିୟାଙ୍କୁ ହତ୍ୟା କରିଥିଲେ। ପରେ ମୃତଦେହକୁ ଘର ପଛପଟ ଚାଷଜମିକୁ ନେଇ ନିଆଁ ଲଗାଇ ଦେଇଥିଲେ। ଫଳରେ ମୃତଦେହର ପ୍ରାୟ ୭୦ ପ୍ରତିଶତ ପୋଡ଼ିଯାଇଥିବା ଜଣାପଡିଛି। ଘଟଣାସ୍ଥଳରେ ମହିଳାଙ୍କ ଚପଲ ପଡିଥିବାବେଳେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦିଆଯାଇଥିବା ଅନୁମାନ କରାଯାଉଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଚଳାଇଛି। ଏନେଇ ଲକ୍ଷ୍ମୀପ୍ରିୟାଙ୍କ ଭାଇ ମୁରଲୀ ସାହୁ ଅଭିଯୋଗ କରିବା ପରେ ଥାନାରେ ଏକ ହତ୍ୟା ମାମଲା(ନଂ.୧୦୧/୨୬) ରୁଜୁ ହୋଇଛି।

ସୌନ୍ଦର୍ଯ୍ୟ

# ଖରାଦିନରେ ଟ୍ୟାନିଂ ସମସ୍ୟା



ଖରାଦିନ ଆସିଲେ ଟ୍ୟାନିଂ ସମସ୍ୟା ଦେଖାଯାଇଥାଏ। ପ୍ରଚଣ୍ଡ ଖରାରେ ମୁହଁ, ପାଦ,ବେକ ହାତରେ ସବୁଠାରୁ ପ୍ରଭାବ ଅଧିକ ପଡ଼ିଥାଏ। ତ୍ୱଚା କେବଳ କଳା ହୋଇ ନ ଥାଏ ଏଥିସହ ଗରମ ଝାଳ ଯୋଗୁ ମୁହଁରେ ମୁଖ ବ୍ରଣ ଆଦି ସମସ୍ୟା ଦେଖାଯାଇଥାଏ। ଏମିତିରେ ଆୟୁର୍ବେଦରେ ଏପରି ଏକ ଉପାୟ ରହିଛି ଏହା କେବଳ ଟ୍ୟାନିଂ ସମସ୍ୟା ଦୂରକରିବା ସହ ମୁହଁରେ ଗୋରାପଣ ବି ଆଣିଥାଏ। ଏକ ପ୍ରାକୃତିକ ଉପଚାର ରହିଛି ଯାହାକୁ ଆପଣାଇପାରିବେ ..

**ଏହି ପ୍ରାକୃତିକ ଉପଚାର ବନାଇବାର ଉପାୟ :** ପ୍ରଥମେ କମଳା ଚୋପାର ପାଉଡର, ଅଳ୍ପ ମାତ୍ରାରେ କେଶର, ମୁଲେଠି ପାଉଡର ଏବଂ ଚନ୍ଦନ ପାଉଡର ଏବଂ ଆଲୋଭେରା ଜେଲ୍ ସହ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଯଦି ପେଷ୍ଟ ବହୁ ଗାଢ଼ା ଲାଗୁଛି ତେବେ ସେଥିରେ ଗୋଲାପ ଜଳ, କଞ୍ଚାକ୍ଷୀର ମିଶାଇପାରିବେ। ଏହି ପେଷ୍ଟକୁ ସପ୍ତାହରେ ୨ ଥର ପ୍ରଭାବିତ ହୋଇଥିବା ସ୍ଥାନରେ ଲଗାଇପାରିବେ। ଏହି ପ୍ୟାକ୍ ଲଗାଇବା ଦ୍ୱାରା ମୃତ କୋଶିକା ଦୂର ହେବା ସହ ଏହା ତ୍ୱଚାକୁ ସଫା କରିବାରେ ସାହାଯ୍ୟ କରିଥାଏ। ଏହି ପ୍ୟାକ୍‌ଟି ତ୍ୱଚାକୁ ଭିତରୁ ପୋଷଣ ଦେଇଥାଏ। ମୁଲେଠି ମେଲାଲିନ୍‌କୁ ସନ୍ତୁଳିତ କରିଥାଏ। କେଶର ତ୍ୱଚାର ରଙ୍ଗକୁ ଉଜ୍ଜ୍ୱଳ କରିବାରେ ସାହାଯ୍ୟ କରିଥାଏ। ଅନ୍ୟପକ୍ଷରେ ଏହି ମିଶ୍ରଣରେ ଥିବା ଆଲୋଭେରା ଜେଲ୍ ତ୍ୱଚାକୁ ଗରମରୁ ରକ୍ଷା କରିଥାଏ। ଏହା ମଧ୍ୟ ତ୍ୱଚାରେ ହେଉଥିବା ଜ୍ୱଳନ ସମସ୍ୟାରୁ ରକ୍ଷାକରିଥାଏ। କମଳା ଚୋପାରେ ଭରପୂର ମାତ୍ରାରେ ଭିଟାମିନ୍ ସି ରହିଛି ଯାହା ତ୍ୱଚାକୁ ନୂଆ କୋଶିକା ପ୍ରସ୍ତୁତ କରିବାରେ ସାହାଯ୍ୟ କରିଥାଏ ଏବଂ ଏହା ସ୍କିନ୍‌କୁ ସଫା କରିବାରେ ସାହାଯ୍ୟ କରେ।



ଖାଦ୍ୟରୁଚି



## ଗ୍ରେପ୍ସ ଜୁସ୍

**ଆବଶ୍ୟକ ସାମଗ୍ରୀ:** ଫ୍ରେସ୍ ଅଙ୍ଗୁର ୨କପ୍, ଅଳ୍ପ ଥଣ୍ଡା ପାଣି,ସ୍ୱାଦ ଅନୁସାରେ ଚିନି, ମହୁ, କିଛି ବରଫ ଖଣ୍ଡ

**ପ୍ରସ୍ତୁତି ପ୍ରଣାଳୀ**

ପ୍ରଥମେ ଅଙ୍ଗୁରକୁ ଭଲଭାବେ ୨ରୁ ୩ଥର ଧୋଇନିଅନ୍ତୁ। ଅଙ୍ଗୁରରେ ଯଦି ଡେମ୍ଫ ଲାଗିଛି ତେବେ ତାକୁ ସେଥିରୁ କାଢ଼ିଦିଅନ୍ତୁ। ଏବେ ଏହି ଅଙ୍ଗୁରକୁ ମିକ୍ସଚରରେ ପକାନ୍ତୁ। ସବୁ ଅଙ୍ଗୁର ପେଷିହୋଇଗଲେ ଏହାକୁ ଛଣା କିମ୍ବା ସଫା କପଡ଼ା ସାହାଯ୍ୟରେ ଛାଣି ଦିଅନ୍ତୁ। ଚାହିଁଲେ ଏଥିରେ ଲେମ୍ବୁରସ ସହ ବିଟ୍ ଲୁଣ ବି ପକାଇପାରିବେ। ଫଳରେ ଏହାର ସ୍ୱାଦ ଆହୁରି ବଢ଼ିଯିବ। ଯେତେବେଳେ ଜୁସ୍ ପ୍ରସ୍ତୁତ ହୋଇଯିବ ଏହାକୁ କିଛି ସମୟ ଫ୍ରିଜ୍‌ରେ ରଖି ଦିଅନ୍ତୁ । ପରେ ଏହାକୁ ଗ୍ଲାସ୍‌ରେ କାଢ଼ି ସେଥିରେ ବରଫ ପକାଇ ଥଣ୍ଡା ଥଣ୍ଡା ସର୍ଭ କରନ୍ତୁ।

ଫ୍ୟାଶନ

# ସମର ଆଉଟ୍‌ଫିଟ୍

**ଯେ**ତେବେଳେ ତାପମାତ୍ରା ବଢ଼ିଥାଏ, ସେତେବେଳେ ଗୃହିଣୀ, କର୍ମଜୀବୀ କିମ୍ବା ଯୁବତୀମାନେ କ'ଣ ପିନ୍ଧିବେ ତାକୁ ନେଇ ଦ୍ୱନ୍ଦ୍ୱରେ ଥାନ୍ତି। ଏଥପାଇଁ ନିମ୍ନରେ କେତୋଟି ଟିପ୍ସ ଦିଆଯାଉଛି ଯାହାକୁ ଆପଣାଇଲେ ନିଜର ଲୁକ୍ ବଦଳିବା ସହିତ ଷ୍ଟାଇଲିଶ୍ ମଧ୍ୟ ଦେଖାଯିବେ।

**କୋର୍ଟ ସେଟ୍ସ :** ସମର ଫ୍ରେଣ୍ଡଲୀ ପାବ୍ରିକ୍ସର ଦେଖିବାକୁ ଗଲେ ଲିନେନ ଏବଂ କର୍ଟନ କୋର୍ଟ ସେଟ୍ ସବୁଠାରୁ ଅଧିକ ପସନ୍ଦ କରାଯାଏ। ଏହା ଆରାମ ଦାୟକ ହେବା ସହିତ ଆପଣଙ୍କୁ ଏକ କ୍ଲାସି ଲୁକ୍ ଦେଇଥାଏ। ପେଷ୍ଟାଲ କଲର ଭଳି ବ୍ଲୁ ମିଣ୍ଟ ଗ୍ରୀନ ଲେମନ୍ ୟେଲୋ କଲର ଡ୍ରେସ ପିନ୍ଧିଲେ ଏହା ଭଲ ମାନିଥାଏ।

**ଫ୍ଲୋରାଲ୍ ଡିଜାଇନ୍ :** ସିମ୍ପଲ କଲର ବ୍ୟତୀତ ବୋଲ୍ଡ ପ୍ରିଣ୍ଟର ଏବେ ବହୁତ କ୍ରେଜ୍ ଦେଖିବାକୁ ମିଳୁଛି। ବଡ ଫୁଲ ଥିବା ଜୋମେଟ୍ରୀ ଏବଂ ଆବ୍‌ଷ୍ଟ୍ରାକ୍ଟ ପ୍ରିଣ୍ଟ ଯୁବତୀମାନଙ୍କୁ ବହୁତ ପସନ୍ଦ ଆସୁଛି। ଏହା ଷ୍ଟାଇଲ୍ ଏବଂ ଭ୍ୟାକେସନ୍ ଏବଂ ଆଉଟଡୋର ଲାଗି ଏକଦମ୍ ପରଫେକ୍ଟ ।





**ଓଭରସାଇଜ୍ ଏବଂ କମ୍ଫର୍ଟ ଫିଟ୍:** ବର୍ତ୍ତମାନ ଟାଇଟ୍ ଫିଟିଂର ଜମାନା ଗଲାଣି। ଆଜିର ସମୟରେ ଓଭର ସାଇଜ୍ କୋର୍ଟ ଏବଂ ୱାଇଡ୍ ଲେଗ୍ ଟ୍ରାଉଜର ଫ୍ୟାଣ୍ଟ କମ୍ବିନେସନ୍‌ର ଏବେ ଫ୍ୟାଶନ୍ ଚାଲିଛି। ଏହା ଫ୍ୟାଶନ କ୍ରେଜ୍‌କୁ ବଢ଼ାଇବା ସହିତ ଆପଣଙ୍କୁ ଏଫର୍ଟଲେସ୍ କୁଲ୍ ଲୁକ୍ ଦେଇଥାଏ।

**ଏଥନିକ୍ ଟଚ୍ ସହିତ ଇଣ୍ଡୋ ୱେଷ୍ଟର୍ଣ୍ଣ ସେଟ୍ସ:** ଭାରତୀୟ ମହିଳାଙ୍କ ମଧ୍ୟରେ ଇଣ୍ଡୋ–ୱେଷ୍ଟର୍ଣ୍ଣ କୋର୍ଟର ସେଟ୍ ବହୁତ ଡିମାଣ୍ଡ ରହିଛି। ଏହା ଅଫିସ୍ ସହିତ ଛୋଟମୋଟ ପାରିବାରିକ ଫଙ୍କସନ୍‌ରେ ଲାଗି ଏକ ଭଲ ବିକଳ୍ପ।

**ଷ୍ଟାଇଲିସ୍ ଟିପ୍:** ଯଦି ଆପଣ ନିଜ କୋଟ ସେଟ୍‌କୁ ଅଳ୍ପ ଷ୍ଟାଇଲିଶ୍ କରିବାକୁ ଚାହାଁନ୍ତି ତେବେ ଏହା ସହିତ ଷ୍ଟେଟ୍‌ମେଣ୍ଟ ବେଲ୍ଟ ଏବଂ ମିନିମଲ ଆସେସରିଜ୍ କ୍ୟାରି କରିପାରିବେ। ଫୁଟ୍‌ୱେରରେ ହିଲ୍ସ ବଦଳରେ କୋଲ୍ହାପୁରୀ ଚପଲ କିମ୍ବା ୱାଇଡ୍ ସ୍ନିକର୍ସ ଏକ ନୂଆ ଲୁକ୍ ଦେଇପାରିବେ।



# କିପରି ରହିବେ ଫିଟ୍

ଆଜିକାଲି ମହିଳାମାନେ ଘର କାମ ବ୍ୟତୀତ ନିଜେ କିଛି ରୋଜଗାର କରିବାକୁ ପଛାଉନାହାନ୍ତି । ତେବେ ନିଜ ଦୈନନ୍ଦିନ ଜୀବନକୁ ନେଇ ଯେତେ ବ୍ୟସ୍ତ ରହିଲେ ମଧ୍ୟ ଗୋଟିଏ ବିଷୟ ପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ପଡ଼ିଥାଏ। ତାହା ହେଲା ଫିଟ୍‌ନେସ୍ । ତେଣୁ ନିଜକୁ କିପରି ଫିଟ୍ ରଖିବେ ଜାଣନ୍ତୁ ସେ ସମ୍ପର୍କରେ....



ଆପଣ କର୍ମଜୀବୀ ହୋଇଥାଆନ୍ତୁ ଅବା ଗୃହିଣୀ–ନିଜକୁ ଫିଟ୍ ରଖିବା ଏବେ ସବୁଠାରୁ ବଡ଼ କଥା ପାଲଟିଯାଇଛି। କାରଣ ବର୍ତ୍ତମାନର ଧାଁଧପଡ଼ ଜୀବନରେ ସୁସ୍ଥରହିବା ନିହାତି ଦରକାର। ତେଣୁ କିପରି ନିଜର ଫିଟ୍‌ନେସ୍ ରଖିବେ ସେ ନେଇ ବିଶେଷ ଯତ୍ନବାନ୍ ହେବା ଆବଶ୍ୟକ। ତେଣୁ ଏଥିପାଇଁ କେତେକ ବିଷୟ ପ୍ରତି ସ୍ୱତନ୍ତ୍ର ଧ୍ୟାନଦେବାକୁ ହିଁ ପଡ଼ିବ। ସେ ବିଷୟରେ ନିମ୍ନରେ ସୂଚନା ଦିଆଯାଉଛି।

ଯଦି ଜଣେ ମହିଳା ନିଜକୁ ଫିଟ୍ ନ ରଖନ୍ତି ତେବେ ସେ କେତେକ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବା ଆଶଙ୍କା ରହିଛି। ବୟସ ଥାଇ କେଶ ଝଡ଼ିବା , ମୋଟା ହୋଇଯିବା, ଥକ୍କା ଲାଗିବା, ଆଣ୍ଠୁଗଣ୍ଠିରେ ଯନ୍ତ୍ରଣା ଅନୁଭବ କରିବା କିମ୍ବା ହର୍ମୋନାଲ ଇନ୍‌ବାଲାନ୍ସ ଭଳି ସମସ୍ୟା ସେଗୁଡିକ ମଧ୍ୟରୁ ଅନ୍ୟତମ। ଏଥିରୁ ରକ୍ଷାପାଇବାକୁ ହେଲେ ଫିଜିକାଲ୍ ଆକ୍ଟିଭିଟି କରିବା ଲାଭକାରୀ ହୋଇଥାଏ। କିନ୍ତୁ କେବେକେବେ କର୍ମଜୀବୀ ଏବଂ ଗୃହିଣୀ ଏହି ଦ୍ୱନ୍ଦ୍ୱରେ ରହିଥାନ୍ତି ଯେ ତାଙ୍କର ଫିଟ୍‌ନେସ୍ ପାଇଁ ତାଙ୍କୁ ଜିମ୍ ଯିବକୁ ପଡ଼ିବ ନା ମର୍ନିଂ ୱାକ୍ କରିବାକୁ ପଡ଼ିବ। କେଉଁଟା ଅଧିକ ଲାଭଦାୟକ ହେବ ଆପଣ ନିଜ ହିସାବରେ କେଉଁଟା ଆପଣଙ୍କ ଲାଗି ଉପଯୁକ୍ତ ହେବ ସେଇଟା ଭାବିଚିନ୍ତି ନିଷ୍ପତ୍ତି ନେଇପାରିବେ। ଏହାଦ୍ୱାରା ଆପଣ ଫିଟ୍ ତ ରହିବେ ଏଥିପାଇଁ ରୋଗାକ୍ରାନ୍ତ ହେବେନାହିଁ।

**ୱାର୍କିଂର ଫାଇଦା:** କର୍ମଜୀବୀ ମହିଳା ନିଜ ଅଫିସ୍ ଟାଇମ୍‌କୁ ଦେଖି ପାର୍କ ଯାଇ ୱାକ୍ କରିବାକୁ ଯାଇପାରିବେ। ପ୍ରଥମେ ଅଧଘଣ୍ଟା ସାଧାରଣ ଗତିରେ ଚାଲନ୍ତୁ, ଏହାପରେ ୧୫ ମିନିଟ୍ ସ୍ପିଡ୍‌ରେ ଚାଲନ୍ତୁ। ଏହି ଉପାୟକୁ ଗୃହିଣୀ ମଧ୍ୟ ଆପ୍ଲାଏ କରିପାରିବେ । କାମରୁ କିଛି ସମୟ ବାହାରିକରି ଚାଲନ୍ତୁ। ଯେମିତି ଆପଣ ଚାଲୁଛନ୍ତି ଏହାଦ୍ୱାରା ଆପଣଙ୍କ ହାର୍ଟବିଟ୍ ବଢ଼ିଥାଏ,ବ୍ଲଡ୍‌ସର୍କୁଲେଶନ ଭଲ ହୋଇଥାଏ। ହାର୍ଟ ସମସ୍ୟା ଏତେଟା ଦେଖାଯାଇ ନ ଥାଏ। ଏହାଦ୍ୱାରା ଷ୍ଟ୍ରେସ୍ କମ୍ ଦେଖାଯାଇଥାଏ। ହାଡ ମଜଭୁତ ହୋଇଥାଏ। ମେଣ୍ଟାଲ ହେଲ୍‌ଥ ଭଲ ରହିଥାଏ। ଅଷ୍ଟିଓପୋରୋସିସ୍ ଭଳି ସମସ୍ୟା ଏତେଟା ଦେଖାଯାଇ ନ ଥାଏ। ଚାଲିବା ଦ୍ୱାରା କ୍ୟାଲୋରି କମ୍ ହୋଇଥାଏ, ଓଜନ ନିୟନ୍ତ୍ରଣରେ ରହିଥାଏ। ଏପରି କରିବା ଦ୍ୱାରା ମୁଡ୍ ବି ଭଲ ରହିଥାଏ। ସମ୍ପୂର୍ଣ୍ଣ ଦିନ ଫ୍ରେଶ୍ ଲାଗିଥାଏ।



**ଜିମ୍‌ରେ ୱାର୍କ ଆଉଟ୍:** ୱାର୍କିଂ ଓମେନ୍ ଏବଂ ଗୃହିଣୀ ନିଜକୁ ସୁହାଇଲା ଭଳି ଜିମ୍‌ରେ ଜଏନ୍ କରିପାରିବେ କିମ୍ବା ପ୍ରପର ଫିଟ୍‌ନେସ୍ ପାଇଁ ଜିମ୍‌ରେ ଅତିକମ୍‌ରେ ଏକ ଘଣ୍ଟା ସମୟ ଦେବା ଆବଶ୍ୟକ ହୋଇଥାଏ। ଜିମ୍‌ରେ ଥିବା କାର୍ଡିଓ ଲିଫ୍ଟିଂ ଏକ୍ସରସାଇଜ୍ କରିପାରିବେ।

ଜିମ୍‌ରେ ୱାର୍କ ଆଉଟ୍ କରିବା ଦ୍ୱାରା କେତେକ ଫାଇଦା ରହିଛି। ଜିମ୍‌ରେ ୱେଟ୍ ଟ୍ରେନିଂ ଦ୍ୱାରା ମାଂସପେଶୀ ମଜଭୁତ ହୋଇଥାଏ। ମେଟାବଲିଜମ୍ ବଢ଼ିଥାଏ । ଏଥିରେ କାର୍ଡିଓ କରିବା ଦ୍ୱାରା କ୍ୟାଲୋରି ବର୍ନ ହୋଇଥାଏ ଏବଂ ଖୁବ୍ ସହଜରେ ଓଜନ ହ୍ରାସ ପାଇଥାଏ। ଜିମ୍ କରିବା ସମୟରେ ଆପଣ କୌଣସି ଏକ ଫିଟ୍‌ନେସ୍ ଯାରଗେଟ୍‌କୁ ଧ୍ୟାନରେ ରଖି ଏକ୍ସରସାଇଜ୍ କରିପାରିବେ। ଏହାଦ୍ୱାରା ଆପଣଙ୍କୁ ଆହୁରି ବି ଫାଇଦା ମିଳିଥାଏ।

**ଧ୍ୟାନରଖନ୍ତୁ:** ଚାଲିବା ଏବଂ ଜିମ୍ ଯିବା କାହାକୁ ବି ସିଲେକ୍‌ସନ କରିବା ସମୟରେ ଧ୍ୟାନ ରଖନ୍ତୁ, ଆପଣଙ୍କ ଟାର୍ଗେଟ୍ ୱେଟ୍‌ଲସ୍ ଏବଂ ମସଲ୍ସ ମଜଭୁତ କରିବା। ଯଦି ଆପଣଙ୍କ ଲକ୍ଷ୍ୟ ହାର୍ଟ ଠିକ୍ ରଖିବା, ଷ୍ଟ୍ରେସ୍ କମ୍ କରିବା , ମେଣ୍ଟାଲ ହେଲ୍‌ଥ ଏବଂ ଫିଜିକାଲ ହେଲ୍‌ଥକୁ ଠିକ୍ କରିବାକୁ ହେଲେ ଆପଣ ୱାକ୍ କରିପାରିବେ।

**ଖାଦ୍ୟପେୟ:** ନିଜକୁ ଫିଟ୍ ରଖିବା ପଛରେ ଖାଦ୍ୟପେୟର ମଧ୍ୟ ଭୂମିକା ରହିଛି। ତେଣୁ ସବୁବେଳେ ଏଭଳି ଖାଦ୍ୟ ଖାଆନ୍ତୁ ଯାହା ନିଜକୁ ସୁସ୍ଥ ରଖିବ ଏବଂ ଆପଣ ସବୁବେଳେ ଫିଟ୍ ଆଣ୍ଡ ଫାଇନ୍ ରହିବେ। ଯେତେସମ୍ଭବ ଫାଷ୍ଟଫୁଡ୍ ଏବଂ ମସଲାଜାତୀୟ ଖାଦ୍ୟ କମ୍ ଖାଇବେ ତାହା ସେତେ ଭଲ। ସବୁବେଳେ ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ। ରାତ୍ରିଭୋଜନ ଶୋଇବାକୁ ଯିବାର ଅତିକମ୍‌ରେ ୨ ଘଣ୍ଟା ପୂର୍ବରୁ ଶେଷ କରନ୍ତୁ।

**ଦୈନନ୍ଦିନ ଜୀବନଶୈଳୀ:** ମହିଳାମାନେ ନିଜକୁ ଫିଟ୍ ରଖିବାକୁ ଚାହୁଁଥିଲେ ନିଜର ଦୈନନ୍ଦିନ ଜୀବନଶୈଳୀ ପ୍ରତି ସଚେତନ ରହିବା ନିହାତି ଦରକାର। ରାତିରେ ଅତିକମ୍‌ରେ ୭–୮ ଘଣ୍ଟା ଶୁଅନ୍ତୁ। ବ୍ୟାୟାମ, ଯୋଗ, ପ୍ରାଣାୟାମକୁ ନିଜର ଜୀବନ ତାଲିକାରେ ସାମିଲକରନ୍ତୁ। ନିଜକୁ ସବୁବେଳେ ଟେନ୍‌ସନ ଏବଂ ଅବସାଦଠାରୁ ଦୂରେଇ ରଖିବାକୁ ଚେଷ୍ଟାକରନ୍ତୁ । ଶରୀରରେ ଯେପରି ଜଳୀୟ ଅଂଶ ସନ୍ତୁଳିତ ରହିବା ସେନେଇ ଦିନକୁ ଅତିକମ୍‌ରେ ୨.୫ ଲିଟର ପାଣି ପିଅନ୍ତୁ।



## ଏମାନେ କ'ଣ କରନ୍ତି

### ଫିଟ୍‌ନେସ୍ ପ୍ରତି ସବୁବେଳେ ଧ୍ୟାନ ଦେଇଥାଏ



ମୁଁ ସବୁବେଳେ ନିଜ ଫିଟ୍‌ନେସ୍ ପ୍ରତି ଧ୍ୟାନଦିଏ। ସକାଳୁ ଯେମିତି ହେଲେ ଦେଢ଼ଘଣ୍ଟା ମୋ ନିଜ ପାଇଁ ସମୟ ବାହାର କରିଥାଏ। ପ୍ରତିଟି ଏକ୍ସରସାଇଜ୍‌କୁ ଅଧଘଣ୍ଟା ଲେଖା ସମୟ ଦେଇଥାଏ। ପ୍ରଥମେ ଏରୋବିକ୍ସ କରେ,ତା'ପରେ ଜୁମ୍ବା ଏବଂ ପରେ ଷ୍ଟ୍ରେଚ୍। ମୁଁ ପ୍ରତିଦିନ ପାର୍କ ଯାଇ ଏକ୍ସରସାଇଜ୍ କରିବା ସହ ଅନ୍ୟମାନଙ୍କୁ ମଧ୍ୟ ଟ୍ରେନିଂ ଦେଇଥାଏ। ଦିନ ଭିତରେ ଯେତେ ବ୍ୟସ୍ତ ରହିଲେ ବି ମୋ ସ୍ୱାସ୍ଥ୍ୟକୁ ନେଇ ଅଧିକ ଗୁରୁତ୍ୱ ଦିଏ। ମୋ ମତରେ ଯଦି ଆମେ ଠିକ୍ ଖାଦ୍ୟ ଖାଇବା ସହ ଡେଲି ଏକ୍ସରସାଇଜ୍ କରିବା ତେବେ ଆମ ସ୍ୱାସ୍ଥ୍ୟ ନିଶ୍ଚିତ ରୂପେ ସୁସ୍ଥ ରହିବ। ଏକଥା ମୁଁ ଭଲ ଭାବରେ ଜାଣିଛି ଯେ ଯଦି ମୁଁ ଫିଟ୍ ନ ରହିବି ତେବେ ତାହା ଭବିଷ୍ୟତରେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟିକରିବ। ତେଣୁ ସବୁବେଳେ ନିଜର ଫିଟ୍‌ନେସ୍ ପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦିଏ।

*–**ତପସ୍ୱିନୀ ସାହୁ** , ଆଡ୍‌ଭୋକେଟ,ଭୁବନେଶ୍ୱର*

### ଏକ୍ସରସାଇଜ୍ ଏବଂ ଖାଦ୍ୟକୁ ପ୍ରାଧାନ୍ୟ ଦିଏ



ଫିଟ୍ ରହିବାକୁ ମୁଁ ସବୁବେଳେ ଗୁରୁତ୍ୱ ଦେଇଥାଏ। ସକାଳେ ଏଥିପାଇଁ ଆମର ଅନ୍‌ଲାଇନ୍ ଜୁମ୍ କ୍ଲାସ୍‌ରେ ୭–୯ ଟା ଭିତରେ ଆମକୁ ଶିଖାଯାଏ କିପରି ଫିଟ୍ ରହିବ, ଏଥିପାଇଁ କେତେ ପରିମାଣରେ ଖାଦ୍ୟ ଖାଇବେ ଏକ୍ସପର୍ଟଙ୍କ ସହ ପରାମର୍ଶ ନିଏ। ଏ ବିଷୟରେ ପ୍ରଥମେ ଆମ ସାର୍ ମ୍ୟାଡମ୍ ଆମକୁ ପରାମର୍ଶ ଦେଉଥିଲେ। ଏହାକୁ ଏବେ ମୁଁ ଅନୁସରଣ କରିବା ସହ ନିଜର ଡାଏଟ୍ ପ୍ରତି ମଧ୍ୟ ଧ୍ୟାନ ଦେଇଥାଏ। ଦିନ ଭିତରେ ବ୍ୟସ୍ତ ରହିବା ପରେ ମୁଁ ସନ୍ଧ୍ୟା ୫–୬ ଜିମ୍ ଯାଏ। ସେଠାରେ କାର୍ଡିଓ,ଡମ୍ବେଲ୍ସ, ସୋଲ୍‌ଡର ଏବଂ ଗୋଡ଼ ଏକ୍ସରସାଇଜ୍ କରେ। ଏଗୁଡିକ ସତେ ଯେମିତି ମୋର ଏକ ଡେଲି ରୁଟିନ୍‌ରେ ପରିଣତ ହୋଇଯାଇଛି। ଯେତେ ବ୍ୟସ୍ତ ରହିଲେ ମଧ୍ୟ ମୁଁ ପ୍ରତିଦିନ ଏକ୍ସରସାଇଜ କରେ। ଏହାବ୍ୟତୀତ ନିଜର ଖାଦ୍ୟପେୟ ଏବଂ ଲାଇଫ ଷ୍ଟାଇଲ୍ ପ୍ରତି ମଧ୍ୟ ସତର୍କ ରୁହେ।

*–**ଅନୁରାଧା ଛୋଟରାୟ**, ହେଲ୍‌ଥ କୋଚ୍, ଅନନ୍ତପୁର , ଖୋର୍ଦ୍ଧା*

# ଅନ୍ୟକୁ କେବେ ଦିଅନ୍ତୁ ନାହିଁ....



ବାସ୍ତୁଶାସ୍ତ୍ର ଅନୁଯାୟୀ କିଛି ଜିନିଷ ଅନ୍ୟକୁ ଦେବା ଦ୍ୱାରା ଘରେ ଅନେକ ସମସ୍ୟା ଦେଖାଯାଇପାରେ। ଏହିସବୁ ଜିନିଷ ଦେବା ଦ୍ୱାରା ନକାରାତ୍ମକ ଭାବନା ଜାଗ୍ରତ ହୋଇପାରେ। ଏଥିପାଇଁ ବାସ୍ତୁଶାସ୍ତ୍ର ଅନୁଯାୟୀ ଏହିସବୁ ଜିନିଷକୁ ଅନ୍ୟକୁ ଦେବା ପୂର୍ବରୁ ସାବଧାନତା ଅବଲମ୍ବନ କରିବା ଆବଶ୍ୟକ। ଯଦି ଆପଣ କୌଣସି ଜିନିଷ ଦେବାକୁ ଚାହାନ୍ତି ତେବେ ଏହିସବୁ ଦେବା ସମୟରେ ତାଙ୍କଠାରୁ କିଛି ଟଙ୍କା ରଖନ୍ତୁ। ଏହାଦ୍ୱାରା ନକାରାତ୍ମକ ଭାବନାର ଆଦାନ ପ୍ରଦାନ ହେବନାହିଁ।

**ବିଛଣା:** ବାସ୍ତୁଶାସ୍ତ୍ର ଅନୁଯାୟୀ ନିଜ ବେଡ୍ ଅନ୍ୟକୁ ଦେବା ଦ୍ୱାରା ଜୀବନରେ ଆରାମ ଏବଂ ସୁଖ କମ୍ ମିଳିଥାଏ। ବେଡ୍ ଏପରି ଏକ ଜିନିଷ ଯାହା ଆପଣଙ୍କୁ ଆରାମ ଏବଂ ସ୍ୱାସ୍ଥ୍ୟ ପାଇଁ ଜରୁରୀ ଏବଂ ମହତ୍ତ୍ୱପୂର୍ଣ୍ଣ। ଏଥିପାଇଁ ଏହାକୁ ଅନ୍ୟକୁ ଦେବା ଦ୍ୱାରା ଜୀବନରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ।

**ଜୋତା :** ଜୋତା ଅନ୍ୟକୁ ଦେବା ଦ୍ୱାରା ଜୀବନରେ ସଂଘର୍ଷ ବଢ଼ିଯାଇପାରେ। ଜୋତା ଏପରି ଏକ ଜିନିଷ ଯାହା ପାଦକୁ ଆରାମ ଦେଇଥାଏ। କିନ୍ତୁ ଏହା ଅନ୍ୟକୁ ଦେବା ଦ୍ୱାରା ଜୀବନରେ ନକାରାତ୍ମକ ଶକ୍ତିର ପ୍ରଭାବ ପଡ଼ିଥାଏ।

**ଲୁଣ:** ଲୁଣ ଅନ୍ୟକୁ ଦେବା ଦ୍ୱାରା ଘରେ ଆର୍ଥିକ ସମସ୍ୟା ଆସିପାରେ। ଏଥିପାଇଁ ଏହା ଅନ୍ୟକୁ ଦେବା ଦ୍ୱାରା ଏହାର ନକାରାତ୍ମକ ପ୍ରଭାବ ପଡ଼ିପାରେ। ଯଦି ଦେଉଛନ୍ତି ତେବେ ତାଙ୍କଠାରୁ କିଛି ଟଙ୍କା ରଖନ୍ତୁ। ଏହାଦ୍ୱାରା ନକାରାତ୍ମକ ଶକ୍ତିର ପ୍ରଭାବ ଦେଖାଯିବନାହିଁ।

**ପୁରୁଣା ଭଙ୍ଗା ଜିନିଷ:** ପୁରୁଣା ଭଙ୍ଗା ଜିନିଷ ଅନ୍ୟକୁ ଦେବା ସମୟରେ ସାବଧାନତା ଅବଲମ୍ବନ କରିବା ଆବଶ୍ୟକ ; ଯାହା ଆପଣଙ୍କ ଜୀବନରେ ନକାରାତ୍ମକ ପ୍ରଭାବ ପକାଇପାରେ।

ଧରିତ୍ରୀ 52 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୨୪/୨୦୨୬ Bhubaneswar, Tuesday, March 24/ 2026

# କଳିଙ୍ଗରେ ଆଜିଠୁ ଜାତୀୟ ଇନ୍‌ଡୋର ଆଥ୍‌ଲେଟିକ୍ସ

**ଭାରତୀୟ ଆଥଲେଟିକ୍ସରେ ନୂଆ ଆରମ୍ଭର ସୂତ୍ରପାତ**

ଭୁବନେଶ୍ୱର, ୨୩।୩ (ତପନ ସ୍ୱାଇଁ)

ଓଡ଼ିଶା କ୍ରୀଡ଼ା ଇତିହାସରେ ଯୋଡ଼ି ହେବାକୁ ଯାଉଛି ଏକ ନୂଆ ଫର୍ଦ୍ଦ। ଅନେକ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ାକୁ ସଫଳତାର ସହ ଆୟୋଜନ କରି ପ୍ରଶଂସା ସାଉଁଟିଥିବା ଓଡ଼ିଶା ଏଥର ପ୍ରଥମଥର ପାଇଁ ଜାତୀୟ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଆୟୋଜନ କରିବାକୁ ଯାଉଛି। ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ, ଓଡ଼ିଶା ଆଥ୍‌ଲେଟିକ୍ ଆସୋସିଏଶନ ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ସର୍ବପ୍ରଥମ ଜାତୀୟ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ୨୪ ଓ ୨୫ ତାରିଖରେ ଦୁଇଦିନଧରି ଅନୁଷ୍ଠିତ ହେବ। ଏଥିସହ ଭାରତୀୟ ଆଥଲେଟିକ୍ସରେ ନୂଆ ଆରମ୍ଭର ସୂତ୍ରପାତ ହେବ। ପ୍ରତିଯୋଗିତାରେ ମୋଟ ୩୬ଟି ଇଭେଣ୍ଟ ଆୟୋଜନ ହେବ। ମଙ୍ଗଳବାର ପୂର୍ବାହ୍ନ ୯ଟାରେ ପୁରୁଷ ୩୦୦୦ ମିଟର ଇଭେଣ୍ଟ ସହ ପ୍ରତିଯୋଗିତା ଆରମ୍ଭ ହେବ। ପ୍ରତିଯୋଗିତାରେ ମୋଟ ୨୭୮ ଆଥଲେଟ୍ ଅଂଶଗ୍ରହଣ କରିବେ। ଏମାନଙ୍କ ମଧ୍ୟରେ ୯୭ ମହିଳା ରହିଛନ୍ତି। ଓଡ଼ିଶାରୁ ମୋଟ ୩୩ ଆଥ୍‌ଲେଟ୍ ଭାଗନେବେ। ଏହା ମଧ୍ୟରେ ୧୩ ମହିଳା ଓ ୨୦ ପୁରୁଷ ଆଥ୍‌ଲେଟ୍ ସାମିଲ।

କଳିଙ୍ଗ ଷ୍ଟାଡିୟମରେ ଉପଲବ୍ଧ ଇନ୍‌ଡୋର ଭିତ୍ତିଭୂମିକୁ ଭୂୟସୀ ପ୍ରଶଂସା କରିଥିଲେ ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫଆଇ) ସଭାପତି ବାହାଦୁର ସିଂ ସାଗୋ। ଭାରତରେ ଏକମାତ୍ର ଇନ୍‌ଡୋର ଆଥ୍‌ଲେଟିକ୍ସ ଷ୍ଟାଡିୟମ ଏବେ ଭୁବନେଶ୍ୱରରେ ଉପଲବ୍ଧ। ଓଡ଼ିଶା ସରକାରଙ୍କ ଏହିପ୍ରଚେଷ୍ଟା ଫଳରେ ଭାରତୀୟ ଆଥ୍‌ଲେଟ୍‌ମାନେ ବହୁ ଉପକୃତ ହେଉଛନ୍ତି। ପୂର୍ବରୁ ବାହାରେ କୌଣସି ପ୍ରତିଯୋଗିତାରେ ଭାଗନେବାକୁ ଆମ ଆଥ୍‌ଲେଟ୍‌ମାନେ ଆଉଟ୍‌ଡୋରରେ ଅଭ୍ୟାସ କରୁଥିଲେ।


ଖବରଦାତା ସମ୍ମିଳନୀରେ ଏଏଫଆଇ ସଭାପତି ବାହାଦୁର ସିଂ ସାଗୋ, ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ୟେଦୁଲା ବିଜୟ ଓ ଅନ୍ୟମାନେ। (ଫଟୋ: ବିକାଶ ନାୟକ)

**ଜାତୀୟ ଇନ୍‌ଡୋର ପାଇଁ ଓଡ଼ିଶା ଆଥଲେଟ୍**

**ମହିଳା:** ସୁଖି ବାସ୍କେ, ବିନତି ବେହେରା, ସନ୍ତୋଷୀ ଗୌଡ଼ା, ଲକ୍ଷ୍ମୀପ୍ରିୟା କିଶାନ, ବୋନିତା ଲାକ୍ରା, ମନୀଷା ମେରେଲ, ମାହେକ ନସରିନ ଦୟାନ ଖାଁ, ଶୁଭଶ୍ରୀ ପରିଡ଼ା, ଅର୍ପିତା ପ୍ରିୟଦର୍ଶିନୀ, ମୌସୁମୀ ରାୟ, ଉତ୍ତମ ରାୟ, ମେରିମୁକ୍ତା ସୋରେଙ୍ଗ, ସୁସ୍ମିତା ଟିଗା ଓ ସବିତା ଟପ୍ପୋ।

**ପୁରୁଷ:** ମଳୟ ବାରିକ, ଯଶବୀର ବିଲୁଙ୍ଗ, ଆର୍ଯ୍ୟନ ବ୍ରାହ୍ମିନ, ଦୋଳମଣି ଚିରଗୁନ, ଆର୍ଯ୍ୟନ ଏକ୍କା, ବାପି ହାଁସଦା, ଲୁସାନ ଖମାରି, ଅନିମେଶ କୁଜୁର, ସ୍ୱାଧୀନ କୁମାର ମାଝି, ପ୍ରତୀକ ମହାରଣା, ଦୋଣ୍ଡପତି ମୃତ୍ୟମ ଜୟରାମ, ଦୟାନିଧି ମୁଣ୍ଡା, ଦେବାଶିଷ ପଟ୍ଟନାୟକ, ସରୁନ ପାୟାସିଂ, ଆସ୍ତିକ ପ୍ରଧାନ, ଲାଲୁ ପ୍ରସାଦ ଭୋଇ, ଓଁକାର ପ୍ରସାଦ ନନ୍ଦ, ନରେଶ ରୋହିଦାସ, ମହେନ୍ଦ୍ର ସାନ୍ତା ଓ ଚିରଞ୍ଜୀବ ସିଂ।

ମାତ୍ର ଏବେ ଇନ୍‌ଡୋରରେ ଅଭ୍ୟାସ କରି ଯାଉଥିବାରୁ ଅଧିକ ସଫଳତା ମିଳୁଛି। ଏଠାରେ ହେବାକୁ ଯାଉଥିବା ପ୍ରତିଯୋଗିତାରୁ ସ୍ଥାନୀୟ ଯୁବ ଆଥ୍‌ଲେଟ୍‌ଙ୍କୁ ବହୁ ଫାଇଦା ମିଳିବ। ଇନ୍‌ଡୋରରେ କିପରି ପ୍ରତିଦ୍ୱନ୍ଦ୍ୱିତା ହୁଏ ସେମାନେ ନିକଟରୁ ଦେଖିବାକୁ ପାରିବେ। ଏଥିରୁ ସେମାନେ ନିଶ୍ଚିତ ପ୍ରଭାବିତ ହେବେ। ନିକଟ ଅତୀତରେ ଅନୁଷ୍ଠିତ ହୋଇଯାଇଥିବା ପ୍ରତିଯୋଗିତାଗୁଡ଼ିକରେ ଭାରତୀୟ ଆଥ୍‌ଲେଟ୍‌ମାନେ ଭଲ ପ୍ରଦର୍ଶନ କରିଛନ୍ତି। ତେଣୁ ଏଠାରେ ମଧ୍ୟ ଦକ୍ଷତା ଅନୁସାରେ ପ୍ରଦର୍ଶନ କରିବାନେଇ ଆଶା ରହିଛି ବୋଲି ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ "ଆମେ ଦୀର୍ଘ ବର୍ଷ ଧରି ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାଗୁଡ଼ିକୁ ସଫଳତାର ସହ ଆୟୋଜନ କରି ଆସୁଛୁ। ଏଏଫ୍‌ଆଇ ସଭାପତି ବାହାଦୁର ସିଂ ସାଗୋ ଆମର ଭିତ୍ତିଭୂମିକୁ ଯେପରି ପ୍ରଶଂସା କରିଛନ୍ତି ତାହା ନିଶ୍ଚିତ ରାଜ୍ୟ ପାଇଁ ଗର୍ବର କଥା। ଏବେ ଜାତୀୟ ସ୍ତରରେ ଗୋଟିଏ ମାତ୍ର ଇନ୍‌ଡୋର ଆଥ୍‌ଲେଟିକ୍ସ ଭିତ୍ତିଭୂମି ରହିଛି। ତାହା ହେଉଛି ଭୁବନେଶ୍ୱର। ଏଥିରେ ଆଥ୍‌ଲେଟ୍‌ଙ୍କ ପାଇଁ ବହୁତ ଭଲ ସୁବିଧା ସୁଯୋଗ ରହିଛି। ସବୁ ପାଗରେ ସେମାନେ ଏଠାରେ ଅଭ୍ୟାସ କରିପାରିବେ। ଆଗାମୀ ପ୍ରତିଯୋଗିତାରେ ଓଡ଼ିଶା ପଦକ ତାଲିକାରେ ଟପ୍-୩ ଫିନିଶ୍ କରିବା ଆଶା ରହିଛି" ବୋଲି ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ୟେଦୁଲା ବିଜୟ କହିଛନ୍ତି। ଉକ୍ତ ସମ୍ମିଳନୀରେ ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ, ଓଡ଼ିଶା ଅଲିମ୍ପିକ ଆସୋସିଏଶନ ସମ୍ପାଦକ ଅଭିଜିତ ପାଲ, ତାରକା ସ୍ପ୍ରିଣ୍ଟର ଅନିମେଶ କୁଜୁର, ଟ୍ରିପଲ ଜମ୍ପର ପ୍ରବୀଣ ଚିତ୍ରାଭେଲ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରତିଦ୍ୱନ୍ଦ୍ୱିତା ପାଇଁ ମୁଁ ବ୍ୟଗ୍ର: ଅନିମେଶ

ଭୁବନେଶ୍ୱର, ୨୩।୩ (ତପନ ସ୍ୱାଇଁ)



କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଥିବା ସର୍ବପ୍ରଥମ ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଆଗ୍ରହର ସହ ଅପେକ୍ଷା କରିଛନ୍ତି ଓଡ଼ିଶା ଏଟ୍‌ପିସି ଆଥଲେଟ୍ ଅନିମେଶ କୁଜୁର। "ମୁଁ କ୍ୟାରିୟରରେ ପ୍ରଥମଥରପାଇଁ ଇନ୍‌ଡୋର ପ୍ରତିଯୋଗିତାରେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ବ୍ୟଗ୍ରତାର ସହ ଅପେକ୍ଷା କରିଛି। ଘରୋଇ ପରିବେଶରେ ହେବାକୁ ଯାଉଥିବାରୁ ମୁଁ ଶ୍ରେଷ୍ଠ ପ୍ରଦର୍ଶନପାଇଁ ଆଶାବାଦୀ" ବୋଲି ଅନିମେଶ ପ୍ରକାଶ କରିଛନ୍ତି। ୧୦୦ ଓ ୨୦୦ ମିଟରରେ ଆଉଟଡୋର ଜାତୀୟ ରେକର୍ଡ ଅଧିକାରୀ ଅନିମେଶ ଆଗାମୀ ପ୍ରତିଯୋଗିତାରେ ୬୦ ମିଟରରେ ଭାଗନେବେ। ପୂର୍ବରୁ ୟୁରୋପ ଓ ଏସିଆରେ ଏକାଧିକ ଇନ୍‌ଡୋର ପ୍ରତିଯୋଗିତାରେ ଭାଗ ନେଇ ସାରିଥିବା ପୁରୁଷ ଟ୍ରିପଲ ଜମ୍ପର ତାମିଲନାଡୁର ପ୍ରବୀଣ ଚିତ୍ରାଭେଲ ଏଠାରେ ଲଙ୍ଗଜମ୍ପ ଇଭେଣ୍ଟରେ ଭାଗ୍ୟ ପରୀକ୍ଷା କରିବେ। ଇନ୍‌ଡୋରରେ ପ୍ରତିଯୋଗିତା ଅବସରରେ ଚ୍ୟାଲେଞ୍ଜ ଭିନ୍ନ ଧରଣର ଥାଏ। ଦର୍ଶକମାନେ ପାଖାପାଖି ଥିବାରୁ ପରିବେଶ ଅଲଗା ରହିଥାଏ। ଆତ୍ମବିଶ୍ୱାସ ମଧ୍ୟ ବଢ଼ିଥାଏ ବୋଲି ସେ କହିଛନ୍ତି। ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ ସଭାପତି ବାହାଦୁର ସିଂ ସାଗୋ କହିଛନ୍ତି ଯେ, ୨୦୦ ମିଟର ଇନ୍‌ଡୋର ଟ୍ରାକ୍‌ରେ ନିଜ ଦକ୍ଷତା ପରୀକ୍ଷାପାଇଁ ଯୁବ ଓ ଅଭିଜ୍ଞ ଆଥଲେଟ୍‌ଙ୍କଲାଗି ଏହା ଏକ ଭଲ ପ୍ଲାଟଫର୍ମ।

# ଓଡ଼ିଶା ପୋଲିସର କୃତୀ କ୍ରୀଡ଼ାବିତ ସମ୍ବର୍ଦ୍ଧିତ

ଭୁବନେଶ୍ୱର, ୨୩।୩ (ତପନ ସ୍ୱାଇଁ)


ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଓ ଅନ୍ୟ ପୋଲିସ ଅଧିକାରୀଙ୍କ ଗହଣରେ ସମ୍ବର୍ଦ୍ଧିତ କ୍ରୀଡ଼ାବିତ୍। (ଫଟୋ: ବିକାଶ ନାୟକ)

ରାଜ୍ୟ ଏବଂ ଜାତୀୟସ୍ତରର ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଓଡ଼ିଶା ପୋଲିସର କ୍ରୀଡ଼ାବିତମାନଙ୍କୁ ସୋମବାର ଭୁବନେଶ୍ୱରସ୍ଥିତ ପୋଲିସ ଭବନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ାବିତମାନଙ୍କୁ ସେମାନଙ୍କର ଅସାଧାରଣ ପ୍ରଦର୍ଶନ ପାଇଁ ପ୍ରଶଂସାପତ୍ର ସହ ନଗଦ ଅର୍ଥ ରାଶି ପ୍ରଦାନ କରିଛନ୍ତି। ଡିଜିପି ଖୁରାନିଆ ପଦକ ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇ ସେମାନଙ୍କର ପ୍ରତିଭା, ଶୃଙ୍ଖଳା ଓ ଦୃଢ଼ ପ୍ରୟାସକୁ ଭୂୟସୀ ପ୍ରଶଂସା କରିଛନ୍ତି। କ୍ରୀଡାବିତଙ୍କ ଏହି ସଫଳତା ରାଜ୍ୟ ଓ ଓଡ଼ିଶା ପୋଲିସ ପାଇଁ ଗୌରବର ବିଷୟ ଏବଂ ସେମାନଙ୍କ ଏହି ସଫଳତା ଓଡ଼ିଶାର ଯୁବ ପିଢ଼ୀକୁ କ୍ରୀଡ଼ା ପ୍ରତି ଆକୃଷ୍ଟ କରିବ ବୋଲି ସେ କହିଛନ୍ତି। ନିକଟରେ ଆୟୋଜିତ ସର୍ବଭାରତୀୟ ପୋଲିସ ଓ ଜାତୀୟ ସିନିୟର ପ୍ରତିଯୋଗିତାରେ ଓଡ଼ିଶା ପୋଲିସର କ୍ରୀଡ଼ାବିତମାନେ ଏକାଧିକ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। ରୋଇଂରେ ରିତୁ କାଉଡି ଓ ସୋନାଲିକା ଦାସ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। କାନୋଇଂ, କାୟାକିଂ, କରାଟେ ଏବଂ ଆଥଲେଟିକ୍ସରେ ମଧ୍ୟ କ୍ରୀଡ଼ାବିତମାନେ ସଫଳତା ଅର୍ଜନ କରିଛନ୍ତି। ସେହିପରି କଟକରେ ଆୟୋଜିତ ୭୪ତମ ରାଜ୍ୟ ପୋଲିସ ଆଥଲେଟିକ୍ ଚାମ୍ପିୟନଶିପ୍ ୨୦୨୫-୨୬ରେ ଓଡ଼ିଶା ପୋଲିସର ୭ ଆଥଲେଟ୍ ୧୧ଟି ଭିନ୍ନ ବିଭାଗରେ ନୂତନ 'ମିଟ୍ ରେକର୍ଡ' ସୃଷ୍ଟି କରି ଏକ ନୂଆ ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି। ବିଘ୍ନରାଜ ମିରିଡ଼ିଆ, ଅଶୋକ ଦଣ୍ଡସେନା, ସୁସ୍ମିତା ଟିଗା ଓ ସବିତା ଟପ୍ପୋଙ୍କ ଭଳି କ୍ରୀଡ଼ାବିତମାନେ ନିଜ ନିଜ ବର୍ଗରେ ନୂତନ କୀର୍ତ୍ତିମାନ ଅର୍ଜନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାରଙ୍କ ସହ ଅନ୍ୟାନ୍ୟ ବରିଷ୍ଠ ପୋଲିସ ଅଧିକାରୀ ଏବଂ ଅନ୍ତର୍ଜାତୀୟ କରାଟେକା ଭାଲେନା ଭାଲଣ୍ଟିନା ଉପସ୍ଥିତ ଥିଲେ। ଓଡ଼ିଶା ପୋଲିସର କ୍ରୀଡ଼ା ଅଧିକାରୀ ନୀଳମାଧବ ସ୍ୱାଇଁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଭାରତୀୟ କ୍ରୀଡ଼ା ଅର୍ଥନୀତି ୨ ବିଲିଅନ ଟପିଲା

ନୂଆଦିଲ୍ଲୀ, ୨୩।୩ (ପି.ଟି.): ଭାରତୀୟ କ୍ରୀଡ଼ା ଅର୍ଥନୀତି ପ୍ରଥମ ଥର ପାଇଁ ୨ ବିଲିଅନ ଆମେରିକୀୟ ଡଲାର ଅତିକ୍ରମ କରିଛନ୍ତି। ଗତ ବର୍ଷ ଅପେକ୍ଷା ଏହା ୧୩.୪ ପ୍ରତିଶତ ବୃଦ୍ଧି ପାଇଛି। ଫଳରେ ଭାରତୀୟ କ୍ରୀଡ଼ା ଅର୍ଥନୀତୀ ବୃଦ୍ଧି ପାଇ ୨.୧୩ ବିଲିଅନରେ ପହଞ୍ଚିଛି। ଗତ ୪ ବର୍ଷ ମଧ୍ୟରେ ଏହି ଶିଳ୍ପ ଦୁଇ ଗୁଣା ବୃଦ୍ଧି ପାଇଛି। ଭାରତୀୟ କ୍ରୀଡ଼ାର ଅର୍ଥନୀତିର ୮୯ ପ୍ରତିଶତ କ୍ରିକେଟରୁ ଆସୁଛି। ୨୦୨୪ ବର୍ଷ ଏହା ୮୫% ଥିଲା। ଦେଶରେ ଲୋକପ୍ରିୟତା ବୃଦ୍ଧି ପାଉଥିବା ଅନ୍ୟ ସମସ୍ତ ଖେଳର ଅଂଶ ୧୧% ରହିଛି। ବର୍ତ୍ତମାନ କ୍ରିକେଟରୁ ୧୬,୭୦୪ କୋଟି ଟଙ୍କା ଆୟ ହୋଇଛି। ଏହି ମୂଲ୍ୟାଙ୍କନ ଡବ୍ଲ୍ୟୁପିପି ମିଡିଆ ପକ୍ଷରୁ 'ସ୍ପୋର୍ଟିଂ ନେଶନ: ବିଲ୍ଡିଂ ଏ ଲିଗାସୀ' ରିପୋର୍ଟରେ ପ୍ରକାଶ କରାଇଛି। ଏଥିରେ ସ୍ୱନସରଶିପ୍ (ଗ୍ରାଉଣ୍ଡ, ଦଳ ଓ ଫ୍ରାଞ୍ଚାଇଜ ଫି), ଆଥଲେଟ୍‌ଙ୍କ ଏଣ୍ଡୋର୍ସମେଣ୍ଟ ଓ ବିଜ୍ଞାପନ ଖର୍ଚ୍ଚକୁ ଆଧାର କରି ରିପୋର୍ଟ ପ୍ରସ୍ତୁତ କରାଯାଏ।

# ଆଇପିଏଲ୍ ପାଇଁ ନୂଆ ଗାଇଡ୍‌ଲାଇନ୍ସ

ନୂଆଦିଲ୍ଲୀ, ୨୩।୩

ଆଗାମୀ ଆଇପିଏଲ୍ ଲାଗି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ସୋମବାର ନୂଆ ଗାଇଡ୍‌ଲାଇନ ଜାରି କରାଯାଇଛି। କ୍ରିକ୍‌ବଜରେ ପ୍ରକାଶିତ ରିପୋର୍ଟ ମୁତାବକ, ନୂଆ ଗାଇଡ୍‌ଲାଇନ୍ସକୁ ସମସ୍ତ ଫ୍ରାଞ୍ଚାଇଜ ନିକଟକୁ ପଠାଯାଇଛି।

**ପ୍ରାକ୍ଟିସ ସମ୍ପର୍କିତ ନିୟମ**

ଦଳମାନଙ୍କୁ ପ୍ରାକ୍ଟିସ ଅଞ୍ଚଳରେ ୨ଟି ନେଟ୍ସ ଦିଆଯିବ। ରେଞ୍ଜ ହିଟିଂ ପ୍ରାକ୍ଟିସ କରିବା ପାଇଁ ଗ୍ରାଉଣ୍ଡର ମୁଖ୍ୟ ପିଚ୍‌ର ଉଭୟ ପାର୍ଶ୍ୱରେ ଥିବା ପିଚ୍‌ରେ ଦୁଇ ଦଳ ପ୍ରାକ୍ଟିସ କରିପାରିବେ। ଯଦି ଉଭୟ ଦଳ ସମାନ ସମୟରେ ପ୍ରାକ୍ଟିସ କରନ୍ତି, ତେବେ ସେମାନଙ୍କୁ ଦୁଇଟି ପିଚ୍ ଦିଆଯିବ। ବିନା ନେଟ୍ସରେ ପ୍ରାକ୍ଟିସ ହୋଇପାରିବ ନାହିଁ। ଯଦି କୌଣସି ଦଳ ତା'ର ପ୍ରାକ୍ଟିସ ଶୀଘ୍ର ଶେଷ କରି ସେହି ପ୍ରାକ୍ଟିସ ପିଚ୍‌ରେ ଅନ୍ୟ ଦଳ ପ୍ରାକ୍ଟିସ କରିପାରିବ ନାହିଁ। ମ୍ୟାଚ୍ ଦିନ ପ୍ରାକ୍ଟିସ କରାଯାଇପାରିବ ନାହିଁ। ମ୍ୟାଚ୍ ଦିନ ମୁଖ୍ୟ ଗ୍ରାଉଣ୍ଡରେ କୌଣସି ଫିଟ୍‌ନେସ ଟେଷ୍ଟ ହୋଇପାରିବ ନାହିଁ। ପ୍ରାକ୍ଟିସ ଦିନ କେବଳ ସ୍ୱୀକୃତିପ୍ରାପ୍ତ ଷ୍ଟାଫଙ୍କୁ ଡ୍ରେସିଂ ରୁମ ଓ ଫିଲ୍ଡ ମଧ୍ୟରେ ପ୍ରବେଶ କରିବାକୁ ଅନୁମତି ମିଳିବ। ଖେଳାଳିଙ୍କ ପରିବାରବର୍ଗ ଓ ବନ୍ଧୁ ଭିନ୍ନ ଗାଡ଼ିରେ ଟ୍ରାଭେଲ କରିବେ ଓ ହସ୍ପିଟାଲିଟି ଏରିଆରେ ବସି ଦଳର ପ୍ରାକ୍ଟିସ ଦେଖିପାରିବେ। ଥ୍ରୋ ଡାଉନ ସ୍ପେଶାଲିଷ୍ଟ ଓ ନେଟ୍ ବୋଲରଙ୍କ ଭଳି ସପୋର୍ଟ ଷ୍ଟାଫଙ୍କ ତାଲିକାକୁ ବିସିସିଆଇ ନିକଟରେ ଦାଖଲ କରିବାକୁ ପଡ଼ିବ। ଅନୁମୋଦନ ମିଳିବା ପରେ ସେମାନଙ୍କୁ ନନ୍-ମ୍ୟାଚ୍ ଡେ' ଆକ୍ରିଡିଟେଶନ ଜାରି କରାଯିବ। ପ୍ରାକ୍ଟିସ ଲାଗି ଖେଳାଳିମାନେ ଦଳୀୟ ବସ ବ୍ୟବହାର କରିବେ ଏବଂ ଦଳଗୁଡ଼ିକ ଦୁଇ ବ୍ୟାଚ୍‌ରେ ଟ୍ରାଭେଲ କରିପାରିବେ।

**ମ୍ୟାଚ୍ ଦିନର ନିୟମ**

ପ୍ଲେୟର ଆଣ୍ଡ ମ୍ୟାଚ୍ ଅଫିସିଆଲ ଏରିଆ (ପିଏମ୍‌ଓଏ) ସ୍ୱୀକୃତି ପ୍ରାପ୍ତ ଷ୍ଟାଫ ମ୍ୟାଚ୍ ଦିନ ସେମାନଙ୍କ ଆକ୍ରିଡିଟେଶନ ଆଣିବା ବାଧ୍ୟତାମୂଳକ। ଆକ୍ରିଡିଟେଶନ ଆଣିବାରେ ବିଫଳ ହେଲେ ପ୍ରଥମ ଥର ଚେତାବନୀ ଦିଆଯିବ ଏବଂ ଦ୍ୱିତୀୟ ଥର ଦଳକୁ ଜରିମାନା କରାଯିବ। ଖେଳାଳି ଓ ସପୋର୍ଟ ଷ୍ଟାଫ ଏଲ୍‌ଇଡି ବୋର୍ଡ୍ସ ଆଗରେ ବସିପାରିବେ ନାହିଁ। ଖେଳାଳିଙ୍କ ପାଇଁ ଟାୱେଲ ଓ ପାଣି ବୋତଲ ନେଉଥିବା ସବଷ୍ଟିଚ୍ୟୁଟ ଖେଳାଳିଙ୍କ ଲାଗି ପଡ଼ିଆରେ ବସିବା ପାଇଁ ସ୍ୱନସରଶିପ୍ ଦଳ ପକ୍ଷରୁ ଚିହ୍ନଟ କରାଯିବ। ଅରେଞ୍ଜ ଓ ପର୍ପଲ କ୍ୟାପ କ୍ଷେତ୍ରରେ ଖେଳାଳିଙ୍କୁ ଅତିକମ୍‌ରେ ଦୁଇ ଓଭର ପର୍ଯ୍ୟନ୍ତ କ୍ୟାପ ପିନ୍ଧିବାକୁ ଅନୁରୋଧ କରାଯାଇଛି, ଯାହା ଫଳରେ ପ୍ରସାରଣ ଚ୍ୟାନେଲ ତାହାକୁ କଭର କରିପାରିବ। ମ୍ୟାଚ୍ ପରବର୍ତ୍ତୀ ଉପସ୍ଥାପନରେ ହାତକଟା ଜର୍ସି ପିନ୍ଧି ହେବ ନାହିଁ।

# ଅଲ୍‌କାରାଜ ପରାସ୍ତ

ମାୟାମି ଗାର୍ଡେନ୍ସ, ୨୩।୩ (ଏଏପି): ସେବାଷ୍ଟିଆନ କୋର୍ଡାଙ୍କ ବିପକ୍ଷ ଏକ ୩ ସେଟ୍ ବିଶିଷ୍ଟ ମ୍ୟାଚରେ ପରାସ୍ତ ହୋଇ କାର୍ଲୋସ ଅଲ୍‌କାରାଜ ମାୟାମି ଓପନ ପୁରୁଷ ସିଙ୍ଗଲ୍ସ ତୃତୀୟ ରାଉଣ୍ଡରୁ ବିଦାୟ ନେଇଛନ୍ତି। କୋର୍ଡା ୨ ଘଣ୍ଟା ୧୨ ମିନିଟରେ ଶେଷ ହୋଇଥିବା ଏହି ମ୍ୟାଚରେ ବିଶ୍ୱର ନମ୍ବର ୱାନ ଅଲ୍‌କାରାଜଙ୍କୁ ୬-୩, ୫-୭, ୬-୪ରେ ହରାଇ ଦେଇଥିଲେ। ଅଲ୍‌କାରାଜ କହିଛନ୍ତି, ଏହି ମ୍ୟାଚ ତାଙ୍କ ପାଇଁ କଷ୍ଟସାଧ୍ୟ ଥିଲା, କିନ୍ତୁ କୋର୍ଡା ଖୁବ୍ ଭଲ ପ୍ରଦର୍ଶନ କରିପାରିଥିଲେ।

# ଅରୁନ୍ଧତୀ, ସାହିବଜାଦା ପ୍ଲେୟର ଅଫ୍ ଦି ମନ୍ଥ୍

ଦୁବାଇ, ୨୩।୩ (ପି.ଟି.)

ଅଷ୍ଟ୍ରେଲିଆ ବିପକ୍ଷ ଅନ୍ତର୍ଜାତୀୟ ଟି୨୦ ସିରିଜରେ ଚମତ୍କାର ପ୍ରଦର୍ଶନ ପାଇଁ ଭାରତର ମିଡିୟମ ପେସ୍ ବୋଲର ଅରୁନ୍ଧତୀ ରେଡ୍ଡୀ ଫେବୃଆରୀ ମାସ ପାଇଁ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ୍ ବିବେଚିତ ହୋଇଛନ୍ତି। ଅନ୍ୟପକ୍ଷରେ ପୁରୁଷ ଟି୨୦ ବିଶ୍ୱକପ୍‌ରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ପାକିସ୍ତାନ ଓପନ ସାହିବଜାଦା ଫରହାନ ପ୍ଲେୟର ଅଫ୍ ଦି ମନ୍ଥ୍ ବିବେଚିତ ହୋଇଛନ୍ତି। ଡାଉନ୍ ଅଣ୍ଡରରେ ରେଡ୍ଡୀ ଚମତ୍କାର ସିମ୍ ବୋଲିଂ କରିଥିଲେ, ଯାହାଫଳରେ ଅଷ୍ଟ୍ରେଲିଆ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଟି୨୦ ସିରିଜରେ ଭାରତ ୨-୧ରେ ବିଜୟୀ ହୋଇଥିଲା। ସିରିଜରେ ସେ ଅଗ୍ରଣୀ ଉଇକେଟହାସଲକାରୀ ବୋଲର ଥିଲେ। ତିନୋଟି ମ୍ୟାଚରେ ତାଙ୍କ ବୋଲିଂ ଫିଗର ୪/୨୨, ୨/୩୦, ୨/୩୫ ରହିଥିଲା। ତାଙ୍କର ଆଭରେଜ ୧୦.୮୭ ଏବଂ ଇକୋନୋମି ରେଟ୍ ୭.୨୫ ରହିଥିଲା। ଅରୁନ୍ଧତୀ କହିଛନ୍ତି, ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ୍‌ରେ ସମ୍ମାନିତ ହେବା ପ୍ରକୃତରେ ଏକ ସମ୍ମାନର କଥା। ଅଷ୍ଟ୍ରେଲିଆକୁ ସେମାନଙ୍କ ଘରୋଇ ମାଟିରେ ହରାଇବା ସହଜ ନୁହେଁ। ଏଥିରେ ତାଙ୍କର ଅବଦାନ ପାଇଁ ସେ ସମ୍ମାନିତ ହେବା ଗୌରବର ବିଷୟ। ଅନ୍ୟପକ୍ଷରେ ସାହିବଜାଦା ଅନେକ ଷ୍ଟାର୍‌ଙ୍କୁ ପଛରେ ପକାଇ ଆଇସିସି ପୁରସ୍କାର ଜିତିଛନ୍ତି। ଟି୨୦ ବିଶ୍ୱକପ୍‌ର ଗୋଟିଏ ସଂସ୍କରଣରେ ସର୍ବାଧିକ ରନ ସଂଗ୍ରହରେ ସେ ବିରାଟ କୋହଲିଙ୍କ ରେକର୍ଡକୁ ଭଙ୍ଗ କରିଛନ୍ତି। ଟୁର୍ନାମେଣ୍ଟର ଗୋଟିଏ ସଂସ୍କରଣରେ ସେ ଦୁଇଟି ଶତକ ନାମିବିଆ ଓ ଶ୍ରୀଲଙ୍କା ବିପକ୍ଷରେ ହାସଲ କରିଛନ୍ତି। ତାଙ୍କର ଆଭରେଜ ୭୬.୬୦ ଏବଂ ଷ୍ଟ୍ରାଇକ୍ ରେଟ୍ ୧୬୦.୨୫ ରହିଥିଲା।

# କ୍ୟାଣ୍ଡିଡେଟ୍ସ: ହମ୍ପିଙ୍କ ସ୍ଥାନରେ ୟୁକ୍ରେନର ମୁଜିଚୁକ

ନୂଆଦିଲ୍ଲୀ, ୨୩।୩ (ପି.ଟି.)

ସାଇପ୍ରସର ପାଫୋସଠାରେ ଶନିବାରଠାରୁ ଆରମ୍ଭ ହେବାକୁ ଥିବା ଆଗାମୀ କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟରୁ ଭାରତର କୋନେରୁ ହମ୍ପି ଓହରିବା ପରେ ତାଙ୍କ ବଦଳରେ ୟୁକ୍ରେନର ଆନା ମୁଜିଚୁକଙ୍କୁ ସାମିଲ କରାଯାଇଛି। ଏହି ଟୁର୍ନାମେଣ୍ଟର ପୁରୁଷ ଓ ମହିଳା ବିଭାଗର ବିଜେତା ବର୍ତ୍ତମାନ ୱାର୍ଲ୍ଡ ଚାମ୍ପିୟନ ଥିବା ଡି ଗୁକେଶ (ଓପେନ) ଓ ଜୁନ ୱେନଜୁନ (ମହିଳା)ଙ୍କୁ ଚ୍ୟାଲେଞ୍ଜ କରିବେ। ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧ ଯୋଗୁ ଦୁଇ ଥରର ମହିଳା ୱାର୍ଲ୍ଡ ରାପିଡ ଚାମ୍ପିୟନ ବ୍ୟକ୍ତିଗତ ସୁରକ୍ଷାଗତ କାରଣରୁ ଟୁର୍ନାମେଣ୍ଟରୁ ଓହରି ଯାଇଥିଲେ।

# ଓଡ଼ିଶା ବାଳିକା ଦଳକୁ ସ୍ୱର୍ଣ୍ଣ, ବାଳକ ରୌପ୍ୟ

**ପୂର୍ବାଞ୍ଚଳ ରୋଲ ବଲ୍ ଚାମ୍ପିୟନଶିପ୍**

ଭୁବନେଶ୍ୱର, ୨୩।୩ (ତପନ ସ୍ୱାଇଁ)

ଓଡ଼ିଶା ରୋଲ ବଲ୍ ଆସୋସିଏଶନ ଆନୁକୂଲ୍ୟରେ ୪ର୍ଥ ଜାତୀୟ ପୂର୍ବାଞ୍ଚଳ ରୋଲ ବଲ୍ ଚାମ୍ପିୟନଶିପ୍ ସ୍ଥାନୀୟ ବିଡିଏ ବୁଦ୍ଧ ଜୟନ୍ତ ପାର୍କ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ବାଳିକା ଓ ବାଳକ ଦଳ ଚମତ୍କାର ଖେଳି ପ୍ରଦର୍ଶନର ଛାପ ଛାଡ଼ିଛନ୍ତି। ପ୍ରତିଯୋଗିତାରେ ଆସାମ, ଅରୁଣାଚଳ ପ୍ରଦେଶ, ଛତିଶଗଡ଼, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ଆଦି ୬ଟି ଦଳ ନିକଟରୁ ଓଡ଼ିଶା କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲା। ମାତ୍ର ପ୍ରତିଭା ପ୍ରଦର୍ଶନ କରି ଘରୋଇ ଦଳ ଶେଷରେ ବାଜି ମାରିଛି। ଓଡ଼ିଶା ବାଳିକା ଦଳ ଫାଇନାଲରେ ଝାଡ଼ଖଣ୍ଡକୁ ୮-୩ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାସଲ କରିଛି। ସେହିପରି ଓଡ଼ିଶା ବାଳକ ଦଳ ପ୍ରଭାବୀ ପ୍ରଦର୍ଶନ କରିଥିଲେ ହେଁ ଫାଇନାଲରେ ଝାଡ଼ଖଣ୍ଡଠାରୁ ହାରି ରୌପ୍ୟ ପଦକ ଅର୍ଜନ କରିଛି। ଓଡ଼ିଶା ରୋଲ ବଲ୍ ଆସୋସିଏଶନ ସମ୍ପାଦକ ସୌଦାମିନୀ ପାତ୍ର ଓଡ଼ିଶା ଦଳର ପ୍ରଦର୍ଶନକୁ ଉଚ୍ଚ ପ୍ରଶଂସା କରିଛନ୍ତି। ଜାତୀୟ ମଞ୍ଚରେ ଓଡ଼ିଶା ଖେଳାଳିମାନେ ରାଜ୍ୟକୁ ଗର୍ବିତ କରିଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି।



ଜାତୀୟ ପୂର୍ବାଞ୍ଚଳ ରୋଲ ବଲ୍ ଚାମ୍ପିୟନଶିପ୍‌ରେ ସଫଳତା ଅର୍ଜନ କରିଥିବା ଓଡ଼ିଶା ବାଳିକା ଓ ବାଳକ ଦଳ।

# ଏସିଆନ୍ ଟିମ୍ ସ୍କ୍ୱାଶ ଚାମ୍ପିୟନଶିପ୍ ସ୍ଥଗିତ

କରାଚୀ, ୨୩।୩ (ପି.ଟି.): ଉପସାଗର ଅଞ୍ଚଳରେ ଯୁଦ୍ଧ ଯୋଗୁ ଆସନ୍ତା ମାସରେ ଇସ୍‌ଲାମାବାଦଠାରେ ହେବାକୁଥିବା ଏସିଆନ ଟିମ୍ ଚାମ୍ପିୟନଶିପ୍‌କୁ ସ୍ଥଗିତ ରଖାଯାଇଛି। ଏସିଆନ ସ୍କ୍ୱାଶ ଫେଡେରେଶନ ତରଫରୁ ଜଣେ ଅଫିସିଆଲ ଏହି ସୂଚନା ଦେଇଛନ୍ତି। ଏହି ଇଭେଣ୍ଟ ଏପ୍ରିଲ ୧୪ରୁ ୧୮ ପର୍ଯ୍ୟନ୍ତ ଖେଳାଯିବା କାର୍ଯ୍ୟକ୍ରମ ରହିଥିଲା। ଅଫିସିଆଲ ଜଣକ କହିଛନ୍ତି, ଯୁଦ୍ଧ ପରିସ୍ଥିତିରେ ଯଦି ଉନ୍ନତି ପରିଲକ୍ଷିତ ହୁଏ ତେବେ ସେପ୍ଟେମ୍ବରରେ ଏହି ଇଭେଣ୍ଟର ଆୟୋଜନ କରାଯାଇପାରେ। ଅଫିସିଆଲଙ୍କୁ ପଚରାଗଲା ଇଭେଣ୍ଟ ଲାଗି ଯଦି ଭାରତୀୟ ସ୍କ୍ୱାଶ ମହାସଂଘ ଏହାର ଦଳ ପଠାଇବାକୁ ରାଜି ନ ହୁଏ ତେବ କ'ଣ ହେବ। ଚାମ୍ପିୟନଶିପ୍‌ରେ କେଉଁ ଦଳ ଅଂଶଗ୍ରହଣ କରିବ ସେ ବ୍ୟାପାର ମହାଦେଶୀୟ ପରିଚାଳନା ପରିଷଦ ବୁଝାଶୁଝା କରୁଛି। ଅଂଶଗ୍ରହଣକାରୀ ଦଳଗୁଡ଼ିକୁ ସମସ୍ତ ପ୍ରକାର ସୁରକ୍ଷା ଯୋଗାଇ ଦିଆଯିବ।

**ଦେବେନ୍ଦ୍ର ପ୍ରଧାନ ସ୍ମାରକୀ ଫୁଟବଲ**

# ୟୁନିଟ୍-୬ କ୍ଲବ ଚାମ୍ପିୟନ


ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ ଅବସରରେ ଚାମ୍ପିୟନ ୟୁନିଟ-୬ କ୍ଲବର ଖେଳାଳିମାନେ।

ଭୁବନେଶ୍ୱର, ୨୩।୩ (ତପନ ସ୍ୱାଇଁ)

ସିଟି କ୍ଲବ, ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ଏବଂ ଦେବେନ୍ଦ୍ର ପ୍ରଧାନ ଫାଉଣ୍ଡେଶନ ଟ୍ରଷ୍ଟ ଆନୁକୂଲ୍ୟରେ ୧ମ ଦେବେନ୍ଦ୍ର ପ୍ରଧାନ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଫାଇନାଲରେ ଅନୁଗୋଳ ଏଫ୍‌ସିକୁ ୧-୦ ଗୋଲରେ ହରାଇ ୟୁନିଟ-୬ ଦଳ ଚାମ୍ପିୟନ ହୋଇଛି। ଆଇନ୍ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ୨ ଲକ୍ଷ ଏବଂ ରନରଅପ୍ ଦଳକୁ ୧ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ପରାଜିତ ଦୁଇ ସେମିଫାଇନାଲିଷ୍ଟ ଦଳ ମଙ୍ଗଳା କ୍ଲବ ଏବଂ ରାଧାରମଣ କ୍ଲବକୁ ୨୫,୦୦୦ ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ଅନୁଗୋଳ ଦଳର ସମୀର ମାଝି ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଛନ୍ତି। ଅନ୍ୟ ଅତିଥିଙ୍କ ମଧ୍ୟରେ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସଭାପତି ସମୀର ମହାନ୍ତି, ସମ୍ପାଦକ ଅଭିଜିତ ପାଲ, ବିଧାୟକ ଅଶୋକ ମହାନ୍ତି, ବାବୁ ସିଂ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଭାଜପା ନେତା ଜଗନ୍ନାଥ ପ୍ରଧାନ, ଭୁବନେଶ୍ୱର ସାଂଗଠନିକ ସଭାପତି ନିରଞ୍ଜନ ମିଶ୍ର, ସୁରଥ ବିଶ୍ୱାଳ, ଓଡ଼ିଶା କ୍ରିକେଟ ଆସୋସିଏଶନ ସଭାପତି ପଙ୍କଜ ଲୋଚନ ମହାନ୍ତି, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସଭାପତି ସୁରେଶ କୁମାର ରାଉତରାୟ, ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ଏସ.ଆର. ପରିଜା, ଭାଗ୍ୟଧର ଜଗଦେବ, ଯଜ୍ଞାଶିଷ ମହାପାତ୍ର, ଦିଲୀପ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଫାଇନାଲ ପୂର୍ବରୁ ନୀତା ଫୁଟବଲ ଏକାଡେମୀ ଓ ସ୍ପୋର୍ଟ୍ସ ହଷ୍ଟେଲ ମଧ୍ୟରେ ଏକ ମହିଳା ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଆସନ୍ତା ବର୍ଷ ଏହି ଟୁର୍ନାମେଣ୍ଟକୁ 'ଉତ୍କଳ କପ୍' ନାମରେ ନାମିତ କରିବାକୁ ପ୍ରସ୍ତାବ ରହିଛି ବୋଲି ସିଟି କ୍ଲବ ସମ୍ପାଦକ ପ୍ରଦୀପ କୁମାର ରାଉତରାୟ ପ୍ରକାଶ କରିଛନ୍ତି।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ